ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ନଭେମ୍ବର ୨୦୨୦ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ଦୀପାବଳୀ ପର୍ବ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

**ଆଶା କରୁଛି ଏହି ଦୀପାବଳୀ ଆମ ସମସ୍ତଙ୍କ ଜୀବନରେ ନୂତନ ସୁଖ ଓ ସମୃଦ୍ଧିର ଆଲୋକ ନେଇ ଆସିବ ।**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୫ |
| **କାହାଣୀ ବିଭାଗ** | | **୧୯** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ | ଅଶୋକ ବିଶ୍ୱାଳ | ୨୦ |
| ସେଇ ଅନ୍ଧାର ରାତିରେ | ବିଜୟ କୁମାର ପଣ୍ଡା | ୨୯ |
| ପୁତ୍ର ମୋହ | ସୁବଳ ମହାପାତ୍ର | ୩୩ |
| ଜୀବନ | ଡା ଅନୀତା ପଣ୍ଡା | ୪୦ |
| ଚନ୍ଦ୍ରଭାନୁଙ୍କ ରାଗ | ପ୍ରଶାନ୍ତ କୁମାର ନାଥ | ୪୪ |
| ଟୋପାଏ ସିନ୍ଦୁର | ଜନ୍ମଜୟ ନାୟକ | ୫୧ |
| ଚୋପାଛଡ଼ା କଥା | ସଞ୍ଜୀବ କୁମାର ଦାସ | ୫୪ |
| ପାଗଳ | ସରୋଜ କୁମାର ଜେନା | ୫୯ |
| ହୃଦୟ ବେଦନା | ବିଶ୍ୱନାଥ ଭୁଏ | ୬୪ |
| ହାଏ ରେ ମୋବାଇଲ୍ ! | ସତ୍ୟନାରାୟଣ ମିଶ୍ର | ୬୬ |
| ମା'ର ପାଳି | ସୁନିତା ପରିଡ଼ା | ୬୯ |
| ବୋଉ ଆଉ ତା ନାଲି ଶଙ୍ଖା | ଗଦାଧର ବଳ | ୭୧ |
| ବୁଢ଼ୀ ମାଉସୀର ଗଣ୍ଠିଲି | ବିରଞ୍ଚି ନାରାୟଣ ମିଶ୍ର | ୭୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପ୍ରକୃତି ଓ କାଶତଣ୍ଡୀ | ପ୍ରତାପ ଚନ୍ଦ୍ର ମିଶ୍ର | ୮୭ |
| କଳିକାର ମହକ | ବି ନିରୁପମା | ୯୨ |
| ବେତ ପାହାର | ମହମ୍ମଦ ହନିଫ୍ ସାହା | ୯୬ |
| ପ୍ରେରଣାର ଉତ୍ସ | ସୁଶ୍ରୀ ଆରତି ପଟ୍ଟନାୟକ | ୯୯ |
| ଚାହା ପାଇଁ ଚିନି | ଗାରିମା ମିଶ୍ର | ୧୦୫ |
| ଜୀବନ ଯାତ୍ରା | ଆଭାଞ୍ଜଳି ଶତପଥୀ | ୧୦୮ |
| ଦୀପାବଳୀର ସେଇ ରାତି | ଭବାନୀ ଶଙ୍କର ପଟେଲ | ୧୩୬ |
| ମୋ ଜେଜେମା | ସୋନାଲି ଗଡ଼ନାୟକ | ୧୩୮ |
| ପ୍ରାରବ୍ଧ | ଡଃ ଅମ୍ରିତା ପାଣି | ୧୪୨ |
| ବୋଉ | ସ୍ୱାଗତିକା ପ୍ରିୟଦର୍ଶିନୀ ଦାସ | ୧୫୦ |
| ପିତା ଆଉ ପୁତ୍ର | ମନୋଜ କୁମାର ବେହେରା | ୧୫୨ |
| ପାସୋରା ପ୍ରେମିକ | ତାରେଶ ମଣ୍ଡଳ | ୧୫୪ |
| **ଗଳ୍ପସ୍ପର୍ଦ୍ଧା ବିଭାଗ** | | **୧୫୬** |
| **ପଞ୍ଚମ ଗଳ୍ପସ୍ପର୍ଦ୍ଧା ପ୍ରତିଯୋଗିତା** | | **୧୫୭** |
| ଏକ କାଳରାତ୍ରୀ | ଡମ୍ବୃରୁଧର ବାଗ୍ | ୧୫୯ |
| ଅଭୁଲା କଥା | ଦମୟନ୍ତୀ ଜେନା | ୧୬୭ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ ୧୭୧


| | | |
|---|---|---|
| ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର | ଦେବଦତ୍ତ ସୁନା | ୧୭୨ |
| ସମାଜର ଚିତ୍ର | ଭାସ୍କର ଚନ୍ଦ୍ର ଖଣ୍ଡା | ୧୭୪ |
| ବାବୁ ଟିକେ ଦୃଷ୍ଟି ଦେବ | ଅଶ୍ୱିନୀ କୁମାର | ୧୭୬ |
| କର୍ତ୍ତବ୍ୟ | ଦୁଷ୍ମନ୍ତ ବେହେରା | ୧୭୮ |
| ନିର୍ଭୟା | କବିତା ମିଶ୍ର | ୧୭୯ |
| ମନର ମାନସୀ | ଅମରନାଥ ବାରିକ | ୧୮୧ |
| ମହାପୁରୁଷ ବାପୁ | ସନାତନ ମହାକୁଡ଼ | ୧୮୩ |
| ନୂଆପଡ଼ା ମାଟି | କୁମରଲାଲ ରଣା | ୧୮୫ |
| ମରୀଚିକା | ଜନ୍ମଜୟ ନାୟକ | ୧୮୬ |
| ଜୟ  ମହାଲକ୍ଷ୍ମୀ | ଶକୁନ୍ତଳା ମିଶ୍ର | ୧୮୭ |
| କୋଣାର୍କ | ପ୍ରକାଶ ରଞ୍ଜନ ସ୍ୱାଇଁ | ୧୮୮ |
| ମୁଁ ଖୋଜୁଛି ତୋତେ | ତପନ କୁମାର ସାହୁ | ୧୯୦ |
| ବଧୁ କାଶତଣ୍ଡୀ | ମହମ୍ମଦ ହନିଫ୍ ସାହା | ୧୯୧ |
| ଅବୁଝା ମନ | ସମ୍ୟଜିତ ପାତ୍ର | ୧୯୩ |
| ଆତଙ୍କନାଶିନୀ ମା | ସରୋଜିନୀ ମିଶ୍ର | ୧୯୪ |
| ଅତୀତ ଓ କର୍ମ | ଅଲେଖ ମେହେର | ୧୯୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ପ୍ରୀତିପଦ୍ମ | ଦୁର୍ବାଦଳ କରାଳି | ୧୯୬ |
| ଆମ ନୂଆଖାଇ | ରାଧାମୋହନ ପୂଜାହାରୀ | ୧୯୮ |
| ବଣମଲ୍ଲୀ | ରତିକାନ୍ତ ଦାସ | ୨୦୦ |
| ମଣିଷ ଓ କରୋନା | ଅଶୋକ କୁମାର ପଧାନ | ୨୦୨ |
| କରୋନା ସ୍ତୁତି | ଭୀଷ୍ମରାଜ ମେହେର | ୨୦୩ |
| ବିଜନ ବେଳାର ସାଥୀ | ଆଶୁତୋଷ ମେହେର | ୨୦୫ |
| ବଞ୍ଚିବାର ରାହା | ମନୋରଞ୍ଜନ ସୁରୁଜାଳ | ୨୦୬ |
| ନବରାତ୍ରୀ ଓ ନବମାତା ପୂଜନ | ସତ୍ୟପ୍ରକାଶ ସେଠି | ୨୦୭ |
| ନବରାତ୍ରର ନଅଟି ସ୍ୱରୂପ | ସନ୍ତୋଷ ପଟ୍ଟନାୟକ | ୨୧୦ |
| ମୃତ୍ୟୁର ମୁନୀବ | ପ୍ରଭାତ ବଳ | ୨୧୨ |
| ଆରାଧନା | ରାଜେଶ ରଥ | ୨୧୫ |
| ମୋ ପୁଅ ଧରୁଛି କଙ୍କି | ରାମଚନ୍ଦ୍ର ପ୍ରଧାନ | ୨୧୬ |
| ଶୁଭବିବାହ | ସୌମ୍ୟରଞ୍ଜନ ପାଲ | ୨୧୭ |
| ମୁଁ କହେ, ମୁଁ ତତେ ଭଲପାଏ | କମଳଲୋଚନ ମଲ୍ଲିକ | ୨୧୮ |
| କରୋନା କରୁଛି ଲୀଳା | ରୁଦ୍ରନାରାୟଣ ପାଣିଗ୍ରାହୀ | ୨୧୯ |
| ଆସିଛି ଋତୁ ପାର୍ବଣ | ବୁଲୁ ପୋଲାଇ | ୨୨୦ |
| ଅନୂଢ଼ା ନାୟିକା | ରାହାସ କୁମାର ବେହେରା | ୨୨୧ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ବୁଢ଼ାର ଆତ୍ମକାହାଣୀ | ବିରଞ୍ଚି ନାରାୟଣ ମିଶ୍ର | ୨୨୩ |
| ସ୍ମୃତି | ସ୍ନେହଲତା କର | ୨୨୫ |
| ମଧ୍ୟବିତ୍ତ | ବିନୟ ମହାପାତ୍ର | ୨୨୬ |
| ଅଭୁଲା ସ୍ମୃତି | ସଂଯୁକ୍ତା ମହାପାତ୍ର | ୨୨୮ |
| ପ୍ରତି ମାଆ ଓ ପ୍ରତିମା | ଦୀନବନ୍ଧୁ ବେଜ | ୨୨୯ |
| ଜୟ ଜୟ ହେ ଭାରତୀୟ ସେନା | ରୋମାଞ୍ଚିଳ ଶବର | ୨୩୦ |
| ପ୍ରକୃତିର ବାର୍ତ୍ତା | କ୍ଷୀରସିନ୍ଧୁ ନାଏକ | ୨୩୧ |
| ଦିଗହରା ପଥିକ ଟେ | ନେପାଳ କୁମାର ବେହେରା | ୨୩୪ |
| କୁଆଁର ପୂନେଇ | ଗୌରୀ ପଣ୍ଡା | ୨୩୬ |
| ଅକୁହା ସ୍ମୃତି | ଅଲିଭା ସାହୁ | ୨୩୮ |
| ଅସ୍ତିତ୍ୱ | ମୃତ୍ୟୁଞ୍ଜୟ ପାତ୍ର | ୨୩୯ |
| ଦୂର ଅପହଞ୍ଚ ଗାଁ | ପ୍ରଦୀପ୍ତ କୁମାର ବିଶ୍ୱାଳ | ୨୪୧ |
| ଶୂନ୍ୟସ୍ଥାନ | ଶାନ୍ତନୁ କୁମାର ରାଉତ | ୨୪୨ |
| ଛୋଟ ମୋର ଗାଁଟି | ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ | ୨୪୩ |
| ବଡ଼ବଡୁଆ ହେ। ଆଜ୍ଞା | ଡଃ ପ୍ରଫୁଲ୍ଲ କୁମାର ପାଣି | ୨୪୫ |
| ପ୍ରିୟା ତୁମେ ମୋର... | ନବୀନ ସାହୁ | ୨୪୭ |
| ବୃକ୍ଷ୍ୟ ଆମର ବନ୍ଧୁ | ସୌଭାଗ୍ୟବତୀ ଗିରି | ୨୪୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଜଗତର ହିତ ପାଇଁ | ଅଜୟ କୁମାର ବେହେରା | ୨୫୧ |
| କି କରିବି ବତାଅ ବାଟ | ବି ନିରୁପମା | ୨୫୨ |
| ଆମ୍ବା କୁଣ୍ଡ | ଯଚିନ୍ଦ୍ର ସ୍ୱାଇଁ | ୨୫୩ |
| ଝରକା | ଦମୟନ୍ତୀ ଜେନା | ୨୫୫ |
| ହୃଦୟ | ରୋହିତ ସେଠୀ | ୨୫୭ |
| ଭଗବାନ ତୁମେ କୋଉଠି | ଜଗନ୍ନାଥ ରଥ | ୨୫୮ |
| ସ୍ମୃତି : ଏକ ରୂପାଜହ୍ନ | କିଶାନ ସ୍ୱାଇଁ | ୨୬୦ |
| ଆମ ବିଦ୍ୟାଳୟ | ସେବକ ବସନ୍ତ କୁମାର ମହାପାତ୍ର | ୨୬୨ |
| ଲୁହ | ପୁଷ୍ପଲତା ସାହୁ | ୨୬୫ |
| ଶୀତ ଗୀତ | ସତ୍ୟବ୍ରତ ସାହୁ | ୨୬୬ |
| ମୁଁ ଆଉ ତୁମେ | ଲିଟନ୍ କୁମାର | ୨୬୭ |
| ଦେଖ ମୋ ମନର ଛବି | ସିଦ୍ଧେଶ୍ୱର ତ୍ରିପାଠୀ | ୨୬୮ |
| ସ୍ୱଚ୍ଛ ଭାରତ | ରଶ୍ମିବାଳା ଶତପଥୀ | ୨୬୯ |
| ଅପାରଗ | ଅଭିଷେକ ମହାପାତ୍ର | ୨୭୦ |
| କୂଳବଧୁ | ବାଲାଜୀ ସେଠୀ | ୨୭୨ |
| ମୋ ଉତ୍କଳ ଦେଶ | ଭାର୍ଗବୀ ମାଝୀ | ୨୭୪ |
| ତୁମକଥା ମନେପଡ଼େ | ସୁବ୍ରତ କୁମାର ଜେନା | ୨୭୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ମେଘ ମହ୍ଲାର | ବୈଦ୍ୟନାଥ ପଣ୍ଡା | ୨୭୮ |
| ଯିଏ ଭଲ କାମ କରିଛି | ତପନ କୁମାର ସ୍ୱାଇଁ | ୨୭୯ |
| କରୋନାର ଆଗମନ | ଚାରୁଲତା ମହାନ୍ତି | ୨୮୧ |
| ଭୁଲ ରାସ୍ତା | ଛବିରାଣୀ ପତି | ୨୮୨ |
| ଆଳସ୍ୟ ଦୁଃଖର କାରଣ | ଅନନ୍ତ ପଟେଲ | ୨୮୩ |
| ବାତ୍ୟା | ଦେବାଶିଷ ରାଉଳ | ୨୮୫ |
| ଗଣଦୁଷ୍କର୍ମ | ଦୁଷ୍ମନ୍ତ କୁମାର ନାଏକ | ୨୮୬ |
| ବେରଙ୍ଗ ପ୍ରେମିକା | ବେବିସ୍ମିତା କର | ୨୮୭ |
| ମାଆ ଓ ମୂରତି | ଜଗଦୀଶ ସାହୁ | ୨୮୮ |
| ପଶୁବଳି ତେଜି | ରାଜକିଶୋର ସ୍ୱାଇଁ | ୨୮୯ |
| ବୋଉ | ସୋନାଲି ଗଡ଼ନାୟକ | ୨୯୦ |
| ଗରୀବର ଦୁଃଖ | ବର୍ଷାରାଣୀ ବିଶ୍ୱାଳ | ୨୯୧ |
| ସରଳିଆ ମନ | ନିରଞ୍ଜନ ସାହୁ | ୨୯୨ |
| ତଥାପି ଜୀବନ | ସ୍ୱାଗତିକା ପ୍ରିୟଦର୍ଶିନୀ ଦାସ | ୨୯୩ |
| ଈଶ୍ୱର | ଡଃ ମନୋରଞ୍ଜନ ବିଷୋୟୀ | ୨୯୫ |
| ପ୍ରକୃତିର ଅଭିଶାପ | ରମଣିକାନ୍ତ ସାହୁ | ୨୯୬ |
| 'ଚ' ଉବାଚ | ପ୍ରହ୍ଲାଦ ସାହୁ | ୨୯୮ |


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଶକ୍ତିଦିଅ ଶକ୍ତିମୟୀ | ଜ୍ୟୋତ୍ସ୍ନାମୟୀ ପୋଲାଇ | ୩୦୦ |
| ଦୟାହେଉ ଜଗନ୍ନାଥ | ଇଂ ବିଦ୍ୟାଧର ପଣ୍ଡା | ୩୦୧ |
| ଏଠି | ଜୟନ୍ତ କୁମାର ସାହୁ | ୩୦୨ |
| ସ୍ଥିତପ୍ରଜ୍ଞ ସେ ଜୀବନ | ପ୍ରିୟଦର୍ଶୀ | ୩୦୪ |
| ରଙ୍ଗମଞ୍ଚରେ ତମପାଇଁ ଅପେକ୍ଷା | ଡା ନୀଳମାଧବ କର | ୩୦୬ |
| ଅବଶୋଷ | ସାଇ ପ୍ରସାଦ ସାହୁ | ୩୦୯ |
| ମାଁ କର ଏବେ କରୋନାରୁ ନିବାରଣ | ଦେବାଶିଷ ମିଶ୍ର | ୩୧୦ |
| କଳ୍ପନାର ନାୟିକା | ଲିଟୁ ନାୟକ | ୩୧୧ |
| କାଳିଆ | ଡମ୍ବରୁଧର ଦାଶ | ୩୧୨ |
| ଖୋଜୁଛି ମୁଁ ଦ୍ୱିତୀୟ ସ୍ତ୍ରୀ | ଏସ୍ ଶ୍ରୀମନ୍ ନାରାୟଣ ପାତ୍ର | ୩୧୪ |
| ପଶୁବଳି | ଦଣ୍ଡାସି ପ୍ରଧାନ | ୩୧୮ |
| ମିଛ ମାୟା ସଂସାର | କୈଳାଶ ଚନ୍ଦ୍ର ସାହୁ | ୩୧୯ |
| ସେଇ ଝିଅଟି | ଲକ୍ଷ୍ମଣ ମହାନ୍ତି | ୩୨୦ |
| ଦର୍ଶନ ଦିଅ ପ୍ରଭୂ | ଦୀପକ ଷଡ଼ଙ୍ଗୀ | ୩୨୧ |
| ଅହଂକାରର ପ୍ରତିବିମ୍ବ | ଲିମନ୍ | ୩୨୨ |
| ପ୍ରିୟା ତମେ ଫେରିଆସ | ସେବକାନ୍ତ ନନ୍ଦ | ୩୨୩ |
| ସଂଜବତୀ ଜଳିଜଳି ଲିଭି ଆସେ | ଇଂ ଦୁଃଶାସନ ବାରିକ | ୩୨୪ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଆମ ଗଣତନ୍ତ୍ର କେତେ ମହାନ | ବିପ୍ଳବ କୁମାର ନାଥ | ୩୨୫ |
| ଜଣାଣ | ଦେବଦତ୍ତ ପଣ୍ଡା | ୩୨୬ |
| ମୁଁ ! ଏକ ପ୍ରଶ୍ନବାଚୀ | ଡଃ କିଶୋର ମହାନ୍ତି | ୩୨୭ |
| ଫଳନ୍ତି ବୃକ୍ଷ୍ୟ ତଳାୟମାନ | ରାକେଶ କୁମାର ଦାସ | ୩୨୯ |
| ଲୁଣ୍ଠନ | ଡଃ ତନ୍ମୟ କବି | ୩୩୦ |
| ପୁତ୍ରର ସ୍ୱଭାବ | ଇତିଶ୍ରୀ ମଲ୍ଲିକ | ୩୩୧ |
| ନଜର | ସୁବାସ ଚନ୍ଦ୍ର ମୁଦୁଲି | ୩୩୩ |
| ନାରୀ | ସରୋଜ ସାହୁ | ୩୩୪ |
| ଶୋଷ | ଶ୍ରୀକ୍ଷେତ୍ର ସୁନ୍ଦର | ୩୩୫ |
| ଲକ୍‌ଡାଉନ୍ ଘରଣୀ | ଆଭାଞ୍ଜଳି ଶତପଥୀ | ୩୩୬ |
| ସେ ଶକ୍ତିମୟୀ | ନବନୀତା ଚକ୍ରବର୍ତ୍ତୀ | ୩୩୮ |
| ତୋ ଅପେକ୍ଷାରେ | ସରୋଜିନୀ ଦାସ | ୩୩୯ |
| ନୀଳସିନ୍ଧୁ କୃପାସିନ୍ଧୁ | ବାବାଶେଖର ବେହେରା | ୩୪୦ |
| ମା | ଆଲୋକ କୁମାର ସାହୁ | ୩୪୧ |
| ରାତ୍ରୀ ଗୋ | ମଞ୍ଜୁରାଣୀ ମିଶ୍ର | ୩୪୩ |
| ମାଆ ଆସିବେ ବୋଲି | ଚନ୍ଦ୍ରକାନ୍ତ ଜେନା | ୩୪୪ |
| ପିଲାଦିନ | ସୌମ୍ୟରଞ୍ଜନ ପାତ୍ର | ୩୪୬ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


## ସମ୍ବଲପୁରୀ ବିଭାଗ ୩୪୭

| | | |
|---|---|---|
| ଲକ୍‌ଡାଉନ ର ଗୁଲ୍‌ଗୁଲା | ସାଇ ପ୍ରସାଦ ସାହୁ | ୩୪୮ |
| ମାଁ | ସୁନୀଲ କୁମାର ଅଗସ୍ତି | ୩୪୯ |
| ମୋର ଜୀବନ୍ ଗୁଟେ ରଫ୍ ଖାତା | ବାଙ୍କବିହାରୀ ମହାକୁର | ୩୫୦ |
| କରୋନା ବେମାରୀ | ସୁବ୍ରତ କୁମାର ପଣ୍ଡା | ୩୫୨ |
| ଶିକାରୀ (ଭାଗ - ୨) | ଦେବଦତ୍ତ ସନ୍‌ସ | ୩୫୪ |

## ପ୍ରବନ୍ଧ ବିଭାଗ ୩୫୭

| | | |
|---|---|---|
| ନାଟକ ସତ୍ୟକୁ ଜାଣିବାର କଳାତ୍ମକ ପ୍ରୟାସ | ସୁଧାଂଶୁଶେଖର ଦ୍ୱିବେଦୀ | ୩୫୮ |
| ଆମେ ଫୁଲମାନେ କହୁଛୁ | ଡଃ ପ୍ରଫୁଲ୍ଲ କୁମାର ପାଣି | ୩୬୫ |
| ନ ଖାଇ ପାରିଲେ ଅଙ୍ଗୁର ଖଟା | ବାସନ୍ତୀଲତା ଜେନା | ୩୭୧ |
| ଚାଷୀ | ଶାନ୍ତନୁ କୁମାର ରାଉତ | ୩୭୩ |
| ଆଇସିୟୁରେ ଭାରତୀୟ ଅର୍ଥନୀତି | ନିଗମ କୁମାର ବେହେରା | ୩୭୫ |
| ଦୃଷ୍ଟିକୋଣ | ପଙ୍କଜ କୁମାର ପାଣିଗ୍ରାହୀ | ୩୮୧ |
| ଟିକେ ଶୁଣିବେ | ଅଭିମନ୍ୟୁ ବେହେରା | ୩୮୬ |
| କୋଭିଡ୍-୧୯ ଓ ଆମ ପରିବେଶ | ଇଂ ବିଦ୍ୟାଧର ପଣ୍ଡା | ୩୮୯ |
| କୋଭିଡ୍-୧୯ : ଏକ ବିବର୍ତ୍ତନର ପରିଭାଷକ | ସତ୍ୟ ସମ୍ପଦ ସ୍ୱାଇଁ | ୩୯୬ |
| ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଭ୍ରମଣ କାହାଣୀ | ମେନନ୍ ସାହୁ | ୩୯୯ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ଭଗବାନ ତୁଲ୍ୟ ଶିଶୁ | କୃଷ୍ଣ କୁମାର ଦାସ | ୪୦୫ |
| ବିଶେଷ ସୂଚନା | | ୪୧୦ |


ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

**If you are interested to join us on our Podcast channel and share your feelings, thoughts and words, please send us your Name and Details on our WhatsApp number 7008567085. We will get back to you soon.**

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ନଭେମ୍ବର ୨୦୨୦ ସଂସ୍କରଣକୁ ଆପଣମାନଙ୍କୁ ସ୍ୱାଗତ ଜଣାଉଛି । ଦିପାବଳୀ ପର୍ବର ପୂର୍ବସଂଧ୍ୟାରେ ଆପଣଙ୍କୁ ଏହି ପତ୍ରିକା ଉପହାର ଦେଉଥିବା ବେଳେ ମିଶ୍ର ପ୍ରତିକ୍ରିୟା ମନରେ ସୃଷ୍ଟି ହେଉଛି । କରୋନା ରୋଗ ମହାମାରୀ ସମୟରେ ଆମର ଅଧିକାଂଶ ପୂଜା ପର୍ବପର୍ବାଣୀ ପାଇଁ ବାରଣ ହୋଇଥିବା ବେଳେ ଆନନ୍ଦ ଉଲ୍ଲାସର ପର୍ବ ଦିପାବଳୀ ମଧ୍ୟ ନିରାଶ କରୁଛି । ଦେଶର ଅଧିକାଂଶ ରାଜ୍ୟରେ ଏହି ଦିନ ବାଣ ଫୁଟାଇବାକୁ ବାରଣ କରାଯାଇଛି । କରୋନା ରୋଗ ଯୋଗୁଁ ଅଧିକାଂଶ ଦେଶବାସୀ ନିରାଶା ଭୋଗ କରୁଥିବା ସମୟରେ ଏହିଭଳି ଉତ୍ସବ ଆନନ୍ଦ ଉଲ୍ଲାସକୁ ପ୍ରୋତ୍ସାହନ କରି ପାରନ୍ତା କିନ୍ତୁ ଏହି ସବୁ ଉତ୍ସବକୁ ବାରଣ କରାଯିବା ଫଳରେ ମାନସିକ ଅବସାଦ ବୃଦ୍ଧି ପାଇବା ସମ୍ଭବ । ସେ ଯାହେଉ ଦୀପାବଳୀ ଆଲୋକର ପର୍ବ ଏବଂ ଆମେ ସମସ୍ତେ ନିଜ ଘରେ ମାଟିଦୀପ ଜଳାଇ ଦିନଟିକୁ ପାଳନ କରିବା ।

ଭାରତରେ କରୋନା ସଂକ୍ରମଣ ଧିରେ ଧିରେ କମ ହୋଇ ଆସୁଛି । ତଥାପି ଏହାର ଭୟ ସମ୍ପୂର୍ଣ୍ଣ ଭାବରେ ଦୂର ହୋଇନାହିଁ । ଏହି ଭଳି ଅବସ୍ଥାରେ ଅନେକ ସ୍ଥାନରେ ଲୋକମାନେ କରୋନା କଟକଣାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିୟମକୁ ଅଣଦେଖା କରୁଛନ୍ତି, ଏହା ପ୍ରତି ସଚେତନ ରହନ୍ତୁ ।

ଭାରତ କିଛି ରାଜ୍ୟରେ ସଦ୍ୟ ସମାପ୍ତ ନିର୍ବାଚନର ଫଳାଫଳ ଏବଂ ରିପବ୍ଲିକ୍ ଟିଭିର ପ୍ରମୁଖ ଅର୍ଣ୍ଣବ ଗୋସ୍ୱାମୀଙ୍କ ଗିରଫଦାରୀକୁ ନେଇ ଜନତା ଏବଂ ସାମାଜିକ ଗଣମାଧ୍ୟମ ସକ୍ରିୟ ହୋଇ ଉଠିଛି । ଗୋସ୍ୱାମୀଙ୍କୁ ଗିରଫଦାରୀକୁ ନିନ୍ଦା କରିବା ଏବଂ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ତାଙ୍କୁ ଅନ୍ତରୀଣ ଜାମିନ ମିଳିଥିବା ଅବସରରେ ସମସ୍ତ ରାଷ୍ଟ୍ରବାଦୀଙ୍କୁ ଅଭିନନ୍ଦନ ଜଣାଉଛି । ଏହା ଜନତାର ସାମୁହିକ ଉତ୍ସାହ, ପ୍ରତିକ୍ରିୟା ଏବଂ ଜନଜାଗରଣ ହେତୁ ହିଁ ସମ୍ଭବ ହୋଇ ପାରିଛି ।

ବିଗତ ଦିନରେ ଫ୍ରାନ୍ସରେ ଜଣେ ଶିକ୍ଷକଙ୍କ ଗଳାକାଟି ହତ୍ୟା ପ୍ରତିବାଦରେ ଫ୍ରାନ୍ସ ସରକାର ଅନେକ କଠୋର ପଦକ୍ଷେପ ନେଇଛନ୍ତି ଏବଂ ଏହି ଘଟଣାକୁ ଇସଲାମିକ୍ ଆତଙ୍କବାଦ ବୋଲି ଘୋଷଣା କରିଛନ୍ତି, ଏହିଭଳି ଏହାର କିଛିଦିନ ପରେ ଅଷ୍ଟ୍ରିୟାରେ ସଂଘଟିତ ଗଣହତ୍ୟାକୁ ମଧ୍ୟ ଇସଲାମିକ୍ ଆତଙ୍କବାଦ ବୋଲି ଘୋଷଣା କରାଯାଇଛି । ବର୍ତ୍ତମାନ ୟୁରୋପର ଅଧିକାଂଶ ଦେଶରେ ବହିରାଗତ ମୁସଲମାନ ମାନଙ୍କୁ ଶରଣାର୍ଥୀ ଭାବରେ ସ୍ଥାନ ଦିଆଯାଇଥିଲା । ସିରିୟାରେ ସଂଘଟିତ ଗୃହଯୁଦ୍ଧ ଏବଂ ପରବର୍ତ୍ତୀ ସମୟରେ ଆଇଏସଆଇଏସ ଦ୍ୱାରା ହୋଇଥିବା ଗଣହତ୍ୟାକୁ ଏଡ଼ାଇବା ପାଇଁ ଯେଉଁ ଲୋକମାନେ ୟୁରୋପର ବିଭିନ୍ନ ଦେଶରେ ଶରଣାର୍ଥୀ ଭାବରେ ନିବେଦନ କରିଥିଲେ ସେହି ସବୁ ଦେଶରେ ଏବେ ଗୃହଯୁଦ୍ଧ ଭଳି ଅବସ୍ଥା ଦେଖାଦେଲାଣି । ଅତୀତରେ ଭାରତରେ ହୋଇଥିବା ଅନେକ ଆତଙ୍କବାଦୀ ଆକ୍ରମଣ ସମୟରେ ଭାରତକୁ ଧର୍ମନିରପେକ୍ଷତାର ଜ୍ଞାନ ଦେଉଥିବା ୟୁରୋପୀୟ ଦେଶର ସଂଗଠନ ସବୁ ଏବେ ଆତଙ୍କବାଦର ଶୀକାର ହେଉଛନ୍ତି । ଆଶା କରିବା ସେମାନେ ଏଥିପାଇଁ ସଂଗଠିତ ଭାବରେ କୌଣସି ପଦକ୍ଷେପ ନେବେ । ବିଶ୍ୱରୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆତଙ୍କବାଦକୁ ମୂଳୋତ୍ପାଟନ କରିବାକୁ ହେଲେ ସମସ୍ତ ଦେଶକୁ ଏକତ୍ରିତ ଭାବରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଭାରତୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ଆଶା କରିବା ଆଗାମୀ ଦିନରେ ଦେଶରେ ଏହି ଆତଙ୍କବାଦ ଦୂର ହେବ ।

ଶୀତଦିନ ଶୀଘ୍ର ଆସିଗଲା ଭଳି ମନେ ହେଲାଣି । ରାଜ୍ୟର ଅନେକ ସ୍ଥାନରେ ପାରଦ ଦଶଡିଗ୍ରୀ ତଳକୁ ଚାଲିଗଲାଣି । ଏବଂ ଏହିଭଳି ସମୟରେ ଥଣ୍ଡାରୋଗ ଅଧିକ ହୋଇପାରେ ଏବଂ ଶରୀରର ରୋଗପ୍ରତିଷେଧକ ଶକ୍ତି କମ ହୋଇପାରେ । ଯଦି ଏହିଭଳି ସମୟରେ କରୋନା ସଂକ୍ରମିତ ରୋଗୀଙ୍କ ସଂସ୍ପର୍ଶରେ ଆସନ୍ତି ଆପଣଙ୍କୁ କରୋନା ସଂକ୍ରମଣ ହୋଇପାରେ ତେଣୁ ଯଥାସମ୍ଭବ କରୋନା କଟକଣାକୁ ସମ୍ମାନ ଦିଅନ୍ତୁ ଏବଂ ନିଜକୁ ସୁରକ୍ଷିତ ରଖନ୍ତୁ ।

ଆଶା କରୁଛି ଏହି ଦୀପାବଳି ଆପଣଙ୍କ ଜୀବନରେ ସୁଖ, ସମୃଦ୍ଧିର ଆଲୋକ ନେଇ ଆସିବ । ଆହ୍ୱାନ ଇ-ପତ୍ରିକାର ଚଳିତ ସଂସ୍କରଣ ଆପଣଙ୍କୁ ଆମୋଦିତ କରିବ । ଧନ୍ୟବାଦ ।

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ

**Do You believe in Lord Jagannath and Have any experience of his blessings? If yes, send us your name and details on WhatsApp to 7008567085. We will record your experience and telecast on our Podcast channel.**

**Recording Done on Zoom App on Mobile / Computer**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com


# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍










## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୩

ସବୁକଥା ବୈଜ୍ଞାନିକମାନେ ସବୁବେଳେ ପ୍ରତ୍ୟକ୍ଷରେ ପ୍ରତିପାଦିତ କରିପାରି ନାହାନ୍ତି । ତେଣୁ କିଛି ଅପ୍ରତ୍ୟକ୍ଷ ଭାବରେ ଘଟିଲେ ଅସୁବିଧାଟା କେଉଁଠି ? ଫିଜିକ୍ସର ବହୁ ସିଦ୍ଧାନ୍ତ ଅପ୍ରତ୍ୟକ୍ଷ ଭାବରେ ବିଶ୍ୱାସ କରାଯାଉଛି । ଆଇନଷ୍ଟାଇନଙ୍କ ଥିଓରି ଅଫ ରିଲେଟିଭିଟିର ବହୁ ସିଦ୍ଧାନ୍ତ ଏ ପର୍ଯ୍ୟନ୍ତ ପ୍ରମାଣ କରାଯାଇନି, କିନ୍ତୁ ସେ ସିଦ୍ଧାନ୍ତକୁ ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି ।- ଦେବଲ ପାଓଲିଙ୍କ ପକ୍ଷ ନେଇ କହିଲେ ।

ଦେବଶ୍ରୀ ସେମିତି ନାକରୁ ଆଉ ମୁହଁରୁ ଧୂଆଁ ବାହାର କରୁଥିଲେ ଆଉ ମୁଣ୍ଡ ହଲାଉଥିଲେ । କାହାକଥା ତାଙ୍କୁ ଯୁକ୍ତିଯୁକ୍ତ ଲାଗୁନଥିଲା । ପାଓଲି ଭାବୁଥିଲେ ତାଙ୍କ କଥାରେ କଣ ଅଯୌକ୍ତିକର ପ୍ରସଙ୍ଗ ରହିଲା ? ଦେବଶ୍ରୀ ଯେ କେଉଁ ଧାତୁରେ ଗଢା ?



ଅଶୋକ ବିଶ୍ୱାଳ

ଗାଁର ଲୋକମାନେ ଯୁଗ ଯୁଗ ଧରି ଏମିତିଆ ଆଲୁଅ ଦେଖି ଆସୁଛନ୍ତି । ଜଣେ ଦୁଇ ଜଣ ବା ତିନିଜଣ ଭୁଲ କହି ପାରନ୍ତି । କିନ୍ତୁ କଥାରେ କିଛି ସତ୍ୟତା ନଥିଲେ ଏମିତି ଏକ ଆଲୁଅର କଥା ଏତେ ଦିନ ଧରି ଜୀବିତ ରହି ପାରିନଥାନ୍ତା । କିଛି ତ ରହସ୍ୟ ସେମାନଙ୍କ କଥାରେ ଅଛି ।- ସପନବାବୁ କହିଲେ ।

ସପନବାବୁ କିନ୍ତୁ ଦେବଶ୍ରୀଙ୍କ କଥାରେ ପାଓଲି ଅପ୍ରସ୍ତୁତ ହୋଇଯାଉଥିବା ଦେଖି ପାଓଲିଙ୍କ ପାଇଁ କିଛି କହୁଥିଲେ । ସମସ୍ତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣିଛନ୍ତି ସେ ଅନେକ ଦିନ ସୁନ୍ଦରବନରେ କଟାଇଛନ୍ତି । ଅନେକ ଘଟଣାର ନିଜେ ପ୍ରତକ୍ଷଦର୍ଶୀ । ସେ ଏମିତି କଥା କହୁଥିବାରୁ ପାଓଲିଙ୍କୁ ନିଜ ଲଜିକ ଉପରେ ବିଶ୍ୱାସ ଆସୁଥିଲା । ପାଓଲିଙ୍କ ମୁହଁ ଉଜ୍ଜ୍ୱଳ ହୋଇଗଲା । ଶେଷରେ ବନ୍ଧୁମାନଙ୍କ ଭିତରୁ କେହିତ ଜଣେ ତାଙ୍କୁ ସମର୍ଥନ କରୁଛନ୍ତି । ସେ ନିଜର କଥାକୁ ନ ଅଟକିକି ଜୋରରେ କହି ପାରିବେ ।

"ସାରା ସୁନ୍ଦରବନରେ ସମସ୍ତେ ଗୋଟିଏ କଥା ବିଶ୍ୱାସ କରନ୍ତି । ଆଲେୟା ହେଉଛି ମରି ଯାଇଥିବା କେଉଟମାନଙ୍କର ଆତ୍ମା । ଅଘଟଣରେ ସେମାନେ ମରିଛନ୍ତି । ଆତ୍ମା ମୁକ୍ତି ପାଇନି । ଅତୃପ୍ତ ଆତ୍ମା ଆଲେୟା ଭାବରେ ଏଣେ ତେଣେ ଜଳି ନିଜର ଉପସ୍ଥିତି ଜାହିର କରୁଛି ।"– ସେ କହିଲେ ଆଉ ଅନ୍ୟମାନଙ୍କୁ ଅନାଇଲେ ।

"ସବୁଠାରୁ ବଡ଼ କଥା ହେଉଛି ଯିଏ ସେହି ଆଲୁଅ ପାଖକୁ ଯାଇଛି ତା'ର ଅକାଳ ମୃତ୍ୟୁ ହୋଇଛି କିମ୍ବା ସେ ପାଗଳ ହୋଇଯାଇଛି । ଏମିତି ଅଘଟଣ କେବେଳ ଅତୃପ୍ତ ଆତ୍ମା ଘଟାଇ ପାରେ । କୌଣସି ମନୁଷ୍ୟକୃତ ଘଟଣାରେ ଏମିତି କିଛି ଘଟିବ ନାହିଁ ।"- ସେ ନ ଝୁଣ୍ଟି ଏକ ରାହାରେ କହି ଚାଲୁଥିଲେ ।

ଏକ ଆଧିଭୌତିକ ଘଟଣାର ଏତେ ଲମ୍ବା ବାଖ୍ୟା ଶୁଣି ଦେବଶ୍ରୀ ଟିକିଏ ହସିଲେ । ମନରେ ନ ମାନିଲେ ମଧ୍ୟ ସେ ପାଓଲିଙ୍କ କହିବା ଢଙ୍ଗକୁ ବହୁତ ପସନ୍ଦ କରୁଥିଲେ । ପାଓଲିଙ୍କ କଥା କହିବା ଶୈଳୀ ତାଙ୍କୁ ବହୁତ ଭଲ ଲାଗେ । ଏକ ଛୋଟ ଝିଅ ଅଳିକରି, ଜିଦିକରି ନିଜ କଥାକୁ ପ୍ରମାଣ କରିବା ପାଇଁ ପ୍ରାଣପଣେ ଚେଷ୍ଟା କଲାଭଳି ପାଓଲି ଚେଷ୍ଟା କରନ୍ତି । ସେତେବେଳେ ପାଓଲି ଏକ କିଶୋରୀ ଭଳି ସୁନ୍ଦରୀ ହୋଇ ଯାଆନ୍ତି, ପ୍ରଗଲ୍ଭା ହୋଇଯାଆନ୍ତି । ଏହି ଇମୋସନାଲ ଭାବ ଦେବଶ୍ରୀଙ୍କୁ ପାଓଲିଙ୍କ ପାଖକୁ ନେଇ ଆସିଛି । ନହେଲେ ଦୁଇଜଣଙ୍କ ମଧ୍ୟରେ ଭାବନାର କେତେ ଯେ ପ୍ରଭେଦ । ଦେବଶ୍ରୀ ସପନବାବୁଙ୍କ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା ଭାବିଲେ । ସପନବାବୁ କଣ ପାଇଁ ସେ ପାଓଲିଙ୍କ ପକ୍ଷ ନିଅନ୍ତି କେଜାଣି ?

ତୁମ କଥାଗୁଡିକ କେହି ସହଜରେ କଣ ପାଇଁ ବିଶ୍ୱାସ କରିବ ? ଆଧୁନିକ ସମାଜରେ ବିଜ୍ଞାନସମ୍ମତ ପ୍ରମାଣ ଦରକାର ।- ଦେବଶ୍ରୀ ଧୀର ସ୍ୱରରେ ନିଜ କଥା ଆଉଥରେ କହିଲେ ଆଉ ସପନବାବୁଙ୍କ ଆଡକୁ ଅନାଇଲେ । ସପନବାବୁଙ୍କ ଭଳି ଆବିଷ୍କାରକ ତାହେଲେ କେଉଁ ଦୁନିଆରେ ବଞ୍ଚିଛନ୍ତି କେଜାଣି ? ସେମାନେ ତାହେଲେ କଣ ବିଶ୍ୱାସର ଦୁନିଆରେ ବଞ୍ଚନ୍ତି ? କିଏ ଜାଣେ ? ଅବଶ୍ୟ ତାଙ୍କୁ କେବେ ଲାଗୁଥିଲା କିଛି କଥାକୁ ଏମିତି କିଛି ସମୟ ବିଶ୍ୱାସ କରିନେଲେ କ୍ଷତି ବା କଣ ? କିନ୍ତୁ ମନ ମାନୁ ନଥିଲା ।

ଦେବଶ୍ରୀ ନିଜର ଜାଣିଥିବା ଜ୍ଞାନ ଘାଣ୍ଟିଲେ । ଆଲେୟା ବିଷୟରେ ଅନେକ ବିଜ୍ଞାନୀ ଗବେଷଣା କରିଛନ୍ତି । ଇଟାଲିଆନ ବୈଜ୍ଞାନିକ ଆଲେଜଣ୍ଡ୍ରୋ ଭୋଲଟା ପ୍ରମାଣ କରିଛନ୍ତି ଯେ ପଙ୍କୁଆ ଜଳଭୂମିରେ ପତ୍ର ଓ ଦଳ ଇତ୍ୟାଦି ସଢିଯିବା ଯୋଗୁ ମିଥେନ ଗ୍ୟାସର ଉତ୍ପତି ହୁଏ । ଗ୍ୟାସ ଅତି ଦହନଶୀଳ । ଏହି ଗ୍ୟାସ ବେଳେ ବେଳେ ବାୟୁମଣ୍ଡଳରେ ରାସାୟନିକ କାରଣ ହେତୁ ଜଳି ଉଠେ । ମିଥେନ ଛଡା ଅନ୍ୟ କେତକ ଦହନୀୟ ଗ୍ୟାସ ମଧ୍ୟ ଏମିତିଆ ପଚାସଢା ଜଳୀୟ ଅଞ୍ଚଳରେ ଉତ୍ପତ୍ତି ହୁଏ ଓ ଅମ୍ଳଜାନ ସଂସ୍ପର୍ଶରେ ଆସି ଜଳି ଉଠେ । ଗ୍ୟାସରେ ଭିନ୍ନ ଭିନ୍ନ କଣିକା ଥିବା ହିସାବରୁ ଭିନ୍ନ ଭିନ୍ନ ରଙ୍ଗ ଦେଖାଯାଏ ।

ଦେବଶ୍ରୀ କିନ୍ତୁ ନିଜର ମନ ଭିତରର କଥା କହିଲେ ନାହିଁ । ସେ ଜାଣିଛନ୍ତି ଅନେକ ତଥାକଥିତ ଆଧିଭୌତିକ ଘଟଣା ପଛରେ କିଛି ନା କିଛି ରାସାୟନିକ ରିଆକସନ ଅଛି । ହୁଏତ ଏମିତି କିଛି ରିଆକସନ ସେଠି ଘଟୁଛି । ଏକଥା ପାଓଲିଙ୍କୁ କହିଲେ ସେ ଜମା ମାନିବେ ନାହିଁ । ଏଣୁ ସେହି ସ୍ଥାନରେ କିଛି ପ୍ରମାଣ ଦେଖାଇଲେ ସେ ମାନିବେ । କିନ୍ତୁ ସପନବାବୁ ଏକ ରେସପନସିବଲ ବ୍ୟକ୍ତି ହୋଇ କଣପାଇଁ ବିଜ୍ଞାନରୁ ଉତ୍ତର ଖୋଜୁନାହାନ୍ତି ? ତାଙ୍କର ବଡବଡ ସୁନ୍ଦର ଆଖି ସପନବାବୁଙ୍କ ଆଡକୁ ବୁଲିଗଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଆଲେୟା ପଛରେ ବିଶ୍ୱାସ ଅଛି, ଇତିହାସ ଅଛି । ଆଲେୟାକୁ ସାରା ସୁନ୍ଦରବନରେ ଲୋକେ ମାନନ୍ତି । ଅଘଟଣରେ ମରିଥିବା କେଉଟର ଆତ୍ମା ଅନ୍ୟ କେଉଟକୁ ମରିବା ପାଇଁ ବାଟ ଭୁଲାଇ ଭେଟଣା କରାଏ ।- ନିଜର କୁହା କଥାକୁ ଆଉଥରେ ପାଓଲି ଦୋହରାଇଲେ । ସମସ୍ତଙ୍କ ଆଖି ପାଓଲିଙ୍କ ଉପରେ । ଦେବଶ୍ରୀ ମଧ୍ୟ ପାଓଲିଙ୍କୁ ଅନାଇଥିଲେ ।

ପାଓଲି ଟିକେ ହସିଲେ । ତାଙ୍କୁ ଲାଗୁଥିଲା ଯେମିତି ତାଙ୍କର କଥାକୁ ସମସ୍ତେ ପିଇଯାଉଛନ୍ତି । ତାଙ୍କ ଦଳର ସମସ୍ତେ ନିଜର ଐତିହ୍ୟ, ନିଜର ବିଶ୍ୱାସକୁ ନେଇ ଗର୍ବ କରନ୍ତି । ନିଜର ସଂସ୍କୃତିକୁ ଅତୂଳନୀୟ ଭାବନ୍ତି । ଏ ଭିତରେ ଦୁନିଆ ବହୁତ ଆଗେଇ ଗଲାଣି । ସମାଜରେ ପୁରୁଣା ବିଶ୍ୱାସ ସବୁ ବଦଳି ଗଲାଣି । କିନ୍ତୁ ନିଜ ଏ÷÷ତିହ୍ୟ ନେଇ ଥିବା ଗର୍ବ ଏ ପର୍ଯ୍ୟନ୍ତ ମନରେ ଅଛି । ରହିବା କଥା । ସଂସ୍କୃତି, ଇତିହାସ, ସାହିତ୍ୟ, ସମର ଆଦିର ପରାକାଷ୍ଠା ମଣିଷକୁ ବଡ଼ ବନାଏ । ମଣିଷ ମନରେ ଉତ୍ସାହ ଭରିଦିଏ, ଶରୀରରେ ସ୍ଫୂର୍ତ୍ତୀ ଭରିଦିଏ । ନଦୀର ପାଣି ବୋହିନିଏ ବିଶ୍ୱାସର ଗାଥା ।

"ସୁନ୍ଦରବନର ପାଣିକୁ ଆଲେୟା ରକ୍ଷା କରୁଛି ।"- ସେ କହୁଥିଲେ । ଏଇଟା ଅବଶ୍ୟ ଗାଁ ଗହଳିରେ ଘୁରିବୁଲିଥିବା ତାଙ୍କର ମନ କଥା କହୁଥିଲା ।

ଅନେକ ସମୟ ସମସ୍ତେ ଏମିତି ବସି ରହିଲେ । ଗରମ କଫିର ବାମ୍ପ ସମସ୍ତଙ୍କୁ ଭଲ ଲାଗୁଥିଲା । ଦେବଶ୍ରୀ ମଝିରେ ମଝିରେ କେଇ ଢୋକ ସିଗାରେଟର ଧୂଆଁ ଛାତି ଭିତରକୁ ଜୋରରେ ଟାଣି ନେଉଥିଲେ । ତାପରେ ଭକ୍ ଭକ୍ କରି ଧୂଆଁ ବାହାରକୁ ଛାଡୁଥିଲେ ।

"ପାଓଲି କଥାଟା ତୁମ ନିଜ ଆଖିରେ ଦେଖିନେଲେ ଖୁବ ଭଲ ହୁଅନ୍ତା ନା । ନିଜେ ଦେଖି ଆସିଲେ ତୁମେ ଆଲେୟା ଉପରେ ଏତେ କହିବନି । ଆଖିରେ ଆଲୁଅ ପଡିଲା ପରେ ମନ ଭିତରର ଅଳନ୍ଧୁ ବସା ଯେ ସଫା ହୋଇଯାଏ । ମୁଁ ନିଶ୍ଚିତ ଯେ ପରେ ତୁମେ ନିଜର ମତ ବଦଳାଇଦେବ ।"- ଦେବଶ୍ରୀ କହିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଓଲି କିଛି କହି ପାରିଲେନାହିଁ । ପାଓଲି ସିନା ବହୁତ ପଢିଛନ୍ତି କିମ୍ବା ଅନ୍ୟମାନଙ୍କ ସହ ଅଲୋଚନା କରିଛନ୍ତି । କିନ୍ତୁ କିଛି ନିଜ ଆଖିରେ ଦେଖି ନାହାନ୍ତି, କିଛି ନିଜେ ପରଖି ନାହାନ୍ତି । ବାଚନିକ ତଥ୍ୟକୁ ସିଦ୍ଧାନ୍ତିକ ତଥ୍ୟରେ ପରିବର୍ତ୍ତିତ କରିବା ଆବଶ୍ୟକ । ତେବେଯାଇ ଜ୍ଞାନୀମାନେ ସୁନ୍ଦରବନରେ ଖେଳିବୁଲୁଥିବା ଏକ ବିଶ୍ୱାସକୁ ବୈଜ୍ଞାନିକ ମାନ୍ୟତା ଦେବେ ।

ପାଓଲିଙ୍କ ମୁହଁ ଶେତା ପଡିଗଲା । ତାଙ୍କୁ ଯିବା ଉଚିତ । ସେ ଆଖି ବୁଜିଲେ । ତାଙ୍କ ଭିତରେ ଦେବଶ୍ରୀଙ୍କର ସିଗାରେଟର ଧୂଆଁ ଭରିଯାଇଥିବା ଅନୁଭବ କରୁଥିଲେ । ନିଜ ଭିତରେ ନିକୋଟିନର ପ୍ରବାହ ଅନୁଭବ କରୁଥିଲେ । ପାସିଭ ସ୍ମୋକର ଭିତରେ ମଧ୍ୟ ନିକୋଟିନର ସ୍ରୋତ ବୋହିଯାଏ ।

ତାହେଲେ ସେ ସୁନ୍ଦରବନର ତଳୁଆ ଅଞ୍ଚଳଯାଇ ନିଜ ଆଖିରେ ଆଲେୟା ଦେଖିବେ । ତାଙ୍କ ଭିତରେ କିଛି ଥରୁଥିବାର ଅନୁଭବ କରୁଥିଲେ ।

ଅନ୍ୟମାନେ ଠିଆହେଲେ । କିନ୍ତୁ ପାଓଲି ସେମିତ ଚେୟାର ଉପରେ ଆଉଜି ବସିରହିଲେ । ସେ ନିଜକୁ ଟିକିଏ ଅପ୍ରସ୍ତୁତ ମନେ କରୁଥିଲେ । ଦେବଶ୍ରୀଙ୍କ ମୁହଁରେ ଆଗଭଳି ସିଗାରେଟ ଲାଗିଥିଲା । ତାଙ୍କ ମୁହଁ ଧୂଆଁରେ ଢାଙ୍କି ହେଲାଭଳି ଲାଗୁଥିଲା ।

ବହୁତ ସମୟ ପରେ ପାଓଲି ଠିଆ ହେଲେ । ତାଙ୍କୁ ବଡ଼ ଅପ୍ରସ୍ତୁତ ଲାଗୁଥିଲା । ସେ ଧୀର ପାଦରେ ତଳକୁ ଓହ୍ଲାଇ ଆସିଲେ । ପତଳା ଶିଡି । ଅନେକ ଯୁଗଳ ହାତ ଧରାଧରିହୋଇ ଉପରକୁ ଚଢୁଥିଲେ । ସମସ୍ତେ ନିଜ ନିଜ ଆଲୋଚନାରେ ବ୍ୟସ୍ତ ଥିଲେ । କେହି କାହାକୁ ଅନାଉନଥିଲେ । ନିଜର ଦୁନିଆରେ ଆଉ ସମସ୍ତେ ଅଜଣା । ସେ ଭିତରୁ କେହି ପାଓଲିଙ୍କ ବିଷର୍ଣ ମନକୁ ଲକ୍ଷ୍ୟ କଲେ ନାହିଁ । କାହାର ସମୟ ମଧ୍ୟ ନଥିଲା । ଏ ଶିଡି ଦେଇ କେତେ ଉଦାସ ମନ ତଳକୁ ଓହ୍ଲାଇ ଆସିଥିବ । ମନରେ ଆନନ୍ଦ ନେଇ କେତେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହସୁଥିବା ମନ ଉପରକୁ ଚଢିଥିବ । ଏ ଶିଡି ଦେଇ କେତେ ବିଷୟ ଘଟିବାର ଆଲୋଚନା ହୋଇଥିବ ଆଉ ଜୀବନ ପାଇଥିବ ମନର ସେହି ଭାବନାମାନ । କାନ୍ଥରେ କେତେ ସିଦ୍ଧାନ୍ତର ପରଶ ରହିଯାଇଥିବ । ଛୁଇଁଦେଲେ ମନରେ ଶିହରଣ ଆସିଯାଉଥିବ ।

ତଳେ ଜନ ସମୁଦ୍ର । ସେଠି ନିଜ ବିଷୟରେ ଭାବିବାକୁ ସମୟ କାହିଁ ? ସମସ୍ତେ ଧାଉଁଛନ୍ତି । କିଛି ତରୁଣ ତରୁଣୀ ବହି ଦୋକାନ ଚାରିପାଖରେ ଜମା ହୋଇଛନ୍ତି । ସେମାନଙ୍କର ମୁହଁ ବହିର ପୃଷ୍ଠା ଉପରେ ଲାଗି ରହିଛି । ଅକ୍ଷର ସବୁ କେତେ ଉଜ୍ଜ୍ୱଳ ଦେଖାଯାଉଥିବ । ଗୋଟିଏ ତରୁଣୀ ହାତରେ ଏକ ମୋଟା ବହି ଥିଲା । ସୁନ୍ଦର ଆଙ୍ଗୁଠି । ଆଖିରେ ଷ୍ଟାଇଲିସ ଚଷମା । ଝିଅଟିକୁ ଖୁବ ମାନୁଥିଲା । ପାଓଲି ସେ ତରୁଣୀର ଉତ୍ସାହ ଭିତରେ ନିଜକୁ ଖୋଜୁଥିଲେ । ସେ ଏମିତି ବହିରେ ବୁଡିଯାଆନ୍ତି । କୂଳ ନପାଇଲା ପର୍ଯ୍ୟନ୍ତ ସେମିତି ପହଁରୁଥାନ୍ତି । ତାଙ୍କୁ ସୁନ୍ଦରବନକୁ ଯିବାକୁ ହେବ । ସୁନ୍ଦରବନ ତାଙ୍କପାଇଁ ଏକ ଅପଢା ପୁସ୍ତକ । ସେ ପୁସ୍ତକ ଆମୂଳଚୂଳ ପଢାହେବା ଦରକାର ।

**ଏକ ନିଃଶୂନ ପାଟ**

ପାଓଲିଙ୍କ ମନ ଆଉ ସ୍ଥିର ହୋଇ ବସିବାକୁ ରାଜି ନଥିଲା । ଦେବଶ୍ରୀଙ୍କ ସହ କଥାହେଲାବେଳେ ତାଙ୍କୁ ଅନେକ ଅପ୍ରସ୍ତୁତ ଲାଗିଥିଲା । ସେ ନିଜକୁ ସୁନ୍ଦରବନ ପରିବେଶ ଆଉ ନିଶ୍ଚିତ ଭାବରେ ଲମ୍ବା ନିଃଶୁନ ପାଟ ସହ ପରିଚିତ କରାଇବାକୁ ଚାହୁଁଥିଲେ । ଏକ ଛୋଟ ଛୁଆ ଭଳିଆ ତାଙ୍କର ଜିଦ । ମୋଟେ ମାନିବେନି, କିଛି ନା କିଛି କରି ବସିବେ । ଭୁଲ ଠିକର ହିତାହିତ ଜ୍ଞାନ ଏକ ପିଲା ପାଖରେ ନଥିଲା ଭଳି ଦେବଶ୍ରୀଙ୍କ ଜିଦ ପାଖରେ କିଛି ଭୁଲ କିଛି ଠିକ୍ ନଥିଲା । ତାଙ୍କ ପାଇଁ ସବୁ କଥା ଠିକ୍ । ସେତେବେଳକୁ ପାଖରେ ଅନେକ କାମ । କିନ୍ତୁ ପାଓଲି ମାନିଲେ ନାହିଁ । ସେ ଯେମିତି ହେଲେ ସେହି ପାଣିଭରା ପାଟରେ ପହଞ୍ଚିବେ ଆଉ ଆଲେୟା କେମିତି ଜଳୁଛି ନିଜ ଆଖିରେ ଦେଖିବେ । ତାପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଦେବଶ୍ରୀଙ୍କୁ ବୁଝାଇବେ ।

ଦେବଶ୍ରୀଙ୍କୁ ସେ ଡାକିଥିଲେ । କିନ୍ତୁ ଦେବଶ୍ରୀ ଆସିବାକୁ ମୋଟେ ରାଜି ହେଲେ ନାହିଁ । ବନ୍ଧୁ ହିସାବରେ ଅରିନ୍ଦମ ମଧ୍ୟ ଆସିଲେନି । ଅରିନ୍ଦମଙ୍କ ଆଧିଭୌତିକ ବା ଚମତ୍କାରୀ ଘଟଣା ଜାଣିବାପାଇଁ ଅନେକ ମନ । ଅରିନ୍ଦମ କେବଳ କହିପାରନ୍ତି । କିନ୍ତୁ କଷ୍ଟସହି କିଛି ଆଶ୍ଚର୍ଯ୍ୟ ଘଟଣା ଦେଖିବାକୁ ତାଙ୍କର ମୋଟେ ଧୈର୍ଯ୍ୟ ନଥିଲା । ଶେଷ ସାହାରା ହେଉଛନ୍ତି ସପନବାବୁ । ସେ ପାଓଲିଙ୍କ କଥା ଟାଳି ପାରିଲେ ନାହିଁ । ସାଙ୍ଗରେ ଆସିଲେ । ନିଜ ଆଖିରେ ସପନବାବୁ ଏକ ଆବିଷ୍କାରକୁ ଆଉଥରେ ଦେଖିବେ । ସେ ଭିତରୁ କିଛି ତଥ୍ୟ ବାହରକରି ଆଉ କିଛି ନୂଆ ଜିନିଷକୁ ପରେ ଖୋଜିବାକୁ ଚେଷ୍ଟାକରିବେ ।

ସପନବାବୁ ଆଗରୁ ବେଙ୍ଗଲର ତଳୁଆ ଅଞ୍ଚଳରେ ଆଗରୁ ବହୁତ ଦିନ ବୁଲିଛନ୍ତି । ପାଣି ଉଚ୍ଛୁଳୁଥିବା ସ୍ଥାନ, ଜଳଜ ଗୁଳ୍ମରେ ଭରି ରହିଥିବା ସବୁ ସନ୍ତସନ୍ତିଆ ଅଞ୍ଚଳ ତାଙ୍କର ପ୍ରିୟ ଥିଲା । ସେଠି ଚାରିଆଡେ କେମିତି ଏକ ଅଲଗା ଗନ୍ଧ ବୁଲୁଥିବ । ସହରର ପଚା ଗନ୍ଧଭରା ସନ୍ତସନ୍ତିଆ ଅଞ୍ଚଳ ସହ ତଳୁଆ ଅଞ୍ଚଳର ଏ ଭୂମିକୁ ତୁଳନା କରାଯାଇ ନପାରେ । ଏଠି ଏମିତି ନାକ ବନ୍ଦ ହୋଇଯାଉଥିବା ଗନ୍ଧ ନାହିଁ । କିନ୍ତୁ ଏ ସନ୍ତସନ୍ତିଆ ଅଞ୍ଚଳ ଅନ୍ୟ ଶୁଖିଲା ଜଙ୍ଗଲର ଅନ୍ୟ ସ୍ଥାନ ସହ ସମାନ ନୁହେଁ । ସୁନ୍ଦରବନର ସେହି ତଳୁଆ ଅଞ୍ଚଳ ଆଉ ସେଠି ଘୁରି ବୁଲୁଥିବା କଥାଗୁଡାକ ତାଙ୍କର ପୁରା ମନେଥିଲା ।

ସେମାନେ ଅନେକ ଖୋଜି ଏକ ଲମ୍ବା ପାଟ ପାଖରେ ପହଞ୍ଚିଗଲେ, ଆଖି ପାଉନାହିଁ । ସେତେବେଳକୁ ସକାଳ କେବେଠୁ ଗଡିଗଲାଣି । ଆଖପାଖରେ କେହି ଲୋକ ନଥିଲେ । ପାଓଲି ଓ ସପନବାବୁଙ୍କ ଆଗରେ ଏକ ବିଶାଳ ତଳୁଆ ଅଞ୍ଚଳ ଥିଲା । ସେଥିରେ ପଙ୍କ,ଜଳ ଭରି ଯାଇଥିଲା । ଆକାଶରେ ବର୍ଷାଦିନିଆ ମେଘ ତଳକୁ ଓହ୍ଲାଇ ଆସୁଥିଲା । ବେଙ୍ଗଲରେ ଏହି ତଳୁଆ ମେଘଗୁଡିକ ଜଲଦି କଳା ହୋଇ ଯାଆନ୍ତି । କିଛି ସମୟ ପରେ ଯେମିତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବର୍ଷିଯିବ । ବର୍ଷାଦିନେ ଏସବୁ ଅଞ୍ଚଳ ଗାଢ ସବୁଜ ହୋଇଯାଏ । ସୁନ୍ଦର ଦିଶେ । ସବୁଆଡେ ପାଣି ଭରିଯାଇଛି । ତା ଭିତରେ ସବୁଜ ଧାନଗଛ ସବୁ ମୁଣ୍ଡ ଟେକିଛି । ବିଲ ଧାରରେ ଆଉ ରାସ୍ତାକଡରେ ଉଚ୍ଚ ତାଳ ଗଛଗୁଡିକ ବଡ଼ ଛତାଧରି ଯେମିତି ଠିଆ ହୋଇଥିଲା । ବେଙ୍ଗଲର ଗ୍ରାମ୍ୟ ପରିବେଶରେ ବର୍ଷାର ସୁନ୍ଦରତା ଅବର୍ଣନୀୟ, ଅତୁଳନୀୟ । ସେଦିନ ଆକାଶରେ ଏକ ବିଶାଳ ଇନ୍ଦ୍ରଧନୁ ଶୋଭା ପାଉଥିଲା । ରଙ୍ଗ ଖୁବ ସୁନ୍ଦର ଭାବେ କଳା ଆକାଶରେ ଫୁଟି ଉଠିଥିଲା ।

ଆଗର ଦଳୁଆ ଭୂଇଁରେ ରାସ୍ତା ପାଖରେ ଏକ ତରୁଣ ମାଛ ଧରୁଥିଲା । ତା ପାଖରେ କେହି ନଥିଲେ । ଦୂରରେ ଦଳ ମଝିରେ ମଝିରେ ଗୋଟିଏ ଦୁଇଟା ଛୋଟ ହାତ ଡଙ୍ଗା ଥିଲା । ଏ ଡଙ୍ଗା ଛୋଟ ସିଆର କାଟି ଦଳ ଭିତରେ ସହଜରେ ଚାଲିଯାଇପାରେ । ଜଣେ ବା ଅତିବେଶି ହେଲେ ଦୁଇଜଣ ମଣିଷ ବସିପାରିବ । ତରୁଣଟି ମଧ୍ୟ ନିଜ ମାଛ ଧରାରେ ବ୍ୟସ୍ତ ଥିଲା । ତା ହାତରେ ବାଉଁଶର ଏକ ଲମ୍ବା ବନିଶୀ ବାଡି । ସେଥିରୁ ନାଇଲନ ସୂତା ଆସି କଣ୍ଟାରେ ଲାଗିଥିଲା ଆଉ ଶେଷରେ ଥୋପ ଲାଗିଥିଲା । ଟୋକାଟି ପାଣି ଜମାଥିବା ଗୋଟିଏ ବଡ଼ ମନ୍ଦାରୁ ଆଉ ଏକ ବଡ଼ ମନ୍ଦାକୁ ଯାଉଥିଲା । ସେଇଠି ଥୋପକୁ ପାଣିରେ ପକାଇ ଦେଇ ବନଶି ହଲଉଥିଲା । ବୋହୁଥିବା ପାଣିକୁ ମୋଟେ ଯାଉ ନଥିଲା । ଏମିତିଆ ଜମାଥିବା ପାଣିରେ ଚେଙ୍ଗ ମାଛ ଭଲ ମିଳନ୍ତି । । ସେ ମାଛ ଧରାରେ ସେ ଏତେ ବ୍ୟସ୍ତଥିଲା ଯେ ଆଖ ପାଖର ଘଟଣାକୁ ମୋଟେ ଲକ୍ଷ୍ୟ କରୁ ନଥିଲା । ତା'ର ମାଛଧରା ଖାଳେଇଟା ଓଜନିଆ ଜଣା ପଡୁଥିଲା ।

ସପନବାବୁ ଓ ପାଓଲି ରାସ୍ତାରେ ଠିଆହୋଇ ଟୋକାଟିକୁ ବହୁତ ସମୟ ଧରି ଲକ୍ଷ୍ୟ କଲେ । ଏମିତିଆ ଏକ ନିର୍ଜ୍ଜନ ସ୍ଥାନରେ ଟୋକାଟା କଣପାଇଁ ଏକାକୀ ମାଛ ଧରୁଛି । କେଉଁ ଦୂରରେ ପାଣି ଭିତରେ ଲୋକେ । ସେମାନେ ଚାଲି ଚାଲି ସେହି ତରୁଣ ଆଡକୁ ଗଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

। ପାଖରେ ତ ଆଉ କେହି ନାହାନ୍ତି । ତା ସହ କଥାହୋଇ ଏ ପାଟ ବିଷୟରେ କିଛି ଜାଣିବେ । ତାପରେ ସେଥିରୁ ସୂତ୍ର ବାହାରକରି ଆଲେୟା ବିଷୟରେ ଖୋଜ ଖବର ନେବେ । ଆକାଶରେ ମେଘ ପ୍ରାୟ ମୁଣ୍ଡ ଉପରକୁ ଓହ୍ଲାଇ ଆସୁଥିଲା । ଏଇ ବର୍ଷା ହେବ । କିଛି ନୂଆ ଜିନିଷର ଆବିଷ୍କାର ଏମିତି ସଂମ୍ପୂର୍ଣ ଭିନ୍ନ ପରିବେଶରେ ଘଟେ । ଏକଦମ ଅଜଣା ଦୁନିଆ ଖୋଲିଯାଏ । ପାଓଲିଙ୍କୁ ଏ ଆଡଭେଞ୍ଚର ମଜା ଲାଗୁଥିଲା ।

ବାସ କିଛି ଖୋଜରେ ସେମାନେ ଏକଦମ ପାଖ ହୋଇଯାଇଥାନ୍ତେ । ସେମାନଙ୍କ ଗୋଡ ଜୋରରେ ପଡୁଥିଲା ।

"ଭୂ ଉ ଉ ଉ ଉ ଉ ଉ ତ ।" – ଟୋକାଟାର ସ୍ୱର ଲମ୍ବା ରବର ଭଳି ଲମ୍ବିଗଲା । ସନ୍ତସନ୍ତିଆ ଜଳଭୂମି ଉପରେ ଥରୁଥିବା ସ୍ୱର ପବନ ସହ ଜୋରରେ ବୋହିଗଲା । ପାଖର ତାଳଗଛ ଆକାଶକୁ ଛୁଉଁଥିଲା । ପାଓଲି ଚମକି ପଡିଲେ ।

"ଭୂତ ତମକୁ ଉଡେଇ ନେବ । ଭୂତ ତମକୁ ଉଡେଇ ନେବ । ଏଇ ଭୂତ ଓହ୍ଲଉଛି ।"- ସେ ପେଚା ଭଳି ରାବିଲା । ତା'ର ଆଖି ଗୋଲ ଗୋଲ ହୋଇ ବୁଲୁଥିଲା । ଆଉ କିଛି ଶବ୍ଦ ନଥିଲା । ରାତିରେ ଖାଲି ପେଚା ବୋବାଇବା ଶବ୍ଦ ଆଉ ପବନ ବୋହିବା ଶବ୍ଦ ଶୁଣାଯାଏ । ସେମିତି ଅନ୍ଧାରୁଆ ଦିନରେ ଟୋକାଟାର ଡାକ ପେଚା ଭଳିଆ ଥିଲା ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେଇ ଅନ୍ଧାର ରାତିରେ (୧)

"ସେଇ ଅନ୍ଧାର ରାତିରେ" (ଭାଗ-୧)

ଗରିବ ପରିବାରରେ ଜନ୍ମ ବୁବୁର । ବିଧବା ମା', ବଡ଼ଭଉଣୀକୁ ନେଇ ଛୋଟ ସଂସାର । ଗାଁର ଧୂଳି ଖେଳ, ସାଙ୍ଗସାଥୀଙ୍କ ସଙ୍ଗେ ମିଶି ନଈ ପହଁରା, ଗୋଟି ଖେଳ ଆଦିରେ ପିଲାଦିନ କଟିଯାଇଥିଲା । ପିଲାବେଳୁ ବୁବୁ ମେଧାବୀ ଛାତ୍ର ଥିଲା, ସେଥିପାଇଁ ଗାଁ ସ୍କୁଲ, ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଶିକ୍ଷକ ମାନଙ୍କ ସହାୟତା ତଥା ବିନା ଶୁଳ୍କରେ ଟ୍ୟୁସନ ପାଇ ମ୍ୟାଟ୍ରିକ ପରୀକ୍ଷାରେ ୯୦% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲା । ଯୁକ୍ତ ଦୁଇ ପରେ ମେଡିକାଲ ଏଣ୍ଟ୍ରାନ୍ସ ରେ ବି କୃତକାର୍ଯ୍ୟ ହୋଇ ଥିଲା । ପଛୁଆ ବର୍ଗ ମେଧାବୀ ପିଲାଙ୍କ ପାଇଁ ଧାର୍ଯ୍ୟ ସ୍କଲାରସିପ ଦ୍ୱାରା ଦୂର ସହରରେ ମେଡିକାଲ କଲେଜ ପାଠପଢ଼ା ଆରମ୍ଭ କରିଥିଲା ।

ବଡ଼ ଭଉଣୀର ବାହାଘର ହୋଇଯାଇଥାଏ ।

ବୋଉଟି ତାର ପୁଅ ଝିଅ ଦୁହିଁଙ୍କୁ ପାଖରେ ନପାଇ ଟିକେ ଭାଙ୍ଗି ଯାଇଥିଲା ।

ପୁଅ ତା'ର ପାଠ ପଢା ସାରି ଡାକ୍ତର ହେବ । ଈଶ୍ୱରଙ୍କ କୃପାରୁ ଯଦି ଗାଁ ପାଖ ମେଡିକାଲ ରେ ଚାକିରୀ ପାଇଯିବ ତାହେଲେ ଦଶ ଖଣ୍ଡ ଗାଁ ଲୋକଙ୍କ ସେବା କରିବ ଏମିତି କେତେ ସପନ ଦେଖୁଥାଏ ।



ବିଜୟ କୁମାର ପଣ୍ଡା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରବଳ ଈଶ୍ୱରଙ୍କ ବିଶ୍ୱାସୀ ସେ, ଜଗା ଉପରେ ଭରସାକରି ପୁଅର ପାଠପଢା ଶେଷ ହେବା ଦିନକୁ ଚାହିଁ ରହିଥାଏ ।

ସକାଳର ସୁରୁଜ ଉଇଁବା ପରଠୁଁ କେଉଁଠି କ୍ଷଣିକ ବସେନି । ଘର ଦୁଆର ଲିପା ପୋଛା, ବାସନ ମଜା, ଗାଧୁଆ ପାଧୁଆ, ଠାକୁର ପୂଜା ଏ ସବୁ ସାତଟା ପୂର୍ବରୁ ସାରିଦେଇ କ୍ଷେତ ବାଡ଼ି କାମରେ ଲାଗିଯାଏ ।

ସେଦିନ ଝିଅ ଜ୍ୱାଇଁ ଘରକୁ ବୁଲି ଆସିଥିଲେ । ଝିଅ ସହ କଥା ହେଉ ହେଉ ସେ ଆଭାସ ପାଇ ଯାଇଥିଲା ଯେ ବୁବୁ ତାର କ୍ଲାସରେ ପଢୁଥିବା ଜଣେ ବଡ଼ ଲୋକ ଘରର ଝିଅକୁ ଭଲପାଉଛି । ମନରେ ତାର ବଡ଼ ଆଶଙ୍କା, ଆମ ଭଳି ସାଧାରଣ ମଣିଷ ମାନେ ବଡ଼ ଲୋକଙ୍କ ସମକକ୍ଷ !! କାହିଁକି ପୁଅଟା ଏମିତି ଭୂଲ କରୁଛି ?

ଦୀର୍ଘ ଛ ମାସପରେ ପୁଅ ଥରେ ଗାଁକୁ ବୁଲି ଆସିଥିଲା । କେବେ ଟଙ୍କା ପଇସା ନ ମାଗିବା ପିଲା ବୁବୁ ସେଥର ମା'କୁ କିଛି ଟଙ୍କା ମାଗିଥିଲା ।

"ପୁଅର ପାଠ ପଢିବାରେ କିଛି ଅସୁବିଧା ନହେଉ.." ଏଣୁ ମା' କିଛି କାରଣ ନ ପଚାରି ବଢ଼ାଇ ଦେଇଥିଲା ବର୍ଷଯାକ ସଞ୍ଚୟ କରି ରଖିଥିବା ଟଙ୍କା ତକ ।

ପାଠ ପଢ଼ା, ପ୍ରାକ୍ଟିକାଲ ଲାବ, ଆସାଇନମେଣ୍ଟ ଆଦି ସବୁ ଥିରେ ବୁବୁ ଥାଏ ଆଗରେ । ଆଉ ସେଥିପାଇଁ ବୋଧେ ସାଙ୍ଗ ସାଥି ମାନେ ବହୁତ ଆଦର କରନ୍ତି ତାକୁ । ସେଇଠୁ ଆରମ୍ଭ ହୋଇଥିଲା ଲୁସି ସହ ସମ୍ପର୍କ । ଲୁସି ବୁବୁକୁ ତାର ସବୁ ଆସାଇନମେଣ୍ଟ ଲେଖିବାକୁ ଦେଇଦିଏ । ବୁବୁର ସବୁ ନୋଟ୍ସ ବି ଆଗେ ଲୁସି ପାଖେ ପହଞ୍ଚେ ଆଉ ତାପରେ ଅନ୍ୟ କାହା ପାଖେ ଜେରକସ ହୋଇ । ସାଥୀହେଇ ଲାବ୍ ପ୍ରାକ୍ଟିକାଲ, କ୍ଲାସ , ଅଡ଼ି ଟୋରିଅମ.. ଲାଗିଯାଇଥିଲା ସମ୍ପର୍କର ଡୋରୀ । ଦୁହେଁ ଦୁହିଁଙ୍କର ନିବିଡ଼ ହୋଇଯାଇଥିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗାଁରୁ ଫେରି ଲୁସି ପାଇଁ ଏକ ପେଣ୍ଡାଣ୍ଟ ଗିଫ୍ଟ ଧରି ହଷ୍ଟେଲରେ ପହଞ୍ଚିଲା । ଏଥର ବୁବୁ ଆଉ ଲୁସିର ସେକ୍ସନ ଅଲଗା ହୋଇଯାଇଥିଲା । ତେଣୁ ସିଧା ସଳଖ ଲାବ୍ ପ୍ରାକ୍ଟିକାଲ ହଲକୁ ଚାଲିଯାଇଥିଲା ବୁବୁ ।

ଲାବ୍ ପ୍ରାକ୍ଟିକାଲ ସାରି ସମସ୍ତେ ଫେରିଯାଇଥିଲେ । ରାତି ହେଯାଇଥିଲା, ପ୍ରାକ୍ଟିକାଲ ସାରିବା ପରେ ଲାବରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଧ୍ୟାନ ଦେଇ ନୋଟ୍ସରେ ଲେଖା ଲେଖି କରୁଥାଏ ବୁବୁ । ହଠାତ ଗୋଟିଏ ଝିଅର ହସ ଶୁଣି ଧ୍ୟାନ ହଟିଲା ବୁବୁର । ଝରକା ଦେଇ ବାହାର ଆଡ଼କୁ ନିରେଖି ଚାହିଁଲା ବୁବୁ । କିଟି କିଟି ଅନ୍ଧାର, କାହିଁ କିଛି ଦିଶୁନଥିଲା, ନଜର ଫେରେଇ ପୁଣି ନୋଟ୍ସ ଲେଖିବାରେ ଧ୍ୟାନ ଦେଲା ବୁବୁ ।

ଲାବର ପଛ ପଟକୁ ଘଞ୍ଚ ଗଛଲତା ଥାଇ ଛୋଟିଆ ଜଙ୍ଗଲ ଭଳି ଜାଗାଟିଏ ଥାଏ । ଲାବରୁ ସେ ଜାଗା ମଧ୍ୟରେ ମାତ୍ର ଗୋଟିଏ ଷ୍ଟ୍ରିଟ ଲାଇଟ । କିଛି ସମୟ ପରେ ପୁଣି ପୂର୍ବ ପ୍ରକାର ହସ ଶୁଣି ଏଥର ମନରେ ସନ୍ଦେହ ଆସିଲା ବୁବୁର । ବ୍ୟାଗ ଧରି ଲାବରୁ ବାହାରକୁ ବାହାରିଗଲା । ଶବ୍ଦକୁ ଅନୁସରଣ କରି ଲାବ ପଛପଟ ରାସ୍ତାରେ ଆଗେଇବାକୁ ଲାଗିଲା । କିଛି ପାଦ ଗଲାପରେ ସେ ଲୁସିର ସାଙ୍ଗ ମିନୁକୁ ଦେଖି ଟିକେ ଆଶ୍ୱସ୍ତ ହେଲା, କିନ୍ତୁ ମନେ ମନେ ଭାବୁଥିଲା ରାତିରେ ଏକୁଟିଆ ଏ ଏଠି କଣ କରୁଛି ! !

କିଛି ଦୂର ଗଲାପରେ ମିନୁ ହଠାତ ରାସ୍ତା ମଝିଟାରେ ବସି ପଡ଼ିଲା । "ଏ ମିନୁ.. । ତୁ ରାତିରେ ଏକୁଟିଆଟା ଏଠି କଣ କରୁଛୁ ? ଆଉ ଲୁସି କୁଆଡ଼େ ଗଲା ? ତୁମେ ଦୁହେଁ ତ କଲେଜରେ ପ୍ରାୟ ସମୟରେ ସାଥିରେ ଥାଅ ।"

ଏଥର ହସ ପରିବର୍ତ୍ତେ ଧିରେ ଧିରେ କାନ୍ଦ ଶୁଭିବାକୁ ଲାଗିଲା । ମିନୁ କହିଲା "ଲୁସି କଥା କଣ ତୁ ଜାଣିନୁ ?"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ନାହିଁ, ମୁଁ ତ ଗାଁରୁ ଫେରି ସିଧା କଲେଜ ପହଂଚିଲି । ତା ଛଡ଼ା ଲୁସିର ଆଉ ମୋର ସେକ୍ସନ ଅଲଗା ହେଇ ଯାଇଛି ଏଇ ସେମିଷ୍ଟରରେ .. ।"

"ଜଲ୍‌ଦି ଯା.. ଲୁସି କଥା ବୁଝିବୁ ଶୀଘ୍ର ଯା । ମୁଁ ଆସୁଛି.." କହି ମିନୁ ଜୋର ଜୋର ରେ ପାଦ ଉଠେଇ ଲାବ୍ ରାସ୍ତା ଦେଇ କଲେଜ ଆଡ଼କୁ ଚାଲିବାକୁ ଲାଗିଲା ।

ଦେଖୁ ଦେଖୁ ସେ କଲେଜ ଭିତରକୁ ଯାଇ କୁଆଡ଼େ ଉଭାନ ହେଇଗଲା ଯେମିତି । ବୁବୁ ତା ପିଛା କରି କଲେଜ ସାରା ଆସି ଖୋଜି ଖୋଜି ବିଫଳ ହେଲା .. ।

ସମ୍ପାଦକ, କନକପ୍ରଭା,ସବଙ୍ଗ,ସିମୁଳିଆ, ବାଲେଶ୍ୱର,

ଭ୍ରାମ୍ୟ ଭାଷ: -୯୭୩୯୫୯୮୧୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ପୁତ୍ର ମୋହ...

ପେଜୁଆ ଆଖି ଦୁଇଟିରେ ବୃଦ୍ଧା ଜଣଙ୍କ ଚାହିଁ ରହିଥିଲେ ଡାକ୍ତରଖାନାର ଗେଟ ଆଡକୁ । କାଳେ ଆସିଥିବ କି ? କାଳେ ଦେଖା ହେଇଯିବ କି ? କିନ୍ତୁ ବାରମ୍ବାର ତାଙ୍କୁ ନିରାଶ ହେବାକୁ ପଡୁଥିଲା । ବୃଦ୍ଧାଙ୍କର ଅତ୍ୟଧିକ ଭାବପ୍ରବଣତା ବାରି, ପାଖରେ ଥିବା ବୃଦ୍ଧ ଜଣଙ୍କ ଚିହିଁକି ଉଠିଲେ, "କିଆଁ ଚାହୁଁଛୁ ସିଆଡେ ? ସେ ଆଉ କଣ ଆସିବ ? ଦସ୍ତଖତ ତ ନେଇ ସାରିଛି ପୋଡାମୁହାଁ, ଏବେ ବାପା ଅଜା ସମ୍ପତ୍ତି ବିକ୍ରି କରି, ମଦପାଣି ଖାଇ ଅୟେସ କରୁଥିବ । ଭୁଲିଯା ତାକୁ । ଯେତେ ଶୀଘ୍ର ଭୁଲିବୁ ସେତେ ମଙ୍ଗଳ"...

ପୋଲିସ ଭାଇ ଦୁଇଜଣ ଫେରି ଆସିଥିଲେ । ବୃଦ୍ଧ ଓ ବୃଦ୍ଧା ଦୁଇଜଣଙ୍କର ଦୁଇଟି ହୁଇଲ ଚେୟାରକୁ ପେଲି ପେଲି ନେଇ ଯାଉଥିଲେ ଡାକ୍ତରଙ୍କୁ ଦେଖେଇବା ପାଇଁ ।



ସୁବଳ ମହାପାତ୍ର

ବାହାରେ ବସିଥିବା ନର୍ସ ଜଣଙ୍କ ଏ ଡାକ୍ତରଖାନାକୁ ନୂଆ ଆସିଥିବା ଡାକ୍ତର ଦାଶଙ୍କୁ ଦୁଇଜଣ କଏଦୀ ରେଗୁଲାର ଚେକଅପରେ ଆସିଥିବାର ସୂଚନା ଦେଲେ । ଡାକ୍ତର ଦାଶ ସେମାନଙ୍କୁ ଆଗ ଡାକିଦେବା ପାଇଁ କହିଲେ, କାରଣ କଏଦୀଙ୍କ ସହ ଆସିଥିବା କନେଷ୍ଟବଳଙ୍କର ଅନ୍ୟ କୌଣସିଠାରେ କାମ ଥାଇପାରେ । କନେଷ୍ଟବଳ ଦୁଇଜଣ, ଦୁଇଜଣ ବୃଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଢ଼ୀଙ୍କୁ ଆଣୁଥିବାର ଦେଖି ଡାକ୍ତର ଦାଶ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲେ ତାଙ୍କୁ ଓ ଆଦେଶ ଦେବା ଭଙ୍ଗିରେ କହିଲେ, "ପ୍ରଥମେ କଏଦୀ ଦୁଇଜଣଙ୍କୁ ଆଣ"... ଏବେ ଆହୁରି ଆଶ୍ଚର୍ଯ୍ୟ ହେବାର ଥିଲା ଡାକ୍ତର ଦାଶଙ୍କୁ ଯେତେବେଳେ କନେଷ୍ଟବଳ ଦୁଇଜଣ କହିଲେଯେ, "ସାର ଏ ଦୁଇଜଣ ହେଉଛନ୍ତି କଏଦୀ"...

ଡାକ୍ତର ଦାଶ ଆଶ୍ଚର୍ଯ୍ୟ ଚକିତ ହୋଇ ଚାହିଁ ରହିଥିଲେ ପାଖାପାଖି ନବେ ବର୍ଷୀୟା ବୃଦ୍ଧା ଓ ବୃଦ୍ଧ ଦୁଇ ଜଣଙ୍କୁ । ଏମାନେ ବି କଏଦୀ ହୋଇ ପାରନ୍ତି ? ? ଶାସନ କଳ ଓ କୋର୍ଟ ଉପରେ ପ୍ରଚଣ୍ଡ ରାଗ ଆସୁଥିଲା ତାଙ୍କୁ, କିନ୍ତୁ ନିଜ ଉପରେ ନିୟନ୍ତ୍ରଣ ରଖି ଦୁଇଜଣଙ୍କ ଚେକଅପ ଆରମ୍ଭ କଲେ ସେ । ପୋଲିସ ଭାଇ ଦୁଇଜଣଙ୍କୁ ବାହାରକୁ ଯିବାକୁ ଇସାରା ଦେଇ ଡାକ୍ତର ଦାଶ ବୃଦ୍ଧା ଓ ବୃଦ୍ଧ ଦୁଇଜଣଙ୍କ ଠାରୁ ଜାଣିବାକୁ ଚାହିଁଲେ ତାଙ୍କର ଏ ଅବସ୍ଥା ବିଷୟରେ ।

ଡାକ୍ତର – ଆପଣଙ୍କ ବୟସ ?

ବୃଦ୍ଧା – ଆଜ୍ଞା ଚାରିକୋଡ଼ି ଚାରି କି ପାଞ୍ଚ ହେବ ।

ବୃଦ୍ଧ – ଆଜ୍ଞା, ନବେ ପାଖାପାଖି ।

ଡା – ଆପଣ ମାନେ ଏଠି ଏମିତି କାହିଁକି ?

ଆଖିରୁ ଲୁହ ବୋହି ଆସିଲା ବୃଦ୍ଧା ଜଣଙ୍କର । ବୃଦ୍ଧ ଜଣଙ୍କ, ବୃଦ୍ଧାଙ୍କ ହାତ ଉପରେ ହାତ ରଖି ଥର ଥର କଣ୍ଠ ରେ କହିଲେ..."ଆଜ୍ଞା, ସେ ବହୁତ କଥା । ଏ ପରିଣତ ବୟସ ରେ କେବଳ ପୋଲିସ ଭାଇ ମାନଙ୍କ ପାଇଁ ଆମେ ଜୀବିତ । ନଚେତ ପୁରା ଦୁନିଆଁ ପାଖରୁ ତ ଆମେ ମରି ସାରିଛୁ ଦୀର୍ଘ ବାର, ତେର ବର୍ଷ ହେଲା । "

କିଛି ଟେଷ୍ଟ କରିବାକୁ ସମୟ ଲାଗିବ, କିଛିର ରିପୋର୍ଟ ଆସିବା ପାଇଁ ପ୍ରାୟ ଦୁଇରୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତିନିଘଣ୍ଟା ଲାଗି ଯାଇପାରେ । ତେବେ ଏ ଭିତରେ ଡାକ୍ତର ଦାଶ ବୃଦ୍ଧ ଓ ବୃଦ୍ଧା ଦୁଇଜଣଙ୍କର ରକ୍ତର ସାମ୍ପୁଲ ନେଇ ସାରିଥାନ୍ତି, ବିପି ମାପି ସାରିଥାନ୍ତି ଓ ଇସିଜି ବି କରି ସାରିଥାନ୍ତି । ଅନ୍ୟ ଚେକଅପ ପାଇଁ ଏବେ କିଛି ସମୟ ଥାଏ । ଡାକ୍ତର ଦାଶ ଚାହିଁଲେ ଏ ଦୁଇଜଣଙ୍କୁ । କେମିତି କେମିତି ଲାଗିଲା ତାଙ୍କୁ । ଭାବିବାକୁ ଲାଗିଲେ ସେ... କେମିତି ଏମାନେ ଆସିଲେ ଜେଲକୁ ? କାହିଁକି ? ଏତେ ବୟସରେ କଣ ମାନ୍ୟବର କୋର୍ଟ ଚାହିଁଲେ ଏ ଦୁଇଜଣଙ୍କ ଦଣ୍ଡ କୋହଳ କରି ପାରିବେନି ? ଏମାନେ କଣ ସତରେ ଦୋଷୀ ?

ବାହାରେ ଆଉଟ ଡୋରରେ ଆଉ କେହି ରୋଗୀ ନଥିଲେ, ତେବେ ହାତରେ କିଛି ସମୟ ଥିବାରୁ ଏ ସମୟ ଭିତରେ ସେ ଜାଣିବାକୁ ଚାହିଁଲେ ବୃଦ୍ଧ ଓ ବୃଦ୍ଧାଙ୍କର ପୁରା କାହାଣୀ ।

ମୋତେ କୁହନ୍ତୁ, ଆପଣ ମାନଙ୍କ ଦୋଷ କଣ ? କାହିଁକି ଆପଣ ମାନେ ଏ ବୟସ ରେ ଏଠି ? ଡାକ୍ତର ଦାଶ ପଚାରିଲେ ।

ବୃଦ୍ଧା ଜଣଙ୍କ ଆଖିରୁ ଲୁହ ଶୁଖୁ ନଥାଏ । ସେ ନିରବରେ ଲୁହ ପୋଛି ଚାଲିଥାନ୍ତି । କଣ୍ଠ ବାଷ୍ପରୁଦ୍ଧ ହୋଇ ସାରିଥାଏ । ବୃଦ୍ଧ ଜଣଙ୍କ ଅତୀବ ବୃଦ୍ଧ ହେଲେବି ସତେଜ ଥାଆନ୍ତି ଓ ଡାକ୍ତର ଦାଶ ଙ୍କ ସବୁ ପ୍ରଶ୍ନ ର ଉତ୍ତର ଦେଉଥାନ୍ତି । ତେବେ ସେ ଡାକ୍ତର ଙ୍କୁ ଚାହିଁ କହିବାକୁ ଲାଗିଲେ....

ମୋର ବାହାଘର ହେରିରେ ହୋଇଥିଲା ପ୍ରାୟ ୩୫ ବର୍ଷ ବୟସରେ । କିନ୍ତୁ ବାହାଘରର ବହୁତ ବର୍ଷ ଯାଏଁ କିଛି ଛୁଆପିଲା ନ ହେବାରୁ, ବହୁତ ଡାକ୍ତର, ବଇଦ, ଗୁଣିଆ, ରାଉଳିଆ କଲୁ, ଦେବାଦେବୀଙ୍କ ପାଖରେ ମାନସିକ କରିବା ସହ ଅଧିଆ ବି ପଡ଼ିଲୁ, ଶେଷରେ ବାହାଘରର ପ୍ରାୟ ନଅ ବର୍ଷ ପରେ କୋଳକୁ ପୁଅଟିଏ ଆସିଲା । ସ୍ନେହରେ ନାଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଲୁ ଜଗା । ଭାବିଥିଲୁ ଶେଷ ସମୟରେ ସେ ଆମର ସାହା ଭରଷା ହେବ କିନ୍ତୁ... ଅତ୍ୟଧିକ ସ୍ନେହ, ପ୍ରେମ ପାଇ ସେ ବାଲୁଙ୍ଗା ହେଲା । ବାପାମା' ହିସାବରେ ସହି ଯାଉଥିଲୁ ସବୁ କିଛି । ବୟସ ହେବାରୁ ତାକୁ ବାହାଘର କରେଇବା କଥା ଚିନ୍ତା କଲୁ । କିନ୍ତୁ ଜଣେ ମଦୁଆ, ଗଞ୍ଜେଡ଼ିଆ, ବାପା ମାଙ୍କୁ ପିଟି, ତାଙ୍କଠୁ ପଇସା ନେଇ ଚଳୁଥିବା ବେକାରକୁ କିଏ କାହିଁକି ଝିଅ ଦେବ ? ବୟସ ତା'ର ବଢି ବଢି ଚାଲିଥାଏ । ବହୁତ ଡେରିରେ ଗରିବ ଝିଅଟିଏ ମିଳିଲା । ଜାହିତାହି କରି ବାହାଦେଲୁ । ଭାବିଥିଲୁ, ବାହାଘର ପରେ ବଦଳିଯିବ । ସ୍ତ୍ରୀ ଆସିଲା ପରେ ବାଟକୁ ଆସିବ । ପରିବାର ପ୍ରତି ମୋହ ଆସିବ । ସେ ଫେରିଆସିବ ପୁଣି, ଭଲ ମଣିଷ ଟେ ହେଇ ପାରିବ ।

କିନ୍ତୁ ଯେ କେଉଁ ବଦଳିବା ପିଲା ଥିଲା ? ଆଗରୁ ଯେମିତି ଥିଲା, ସେମିତି ହିଁ ରହିଲା । ନିତିଦିନ ବୋହୁକୁ ବାଡ଼ିଆପିଟା କରେ ସେ । ଗରୀବ ଘର ଝିଅ ବୋଲି ବୋହୁ ଆମର ସବୁ ସହି ଯାଉଥିଲା । ଆମେ ମନାକଲେ ଆମ ଉପରେ ମାଡ଼ ବସୁଥିଲା । ଜାଗା ଅଜାଗା, ଥାନ ଅଥାନ କିଛି ଦେଖୁନଥିଲା । ପିଟିଦେଇ ଯାଉଥିଲା । ସହି ସହି ଦିନେ ଅତିଷ୍ଠ ହୋଇଗଲା ବୋହୁ । ଶେଷରେ ଦିନେ ରାତିରେ, ପେଟରେ ପାଞ୍ଚ ମାସର ପିଲାଥାଏ, ବିଷ ପିଇ ଦେଲା । ସକାଳକୁ ବୋହୁ ମରି ସାରିଥାଏ । କଣ କରିବୁ ବୋଲି ବୁଦ୍ଧିବାଟ ଦିଶୁନଥାଏ ଆମକୁ । ସମୁଦିଙ୍କ ପାଖକୁ ଖବର ଦେଲୁ, ପୋଲିସକୁ କହିଲୁ । ସେମାନେ ଆସି ଡାକ୍ତରଖାନା ଆଣିଲେ । ସନ୍ଧ୍ୟା ସମୟରେ ବୋହୁର ଶେଷକୃତ୍ୟ ମୁଁ ଏଇ ହାତରେ କଲି, ହାତ ଦେଖାଉ ଦେଖାଉ ବୃଦ୍ଧ ଜଣଙ୍କ କହିଲେ ।

ଲୁହ ଆଖିଡୋଳାରୁ ବାହାରି ଶୁଖି ଯାଇଥାଏ, ଲେଞ୍ଜେରା ଲାଗିଥିବା ଆଖିରୁ ଲୁହ ପୋଛିଲେ ସେ । ବାର, ତେରବର୍ଷ ପରେ ବି ତାଙ୍କ ମନଭିତରେ ଏତେ କୋହ ଥିବ ବୋଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାବି ନଥିଲେ ଡାକ୍ତର ଦାଶ ।

ଡାକ୍ତର ଦାଶ ପଚାରିଲେ, "ଆଉ ଆପଣଙ୍କ ପୁଅ ?"

ହା ହା, ଶୁଖିଲା ଓଠରେ ହିକ୍କା ନେଉ ନେଉ କାନ୍ଦ ଭିତରେ ବି ହସି ପକେଇଲେ ସେ । ଏ ଥିଲା ଯେମିତି ଏକ ତାଚ୍ଛଲ୍ୟର ହସ । କହିଲେ, "ସେ ଆଜ୍ଞା ମଦପିଇ ଚୁର ହୋଇକି ଶୋଇଥାଏ । କିଛି ଯାଏ ଆସେ ନଥାଏ ତା'ର । ଶେଷକୃତ୍ୟ କରି ଆସୁ ଆସୁ, ସମୁଦି ମୋର, ବୋହୂ ନିର୍ଯ୍ୟାତନାର କେଶ ଦେଇଥାନ୍ତି ଆମ ନାଁରେ । ପୁଅ କୁଆଡେ ଫେରାର ହୋଇ ଯାଇଥାଏ । ପୋଲିସ ଆମକୁ ବାନ୍ଧି ଆଣିଲା ଥାନାକୁ । ଚବିଶ ଘଣ୍ଟା ପରେ ପଠେଇଦେଲା ଜେଲକୁ । ସେଦିନୁ ଆମେ ଜେଲରେ ଅଛୁ, ପ୍ରାୟ ବାର କି ତେର ବର୍ଷ ହେବ । ସମୁଦି ମୋର ଚାଲି ଗଲେଣି । ପୁଅ କେଉଁଆଡ଼େ ଲୁଚିଛି ଯେ ଜଣାନାହିଁ ଆଜି ଯାଏଁ । ଗାଁର ଖବର ମଝିରେ ମଝିରେ ଆସେ, କିଏ କେତେବେଳେ ଗାଁଲୋକ, ଏମିତି ଏଇ ଡାକ୍ତରଖାନାରେ ଦେଖାହେଲେ କୁହନ୍ତି, ଘର ଭାଙ୍ଗିଗଲାଣି, ଜିନିଷ ଯାହା ଥିଲା ସବୁ କିଏ କେମିତି ଚୋରୀକରି ନେଇଗଲେ । ଆଖ ପାଖ ସାହି ପଡ଼ିଶା ଜମି ସବୁ ମଡ଼େଇ ନେଲେଣି । ଏମିତି ସବୁ ।

ଡାକ୍ତର ଦାଶ -- ତେବେ, ଆପଣଙ୍କ ପୁଅ ଥରେ ହେଲେବି ଆପଣଙ୍କୁ ଦେଖା କରିବାକୁ ଆସିନି ? ?

ହସିଲେ ଏଥର ବୃଦ୍ଧ ଜଣଙ୍କ । କହିଲେ, "କାହିଁକି ଆସିବ ଆଜ୍ଞା ? ଆସିଲେ ଧରା ପଡିଲେ ତାକୁ ଜେଲ ହେବ । ସେ କଣ ଏତେ ବୋକା ହେଇଛି ? ?"

ଡା -- ତେବେ, ଆପଣଙ୍କ ବୟସକୁ ଆଖି ଆଗରେ ରଖି, ମାନ୍ୟବର ଅଦାଲତଙ୍କୁ କହିଲେ ସେମାନେ ଆପଣଙ୍କ ଦଣ୍ଡ କୋହଳ କରି ପାରନ୍ତେ । ନୁହେଁ କି ?

ହା ହା ହୋଇ ହସି ଉଠିଲେ ବୃଦ୍ଧ ଜଣଙ୍କ । କାହିଁକି ଆଜ୍ଞା ? କୁଆଡେ଼ ଯିବୁ ଏ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୟସରେ । କାହିଁକି ଯିବୁ ଆଉ ସେଠିକି ? କିଏ ଅଛି ? ପୁଅ ବଞ୍ଚିଛି କି ନାହିଁ ଜଣା ନାହିଁ । ମଝିରେ ଶୁଣୁଥିଲୁ ସେ କୁଆଡେ କଲିକତାରେ ଆଉ ଜଣଙ୍କୁ ବାହାହେଇ ରହୁଛି । ସତ କେତେ ମିଛ କେତେ କିଏ ଜାଣେ ? ଗାଁରେ ତ ଏବେ ଆମର ଆଉ କିଛି ନାହିଁ । ବନ୍ଧୁବାନ୍ଧବଙ୍କ ପାଇଁ ଆମେ ତ ବାର, ତେର ବର୍ଷ ହେବ ମରି ସାରିଛୁ । ଏବେ ତ ଏଇ ଜେଲ ଆମ ଘର ଓ ଏ ପୋଲିସ ମାନେ ଆମ ପୁଅ ଝିଅ । ରହିବା, ଖାଇବା ସବୁ ବୁଝିବା ସହ ମାସକୁ ଥରେ କିମ୍ବା ଦୁଇଥର ଡାକ୍ତରଖାନା ଆଣିବା ବାହାନାରେ ଆମକୁ ଦୁଇଥର ବୁଲେଇ ଆଣୁଛନ୍ତି । ସେମାନଙ୍କ ଦୟାରୁ ବଞ୍ଚିଛୁ ଆଜିଯାଏଁ । ଆଉ ଯେଉଁ ଦୁଇ ଚାରିଦିନ ବଞ୍ଚିବୁ, ଏଠି କାଟିଦେଲେ ଯାଏଁ । ପାଚିଲା ପତର, କେତେବେଳେ ଝଡି ପଡ଼ିବୁ କିଏ ଜାଣେ ? କହୁ କହୁ ବାଷ୍ପ ରୁଦ୍ଧ ହୋଇଆସିଲା ତାଙ୍କ କଣ୍ଠସ୍ୱର...କରୁଣ ଦିଶିଲା ମୁହଁଟି । ସତେ ଯେମିତି ବିଷାଦ ର ଛାୟା ମାଡ଼ିଗଲା ତାଙ୍କ ମୁହଁରେ... ଡାକ୍ତର ଦାଶଙ୍କୁ ଦୋଷୀ ଦୋଷୀ ଲାଗିଲା । ସତେ ଯେମିତି ଏ ପ୍ରଶ୍ନ ଟି ପଚାରି ଦେଇ ସେ ଭୁଲ କରି ଦେଇଛନ୍ତି ।

ଏତିକି ବେଳେ ସିଷ୍ଟର, ରିପୋର୍ଟ ନେଇ ଆସି ପହଁଚିଲେ । ସେମାନଙ୍କର ଚେକଅପ ସରି ଯାଇଥିଲା । କିଛି ଔଷଧ ଲେଖି, ପୋଲିସ ଭାଇମାନଙ୍କୁ ଡାକି ବୃଦ୍ଧ, ବୃଦ୍ଧା ଦୁଇ ଜଣଙ୍କୁ ନେଇଯିବାକୁ କହିଲେ ଡାକ୍ତର ଦାଶ ।

ସେଠାରୁ ଫେରି ପୋଲିସ ଗାଡ଼ିରେ ଦୁଇଜଣଙ୍କୁ ବସେଇ କନେଷ୍ଟବଳ ଜଣେ ଔଷଧ ଆଣିବାକୁ ଯାଇଥିବା ବେଳେ, ଆଉ ଜଣେ ଏମାନଙ୍କ ପାଇଁ ଖାଇବା ଆଣିବାକୁ ଯାଇଥିଲେ । ବୃଦ୍ଧା ଜଣଙ୍କ ବୃଦ୍ଧଙ୍କୁ ପଚାରିଲେ, "ହେଲେ ଆମ ପୁଅ ତ କଲିକତାରୁ ଫେରି ମାସେ ତଳେ ତୁମଠୁ ଦସ୍ତଖତ ନେବାକୁ ଜଣଙ୍କୁ ପଠେଇଥିଲା, ଜମି ବିକ୍ରି କରିବ ବୋଲି । ତୁମେ ଏକଥା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡାକ୍ତରଙ୍କୁ କହିଲ ନାହିଁ କାହିଁକି ?

ବୃଦ୍ଧ ଜଣଙ୍କ ପାକୁଆ ପାଟିରେ ଅଳ୍ପ ହସି କହିଲେ, "ପୋଲିସ ଜାଣିଲେ ତାକୁ ବାନ୍ଧି ଆଣିବ ଓ ଆମକୁ ଛାଡ଼ିଦେବ । ତୁମ ପୁତ୍ର ସ୍ନେହ କଣ ମୋତେ ଅଛପା ? ଶେଷ ସମୟରେ ତାକୁ ଧରେଇ ଦେଇ ତୁମକୁ ଦୁଃଖ ଦେବି କିଆଁ ? ଆଉ କେତେଦିନ କି ? ଆମେ ଗଲାପରେ ଏ କେଶ ସେମିତି ବି ବନ୍ଦ ହୋଇଯିବ...

ଆଉ ଗୋଟେ କଥା, ଏ ପରିଣତ ବୟସରେ ଆମେ ଯିବା କୁଆଡେ ? ଆଉ କଣ ସେ ଘର ଥିବ ? ସେ କୁଳାଙ୍ଗାର ତ ବିକ୍ରି କରି ସାରିବଣି । ରହିବା କେଉଁଠି ? ଖାଇବା କଣ ? ମୋର ଆଉ କ'ଣ ବୟସ ଅଛି ତୁମକୁ ଧରି ତୀର୍ଥ କରି ଯିବାକୁ ?”

ଏଥର ହସି ଉଠିଲେ ଦି ଜଣ ଯାକ...ପାକୁଆ ପାଟିକୁ ହସ ଦୁଇଟି ଖୁବ ସୁନ୍ଦର ମାନୁଥିଲେ । ବୃଦ୍ଧ ଜଣଙ୍କ ସେମିତି ଚାହିଁରହିଥିଲେ ବୃଦ୍ଧା ଜଣଙ୍କ ମୁହଁକୁ । ସତେ ଯେମିତି ଏଇ ହସ ଟିକକ ହିଁ ତାଙ୍କର ଦେଖିବାର ଥିଲା ।

ଶେଷ ସମୟରେ ଏକାଠି ଏମିତି ବଞ୍ଚିଯିବାର ମୋହ ଏବେବି ତାଙ୍କୁ ମୋହାଚ୍ଛନ୍ନ କରି ରଖିଥିଲା...

ଖଲାରୀ, ଅନୁଗୁଳ, ଓଡ଼ିଶା

୯୩୭୬୦୧୨୫୦୦


subal.mohapatra@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଜୀବନ

ଡାକ୍ତରୀ ଜୀବନରେ ବହୁ ପ୍ରକାର ରୋଗୀ ଏବଂ ତାଙ୍କର ପରିଜନ ମାନଙ୍କ ସଂଗେ ସାକ୍ଷାତ ହୋଇଥାଏ । ତନ୍ମଧ୍ୟରୁ ଜଣେ ଥିଲେ ସୁଧାଂଶୁ ବାବୁ । ବୃଦ୍ଧ ପିତାଙ୍କୁ ହରାଇ ଶବଗୃହ ବାହାରେ ମୁଣ୍ଡକୋଡ଼ି ଲୁହ ଝରାଉ ଥିଲେ । ପରମାତ୍ମା ତ ବାପାଙ୍କୁ ଚିରଦିନ ପାଇଁ ନେଇଗଲେ । ଆପଣ ମାନେ ମଧ୍ୟ ତାଙ୍କର ନଶ୍ୱର୍ର ଶରୀରଟିକୁ ନିଜର କରିନେଲେ । କାହିଁକି କେଜାଣି, ମନଟା ଅସ୍ଥିର ହେଲା । ବୁଝା ବୁଝି କରି ଜାଣିଲି ତାଙ୍କ ବାପା ମୃତ୍ୟୁ ପରେ ନିଜର ଶରୀରଟିକୁ ସମ୍ପୂର୍ଣ ଭାବେ ଦାନ କରିବା ପାଇଁ ସ୍ୱାକ୍ଷର ପ୍ରଦାନ କରିଛନ୍ତି । ସୁଧାଂଶୁ ବାବୁଙ୍କୁ ବୁଝାଇଥିଲି, ଏହା ଏକ ମହତ୍ୱପୂର୍ଣ କାର୍ଯ୍ୟ । ଏହା ଦ୍ୱାରା ତାଙ୍କ ପିତା ଅନ୍ୟକୁ ସାହାଯ୍ୟ କରିବା ସଂଗେ ସଂଗେ ଚିରକାଳ ଅମର ହୋଇ ରହିବେ । ସେଇ ଦିନଠୁ ଆମର ବନ୍ଧୁତା ଆରମ୍ଭ ହୋଇଥିଲା ।



ଡା ଅନୀତା ପଣ୍ଡା

ସୁଧାଂଶୁ ବାବୁ ଭୁବନେଶ୍ୱର ସେକ୍ରେଟେରିଏଟରେ ଚାକିରୀ କରନ୍ତି । ଖୁବ ସଚୋଟ ଭଦ୍ରଲୋକ । ସରକାରୀ ବାସ ଗୃହରେ ରହନ୍ତି ଦୁଇଟି ଝିଅ, ବନ୍ଦନା ଆଉ ଚନ୍ଦନା ।

ଅବସର ଦିନ ପାଖେଇ ଆସିଲା । ନିଜ ପାଇଁ ବାସ ଖଣ୍ଡିଏ ଯୋଗାଡ଼ କରନ୍ତୁ ବୋଲି ବହୁତ ବୁଝାଇଥିଲି । ମୁହଁ ଶୁଖାଇ କହିଥାନ୍ତି, ମୋ ପରିସ୍ଥିତି ବିଷୟରେ ତ ଆପଣଙ୍କୁ ଅଛପା ନାହିଁ । ସ୍ୱଳ୍ପବେତନଧାରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଣିଷଟି ଉପରେ ପରିବାରର ସମସ୍ତ ଭାର ଥିଲା । ପ୍ରଥମ ପର୍ଯ୍ୟାୟ ସଂଚୟ ଭଉଣୀ ମାନଙ୍କ ବାହାରେ, ପର ସମୟରେ ମା'ର ଅସୁସ୍ଥତା ପାଇଁ ଡାକ୍ତରଖାନାରେ । ଯାହା ହେଉ ଯଥା ସାଧ୍ୟ ବନ୍ଦନାର ବାହାଘରଟି ଅବସର ପୂର୍ବରୁ କରିଦେଇଛି । ଚନ୍ଦନା କଥା ତ ଜାଣିଛନ୍ତି । ଖୁବ ବଡ ଆଖି, ମନ ମୋଟୀ । ବେଶୀ ପାଠ ପଢିବ, ବଡ ଘରେ ବାହା ହେବ । ବନ୍ଦନା ଭଳି ଗରିବୀ ଜୀବନ ସେ ସାରା ଜୀବନ ପାଇଁ ବିତାଇ ପାରିବନି ।

ସୁଧାଂଶୁବାବୁ ଅବସର ନେଇ ଭଦ୍ରକରେ ବଡଝିଅ ପାଖଘରେ ଭଡା ନେଇ ରହିଥିଲେ । ଦେଖା କରିବାକୁ ଯାଇଥିଲି । ଘରଟି ଛୋଟ ହେଲେ ମଧ୍ୟ ଦୁହିଁଙ୍କ ପାଇଁ ଯଥେଷ୍ଟ । ହେଲେ ଅଞ୍ଜନାଙ୍କର ଛୋଟ ଘରେ ଶ୍ୱାସରୁଦ୍ଧ ହେଉଥିଲା । ଜମା ଖୁସି ନଥିଲେ ।

ଚନ୍ଦନାର ବାହାଘର ହୋଇ ଯାଇଥିଲା । ବାଲେଶ୍ୱରରେ ଗୋଟାଏ ଭିଲା । ଶାଶୁ ଶ୍ୱଶୁର ମଧ୍ୟ ପାଖରେ ରହୁଥିଲେ । ମାତ୍ର ଦିନ କେଇଟାରେ ଦେଢ଼ଶୂରଙ୍କର ପିଲାମାନଙ୍କର ଅସୁବିଧା ହେଉଛି ବୋଲି ଦୁହେଁ ତାଙ୍କ ପାଖକୁ କଟକ ଚାଲିଯାଇଥିଲେ ।

ଅଂଜନାଙ୍କର ଫୋନ ଥିଲା । ଆନନ୍ଦରେ ଫାଟି ପଡୁଥିଲେ । ଆମେ ବାଲେଶ୍ୱରରେ ନୂଆ ଘର ନେଇଛୁ । ନିଶ୍ଚୟ ଆସିବେ । ଏଠି ଆପଣଙ୍କ ପାଇଁ ମଧ୍ୟ ଗୋଟିଏ ସ୍ୱତନ୍ତ୍ର ରୁମ ଅଛି.. ଆସି ଆମ ପାଖେ ଛୁଟି କଟାଇବେ ।

ଯାଇଥିଲି । ଘରଟି ଦେଖି ବହୁତ ଭଲ ଲାଗିଲା । ମାତ୍ର ଆଶ୍ଚର୍ଯ୍ୟର ସୀମା ରହିଲାନି । ମୋ ମୁହଁର ଭାବ ଦେଖି ସୁଧାଂଶୁ ବାବୁ କିଛି କହିବା ପାଇଁ ଯାଉଥିଲେ । ମାତ୍ର ଅଞ୍ଜନା ମାଡିବସି ଆରମ୍ଭ କଲେ ଚନ୍ଦନା ପାଖରେ କଣ ଧନର ଅଭାବ ! ତା ଘର ପାଖାପାଖି ଗୋଟିଏ ଘର ଆମପାଇଁ କିଣି ଦେଇଛି । ଜୋଇଁଙ୍କ ମନଟା ବହୁତ ବଡ । "କହିଲେ, ଆମେ ଏତେ ବଡ଼ ଘରେ ରହିବା । ବାପାମା କଣ ଝୁଗୀରେ ରହିବେ ?

କହିଲି, ଭଲ ହେଲା.. ହେଲେ ଘରଟା କାହା ନାଁରେ ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୋଇଁ ବାବୁ କହିଲେ ବାପା ବହୁତ ଆତ୍ମଭିମାନୀ । ସେ ନିଜେ କିଛି ଦେଲେ ତାଙ୍କୁ ଭଲ ଲାଗିବ । ତେଣୁ ଇଏ ପରା ଦଶ ଲକ୍ଷ ଦେଇଛନ୍ତି ।

କହିଲି, ଦଶ ଲକ୍ଷରେ ତ ଭଲ ଛୋଟ ଘରଟିଏ ହୋଇ ପାରିଥାନ୍ତା । ଅନ୍ୟ ଉପରେ କାହିଁକି ନିର୍ଭର କଲେ ?

କଥା କଣ କି, ଚନ୍ଦନାର ପୁଅଟା ଏବେ ମାତ୍ର ମାସ କେଇଟାର । ଯେତେ ବାହାର ଲୋକ ରହିଲେ ବି... ତେଣୁ, ଅଞ୍ଜନା ପୁରା ଦିନଟା ଚନ୍ଦନା ଅଫିସରୁ ଫେରିବା ପର୍ଯ୍ୟନ୍ତ ରହିବେ.. କହିଲେ ସୁଧାଂଶୁ ବାବୁ.....

ହସ୍ପିଟାଲ କାମ ନେଇ ଓଡିଶା ବାହାରକୁ ଯାଇଥିଲି । ଅଂଜନାଙ୍କର ଫୋନଥିଲା । ସୁଧାଂଶୁ ବାବୁ ବହୁ ବେମାର । ଡାକ୍ତର ଖାନାରେ ଭର୍ତି କରି ଦେବାକୁ ଡାକ୍ତର ବାବୁ କହିଲେ । ମୁଁ ଏକା ମଣିଷ । କିଛି ବୁଦ୍ଧି ଦିଶୁନି ।

ଝିଅ, ଜୋଇଁ, ନାତି ମାନଙ୍କର ସାହାଯ୍ୟ ନେବାକୁ କହିଲି । ଦିନ କେଇଟା ପରେ ଶୁଣିଲି ସୁଧାଂଶୁ ବାବୁ ଚାଲିଗଲେ । କେଉଁ ପରିସ୍ଥିତିରେ ସୁଧାଂଶୁବାବୁ ଆଖି ବୁଜିଥିବେ କଳ୍ପନା କରିପାରୁ ନଥିଲି ।

ସୁଧାଂଶୁ ବାବୁ ଯିବାର ଚାରି ମାସ ହୋଇଯାଇଥିଲା । କାର୍ଯ୍ୟ ବହୁଳତା ଭିତରେ ଅଞ୍ଜନାଙ୍କୁ ଫୋନ କରି ପାରିନଥିଲି । ଦୁଇହଜାର କୋଡିଏ ମସିହା ମାର୍ଚ୍ଚ ପନ୍ଦର ତାରିଖ । ଦେଶରେ କରୋନାଙ୍କୁ ମହାମାରୀ । ସରକାରଙ୍କ ତରଫରୁ ରାଜ୍ୟରେ ବହୁ ଯୋଜନା । କରୋନା ଆକ୍ରାନ୍ତମାନଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ ୧୯ ହସ୍ପିଟାଲ । ବହୁତ ବ୍ୟସ୍ତ ଥିଲି । ଅଂଜନାଙ୍କର ଫୋନ । ମତେ ଘର ଛାଡିବାକୁ ହେବ । କଥାର ମର୍ମ ନବୁଝି କହିଲି କରୋନା ପାଇଁ ସରକାର ଲକ ଡାଉନର ବ୍ୟବସ୍ଥା କରୁଛନ୍ତି, ଆଉ ଆପଣ କହୁଛନ୍ତି ଘରରୁ ବାହାରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେଇଥି ପାଇଁ ତ । ଚଂଦନାର ଶାଶୁ ଶ୍ୱଶୁର ଏବେଠୁ ଏଇଠି ରହିବେ ।

ଭଲ କଥା । ନିଜ ବାପାମା ନିଜ ପାଖରେ ରହିବେନି ତ ଆଉ କେଉଁଠି ରହିବେ ?

ସେମାନେ ଏଇ ଘରେ ରହିବେ ।

ବିଲ୍ଡାରେ ରୁମ କମ ପଡୁଛି ।

ଆକାଶ ବଡ ହୋଇ ଗଲାଣି । ତା ଜିନିଷ ପତ୍ରରେ ଦୁଇଟା ରୁମ ଭର୍ତି ।

ଠିକ ଅଛି । ଜିନିଷ ବେଶୀ ହେଲାଣି ଯଦି, କେତେଟା ଆପଣଙ୍କ ଘରେ ରଖି ଦିଅନ୍ତୁ । ଆପଣ ନିଜ ଘର ଛାଡି ଯିବେ କାହିଁକି ?

ସବୁ ଯଂାକରୀ ଭୁଲ... ପୁରା ପଇସା ଦେଇନି । ନିଜ ନାଁରେ କରିବି କେମିତି ?

ଠିକ ଅଛି, ଅଂଶୀଦାର ତ ।

ନାଁ, ତା ବି ନୁହେଁ......

କୋଭିଡ ହସ୍ପିଟାଲ ପଶିବା ବେଳକୁ ଗୋଟିଏ ରୋଗୀକୁ ଗାସପିଂଷ୍ଟେଜରେ ଅଣାଯିବାର ଦେଖିଲି । ଆଇ ସି ୟୁ ଭିତରକୁ ନେଇ ଯାଇଥିଲେ..

ଅଞ୍ଜନା ? ଏ ସବୁ କେମିତି ? ? କେହି ଦୁଇଜଣ କଥା ହେବାର ଶୁଣିଲି.. ଜମା ଲକଡାଉନ ମାନୁ ନଥିଲେ । କେହି କିଛି କହିଲେ ଜବାବ ଦେଉଥିଲେ, କୋଭିଡରେ ଆକ୍ରାନ୍ତ ହେବିତ ? କେତେ ଭଲ କଥା । ବିନା ଚେଷ୍ଟା, ବିନା ଖର୍ଚରେ ରହିବା ପାଇଁ ଖଣ୍ଡେ ଠାବ ମିଳିଯିବ । ମୋ ଦେଶର ଶହଶହ ପୁଅଝିଅ ମୋର ଯତ୍ନ ନେବେ । ଆଉ ସବୁଠୁ ଭଲ କଥା ସରକାରର ଖର୍ଚ୍ଚରେ ସବୁ । ଏମିତିକି ମରିଗଲେ ସରକାର ଶବ ସଂସ୍କାର ମଧ୍ୟ କରିବେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚନ୍ଦ୍ରଭାନୁଙ୍କ ରାଗ

ଛିଃ... ଛିଃ... ଛିଃ.... କି ବେଳ ହେଲା କେଜାଣି ?

କି ପ୍ରକାଶକ ହୋ ଏମାନେ... ? କେଇଖଣ୍ଡ ବହି ଛାପି ବିକି ପକେଇଲେ ବୋଲି ନିଜକୁ ବଡ଼ ବଡ଼ ପ୍ରକାଶକ ଭାବୁଛନ୍ତି । ସାହିତ୍ୟ କ'ଣ ବୁଝିଲେନି – ସାହିତ୍ୟିକ କାହାକୁ କହନ୍ତି ଆଜିଯାଏ ଜାଣିଲେନି – ଏମାନେ କି ପ୍ରକାଶକ ! ଖାଲି ଭୁବନେଶ୍ୱରରେ ରହି ଯେଉଁମାନେ ଗପ କବିତା ଲେଖିବେ ସେମାନେ ବଡ଼ ବଡ଼ ସାହିତ୍ୟିକ ! ଆଉ ଆମେମାନେ ସବୁ – ଅସାହିତ୍ୟିକ, ଗାଁରେ ରହୁଛୁ । ଆମେ ସାହିତ୍ୟର ସା... ଜାଣୁନା ! ଖାଲି ହୋ ହାଲ୍ଲା କରୁ... ସାହିତ୍ୟ ସାହିତ୍ୟ କହି ! ମିଛ ପୁରଷ୍କାର ଅଣ୍ଡାଳୁ... ପୂରା ପଣ୍ଡିତ ସାହିତ୍ୟିକ ହେଉଛନ୍ତି ସେମାନେ – ଭୁବନେଶ୍ୱରୀଆ ! କି ବାଜେ୍ୟ ମାନସିକ... ଏମାନଙ୍କର ।

ଚନ୍ଦ୍ରଭାନୁ ସେଦିନ ଖୁବ୍ ରାଗିଯାଇ ବିଳିବିଳେଇ କହିଚାଲିଥିଲେ ।

ସତେ ଯେମିତି କିଏ ତାଙ୍କ ମରମକୁ ବାଧିଲାଭଳି କଥାଟେ କହିପକେଇଛି !



ପ୍ରଶାନ୍ତ କୁମାର ନାଥ

ନିଜକୁ ନିଜେ ବାରମ୍ବାର ଧିକ୍କାର କରିଚାଲିଥିଲେ ।

ତୁଚ୍ଛ, ଅତି ତୁଚ୍ଛ ଏବଂ ନିଜକୁ ସାଧାରଣ ନୁହେଁ; ଅତିସାଧାରଣଠାରୁ ବି ନ୍ୟୁନ ବୋଲି ମନେକଲେ ଚନ୍ଦ୍ରଭାନୁ । ବାରମ୍ବାର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜିଯାଏ ଯିଏ ନିଜ ଉପରେ ଭରସା କରି ସ୍ୱାଭିମାନୀ ହୋଇ ବଞ୍ଚିଥିଲା; ବୃହତ ସମ୍ମାନ ବା ଉପାଧିରେ ଆଶା କରି କେବେ କାହାରି ଆଗରେ ହାତପାତି ନଥିଲା; ଜୀବନସାରା ଭୁଲ ପଥ ସହିତ ସାଲିସ କରି ବଞ୍ଚିବାକୁ ଯିଏ ଘୃଣା କରୁଥିଲା; କେମିତି ତା ପାଦ ବାଟ ହୁଡ଼ିଲା ? ସେକଥାକୁ ବାରମ୍ବାର ଭାବି ନିଜକୁ ଘୃଣା କରିଚାଲିଥିଲେ ଚନ୍ଦ୍ରଭାନୁ ।

କିଛିସମୟ ପୂର୍ବରୁ ଚନ୍ଦ୍ରଭାନୁଙ୍କ ମନରେ ଉଙ୍କିମାରିଥିବା ଇଚ୍ଛା ଆଉ ଉତ୍ସାହ ସବୁ କ୍ଷଣିକରେ ମଉଳି ଗଲା ଆପଣାଛାଏଁ: ଏକ ସାମାନ୍ୟ ଉତ୍ତରରେ । ଯାହା ଅପ୍ରତ୍ୟାଶିତ ନଥିଲା, ତାଙ୍କ ପାଇଁ ।

ତେବେ, କ'ଣ ଥିଲା ଚନ୍ଦ୍ରଭାନୁଙ୍କର ସେ ପ୍ରଶ୍ନ ?

ପ୍ରଶ୍ନ, ଚିରାଚରିତ ଥିଲା ନା ଆଉ କିଛି; କିଏ କହିବ ?

କାହାକୁ ପଚାରିଥିଲେ ସେ ପ୍ରଶ୍ନ ?

କ'ଣ ଉତ୍ତର ପାଇଥିଲେ ସେ ତାଙ୍କ ପ୍ରଶ୍ନର ! ଯାହା ତାଙ୍କ ମରମକୁ ଛୁଇଁଥିଲା – ମନକୁ କଷ୍ଟ ଦେଇଥିଲା – ଯାହାକୁ ନେଇ ଚନ୍ଦ୍ରଭାନୁ ଏତେ କ୍ଷୁବ୍ଧ ଆଉ ହତାସ !

ସେ ସମୟରେ ଚନ୍ଦ୍ରଭାନୁ ଯେ ନିଜକୁ କେବଳ କ୍ଷୁବ୍ଧ ଓ ହତାସାର ସୀମାବଦ୍ଧ କରି ନଥିଲେ ! ସମ୍ମୁଖୀନ କରାଇଥିଲେ ନିଜକୁ ନିଜେ ଆହୁରି ହଜାରେ ପ୍ରଶ୍ନର ଆଗରେ – ଅର୍ଜୁନ କ'ଣ ଜନ୍ମରୁ ବୀର ଥିଲା ? ଛୁରି ପନିକି କ'ଣ ଲୁହା ଅବସ୍ଥାରୁ ଧାରୁଆ; କାଟିପାରୁଥିଲା ସେ ସବୁକିଛି ?

ନା, କେବେ ନୁହେଁ । ଅର୍ଜୁନ ବୀର ହେବା ପଛରେ ଥିଲା ଗୁରୁ ଦ୍ରୋଣଙ୍କ ହାତ, ଠିକ୍ ଯେମିତି ଛୁରି ଓ ପନିକି ସବୁକିଛିକୁ କାଟିବା ପଛରେ ଥାଏ କମାରର ହାତ । କମାର ଶାଣ ନଦେଲେ ଛୁରି ପନିକି ମୂଲ୍ୟହୀନ, ସାମାନ୍ୟ ଲୁହା ଖଣ୍ଡେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେବେ ଚନ୍ଦ୍ରଭାନୁ କାହିଁକି ନିଜକୁ ସାଧାରଣ; ଅତି ସାଧାରଣଠୁ ନ୍ୟୂନ ଭାବୁଛନ୍ତି ! ବାଟ ଚାଲିବାକୁ ହେଲେ ସବୁବାଟ ଯେ ମସୃଣ ହେବ, ସେଇଟା ଭାବିବା ଭୁଲ ! ବେଳେ ବେଳେ ଆବୁଡ଼ାଖାବଡ଼ା ବି ହୋଇପାରେ ! ତେଣୁ ସେଇଠି ଅଟକି ନଯାଇ ଆଗକୁ ଚାଲିବା ହିଁ ପ୍ରକୃତ ବାଟୋଇର କର୍ତ୍ତବ୍ୟ । ଏକଥା ଚନ୍ଦ୍ରଭାନୁ ଭଲକରି ଜାଣନ୍ତି । ତେଣୁ ଭିତରେ ଭିତରେ ନିଜକୁ ନିଜେ ସାନ୍ତ୍ୱନା ଦେଇ ମନ ପରିବର୍ତ୍ତନ କରିବାକୁ ଚେଷ୍ଟା କଲେ । ଆଉ ଭାବିଲେ:

ବର୍ତ୍ତମାନ ପରିସ୍ଥିତିରେ କରୋନା ଭୂତାଣୁ ଯୋଗୁଁ ପୃଥିବୀର ଶହେ କୋଡ଼ିଏ ଦେଶର ଲୋକେ ଆତଙ୍କିତ । ଏହି ଭୂତାଣୁ ଆଜି କେବଳ ସାଧାରଣ ଭୂତାଣୁ ହୋଇ ରହିନାହିଁ ବରଂ ଏକ ମହାମାରୀର ରୂପନେଇ ବିଶ୍ୱ ଜନସଂଖ୍ୟା ହ୍ରାସ କରିଚାଲିଛି । ନାରୀ-ପୁରୁଷ, ଗୋରା-କଳା, ସବଳ-ଦୁର୍ବଳ, ଡେଙ୍ଗା-ଗେଡ଼ା, ଧନୀ-ଗରିବ, ଉଚ୍ଚ-ନିଚ, ଥେଲାବଲା-ନଥିଲାବଲା ସମସ୍ତେ ଯେମିତି ତା ଆଗରେ ସମାନ । କୌଣସି ବାଛ ବିଚାର ନାହିଁ । ଯଦିଓ ଏହି ଭୂତାଣୁ ଦ୍ୱାରା ବେଶି ସଂଖ୍ୟକ ବୃଦ୍ଧ ଓ ବୃଦ୍ଧାଙ୍କ ଜୀବନ ପ୍ରଭାବିତ ହୋଇ ପ୍ରାଣହାନି ଘଟୁଛି !

ଏହି କରୋନା ଭୂତାଣୁ ମାତ୍ର କେଇମାସ ପୂର୍ବରୁ ସାଧାରଣ ଭୂତାଣୁର ରୂପନେଇ ଚୀନର ଏକ କ୍ଷୁଦ୍ର ସହର ଉହାନରୁ ବାହାରି ବିଶ୍ୱକୁ ଗ୍ରାସ କରିଛି । ଶୁଣିବାକୁ ମିଳେ: ଚୀନର ଉହାନସ୍ଥିତ ଲ୍ୟାବ୍ରୋଟରୀର କ୍ୟାମିକାଲ୍ ରିଆକ୍ସନରୁ ଏହାର ଜନ୍ମ । ଏକଥା କେତେ ସତ, କେତେ ମିଛ – କହିବା ଅସମ୍ଭବ । ତଥାପି ବିଶ୍ୱର ଅନ୍ୟ କିଛି ବୈଜ୍ଞାନିକ ଏହି ଭୂତାଣୁର ଜନ୍ମ କୌଣସି ଏକ ପ୍ରାକୃତିକ ବିବର୍ତ୍ତନରୁ ସୃଷ୍ଟି ବୋଲି ମତଦିଅନ୍ତି । କିନ୍ତୁ ନିଜକୁ ଦକ୍ଷ, ଉଚ୍ଚ ଶିକ୍ଷିତ, ବିକଶିତ, ଶକ୍ତିଶାଳୀ, ବିତ୍ତଶାଳୀ ରାଷ୍ଟ୍ର କହିବୋଲାଉଥିବା ଦେଶ ହେଉ ଅବା ଗରୀବ, ଅଭାବୀ ଦେଶ ସମସ୍ତେ ଖୁବ୍ କମ୍ ଦିନ ମଧ୍ୟରେ ଏହାର ଆଁ ଭିତରକୁ ଧୀରେ ଧୀରେ ପ୍ରବେଶ କରିସାରିଲେଣି । ଆଜିଯାଏଁ ଏହାର କୌଣସି ପ୍ରତିଷେଧକ ଉଦ୍ଭାବନ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇପାରି ନଥିବା ସତ୍ତ୍ୱେ ଗୃହବନ୍ଦୀ ବା ସଂଗରୋଧ ଦ୍ୱାରା ହିଁ ଏହାକୁ ପ୍ରତିହତ କରିହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତା'ର ମତ ପ୍ରକାଶ କରିଛି । ତେଣୁ ସଂପୂର୍ଣ୍ଣ ବିଶ୍ୱରେ 'ଲକଡାଉନ୍' ଅର୍ଥାତ୍ ତାଲାବନ୍ଧ ପରିସ୍ଥିତି । ଆମ ଭାରତ ଏବଂ ଓଡ଼ିଶାରେ ମଧ୍ୟ 'ଲକଡାଉନ୍' ଆଜକୁ ତିନି ମାସରୁ ଊର୍ଦ୍ଧ୍ୱ ହେଲା । ସରକାରୀ ଚାକିରିଆଠାରୁ ବ୍ୟବସାୟୀ ଏବଂ ଖଟିଖିଆ ପର୍ଯ୍ୟନ୍ତ, ଛାତ୍ରଠାରୁ ଶିକ୍ଷକ ସମସ୍ତଙ୍କ ପାଇଁ ନିଷେଧାଜ୍ଞା ଜାରି ହୋଇଛି । ଏହି ନିଷେଧାଜ୍ଞା କେତେଦିନ ପାଇଁ ଜଣାନାହିଁ । କିନ୍ତୁ ସବୁ ଅଭିଭାବକଙ୍କର ଚିନ୍ତା ବଢ଼ାଇଛି ଏହି ଘରେରୁହା ପରିସ୍ଥିତି । ବାରମ୍ବାର ବାରିହେଉଛି, ନଗରରୁ ମହାନଗର ସବୁଠି ଚାଲିଛି ସରକାରୀ ବ୍ୟବସ୍ଥା ଯେମିତି ମର ମର ଅବସ୍ଥାରେ । ବ୍ୟକ୍ତିବିଶେଷ ଠାରୁ ସରକାର ସମସ୍ତେ କଳେବଳେ କୌଶଳେ ଆପ୍ରାଣ ଚେଷ୍ଟାରେ ଏବଂ ଉପାୟ ସନ୍ଧାନରେ: କେମିତି ଉଧୁରିବେ ଏ ପରିସ୍ଥିତିରୁ... ଅଦେଖା ଶତ୍ରୁ କବଳରୁ ! ତେଣୁ ଦୀର୍ଘଦିନ ହେଲା ଦେଶୀ ଓ ପ୍ରବାସୀ ସମସ୍ତେ ସେଇ ଏକମାତ୍ର ଉପାୟ ସଂଗରୋଧ ଅବସ୍ଥାରେ ଯେଝା ଯେଝା ସ୍ଥାନରେ ।

ଏହି କରୋନା ଆଶଂକା ଯୋଗୁଁ କିଛିଦିନ ପୂର୍ବରୁ ନିଜ ଜୀବନ ଜୀବୀକା ନେଇ ସବୁବେଳେ ବ୍ୟସ୍ତ ରହୁଥିବା ମଣିଷ ନିକଟରେ ଆଜି ଢେର ସମୟ, ବର୍ତ୍ତମାନର ତାଲାବନ୍ଧ ପରିସ୍ଥିତିରେ । କେଉଁ ଉପାୟରେ ସମୟ ନଷ୍ଟ କରିବ ବାଟ ଖୋଜିପାଉନି, ଅଧିକନ୍ତୁ ମଣିଷ !

ଚାରିମାସ ପାଖାପାଖି ଦିନ – ଚନ୍ଦ୍ରଭାନୁଙ୍କର ବି ଏମିତି କଟିଲାଣି । ହାତରେ ଢେର ସମୟ ଥାଇବି କିଛି କରିବାର ଯୁ ତାଙ୍କଠାରେ ନାହିଁ ।

ସକାଳେ ଫେସବୁକଟା ଘାଣ୍ଟୁ ଘାଣ୍ଟୁ ଚନ୍ଦ୍ରଭାନୁଙ୍କର ନଜର ପଡ଼ିଲା ଏକ ବିଜ୍ଞାପନରେ । ଏଇଟି ଥିଲା ଏକ ପ୍ରତିଷ୍ଠିତ ପ୍ରକାଶକ ସଂସ୍ଥାର ବିଜ୍ଞାପନ । ବିଜ୍ଞାପନରେ ଲେଖାଥିଲା: ବିଶ୍ୱବ୍ୟାପୀ କରୋନା ମହାମାରୀ ପ୍ରେକ୍ଷାପଟ୍ଟରେ ଓଡ଼ିଶାର ପ୍ରତିଷ୍ଠିତ ଲେଖକମାନଙ୍କର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଳ୍ପଗୁଡ଼ିକୁ ନେଇ ପ୍ରଥମ ଓ ଶ୍ରେଷ୍ଠ ଏକ ଗଳ୍ପ ସଂକଳନ ଖୁବ୍ ଶୀଘ୍ର ପ୍ରକାଶିତ ହେବ !

ବିଜ୍ଞାପନଟିକୁ ପଢ଼ିସାରି ଚନ୍ଦ୍ରଭାନୁ ପାଇଗଲେ ତାଙ୍କ ତାଲାବନ୍ଦ ସମୟକୁ ବିନିଯୋଗ କରିବାର ଉପାୟ । ସେ ସଂଗେ ସଂଗେ ବିଜ୍ଞାପନଟିର ନିମ୍ନରେ ପ୍ରଦତ୍ତ ଦୂରଭାଷ ନମ୍ବରରେ ଯୋଗାଯୋଗ କଲେ, ଖୁବ୍ ଉତ୍ସାହପୂର୍ଣ୍ଣ ଭାବନାରେ । ଯଦିଓ ଚନ୍ଦ୍ରଭାନୁ ବହୁ ପୂର୍ବରୁ ସଂସ୍ଥାମୁଖ୍ୟଙ୍କୁ ଭଲକରି ଜାଣିଥିଲେ ତେଣୁ ଫୋନ୍ କରି ସୌଜନ୍ୟତା ଦୃଷ୍ଟିରୁ ତାଙ୍କୁ ନମସ୍କାର ଜଣାଇଲେ ।

'ହାଲୋ, କିଏ କହୁଛନ୍ତି ?' ପଚାରିଲେ ସଂସ୍ଥାମୁଖ୍ୟ ।

'ମୁଁ ଚନ୍ଦ୍ରଭାନୁ କହୁଛି ଆଜ୍ଞା ! ମୟୂରଭଞ୍ଜରୁ । ଭୁବନେଶ୍ୱର ବହିମେଳାରେ ଦେଖା ହେଇଥିଲା । ଓଡ଼ିଆ ସାହିତ୍ୟକୁ ନେଇ କେତେ ଚର୍ଚ୍ଚା ଆଲୋଚନା କରିଥିଲେ ଆମେ ଦୁହେଁ ଏକାଠି... ।'

'ଓଃ ଚନ୍ଦ୍ରଭାନୁ ! କୁହନ୍ତୁ... କେମିତି ମନେପଡ଼ିଲି ମୁଁ ?' ସଂସ୍ଥାମୁଖ୍ୟ ।

'ଆପଣଙ୍କୁ କ'ଣ ଭୁଲି ହେବ ! ବହୁବାର ଭାବିଛି ଫୋନ୍ କରିବି କରିବି ବୋଲି, ହେଲେ ସମୟ ପାଇନି । କେମିତି ଅଛନ୍ତି ?' ପଚାରିଲେ ଚନ୍ଦ୍ରଭାନୁ ।

'ଭଲରେ ଅଛି, ଆଉ ଆପଣ ?' ପଚାରିଲେ ସଂସ୍ଥାମୁଖ୍ୟ ।

'ମୁଁ ବି ଭଲରେ ଅଛି, ବୁଢ଼ା ତ ହେଲିଣି ତେଣୁ ମଝିରେ ମଝିରେ ଦେହ ଖରାପ ରହୁଛି ।' ଉତ୍ତରରେ କହିଲେ ଚନ୍ଦ୍ରଭାନୁ ।

'ଆପଣ ପୁଣି ବୁଢ଼ା !' ଅଟହାସ୍ୟ କରି ହସିଲେ ସଂସ୍ଥାମୁଖ୍ୟ ।

'ବୁଢ଼ା ନୁହଁ, ଆଉ କ'ଣ ? ଆଖିକୁ ଦିଶୁନି, ହାତ ଥରୁଛି, ଜିଭ ସିନା ସୁଆଦ ଖୋଜୁଛି, ହେଲେ ଅଧା ଦାନ୍ତ ମଲେଣି ଆଉ ମାଂସଟିକେ ଚୋବେଇ ଖାଇହଉନି; ତେବେ ବୁଢ଼ା ନୁହଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ କ'ଣ ?' ଥଟ୍ଟାଳିଆ ମିଜାଜ୍‌ରେ କହିଲେ ଚନ୍ଦ୍ରଭାନୁ । ଯଦିଓ ଚନ୍ଦ୍ରଭାନୁ ବୃଦ୍ଧ ନୁହନ୍ତି; ଜଣେ ମଧ୍ୟବୟସ୍କ ଯୁବକ ।

ଚନ୍ଦ୍ରଭାନୁଙ୍କ କଥା ଶୁଣି ବେଶ୍ ହସିଲେ ସଂସ୍ଥାମୁଖ୍ୟ ।

ଉଭୟ ବିଭିନ୍ନ ସ୍ଥିତି, ପରିସ୍ଥିତି ଓ ବର୍ତ୍ତମାନର ସମୟ କାଳକୁ ନେଇ ଖୁବ୍ ଖୋଲାମେଲା ଭାବେ କଥା ଜାରିରଖିଲେ; ବେଶ୍ କିଛି ବେଳ ଯାଏଁ । ଏହି କଥାବାର୍ତ୍ତା ମଝିରେ ନିଜର ଅସଲ ଉଦ୍ଦେଶ୍ୟଟିକୁ କହିବାକୁ ଦୁଇ ଚାରିଥର ଚେଷ୍ଟା ବି କଲେ ଚନ୍ଦ୍ରଭାନୁ, ହେଲେ ସକ୍ଷମ ହେଲେ ନାହିଁ ।

କିଛି ସମୟ ପରେ କଥା ମଝିରେ; 'କାହିଁକି ଫୋନ୍ କଲେ, ଏତେବେଳ ଯାଏଁ କହିଲେ ନି ତ ?' ପଚାରିଲେ ପ୍ରକାଶନ ସଂସ୍ଥାମୁଖ୍ୟ ।

ଏଥର ଟିକେ ଦମ୍ଭ ଆସିଲା ଚନ୍ଦ୍ରଭାନୁଙ୍କ ମନରେ । ଥଙ୍ଗ ଥଙ୍ଗ ହୋଇ ପ୍ରଥମରୁ କଥା ଆରମ୍ଭ କଲେ ।

ଫେସବୁକରେ ଆପଣଙ୍କ ବିଜ୍ଞାପନଟା ପଢ଼ି ଜାଣିଲି, ଆପଣ ବିଶ୍ୱବ୍ୟାପୀ କରୋନା ମହାମାରୀ ପ୍ରେକ୍ଷାପଟ୍ଟକୁ ନେଇ ଏକ ପୁସ୍ତକ ପ୍ରକାଶ କରିବାକୁ ଯାଉଛନ୍ତି; ବେଶ୍ ଖୁସିଲାଗିଲା ।

'ହଁ, ସେଇ କାମରେ ଟିକେ ବିଜି ଅଛି ।' ପ୍ରକାଶନ ସଂସ୍ଥାମୁଖ୍ୟ ତାଙ୍କ ପ୍ରତିକ୍ରିୟାରେ କହିଲେ ।

'ଲେଖା କ'ଣ ସବୁ ଆସିଗଲାଣି ?' ପୁଣି ଚନ୍ଦ୍ରଭାନୁ ପଚାରିଲେ ।

'ହଁ, କିଛି ଆସିଛି – ଆଉ କିଛି ଆସିବାର ଅଛି !' ସଂସ୍ଥାମୁଖ୍ୟ ଚନ୍ଦ୍ରଭାନୁଙ୍କ ପ୍ରଶ୍ନର ଉତ୍ତରରେ କହିଲେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଥର ଉଦ୍ଦେଶ୍ୟଟାକୁ ଆଉ ମୋଡ଼ ମାଡ଼ ନକରି ଚନ୍ଦ୍ରଭାନୁ ପଚାରିଦେଲେ – 'ମୁଁ ଗୋଟେ ଲେଖା ଦେବି !'

ହଠାତ୍ ଗରମ ତେଲରେ ଯେମିତି କିଏ ପାଣି ଛିଞ୍ଚିଦେଲା ଭଳି ସଂସ୍ଥାମୁଖ୍ୟଙ୍କର କଥାର ସ୍ୱର ବଦଳିଗଲା – 'ନା ନା, ଏଥିରେ ସବୁ ବଡ଼ ବଡ଼ ଗାଳ୍ପିକ ସାହିତ୍ୟିକଙ୍କର ଲେଖା ବାହାରୁଛି । ଅମୁକ ଅମୁକ, ସମୁକ ସମୁକ(ଆଠରୁ ଦଶ ଭୁବନେଶ୍ୱରୀଆ)ଙ୍କ ନାଁ' – କହିଗଲେ ସଂସ୍ଥାମୁଖ୍ୟ । ସେଥିରେ ଏମିତି ବି କିଛି ନାଁ ଥିଲା – ଯେଉଁମାନେ ଗାଁରେ ରୁହନ୍ତି, ହେଲେ ଭୁବନେଶ୍ୱରର କୋଉ ଏକ ମିଛ ଠିକଣା ଲେଖନ୍ତି !

ଯେତେ ଉତ୍ସାହ ଓ ବ୍ୟଗ୍ରତାର ସହ ଚନ୍ଦ୍ରଭାନୁ ସଂସ୍ଥାମୁଖ୍ୟଙ୍କ ସହ କଥା ହେଉଥିଲେ, ଆଉ ସେ ଉତ୍ସାହ ତାଙ୍କ କଥାର ସ୍ୱରରେ ଶୁଭିଲା ନାହିଁ ଏଥର । ସଂସ୍ଥାମୁଖ୍ୟ ତଥା ବହିର ସଂପଦକଙ୍କ ସହ କଥୋପକଥନକୁ ଆଉ ବେଶି ସମୟ ଯାଏ ଚାଲୁ ରଖିବାକୁ ବି ଉଚିତ୍ ଭାବିଲେନି ଚନ୍ଦ୍ରଭାନୁ । ବୁଝିଗଲେ ନିଜକୁ ନିଜେ: ସିଏ ବଡ଼ ସାହିତ୍ୟିକ ନୁହନ୍ତି ! ରାଜଧାନୀରେ ନୁହେଁ, ସେ ଗାଁରେ ରୁହନ୍ତି !

ଗୋବିନ୍ଦପୁର, ଛତିଆ, ଟାଙ୍ଗୀ, କଟକ-୭୫୪୦୨୩

ମୋ: ୯୮୩୭୦୧୫୪୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଟୋପାଏ ସିନ୍ଦୁର

ନିଜ କାନିରେ ବିମଳା ସେ ମନ୍ଦିରବେଢାରେ ବସିଥିବା ଫୁଲ ମାଉସୀଙ୍କ ମୁଣ୍ଡରୁ କଳା ପୋଛି ଦେଉଦେଉ ଲୁହଭରା ଆଖିରେ ବୁଢୀମାଉସୀ କହିଚାଲିଥାଏ, "ଏ ପୋଡା କପାଳରେ ଆଉ କି ସୁଖ ଅଛି ଲୋ ଝିଅ, ଅୟରାଣୀ ହୋଇ ମଶାଣୀ ଯିବା ସଭିଙ୍କ କପାଳରେ ନଥାଏ । ଆଜି କି ଦଶ ବରଷ ହବ ଏ ଅଭାଗିନୀ ପୋଡାମୁହଁକୁ ଆରିସିରେ ଦେଖିନି ଯେବେଠୁ ସେ ଚାଲିଗଲେ । କୋଉଠି ହାଣ୍ଡିକଳା ଲାଗିଛି ମୁଣ୍ଡରେ କେମିତି ଦେଖିବି ?" ମନ୍ଦିରପାଖରେ ଥରଥର ହାତରେ ଫୁଲବିକି ସବୁ ବିବାହିତାଙ୍କ ଶୁଭ ମନାସୁଥିବା ଫୁଲମାଉସୀର ଜୀବନର ଦୁଃଖ କେହି ନବୁଝିଲେ ବି ବିମଳା ପଢିପାରନ୍ତି ତାଙ୍କ କୋଟରାଗତ ଆଖିଯୋଡିକର ଇଚ୍ଛା । ବାହାଘରର ମାସଟିଏ ନପୁରୁଣୁ ବିମଳାଙ୍କ ସ୍ୱାମୀ ପକ୍ଷାଘାତ ରୋଗରେ ପୀଡିତ ହୋଇଯିବାପରେ ବି ସେ ଦମ୍ଭ ନହରେଇ ଜୀବନ ଯୁଦ୍ଧରେ ଲଢିଚାଲିଛନ୍ତି । ସିଲେଇ କରି ପିଲାଙ୍କୁ ଟ୍ୟୁସନ୍ କରି ସ୍ୱାମୀଙ୍କ ଔଷଧ ଓ ପରିବାର ଚଳେଇବା ଖର୍ଚ୍ଚ ତୁଲାଉଛନ୍ତି । ମା ବୁଢୀ ନାହାକାଣୀଙ୍କ ଉପରେ ତାଙ୍କର ଅଖଣ୍ଡ ବିଶ୍ୱାସ । ବିମଳା କେତେ ବଡଘରର ଝିଅ... କେତେ ବିଳାସବ୍ୟସନରେ ବଢିଥିଲେ ସେ । ଘରଲୋକ ଯେତେ ବୁଝେଇଲେ ବି ପୁନର୍ବିବାହ କରିନାହାନ୍ତି କି କାହାରି



ଜନ୍ମଜୟ ନାୟକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସାହାଯ୍ୟ ଚାହିଁନାହାନ୍ତି । ଆଜି ସାବିତ୍ରୀ ଓଷାରେ ସ୍ୱାମୀଙ୍କ ଶୁଭମନାସି ପୂଜାକରିବାକୁ ଧାଇଁଆସିଛି ସେ । ଏଇ ମନ୍ଦିରର ଦେବୀ ଓ ଫୁଲମାଉସୀ ବିମଳାଙ୍କ ସଂଘର୍ଷର ମୂକସାକ୍ଷୀ । ଫୁଲମାଉସୀକୁ ଆଶୀର୍ବାଦ ମାଗି ଜୁହାର ହଉହଉ ମାଉସୀ  କାନ୍ଦିକାନ୍ଦି କହିଉଠିଲା, "ଅହିଂସୁଲକ୍ଷଣୀ ହୋ ଲୋ... ପାକଲା ବାଳରେ ସିନ୍ଦୂର ନାଆ । ଅଭିଆଡୀ ଜନମ ବାପଘରେ ଛାଡି ସିନ୍ଥିରେ ସିନ୍ଦୂର ଭରି କନକ ଆଞ୍ଜୁଳି ଧରି ଶାଶୁଘର ଆସିବା ପରେ ଜୀବନର ଅଙ୍କ ମିଶିଯାଏ ସ୍ୱାମୀ ସହ । ଟୋପାଏ ସିନ୍ଦୂର ଆଣିଦିଏ ଜୀବନର ପୂର୍ଣ୍ଣତା । ଝିଅ ତୋ ପତିବ୍ରତା ଭକ୍ତି ତୋତେ ସୋଭାଗ୍ୟବତୀ କରେଇବ ଲୋ । "

...ଏହା ମଧ୍ୟରେ ବିତିଯାଇଛି କୋଡିଏ ବର୍ଷ । ସମୟର ସ୍ରୋତ ବଦଳାଇ ଦେଇଛି ସବୁକିଛି । ମାଆ ବୁଢୀନାହାକାଣୀ ଅଛନ୍ତି ସତ ହେଲେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ ହୋଇ ବହୁତ ଉନ୍ନତି ହୋଇଛି । ଆମ୍ବଗଛଡାଳୁ କୋଇଲିର କୁହୁକୁହୁ ଶୁଭୁନି କି ଫୁଲମାଉସୀ ବି ଆସି ବସୁନି । ବିମଳାଙ୍କ ସେବାଶୁଶ୍ରୂଷା ଓ ଭକ୍ତି ପାଖେ ପକ୍ଷାଘାତ ରୋଗ ବି ହାର ମାନିଛି । ହେଲେ ବୟସର ଅପରାହ୍ଣରେ ଉପନୀତ ସରୋଜଙ୍କ ପାଖେ ପରିବାର ଭରଣପୋଷଣ ପାଇଁ ଖଟିବାକୁ ବଳ ନାହିଁ । ଦୁଃଖଦାରିଦ୍ର୍ୟର କଷଟିପଥରରେ ପେଷି ହୋଇହୋଇ ଲୋଚାକୋଚା ଚମ ଆବରଣରେ ବି ବିମଳା ନାଲି ସିନ୍ଦୂର ମଥାଏ ନାଇ ପରଘରେ କାମକରି ପେଟ ପୋଷୁଛି । ନିଃସନ୍ତାନ ଦମ୍ପତି ଭାବେ ବେସାହାରା କି ଅସହାୟ ହୋଇପଡିନାହାନ୍ତି ସେମାନେ । ଏତେ ଦଃଖଦୁର୍ଦ୍ଦଶା ଭିତରେ ବି ନିଜ ବାର୍ଦ୍ଧକ୍ୟ ଭତ୍ତା ଟଙ୍କାକୁ ପାଖ ଅନାଥାଶ୍ରମ ପିଲାଙ୍କ ପାଇଁ ଦେଇଆସନ୍ତି । ସେମାନଙ୍କୁ କିଛି ଖୁଆଇ ତାଙ୍କ ହସଖୁସି ଦେଖି କୁଆଡେ ବିମଳାଙ୍କୁ ପରମ ଆତ୍ମସନ୍ତୋଷ ମିଳେ । ବିମଳାଙ୍କ ମା' ପଣିଆ ଆଜିର ସମାଜ ପାଇଁ ଏକ ଉଦାହରଣ । ବିମଳା କୁହନ୍ତି, "କିଏ କହିଲା ମୁଁ ବାଞ୍ଝ ? ମୋର ପରା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଶ୍ରମରେ କେତେ ପୁଅ ଝିଅ... କିନ୍ତୁ ନିଜ ମସ୍ତକ କର୍କଟ ରୋଗକୁ ଲୁଚେଇଲୁଚେଇ ବିମଳା ଆଜି ଶେଷ ସୋପାନରେ ପହଁଚିଛି ।

ସମୟ ପ୍ରାୟ ଦିନ ୧୧ଟା । ବିମଳା ଘରର ଦରଜା ଏଯାଏ ଖୋଲିନି । ସାଇପଡିଶା ଲୋକେ କେତେ କଣ ଭାବି ଶେଷକୁ କବାଟ ଭାଙ୍ଗି ଯାହା ଦେଖିଲେ ଆଖିରେ ଲୁହ ରହିଲାନି । ସରୋଜଙ୍କ କୋଳରେ ମୁଣ୍ଡରଖି ଶେଷ ନିଃଶ୍ୱାସ ତ୍ୟାଗ କରିଛି ବିମଳା । କାନ୍ଦିକାନ୍ଦି ପଥର ପାଲଟି ଯାଇଛନ୍ତି ସରୋଜ । "ଅୟରାଣୀ ହୋଇ ଟୋପାଏ ସିନ୍ଦୂର ଦିପଟ ଶଙ୍ଖା ନେଇ ମଶାଣୀ ଯିବାକୁ କହୁଥିଲା ସବୁବେଳେ... ମୁଁ ସ୍ୱାମୀ ହିସାବରେ ଖଣ୍ଡେ ଦାମି ଲୁଗା କଣି ଦେଇପାରିନି ବୋଲି କେବେ ମନ ଦୁଃଖରେ ଥିଲେ... ସେ କହୁଥିଲା ଶଙ୍ଖାସିନ୍ଦୂର ତା ପାଇଁ ଦାମିଗହଣା", ଏତିକି କହି ଭୋ ଭୋ ହୋଇ କାନ୍ଦିଉଠିଲେ ସରୋଜ । ହଠାତ୍ ହୃଦ୍ ଘାତ ହୋଇ ସେ ବି ଟଳିପଡିଲେ । ପବିତ୍ର ବନ୍ଧନର ଦୁଇ ଶୁଆଶାରୀଙ୍କ ମରଶରୀର ମଶାଣୀ ଗଲା । କିଏ ମୁଖାଗ୍ନି ଦେବ ଚିନ୍ତା ପଡିବାବେଳେ ଖବରପାଇ ଅନାଥାଶ୍ରମର ପିଲାମାନେ ପହଁଚି କୋହଭରା କଣ୍ଠରେ ଏକସ୍ୱରରେ କହିଉଠିଲେ, "ଆମ ବାପାମାଆଙ୍କୁ ଆମେ ମୁଖାଗ୍ନି ଦେବୁ ।"

ମଶାଣି ନିଆଁରେ ଗୋଟେ ପବିତ୍ର ପ୍ରେମ ଯୁଗ ଅବସାନ ହେଲା ସତ କିନ୍ତୁ ଟୋପାଏ ସିନ୍ଦୂର ମହତ୍ୱ ସଭିଏଁ ବୁଝିଲେ । ସରପଞ୍ଚ ଓ ଗ୍ରାମବାସୀ ମିଶି ଗାଁର ନାମ ସିନ୍ଦୂରାଖଣ୍ଡ ରଖିଲେ ।

ଠିକଣା-ଶିକ୍ଷକ ଚିଲିକା ନୋଡାଲ୍ ହାଇସ୍କୁଲ୍ କୃଷ୍ଣପ୍ରସାଦ ପୁରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଚୋପାଛଡ଼ା କଥା

ଏମିତି ହୁଏ ସାଙ୍ଗ ମେଳରେ କେହି ଯଦି କଥାଟିକୁ ଘୋରେଇ ଫେରେଇ କହେ, ସଭିଏଁ ଏକ ହେଇ ଚିଲ୍ଲେଇ ଦିଅନ୍ତି: ଧେତ୍, ଚୋପାଛଡା କଥାଟା କହନା ଆଉ । ସାମ୍ନାର ବନ୍ଧୁ ଜଣକ ଏକାଟିଆ ହେଇପଡନ୍ତି ବଡ଼ ଏକ ତାଚ୍ଛଲ୍ୟରେ । ଆକ୍ଷରିକ ଅର୍ଥରେ ସେଭଳି ଏକ କଥାର ସମ୍ମୁଖୀନ ହେଲୁ ଆମେ ଦି ଜଣ- ମୁଁ ଆଉ ମୋର ଜଣେ ସମ୍ପର୍କୀୟ ।

ଆମେ ଯାହାଟା ବି ଆଲୋଚନା କଲୁ ତା' ଏହିପରି । ଏହି କଥାବାର୍ତ୍ତାରେ ଏମିତି ଏକ ସିଦ୍ଧାନ୍ତ ଭରି ରହିଛି ଜାଣି ଆମେ ଖୁବ୍ ହସିଥିଲୁ ।



ସଞ୍ଜୀବ କୁମାର ଦାସ

ଗଲା ଅଗଷ୍ଟ ମାସ ପ୍ରଥମ ସପ୍ତାହ । କରୋନା କଟକଣା ଚାରି ପାଞ୍ଚ ମାସ ପରେ ଟିକିଏ କୋହଳ ହେଇଥାଏ । ବଡ଼ ମାମୁଙ୍କ ବଡ଼ପୁଅ ପାଖରୁ ଫୋନ୍ ଆସିଲା ଆମ ଆଡେ ଭେରେ ମାରି ଦେଇ ଯାଉନୁ । କରୋନା ଭୟରେ ଇଚ୍ଛା ନଥିଲେ ବି ହଁ ଟିଏ ମାରିଲି କାଲି ସକାଳେ ଯିବି । ଭାଇନା ଆମର ପ୍ରାୟ ପଇଁତିରିଶ ବର୍ଷ ଶିକ୍ଷକତା କରି ଗଲାବର୍ଷ ମାର୍ଚ୍ଚରେ ଅବସର ନେଇଛନ୍ତି । ଏମ ଏ (ଇଂରାଜୀ) ଏମ ଇଡି । ପ୍ରଧାନ ଶିକ୍ଷକ ପଦରୁ ଅବ୍ୟାହତି ନେବା ଆଗବର୍ଷ ଜଣେ ଆଦର୍ଶ ଶିକ୍ଷକ ଭାବେ ରାଜ୍ୟପାଳଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦ୍ୱାରା ପୁରସ୍କୃତ ହୋଇଛନ୍ତି । ଘର ଭଦ୍ରକର ଗୁଆମାଳ । କଟକରେ ଏବେ ରହୁଛନ୍ତି ।

ମୋ ପାଖାପାଖି ।

ପରଦିନ ରବିବାର । କାର୍ଯ୍ୟକ୍ରମ ମୁତାବକ ପ୍ରାୟ ଦଶଟା ବେଳକୁ ବାହାରି ପଡ଼ିଲି । ହାତରେ ଝୁଲା ଦିଟି । ଫେରିଲା ବେଳକୁ ଯଦି ହେବ କିଛି ପନିପରିବା ନେଇ ଆସିବି । ଏଣେ ଘରୁ ସତର୍କ ଘଣ୍ଟି: ଜଲ୍‌ଦି ଆସିବ, କରୋନା କଥା, ଆଗ ପନିପରିବା ଧରି ଚାଲିଯିବ, କ'ଣ କଥା ବିପଦ କହି ଫେରି ଆସିବ । ଏ ସମୟରେ ଗୃହ ମନ୍ତ୍ରାଳୟର ସମସ୍ତ ନିର୍ଦ୍ଦେଶାବଳୀ ଅବଶ୍ୟ ପାଳନୀୟ ।

ସ୍କୁଟିଟିକୁ ଧରି ଚାଲିଲି ମାର୍କେଟ । ରବିବାର ସକାଶେ ଭିଡ଼ କାରଣ କରୋନା କଟକଣାରେ ସାମାନ୍ୟ କୋହଳ । ସଭିଏଁ ତୁଣ୍ଡି ବାନ୍ଧିଛନ୍ତି ମୁହଁରେ, ହେଲେ ଫିଜିକାଲ ଡିଷ୍ଟାନସିଂରେ ଟିକିଏ ଊଣା । ଚିଠା ଅନୁସାରେ ଥଳି ଭର୍ତ୍ତିକରି ଚାଲିଲି ଭାଇନାଙ୍କ ଘର ଅଭିମୁଖେ ।

ହାଟରୁ ଦି ମିନିଟ୍‌ର ରାସ୍ତା । ପହଞ୍ଚି କଲିଙ୍ଗ ବେଲ୍ ଟିପନ୍ତେ, ନୂଆବୋଉ (ଭାଉଜଙ୍କୁ ଆମେ ସେଇ ନାଁ ରେ ଡାକୁ । ସେ ସବୁବେଳେ ନୂଆ) ବେଗି ବେଗି ଦାଣ୍ଡକୁ ଆସି ମେନ୍ ଗେଟ୍ ଖୋଲିଲେ । ନମସ୍କାର ଜଣାଇଲି । ହାତରେ ତାଙ୍କର ସାନିଟାଇଜର ବୋତଲ । କରୋନା ପ୍ରୋଟୋକଲ ମାନି ଘରେ ପ୍ରବେଶ କଲା ଉତ୍ତାରୁ ଦେଖିଲି ଭାଇନା ମୋର କଣ ଗୋଟେ ବଡ କାମରେ ମାତିଛନ୍ତି । ପାଖରେ ଖବରକାଗଜ ଖଣ୍ଡିଏ । ଛୋଟ ଗିନାଟିଏ ବି । କାଗଜ ଉପରେ କୁଢା ହେଇଛି ମଞ୍ଜି । ଦୂରୁ ଦଣ୍ଡବତ କରି ପଚାରିଲି, ଦେହପା ସମସ୍ତଙ୍କର ଭଲ ତ ? ଏଠି ଏ କଣ ଚାଲିଛି ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ପାଟି ବାରି ସେ ମୋତେ ଅନେଇଲେ ଏବଂ କହିଲେ, ସବୁ ଠିକ୍, ସମସ୍ତେ ଠିକ୍, ହେଲେ ମୁଁ ଏଠି ଫସି ଯାଇଛି, ଶଙ୍କର ।

ମାନେ ? ମୁଁ ଅଗତ୍ୟା ପଚାରିଲି ।

କହିଲେ, ଲୁଲୁ (ତାଙ୍କ ବଡ ପୁଅ) ଗଲା ସପ୍ତାହରେ ଭଦ୍ରକ ଯାଇଥିଲା ତା କାମରେ । ରବି(ତାଙ୍କ ସାନ ଭାଇ) ଚାରି ପାଞ୍ଚଟା ପାକଳ କଖାରୁ ପଠାଇଛି । ତୋ ନୂଆବଉ କାଲି ଦିଟା କାଟି ପକାଇଥିଲା । ପାଖପଡିଶାଘରେ କିଛି ଦେଇଥିଲା । କଖାରୁ ଦିଟାରୁ ପୁଳାଏ ମଞ୍ଜି । ଲୁଲୁ WhatsApp ରୁ ପଢି କହୁଥିଲା କଖାରୁ ମଞ୍ଜି କୁଆଡେ ଭାରି ଉପକାରିଆ, ଦେହ ପାଇଁ । ତା ଛଡା ମଞ୍ଜିକୁ ତେଲରେ ଭାଜି ଲୁଣସହିତ ଖାଇଲେ ଭାରି ସୁଆଦିଆ । ସେଥିପାଇଁ ଚୋପା ଛଡ଼ାଇବାରେ ଲାଗିପଡିଛି ।

ଓଃ, ଗୁଆମାଳ ବୋଇତାଳୁ, ଭାରି ସୁଆଦିଆ କୁଆଡେ, ମୁଁ ଶୁଣିଛି ।

ହେଲେ, ମଞ୍ଜିଗୁଡା ଏମିତି ଅଲଗା ଅଲଗା କୁଢରେ କାହିଁକି ? ମୁଁ କୌତୁହଳ ବଶତଃ ପଚାରିଲି ।

କହିଲେ, ତୋ ନୂଆବୋଉର ଆଦେଶ ସବୁ ମଞ୍ଜିର ଚୋପା ଆଜି ହିଁ ଛଡାଯାଇ ପାରିଲେ ସେ ଭାଜି ରଖିଦେବ ଏକାସାଙ୍ଗରେ । ହେଲେ ଏତେ ସବୁ ମଞ୍ଜିକୁ ଛଡ଼ାଇବାକୁ ଆରମ୍ଭ କଲାବେଳେ ମୋ ମନକୁ କଥାଟିଏ ଆସିଲା, ଗୋଟି ଗୋଟି କରି ପୂରା କୁଢରୁ ଏହାକୁ ଛଡାଇଲେ ମୁଁ ବୋର ହେଇଯିବି, କାରଣ ମୋତେ ସବୁ କରାଇବାକୁ ପଡ଼ିବ । ସେଥିପାଇଁ ସବୁ ମଞ୍ଜିକୁ ଛ'ଟା ଅଲଗା ଅଲଗା କୁଢରେ ଭାଗ କରିଦେଇଛି । ତୁ ଫୋନ୍ କରି ଆଜି ଆସିବା ବେଳେ ମୁଁ ଗୋଟେ ଛୋଟ କୁଢରୁ ଚୋପା ଛଡେଇ ସାରିଥିଲି, ଏଇ ଦେଖ ଚୋପା ଆଉ ମଞ୍ଜି ଅଲଗା ଅଲଗା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ କହିଲି, ବଢିଆ ଆଇଡିଆ । ପାଇଲ କେଉଁଠୁ ଭାଇନା ?

କହିଲେ, ମୋର କଥାଟିଏ ମନେଅଛି । ହେଡମାଷ୍ଟରଙ୍କ ଦାୟିତ୍ୱ ସମ୍ଭାଳିବା ସମୟରେ ମୋତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋଜେକ୍ଟ କାମକୁ ମୋର ସହକର୍ମୀଙ୍କ ସହିତ ଖୁବ୍ କମ୍ ସମୟରେ ସାରିବାକୁ ନିର୍ଦ୍ଦେଶ ଥିଲା । ସେତେବେଳେ ସେ କାମଟିକୁ ମୁଁ ସେହି ସହକର୍ମୀଙ୍କ ମଧ୍ୟରେ ବାଣ୍ଟି ଦେବାରୁ ତାହା ଠିକ୍ ସମୟରେ ସୁରୁଖୁରରେ ସରିଯାଇଥିଲା । ସେହି ଫର୍ମୁଲା ଆଜି ଏଇଠି ଲଗେଇଦେଇଛି । ମୋର ଦୁଇ କୁଢ ଆଉ ତୋ ନୂଆବୋଉ ଏବଂ ଲୁଲୁର ବି ଦୁଇ ଦୁଇ ଭାଗ । ମୁଁ ଆରମ୍ଭ କରି ଦେଇଛି, ସେମାନେ ଆସିଗଲେ ସଅଳ ସରିଯିବ ।

ହୁଆଟ୍ ଏ ଫାଣ୍ଟାଷ୍ଟିକ ଆଇଡିଆ, ଭାଇନା ?

ବଡ଼ ମାଷ୍ଟ୍ରେଙ୍କ ଛୋଟ ମୁଣ୍ଡରେ ଏବେ ବଡ଼ ମ୍ୟାନେଜମେଣ୍ଟ ଆଇଡିଆ ! !

ମାନିଗଲି ଭାଇନା, ୟୁ ଆର ରିଅଲି ଗ୍ରେଟ୍ ।

ଏହା ଭିତରେ ନୂଆବୋଉ ଗରମ ଗରମ ଚା' ଦି କପ୍ ଆଉ ପ୍ଲେଟରେ ନମକିନ୍ ବିସ୍କିଟ୍ ରଖି ଦେଇଥିଲେ ।

ଚା' ପର୍ବପରେ ମୁଁ ଉଠି ବାହାରକୁ ଆସିବାକୁ ଉପକ୍ରମ କରିବାକୁ ଗଲାବେଳେ ଘରୁ ଓଜନଦାର ଫୋନ୍ ଟିଏ, ଘରୁ ସେଇକାଲୁ ଯାଇଛ ଯେ ଫେରିବାର ନା ଗନ୍ଧ ନାହିଁ ! ତା ଛଡା କରୋନା ସମୟରେ ଘର ବାହାରେ ଏତେ ସମୟ !

ସେପଟରୁ ସନ୍ଦେଶ ବୋଧେ ଥିଲା, ଯଦି ରୁହ ଘରୁ ବାହାର, ତେବେ କରୋନା ଅନ୍ଦର ! ମୁଁ ଜଲଦି ଆସିବାକୁ ସ୍କୁଟି ଷ୍ଟାର୍ଟ କରନ୍ତେ, ଭାଇନା ପାକଳ ଗୁଆମାଳ ବୋଇତାଳୁଟିଏ ମୋ ପରିବା ଥଳିରେ ରଖିଦେଇ କହିଲେ, ମଞ୍ଜି ଖାଇବାର ମଜା ଯଦି ନେବାକୁ ଚାହୁଁଛୁ ଚୋପା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛଡେଇବାକୁ ହେବ, ମିଳିମିଶି ।

ମୁଁ ଭାବୁଥିଲି, ସତେ ମ୍ୟାନେଜମେଣ୍ଟର କେତେ ବଡ ଅଧ୍ୟାୟଟେ ଅତି ସହଜରେ ବୁଝେଇଦେଲେ ମୋ ଭାଇନା !

ଆହୁରି ମନେ ମନେ କହୁଥିଲି ପତ୍ନୀଙ୍କ ଉଦ୍ଦେଶ୍ୟରେ, 'ଚୋପା ଛଡା କଥା' କଥାରେ ନୁହଁ, କାମରେ ଖୁବ୍ ଲାଗିବ କାରଣ ଏହା ଭିତରେ ଯେଉଁ ଗୂଢ ଫର୍ମୁଲା ନିହିତ, ତାକୁ ମୁଁ ତ କିଛିଟା ଶିଖିଲି, ତମକୁ କଣିଚାଏ ଶିଖିବାକୁ ହେବ ।

ସିଡିଏ,କଟକ ।

୬୩୭୧୬୧୯୦୦୫

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାଗଳ

ନୟାଗଡ଼ ଜିଲ୍ଲାର କୁତୁରି ଗାଁ ଭାରି ସୁନ୍ଦର ପରିବେଶ । ସେହି ଗାଁରେ ମୋର ଅତି ଘନିଷ୍ଠ ବନ୍ଧୁ ରାଜିବର ଘର । ଏହା ସାତକୋଶିଆ ବ୍ୟାଘ୍ର ପକଳ୍ପ ଅଧୀନରେ ଏହି ଗାଁଟି ରହିଛି ଅଭୟାରଣ୍ୟ ମଧ୍ୟରେ । ସମ୍ମୁଖରେ ମହାନଦୀ ବହି ଯାଇଛି ଯାହା କୁମ୍ଭୀମାନଙ୍କର ଚଳ ପ୍ରଚଳ ବେଶୀ । ଏହା ଗଣିଆ ବ୍ଲକ ଅଧୀନରେ ଆସୁଚି । ଏହାର ପରିବେଶ ଭାରି ଭଲ ମୁଁ ପ୍ରାୟ ସମୟ ରାଜିବ ଘରକୁ ଯାଇ ଦୁଇ ତିନି ଦିନ ରହି ଆସେ । ନୟାଗଡ଼ କଲେଜ୍ ରେ ପଢ଼ିଲା ବେଳେ ଆମେ ରାଜିବର ମୋର ସମ୍ପର୍କ ।



ସରୋଜ କୁମାର ଜେନା

ସନ୍ଧ୍ୟା ସମୟ ଗାଁମୁଣ୍ଡ ପେଣ୍ଡାଲଠିକୁ ଯାଇ ବସିବା ପାଇଁ ମୋତେ ଡାକି ନେଲା ରାଜିବ । ବହୁତ ଦିନ ପରେ ଯାଇଥାଏ ତାଙ୍କ ଗାଁକୁ । କିନ୍ତୁ କେବେ ସେହି ପେଣ୍ଡାଲ ଆଡେ ବସି ନଥିଲି । କିନ୍ତୁ ମୁଁ ରାଜିବକୁ କହିଲି ସିଆଡ଼େ ଯାଇ କଣ କରିବା । ରାଜିବ କହିଲା ତୁ ଜାଣିନୁ । ଗାଁର ଖଟି ନିଆରା । ଆଉ ଏମିତିରେ ସେଠି ଉପରବୋଲା ମହାନଦୀ ପଟୁ ଭଲ ପବନ ବହେ । ମୁଁ ଏହା ଶୁଣି ଖୁସି ହେଇଗଲି । କହିଲି ହଉ ଚାଲ ଯିବା । ଗଲା ବେଳେ ଏକ ଦୃଶ୍ୟ ଦେଖିଲି ।

ଜଣେ ବୟସ୍କ ଯଦିଓ ବେଶୀ ନୁହଁ ତଥାପି ୩୨ ପାଖା ପାଖି ହେବ । ମୁହଁରେ ପ୍ରବଳ ଦାଢ଼ି । ଦେହରେ ଛିଡ଼ା ପ୍ୟାଣ୍ଟ ଆଉ ସାର୍ଟ ପିନ୍ଧି ମନକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନ ଇଂରାଜୀରେ କିଛି କହି ଦେଇ ଯାଉଥାଏ । ଆଉ ହାତରେ ଗୋଟିଏ କାଗଜଟିକୁ ଧରି ଛାତିରେ ଯାପି କାନ୍ଦୁଥାଏ ମଧ୍ୟ । ମୁଁ ତାହାର ଇଂରାଜୀ ଶବ୍ଦ ଉଚ୍ଚାରଣ ଶୁଣି ଆଚମ୍ବିତ ହୋଇ ଯାଇଥିଲି । ସଙ୍ଗେ ସଙ୍ଗେ ରାଜିବକୁ ପଚାରିଲି ଆରେ ରାଜିବ ଇଏ କିଏ କିରେ ?

ରାଜିବ କହିଲା ଆରେ ଇଏ ଆମ ରାଉତ ସାହିର ଧୁସା ରାଉତର ପୁଅ ସନ୍ତୋଷ ଭାଇ କିନ୍ତୁ ପାଗଳ । ଜଣେ ଗରିବ ପରିବାରର ପୁଅ ଜଣେ ଉଚ୍ଚ ଶିକ୍ଷିତ । ଅର୍ଥନୀତିରେ ନୟାଗଡ଼ କଲେଜ୍ ରୁ ସ୍ନାତକ ପାସ୍ କରିଛନ୍ତି । କିନ୍ତୁ ମୁଁ ପଚାରିଲି ଏମିତି ସେ କେମିତି ହେଲେ । ରାଜିବ କହିଲା ସେ କଥା ଛାଡ଼ ମୁଁ ତୋତେ ପଛେ ଏହି ଉପରେ କହିବି ।

କହିଲୁ ହଉ ଚାଲ ଯିବା ।

କିନ୍ତୁ ଦୁଇ ଦିନ ଗଲା ପରେ ହଠାତ୍ ସକାଳ ବେଳା ରାଜିବ ଆଉ ମୁଁ ଗାଁ ମୁଣ୍ଡରେ ଥିବା ଦିନା ସାହୁ ଜଳଖିଆ ଦୋକାନକୁ ଯାଇଥିଲୁ ଜଳଖିଆ ଖାଇବା ପାଇଁ । ସେଠି ଆମେ ଖାଇ ବସିଲା ବେଳେ । ହଠାତ୍ ଏକ ମୋଟର ସାଇକେଲରେ ଦୁଇ ଜଣ ଆସି ମିଠା କିଣିବା ପାଇଁ ପହଞ୍ଚିଲେ । ଜଣେ ସୁନ୍ଦର ଯୁବକ ଆଉ ଜଣେ ତାଙ୍କ ସ୍ତ୍ରୀ ।

ଠିକ୍ ଏହି ସମୟରେ ପାଗଳ ସନ୍ତୋଷ ଭାଇ କେଉଁଠି ଥିଲେ ଆସି ଅତି ଓହଳ ବିକଳ ହୋଇ ସେ ବ୍ୟକ୍ତି ଜଣକୁ କହିଲେ, କ୍ୟାନ ୟୁ ହେଲ୍ପ ମି ? ସଙ୍ଗେ ସଙ୍ଗେ ସେ ବ୍ୟକ୍ତି ଜଣକ ତାଙ୍କ ସ୍ତ୍ରୀଙ୍କୁ ପଚାରିଲେ ଆରେ ଇଏ କିଏ । ତାଙ୍କ ସ୍ତ୍ରୀ କହିଲେ ହେ ତା କଥା ଶୁଣନା ଏଇଟା ଗୋଟେ ପାଗଳଟା ।

ତଥାପି ଭୋକ ବିକଳରେ ସନ୍ତୋଷ ଭାଇ କହୁଥାନ୍ତି । ପ୍ଲିଜ୍ ଗିଭ୍ ମି ସମ୍ ଫୁଡ଼ । ଏହା ଶୁଣି ଶେଷରେ କିଛି ଖାଇବା ସେହି ଦୋକାନରୁ ଆଣି ତାକୁ ଦେଲା ବେଳେ ଏହା ଦେଖି କିନ୍ତୁ ତାଙ୍କର ସ୍ତ୍ରୀ ତାର ସ୍ୱାମୀ ହାତରୁ ଛଡେଇ ଫିଙ୍ଗି ଦେଲା ଏବଂ ତୁରନ୍ତ ସେହି ସ୍ଥାନ ଛାଡ଼ି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପକେଇଲେ ।

ଏହା ଦେଖି ଗାଁ ଲୋକ ମାନେ ସେଦିନ କିଛି ଟୁପୁର ଟାପୁର ହେଲେ । ମୁଁ କିନ୍ତୁ କିଛି ବୁଝି ପାରୁନଥିଲି । ଖାଇ ସାରି ଫେରିବା ବାଟରେ ରାଜିବକୁ ପଚାରିଲି ଏହି କଥା । ରାଜିବ କହିଲା ହଉ ଶୁଣୁ ସବୁ କଥା । ଦୁଇ ତିନି ବର୍ଷ ତଳର କଥା । ଯୋଉ ଝିଅକୁ ଦେଖିଲୁ ତାହାରି ପାଇଁ ଆଜି ସନ୍ତୋଷ ଭାଇ ପାଗଳ ହୋଇ ବୁଲୁଛି । କିନ୍ତୁ ସେ ଝିଅ ଆଜି ଆଉ କାହାର ବୋହୂ । ବଡ଼ ଘରର ଝିଅ ତ । କହିବୁ କଣ । ମୁଁ କହିଲି ଆରେ କଣ କହୁଛୁ ଟିକିଏ ଭଲରେ କହ । କିଛି ବୁଝି ହଉନି । ସେଠୁ ରାଜିବ କହିଲା ଶୁଣୁ ନୟାଗଡ଼ କଲେଜରେ ପାଠ ପଢ଼ିବା ସମୟରେ ଏହି ଝିଅ ବି ସେହି କଲେଜ୍ ରେ ପାଠ ପଢୁଥିଲା ସନ୍ତୋଷ ଭାଇର ସୁନ୍ଦରତା ଦେଖି ତାକୁ ପ୍ରେମ ଜାଲରେ ଏହି ଲିପ୍ସା ପକେଇବାକୁ ଚେଷ୍ଟା କଲା କିନ୍ତୁ ଏହି କଥା ସେତେବେଳେ ସନ୍ତୋଷ ଭାଇ ତା ସଙ୍ଗେ ପ୍ରେମ କରିବାକୁ ନାରାଜ ଥିଲେ । କାହିଁକି ନା ଲିପ୍ସା ଘର ଜମିଦାର ଘରର ଝିଅ ଥିଲା । କିନ୍ତୁ ସନ୍ତୋଷ ଭାଇ ବାପା ଜଣେ ଚାଷୀ ଘରର ପୁଅ । ଅଳ୍ପ ବହୁତ ଯାହା ହୁଏ ସୁଖେ ଦୁଃଖେ ଚଳିଯାଆନ୍ତି । ଧିରେ ଧିରେ ଉଭୟଙ୍କ ମଧ୍ୟରେ କିନ୍ତୁ ପ୍ରେମ ହୋଇଗଲା । ବହୁ ପ୍ରତିଶ୍ରୁତି ସେ ଝିଅ ସନ୍ତୋଷକୁ ଦେଲା । କିନ୍ତୁ ସବୁ ଥିଲା ମିଛ । ମୁଁ ପଚାରିଲି ରାଜିବକୁ କେମିତି । ରାଜିବ କହିଲା ମୋ କଥା ସରିନି ଶୁଣୁ, ଏମିତିରେ କିଛିଦିନ ଗଲାପରେ ହଠାତ୍ ଏହି କଥା ସେ ଝିଅ ଘରେ ଏହି କଥା ଜାଣିବାକୁ ପାଇଲେ ଏବଂ ସନ୍ତୋଷକୁ ଗାଳି ଗୁଲଜ କଲେ ତାହାର ବାପା ଆଗରେ । ଏମିତିରେ ତାର ଦୁଇ ଗୁଣ୍ଠ ଜମିକୁ ବି ଛଡ଼େଇ ନେଲା ଲିପ୍ସା ବାପା ସଦାଶିବ ଶର୍ମା । ଏହି କଥାରେ ଭାଙ୍ଗି ପଡ଼ିଲା ସନ୍ତୋଷର ବାପା ଧୁସା ରାଉତ । ଏମିତି ଦୁଃଖ କଷ୍ଟେ ବଞ୍ଚିଲେ । ଧୁସା କହିଲା ମୁଁ ତୋତେ ଏଇଆ କରିବାକୁ କଲେଜ୍ ଛାଡ଼ିଥିଲି । ଦେଖେ ତୁ ସୁଧୁରି ଜା ନଚେତ୍ ସେ ଜମିଦାର ଆମ୍ଭକୁ ଧମକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଇ ଯାଇଛି ନଚେତ ସେ ଆମକୁ ଏହି ଗାଁରୁ ତଡ଼ି ଦେବ ।

ଏହି କଥା ଶୁଣି ମନରେ ପ୍ରବଳ କ୍ରୋଧ ଥାଏ ସନ୍ତୋଷର ତା ବାସୀ ଦିନ କଲେଜ୍ ରେ ଖୋଜି ବୁଲିଲା ଲିପ୍ସାକୁ ଏହି କଥା କହିବା ପାଇଁ । ଖୋଜି ଖୋଜି ଯାଇ ଦେଖେ ତ ଗୋଟେ ଘରେ ଅସଂଜତ ଅବସ୍ଥାରେ ଗୋଟିଏ ପୁଅ ସହିତ ଥିଲା ଲିପ୍ସା ଏହା ଦେଖି ସନ୍ତୋଷ ବହୁତ ଭାଙ୍ଗି ପଡ଼ିଲା ଆଉ ସବୁ କହିଲା ଏହା ଶୁଣି ଲିପ୍ସା କହିଲା ମୁଁ ସବୁ ଜାଣିଛି ମୋତେ ବାପା କହିଛନ୍ତି । କିନ୍ତୁ ଲିପ୍ସା ପାଖରେ ଥିବା ସେହି ପୁଅ ସତ୍ୟ କହିଲା ଆରେ ଇଏ କିଏ । ଲିପ୍ସା କହିଲା ଇଏ ଆମ ଗାଁର ଗୋଟେ ମୂଲିଆ ଘରର ପିଲା । ଏହା ଶୁଣି ସନ୍ତୋଷ କହିଲା କଣ କହିଲ । ଲିପ୍ସା କହିଲା କଣ ସତ କହିଲେ ବ୍ୟାଧି ଯାଉଛି । ସନ୍ତୋଷ କହିଲା ନା ମୁଁ ତୁମକୁ ଦେଖୁଛି ତୁମେ ଏତେ ତଳକୁ ଖସି ଗଲ । ଏହା ଶୁଣି ଲିପ୍ସା କହିଲା ମୁଁ କାମନା ଚାହେଁ । କାମନା ପାଇଁ ସବୁ କିଛି କରି ପାରେ ।

ସେଠୁ ଧିକାର କରି ସନ୍ତୋଷ ଆସିଲା ବେଳେ କହି ଆସିଲା ଶୁଣ ପ୍ରେମ ଏକ ଖେଳଘର ନୁହଁ ହେଲା ମୁଁ ତୁମକୁ ମନ ଦେଇଥିଲି ଏଇଥି ପାଇଁ ।

ଏମିତିରେ କିଛି ଦିନ ଗଲା ପରେ ଚିନ୍ତାରେ ସନ୍ତୋଷ ବାପା ଆର ପାରିକୁ ଚାଲିଗଲେ । ଆଉ ସନ୍ତୋଷ ପୁରା ଭାଙ୍ଗି ପଡ଼ିଲା । ଏପଟେ ଧିରେ ଧିରେ ଲିପ୍ସାକୁ ଝୁରି ଝୁରି ପାଗଳ ହୋଇଗଲା ସନ୍ତୋଷ । ଆଉ କିଛିଦିନ ମଧ୍ୟରେ ଲିପ୍ସାକୁ ଏକ ଧନୀ ଘର ଦେଖି ତାଙ୍କ ଘରେ ବାହାଘର କରିଦେଲେ । ଆଉ ଆଜିବି କିଛି ଲୋକ ସନ୍ତୋଷ ଭାଇକୁ ଦେଖିଲେ ପାଗଳ ବୋଲି ସମ୍ବର୍ଦ୍ଧିତ କରନ୍ତି । ଆଜିବି ସନ୍ତୋଷ ଭାଇର ବୁଢ଼ୀ ମା'ଟା ବହୁତ କଷ୍ଟରେ ତାକୁ ପୋଷିଚି । ଯେଉଁ ବୟସରେ ସନ୍ତୋଷ ଭାଇ ତାର ମା'କୁ ପୋଷିବା କଥା ଏହି ବୟସରେ ସେ ଆଜି ପାଗଳା ପୁଅକୁ ପୋଷୁଚି । କିନ୍ତୁ କଣ ହେବ ଗାଁର ସବୁ ଲୋକ ଜାଣିଛନ୍ତି ସନ୍ତୋଷ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଇ କଣ ଜଣେ ଉଚ୍ଚ ଶିକ୍ଷିତ ହୋଇ ଆଜି ନିଜର ପ୍ରେମ ପାଇଁ ସାଜି ବସିଛନ୍ତି ପାଗଳ ।

ଏହା ଶୁଣି ବହୁତ ମନ ଦୁଃଖ କରିଥିଲି । ଆଉ ମୋତେ ରାଜିବ କହିଥିଲା ଶୁଣୁ ଏଠି ବଡ଼ ଲୋକିଆ ଝିଅଙ୍କ ପ୍ରେମ ସମୟ୍ ବାହିତ ଆଉ କିଛି ଖୁସି କିନ୍ତୁ ପ୍ରତି ବଦଳେ ସନ୍ତୋଷ ଭାଇ ଭଳି ଏମିତି କେତେଯେ ପାଗଳ ହୋଇ ବୁଲୁ ନଥିବେ କିଏ କହି ପାରିବ । ମୁଁ ଶୁଣି କହିଲି ତାହା ନୁହଁ ଆଉ କଣ ।

ବାଲିଝରୀ,ନରସିଂହପୁର,କଟକ

ମୋ - ୯୩୪୮୭୮୩୭୯୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ହୃଦୟ ବେଦନା

ମାଁ... ମାଁ... ମୋର ଆଡ୍‌'ମିସନ୍ ଫିଜ୍ ଦରକାର୍ । କେତେ ଦରକାର୍ ଜାଣିଛୁ, ପୂରା ସାଢ଼େ ସାତ ହଜାର । ନହେଲେ ମୁଁ ପାଠ ପଢିପାରିବିନି । ମାଁ.... ମାଁ.... ମୋ' ଶାଶୁ ଆଉ ନଣନ୍ଦଙ୍କ ପାଇଁ ଏଇଥର ଭାବୁଛି କିଛି ନେଇକି ଯିବି । ଦେଖ୍ ମାଁ ମୁଁ ଆଗରୁ କହି ଦେଉଛି । ମାଁ... ମାଁ... ମୋ' ସାଂଗମାନେ ସମସ୍ତେ ମୋବାଇଲ ଧରିଛନ୍ତି ଆଉ ମୁଁ ଏକା ଖାଲି ହାତରେ । ମୋ' ପାଇଁ ଯେମିତି ହଉ ମୋବାଇଲ୍ ଆଣିଦିଅ । ମାଁ... ମାଁ...ମାଁ....ଏମିତି କେତେ ଯେ ଶବ୍ଦ ଗୁଞ୍ଜରିତ ହେଉଛି, ଏକ ନିରୀହ ବୁଢ଼ୀ ମାଁର କାନରେ । ଯିଏ ଗୋଟେ ଗଛ ତଳେ ବସିଥାଏ ଓ ସେଇ ଗଛରେ ଥିବା ଗୋଟିଏ ଚଢ଼େଇ ମାଁ ତା' କୁନିକୁନି ଚଢ଼େଇ ଛୁଆମାନଙ୍କୁ ଖୁଆଉଥିବାର ଦୃଶ୍ୟକୁ ଚାହିଁରହିଥାଏ । ମନେମନେ ଭାବୁଥାଏ ଏଇ ଚଢ଼େଇ ଛୁଆ ବଡ଼ ହେଲେ କ'ଣ ନିଜ ମାଁ କୁ ଛାଡ଼ି ଚାଲିଯିବେ, ନିଜ ମାଁର ସ୍ନେହ ମମତା, ଭଲପାଇବା ସବୁକିଛି ଭୁଲି ଯିବେ ? ସ୍ୱପ୍ନ, ଆଶା, ଇଚ୍ଛା ଆଜି ଜଣେ ନିରୀହ ମାଁ ଆଖିକୁ ଲୁହ, ପେଟକୁ ଭୋକ, ଶରୀରକୁ ଯନ୍ତ୍ରଣାରେ ଭରିଦେଇଛି । ଦିନେ ଯିଏ ସାହାରା ହେଇ ତ୍ୟାଗ, ସହନଶୀଳ ଓ କର୍ତ୍ତବ୍ୟର ବ୍ରତକୁ ଧାରଣ କରିଥିଲା ଆଜି ସେ ବେସାହାରା । ଜମିବାଡ଼ି, ରାସନ୍ କାର୍ଡ଼, ଭତ୍ତା କାର୍ଡ଼କୁ ସବୁତକ ଖାଇଲୁ । ଏବେ କ'ଣ



ବିଶ୍ୱନାଥ ଭୁଏ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆମକୁ ଖାଇବୁ ? ତୁ ଯାଆ...... ମତେ ଟିକେ ଶାନ୍ତିରେ ରହିବାକୁ ଦେ.... ! ଏଇ ଶବ୍ଦ ଶୁଣିବା ପାଇଁ ମାଁ କ'ଣ ନିଜ ସନ୍ତାନମାନଙ୍କୁ ଜନ୍ମ ଦେଇ ଲାଳନପାଳନ କରିଥିଲା ? ସେଇ ପୁଅ ସେଇ ଝିଅ ଯାହାଙ୍କ ସ୍ୱପ୍ନ, ଆଶା, ଇଚ୍ଛା ପୂରଣ ପାଇଁ ନିରୀହ ମାଁ ଟା ଜମିବାଡ଼ି, ରାସନ୍ କାର୍ଡ଼, ଭତ୍ତା କାର୍ଡ଼ କୁ ବନ୍ଧା ରଖିବା ପାଇଁ ବାଧ୍ୟ ହୋଇଥିଲା, ଆଜି ସେ ବେସାହାରା ଶୁଖିଲା କାଠ ପରି ଦୁଃଖ ସାଗରେ ଭାସି ଭାସି ଚାଲିଛି । ନିଜକୁ ନିଜେ ପଚାରୁଛି କ'ଣ ଦୁନିଆଁରେ ସବୁ ମାଁଙ୍କୁ ଏମିତି ସମ୍ମାନ ମିଳେ ?

ବିଶ୍ୱନାଥ ଭୁଏ
କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ-୯୬୬୮୮୭୮୪୮୮

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ହାଏରେ ମୋବାଇଲ୍ !

"ହଇହେ ଶୁଣୁଛ ! ମୋ କଥା ତମକୁ ଶୁଭୁଚି କି ନାଇଁ ବା ? ମୁଁ ପରା ତମକୁ କିଛି କହୁଛି " .. । ରନ୍ଧାଘରେ ଥାଇ ସୁଉଚ୍ଚ ପାଟିରେ ଡାକ ଛାଡୁଥିଲେ ରଙ୍ଗ ଧର ବାବୁଙ୍କ ସହଧାର୍ମିଣୀ ରଂଗଣି ଦେବୀ । ଏଣେ ଡ୍ରଇଂ ରୁମରେ ଥାଇ ସାର୍ଟ ବୋତାମ ଲଗାଉ ଲଗାଉ ରଙ୍ଗଧର ବାବୁ କହୁଛନ୍ତି, "ହଁ ହଁ ମୁଁ ଶୁଣୁଛି, ତମ ନିନାଦ ମାଧ୍ୟମରେ କାଲର ବି ଶ୍ରବଣ ଶକ୍ତି ଫେରି ଆସିବ, ଘଡଘଡି ବି.. । ସାମାନ୍ୟ ପାଖକୁ ଲାଗିଆସି ରଂଗଣି ଦେବୀ କହିଲେ, "କଅଣ ହେଲା, ମୁଁ ଉଚ୍ଚ ପାଟି କରୁଛି ? ମୁଁ ଘଡ଼ଘଡି .. ? ମନ୍ଦ ହାସ୍ୟ ପୂର୍ବକ ସାନ୍ତ୍ୱନା ଦେଇ ରଙ୍ଗ ବାବୁ କହିଲେ, "ନା ନା ତମେ ମନ୍ଦ ହାସିନୀ, ମଧୁର ଭାସିନୀ । ମୁଁ କହୁ କହୁ ଏମିତି କହିଦେଲି ନା । ହଉ , କଣ କହୁଥିଲ କହ । "



ସତ୍ୟନାରାୟଣ ମିଶ୍ର

"ଘରେ ପରିବା ପତ୍ର କିଛି ନାହିଁ । ତରକାରୀ ନହେଲେ ତମେ କଣ ଖାଇ ଅଫିସ ଯିବ । ଝିଅଟା ତେଣେ ଟିଉସନରୁ ଫେରିବ । କଲେଜ ଯିବ ଖାଇକି । ତମେ ଗଲ, ବଜାରରୁ କିଛି ପରିବା ନେଇ ଆସିବ । ବାବୁ ଘଡି ଦେଖିଲେ ସକାଳ ସାଢେ ଆଠ । ଶୀଘ୍ର ଯାଇ କି ଶୀଘ୍ର ଫେରିବାକୁ ହେବ । କହିଲେ "ହଁ ବେଗଟା ନେଇଆସ । ଆଉ ଟଙ୍କା ବି ।"

ଶ୍ରୀମତୀ ତର ତର ହେଇ ବେଡ଼ରୁମରୁ ଟଙ୍କା ଆଉ ବ୍ୟାଗ ନେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଲେ ।ମନ୍ଦ ହସି କଣେଇ ଚାହିଁଲେ

ବାବୁଙ୍କୁ । କହିଲେ " ହେ , ଟିକେ ଜଲଦି ଫେରିବ ।

ବାବୁ ସାଇକେଲ ନେଇ ଚଟା ପଟ ଚାଲିଲେ ମାର୍କେଟ ।ଭେଣ୍ଡି ବାଇଗଣ ଟମାଟୋ କୋବି ,ସବୁ କିଣି କି ସାଇକେଲ ର ସାମନା ବାସ୍କେଟ ରେ ରଖିଲେ । ସାଗ ଦି ବିଡା ବି କିଣିଲେ ଆଉ ସେ ବାସ୍କେଟ ରେ ରଖିଲେ । ସାଇକେଲ ଚଲେଇବା ପାଇଁ ପେଡଲ ମାଡୁ

ମାଡୁ ହଠାତ ସାର୍ଟ ପକେଟ ରେ

ମୋବାଇଲ ରିଂ ହେଲା । ତ ବାବୁ ନ୍କ୍କ ଅନୁକୂଳ ସେଇ

ଠାରେ ଠପ୍ ।"କିଏ କହୁଛନ୍ତି , ? ମଧୁର କଣ୍ଠ ରେ ଉତ୍ତର ଆସିଲା ।" ମୁଁ ଦୀପା । ବାବୁ ବିରକ୍ତ ହେଇ ପଚାରିଲେ " କଉ ଦୀପା ? ସେଠୁ ନାରୀ କଣ୍ଠ କହିଲା " ମୁ ତମକୁ ପନ୍ଦର ବର୍ଷ ହେଲା ମନେ ରଖିଛି ,ଆଉ ତମେ ମତେ ଭୁଲି ଗଲ ? ମୁଁ ତମ କଲେଜ ମେଟ୍ ଦୀପା ସାମଲ" ।ଏଥର ରଙ୍ଗବାବୁ ଙ୍କ ମେମୋରି ସିନ୍ ଟା ରଙ୍ଗୀନ ହେଇ ଝଲସି ଉଠିଲା ଆଖି ସାମନାରେ ।କଥା ଚାଲିଲା ଯେ ଚାଲିଲା ।ବାବୁ କୁରୁଳି ଉଠୁଥାନ୍ତି ଅତୀତ ର ସ୍ମୃତି କୁ ଆଜି ଫେରି ପାଇ ।ଅନ୍ତରଙ୍ଗ ବାନ୍ଧବୀ କୁ ଫୋନ ରେ ପାଇ ଫେରି ଯାଇଛନ୍ତି ଭାବନା ରାଜ୍ୟର କଲେଜ ପ୍ରାଙ୍ଗନ କୁ । ରାସ୍ତା କଡ଼ ଫୁଲ ଗଛ ତଳେ ଠିଆ ହେଇ କଥା ହଉ ହଉ ଯଉଁ ଖୁସି କହିଲେ ନସରେ । ଏପଟେ ଷଣ୍ଢ ଟିଏ ଆସି ବାବୁଙ୍କ ସାଗ ପରିବା ସବୁ ତକ ଚଳୁ କରି ଦେଲାଣି ହେଲେ ବାବୁ

ସେ ପଟେ ନଜର ନାହିଁ ।

ଝିଅ ମୋନାଲିସା ଟିଉସନ ରୁ ଫେରିବା ବାଟରେ ଦେଖିଲା ବାପା ମୋବାଇଲ ରେ କଥନ ବ୍ୟସ୍ତ ।ଏପଟେ ଷଣ୍ଢ ବାବା ପରିବା ସବୁ ପ୍ରସାଦ ରୂପେ ଗ୍ରହଣ କରି ନେବା ର କର୍ମ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାଣ୍ଡ । ଜୋର ରେ ପାଟି କଲା ସେ ବାପା ବାପା ବୋଲି ।ହେଲେ ବାବୁ ଶୁଣୁ ନାହାଁନ୍ତ

।ପାଖକୁ ଯାଇ ହଲାଇ ବାରୁ ସେ

ଫେରିଲେ ବାସ୍ତବ ରାଜ୍ୟ କୁ ।କହିଲେ " ଆରେ ମା

ମୋନା !, ତୁ ? ଟିଉସନ ରୁ ଫେରୁଛୁ ? ହଉ , ଯିବା ଚାଲ୍ । ଦେଖିଲେ ସାଇକେଲ ସାମନା ବାସ୍କେଟ ରୁ ସାମାନ୍ ସବୁ ଉଭାନ୍ ।ପଚାରିଲେ " ପରିବା ପତ୍ର ସବୁ କୁଆଡେ ଗଲା ରେ ମା ?

ଝିଅ କହିଲା " ,ହେଇ ତମ ମୋବାଇଲ ଖାଇଗଲା

ରଙ୍ଗ ବାବୁ କିଛି ନ ବୁଝିଲା ଭଳି ହା ଆଁ ଟେ କରି ଅନେଇଲେ । ସେଠୁ ମୋନା କହିଲା " ବାପା , ତମେ ମୋବାଇଲ ଧରି କଥା ରେ ଏତେ ମଜ୍ଜି ଥିଲ ଯେ ଷଣ୍ଢ ଆସି ପରିବା ଖାଇଗଲା ଜାଣି ପାରିଲ ନି

ଏମିତି କଣ କଥା ଥିଲା କି ଯଉଁ ଥି ପାଇଁ ତମ ମନ

ଗୋଟାକ ପୁରା ଅପ ହେଇ ଥିଲା ? ବାବୁ ମନେ ମନେ ଲଜ୍ଜିତ ହେଇ ମୋବାଇଲ କୁ ଦୋଷ ଦେଲେ

କହିଲେ " ଏଇ ମୋବାଇଲ ଟା ଆଣିଲି ବୋଲି ଏତେ ଦଶା । ଏଇଟା ନ ଥିଲେ ଏଠି ଅଟକି ଥାନ୍ତି କାହିଁକି , କଥା ହେଇଥାନ୍ତି କାହିଁକି ଆଉ ପରିବା ସବୁ ଷଣ୍ଢ ଖାଇଥାନ୍ତା କାହିଁକି ? ମୁଣ୍ଡରେ ହାତ ଦେଇ କହିଲେ " ହାଏ ରେ ମୋବାଇଲ , ତୁ କଣ ନ କଲୁ ....... ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମା'ର ପାଳି

ଆଲୋ ବୋଉ ତୁ ଆଜି ଆମ ଘରେ ଖାଇବୁ ନା ଭାଇ ଘରେ । ସବୁବେଳେ ତୋତେ ପଚାରୁଥିବୁ ନା କଣ, ତୁ ଗୋଟେ କାମ କର ଏଥର ପାଳି କରିଦେ । କ'ଣ କହୁଛୁ ବିଜୁ କି ପାଳି କଥା କହୁଛୁ ବୋଉ ଟିକେ ଆଶ୍ଚର୍ଯ୍ୟ ହେଇ ପଚାରିଲା । କ'ଣ ମ ବୁଝିପାରୁନୁ ଏଇ ଆମ ସାହି ମହାନ୍ତି ଘର ଦେଖୁନୁ ତାଙ୍କର ତିନି ପୁଅ ଯେ ତାଙ୍କ ବୁଢା ବାପ ଆଜି ସାନ ପୁଅ ଘରେ ଖାଇଲେ କାଲି ମଝିଆ ପୁଅ ଘରେ, ଆଉ ବଡ ପୁଅ ତ ସହରରେ ରହୁଛି, ସେଠି ପୁଣି ଚାରିମାସେ ରହନ୍ତି । ସବୁ କେତେ ସୁନ୍ଦରରେ ଚାଲିଛି କିଛି ଆଉ ଝାମେଲା ନାହିଁ । କାଲି ସେ ମହାନ୍ତି ବୁଢା ଦେଖା ହେଇଥିଲେ ହାଟରେ ପାନ କିଣୁଥିଲେ କହୁଥିଲେ ସହରକୁ ଯିବାକୁ ପଡିବ, ଗାଁରେ ଆଠ ମାସ ବିତିଗଲାଣି, ବଡ ପୁଅ ପାଖରେ ଚାରି ମାସ ଏବେ, ହେଲେ ସେ ଯେଉଁ ଭଳିଆ କୁନ୍ଥେଇକି କହୁଥିଲେ ଯେମିତି ତାଙ୍କ ସହର ଯିବା ପାଇଁ ତିଳେ ମାତ୍ର ଇଛା ନାହିଁ । ହେଲେ ମୁଁ ବି ତାଙ୍କୁ କହିଲି ତୁମେ ତ ତିନିଟି ପୁଅ ଜନ୍ମ କରିଛ କଣ ଯେ ଏତେ ଚିନ୍ତା କରୁଛ, ତୁମକୁ ଦେଖିବାକୁ ତିନି ପୁଅ ଅଛନ୍ତି ସେଥିପାଇଁ ଖୁସି ହୁଅ । କଣ କହୁଛୁ ବୋଉ ଠିକ କହିଲି ନା ? ହଁରେ ବାପ ଖୁସି ନୁହେଁ ଆଉ କଅଣ, ତିନି ଜଣଙ୍କ ପାଖରେ ବାପ ଭାଗ ଯେତେବେଳେ ହେଇଛି ଇଏତ ଖୁସିର କଥା । ତମମାନଙ୍କ ପାଇଁ ତ ନିଶ୍ଚୟ ଖୁସି ର କଥା । ପୂର୍ବ ରୁ ସିନା ସେ ଗୋଟିଏ ବାପା ହୋଇ ଥିଲେ ତାଙ୍କ ତିନି ପୁଅର, ଏବେ କିନ୍ତୁ ଗୋଟିଏ ଶରୀର ସତ କିନ୍ତୁ ତିନୋଟି



ସୁନିତା ପରିଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପା, ତାଙ୍କ ତିନୋଟି ସୁପୁତ୍ର ଙ୍କର, ତାତ୍ସଲ୍ୟ ଭରା ବୋଉ ର କଥା ଥିଲା । କ'ଣ ସବୁ ଇଆଡୁ ସିଆଡୁ ଗପୁଛୁ ଲୋ ବୋଉ ମୁ କିଛି ବୁଝି ପାରୁନି, ମୁ ଯାଏ ସେପଟେ ମୋର ଦୁନିଆ କାମ, ବିଜୁ କହିଦେଇ ଚାଲିଗଲା ତା କାମରେ । ହଁ ରେ ବାପ ତୁ କାଇଁ ବୁଝିବୁ, ଏବେ ମୋର ବୁଝେଇବା ପାଇଁ ଶକ୍ତି ବି ନାହିଁ, ସେ ବେଳ ସରିଯାଇଛି, ଏବେ ତୁମେ ମାନେ ଛୋଟ ନାହଁ, ଆଉ ତୁମର ବିଚାର କରିବା ସମୟ ଆସିଛି । କିନ୍ତୁ ତୁମେ ମାନେ ଏମିତି ବିଚାର ନକର ଯେଉଁଥିରେ ଏଇ ବୁଢା ବୁଢ଼ୀ ମାନେ କଷ୍ଟ ପାଇବେ ଆଖିରୁ ଲୁହ ଝରେଇବେ । ଘରଟା ଭାଙ୍ଗିଗଲେ କି ଭାଗ ହେଇଗଲେ କଷ୍ଟ ସେ ହିଁ ପାଏ ଯିଏ ଘର ଟାକୁ ତିଆରି କରିଥାଏ । ଆଉ ସବୁଠୁ କଷ୍ଟ ସେଇ ଜଣକ ପାଏ ଯେତେବେଳେ ସେ ନିଜେ ଭାଗ ହେଇଯାଏ । ଏଇ ସମସ୍ୟା ଏବେ ଅଧିକାଂଶ ଘରେ ବସା ବାନ୍ଧିଛି । ବୁଢ଼ୀ ମା ଟି ଭାବି ଚାଲିଥାଏ ଥାଏ ଏଇ ସମସ୍ୟା ର ଉତ୍ପତି କେଉଁଠି, ଏଇ ସମାଜ ନା ପରିସ୍ଥିତି ନା ମୋର ଶିକ୍ଷା ନା କୌଣସି ବ୍ୟକ୍ତି ବିଶେଷ, ସେ ଯାହା ବି ହେଉ ମୋର ଆଉ କର୍ତ୍ତବ୍ୟ ନାହିଁ ମୁ ଏବେ ବ୍ୟର୍ଥ ମଣିଷ । ସମସ୍ୟା ଅଛି ମାନେ ସମାଧାନ ନିଶ୍ଚିନ୍ତ, ସମୟ ହିଁ ବୁଝେଇବ ଗୋଟେ ବାପା, ମା ର ମନ କଣ ହୁଏ, କେତେଯେ ସେମାନେ ଛଟପଟ ହୁଅନ୍ତି କିନ୍ତୁ ସେମାନେ ତାଙ୍କ ବିଚଳିତ ମନ କୁ ଚାପି ପିଲାମାନ ଙ୍କ ଖୁସି ରେ ନିଜ କୁ ତ୍ୟାଗ କରନ୍ତି । ବିଭିନ୍ନ ସମାଜ ଭିତରେ ଇଏ ଗୋଟେ ସମାଜ ର ଚିତ୍ର, ଯେଉଁ ଚିତ୍ର କୁ ଦୂରରୁ ଦେଖିଲେ ତାର ମର୍ମ କୁ ବୁଝିଲା ପରି ଲାଗେ । କିନ୍ତୁ ଯେତେ ବେଳେ ଏହି ଚିତ୍ର ଟି ପାଖରେ ରହେ ସେତେବେଳେ ସବୁ ଅବୁଝା ପରି ମନେ ହୁଏ । ମୋର ଏତିକି ଅନୁରୋଧ ସେଇ ପ୍ରଭୁ ଙ୍କ ପାଖରେ ଏଇ ପରିସ୍ଥିତି ରୁ ମୋତେ ଉଦ୍ଧାର କର ପ୍ରଭୁ, ଉଦ୍ଧାର କର ।

ଅତି ଶୀଘ୍ର ଏ ସମାଜ ଏହି ସ୍ୱକୃତ ଅନ୍ଧାରକୁ ଦୂର କରୁ, ସମସ୍ତେ ବୁଝାନ୍ତୁ ଏଇ ପରି ମା'ର କଥା ।

ଅଧ୍ୟାପିକା, ନିଆଳି ମହାବିଦ୍ୟାଳୟ

୯୯୩୮୪୪୪୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୋଉ ଆଉ ତା ନାଲି ଶଙ୍ଖା

"ଶଙ୍ଖା ନେବ ଶଙ୍ଖା ......ଶଙ୍ଖା ନେବ ଶଙ୍ଖା.." । ଏମିତି ଡାକ ମୋତେ ବିରକ୍ତି କରି ପକାଉଥିଲା । ସେଦିନ ମୋର ଅଫିସ ଯିବା ସମୟରେ ଗେଟ ପାଖରେ କାହାର ଚିତ୍କାର ଶୁଣି । ଏପ୍ରିଲ ମାସର ଶେଷ ଆଡକୁ ଆର୍ଥିକ ବର୍ଷର କାମ ସରି ଯାଇ ଥିବାରୁ ଅଫିସର କାମର ଚାପର ବୋଝ କ୍ରମଶଃ କମ ଥାଏ । ତେଣୁ ମାନସିକ ଚାପ କମ ରହିବା ସ୍ୱାଭାବିକ । ରାଜ୍ୟ ବାହାରେ କେହି ଜଣେ ଓଡିଆରେ କଥା ହେଲେ କାହିଁକି କେଜାଣି ଆପେ ଆପେ ଆତ୍ମୀୟତା ମନ ଭିତରେ ସୃଷ୍ଟି ହୋଇ ଯାଏ । ସୁଦୂର ବାଙ୍ଗାଲୋରରେ ଲୋକଟି ଓଡିଆ ଭାଷାରେ ଡାକ ପକାଉ ଥିବାରୁ ତା ପ୍ରତି ସାମାନ୍ୟ ଦୁର୍ବଳତା ମୋ ମନରେ ଆସି ଯାଇଥିଲା । ଗେଟ ନିକଟକୁ ଯାଇଥିଲି ,ଗେଟ ଖୋଲିବାକୁ, ମୋଟର ସାଇକେଲ ବାହାର କରି ଅଫିସ ଯିବା ଉଦ୍ଦେ୍ୟଶରେ । ମାତ୍ର ସେ ଲୋକଟି କହି ପକାଇଥିଲା, "ବାବୁ ମାଆ ଘରେ ନାହାନ୍ତି କି ? ଡାକି ଦିଅନ୍ତୁ ଶଙ୍ଖା ନେବେ" ।



ଗଦାଧର ବଳ

ମୁଁ କବିତାକୁ ଡାକ ପକାଇ ସାରିବା ପରେ କବିତା ସେଠାରେ ପହଞ୍ଚି ସାରିଥାଏ । ଶଙ୍ଖାରୀ ଲୋକଟି କହିଲା "ମାଆ ସାବିତ୍ରି ଆଉ ମାତ୍ର ୫ ଦିନ ରହିଲା । ପ୍ରତି ବର୍ଷ ଶଙ୍ଖା ମୋ ଠାରୁ ନିଅ । ଏବର୍ଷ ତମ ପାଇଁ ଭଲ ନାଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶଙ୍ଖା ଆଣିଛି । ନିଶ୍ଚେ ପସନ୍ଦ ହେବ, ଦେଖେଇବି" । ଲୋକଟି ମୁହଁରୁ ନାଲି ଶଙ୍ଖା କଥା ଶୁଣି ମୋର ମନର ସ୍ମୃତି କାହିଁକି କେଜାଣି ହଠାତ ସତେଜ ହୋଇ ପଡିଲା । ଦଶ ବର୍ଷ ତଳର ସ୍ମୃତି ମୋ ମନକୁ ହଠାତ ଦୋହଲାଇ ଦେଇ ଆନ୍ଦୋଳିତ କରି ପକାଇଲା । କର୍ମ ବ୍ୟସ୍ତତା ଭିତରେ ଦୀର୍ଘ ଦଶ ବର୍ଷ ତଳୁ ଓଡିଶା ଛାଡି ସୁଦୂର ବାଙ୍ଗାଲୋର ସହରରେ ଏକ ବହୁ ରାଷ୍ଟ୍ରୀୟ ଆଇ.ଟି. କମ୍ପାନୀରେ ଉଚ୍ଚ ବେତନରେ ଇଞ୍ଜିନୟର ଭାବେ ଚାକିରି କରୁଛି । ଇତି ମଧ୍ୟରେ ପଦୋନ୍ନତି ମଧ୍ୟ ପାଇଥିବାରୁ ନିଜର କର୍ମ କୁଶଳତା ଯୋଗୁଁ କମ୍ପାନୀ ତରଫରୁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମୋତେ ଅର୍ପଣ କରାଯାଇଛି । କର୍ମବ୍ୟସ୍ତତା ବାହାନାରେ ନିଜର ପାରିବାରିକ ସଂପର୍କକୁ କ୍ରମଶଃ ବହୁ ଦୂରକୁ ଠେଲି ଦେଇ ବାଙ୍ଗାଲୋରର ସେହି କଂକ୍ରିଟ ଜଙ୍ଗଲରେ ଏକ ଚଳନ୍ତି ପଶୁ ପାଲଟି ଯାଇଛି ମୁଁ । ସାଥିରେ ପତ୍ନୀ କବିତା, ୬ ବର୍ଷର ପୁଅ ରାହୁଲ ବି ଅଛନ୍ତି । ପୁଅ ରାହୁଲ ସେଠାକାର ଏକ ଆଭିଜାତ୍ୟ ସମ୍ପର୍ଣ୍ଣ ଇଂରାଜୀ ମାଧ୍ୟମ ସ୍କୁଲରେ ଷ୍ଟାଣ୍ଡାର୍ଡ ଦୁଇରେ ଅଧ୍ୟୟନ କରୁଛି । ବାଙ୍ଗାଲୋରରେ ଅବସ୍ଥାନ ପାଇଁ ବୋଧ ହୁଏ ମୁଁ  ଓଡିଆ ଘରର ପ୍ରାୟ ସବୁ ପର୍ବ ପର୍ବାଣିକୁ ଭୁଲି ଯାଇଛି ।

ଘରର ଗେଟ ନିକଟରେ ଶଙ୍ଖାରୀ ବୁଢାଟା କବିତାକୁ ତାର ମନ ପସନ୍ଦର ନାଲି ଶଙ୍ଖା ସବୁ ଦେଖେଇବା ଆରମ୍ଭ କରି ଦେଇ କହିଲା, "ମାଆ ଏଇ ନାଲି ଶଙ୍ଖା ନିଅ  । ଆମ ଓଡିଶା ତିଆରି । ସାବିତ୍ରୀ ବ୍ରତରେ ପୂଜା ପାଇଁ ଦରକାର ହେବ । ତମ ହାତକୁ ବି ଭାରି ଭଲ ମାନିବ । ପ୍ରତି ବର୍ଷ ଏହି ନାଲି ଶଙ୍ଖା ତମେ ନିଅ ତ  । ତମ ପାଇଁ ହିଁ ଆଣିଥିଲି" । ଏ ନାଲି ଶଙ୍ଖା କଥା କାନରେ ବାଜିବା ମାତ୍ରେ ମନଟା କାହିଁକି କେଜାଣି ଉଦବେଳିତ ହୋଇ ଉଠିଲା । ସ୍ମୃତି ସବୁ ସତେଜ ହୋଇଗଲା । ମନ ଭିତରକୁ ପଶି ଆସିଲା ଦଶ ବର୍ଷ ତଳର ଘଟଣା । ବୋଉ ମୋର ପ୍ରତି ବର୍ଷ ଧଳା ଛିଟା ଫୁଲ ପକା  ନାଲି ପାଢି ଶାଢୀ ଓ ନାଲି ଶଙ୍ଖା ପିନ୍ଧି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାବିତ୍ରୀ ବ୍ରତ କରେ । ସାବିତ୍ରୀ ଦିନ ବାପା ତାକୁ ଶାଢୀ ଆଣି ଦିଅାନ୍ତି । କିନ୍ତୁ ବୋଉ ତା କାଠ ବାକ୍ସରେ ସାଇତି ରଖିଥିବା ସେହି ନାଲି ସୁନା ଶାଙ୍ଖ ଯୋଡାକ କାଢି ଆଣି ପିନ୍ଧି ପୂଜାରେ ବସେ । ଦିନ ଯାକର ନିରୋଳା, ନିର୍ଜଳା, ନିଷ୍ଠାପର ଉପବାସ ପରେ ଠାକୁର ପୂଜା କରେ ଓ ପରେ ବାପାଙ୍କ ପାଦ ଧୋଇ ପାଦୁକା ପାଇବା ପରେ ହିଁ ସାମାନ୍ୟ ଫଳ ଆହାର କରି ସେଦିନ ସନ୍ଧ୍ୟାରେ ଉପବାସ ଭାଙ୍ଗେ । ତା ପରଦିନ ହାତରୁ ସେ ଶଙ୍ଖାକୁ ଓହ୍ଲାଇ ସେହି ମୁଣିରେ ପୁଣି ଭର୍ତ୍ତି କରି କାଠ ବାକ୍ସରେ ରଖିଦିଏ । ସେହି ଦିନ ମୋ ବୋଉ ମାଆ ଲକ୍ଷ୍ମୀ ଠାକୁରାଣୀ ପରି ଚମକୁ ଥାଏ । ଏ ଶଙ୍ଖା ଯୋଡାକ କୁଆଡେ ମୋ ଅଜା ତା ବାହାଘରର ପ୍ରଥମ ସାବିତ୍ରୀକୁ ତାକୁ ଦେଇଥିଲା । ସାବିତ୍ରୀ ଦିନ ସେ ନାଲି ଶଙ୍ଖାକୁ ପିନ୍ଧି ମୋ ବାଉ ବହୁତ ଫୁଲେଇ ଦେଖେଇ ହୋଇ ସାହି ପଡିଶା ସମସ୍ତଙ୍କୁ ଦେଖାଏ । ଶଙ୍ଖା ଯୋଡିକ କୁଆଡେ ତାର ବାପାଙ୍କ ସ୍ମୃତି ବୋଲି କହି ସେ ତାକୁ ସାଇତି ରଖିଛି । ବାପା ଆମ ଗାଁ ପ୍ରାଥମିକ ସ୍କୁଲରେ ଶିକ୍ଷକତା କରି ୫/୬ ବର୍ଷ ହେବ ଅବସର ନେଇଛନ୍ତି । ବାପା ବୋଉଙ୍କର ମୁଁ ଏକମାତ୍ର ସନ୍ତାନ । ମେଟ୍ରିକରେ ଭଲ ନମ୍ବର ରଖି ପାସ କରିବା ପରେ ପାଖ ସହରର ସରକାରୀ କଲେଜରେ ଯୁକ୍ତ ଦୁଇ ବିଜ୍ଞାନରେ ମଧ୍ୟ ଭଲ ମାର୍କ ରଖି ପାସ କଲି । ଆଉ ପରେ ବାପଙ୍କର ଜଣେ ବନ୍ଧୁଙ୍କ ପରାମର୍ଶ କ୍ରମେ ଇଂଜିନିୟରିଂରେ ନାମ ଲେଖାଇବାକୁ ସିଦ୍ଧାନ୍ତ ନେଇଥିଲି । ମାତ୍ର ଆଡମିସନ ପାଇଁ ଆବଶ୍ୟକୀୟ ଟଙ୍କା ବାପାଙ୍କ ପାଖରେ ସେତେବେଳେ ନଥାଏ । ସେ ସମୟରେ ଦୀର୍ଘ ତିନି ମାସରୁ ଅଧିକ ହେବ ବାପା କୌଣସି କାରଣ ପାଇଁ ଦରମା ପାଇ ନଥାନ୍ତି । ପାଖରେ ବି ଘର ଚଳାଇବା ପାଇଁ ଆବଶ୍ୟକୀୟ ଟଙ୍କା ନ ଥାଏ । ପୁଣି ମୋର ଆଡମିସନ ପାଇଁ ଏତେ ଗୁଡାଏ ଟଙ୍କା ଆଣିବେ କେଉଁଠୁ ?

ଏମିତି ମାନସିକ ଚାପରେ ସେତେବେଳେ ବାପା ଥାଆନ୍ତି । ସେଦିନ ଥାଏ ସାବିତ୍ରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ରତ । ବୋଉ ହଠାତ ସେହି ନାଲି ଶଙ୍ଖା ଦୁଇ ପଟ ବାପାଙ୍କୁ ଆଣି ଧରେଇ ଦେଇ କହିଥିଲା ବିକ୍ରି କରି ଟଙ୍କା ଆଣିବା ପାଇଁ । ମାତ୍ର ବାପା ସେତେବେଳେ ଆରାଜି ଥିଲେ କାରଣ ସେ ଶଙ୍ଖା ଦୁଇ ପଟ ବାପା ତାକୁ କିଣି ଦେଇ ନାହାନ୍ତି । ତା ପରେ ସେଦିନ ସାବିତ୍ରୀ ବ୍ରତଟାରେ ସ୍ୱାମୀ ହୋଇ ତାଙ୍କ ଶଙ୍ଖାକୁ କେମିତି ବିକି ଦେବେ ଯେ ! ସିଧା ସିଧା ମନା କରି ଦେଇଥିଲେ ସେ ବୋଉକୁ । ମାତ୍ର ବୋଉର ଗୋଟିଏ ଜିଦ ଏହାକୁ ବିକ୍ରି କରି ଦେଇ ଟଙ୍କା ଆଣି କାମରେ ଲଗାଅ । ପୁଅ ପାଠ ପଢି ଚାକିରି କଲେ ଏମିତି କେତେ ଶଙ୍ଖା ମୋତେ କିଣି ଆଣି ଦେବ ନି ? କିଂକର୍ତ୍ତବ୍ୟମୂଢ ବାପା ସେଦିନ ସବୁ ଆଡୁ ବିଫଳ ହୋଇ ସାହାରା ଖୋଜୁ ଥିବା ବେଳେ,ବୋଉର ଏମିତି କଥାରେ ବାଧ୍ୟ ବାଧକତାରେ ତାର ନାଲି ଶଙ୍ଖାକୁ ବିକି ଦେଇ ତିରିଶ ହଜାର ଟଙ୍କା ଆଣି ମୋର ଆଡମିସନ ପାଇଁ ଆବଶ୍ୟକୀୟ ଟଙ୍କା ଡିପୋଜିଟ କରିଥିଲେ ।  ବାପା ଅନେକ ସମୟ ଧରି କାନ୍ଦିଥିଲେ ବୋଉର ଶଙ୍ଖା ବିକ୍ରି କରିବା ପରେ ପରେ । ଇଞ୍ଜିନୟରିଙ୍ଗ ପାଠ ପଢା ସରିବା ପରେ ପରେ କେମ୍ପସ ସିଲେକସନରେ ମୁଁ ବାଙ୍ଗାଲୋରରେ ଏକ ଆଇ. ଟି. କମ୍ପାନୀରେ ଯୋଗ ଦେଇଥିଲି । ଚାକିରି କରିବା ପରେ ପରେ ୬/୮ ମାସ ଅନ୍ତରରେ  ଥରେ ଦୁଇ ଥର ଗାଁ କୁ ଆସିଛି । ବାପା ଅବସର ନେଇ ଘରେ ରହୁଥିବାରୁ ମାସିକ ପେନସନ ଟଙ୍କାରେ ସେମାନେ ଦୁଇ ଜଣ କଲି ଯାଉଥିବାରୁ ପରିବାର ଚିନ୍ତା ବି କ୍ରମଶଃ ମୋ ଉପରେ ନ ଥିଲା । ତା ପରେ ବାପାଙ୍କ ପେନସନ ଟଙ୍କାରେ ଘର ଚଳି ଯାଉ ଥିବାରୁ ଆର୍ଥିକ ବୋଝ ବି ମୋ ଉପରେ ଆଦୌ କେବେ ପଡି ନାହିଁ ।  ପ୍ରାୟ ୨ ବର୍ଷ ପରେ ସେହି ନିକଟରେ ରହି ଉଚ୍ଚ ଶିକ୍ଷା ନେଉଥିବା କବିତା ସହ ପ୍ରଥମେ ଦେଖା ,ଚିହ୍ନା ପରିଚୟ ପରେ ପ୍ରେମ ଓ ତା ପରେ ବିବାହ ହୋଇ ଯାଇ ଥିଲା ଆମ ଉଭୟଙ୍କର । ମୋର ଏ ବାହାଘର କବିତାର ପରିବାରର ଇଚ୍ଛା ମୁତାବକ ବାଙ୍ଗାଲୋରରେ ହୋଇଥିବାରୁ ଓ ବାପା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋଉଙ୍କୁ ନ ପଚାରି ମୁଁ ନିଜେ ବିବାହ ପାଇଁ ସିଦ୍ଧାନ୍ତ ନେଇଥିବାରୁ ସେମାନେ ଏ ବାହାଘରରେ ଆରାଜି ଥିଲେ । ଏମିତିକି ଖବର ଦେଇଥିଲେ ବି ସେଠାକୁ ଯାଇ ନ ଥିଲେ । ଭାବିଥିଲି କିଛି ଦିନ ପରେ ସବୁ ଠିକ ଠାକ ହୋଇ ଯିବ । ମନ ପରିବର୍ତ୍ତନ ହେଲେ ସେମାନେ ବଳେ ବଳେ ବୁଝି ଯିବେ । ମାତ୍ର ପ୍ରଥମେ ପ୍ରଥମେ ବାପା ପ୍ରତ୍ୟକ ଦିନ ଫୋନରେ ମୋ ସହ କଥା ହେଉଥିଲେ ବି ବାହାଘର ପରେ ପରେ ଫୋନ କଲେ ନାହିଁ । ବରଂ ମୁଁ ଫୋନ କଲେ ବିଭିନ୍ନ ବାହାନା ଦେଖାଇ ମୋ ଫୋନକୁ ଧରିଲେ ନାହିଁ । କମ୍ପାନୀର କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ତଥା କାମର ଅତ୍ୟଧିକ ଚାପରେ ମୋର ବି କ୍ରମଶଃ ଘର ସହ ସମ୍ପର୍କରେ ଦୂରତା ବଢି ଗଲା । ଏମିତିରେ ପ୍ରାୟ ୨/୩ ବର୍ଷ ହେବ ସେମାନଙ୍କ ସହ କଥା ବାର୍ତ୍ତା ବି ହୋଇ ନାହିଁ । ଏହି ଭଳି ବାପା ବୋଉଙ୍କ ସହ କିଛି ଦିନ ହେବ କୌଣସି ସମ୍ପର୍କ ନାହିଁ କହିଲେ ଚଳେ । ଏହା ଭିତରେ ଆମର ଗୋଟିଏ ପୁଅ ବି ଜନ୍ମ ହୋଇ ସାରିଛି, ଦୁଇ ବର୍ଷ ହେବ ସ୍କୁଲ ମଧ୍ୟ ଗଲାଣି ।

ସାବିତ୍ରୀ ବ୍ରତ ଆଉ ନାଲି ଶଙ୍ଖା କଥା ଶୁଣି ମୁଁ ସେଦିନ ଅନ୍ୟ ମନସ୍କ ହୋଇ ଯାଇଥିଲି । କ୍ରମଶଃ ସ୍ମୃତି ସବୁ ସତେଜ ହୋଇ ଯାଇ ଥିଲା ମୋ ଭିତରେ । ବୋଉର ନାଲି ଶଙ୍ଖା କଥା କବିତାକୁ କହିବାରୁ ଆମେ ଉଭୟ ସେଦିନ ମାର୍କେଟ ଯାଇ ବୋଉର ପସନ୍ଦ ଆଉ ବୋଉ ପିନ୍ଧୁଥିବା ଠିକ ତା ପସନ୍ଦର ନାଲି ଶଙ୍ଖା ଓ ସାବିତ୍ରୀ ପାଇଁ ତା ପସନ୍ଦର ଧଳା ଛିଟା ଫୁଲ ପକା ନାଲି ପାଢି ଶାଢୀ କିଣି ଆଣି ଗାଁ ଅଭିମୁଖେ ପୁଅ ରାହୁଲକୁ ଧରି ଟ୍ରେନ ଚଢି ଥିଲୁ । ପ୍ରାୟ ଦୁଇ ଦିନର ଟ୍ରେନ ଯାତ୍ରା ପରେ ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇ ପ୍ରାଇଭେଟ କାରଟିଏ କରି ଗାଁକୁ ଯାଇଥିଲୁ । ଦୁଇ ଘଣ୍ଟାର ରାସ୍ତା ଅତିକ୍ରମ କରିବା ପରେ ପ୍ରାୟ ମଧ୍ୟାହ୍ନ ସମୟରେ ଘର ପାଖରେ ପହଞ୍ଚି ଗଲୁ । ଦେଖିଲି ଘର ସାମ୍ନାରେ ଅନେକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲୋକ ରୁଣ୍ଡ ହୋଇ ଛନ୍ତି ।  ଘର ସାମ୍ନାରେ ଗାଡି ରଖିବାକୁ ଡ୍ରାଇଭରକୁ ଇସାରା ଦେବା ପରେ ସେ ଗାଡି ରଖିଥିଲା ଓ ମୁଁ ଓହ୍ଲାଇ ପଡିଥିଲି । ହଠାତ ରାଧୁଆ ଦାଦା ପୁଅ କୁମୁଲି ମୋ ପାଖକୁ ଆସି କହିଥିଲା,

"ଯା ହଉ ତୁ ଆସି ପହଞ୍ଚି ଗଲୁ । ଦୁଇ ଦିନ ହେବ ତୋତେ ଯେତେ ପ୍ରକାର ଫୋନ ଲଗେଇଲୁ ସବୁ ବେଳେ କଣ ଗୁଡାଏ ଇଆଡୁ ସିଆଡୁ କହି ହଉ ଥିଲା । ତୁ ବି ଫୋନ ଉଠାଉ ନଥିଲୁ  । ଭଲ ହେଲା ପହଞ୍ଚି ଗଲୁ । ଭଗବାନଙ୍କ ଇଚ୍ଛା ତୋ କାନ୍ଧରେ ତୋ ବାପା ଶ୍ମଶାନଙ୍କୁ ଯିବେ । କିଛି ଭଲ କାମ କରିଥିଲେ ସେ । ଯା ହେଉ ଶେଷ ସମୟରେ ତୁ ଆସି ପହଞ୍ଚି ଯାଇଛୁ" ତା କଥା ସେତେବେଳେ ମୁଁ କିଛି ବୁଝି ପାରି ନ ଥିଲି । ମନକୁ ପାପ ଛୁଇଁ ସାରିଥିଲା ମୋର । ଘର ଭିତରକୁ ପସି ଗଲି ତୁରନ୍ତ  । ଦେଖିଲି ଆମ ସାମ୍ନା ଘର ଦୂଆର ନିକଟରେ ମୋ ବାପା ନୀରବ ନିଶ୍ଚଳ ହୋଇ ତଳେ ବିଛା ଯାଇଥିବା ସାମାନ୍ୟ ବିଛଣାରେ ଶବ ହୋଇ ପଡି ରହିଛନ୍ତି  । ତାଙ୍କ ଶରୀର ଧଳା କପଡାରେ  ଆବୃତ ହୋଇ ସାରିଥାଏ । ଫୁଲଗୁଡାକ ବି ତାଙ୍କ ଉପରେ ବିଚ୍ଛୁରିତ ହୋଇ ପଡିଥାନ୍ତି । ମୋତେ ଯେମିତି ସେମାନେ ପରିହାସ କରୁଥାନ୍ତି  । ଗାଁ ଲୋକମାନେ ତାଙ୍କ ଶବାଧାର ନିକଟରେ ଘେରି ହୋଇ ବସି ଥାନ୍ତି । କିଛି ଦୂରରେ ଗାଁ ମାଇପି ମାନେ ବୋଉର ଚୁଡି ଶଙ୍ଖା  ଭାଙ୍ଗି ମଥାରୁ ସିନ୍ଦୁର ପୋଛିବା କାମରେ ଲାଗି ପଡି ଥାନ୍ତି ।ବୋଉର ବିକଳ ବୁକୁ ଫଟା  କ୍ରନ୍ଦନ ମୋତେ କ୍ରମଶଃ କ୍ଷତାକ୍ତ କରି ପକାଉ ଥାଏ ।ନିଜର ବେଇମାନି କାମର ପାଶ୍ଚାତାପ କରିବାକୁ ସୁଯୋଗ ବି ମୋ ନିକଟରେ ନଥିଲା । କେବଳ କୃତଘ୍ନତାର ଦାବାଗ୍ନିର ଉଜ୍ଜ୍ୱଳ ଝାସ ମୋତେ ସେତେବେଳେ ଜିଅନ୍ତା ପୋଡି ଚାଲିଥାଏ । ନା ବୋଉ ପାଖକୁ ମୁଁ ଯାଇ ପାରୁଥାଏ, ନା ବାପଙ୍କୁ କିଛି କହି ପାରୁଥାଏ । କେବଳ ବାପାଙ୍କ ଶବ ପାଖରେ ନିଜେ ଶବ ପରି  ନୀରବ ନିସ୍ତେଜ ହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେତେବେଳେ ଯେ ଅଜାଣତରେ ବସି ପଡିଛି, ନିଜେ ମଧ୍ୟ ଜାଣି ପାରି ନଥିଲି । ପାଶ୍ଚାତାପର ଦାବାଗ୍ନିରେ ମୋ ଶରୀରର କ୍ରମଶଃ ଶିଥିଳରୁ ଶିଥିଳତର ହୋଇ ପଡୁଥିଲା । ସେତିକି ବେଳେ ହରିନାମ ସଙ୍କୀର୍ତ୍ତନ ଆରମ୍ଭ କରି କିଛି ଲୋକ ବାପାଙ୍କ ନୀରବ ନିଶ୍ଚଳ ଅଭିମାନୀ ମୃତ ଶରୀରଟାକୁ ଟେକି ନେଇ ଦାଣ୍ଡରେ ବାଉଁଶ କୋକେଇରେ ଶୁଆଇ ଦେଇଥିଲେ । ଏ ପଟେ ବୋଉର ଆକୁଳ ବୁକୁ ଫଟା କ୍ରନ୍ଦନ ମୋ ଶରୀରକୁ ନିସ୍ତେଜ କରି ପକାଉ ଥିଲା । ଭାବି ପାରୁ ନ ଥିଲି ବୋଉର ସେ ଛିଟା ଫୁଲ ପକା ଶାଢୀ ଓ ନାଲି ଶଙ୍ଖା ଆଉ କେବେ ବି କାମରେ ଲାଗିବ ନାହିଁ । ନା ମୁଁ ଆଉ କେବେ ବୋଉକୁ କହି ପାରିବି ତୋ ପାଇଁ ତୋ ପସନ୍ଦର ଶାଢୀ ଓ ନାଲି ଶଙ୍ଖା ନେଇ ଆସିଛି ଏଥର ସାବିତ୍ରୀ ପାଳିବା ପାଇଁ । ସେତିକି ବେଳେ ରାଧୁ ଦାଦା ମୋ କାନ୍ଧରେ ହାତ ରଖି ବାପାଙ୍କ କୋକେଇରେ କାନ୍ଧ ଲଗାଇ ପାଇଁ ଡ଼ାକି ନେଇଥିଲେ .........

ଆଇନଜୀବୀ ,ଭଦ୍ରକ

ମୋବାଇଲ ନଂ-୯୪୩୭୧୭୮୪୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୁଢ଼ୀ ମାଉସୀର ଗଣ୍ଠିଲି

ସକାଳୁ ସକାଳୁ ପେପର ପଢିଲାବେଳେ ମୁଁ ଦେଖେ ରାସ୍ତା ଉପରେ ବୁଢ଼ୀ ଲୋକଟିଏ ନଇଁ ନଇଁ ଚାଲି ଚାଲି ଯାଉଥାଏ । କିଛି ସମୟ ପରେ ଫେରିଆସି ପୁଣି କୁଆଡେ ଯାଏ । ବୁଢ଼ିମାଉସୀର ଆନୁମାନିକ ବୟସ ୬୦/୬୫ ଭିତରେ ହବ । ପୁରା ନଇଁ ଯାଇଥାଏ । ଏଇ ଘଟଣାଟି ମୋ ପେପର ପଢିଲା ବେଳର ନିତିଦିନିଆ ଦୃଶ୍ୟ । ନିରେଖି ଚାହିଁଲେ ବୁଢ଼ୀ ଲୋକଟି ଯେତିକି ନଇଁ ନଇଁ ଚାଲେ ସେତିକି ବୟସ ତାର ହୋଇନି । ନଇଁ ଯିବାର କାରଣ ଟି ଥିଲା ତା ପିଠିର ଗଣ୍ଠିଲି । ଗଣ୍ଠିଲିର ଓଜନ ରେ ସେ ନଇଁ ଯାଇଥାଏ । ଦିନେ ଦିନେ ଭାବେ ବୁଢ଼ୀକି ଯାଇ ପଚାରିବି ସେ ସବୁଦିନ କୁଆଡୁ ଆସି କୁଆଡେ ଯାଏ,କିନ୍ତୁ ପଚାରି ପାରେନା ।

ଦିନେ ଦିନେ ବୁଢ଼ୀକୁ ଦେଖିଲେ ଭାରି ଦୁଃଖ ଲାଗେ, ଭାବେ ଏ ଗଣ୍ଠିଲିକି ଘରେ ରଖୁନି କାହିଁକି ? ସବୁଦିନ ବୁହାଇ ଆଣିବା କି ଦରକାର ? ପିଠିର ଗଣ୍ଠିଲି ସକାଶେ ସେ ସକାଳର ଯାତ୍ରାକୁ ଉପଭୋଗ କରୁଚି ନା ଗଣ୍ଠିଲି ଭାରରେ ସିଧା ହୋଇ ଚାଲୁଚି ।

ଗଣ୍ଠିଲି ବୁହା ବୁଢ଼ୀଟିର ଚାଲିବି ଅଦ୍ଭୁତ ତା ଚଳମାନ ଛାଇ ବି ବଡ ବିଚିତ୍ର । ଉଭୟ ରାଜ ରାସ୍ତାକୁ ବିକୃତ କରି ଦିଅନ୍ତି । ବୁଢ଼ୀ ମୁଂହର ଭାବ ଭାଙ୍ଗିରୁ ଜଣାପଡେ ସେ ଗଣ୍ଠିଲି ଭାରି ଓଜନିଆ । ଗଣ୍ଠିଲି ବୋଝରେ ନଇଁ



ବିରଞ୍ଚି ନାରାୟଣ ମିଶ୍ର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଇଁ ଚାଲି ଚାଲି ବୁଢ଼ୀ ପିଠିରେ କୁଜ ଟିଏ ବି ହୋଇଗଲାଣି । ଗଣ୍ଠିଲି ବୁହା ବୁଢ଼ୀକୁ ଦେଖିଲେ ଅଳ୍ପ ଥଟାରେ ଓ ବେଶୀ ଦୟାରେ ଇଛା ହୁଏ ଗଣ୍ଠିଲିକୁ କିଛି ସମୟ ବୋହି ନବା ପାଇଁ କିନ୍ତୁ କେବେ ବି ତାକୁ ଏକଥା କହିନି । ମୋତେ ଲାଗେ ନିଜ ଗଣ୍ଠିଲି ନିଜେ ବୋହିବାକୁ ବୋଧେ ସେ ପ୍ରସ୍ତୁତ । ମୋ ଭାବନା ମୋ ପାଖେ ରହିଯାଏ,କିନ୍ତୁ ବୁଢ଼ୀକି ଦେଖିଲେ ଭାରି ଦୟା ଲାଗେ । କି ଖରା କି ବର୍ଷା ସବୁଦିନ ବୁଢ଼ୀ ତାର ଯିବା ଆସିବା ଜାରି ରଖିଥାଏ । ଏହା କେବେ ବି ବ୍ୟତିକ୍ରମ ହୁଏନି । ଏବେ ଏ ସବୁ ମୋର ଦେହ ସୁହା ହୋଇ ଗଲାଣି ।

ଦିନେ ସକାଳୁ ସକାଳୁ ମୁଁ ବାଲକୋନିରେ ବସି ଚା ପିଉଚି ଦେଖିଲି ମୋ ଘର ଆଗରେ ବୁଢ଼ୀଟି ଝୁଣ୍ଟିକି ପଡିଗଲା । ମୁଁ ସଙ୍ଗେ ସଙ୍ଗେ ବୁଢ଼ୀ ପାଖେ ପହଞ୍ଚିଗଲି ଦେଖିଲି ସାମାନ୍ୟ ଖଣ୍ଡିଆ ଖାବରା ହୋଇଚି ଓ ତା ଗଣ୍ଠିଲିଟି ଛିଟିକି ଟିକେ ଦୂରରେ ପଡିଛି । ମୋତେ ଦେଖି ତରତରରେ ଗଣ୍ଠିଲି ଆଣି ପିଠିରେ ପକାଇ ପୁଣି ଚାଲିବାକୁ ଆରମ୍ଭ କଲା । ମୁଁ କହିଲି ମାଉସୀ ତୁମର ଏପରି ଅବସ୍ଥାରେ ଚାଲିବା ଉଚିତ ନୁହଁ ।ମୋ ଘର କୁ ଆସ, ମୁଁ ତୁମ ଖଣ୍ଡିଆରେ ଡେଟଲରେ ପୋଛି ଔଷଧ ଲଗାଇ ଦେବି ଟିକେ ରେଷ୍ଟ ନେଇ ତୁମେ ଯିବ । ମନା କରୁଥିଲା ମୋ ଅନୁରୋଧରେ ଘରକୁ ଆସିଲା । ବୁଢ଼ୀର ଖଣ୍ଡିଆକୁ ଡେଟଲ ରେ ପୋଛି ଔଷଧ ଲଗାଇ ସୋଫା ଉପରେ ବସାଇ ଫ୍ୟାନ ବୁଲାଇ ଗରମ କ୍ଷୀର ପାଇଁ ଶ୍ରୀମତୀଙ୍କୁ କହିଲି । କ୍ଷୀର ପିଇ ବାକୁ ମନା କରୁଥିଲା କହିଲାରୁ ପିଇଲା । ସେ କିନ୍ତୁ ବ୍ୟସ୍ତ ଥିବା ପରି ଲାଗିଲା । ଅନେକ ଦିନରୁ ମୋ ଭିତରେ ଥିବା କଥା ଗୁଡିକୁ ପଚାରିବାକୁ ଇଛା ହେଲା ।

ମୁଁ- ମାଉସୀ ତୁମ ଘର କୋଉଠି ?

ସେ ବୁଲିପଡ଼ି ହାତ ଦେଖାଇ କହିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଉସୀ- ଏଇ ଟିକେ ଦୂରରେ ଯୋଉ ନୀଳ ରଙ୍ଗର ଘରଟା ଦେଖୁଚୁ ସେଇଟା ମୋ ଘର,ନାଁ ତାର "ଅଳକାପୁରୀ" କେତେ ଭାବି ଚିନ୍ତି ଏ ନାଁ ଟାକୁ ଦେଇଚି । ଘରେ ମୋର ସ୍ୱାମୀ ଓ ମୁଁ ରହୁ ।

ମୁଁ- ମାଉସୀ ତୁମର ଆଉ ସବୁ କିଏ ଅଛନ୍ତି ?

ଟିକେ ଚୁପ ରହି କହିଲା

ମାଉସୀ- ମୋ ପୁଅ ଝିଅ ଦୁଇଟି । ଝିଅଟି ବଡ । ପୁଅ ଝିଅଙ୍କ ବାହାଘର ସାରିଦେଇଛି । ଝିଅର ଗୋଟିଏ ପୁଅ ସେ ଏଇ ସହରରେ ରୁହେ । ପୁଅ ବୋହୂ ବାଙ୍ଗାଲୋର ରେ ରୁହନ୍ତି । ପୁଅ ସେଠି ଚାକିରୀ କରିଚି । ଝିଅ ଜୋଇଁ ଓ ନାତି ବେଳେ ବେଳେ ବୁଲିଆସନ୍ତି ।

ପୁଅ ବୋହୂ ବାହାଘର ପରେ ବାଙ୍ଗାଲୋର ଗଲେ ଯେ ଗଲେ........

ବୁଢ଼ୀ ଟିକେ ଚୁପ ରହିଲା ।

ମୁଁ- ମାଉସୀ ମୁଁ ଗୋଟେ କଥା ପଚାରିବି କିଛି ଖରାପ ଭାବିବନି ?

ମାଉସୀ- ହଁ ପଚାରୁନୁ

ମୁଁ- ମାଉସୀ ଏ ଗଣ୍ଠିଲିଟିକୁ ପିଠିରେ ବୁହାଇ ସବୁଦିନ କୁଆଡେ ଯାଉଛ ? ଗଣ୍ଠିଲିଟିକୁ ଘରେ ରଖି ଆସୁନ ?

ଟିକେ ଗମ୍ଭୀର ହୋଇ ମାଉସୀ କହିଲା ।

ମାଉସୀ- ପୁଅ କଣ କହିବି ସେ କଥା ! ଏ ଗଣ୍ଠିଲି ମୋର ଦୁଃଖର କାରଣ । ନା ଏକୁ ମୁଁ କେଉଁଠି ରଖି ପାରୁଚି ନା ଛାଡି ପାରୁଚି । ଏ ଗଣ୍ଠିଲି ଆଜକୁ ୫/୬ ବର୍ଷ ହେଲା ବୋହି ଚାଲିଚି । ଥରେ ଜଣେ ସାଧୁ ମହାରାଜା ଙ୍କ ସହ ଦେଖାହେଲା ତାଙ୍କୁ ସବୁ କହିଲି ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କହିଲେ "ଗଣ୍ଠିଲିକୁ ଯଦି ଶୁନ୍ୟମନ୍ଦିରରେ ରଖି ଦବୁ ତୋର ସବୁ ଦୁଃଖ ଦୂର ହୋଇଯିବ ଓ ଗଣ୍ଠିଲି ବୁହାରୁ ତ୍ରାହି ମିଳିଯିବ । ସେଇଦିନଠୁ ଏ ଗଣ୍ଠିଲି ବୁହାଇ ମୁଁ ଶୁନ୍ୟମନ୍ଦିରକୁ ଯାଉଚି । କଣ କହିବି ପୁଅ,୫/୬ ବର୍ଷ ହେଲା ସେ ଶୁନ୍ୟମନ୍ଦିର କବାଟ ଖୋଲୁଛି ନା ଗଣ୍ଠିଲି ମୁଁ ରଖି ପାରୁଚି । କାଳେ କୋଉ ଦିନ ଖୋଲି ଯିବ ସେଇ ଆଶା ନେଇ ସବୁଦିନ ଶୁନ୍ୟମନ୍ଦିରକୁ ଯାଉଚି ।

ମୁଁ- ମାଉସୀ ସେ ଶୁନ୍ୟମନ୍ଦିର ଟା କୋଉଠି ?

ମାଉସୀ- ଏଇ ଆଗ ଛକରୁ ଟିକେ ବୁଲି ଡାହଣ ପଟକୁ ଗଲେ ଯୋଉ ମନ୍ଦିର ଟା ପଡେ ସେଇ ମନ୍ଦିର ।

ମୁଁ- ସେଇଟା ପରା ଅଲେଖ ଧର୍ମାବଲମ୍ବୀ ମାନଙ୍କ ମନ୍ଦିର । ସେ କେବେ ଖୋଲିବା ମୁଁ ଦେଖିନି ।

ମାଉସୀ- ସାଧୁ ମହାରାଜ କହୁଥିଲେ କେତେ ବର୍ଷ ପରେ ଗୋଟିଏ ତିଥି ଆସିଲେ ସେ ମନ୍ଦିରର କବାଟ ଖୋଲିବ ।କିନ୍ତୁ ତିଥି ବିଷୟରେ କିଛି କହିପାରିଲେନି । ସେଠି ବି କେହି ଠିକ ଦିନ ଟି କହିପାରୁ ନାହାନ୍ତି । ସାଧୁ ମହାରାଜ କଣ ମିଛ କହିବେ ? କାଳେ ସେ ତିଥି କେତେବେଳେ ଆସିଯିବ ଭାବି ମୁଁ ସବୁଦିନ ଶୁନ୍ୟମନ୍ଦିରକୁ ଯାଏ ।

ମୁଁ- ତେବେ ସେ ଗଣ୍ଠିଲିକୁ ଘରେ ରଖି ଆସୁନ । ଯଦି ମନ୍ଦିର ଖୋଲାଥିବ ଘରୁ ଗଣ୍ଠିଲିଟା ନେଇ ଆସନ୍ତୁ ! ସବୁଦିନ ଗଣ୍ଠିଲିକୁ ବୁହାଇ କାହିଁକି ଆସୁଛ ?

ମାଉସୀ ଟିକେ ଚମକି ପଡିଲା

ମାଉସୀ- ଏ ଗଣ୍ଠିଲି ଭିତରେ ଯୋଉ ଦରବ ମୁଁ ଯାହାପାଇଁ ସାଇତି ରଖିଛି ତାକୁହିଁ ଦେବି ।ଅନ୍ୟ କେହି କାଳେ ପାଇଯିବେ ସେ କଥା ଭାବି ଗଣ୍ଠିଲିଟିକୁ ମୁ ଛାଡି ପାରୁନି ।ସାଧୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମହାରାଜ କହିଥିଲେ ଶୁନ୍ୟମନ୍ଦିରରେ ରଖିଦେଲେ ସେ ନିଶ୍ଚୟ ଆସିବ ଓ ତା ଦରବ ନେଇଯିବ । ଏଇ ଆଶାରେ କେତେ ଦିନ କେତେ ରାତି ଚାହିଁ ଚାହିଁ ଆଖିରୁ ପାଣି ମରିଗଲାଣି ।ଭାଗ୍ୟ ମୋର କେଡେ ମନ୍ଦ ଦେଖୁନୁ ସେ ଆସୁନି କି ଶୁନ୍ୟ ମନ୍ଦିର ଖୋଲୁନି ।

ହଉ ଥା ପୁଅ ମୁଁ ଶୁନ୍ୟମନ୍ଦିର ଆଡେ ଟିକେ ବୁଲି ଆସେ । ଗଣ୍ଠିଲିଟିକୁ ପିଠିରେ ପକାଇ ମନ୍ଦିର ଆଡେ ଯିବାକୁ ଉଦ୍ୟତ ହେଲା ।

ବୁଢ଼ୀ ମାଉସୀର ଅଣ୍ଟା ନଇଁ ଯାଇଥିବା ଚାଲିକୁ ଦେଖି ଭାରି ବ୍ୟସ୍ତ ହୋଇ ପଡିଲି,କହିଲି ମାଉସୀ ମୋତେ ସେ ଗଣ୍ଠିଲିଟିକୁ ଦିଅ ମୁଁ ଧରି ତୁମ ସହ ଯିବି ।

ମାଉସୀ- ନାଇଁମ ପୁଅ ମୁଁ ନେଇ ଯାଇପାରିବି ତୁ ଘରେ ଥା ।

ମୁଁ କିନ୍ତୁ ଶୁଣିଲିନି,ନବାକୁ ଜିଦ କଲି ମାଉସୀ ବି ନ ଦେବାକୁ ଜିଦ କଲା ଏଇ ଭିତରେ ଗଣ୍ଠିଲିଟି ତଳେ ପଡ଼ିଗଲା । ମାଉସୀ ଏବେ ତୁମେ ଆଗେ ଆଗେ ଚାଲ ମୁଁ ଗଣ୍ଠିଲି ଧରି ଯିବି କହି ଗଣ୍ଠିଲିଟିକୁ ଉଠାଇଲା ବେଳକୁ ଉଠାଇ ପାରିଲିନି । ମୋର ସବୁ ବଳ ପ୍ରୟୋଗ କରି ନିରାଶା ହୋଇଗଲି ସବୁ ଚେଷ୍ଟା ମୋର ବୃଥା ହୋଇଗଲା,ଭାବିଲି ବୁଢ଼ୀ ମାଉସୀର ଏ ଗଣ୍ଠିଲି ନା ଗାଣ୍ଡିବ ଧନୁ ।

ବୁଢ଼ୀ ମାଉସୀ ମୋ ଅସହାୟତା ଦେଖି କହିଲା ପୁଅ ତୁ ବ୍ୟସ୍ତ ହୁଅନା ମୁଁ ଗଣ୍ଠିଲି ନେଇଯାଉଛି କହି ପିଠିରେ ପକାଇ ଧୀରେ ଧୀରେ ଚାଲିବାକୁ ଲାଗିଲା । ମୁଁ ଆବାକାବା ହୋଇ ତା ଚାଲିକୁ ଚାହିଁ ରହିଲି । ସେତେବେଳେ ମୋତେ ଚାରିଦିଗ ଅନ୍ଧାର ଦେଖାଗଲା । ଭାବିଲି ଯାହା ଗଣ୍ଠିଲି ସେ ହିଁ ତାକୁ ବୋହିବାର ଶକ୍ତି ଈଶ୍ୱର ତାକୁ ହିଁ ଦେଇଛନ୍ତି । ଈଶ୍ୱରଙ୍କ ଉଦ୍ଦେଶରେ ମୁଣ୍ଡ ମୋର ଆପେ ଆପେ ନଇଁ ଗଲା ।

ଏଇ ଭିତରେ କେତେଦିନ ବିତିଗଲାଣି,ମୁଁ ବୁଢ଼ୀମାଉସୀ କଥା ପୁରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୁଲିଗଲିଣି ।ଦିନେ ସକାଳୁ ଦେଖିଲି ବୁଢ଼ୀ ମାଉସୀ ଘର ଆଗରେ ବହୁତ ଲୋକ ଜମା ହୋଇଛନ୍ତି ଘଟଣାଟି କଣ ଜାଣିବା ପାଇଁ ମୁଁ ତା ଘର ଆଡ଼େ ଗଲି । ଯାହା ଶୁଣିଲି ହତବମ୍ବ ହୋଇଗଲି । ଭୋର ଭୋରରୁ ମାଉସୀ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ଆର ପାରିକି ଚାଲିଯାଇଛି ।

ଘରେ ଝିଅ ଜୋଇଁ ନାତି ଓ ଅନ୍ୟାନ୍ୟ ବନ୍ଧୁ ବାନ୍ଧବ ପହଂଚି ଯାଇଛନ୍ତି । କେବଳ ପୁଅକୁ ଅପେକ୍ଷା । ଶୁଣିଲି ପୁଅ ବୋହୂ 4 ଟା ବେଳେ ଆସି ପଂହଁଚିବେ । ମନଟା ମୋର ଦୁଃଖରେ ଭାରାକ୍ରାନ୍ତ ହୋଇଗଲା । ବୁଢ଼ୀ ମାଉସୀ ମୋର କେହି ନୁହଁ ତଥାପି ମୋ ଅଜାଣତରେ ଆଖିରେ  ଲୁହ ଆସିଗଲା । ମାଉସୀର ଝିଅ ଜୋଇଁଙ୍କୁ ଦେଖାକରି କହିଲି ମାଉସୀଙ୍କୁ ଶ୍ମଶାନ ନେଲାବେଳେ ମୋତେ ଟିକେ ଖବର ଦେବେ । visiting card ଟିକୁ ବଢ଼ାଇ ଦେଇ ଘରକୁ ଆସିଲି ।

ପୁଅ ବୋହୂ ଠିକ 4 ଟା ରେ ଆସି ପହଞ୍ଚିଗଲେ ।କାନ୍ଦ ବୋବାଳି ପୁଣି ଥରେ ଆରମ୍ଭ ହୋଇଗଲା । ମୁଁ ସଙ୍ଗେ ସଙ୍ଗେ ତାଙ୍କ ଘର ଆଡ଼େ ଗଲି । ଦେଖିଲି ମାଉସୀର ସ୍ୱାମୀ ଖୁବ ଭାଙ୍ଗି ପଡିଛନ୍ତି,ତଥାପି ସମସ୍ତଙ୍କୁ ତରତର କରାଇ ପୁରୀ ଯିବାର ବନ୍ଦୋବସ୍ତ କରୁଥାଆନ୍ତି । ଗଣ୍ଠିଲି ଉପରେ ମୋ ନଜର ପଡିଗଲା ଦେଖିଲି ମାଉସୀ ମୁଣ୍ଡ ପାଖେ ଥୁଆ ହୋଇଛି । ପୁଅ ଭିତରକୁ ପଶି ଆସି ଗଣ୍ଠିଲିଟିକୁ  ଖୋଲିବାକୁ ଲାଗିଲା । ଏତେ ଛୋଟ ଗଣ୍ଠିଲିରେ କେତେ ଗଣ୍ଠି  ! ଗଣ୍ଠିଲିରେ କିଛି ନ ଥିଲା  । ଶେଷ ଗଣ୍ଠି ଟାକୁ ଖୋଲିଦେଲା ବେଳେ ଲୋଟାକୁଟା କାଗଜ ଖଣ୍ଡିଏ ଗଳି ପଡିଲା ।ପୁଅ ଉଠାଇ ଦେଖିଲା ଚିଠିଟିଏ । ପଢିଲା....ଲେଖାଥିଲା..........

ଧନରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୁ ଏ ଚଠି ପାଇଲା ବେଳକୁ ମୁଁ ଆଉ ନଥିବି । ତୋ ଆସିବା ବାଟକୁ ଚାହିଁ ଚାହିଁ କେତେ ଦିନ କେତେ ରାତି ବିତି ଯାଇଛି । କେତେ କାନ୍ଦିଚି ।ସବୁ ଲୁହ ମୋର ଶୁଖିଯାଇଛି । ତୁ କିନ୍ତୁ ଆସିଲୁନି । ସାଧୁ ମହାରାଜଙ୍କ କଥା ବି ରଖିପାରିଲିନି । ଯେତେଥର ଶୁନ୍ୟମନ୍ଦିରକୁ ଯାଇଛି କବାଟ ବନ୍ଦ । ସାଧୁ ମହାରାଜଙ୍କ କଥାକୁ ମୁଁ ବିଶ୍ୱାସ କରିଥିଲି ଜାଣିଥିଲି ତୁ ନିଶ୍ଚୟ ଆସିବୁ । ଆଖି ପୁରାଇ ତୋତେ ଟିକେ ଦେଖିବାକୁ ମୋର କେତେ ଇଚ୍ଛା ଥିଲା  ଇଚ୍ଛା ମୋର ଇଚ୍ଛାରେ ହିଁ ରହିଗଲା । ତତେ ଦେଖିବା ମୋ ଭାଗ୍ୟରେ ନାହିଁ । ତୁ ଆସିବୁ ମୋ ଚିଠି ପଢିବୁ ଏଇ ବିଶ୍ୱାସ ନେଇ ଘର ଠାକୁର ରାଧାମାଧବଙ୍କ ପାଖେ କେତେ ଅଳି କରିଚି, ସବୁ ମୋର ବୃଥା ହେଲା ।

ଧନରେ ତୋ ବାପାଙ୍କୁ ଭୁଲ ବୁଝିବୁନି ।ତାଙ୍କୁ ଯିଏ ଯାହା ଭାବନ୍ତି ସେ ସେୟା ନୁହଁ । ତୋ ବାହାଘର ପରେ ଆମେ ସବୁ ମିଶିକି ଯୋଉ ଫଟୋ ଉଠାଇଥିଲେ,ସେତେବେଳେ ମୁଁ ତାଙ୍କ ମୁଂହକୁ ଦେଖିଚି ତୁମ ଦୁହିଙ୍କି ଦେଖି ସେ କେତେ ଖୁସି ହୋଇଥିଲେ । ତୁମକୁ ଦେଖି ମୁରୁକି ମୁରୁକି ହସିଥିଲେ, ସେ ହସ ମୁଁ ମୋ 35 ବର୍ଷ ବିବାହ ଜୀବନ ଭିତରେ କେବେ ବି ଦେଖିନି, ସେଦିନ ରାତିରେ ମୁଁ ଏତେ ଖୁସି ଥିଲି ଯେ ଅଚିନ୍ତା ନିଦରେ ଶୋଇଯାଇଥିଲି । ସେ ନିଦ ବୋଧେ ମୋର ପ୍ରଥମ ଓ ଶେଷ ଅଚିନ୍ତା ନିଦ ଥିଲା । ତୋତେ ସେ ଅନ୍ତର ଦେଇ ଭଲ ପାଆନ୍ତି । ମୁଁ ଗଲାପରେ ସେ ଭାଙ୍ଗିପଡିବେ । ତାଙ୍କୁ ଅବହେଳା କରିବୁନି । ତୋ ବାପାଟା ପରା ସେମିତିଆ । ଯାହା ବୁଝିଥିବେ ତାଙ୍କୁ କେହି ବୁଝାଇ ପାରିବେନି । ବାପାଙ୍କ କଥାକୁ ଧରିବୁନି । ମୋ କାମ ସରିଲେ  ତାଙ୍କୁ ସାଙ୍ଗରେ ନେଇଯିବୁ । ମୋ ବିନା ସେ ଚଳି ପାରିବେନି । ହଁ ଏବେ ସେ ସକାଳୁ ସକାଳୁ ଚା ପିଉଛନ୍ତି,ମିଲିକି କହିବୁ ସକାଳେ ଚା ଦବ ।ଚିନି ପକେଇବାକୁ ମିଲିକୁ ମନା କରିବୁ । ଭାରି ଜିଦି କରିବେ ।ଜମା ଶୁଣିବେନି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଗାର ବହୁତ ବଢି ଯାଇଛି ।

ଘର ଭଡା ଦବୁନି, ଚାବି ପକେଇ ଗେଲିକି ଦବୁ । ତାକୁ କହିବୁ ରାଧାମାଧବଙ୍କୁ ସେ ତା ଘରକୁ ନେଇଯିବ । ସେ ଅପୂଜା ରହିଲେ ତୋର ମଙ୍ଗଳ ହବନି ସେ ପ୍ରତ୍ୟକ୍ଷ ଠାକୁର । ମଝିରେ ମଝିରେ ବାପାଙ୍କୁ ମିଳି ତୁ ସାଙ୍ଗରେ ଆଣି ବୁଲେଇ ନେଇ ଯାଉଥିବୁ ।

ଧନରେ ଚାକିରୀ ତୋର ସରିଗଲେ ଏଇ ଘରେ ମିଳି ଓ ତୁ ରହିବ । ନାତି କି ନାତୁଣୀ ଙ୍କୁ ମୋ କଥା କହିବୁ ମୋ ଫଟୋ ଦେଖାଇ ଚିହ୍ନେଇ ଦବୁ ।ସେମାନଙ୍କୁ କୋଳରେ ଧରିବା ମୋ ଭାଗ୍ୟରେ ନାହିଁ । ମୋ କାମରେ ବେଶୀ ପଇସା ଖର୍ଚ୍ଚ କରିବୁନି । ବ୍ରାହ୍ମଣ ଭୋଜନ ଓ ଦକ୍ଷିଣା ଦବୁ ।

ଧନରେ

୫/୬ ବର୍ଷର ସଞ୍ଚିତ ଟୁମା ନବୁ ।ରାଧାମାଧବ ଙ୍କୁ ମନେ ରଖିଥିବୁ ସେ ତୋର ବିପଦ ଆପଦର ସାହା ଭରଷା ।

ମୋ ଉପରେ ରାଗିବୁନି ।

ଇତି

ତୋର ବୋଉ

ଚିଠି ଶୁଣି ମନଟା ମୋର ବ୍ୟତିବ୍ୟସ୍ତ ହୋଇ ପଡ଼ିଲା । ଭାବୁଥିଲି ମା'ର ସଞ୍ଚିତ ଦୁଃଖ କଣ ଏତେ ଭାରି ?

୩୫ ବର୍ଷର ଯୁବକ ସେଦିନ ମାଉସୀ ଗଣ୍ଠିଲି ଭିତରେ ଏଇ ଚିଠି ଓଜନ କୁ ଟେକି ପାରିଲିନି ?

ଏବେ ସବୁ ଗାଡି ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ଚାଲିଲା ।ସେଠି ସବୁ ଆୟୋଜନ କରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରିଥିଲା ରାତି ୯ ଟା ବେଳେ ପୁଅ ମୁଖାଗ୍ନି ଦେଲା ।

ବନ୍ଧୁ ବାନ୍ଧବ ଓ ମୁଁ ଜୁଇ ପାଖେ ଠିଆ ହୋଇଥିଲୁ । ଚନ୍ଦନକାଠ,ଘିଅ ଓ ଶୁଖିଲା ଝାଉଁ କାଠରେ ଜୁଇ ଜୋରରେ ଜଳି ବାକୁ ଲାଗିଲା । ଚାଂହୁ ଚାଂହୁ ବୁଢ଼ୀ ମାଉସୀର ପାର୍ଥିବ ଶରୀର ପଞ୍ଚଭୂତରେ ଲୀନ ହେବାକୁ ଲାଗିଲା ଜୁଇର ଅଗ୍ନିଶିଖା ଶୁନ୍ୟରୁ ଶୁନ୍ୟକୁ ଓ ମହାଶୂନ୍ୟକୁ ବ୍ୟାପି ଗଲା । ସାଧୁବାବା ମାଉସୀଙ୍କୁ କହିଥିବା ଶୁନ୍ୟମନ୍ଦିର କଥା ଏବେ ମୋତେ ସତ ଲାଗିଲା ।ଭାବିଲି ଜୀବନରେ ଶୁନ୍ୟତା ହିଁ ଆନନ୍ଦ । ଏବେ ବୁଢ଼ୀ ମାଉସୀର ସୁଖ,ଦୁଃଖ,ଜୟ, ପରାଜୟ,ଗ୍ଲାନି ଗୌରବ ସବୁ ଶୁନ୍ୟ ହୋଇଗଲା ।ମୁଁ ବୁଝିଲି,

ଶୁନ୍ୟରୁ ଶୁନ୍ୟକୁ

ହରିଲେ,

ଫେଡ଼ିଲେ,

ଗୁଣିଲେ

ମିଶେଇଲେ

ଭାଗଫଳ ଶୁନ ହିଁ ରହିବ ।

ଶୁନ୍ୟରେ ହିଁ ଆନନ୍ଦ ।

ଭାରାକ୍ରାନ୍ତ ମନ ନେଇ ଘରକୁ ମୁଁ ଫେରିଲି ।

ମଲ୍ଲିପୁର (ନିଆଳ), ଖୋର୍ଦ୍ଧା

୯୪୩୯୦୧୧୦୬୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରକୃତି ଓ କାଶତଣ୍ଡୀ

ଭୁବନ ଦିଲ୍ଲୀରେ ଚାକିରି କରେ । ପ୍ରାଇଭେଟ ଚାକିରି । ଖଟଣି ଅଧିକା । ସେହି ଅନୁପାତରେ ଦରମା ନାହିଁ, ଛୁଟି ବି ମିଳେ ନାହିଁ । ଆସିବାର ପ୍ରାୟ ଏକ ବର୍ଷ ହେବାକୁ ଯାଉଛି । ବୋଉ କଥା ବେଶୀ ମନେ ପଡେ । ଗାଁ କଥା ଭାବିଲା ବେଳକୁ ମୁଣ୍ଡ କାମ ଦିଏନି । ଖୁସି ଦିନ କହିଲେ ସ୍କୁଲ୍ ବେଳର ଘଟଣା ଆଉ ନୂଆଁ ନୂଆଁ କଲେଜ୍ ରେ ପାଦ ଦେବା କଥା ତାକୁ ଭାରୀ କଷ୍ଟ ଦେଇଥାଏ ।

ପଢ଼ା ସରିଲା । ଭଲ ପଢି ଚାକିରୀଟିଏ ପାଇବା ଆଶାରେ ବହୁତ୍ ଚେଷ୍ଟା କଲା । କିନ୍ତୁ ଅସଫଳ । ଶେଷରେ ବଞ୍ଚିବାକୁ ତ ପଡ଼ିବ । ଅନିଚ୍ଛା ସତ୍ୱେ ସେ ଘରୁ ଗୋଡ଼ କାଢି ବାହାରକୁ ଦିଲ୍ଲୀ ଆସିଲା । ବହୁତ୍ ସଂଘର୍ଷ ପରେ ଚାକିରି ପାଇଛି । ଗାଁ ଯିବାକୁ ମନ ଉଛନ୍ । କିନ୍ତୁ ଛୁଟି ନାହିଁ । ତଥାପି ସେ ରାଜି କରାଇ ଦଶହରାକୁ ଛୁଟି ଲୋଡି ଅନୁମତି ପାଇ ସାରିଛି ।



ପ୍ରତାପ ଚନ୍ଦ୍ର ମିଶ୍ର

ଗାଁକୁ ଯିବ ଭାବି ରାତି ନିଦ ହଉନି । ରାତିରେ ଖୋଲା ଆକାଶକୁ ଅନାଇ ତାରା ମେଳରେ କଲେଜ ଦିନ ଗୁଡ଼ାକ ଚକ୍ଷୁ ସମ୍ମୁଖରେ ଉଦ୍ଭାସିତ୍ ହେଉଥାଏ । ଏମିତି ବର୍ଷା ସରି ଶରତ ଆଗମନ ହୋଇଥାଏ । ଆକାଶରେ ମେଘ ଖଣ୍ଡ ଖଣ୍ଡ ଧଳା ରୂପ ନେଇ ଏ କୋଣରୁ ସେ କୋଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି ଘୁଞ୍ଚି ଯାଇ ଦିଗନ୍ତରେ ଅଦୃଶ୍ୟ ହୋଇଯାଉ ଥିଲେ । ନୂଆଁ ନୂଆଁ ଯୌବନ ଅବସ୍ଥା ତା ସହ କଲେଜ ପିଣ୍ଡାରେ ପାଦ ଦେଇଛି । ତେଣୁ ମନ ବନ୍ଧବାଡ କିଛି ମାନେ ନାହିଁ । ଦୁନିଆରେ ଏମିତି କିଛି ନାହିଁ ଯାହା ଭୁବନ କରି ନ ପାରିବ । ତେଣୁ ଟୋକା ବୟସକୁ ଚଞ୍ଚଳମତି ବିପରୀତ ଲିଙ୍ଗ ପ୍ରତି ଆକର୍ଷଣ ହେବା ସ୍ୱାଭାବିକ । ସମୟ ଚକ୍ରରେ ପଡି ସେହି କଲେଜ ପଢୁଆ ଝୁନାକୁ ଭଲ ପାଇ ବସିଥିଲା । ଝୁନା ବି ଭୁବନ ପ୍ରତି ଦୁର୍ବଳତା ଦେଖାଇ ଥିଲା । କାରଣ ଦୁହେଁ ପାଖାପାଖି ଗାଁର । କଲେଜ ଆସିଲା ବେଳେ ଦୁହେଁ ମିଶି ଆସନ୍ତି । ଏ ମଧ୍ୟରେ ପ୍ରେମ ବନ୍ଧନରେ ଦୁହେଁ ବାନ୍ଧି ହୋଇଯାଇଥିଲେ ।

ରୋମାଞ୍ଚକର ଦିନ ସୂକ୍ଷ୍ମ ମୁହୂର୍ତ୍ତ ଲୁଚି ଲୁଚି ମିଶିବା, ଗାଁ ପୋଖରୀ ଉପରେ ହୁଡା କଦମ୍ବ ଗଛ । ଟିକେ ଆଗକୁ ଗଲେ ମହାନଦୀ ପଠା, ସୁଲୁସୁଲିଆ ପବନ, ବର୍ଷା ଛାଡିଗଲା ପରେ ଧରତି ରାଣୀ ଯେମିତି ସଦ୍ୟ ସ୍ନାନ ସାରିଛି । ବିଭିନ୍ନ ସୁଗନ୍ଧିତ ରଙ୍ଗ ବେରଙ୍ଗ ପୁଷ୍ପ ବିକଶିତ ହୋଇ ସବୁଜ ଘାସ ଗାଲିଚା ମଧ୍ୟରେ ମଣ୍ଡିତା । ସବୁଜ ବସ୍ତ୍ର ସହ ଚୁନା ଚୁନା ଭଷା ଧବଳ ମେଘଖଣ୍ଡ ତା ଗଭାରେ ସଜାଇ, ସେହି ସୁଗନ୍ଧ ପୁଷ୍ପ ମହକ ବାୟୁ ମଣ୍ଡଳେ ମହ ମହ ସୁରଭିରେ ତାଲ୍ଲୀନ ଥିବା ବେଳେ ସେଠି ଭୁବନ ଓ ଝୁନା କାଶ ତଣ୍ଡି ବଣେ ଅତୁଟ ପ୍ରେମର ସ୍ୱପ୍ନ ଦେଖିଥିଲେ । ତାହା ଅପାସୋରା ହୋଇ ଏବେବି ଅଛି ।

ସେତେବେଳେ ଜୀବନ ସହ ଜୀବିକା ବିରାଟ ପ୍ରଶ୍ନ ହୋଇଥିଲା । ତେଣୁ ବିବାହ ବନ୍ଧନ ସ୍ୱୀକୃତି ପ୍ରାପ୍ତ ହେବନାହିଁ ଭାବି ଦୁହେଁ ଦୁହିଁଙ୍କ ଭାବ ପ୍ରେମ ରଖି ପ୍ରତିଶ୍ରୁତି ବିବାହର ଦେଇ ଦୂରେଇ ଯାଇଥିଲେ । ଭୁବନ ଫେରି ଆସିଲେ ଏକ ହେବା କଥା ଝୁମା ରାଜି ହୋଇଥିଲା । ଭୁବନ ମଧ୍ୟ ପ୍ରତିଶ୍ରୁତି ବଦ୍ଧ ଥିଲା ଝୁନା ବ୍ୟତୀତ ଦ୍ୱିତୀୟ ନାସ୍ତି ।

ବର୍ତ୍ତମାନ ରାତି ବିତିଯାଏ ନିଦ ହଜିଯାଇଛି । ସମୟ ବିଳମ୍ବ ହେଉଛି ଛୁଟି ଦିନ ଡେରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବାରେ ଲାଗୁଛି, ଶୀଘ୍ର ନିର୍ଧାରଣ ଦିବସ ଆସୁନାହିଁ ଅଗ୍ରିମ ଟିକଟ ନେଇ ବାରମ୍ବାର ଟିକଟକୁ ଦେଖି ଯଥା ସ୍ଥାନରେ ଦୀର୍ଘ ଶ୍ୱାସ ନେଇ ରଖି ଦେଉଛି ଭୁବନ ।

ଯାହାହେଉ ଅତି କଷ୍ଟରେ ଗାଁ ଯିବା ଦିନ ଉପନୀତ । ଭୁବନ ପରିବାର ସଦସ୍ୟଙ୍କ ରୁଚି ଜାଣି ସେମାନଙ୍କ ପସନ୍ଦ ହେଲା ଭଳି ଜିନିଷ କିଣି ସାଥିରେ ନେଲା । ଝୁନା ପାଇଁ ବି କିଛି ନେଇଛି । ସେ ଝୁନାକୁ ସର୍ପ୍ରାଇଜ୍ ଦେବ । ରେଳରେ ବସି ଝରକା ଫାଙ୍କରେ ବାହାର ଦୃଶ୍ୟ ଦେଖୁଥାଏ । ପ୍ରତି ଷ୍ଟେସନ ହେଲେ ଲାଗେ ଯେମିତି ଏହି ଷ୍ଟେସନ ନିଜ ଗାଁର ବୋଲି ଭାବୁ ଥାଏ । ବସୁମାତା, ଗଗନ, ଭସା ମେଘ, ଗାଁ ଗାଁରେ ନଦୀ କୂଳିଆ କାସତଣ୍ଡି ପଠା ବିଭିନ୍ନ ଯାଗାର ମନୋରମ ପୁଷ୍ପ ଏବଂ ଭଳି ଭଳି ସୁଗନ୍ଧ ପଛକୁ ପଛକୁ ଚାଲି ହସିଛନ୍ତି ଓ ରେଳରେ ବସି ଭାବୁକ ସାଜିଥିବା ବିରହ ପ୍ରେମିକ ଝୁନା ଆଗକୁ ମିଳିବ ସେ ଲକ୍ଷ୍ୟରେ ପ୍ରକୃତି ଓ ଶୁଭ୍ର, ଶୀତଳ, ଶାନ୍ତ, କାଶତଣ୍ଡି ଇଲାକା ଯେଉଁମାନେ କଲେଜ୍ ଦିନରେ ନ ଦେଖିଲେ କିଛି ହଜମ ହେଉ ନ ଥିଲା ତାଙ୍କ ଆକର୍ଷଣ ପଛରେ ପକାଇ ଆଗକୁ ଧାଇଁ ଯାଉଛି ।

ନିର୍ଦ୍ଧାରିତ ସମୟରେ ରେଳ ଉପଯୁକ୍ତ ଷ୍ଟେସନରେ ପହଞ୍ଚିଲା । ଭୁବନର ମନ ଉଚ୍ଛନ୍ନ । କେତେ ଶୀଘ୍ର ଯାଇ ଘରେ ପହଞ୍ଚିବ ଓ କଥା ଦେଇଥିବା କଥା ଘରେ କହି ଶୁଭ ଉତ୍ସବ କରିବ ମନାସି ଚାଲିଥାଏ । ଗାଁକୁ ପ୍ରବେଶ ହେବା ପୂର୍ବରୁ ସେହି ପୁରୁଣା ଯାଗା ପ୍ରତିଶ୍ରୁତି ସ୍ଥାନ, ସେମାନଙ୍କ ସଂକେତ ସବୁ ଦେଖିଯିବା ମନ ବଳାଇ ଥିଲା ।

ଗାଆଁରେ ଦଶହରା ଉତ୍ସବ ଧୁମ୍ ରେ ପାଳନ ହୁଏ । ଶଙ୍ଖ ତୂରୀ ଭେରି ବାଜା ଶବ୍ଦ କଦମ୍ବ ଗଛ ପାଖକୁ ଶୁଭୁଥାଏ । ଝୁନାକୁ ପାଖେ ଦେଖୁନି ସତ କିନ୍ତୁ ଗାଁ ନିକଟସ୍ଥ ସ୍ମୃତି ସ୍ଥାନରେ ସେ ପଶିଯାଇଛି ଯେମିତି । ଏବଂ ସେ ସବୁ ସାଉଁଟେଇ ଘରେ ପ୍ରବେଶ ହେଲା । ଭୁବନ ଆସିଛି ବୋଲି ସମସ୍ତଙ୍କ ମନ ହରଷ । କିନ୍ତୁ ଝୁନା କଥା କିଛି ଜାଣି ପାରୁନଥାଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେଣୁ ଘରେ ସମସ୍ତ ଙ୍କୁ ମିଶି ଭାବ ଆଦାନ ପ୍ରଦାନ ସାରି ସାଙ୍ଗକୁ ନେଇ ଝୁନାକୁ ଭେଟିବା ପାଇଁ ଗଲା ।

ବିଧିର ବିଧାନ କେ କରିବ ଆନ । ଝୁନା ଗାଁ ପ୍ରବେଶ ହେବା ପୂର୍ବରୁ ଶ୍ମଶାନ ପଡେ । ତାହା ପାର ହେଲେ ଯାଇ ଝୁନା ଘରକୁ ଯିବ । ଶ୍ମଶାନରେ ସଦ୍ୟ ପ୍ରଜ୍ୱଳିତ ଶବ ନିଆଁ, ଧୁଆଁ ବାହାରୁଛି । ଏବେ ଏବେ ଯେମିତି ଦାହ କର୍ମ ସାରି ସବୁ ଫେରି  ଯାଇଛନ୍ତି । ଦୁଇ ଜଣ ସେଠି ପ୍ରଣାମ କରି ଝୁନା ଗାଁକୁ ଅଗ୍ରସର ହେଲେ । ପହଞ୍ଚି ଦେଖିଲେ ଝୁନା ଘର କାନ୍ଦ ରଡ଼ି ସୁଭୁଛି । ଖବର ନେଇ ଜଣାଗଲା ଝୁନା ଆଉ ସଂସାରେ ନାହିଁ । ତା ବାହା ଘର ଦୁଇମାସ ତଳେ ହୋଇଥିଲା । ସରକାରୀ ବଡ଼ ଚାକିରିଆ ବୋଲି ବାପା ମା, ଝୁନାର ଭୁବନ ସହ ସମ୍ପର୍କ ଜାଣି ତରବରିଆ ଭାବେ ବାହା କରିଦେଇଥିଲେ । ଝୁନା ଶାଶୁଘର ଲୋକ ଯୌତୁକ ଲୋଭି ଥିଲେ । ଦାବି ପୂରଣ ନ ହେବାରୁ ଝୁନାକୁ ମାରି ଦେଇଥିଲେ । ଶ୍ମଶାନରେ ଜଳୁଥିବା ଜୁଇ ଝୁନାର ଥିଲା । ଭୂବନ ପାଦତଳୁ ମାଟି ଖସି ଗଲା । ଦୌଡୁ ଥିଲା ଶ୍ମଶାନ ପାଖକୁ ସାଙ୍ଗ ବି କାବୁ କରିପାରିଲା ନାହିଁ । କିନ୍ତୁ ଗାଁର ଭଦ୍ର ବ୍ୟକ୍ତିମାନେ ପିଛା କରି ଭୁବନକୁ ଅଟକାଇ ଶାନ୍ତ କରିବା ପ୍ରଚେଷ୍ଟା ଜାରି କରିଥିଲେ । ହେଲେ ଭୁବନ ଚେତାଶୂନ୍ୟ ବାରମ୍ବାର ହୋଇ ଯାଇଥାଏ । ସେଠାରୁ ଭୁବନକୁ ଅଚେତ ଅବସ୍ଥାରେ ତା ଗ୍ରାମକୁ ନେଇ  ଆସିଥିଲେ । ସଚେତ ପାଇଁ ଚିକିତ୍ସା ଚାଲୁଥିଲା । ଯେତେବେଳେ ଜ୍ଞାନ ଆସୁଥାଏ ଭୁବନ ବାଉଳି ହୋଇ କହୁ ଥାଏ ଝୁନା ଆସ ପ୍ରକୃତି ହସିବା ଆରମ୍ଭ କଲା, ଶରତ ଆସିଲା, ନଦୀ କୂଳେ ପ୍ରକୃତି ଆଉ କାଶତଣ୍ଡି ସହ ଲୁଚକାଳି ଖେଳିବା । ତୁମେ ଅପେକ୍ଷା କର ମୁଁ ଯାଉଛି ଇତ୍ୟାଦି କହୁଥାଏ ଏବଂ ମୂର୍ଚ୍ଛା ହୋଇ ଯାଇଥାଏ ।

ଝୁନା ବାପା ଝିଅକୁ ହରାଇଲେ କିନ୍ତୁ ସଂସାର ଗର୍ଭରେ ଆଉ ଗୋଟେ ପ୍ରକୃତିକୁ ହେୟ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରି ଶୁଭ୍ର, ଶାନ୍ତ, ଅସରନ୍ତି ସ୍ୱପ୍ନ ଦେଖୁଥିବା ଖିଲି ଖିଲି ହସିଥିବା ଭୁବନ ରୂପକ କାଶତଣ୍ଡିକୁ ବି ଅଲୋଡା ଜୁଇକୁ ଠେଲି ପଶ୍ଚାତାପ କରିଥିଲେ ଏବଂ ସରପ୍ରାଇଜ୍ ଆଣିଥିବା ଭୁବନ ଏ ଉପହାର ନିଜ ଦୁଆର ମୁହଁରେ ଦେଖି, ଖୋଲିଲେ ଶୁଖିଲା ଗୋଲାପ ପାଖୁଡ଼ା ଗୁଡ଼ିଏ ଅଛି । ତା ମଧ୍ୟରେ ଝୁନାର ଖିଲି ଖିଲି ହସ ମନେ ପଡି ଯାଉଥିଲା ।

ଗ୍ଳାନି ଓ ପଶ୍ଚାତାପ କରିବା ଛଡା କିଛି ଜଣା ପଡୁନଥାଏ ବାପାଙ୍କୁ ।

ପ୍ରତାପ ଚନ୍ଦ୍ର ମିଶ୍ର
୯୪୩୮୭୨୧୬୩୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଳିକାର ମହକ

ସୋମବାର ଦିନ ସକାଳୁ ଗାଧୋଇ ପାଧୋଇ ପାଖ ଶିବ ମନ୍ଦିରକୁ ଯାଉଥାଏ କଳିକା । ଚାଙ୍ଗୁଡ଼ିରେ ମାଆ ସଜାଡ଼ି ଦେଇଥା'ନ୍ତି ପୂଜାସାମଗ୍ରୀ । ନଡ଼ିଆ, କଦଳୀ, କ୍ଷୀର, ଗୁଡ଼, ପେଡ଼ା, ମିଠେଇ, ଫଳ, ଫୁଲ ଆଉ ଧୂପବତି । ଦାନବାକ୍ସରେ ଦେବାପାଇଁ ସେ ଦକ୍ଷିଣା ମଧ୍ୟ ନେଇଥାଏ ।

ଏବର୍ଷ ପରୀକ୍ଷାଟା ଭଲରେ ଭଲରେ ହୋଇଯାଉ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲା କଳିକା । ଅବଶ୍ୟ ପରୀକ୍ଷାରେ କେବଳ ଭଲ କରିବାକୁ ଠାକୁରଙ୍କୁ ଗୁହାରି କରି ସେ ତୁନିହୋଇ ରହିଯାଇ ନ ଥିଲା । ସେଥିପାଇଁ ବର୍ଷସାରା ମନଲଗାଇ ଲେଖାପଢ଼ା ବି କରିଥିଲା । ଏବେ ସେ ତା' ପରିଶ୍ରମର ଫଳ ପାଇଛି । ଶ୍ରେଣୀରେ ପ୍ରଥମ ସ୍ଥାନ ବଜାୟ ରଖିବା ସହ ବିଦ୍ୟାଳୟର ବାର୍ଷିକୋତ୍ସବରେ ହାସଲ କରିଛି ଗୁଡ଼ାଏ ସରିକି ପୁରସ୍କାର । ଏଣୁ ସେଇ ଖୁସିରେ ଠାକୁରଙ୍କ ପାଖରେ ଭୋଗ ଲଗାଇ ସେ ତା'ର କୃତଜ୍ଞତା ଜଣାଇବାକୁ ଚାହୁଁଛି ।



ବି ନିରୁପମା

କିଛି ବାଟ ଗଲାପରେ କଳିକାଦେଖିଲା, ଥୁରୁଥୁରୁ ବୁଢ଼ୀଟିଏ ବାଡ଼ିଧରି ଆଗକୁ ଚାଲିଛି । ବୟସ ଭାରରେ ନଇଁ ଯାଇଛି ତା'ର ଅଣ୍ଟା । ହାଡୁଆ ଦେହର ପଞ୍ଜରା ସବୁ ଗଣି ହୋଇଯାଉଛି । କିଛି ଦୂର ଗଲାପରେ ସେ ଆଣ୍ଠେଇ ପଡୁଛି । ମଝିରେ ମଝିରେ କାଶି କାଶି ନୟାନ୍ତ ହୋଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯାଉଛି । ଆଖିରୁ ବୋହି ପଡୁଥିବା ଲୁହ ଆଉ ଲେଞ୍ଜରାକୁ ସେ ବାରମ୍ବାର ପୋଛିପକାଉଛି ତା' ଲୁଗାକାନିରେ ।

ଗାଡ଼ି ମଟର ଭିଡ଼ଦେଖି ସେ ହଡ଼ବଡେଇ ଗଲାଣି । ରାସ୍ତାପାରି ହେବାକୁ ଅପେକ୍ଷା କରିଛି ବୋଧହୁଏ ।

ବୁଢ଼ୀର ଅବସ୍ଥା ଦେଖି କଳିକା ମନରେ ଦୟା ହେଲା । ସେ ଡାକ ପକେଇଲା, "ବୁଢ଼ୀମା', ବୁଢ଼ୀମା'..." ଗାଡ଼ି ମଟର ଶବ୍ଦ ଯୋଗୁଁ ବୁଢ଼ୀଟିର କାନକୁ ଠିକରେ ଶୁଣାଗଲା ନାହିଁ ବୋଧହୁଏ । ଏଣୁ କଳିକା ତରତରରେ ଯାଇ ତା' ପାଖରେ ପହଞ୍ଚି ହାତଧରି ରାସ୍ତାରୁ ଆଡ଼େଇ ନେଲା । ବୁଢ଼ୀକୁ ଚାହିଁ ପଚାରିଲା, "ବୁଢ଼ୀମା", ତୁମେ ଏମିତି ଏକୁଟିଆ କୁଆଡ଼େ ଯାଉଛ ? ତୁମର କ'ଣ ହୋଇଛି ? ତୁମ ଘର ଲୋକଙ୍କ ସହିତ ଆସିଲନି ?"

ବୁଢ଼ୀ ତା'ର କୋଟରଗତ ଚକ୍ଷୁରେ କଳିକାକୁ ଟିକେ ନିରେଖି ଚାହିଁଲା । ତା' ପରେ ଖୁଁ, ଖୁଁ କାଶି ଉତ୍ତର ଦେଲା, "ମାଆଲୋ, ମୁଁ ହତଭାଗିନୀ ନିଆଶ୍ରୀଟିଏ । ମୋର କେହି ନାହାଁନ୍ତି । ଗୁଡ଼ାଏ ଦିନ ହେଲାଣି, ଏ ନିଆଁଲଗା ଜରଟା ଧରିଚି ଯେ, ଜମାରୁ ଛାଡୁନି । ଆ'ରି ଦାଉରେ ଦେହ ହାତରେ ମୋର ବଳ ପାଉନି । ତିନିଦିନ ବିତିଲାଣି ପେଟକୁ ମୁଠାଏ ଅନ୍ନ ଯାଇନି । ଆତ୍ମା ଡାକୁନି କାହା ଆଗରେ ହାତ ପାତିବାକୁ । ବାସନ ଦୁଇଖଣ୍ଡ ଥିଲା ଯେ, ତାକୁ ନେଇ ବଜାରକୁ ଯାଉଛି । ବିକ୍ରିକରି ବଇଦ ପାଖରୁ ଓଷଦ ଆଣିବି ।"

ବୁଢ଼ୀଟିର କଥାଶୁଣି କଳିକା ମନରେ ଦୟା ହେଲା । କ'ଣ ଟିକେ ଚିନ୍ତାକରି, ତା' ହାତକୁ ଧରି କହିଲା, "ବୁଢ଼ୀମା', ମୁଁ ତୁମ ଦୁଃଖ ବୁଝିପାରୁଛି । ମନାକରନା- ନିଅ, ମୋ ପାଖରେ ଥିବା ଏଇ ଫଳ ଆଉ ପେଡ଼ା ସବୁକୁ ଖାଅ । ଏବେ ମୁଁ ଗୋଟିଏ ଅଟୋରିକ୍ସା ଡାକୁଛି । ମୋ ବାପା ଜଣେ ଡାକ୍ତର । ଏଇ ପାଖରେ ତାଙ୍କ କ୍ଲିନିକ । ତାଙ୍କରି ପାଖରେ ମୁଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତୁମ ଦେହ ଦେଖେଇ ଦେବି ।"

ଏଥର କଳିକା ମନ୍ଦିର ଯିବାକଥା ପାସୋରି, ପୂଜାପାଇଁ ନେଉଥିବା କ୍ଷୀର, ଫଳ ଆଉ ପେଡ଼ା ସବୁକୁ ଆଦରରେ ବୁଢ଼ୀଟିକୁ ଖୁଆଇଲା । ତା'ପରେ ଅଟୋରିକ୍ସାରେ ବସେଇ ନେଇଗଲା ତା' ବାପାଙ୍କ ପାଖକୁ ।

ବାପା-ଝିଅ ପାଖରୁ ସବୁକଥା ଶୁଣି, ଭଲଭାବରେ ବୁଢ଼ୀଟିର ଦେହ ପରୀକ୍ଷା କଲେ । ତା'ପରେ ଆବଶ୍ୟକ ଔଷଧ ସହ କିଛି ଟଙ୍କା ଦେଇ କହିଲେ, "ମାଉସୀ, ମନାକରନି, ଏ ସବୁ ପାଖରେ ରଖ, କାମରେ ଆସିବ ।"

ଥତମତ ହୋଇ ବୁଢ଼ୀଟି ସେତକ ଧରିଲା ।

ଏଥର ପାଖରେ ଛିଡ଼ା ହୋଇଥିବା ଝିଅର ଗାଲକୁ ଟିକେ ଚିମୁଟି ଦେଇ, ଡାକ୍ତରବାବୁ ହସିହସି କହିଲେ, "ତୁ ଆଗରୁ ଆଉ ଟିକେ ସାନ ଥିଲା ବେଳେ ମୋତେ କେତେଥର ପଚାରିଛୁ, "ବାପା, କଳିକା  କହିଲେ କ'ଣ ?" ମୁଁ ମଧ୍ୟ ଉତ୍ତରରେ କହିଛି, 'ଫୁଲକଢ଼ି' । ଆଜି ବି ତୁ କଢ଼ଟିଏ, କାଲି ଫୁଲଭଳି ଫୁଟିବୁ । ତୋ ମହକରେ ଆଖପାଖ ଦେଶ-ଦୁନିଆ ମହକାଇ ଦେବୁ ।"

"ବାବା, ମୁଁ ପୁଣି ଫୁଲଭଳି ମହକିବି କେମିତି ?" ତୁ ପଚାରୁ ।

ଆଜି ମୁଁ ସେ ପ୍ରଶ୍ନର ଉତ୍ତର ପୁଣିଥରେ ଦେଉଛି, "ଠିକ ଏମିତି । ଅସୁବିଧା ଏବଂ ଦୁଃଖ-କଷ୍ଟରେ ପଡ଼ିଥିବା ଲୋକଙ୍କୁ ଆଉ ଜୀବଜନ୍ତୁମାନଙ୍କୁ ଆମ ଦ୍ୱାରା ସମ୍ଭବ ହେଉଥିବା ସାହାଯ୍ୟ ଓ ସହଯୋଗ କରି । ମନ୍ଦିର ଯାଇ-ଭୋଗ ଲଗାଇ ପୂଜା ଅର୍ଚ୍ଚନା କରିବା ଦ୍ୱାରା ଈଶ୍ୱର ଯେତିକି ସନ୍ତୁଷ୍ଟ ହୁଅନ୍ତି, ଏମିତି ଅନ୍ୟର ଉପକାର କଲେ ତା'ଠାରୁ ଅଧିକ ତୋଷ ହୁଅନ୍ତି ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ହଁ ବାବା, ମୁଁ ଜାଣିଛି ପରା, ସମସ୍ତଙ୍କ ଦେହରେ ଭଗବାନ ଅଛନ୍ତି, ସେଥିପାଇଁ ତ ପୂଜାଲାଗି ନେଉଥିବା ଭୋଗ ସାମଗ୍ରୀକୁ ଏଇ ଭୋକିଲା ବୁଢ଼ୀମା'ଙ୍କୁ ଖୁଆଇ ଦେଲି ।" କଳିକା ଉତ୍ତର ଦେଲା ।

ବୁଢ଼ୀଟି-ଜଳଜଳ କରି ଚାହିଁ ଶୁଣୁଥାଏ ବାପ-ଝିଅଙ୍କର କଥାକୁ । ପୂରା ନହେଲେ ବି ସେ ଠଉରେଇ ଅଧାଅଧି ବୁଝୁଥାଏ ।

ଏଥର କଳିକା ବାପାଙ୍କ ପାଖରୁ ଆଉ କିଛି ଟଙ୍କା ନେଇ ସେ ବୁଢ଼ୀମା' ଲାଗି -ଫଳ, ମୂଳ ଓ ବିସ୍କୁଟ ପାଉଁରୁଟି କିଣିଦେଲା । ତା'ପରେ ଘରକୁ ଫେରିବା ପାଇଁ ଗୋଟିଏ ଅଟୋରିକ୍ସା ଡାକି  ତାକୁ ବସେଇ ଦେଲା ।

ବୁଢ଼ୀଟି ଗାଡ଼ିରୁ ଟିକିଏ ଝୁଙ୍କିପଡ଼ି-କଳିକାର ମୁଣ୍ଡକୁ ଆଉଁଶି ଦେଇ କହିଲା, "ମାଆ ଲୋ, ତୋତେ କଇଲାଣ କରୁଚି, ତୁ ସବୁବେଳେ ସୁଖରେ ରହ, ତୋ ଚଲାବାଟରେ ଫୁଲପଡ଼ୁ । ତୁ ପାଠଶାଠ ପଢ଼ି ବଡ଼ମଣିଷ ହଅ; ଆଉ ମୋଅରି ଭଳି ଦୁଃଖୀ ଲୋକର, ଦୁଃଖକଷ୍ଟ ଦୂରକରି ସୁନାମ ଅରଜ ।"

ଫିକକରି ଟିକେ ହସିଦେଇ, ଏଥର ହାତହଲାଇ ବୁଢ଼ୀମା'କୁ ବିଦାୟ ଜଣେଇଲା କଳିକା ।

ମାମୁରିଆ, ଛେଣ୍ଡିପଦା, ଅନୁଗୋଳ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବେତ ପାହାର



ମହମ୍ମଦ ହନିଫ୍ ସାହା

ମୋର ପ୍ରିୟ ମହାପାତ୍ର ସାର୍ । ତା'ଙ୍କର ପୁରାନାମ ହେଲା "ଶ୍ରୀଯୁକ୍ତ ସଦାଶିବ ମହାପାତ୍ର । ସେ ଇଂରାଜୀ ପଢାନ୍ତି । ସେ ଜଣେ ଆଦର୍ଶ ଶିକ୍ଷକ ଭାବରେ ଅଞ୍ଚଳରେ ଚର୍ଚ୍ଚିତ ହୋଇଥାଆନ୍ତି । ଭାରି ଭଦ୍ର ଓ ମେଳାପି ବ୍ୟକ୍ତି ମଧ୍ୟ । ଡେଙ୍ଗା ଗୋରା ତକତକ ସୁନ୍ଦର ସ୍ୱାସ୍ଥ୍ୟ । ପାଦରେ ଚମଡ଼ା ଚପଲ ଆଖିର ଦିବାରାତ୍ରି ଚଷମା ତତ୍ ସହିତ ହାଫ୍ କୁର୍ତ୍ତା ଓ ଧଳା ଧୋତି ପୋଷାକ ତାଙ୍କୁ ଖୁବ୍ ମାନୁଥାଏ । ସେ ଖୁବ୍ ସମୟାନୁବର୍ତ୍ତୀତା ମଧ୍ୟ । ଶ୍ରେଣୀରେ ପିଲାମାନଙ୍କୁ ସ୍ନେହ କରନ୍ତି, ସବୁଦିନ କିଛି ନା କିଛି ହିତୋପଦେଶ ଦିଅନ୍ତି । ସମସ୍ତଙ୍କୁ ନିଜ ପୁଅ -ଝିଅ ପରି ଦେଖନ୍ତି ।

ମହାପାତ୍ର ସାର୍ ବାପାଙ୍କର ସାଙ୍ଗ ହୋଇଥିବାରୁ ଶ୍ରେଣୀରେ ମୋ ଉପରେ ଟିକେ ଧ୍ୟାନ ଦିଅନ୍ତି । କ୍ଲାସ୍ ଚାଲିଥିବା ସମୟରେ ପାଠ ସମ୍ବନ୍ଧୀୟ ପ୍ରଶ୍ନ ମୋତେ ପଚାରନ୍ତି । ତାଙ୍କୁ ଯେଉଁ ଦିନ ସନ୍ତୋଷଜନକ ଉତ୍ତର ନ ମିଳେ ମୋଠାରୁ, ବାପାଙ୍କ ପାଖକୁ ରିପୋର୍ଟ ପହଞ୍ଚିଯାଏ । ମୋତେ ସେଦିନ ନିର୍ଧୁମ ଗାଳି ଶୁଣିବାକୁ ମିଳେ ।

ମୁଁ ଇଂରାଜୀ ବିଷୟରେ ଦୁର୍ବଳ ଥିଲି । ଇଂରାଜୀ ବିଷୟ ପ୍ରତି ମୋତେ ଭାରି ଭୟ ଥିଲା । ତେଣୁ ବାପା ମୋତେ ମହାପାତ୍ର ସାରଙ୍କ ପାଖକୁ ନିୟମିତ ଟିୟୁସନ୍ ଯିବାକୁ କହିଲେ । ବାପାଙ୍କର କହିବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁସାରେ ମୁଁ ନିୟମିତ ଟିୟୁସନ୍ ଗଲି । କିନ୍ତୁ କିଛି ଦିନ ଟିୟୁସନ୍ ଯିବା ପରେ କିଛି ଫରକ ପଡ଼ିଲା ନାହିଁ । ତେଣୁ ପାଠରେ ଜମାରୁ ମନ ଲାଗୁ ନ ଥାଏ । ସାର୍ ଙ୍କର ବିରକ୍ତି ଭାବ ମୋ ଉପରେ ବଢ଼ିବାରେ ଲାଗିଲା ।

ଦିନେ ସାର୍ ଟିୟୁସନ୍ ରେ ସମସ୍ତ ପିଲାଙ୍କୁ ପାଠ ଘରେ କରିବା ପାଇଁ ପରାମର୍ଶ ଦେଲେ । ପରଦିନ ସମସ୍ତ ପିଲାମାନେ ପାଠ ଦେଲେ କିନ୍ତୁ ମୁଁ ଗୋଟିଏ ପିଲା ପାଠ ଦେଇ ପାରିଲି ନାହିଁ । ବାସ୍ ସାରଙ୍କୁ ସମ୍ଭାଳେ କିଏ ?

ସେ ଖୁବ୍ ରାଗି ଯାଇ ଟେବୁଲ୍ ଉପରେ ଥିବା ଦୁଇ ହାତ ଲମ୍ବା ବେତରେ ମୋତେ ଲଗାତାର ପିଟି ପକାଇଲେ ଆଠ ଦଶ ପାହାର । ବେତ ପାହାର ଯୋଗୁଁ ଦେହ ହାତରେ ଲାଲ ଦାଗ ପଡ଼ି ଯାଇ ବଥା ହୋଇ ଗଲା । ମୁଁ ସଙ୍ଗେ ସଙ୍ଗେ କାନ୍ଦି ପକାଇଲି ଭୋ ଭୋ ହୋଇ । ଟିୟୁସନ୍ ସ୍ତବ୍ଧ ହୋଇଯାଇଥିଲା କିଛି ସମୟ ପାଇଁ । ଏହା ପରେ ସାର୍ ମୋ ପାଖକୁ ଆସି ସ୍ୱାନ୍ତନ ଦେଇ ବହୁତ ବୁଝାଇଲେ ଭଲ ପାଠ ପଢି ଭଲ ମଣିଷ ହେବାପାଇଁ ଭବିଷ୍ୟତରେ । ଉଦାହରଣ ରେ ତାଙ୍କ ପିଲାଦିନ ରେ ସେ କେତେ କଷ୍ଟ କରି ଖାଲି ପାଦରେ ମାଇଲ୍ ମାଇଲ୍ ବାଟ ଚାଲି ଚାଟଶାଳି କୁ ପାଠ ପଢିବାକୁ ଯାଉଥିଲେ କହିଲେ । ଅତୀତରେ ତାଙ୍କ ପାଖରେ ଭଲ ପୋଷାକ ବି ନଥିଲା ଚାଟଶାଳି କୁ ପିନ୍ଧି ଯିବା ପାଇଁ ।ପାଠ୍ୟ ଉପକରଣ ଠିକ୍ ଭାବରେ ବି ମିଳୁ ନଥିଲା । ସବୁ ଦୁଃଖ ଯନ୍ତ୍ରଣା ସହି କେମିତି ସଫଳତା ଅର୍ଜନ କରିଥିଲେ ତାହା ଗୋଟି ଗୋଟି ବର୍ଣ୍ଣନା କରିଥିଲେ । ଯାହା ମୋ ମାନସ ପଟରେ ଏ ପର୍ଯ୍ୟନ୍ତ ଲିପିବଦ୍ଧ ହୋଇ ରହିଛି ।

ତା' ପରେ ପରଦିନ ଠାରୁ ଧିରେ ଧିରେ ପାଠରେ ମୋର ମନ ଲାଗିଲା । ପାଠ ପ୍ରତି ଭୟ ଦୂର ହେବାରେ ଲାଗିଲା । ଅବିଳମ୍ବେ ଟିୟୁସନ୍ ରେ ମୋର ପରିଚିତି ହେଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାପ୍ତାହିକ ପରୀକ୍ଷା ରେ ଭଲ ନମ୍ବର ରଖିବାକୁ ଲାଗିଲି ।

ଏହି ପରି ଷାଣ୍ମାସିକ ପରୀକ୍ଷା ଓ ବାର୍ଷିକ ପରୀକ୍ଷା ରେ ଶ୍ରେଣୀ ସହପାଠୀ ଙ୍କୁ ପଛରେ ପକାଇ ମୁଁ ଉଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହେଲି । ବାପା ପରୀକ୍ଷା ଫଳ ଦେଖି ଖୁବ୍ ଆନନ୍ଦିତ ହେଲେ ଓ ସାର୍ ମଧ୍ୟ । ମୁଁ ଅନୁଭବ କଲି ସାର୍ ଙ୍କର ଯେଉଁ ବେତ ପ୍ରହାର ତାହା ମୋ ପାଇଁ ଆଶିର୍ବାଦ ସଦୃଶ ଥିଲା... ! ! (ସମାପ୍ତ)

ମହମ୍ମଦ ହନିଫ୍ ସାହା
ନୂଆଗାଁ ,ଧାମନଗର ,ଭଦ୍ରକ
ମୋ: ୯୭୭୬୦୯୦୮୨୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେରଣାର ଉତ୍ସ

ପ୍ରତ୍ୟେକ ମଣିଷର ଜୀବନରେ କିଛି ଲକ୍ଷ୍ୟ, କିଛି ସ୍ୱପ୍ନ ଭରି ରହିଥାଏ । ଆଉ ଯେତେବଳେ ମଣିଷ ସେହି ଛୋଟ ଛୋଟ ସ୍ୱପ୍ନ ପୂରା କରିବାର ଛୋଟ ଛୋଟ ପ୍ରୟାସରେ ସଫଳ ହେଇଯାଏ ତାର ଖୁସି ଦ୍ୱିଗୁଣିତ ହେଇଯାଏ ।

ସେଦିନ ଏଭଳି ଏକ ଅପୂର୍ବ ଖୁସିର ଦିନ ଥିଲା ଝାନ୍‌ସୀ ପାଇଁ । କାରଣ ସେଦିନ ତା'ର ଦ୍ୱାଦଶ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଫଳ ପ୍ରକାଶିତ ହୋଇଥିଲା । ଏବଂ ଝାନ୍‌ସୀ ଜିଲ୍ଲାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲା । ତା'ର ଖୁସିର ସୀମା ନ ଥାଏ । ବାପାମା ମଧ୍ୟ ଝିଅର ସଫଳତା ଦେଖି ଖୁସିରେ ଲୁହ ଜକେଇ ଆସୁଥାଏ । ଝାନ୍‌ସି ଏକ ନିପଟ ମଫସଲ ଗାଁର ନିହାତି ଗରିବ ଘର ଝିଅ । ତା ବାପା କୁଲି କାମ କରି ପରିବାରର ପେଟ ପୋଷୁ ଥିଲେ ଓ ମା ସିଲେଇ କରି ବାପାଙ୍କୁ ଘର ଚଳେଇବାରେ ସହଯୋଗ କରୁଥିଲେ । ମହଙ୍ଗା ଦୁନିଆରେ ଏପରି ରୋଜଗାରରେ ଚଳିବା ଯେ କେତେ କଷ୍ଟ ନ କହିଲେ ଭଲ । ଦୁଇ ଓଳି ଭଲ କରି ଖାଇବା ସେମାନଙ୍କ ପାଇଁ କଷ୍ଟମୟ ଥିଲା । ଘରେ ବିଜୁଳି ଆଣିବା ଯେମିତି ସ୍ୱପ୍ନ ସେମାନଙ୍କ ପାଇଁ । ଅଭାବ ଅନାଟନ ଓ ଦାରିଦ୍ର୍ୟତା କୁଠାରଘାତ ସହି ମଧ୍ୟ ସେମାନେ ନିଜ ଝିଅକୁ ପାଠ



ସୁଶ୍ରୀ ଆରତି ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଢାଇବାରେ କେବେ ଅବହେଳା କରିନାହାନ୍ତି । ଦାରିଦ୍ର୍ୟତାର ତାଡ଼ନା ସହି ଝିଅକୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢାଇ ଆଣିଛନ୍ତି । କେବେ ତାର ପ୍ରତିଭା, ପାଠପଢା ଆଗରେ ନିଜ ଦାରୁଣ କଷ୍ଟକୁ ପଶି ଆସିବାକୁ ଦେଇ ନାହାନ୍ତି । ଝାନ୍‌ସୀ ଜଣେ ଖୁବ୍ ମେଧାବୀ ଛାତ୍ରୀ । ତାର ପ୍ରଖର ବୁଦ୍ଧି, ଶାଳୀନ ବ୍ୟବହାର, ସାହସୀ ମନୋଭାବ ଦେଖି ଆଚ୍ଛା ଆଚ୍ଛା ଲୋକ ଚକିତ ହେଇଯାନ୍ତି । ତାର କେବଳ ଗୋଟିଏ ସ୍ୱପ୍ନ, ଯେ ସେ କଲେକ୍ଟର ହେବ । ଯେଉଁ ଦାରିଦ୍ର୍ୟର କୋରଡମାଡ ସେ ନିଜ ବାପା ମାଆଙ୍କ ପିଠିରେ ପଡିବାର ଦେଖିଛି, ତାହା ଦୂର କରିବାକୁ ଚାହେଁ । ଆଉ ଏଭଳି ଶହ ଶହ ଲୋକ ଏବଂ ସେମାନେ ନିଜ ଝିଅଙ୍କ ପାଇଁ ଉଚ୍ଚ ସ୍ୱପ୍ନ ଦେଖିବାକୁ ଯେଉଁ ଭୟ କରନ୍ତି ତାହା ଦୂର କରିବାକୁ ଚାହେଁ ।

ଏହା ଭିତରେ ସେ ଖୁବ୍ କଷ୍ଟରେ ସ୍ନାତକ ଶିକ୍ଷା ସମାପ୍ତ କରି ସାରିଛି ଏବଂ ନିଜ ସ୍ୱପ୍ନ ପାଇଁ ପ୍ରସ୍ତୁତି ଆରମ୍ଭ କରି ସାରିଛି । କିନ୍ତୁ ଅନୁଭବ କରିଛି ଯେ ତାକୁ ସହରରେ ଅଧିକ ସୁଯୋଗ ମିଳିପାରିବ । ପରୀକ୍ଷା ସମୟ ମଧ୍ୟ ପାଖେଇ ଆସିଲାଣି । ନିଜକୁ ପ୍ରସ୍ତୁତ କରାଇବା ପାଇଁ ସମୟ ଖୁବ୍ କମ୍ ସମୟ ବାକି ରହିଛି । ବାପାମା' ମଧ୍ୟ ଦିନରାତି ଏକା କରି ପଇସା ଯୋଗାଡ କରି ଝିଅର ସ୍ୱପ୍ନ ସାକାର କରିବା ପାଇଁ ନିଜକୁ ଅଙ୍ଗୀକାରବଦ୍ଧ କରାଇ ନେଇଛନ୍ତି, ଯେତେ କଷ୍ଟ ହେଉ ପଛେ ।

ବାପା ଆଉ ଝାନ୍‌ସୀ ତା ପରେ ଶିକ୍ଷାନୁଷ୍ଠାନରେ କୋଚିଂ ପାଇଁ ନାମଲେଖା ପାଇଁ ବାହାରିଛନ୍ତି । ସକାଳୁ ସକାଳୁ ବସରେ ବସି ସହର ଅଭିମୁଖେ ଯାତ୍ରା ଆରମ୍ଭ କରିସାରିଛନ୍ତି । ସହର ଗାଁ ଠାରୁ ଅନେକ୍ ଦୂର । ୬, ୭ଘ. ସମୟ ଲାଗିଯିବ । ଅନେକ ଜଙ୍ଗଲ ଓ ଘାଟି ପୂର୍ଣ୍ଣ ରାସ୍ତା । ଆଖିରେ ଆଖିଏ ସ୍ୱପ୍ନ ନେଇ ମନ ଆନନ୍ଦରେ ଝାନ୍‌ସୀ ବସରୁ ବାହାରକୁ ଚାହୁଁଥାଏ, କାହିଁକିନା ସେ ତା ସ୍ୱପ୍ନର ଖୁବ୍ ନିକଟବର୍ତ୍ତୀ ହେବାକୁ ଯାଉଛି । ମନେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନେ ଖୁବ୍ ଦୃଢ଼ ହେଉଥାଏ, ଖୁବ୍ ପରିଶ୍ରମ କରିବ ବୋଲି ସଂକଳ୍ପ ମଧ୍ୟ ନେଉଥାଏ । ବାପା ମା'ଙ୍କ ପରିଶ୍ରମର ଉପଯୁକ୍ତ ମୂଲ୍ୟ ସେ ରଖିବ ବୋଲି ଭାବି ଭାବି ମନେ ମନେ ଭବିଷ୍ୟତ କଳ୍ପନା ରେ ନିଜକୁ ହଜେଇ ଦେଇ ଥାଏ ।

ହଠାତ୍ ଖୁବ୍ ଜୋର୍ ରେ କିଛି ଶବ୍ଦ ଶୁଣାଗଲା । ଆଉ ତା ପରେ ସବୁ କିଛି ଅନ୍ଧକାରମୟ ହୋଇଗଲା । ସ୍ୱଳ୍ପ ଚେତନାରେ ଧିମା ଧିମା ଆଖିରେ ସବୁ ତାକୁ ଜାଲୁ ଜାଲୁଆ ଦିଶୁଥାଏ । ଲୋକଙ୍କ ହାହାକାର, କ୍ରନ୍ଦନ ଓ ନିଜକୁ ବହୁତ୍ କଷ୍ଟ ଅନୁଭବ ହେଉଥିଲା । କିଛି ବୁଝିବା ଆଗରୁ ତା ଆଖି ଆଗରେ ସମ୍ପୂର୍ଣ୍ଣ ଅନ୍ଧକାର ଛାଇଗଲା । ଯେତେବେଳ ଆଖି ଖୋଲି ଦେଖିଲା ସେ ନିଜକୁ ଡାକ୍ତରଖାନାରେ ପାଇଲା ରକ୍ତ ଜୁଡ଼ୁବୁଡ଼ୁ ହୋଇ । ସାମ୍ନାରେ ବାପା ମଧ୍ୟ ଖଣ୍ଡିଆ ଖାବରା ହୋଇ ଠିଆ ହୋଇଛନ୍ତି ଓ ଆଖିରୁ ବହି ଚାଲିଛି ଅସମାହିତ ଅଶ୍ରୁର ଧାରା । ବୁଝିବାକୁ କଷ୍ଟ ହେଲା ନାହିଁ ଯେ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ନିଜ ଅସହ୍ୟ କଷ୍ଟକୁ ବୁଝିବା ଆଗରୁ ଡାକ୍ତର ଆସି କହି ଦେଇଗଲେ ଗାଡିର ଏକ କାଚ ଝାନ୍‌ସୀର ହାତରେ ଦୀର୍ଘ ସମୟ ପଶିରହି ଖୁବ୍ କ୍ଷତାକ୍ତ କରିଛି, ବହୁ ରକ୍ତ ବହି ସାରିଛି । ଡାକ୍ତରଖାନା ଆଣିବାରେ ବିଳମ୍ବ ହୋଇଥିବାରୁ ବର୍ତ୍ତମାନ ତାର ଡାହାଣ ହାତଟି ଆଉ କାର୍ଯ୍ୟକ୍ଷମ ହୋଇ ପାରିବ ନାହିଁ, ତାକୁ ଶରୀରରୁ ଅଲଗା କରିବାକୁ ହେବ । କୃତିମ ହାତ ଲଗା ଯାଇ ପାରିବ କିନ୍ତୁ ଢେର୍ ଅର୍ଥର ଆବଶ୍ୟକତା ରହିଚି । ଡାକ୍ତରଙ୍କ ଗୋଡ ଧରି ଝାନ୍‌ସୀର ବାପା ନିଜ ଝିଅକୁ ଭଲ କରିଦେବା ପାଇଁ କେବଳ ନେହୁରା ହେଉଥାନ୍ତି ।

ଏସବୁ ଶୁଣି ଝାନ୍‌ସୀର ମୁଣ୍ଡରେ ଯେମିତି ଚଡକ ପଡିଗଲା । ପାଦତଳୁ ମାଟି ଖସିବାକୁ ଲଗିଲା । ସବୁ ଆଶା, ସ୍ୱପ୍ନ ଯେମିତି ଆଖି ପିଛୁଳାକେ ପାଣିଫୋଟକା ପରି ମିଳେଇଗଲା । ସ୍ୱପ୍ନ ଦେଖିବାକୁ ଆରମ୍ଭ କରିଥିବା ଆଖି ଯେମିତି ଚାଉଁକିନା ଭାଙ୍ଗି ଯାଇଥିବା ନିଦରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୁଆଡେ ଉଭେଇ ଗଲା । ଏ କଣ ସବୁ ଘଟିଗଲା ତା ଜୀବନରେ । ଯେଉଁ ବାପାମା'ଙ୍କ ଦୁଃଖ ଦୂର କରି ସେମାନଙ୍କ ସାହାରା ହେବ ବୋଲି ସେ ଭାବିଥିଲା ସେମାନଙ୍କ ପାଇଁ ସେ ପୁଣି ଏକ ବୋଝ ପାଲଟିଗଲା । ବେଡି ଉପରେ ସେ ଯେମିତି କରଡ଼ାମାଡ ଥିଲା ସେ ବାପାମା'ଙ୍କ ପାଇଁ । ସେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଥାଏ । ଏଥରର ପ୍ରିଲିମ୍ ପରୀକ୍ଷା ଦେବାର ସୁଯୋଗ ବି ସେ ହରାଇ ସାରିଥାଏ । ଡାକ୍ତରଖାନାରୁ ଫେରି ଆସିଛି ସତ କିନ୍ତୁ ମାନସିକ ରୂପେ ସେ ସମ୍ପୂର୍ଣ୍ଣ କ୍ଷତାକ୍ତ ହୋଇ ପଡିଛି ସେ । ବାପାମା ଝାନ୍ସୀର ଖୁବ୍ ଯତ୍ନ ନିଅନ୍ତି । କିନ୍ତୁ ଝିଅର ସ୍ୱପ୍ନକୁ ଭାଙ୍ଗିଯିବା ଦେଖିବା ଯେମିତି ଜୀବନର ସବୁ କଷ୍ଟ ଠୁ ବଳି ଯାଇଚି ।

କିନ୍ତୁ ବାପା ମା ଝିଅକୁ ଏମିତି ଅବସ୍ଥାରୁ ବାହାର କରିବା ପାଇଁ ଦୃଢ଼ ନିଷ୍ପତ୍ତି ନେଲେ । ସେମାନେ ନିଜ ଝିଅକୁ ପୁଣି ସ୍ୱପ୍ନ ଦେଖାଇବା ଶିଖାଇବା ବୋଲି ସଂକଳ୍ପ କଲେ । ନିଜ ପୈତୃକ ସମ୍ପତ୍ତିର ଶେଷ ସେହି ଖଣ୍ଡିଏ ଘରକୁ ବିକ୍ରି କରି ସହର ଚାଲିଲେ । କଷ୍ଟେମଷ୍ଟେ କାମ ଖଣ୍ଡେ ଯୋଗାଡ କରି ଦିନରାତି ପରିଶ୍ରମ କରି ପଇସା ରୋଜଗାର କଲେ । ମା ମଧ୍ୟ ଘର ଘର ବୁଲି ସିଲାଇ କାମ କରି ରୋଜଗାର କଲେ । ଝାନ୍ସୀର ପାଠପଢା ଏଣିକି ପୁଣି ଆରମ୍ଭ ହେବ । କିନ୍ତୁ ଝାନ୍ସୀ ନିଜକୁ ସମ୍ପୂର୍ଣ୍ଣ ଅସମର୍ଥ ମନେ କରୁଥାଏ । ଉଦାସୀନତାରେ ଜୀବନ କାଟି ଚାଲି ଥାଏ ଯେ ସେ କିଛି କରି ପାରିଲା ନାହିଁ । ସବୁ ସୁଯୋଗ ହରାଇ ଦେଲା । ଆଉ ସେ ନିଜ ଲକ୍ଷ୍ୟକୁ ପାଇବାର ସାହାସ କରି ପାରୁ ନଥାଏ ।

ଦିନେ ବାପା ଦୁଃଖରେ ବସିଥିବା ଝିଅ ପାଖରେ ବସିଲେ, ତାର ମୁଣ୍ଡରେ ସ୍ନେହବୋଳା ହାତ ବୁଲାଇ ଆଣି କହିଲେ: ମା'ରେ ପିଲାଟି ଦିନରୁ ତୁ ବହୁ ସାହସୀ ଆଉ ଚଞ୍ଚଳ ଥିଲୁ ବୋଲି ତୋ ନାଁ ଥିଲା ଝାନ୍ସୀ । ତୁ ହେଉଛୁ ମୋର ସବୁଠୁ ବଡ଼ ସମ୍ପତ୍ତି । ଜୀବନରେ ଦାରିଦ୍ର୍ୟର କଷାଘାତର କଷ୍ଟ ମଧ୍ୟ ତୋର ଖୁସି ଓ ଉଚ୍ଚ ସ୍ୱପ୍ନ ଆଗରେ ଉଭେଇଯାଏ । ହାତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯଦି ଭଗବାନ୍ ଛଡେଇ ନେଇଛନ୍ତି ସତ କିନ୍ତୁ ତୋର ପ୍ରତିଭା ଓ ବିଚକ୍ଷଣ ବୁଦ୍ଧି ତ ତୋର ସବୁଠାରୁ ବଡ଼ ଶକ୍ତି । ମୋର କଣ ସେହି ଝାନ୍‌ସୀକୁ ମୁଁ ହରେଇ ବସିଛି !!! କଣ ସେହି ଦୃଢ଼ ପ୍ରତିଜ୍ଞା ଓ ଉଚ୍ଚଭିଳାଷୀ ଝାନ୍‌ସୀ ପୁଣି ଫେରିବ ନାହିଁ? ଯିଏ ଖାଲି ମୋର ନୁହେଁ ମୋ ଭଳି ଶହ ଶହ ଲୋକଙ୍କ ଦୁଃଖ ଦୂର କରିବାକୁ ବାହାରି ପଡିଥିଲା । ମୋର ସମ୍ପୂର୍ଣ୍ଣ ଜୀବନ ତୋର ସ୍ୱପ୍ନ ପୂରଣ କରିବାକୁ ଲଗାଇ ଦେଇଚି, କଣ ତୁ ସେହି ସ୍ୱପ୍ନକୁ ଅଧୁରା ଛାଡି ଦେବୁ । ତୁ ପାରିବୁରେ ମା, ତୁ ପାରିବୁ କହି ଲୁହ ଛଳଛଳ ହୋଇ ଉଠି ଚାଲି ଗଲେ ।

ବାପାଙ୍କ ଏହି କିଛିପଦ କଥା ଝାନ୍‌ସୀ ମନରେ ଗଭୀର ପ୍ରଭାବ ପକାଇଲା । ସେ ବାପାଙ୍କ କୋହଭରା କଥା ଓ ତା ପ୍ରତି ରହିଥିବା ବିଶ୍ୱାସ ତା ମନରେ ଗୁଞ୍ଜରିତ ହେବାକୁ ଲଗିଲା ଏବଂ ପୁଣି ଏକ ନୂତନ ସୂର୍ଯ୍ୟୋଦୟ ତାର ଜୀବନରେ ଆଲୋକ ଭରିଦେବ ସେ ଆଶା ସଞ୍ଚାର ହେଲା ।

ତା ପରଦିନ ଯେତେବଳେ ସେ କୋଚିଂ ଯିବାକୁ ବାହାରିଲା ମା ମୁଣ୍ଡରେ ଚିତା କାଟି କହିଲେ – ମୋ ଝାନ୍‌ସୀ ସମସ୍ତଙ୍କ ପ୍ରେରଣା ସାଜିବ ଓ ତା ର ନାଁକୁ ସାର୍ଥକ କରିବ ।

ପୁଣି ଜଳିବା ଆରମ୍ଭ ହେଲା ଏକ ଲିଭି ଆସୁଥିବା ଆଲୋକର ଦୀପଶିଖା । ସ୍ୱପ୍ନର ନୂତନ ଆରମ୍ଭ । ନିଜ ଖୁବ୍ ପରିଶ୍ରମ ବଳରେ ଝାନ୍‌ସୀ ଗୋଟି ଗୋଟି କରି ସମସ୍ତ ସୋପାନ ପରୀକ୍ଷାର ପାର କରି ଚାଲିଲା ଏବଂ ଶେଷରେ ସେ କଲେକ୍ଟୋରେଟ୍ ପଦବୀ ହାସଲ କଲା । ନିଜ ଅସମର୍ଥତାକୁ ନିଜ ସାମର୍ଥ୍ୟରେ ରୂପାନ୍ତରିତ କରିପାରିଲା ।

ଗ୍ରାମ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯେତେବେଳ ତାର ସଫଳତାର ଶ୍ରେୟ କାହାକୁ ଦେବାକୁ ଚାହିଁବେ ପଚରା ଗଲା, ଗଦଗଦ୍ କଣ୍ଠରେ ସେ ନିଜ ବାପା ମାଆଙ୍କ ନାମ ନେଇ ନିଜ ଆବେଗକୁ ସମ୍ଭାଳି ପାରି ନଥିଲା । ବାପାମା'ଙ୍କ ହାତରୁ ଯେତେବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉତ୍ତରୀୟଟି ତାର ବେକରେ ପକାଇ ଦିଆଗଲା ସେ ଖୁସିରେ ଆତ୍ମହରା ହୋଇ ଉଠିଲା । ଏଭଳି ଏକ ଗର୍ବ ମୁହୂର୍ତ୍ତରେ ରେ ନିଜ ସ୍ୱପ୍ନ ସାକାରର ଖୁସି ଓ ଏଭଳି ବାପାମା'ଙ୍କ ପାଇଁ ଭାଗବାନଙ୍କୁ ବହୁ ଧନ୍ୟବାଦ ଜଣାଇ ଚାଲିଥିଲା ।

ଭଗବାନଙ୍କ ସୃଷ୍ଟିର ଅମୂଲ୍ୟ ରତ୍ନ ହେଉଛନ୍ତି ବାପା ଓ ମା । ଯେଉଁମାନେ ନିଜ ସନ୍ତାନମାନଙ୍କ କୌଣସି ପରିସ୍ଥିତିରେ ହତାଶ ହେବାକୁ ନଦେଇ ସବୁବେଳେ ସେମାନଙ୍କ ଆଦର୍ଶ, ପ୍ରେରଣା ସାଜି ଠିଆ ହୋଇଥାଆନ୍ତି ।

ମୋର ଏହି ଲେଖାଟି ମୁଁ ମୋର ପିତାମାତାଙ୍କୁ ସମର୍ପି ଦେବାକୁ ଚାହେଁ, ଯେଉଁମାନେ ମୋର ପ୍ରେରଣାର ଉତ୍ସ । ଯେଉଁମାନେ ମୋର ପ୍ରତ୍ୟେକ ପରିସ୍ଥିତିରେ ମୋତେ କେବଳ ଉତ୍ସାହିତ କରିଛନ୍ତି । ଆଜି ଏହି ଲେଖନୀ ଚାଳନା ମଧ୍ୟ କେବଳ ସେମାନଙ୍କ ପ୍ରେରଣା ଓ ଆଶୀର୍ବାଦ ।


ସୋରଡା, ଗଞ୍ଜାମ୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାହା ପାଇଁ ଚିନି



ଗାରିମା ମିଶ୍ର

କିଛି କିରାସିନି ଢାଳି ଯାଉଛି ଡିବିକୁ ତେଜି ଦେବି । କିରାସିନି ବି ଧୀରେ ଧୀରେ ମହଙ୍ଗା ପଡ଼ିଲାଣି, କେମିତି ମଣିଷ ଚଳିବ ? ଆଉ ଡିବି ତ ପାଣିରେ ତେଜି ଉଠି ଘର ଦୁଆର ଆଲୋକିତ କରିପାରିବନି, ତେଣୁ ଏଥର ଚାହାରେ ଚିନିର ପରିମାଣଟା କମେଇଦେବାକୁ ପଡିବ ! ଭାବୁଥିଲି କ୍ଷୀର ଆଣିବା ବନ୍ଦ କରିଦେଇ ସେଇ ପଇସାରୁ କିଛି ପକେଟରେ ମାସ ଶେଷକୁ ବଳିଲେ କିରାସିନି ଖର୍ଚ୍ଚ ଚଳି ଯାଆନ୍ତା । କିନ୍ତୁ ଚିନି ବର୍ତ୍ତମାନ ସବୁ ପ୍ରକାରର ରୋଗର ପେଣ୍ଠସ୍ଥଳୀ ବୋଲି କାଲି ଡାକ୍ତର ବାବୁ ଆସି ଗାଁରେ କହି ଯାଇଛନ୍ତି । ତେଣୁ ଦୁଗ୍ଧ ପିଇ ଦେହକୁ ଶକ୍ତ କଲେ ବିଲରେ ବେଶି କାମ କରିହେବ ଆଉ ରାତିରେ ବଢିଆ ନିଦ ବି ହବ ! କିନ୍ତୁ ଏତେ ସରଞ୍ଜାମ ପରେ ମଧ୍ୟ ମନ ଆଉ ହୃଦୟ ଚିନି ଖର୍ଚ୍ଚକୁ କାଟି ଦେବାକୁ ଜମା ମଙ୍ଗୁ ନାହିଁ । ଯେମିତି "ଚୁଡ଼ା ସାଙ୍ଗେ ଗୁଡ଼ ସାକ୍ଷୀ" ଠିକ ସେମିତି ଚାହା ଓ ଚିନି ଦୁହେଁ "ଜଡ଼ା ତେଲ ମେଣ୍ଢା ବାଳ" ଭଳି ଜଣେ ଅନ୍ୟ ଜଣଙ୍କ ସହ ନିବିଡ ଭାବରେ ଜଡିତ । ତେଣୁ ଚିନି ବିନା ଚାହାର ମଜା ପୁରା ଫିକା ପଡ଼ିଯିବ । ଛାଡ ! ଗରିବ ଜିଭରେ ଚିନିର ମିଠା ଚାଖିବାର ଶକ୍ତି କାହିଁ ? ବୟସ ଥିଲାବେଳେ ଭୋକ ଓ ଭୋକିଲା ମୁହଁମାନଙ୍କ ଚିନ୍ତା ତାଙ୍କୁ ଶାନ୍ତିରେ ଶୁଆଇ ଦିଏ ନାହିଁ ଆଉ ଜୀବନର ସଞ୍ଜ ଢାଳି ଆସିଲାବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତରେ ଥିବା ଦିମୁଠା ପଇସା ମଧୁମେହ ର ଔଷଧ ଖର୍ଚ୍ଚ ତୁଳାଏ । ବିଲ ରେ ଦିବା ନିଶି ଦୋହଲୁ ଥିବା ଆଖୁ କିଆରୀ ର କଥା ଆଜି ମୋର ଭାରି ମନେପଡୁଛି । ମାଟି କୁ ଜାବୁଡି ଆକାଶ କୁ ନିର୍ମିଶେଷ ନୟନ ରେ ଚାହିଁରହି ପବନ ରେ ଭୂମି କୁ ଛୁଇଁ ହସି ହସି କିଆରୀ କୁ ଉଲ୍ଲାସ ରେ ଭରିଦିଏ । ଭୂମି ରେ କଅଁଳି ପୁଣି ଭୂମି ରେ ମିଶିଯାଇ ଆଖୁ ଗଛ ର ଜୀବନ ଯେ ଖାଲି କିଆରୀ ଭିତରେ ଆବଦ୍ଧ, ତାହା ଭାବିବା ଭୁଲ । ବର୍ଷ ବର୍ଷ ଧରି ଉର୍ବର ମାଟି ଓ ସୁନାପରି ଖେତ ରେ ହସୁ ଥିବା ଫସଲ କୁ ଦେଖି ଛାତି ଫୁଲେଇ ଚାଲୁଥିବା ମଣିଷ ଭୁଲି ଯାଏ ଯେ ଥୁଣ୍ଟା ବଣ ରେ ବାସ କରୁଥିବା ବଣି ବି ଟୋପାଏ ପାଣି ପାଇଁ ସିନା ଆକାଶ କୁ ସେମିତି ଚାହିଁ ରହେ କିନ୍ତୁ ବର ଗଛ ର ଡାଳ ଜାଳ ହୋଇଗଲେ ମଧ୍ୟ ତାକୁ କେବେ ଛାଡି ଚାଲିଯାଏ ନାହିଁ । ଥୁଣ୍ଟା ଗଛ ଟି ଉଦୁ ଉଦିଆ ଦ୍ୱିପ୍ରହର ରେ ବିଚାର କରେ ତାର ସ୍ଥିତି କେତେ ମୂଲ୍ୟହୀନ ! ଅବସ୍ଥା ଦୟନୀୟ ହୋଇପଡିଥିଲେ ମଧ୍ୟ ଦୟା ର ପାତ୍ର ହୋଇରହି ନାହିଁ । ଖାଲି ଇନ୍ଦ୍ରାଶୀଷ କୁ ଅପେକ୍ଷା କରି ମାଟିରେ ମିଶିଯାଏ । ବହୁ ବର୍ଷ ପରେ ସେଇ ବଣ ପୁଣି ସାର ସହ ଲଙ୍ଗଳ ଓ କୋଦାଳ କୋପ ରେ ଖୋଳି ହୋଇ ମଣିଷ ନିମନ୍ତେ ସମ୍ପଦ ର ମିଠେଇ ଆଣିଦିଏ ଆଉ ସମ୍ପଦ ରେ ପରିପୂର୍ଣ୍ଣ ଜୀବନ ପାଇଁ ପ୍ରତ୍ୟେକ ସନ୍ଧ୍ୟା ରେ ମିଠା ଚାହା ନେଇଆସେ । ନିଜ ବକ୍ଷରେ ଭୋକ ରେ ଘୁରି ବୁଲୁଥିବା ଜିଆ ଓ କୋଚିଆ ମାନଙ୍କୁ ଖାଲି ଶୁଖିଲା ପତ୍ର ଓ ଡାଳରେ ଲାଗିଥିବା ମିଠା ରସ କୁ ଚାଖି ପେଟ ପୁରାଇବାକୁ ବାଧ୍ୟ କରିଛି । ସେ ଯାହା ହେଉ ନା କାହିଁକି, ଆଖୁ କିଆରୀ ପାଖେ ମାଟି ଓ ଆକାଶ ରୂପକ ଡିବି ସିନା ଅଛି କିନ୍ତୁ ନିଜ ଜୀବନରେ ଥିବା ଅନ୍ଧକାର କୁ ଦୂରେଇଦେବା ପାଇଁ ଇଛା ମୁତାବକ କର୍ମ କରିବାର କିରାସିନି ତା ପାଖରେ ନାହିଁ । ସେଇଥିପାଇଁ ତାର ମିଠା ଚିନି ହୋଇ ଆଜିପର୍ଯ୍ୟନ୍ତ ଚାହା ରେ ମିଶି ଆସିଛି । ଆମ ପାଖରେ ସିନା ପାଣିଚିଆ କ୍ଷୀର ଟିକେ ଆଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାମର ପାଉଣା ପାଇ ସଂମାନ ନପାଇଲେ ମଧ୍ୟ ନିଜ ପ୍ରତି ନିଜର ଭରଷା ଆଉ ବିଶ୍ୱାସ ତ ଅଛି । ତେଣୁ ନିଜର କର୍ମ ଉପରେ ଅଧିକାର ହିଁ ମଣିଷ ଜୀବନର ସେଇ ଚିନିର ଯାହା ତାର ଜୀବନ ରୂପକ ଚାହା କୁ ସବୁବେଳେ ସ୍ୱାଦିଷ୍ଟ କରେ ।  ତେଣୁ ଅନ୍ଧାର ରେ ହଜିଯାଇ ଡିବି ପାଇଁ କିରାସିନି କିଣିବାକୁ ହେଲେ ଚିନି ପଇସା କାଟିଦେବା କଥା ଭାବି ସଂକୋଚ କଲେ ଆଖୁ କିଆରୀ ରେ ଯାଇ ସେଇ ଗେଣ୍ଡା , ଜିଆ ଏବଂ କୋଚିଆ ମାନଙ୍କୁ ଥରେ ଦେଖି ଆସିଲେ ବୁଝି ହୁଏ ଯେ ଚିନି ପାଖରେ ଥାଇ ମଧ୍ୟ ଅନ୍ଧକାର ର ଦୂରୀକରଣ ନିମନ୍ତେ କିରାସିନି ନାହିଁ । ଚାଲ ଯିବା ଚାହା କରିବା , ଆଉ ଶିଶି ରେ ଥିବା ଚାମୁଚେ ଚିନି ପରେ କେବେ ମିଳିବ କି ନାହିଁ ?

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୀବନ ଯାତ୍ରା

ଖଟି ଖଟି ବିଲରୁ ଏଇଲେତ ଘରକୁ ଫେରିଲା ଫକିରା । କାଦୁଅ ବଲ ବଲ ଗୋଡଦୁଇଟାକୁ ଧୋଇବା ପାଇଁ କୂଅ ମୂଳ ଆଡ଼େ ମୁଁହେଇଲା । ଚାଳକୁ ଭରା ଦେଇଥିବା ପୋଇ ଗଛଟା ଅଣ୍ଟା ଭାଙ୍ଗି ପେଟେଇ ପଡ଼ିଛି । ସେଇଟା ତା'ର ନଜରରେ ପଡ଼ିଗଲା । ତାକୁ ସଳଖ କରି ଦଉଡିରେ ବାନ୍ଧି ଦେଇ ଆସିବ ବୋଲି ଭାବିଲା । କୂଅରୁ କାଢ଼ିଥିବା ପାଣି ବାଲ୍ଟିଟା ଧରି ପାଣି ଢାଳେ ତା ମୂଳରେ ଢାଳିଦେଲା । ଆଉ ପାଖରେ ବଢୁଥିବା ସୁନ୍ ସୁନିଆ ଗଛ, ପିତା ଗହମ ଗଛ ମୂଳରୁ ଅନା ବନା ଘାସ  ବାଛି ସଫା କରିଦେଲା  ।ପାଣି ମୁନ୍ଦେ ମୁନ୍ଦେ ବି ଛିଞ୍ଚି ଦେଲା ।

ଓ ହୋ ! ! ଏ କାଉଁଳିଆ ପାଗଟାରେ ବି  ଝାଳଗୁଡା  ଗମଗମ୍ ହୋଇ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ଗଳି ଯାଉଛି । ଅଣ୍ଟାରେ ଭିଡିଥିବା ଗାମୁଛା ଗୋଟାକ କାଢ଼ି ମୁହଁରୁ ବେକ ଯାଏ ଘୋଷାଡି ଆଣିଛିକି  କି ନାହିଁ ସାରିଆର ହମ୍ବା  ରଡ଼ିଟା କାନରେ ବାଜି ଆଖି ଦୁଇଟା ଟାଣି ହୋଇଗଲା ଗୁହାଳ ଆଡ଼େ ।



ଆଭାଞ୍ଜଳି ଶତପଥୀ

'ଧର୍ ଧର ତାକୁ ' କହି ଦଉଡିଲା ଗୁହାଳ ଆଡ଼େ । ଦୁଧିଆଳୀ ଗାଈ ସାରିଆ ତା କଁଅଳା ବାଛୁରୀଟାକୁ ଚାଟିପକାଉଛି, ଆଉ ବାଛୁରୀ ଛୁଆ ହୀରା ମୁଣ୍ଡିଆ ଉପରେ ମୁଣ୍ଡିଆ ମାରି ଥନ ଚୁଚୁମି ପକାଉଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

-ରେବୁ !.. ହଇଏ କୋଉଠି ଅଛମ ? କିରେ ମାନସ ମା'କୁ ଡାକିଲୁ । ଦୁଧ ଦୁହାଁ ଡେକିଚିଟା ଆଣିବାକୁ କହିବୁ ।  ଏଇ ହୀରା କେମିତି ବଖରାରୁ ଫିଟି ଦୁଧ ପିଇଦେଲାଣି  । ଦୁଧଦୁହାଁ ତ ହେଇନଥିବ । ବଡ଼ ପାଟି କରି କହୁଥାଏ ଫକିରା

-ମା ମା ହୀରା ଦୁଧ ପିଇଦେଲାଣି । ବାପା ଡାକୁଛନ୍ତି । ଡେକିଚି ନେଇ ଶୀଘ୍ର ଗୁହାଳକୁ ଆସେ, ଦୁଆରୁ ହୁରି ପକାଇଲା ମାନସ ।

-ଆଲୋ ରୁପେଲି ପାଣି ଫୁଟିଲାଣି । ତୁ ଚାଉଳ ପକାଇଦେ କହି ଚୁଲି ମୁହଁରୁ ଜାଳ ଧିମାକରି, ଦୁଧଦୁହା ଡେକିଚିଟା ଧରି ଗୁହାଳ ଆଡ଼େ ଅତରଛିଆ ଦୌଡିଲା  ରେବତୀ । କହି କହି ଦୌଡୁଥାଏ, "ଓହୋ ! ମଣିଷ କୁଆଡେ ଯିବ କୁଆଡେ ମରିବ ?” ଏପଟେ ଦେଖିବ ନା ସେପଟେ ଦେଖିବ ? ଆଉ କେତେ ଦୁଧ ବଳିଥିବ ? ହୀରା ମୁଁହ ମାରୁମାରୁ ଚାରି ସେର ଉଠାଇ ଦେଇଥିବ ।”

--ରୁହ ହେ ! ସେ ମଦନ ଦାସ ଆସୁ । ତୁମେ ହୀରାକୁ ତା' କୋଠରୀରେ ବାନ୍ଧି ପକା । ଗାଇ ଦୁହିଁବାଟା ସହଜ କଥା ନୁହେଁ । ସେ ଗୋଟେ କଳା । ତୁମ ଦେଇ କେଉଁଠୁ ସେ କାମ ହବ ? ଏତେ ବର୍ଷ ବାହାରେ ଚାକିରି କଲ । ତୁମର ସେ କଳା କୋଉଠି ଆସିବ ?

- ଆଲୋ ଶିଖୁ ଶିଖୁ ମଣିଷ ଶିଖେ । ମା ପେଟରୁ କିଏ କାମ ଶିଖି ଆସିଥାଏ କି ? ଡେକିଚି ଛଡାଇ ନେଇ ଗାଇ ଚିର ଦୁହିଁବାକୁ ଲାଗିଲା ଫକୀରା । ସବୁ କସରତ କରି ଦୁହିଁବା ପରେ ଦୁଇ ପାଏ ବି  ବାହାରିଲା କି ନାହିଁ ।

- ହଉ ଯେତିକି ହେଲା ନେ । ମୁଁ ଧୁଆ ଧୁଇ ହେବା ପୁର୍ବରୁ ଗୁହାଳ ପୋଛିଦିଏ ।

ଧୁଆ ଧୁଇ ହବ କଣ, ଏଇ ମାଟି କାଦୁଅ, ଗୋବର ଛିଟ ଦେହ ପାଇଁ ତ ଚାରି ବାଲ୍ଟି ପାଣି ସାଙ୍ଗକୁ ଦୁଇ ମଗ ସାବୁନୁ ଫେଣବି ନିଅଣ୍ଟ । ଲୁଗାକୁ କାଚି କରି, ନିଜେ ଘସି ମାଜି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ଗାଧେଇ ସରିଲା ବେଳକୁ ସୂର୍ଯ୍ୟ ଚାଳ ଉପରକୁ ଉଠିଲେଣି । ସକାଳୁ ଉଠି କାମରେ ଲାଗିଛି କୋଉଠି ଟିକେ ଦେହକୁ ବିଶ୍ରାମ ବି ଦେଇନାହିଁ ।

ଫକୀରାର ଥକା ଦେହ ପିଣ୍ଡା କାନ୍ଥକୁ ଆଉଜି ପଡ଼ିଲା । ଆଖି ପତାଟା ଆପେ ଆପେ ପଡିଗଲା ।

- କିଓ ଏଠି କଣ ଢୋଳେଇଲଣି ? ହେଇ ନିଅ ଟିକେ କଣ ଜଳଖିଆ ଖାଇଦିଆ । ବାସି ପିଠାସାଙ୍ଗକୁ ପାଣିଆ ଗୁଡ ଟିକେ ବାଢ଼ି ଦେଲା ରେବତୀ ।

- ତୁମେ ଏତକ ଖାଇ ଦିଅ । ମୁଁ ଚାହା ପଛରେ ଆଣିଦେବି ।

ଫକୀରାର ଧୁଆ ଲୁଗା ଉପରେ ନଜର ପଡିଗଲା ରେବତୀର । ବାଲ୍ଟିଟାକୁ ଟେକି ଆଣିଲା । ଲୁଗାକୁ ଚିପୁଡ଼ି ତାରରେ ଶୁଖେଇଲା ବେଳେ କହିଚାଲିଲା, ମାନସର କଲେଜରୁ କଣ ଗୋଟେ ନୋଟିସି ଆସିଛି । ତାର ପଇସା ଭରିବାକୁ ହେବ ନ ହେଲେ ନାଁ କଟିଯିବ । ରୁପେଲିର ପୁଣି କଲେଜରେ ଆଡ଼ମିଶନକୁ ବି ପଇସା ଦରକାର । ଝିଅଟା ହାଡ଼ଭଙ୍ଗା ପରିଶ୍ରମ କରି ଫାଷ୍ଟ ଡିଭିଜନରେ ପାସ କଲା । ତାକୁ କଣ ଘରେ ବସାଇବା ଠିକ୍ ହେବ ?

ସତ୍ୟାନାଶିଆ କରୋନା ଭୂତାଣୁଟା କୋଉଠି ଥିଲା ସଂସାରରେ ତ୍ରାହି ମଚେଇ ଦେଲାଣି । ଗୋଟେ ଗୋଟେ ପରିବାର ପୋଛି ପକାଉଛି । ଯୋଉ ମାନେ ତା କବଳରୁ ବଞ୍ଚିଲେ ତାଙ୍କୁ ଭୋକରେ ମାରିଦେଲା । ଲୋକଙ୍କ ଠାରୁ କାମ ଧନ୍ଦା ଛଡେଇ ନେଲା । ଚାକିରି ବାକିରି ନେଇଗଲା । ଜୀବିକା ନେଇ ଜୀବନ ଦେବାଟା ଜୀବନ ନେବା ସଙ୍ଗେ ସମାନ । ଯାହା ଯେମିତି ଶାଗରେ ମୁଗରେ ମୋ ସଂସାର ଚାଲିଥିଲା ନା । କୋଉ ଯୋଗନିଖିଆର ଆଖି ପଡ଼ିଲା ମୋ ସଂସାର ଉପରେ ।

ଲୁଗା ଗୁଡା ଶୁଖାଇ ସାରି ପାଣି ଗିଲାସେ ଫକୀରା ପାଖରେ ଥୋଇ ଦେଇ କାନ୍ଥ ଆଡ଼କୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉଜେଇ ଟିକେ ବସିପଡ଼ିଲା ରେବତୀ । ନିରାଶର କଳାରେ ଆଖିତଳ ଯେମିତି ବିଲିବିଲା ହୋଇଯାଇଛି କି ।

-- "ଯେତେ ତୁମ ମୁଣ୍ଡ ଝାଳ ତୁଣ୍ଡରେ ମାରି ଏ ବିଲବାଡି କାମ କଲେ ବି କଣ ତୁମ ଚାକିରି ପଇସା ସାଙ୍ଗରେ ଏ ସରି ହେବ କି ?"

ସ୍ମୃତିର ରଙ୍ଗ ବିରଙ୍ଗୀ ଆଲୋକ ଅତୀତର ଧଳାଫର୍ଦ୍ଦରେ ପଡି ରେବତୀର ମାନସ ପଟ ମୁହୂର୍ତ୍ତକ ପାଇଁ ଉଜ୍ଜ୍ୱଳ ହେଇଯାଇଥିଲା ।

ଖସି ପଡ଼ିଥିବା ଓଢଣୀକୁ ଟିକେ ଟେକି ଦେଇ ଫକୀରା ମୁହଁକୁ ଚାହିଁ କହିଲା, "ତୁମର ସେ ମାସିକିଆ ଚାକିରି ପଇସାରେ ଆମର ଏ ପରିବାର କେତେ ବଢିଆ ଚାଲିଥିଲା । ବାଙ୍କ ସାହୁ ତା' ବାକିଖାତାରେ ପଇସା ଯୋଡ଼ିବାକୁ ଟିକେ ବି କୁଣ୍ଠା କରୁନଥିଲା । ମାନସ ମୋତେ ନ କହି ଚକଲେଟେ, କେକେ, ବିସକୁଟୁ ଆଉ ଭଳିକି ଭଳି ଥଣ୍ଡା... କ'ଣ ସେ ଥଣ୍ଡା ନାଁ ଟା ତ । ଟିକେ ମନେ ପକେଇ କହିଲା.. ହଁ ମ ଏ ମାଜା । ସବୁକିଛି ନେଇ ଆସିବ ଆଉ ବାକି ଖାତାରେ ଲେଖିଦେଇ ଆସିବ । ପହିଲା ହେଲାକି ନାହିଁ ତୁମେ ପଇସା ପଠେଇ ଦେବ । ତୁମ ପାଖରୁ ପଇସା ଆସୁ ଆସୁ ବାଙ୍କ ସାହୁ ବାକି ଖାତାର ହିସାବ ବରାବର । ପୁନେଇ ପରବରେ ଆମ ଘର ଉଠୁଥିବ ପଡୁଥିବ କି ? ପିଠାପଣା କୋଉଥିରେ ଊଣା ନାହିଁ ।

ଏହି ଗଲା ରଜରେ ରୁପେଲି ନୂଆ ପିନ୍ଧିବ ବୋଲି ଟାଉନ ଗଲା ଡ୍ରେସ କିଣିବାକୁ । ନେଳି ରଙ୍ଗର ସାଲୁଆର କମିଜିଟା ଅଭିରାମ ଫେସନଷ୍ଟୋରରେ ଯେମିତି ଦେଖିଲା କହିଲା ନେବି । ଛଅଶହ ଟଙ୍କା ଦାମ୍ ଥିଲା । ମୋତେ ଫୋନ୍ କରି ପଚାରିଲା । ହରିଦାଦାଙ୍କ ସାଙ୍ଗରେ ଯାଇଥିଲା । ଧଡ୍ କିନା ଫୋନ୍ ଲଗେଇ ଦେଲା ।

ମୁଁ  କହିଲି ଏତେ ଟଙ୍କାର ଲୁଗାଟା କାହିଁକି ଧରିଛୁ ? ଦାଦା ପୁଣି ତାକୁ ଚେତୁଥାନ୍ତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହିଁ ନେବୁନି ? ଗୋଟେ ବୋଲି ସୁନାନାକୀ ଝିଅ । ବାପା ଏତେଦୂରରେ ରହି ଚାକିରୀ କରୁଛି କଣ ପାଇଁ ? ସେଇଠୁ ତ ନଛୋଡ ବନ୍ଧା । ଘରକୁ ଆସି ମୋତେ ଦେଖେଇଲା । ମୁଁ ଦେଖିକରି ବିରକ୍ତ ହେଲା ବେଳକୁ ଧଡକିନା ଜବାବ ଦେଲା "ମୋ ବାପା ପଇସା ପଠାଇଚନ୍ତି ତୋର କଣ ଯାଉଛି ।" ରେବତୀ କଥାଟା ମନେ ପକାଇ ହସି ପକାଇଲା ।

ପୁଣି ଉତ୍କଣ୍ଠିତ ହୋଇ କହି ଚାଲିଲା, "ତୁମର ସେ ଚାକିରୀ ଟଙ୍କାରେ ତ ସବୁ । ପାଖଘର ମଦନା ଢିଅ ଜମିଟା ବିକ୍ରୀ ହେଉଥିଲା । କିଏ କିଣିବ କିଏ କିଣିବ ହୁରି ପଡ଼ିଲା । ମୁଁ ମୋ ଭାଇକୁ ଧରି ସେ ଅଧଗୁଣ୍ଠ ଜମିଖଣ୍ଡକ ଫାଇନାଲ କରିଦେଲି ନା । ତୁମେ ସେ ମାସରେ ବୋନସ ଟଙ୍କାଟା ପଠାଇଦେଲ ଯେ ଜମି ଖଣ୍ଡକ ଆମର ହେଇଗଲା ।

ବାପାଙ୍କର ପିଅନ ଚାକିରିରୁ କେତେ ଅବା ପେନସନ ମିଳୁଥିଲା ? ଅଭିଆଡୀ ଭଉଣୀଟେ ବସିଛି । ତା ସାଙ୍ଗକୁ ମାଆଙ୍କର ଔଷଧ ଖର୍ଚ୍ଚ । କେମିତି ଚଳେଇଥାନ୍ତେ ? ଯାହା ଯେମିତି ଜମି ବାଡି ଥିଲା ଆମ ଭାଗକୁ ଯେତିକି ପଡ଼ିଲା ଛ ମାସକୁ ଚାଉଳ ନିଅଣ୍ଟ । ଆମ ଚାଳକୁ ଲାଗି ଯୋଉ ଢିଅ ଜମିଟା ଥିଲା ତାକୁ ଉଗାରିଆ କାଇଦା କରି ଭାଗ ନେଇଗଲେ । ସେ ସମୟରେ କେତେ ଅସୁବିଧା କ'ଣ କହିବି । ପେଟରେ ଓଦାକନା ପକାଇକି ଶୋଇ ପଡ଼ିବାକୁ ପଡ଼ିଛି । ମାନସଟା ଛୁଆ ହୋଇଥିଲା ଦୁଧ ଟିକେ ପେଇବାକୁ ନଥିଲା ।

ତୁମେ ଯେଉଁଦିନରୁ ମାଡ୍ରାସରେ ଚାକିରି ପାଇଲ, ସେବେଠାରୁ ଆମ ଘର ସୁଧୁରି ଯାଇଥିଲା । ହେଇ ତୁମର ସେଇ ଚାକିରି ପଇସାରେ ତ ତୁମ ଭଉଣୀ ରେନାର ବାହାଘର ହେଇ ପାରିଲା । ଯାହା ଯେମିତି ହେଉ ଦେବ ନେବାରେ ରେନା ଶାଶୁଘର ଲୋକଙ୍କ କିଛି କୁଆଡୁ କମ୍ପ୍ଲେନ ନାହିଁ । ତୁମ ଚାକିରିକୁ ନେଇ ରେନାର କଣ କମ ଗରବ । ତା ଗର୍ବ ତ ଗାଡ଼ି ଶଗଡ଼କୁ ନିଅଣ୍ଟ । କଥାଟା କହିଲା ବେଳକୁ ରେବତୀ ମୁଖମଣ୍ଡଳରେ ଏକ ଆତ୍ମ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସନ୍ତୋଷର ଭାବ  ପରିଦର୍ଶିତ ହେଇ ଯାଉଥିଲା ।

ହସି ହସି କହିଲା - ପୁଣି ବଡ଼ ଜୋର ତା' ଭାଇ ଉପରେ ନା । ଗଲା ସାବିତ୍ରୀକୁ କହିଲା 'ନୂଆ ବୋହୂ ଫକୀରା ଭାଇକୁ କହିଦେବ ମୋ ସାବିତ୍ରୀ ଶାଢ଼ୀଟା ମାଡ୍ରାସରୁ ଆଣିଦେବ ।' ସାବିତ୍ରୀବ୍ରତ କଥାଟା କହୁ କହୁ ପୁଣି ଏକ ମଧୁସ୍ମୃତିର ମଧୂମଳୟ ତା ମାନସପଟରେ ବୋହିଗଲା ।

- ତୁମେ ଯୋଉ  ସାଉଥ୍ ସିଲିକି ଶାଢ଼ୀଟା ଆଣିଥିଲ, ତାକୁ କୁନି ବୋଉ, କାନ୍ତି ଦେଇ ଦେଖି ତ ଇର୍ଷାରେ ମଲେ । ମୁଁ ଗଲାଥର ସାବିତ୍ରୀରେ ପିନ୍ଧିଥିଲି ଯେ, ସବୁ ମାଇପେ ଖାଲି ଧରି ଧରି ପଚାରିଥିଲେ ଏଇଟା କୋଉ ଶାଢ଼ୀ ? କଣ ମାଡ୍ରାସୀ  ଶାଢ଼ୀ ? କନକ ଖୁଡି ତ ଭଲ ଟାପରା କରନ୍ତି । କହିଲେ କି ଆମ ଫକିରା ସ୍ତ୍ରୀ କଣ ଏଣୁ ତେଣୁ ପିନ୍ଧିବ ? ମାଡ୍ରାସୀ ପଇସା । ମାଲଦାର୍ ପାର୍ଟି । ରେବୁ ଭଳିକି ଭଳି ଶାଢ଼ୀ ପିନ୍ଧିବ ନାହିଁ କଣ ଏଇ କୀର୍ତ୍ତନ ମାଇପ ପିନ୍ଧିବ ? କୀର୍ତ୍ତନ ଆଉ ପାଞ୍ଚଟା ବେକାରିଆଙ୍କ ସାଙ୍ଗରେ ଖାଲି ହାଟଘରେ ତାସପାଲି ଜମେଇ ଥିବ । ଖାଲି ଘରେ ବସି କଣ ଟିକେ ରଠାଇଆ ଚାଷ ଦେଖିଲା । ବାକି ଘରେ ଖଟିଆ ପକେଇ ଶୋଇଲେ । କୋଉଠୁ ରୋଜଗାର କରିବେ ନା ତାଙ୍କ ପରିବାରକୁ ଭଲ କରି ଦାନା କନା ଦେଇ ପାରିବେ ?

ଚାକିରିଆ ସ୍ୱାମୀର ସ୍ତ୍ରୀ ହେବାର ଗୌରବରେ ରେବତୀର ମନ କୁଣ୍ଢେ ମୋଟ ହେଇ ଯାଉଥାଏ । ରେବତୀ ପୁଣି ଚାକିରୀର ସ୍ୱଚ୍ଛଳତା ଉପରେ ପ୍ରତିପାଦନ କରି ଚାଲିଥିଲା ।

- ହେଇଟି ଆମ ଚାଳ ଘର ଛାତ ପଡ଼ିଲା, ଦୁଇଟା ଜର୍ସି ଗାଇ କିଣା ହେଲା । ସବୁତ ତୁମର ସେଇ ଚାକିରି ପଇସାରୁ । ତୁମେ ଯେବେ ଗାଁକୁ ଫେର ସବୁ କହନ୍ତି ଫକୀରା ବାବୁ। ଦିନେ ମାନସ ସାଇକଲ ଗଡ଼ାଇ ଗଡ଼ାଇ ଆସୁଥିଲା ତାକୁ ଦେଖି ମଦନ ଦାଦା କହୁଥାନ୍ତି -

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପକୁ କହ ଗାଡ଼ି ଖଣ୍ଡେ କିଣି ଦେଉ । କେତେ ଆଉ ସାଇକେଲ ଚଲେଇବୁ । ନାତିଆ ଟୋକା ! ! ତୁ ଗାଡ଼ି ଚଲେଇବା ଶିଖିଲେ ମୋତେ ଟିକେ ପଛରେ ବସେଇ ବୁଲେଇବୁ । ମାର୍କେଟ ବଜାର ବୁଲେଇବୁ । ଡ଼ାଲୁଅ ଲାଗି କାନସିରି ପାଣି ପାଇବ ।

ହେଇ ଯୋଉ ଥର ତୁମେ ଟିଭି ଖଣ୍ଡକ କିଣି ଦେଇଗଲ । ତାପର କଥା କଣ କହିବି ? ଦାସ ସାହିର ଶାନ୍ତି ଖୁଡି, ମିନତୀ ଜେଠେଇ, ବେଙ୍ଗ ଅପା କେତେ ଲୋକ ଆସି ରାମାୟଣ ଦେଖିବାକୁ ଭିଡ ଜମାଇଦେଲେ । ତାଙ୍କ ଖୁସି କ'ଣ ଦେଖିବ । କିଏ ମୋ ଘରକୁ ଖୁଣି ଦେଲା କେଜାଣି .. ଗୋଟେ ଦୀର୍ଘ ନିଶ୍ୱାସ ପକାଇଲା ରେବତୀ ।

"ମାଆଲୋ ! ଭାତ ହେଇଗଲାଣି ଆସେ  ଗାଳିଦେବୁ" ରୁପେଲି ବଡ଼ ପାଟିରେ ଚିଲେଇ କରି କହିଲା, -ହଁ ଯାଉଛି । କହି ରେବତୀ ଉଠି ପଡ଼ିଲା ।

ରେବତୀ ସେଠାରୁ ଉଠି ପଳାଇଯାଇଥିଲା । ହେଲେ ଅତୀତର ସ୍ମୃତି ପେଡିଟିକୁ ଫକୀରାର ମାନସ ପଟରେ ଖୋଲି ଦେଇଥିଲା । ଅସଂଲଗ୍ନ ଭାବରେ ଉଡୁଥିବା ସ୍ମୃତି ସବୁକୁ ଗୋଟାଇ ଆଣି ଗୋଟେ ଚଳଚ୍ଚିତ୍ର ବନାଇଲା ଫକୀରା । ସେ ଚଳଚ୍ଚିତ୍ର ନାମ ଦେଲା "ଫକୀରାରୁ ଫକୀର ମୋହନ ବାବୁଙ୍କ ଯାତ୍ରା" । ସେହି ଚଳଚ୍ଚିତ୍ର ଆରମ୍ଭ ହେଲା ଛାତ୍ର ଅବସ୍ଥାରୁ । ଗାଁ ପାଖ କନକଲତା ମହାବିଦ୍ୟାଳୟର ଯୁକ୍ତ ତିନିର ବି କମ୍ ଛାତ୍ର ଫକୀର ମୋହନ ଦାସ । ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (chartard accountant)  ହେବାର ଏକ ସୁନେଲି ସ୍ୱପ୍ନ । ଘରର ଆର୍ଥିକ ପରିସ୍ଥିତି ସେ ସ୍ୱପ୍ନକୁ ଅବାଞ୍ଛିତ ସ୍ୱପ୍ନର ନାମ ଦେଲା ।

ବାପାଙ୍କର ପିଅନ ଚାକିରିରେ କେତେ ବାଟ ବା ଯାଇପାରିଥାନ୍ତା । ଚାକିରି ପାଇଁ ପରୀକ୍ଷା ଦେବାକୁ ଲାଗିଲା, କେଁଉଠି  ରିଟିନ୍  କ୍ଲିଅର କରିଲା ପରେ ଭାଇବାରେ କଟିଲା ତ କେଁଉଠି ଲାଞ୍ଚ ପାଇଁ ଉପଯୁକ୍ତ ପଇସା ଆୟୋଜନ କରିପାରିଲାନି । ବାପାଙ୍କର ଚାକିରିର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅବସରପରେ ପେନସନ ଟଙ୍କାରେ ଛଅ ପ୍ରାଣୀ କୁଟୁମ୍ବ ପେଟରେ ଦାନା ଦେବା ବଡ଼ କାଠିକର ପାଠ ହେଇଯାଉଥିଲା ।

ଏହି ଭଳି ଏକ ଜରୁରୀ କାଳୀନ ପରିସ୍ଥିତି ବେଳେ ଫକୀରା ଦାସର ଭେଟ ହୋଇଥିଲା ସୁବାସ ମିଶ୍ରଙ୍କ ପୁଅ ଅରୁଣ ମିଶ୍ରଙ୍କ ସାଙ୍ଗରେ । ଫକୀରାର ବାପା ଯେଉଁ ସ୍କୁଲରେ ପିଅନ ଥିଲେ ସେହି ସ୍କୁଲର ହେଡମାଷ୍ଟର ଥିଲେ ସୁବାସ ସାର୍ । ତାଙ୍କ ପୁଅ ଅରୁଣ ଭାଇ ଚାର୍ଟାର୍ଡ ଆକାଉଣ୍ଟିଙ୍ଗ୍ ପାସ୍ କରି ଗୋଟେ ବଡ଼ ବିଦେଶୀ କମ୍ପାନୀ ରେ ଉଚ୍ଚପଦସ୍ଥ କର୍ମଚାରୀ ଥିଲେ । ଫକୀରା ନିଜର ଚାକିରି ଖଣ୍ଡର ଜରୁରୀ ବିଷୟରେ ଅରୁଣ ନାନାଙ୍କୁ କହିବାରୁ ସେ ସହାନୁଭୂତିରେ ତାମିଲନାଡୁ ଆସିବାକୁ କହିଥିଲେ । କୋଇମ୍ବାତୁରୁରେ ଥିବା ଗୋଟେ ଟେକସ୍‌ଟାଇଲ୍ ମିଲରେ ତାକୁ ଜଣେ ସାଧାରଣ କର୍ମଚାରୀ ହିସାବରେ ରଖିଦେଇଥିଲେ । ପ୍ରଥମେ ଲଜିଷ୍ଟିକ ଡିପାଟମେଣ୍ଟରେ (logistics department) କାମ କରୁ କରୁ ତାର ନିଷ୍ଠା, ପରିଶ୍ରମ ଓ ସଚ୍ଚୋଟ ମନୋବୃତ୍ତି ପାଇଁ ତାକୁ ପାଞ୍ଚ ବର୍ଷ ଭିତରେ ସୁପରଭାଇଜରର ସ୍ଥାନ ଦେଇ ଦେଇଥିଲେ ।

ପୂଜା ପାର୍ବଣ ଦେଖି ବର୍ଷକୁ ଚାରିଥର ଆସେ । ବେଳେ ବେଳେ ଜରୁରୀକାଳୀନ ପରିସ୍ଥିତି ଦେଖି ପୁଣି ଯିବା ଆସିବା ଥାଏ । ଏଇ ଯେମିତି ବାପା ଚାଲିଗଲା ବେଳେ କୋଡ଼ିଏ ଦିନ ଛୁଟି ନେଇଥିଲା । ସେଥିପାଇଁ ସେ ବର୍ଷ ଆଉ କାଳୀ ପୂଜାକୁ ଆସି ପାରି ନଥିଲା । ଯଦି ମୋଟା ଆକାରରେ କେବେ ପଇସା ଦରକାର ହେଲା ତେବେ ସେ ଛୁଟି ନକଟାଇ ଓଭର ଡିଉଟି କରି ଦୁଇ ପଇସା କମେଇ ଦିଏ ।

ବେଳେ ବେଳେ ଭାବେ ଛୁଆ ପିଲାଙ୍କୁ ପାଖକୁ ନେଇ ଆସିବ । ହେଲେ ଛୁଆଙ୍କ ପାଠ ପଢା ଚିନ୍ତା ତା'ର ମୁଣ୍ଡ କୁ ଆସି ଯାଏ । ଛୁଆ କେମିତି ତାମିଲି ମିଡିଆମରେ ପଢ଼ିବେ ? ତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛଡା କୋଏମ୍ବାତୁରରେ ଏତେ ବଡ଼ଖର୍ଚ୍ଚ ତୁଲାଇବାକୁ ତା ରୋଜଗାର ପାଇବ ନାହିଁ । ଘୋଡ଼ା ଟଙ୍କାଟିଏକୁ ଦାନା ଦୁଇ ଟଙ୍କା ହେଇଯିବ । ଗାଁରେ ରହିଲେ କମ ଖର୍ଚ୍ଚରେ ତା'ର ପରିବାର ଦୁଃଖେ ସୁଖେ ଚଳିଯିବେ । ଛୁଆ ପିଲାଙ୍କ ସାଙ୍ଗରେ ରହିବାର ସୁଖ ନମିଳିଲେ କଣ ହେଲା ତାଙ୍କ ପଢ଼ିବା ଖାଇବାରେ ଅସୁବିଧା ତ ହେବନି । କିଛି ପାଇବାକୁ ହେଲେ କଣ କିଛି ହରେଇ ବାକୁ ପଡ଼ିବ ନାହିଁ ? ସେଇ ପେଟ ଚାଖଣ୍ଡକ ପାଇଁ ତ ଦୁନିଆଁରେ ସବୁ ନାଟ ।

ବେଳେ ବେଳେ ତା ମନ ମାନେ ନାହିଁ ଏ ଅପରିଚିତ ଦେଶରେ । ଭାଷା ନା ଭାବ ବିନିମୟ କରିବାକୁ କେହି ଗୋଟେ ମିଳନ୍ତି ନାହିଁ । ଏମିତି ଯେତେବେଳେ ମନ ଘର ମୁହାଁ ଧରେ ଫକୀରା ଅରୁଣ ଭାଇନାଙ୍କ ଘରଆଡେ ମାଡ଼ିଯାଏ । ତାଙ୍କ ସ୍ତ୍ରୀ ମଧୁସ୍ମିତା ଭାଉଜ ଆତିଥ୍ୟରେ  କୌଣସି ଉଣା କରନ୍ତି ନାହିଁ ।

ଦିନେ ଭାଉଜ କହିଲେ, "ଏଠାରେ ଗୋଟିଏ ଜଗନ୍ନାଥ ମନ୍ଦିର ଅଛି । ଓଡ଼ିଆ ଆସୋସିଏସନ୍ ଏଇ ମନ୍ଦିରଟି ବନେଇଛି । ଆସ ଆମ ସାଙ୍ଗରେ ସେ ମନ୍ଦିର ବୁଲିଆସିବ ।" ସେଇଦିନ ଠାରୁ ସେ ମନ୍ଦିରର ଜଣେ ସେବକ ହେଇଗଲା । ସେଇ ମନ୍ଦିର ତାର ଦ୍ୱିତୀୟ ଘର ବନିଗଲା ।

ଦୁଃଖ ସୁଖ, କ୍ଲାନ୍ତ, ଅବକାଶ, ଶୋକ ଅଭାବ, ସ୍ମୃତି ଅବିସ୍ମୃତି ଯେ କୌଣସି ପରିସ୍ଥିତିର ମୁକାବିଲା ସେ ସେଇ ମନ୍ଦିର ବେଢାରେ ବସି ଚିନ୍ତା କରେ । ମନ୍ଦିରରେ ହେଇଥିବା କାର୍ଯ୍ୟକ୍ରମକୁ ସେ ଯଥା ସମ୍ଭବ ଯୋଗଦାନ ଦିଏ । ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆରେ ଗୀତା ପ୍ରବଚନ ଦିଅନ୍ତି । ସେ ତାକୁ ମନ ଦେଇ ଶୁଣିବାକୁ ଚେଷ୍ଟା କରେ ।

ଏମିତି ଦିନ ପରେ ଦିନ ଯେତିକି ବିତିଯାଉଥିଲା ତା'ର ମନ ସେତିକି ଢଳି ଯାଉଥିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରବାସୀ ଓଡିଆର ସ୍ୱରୂପକୁ ।ଜାଣିପାରିଲା ନାହିଁ କେତେବଳେ ସେ ପ୍ରବାସୀର ରଙ୍ଗ ତା ହେହରେ ଲାଗିଗଲା । ଜାଣି ପାରିଲା ନାହିଁ ସେ କେତେବଳେ ତାମିଲ ନାଡୁର ପାଣି ପବନ ସେ ଆଦରି ନେଲା । ବେଳେ ବେଳେ ଭାବେ ଏ ମଫସଲ ଗାଁରେ କଣ ଅଛି ? ଉନ୍ନତି ଆଉ ପ୍ରଗତିର ସୋପାନ କାହିଁ ?

ଭାବିଥିଲା ମାନସକୁ ଏଠାରେ ଆଣି ଇଞ୍ଜିନିୟରିଂ ପଢେଇବ । ହେଲେ କୌଣସି ପ୍ରକାରର ସୁବିଧା ହେଇ ପାରିଲାନି । ନାଁ ଆର୍ଥିକ ସମ୍ବଳ ନାଁ ମାନସର ସାମର୍ଥ୍ୟ । ମନ କଥା ମନରେ ରହିଗଲା । ଆର୍ଥିକ ଉନ୍ନତି ଏବଂ ସାମାଜିକ ପ୍ରଗତିର ଆଶାଦୀପକୁ ସେ ଜଳାଇ ଖୁସି ହେଉଥିଲା ।

କିନ୍ତୁ ବିଧିରବିଧାନକୁ କିଏ ଅବମାନନା କରିପାରେ ! ନିୟତିର ଅଟ୍ଟହାସକୁ କିଏ ରୋକି ପାରେ ? ପ୍ରାକୃତିକ ଦୁର୍ବିପାକ, ମହାମାରୀ, ପ୍ରଳୟ ଏସବୁ ବିନା ନିମନ୍ତ୍ରଣରେ ଧରିତ୍ରୀ ବକ୍ଷକୁ ଧାଇଁ ଆସନ୍ତି । ଫୁଟବଲ ଖେଳ ଖେଳି କାହାକୁ ଆଉଟ୍ କରିବେ ସେତ କେବଳ ନିୟତି ହିଁ କହି ପାରିବ । ଏଇ କୋଭିଡ-୧୯ର ପ୍ରକୋପକୁ ଦେଖ । ଚିନାମାଟିରୁ ବଲ୍ ଧରି ସବୁ ଦେଶକୁ ଗୋଲ ମାରିବାକୁ ଲାଗିଲା ।

ଆମ ଦେଶ ପୁଣି ତା'ର କବଳରୁ ଖସିଯିବ ? ଏଠାକୁ ଆସି ଚାରିଆଡ଼େ ତାଣ୍ଡବ ଲୀଳା କରି ଚଳିଲା । ପୁଣି ହୁତୁ ହୁତୁ ହେଇ ମାଡ଼ି ଚାଲିଲା । ହେଲେ ଯିବା ନାଁ ତ ଧରିବାର ନାହିଁ । ସରକାରର ମୁଁହ ନାକରୁ ଧୂଆଁ ବାହାରି ପଡ଼ିଲା । ରାଜ୍ୟ ସରକାର ମାନେ ନିଷ୍ପତି ନେଲେ ସବୁ ବନ୍ଦ କରିଦେବ ।

ଗୋଟିଏ ମାତ୍ର ଉପଶମ ଥିଲା । ତା ନାମ କରଣ ହେଇଗଲା ଲକ୍ ଡାଉନ୍ ନାମରେ । ସେଇ ଏକା ଫର୍ମୁଲା ସବୁ ରାଜ୍ୟରେ ଚାଲିଲା । ଏହି ବିଷମ ପରିସ୍ଥିତିରେ ଅତି ମାତ୍ରାରେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ଷତାକ୍ତ ଆଉ ରକ୍ତାକ୍ତ ହେଲେ ପ୍ରବାସୀ ଶ୍ରମିକ ମାନେ ।

କଳକାରଖାନା ଧଡ଼ ଧାଡ ବନ୍ଦ ହେଇଗଲା । କନ୍‌ସଟ୍ରକସନ construction କାମ ପୁରା ଠପ୍ । ଲୋକମାନଙ୍କର କିଣାବିକା ବନ୍ଦ ହେଇଗଲା । ଦାଦନ ଶ୍ରମିକଙ୍କ ଅବସ୍ଥା କହିଲେ ନସରେ । ରାସନ୍ କାର୍ଡ ନଥିବା ଲୋକଙ୍କୁ ଡାଲି ଚାଉଳ ବି ବନ୍ଦ । ମାଡ଼ି ଜାକି କରି କେତେକ ସମାଜ ସେବା ଅନୁଷ୍ଠାନ ମାସଟେ ଟାଣି ଟୁଣି ଖାଇବା ପିନ୍ଧିବା ଚଳେଇଲେ ।

ଦାଦନ ଶ୍ରମିକଙ୍କ ପାଖରେ ଏକମାତ୍ର ବିକଳ୍ପ ହେଲା ନିଜ ଭିଟା ମାଟିକୁ ଫେରିଯିବା । ସରକାରର ବିଶେଷ ରେଳଗାଡ଼ିର ବି ଆୟୋଜନ କରିଦେଲେ । ଏମିତି ଲାଗିଲା କି ରାଜ୍ୟ ସରକାର କହୁଛନ୍ତି ଯେଉଁ ବାଟେ ବାଟେ ଆସିଛ ଗୋ ବନ୍ଧୁ ସେଇ ବାଟେ ବାଟେ ଯା । ରାଜ୍ୟସକାରଙ୍କର ବାହାରୁ ଆସୁଥିବା ଶ୍ରମିକଙ୍କ ପ୍ରତି ଆଚରଣକୁ ନେଇ କେତେ ଚର୍ଚ୍ଚା ହେଲା । ରାଜନୀତିର ଆଖଡ଼ା ବି ଚାଲିଲା । ହେଲେ ରାଜ୍ୟ ସରକାରଙ୍କ ପାଖରେ ଗୋଟେ ପ୍ରଶ୍ନ ଥିଲା ନିଜ ଘରେ ନିଆଁ ଲାଗିଲେ କଣ ପଡୋଶୀ ଘରେ ପାଣି ଢ଼ାଳିବେ ।

ଏହି ବିଷମ ପରିସ୍ଥିତିର ଏକ ଭୁକ୍ତଭୋଗୀ ପ୍ରବାସୀଶ୍ରମିକ ଥିଲା ଫକୀର ମୋହନ ଦାସ । ଏମିତି ଏକ ପରିସ୍ଥିତିରେ କଳକାରଖାନା ଧଡ଼ଧାଡ ବନ୍ଦ ହେଇଗଲା । ଲୋକ ମାନଙ୍କର କିଣାବିକା ବନ୍ଦ ହେଇଗଲା । ଲୁଗା କାରଖାନା ପାଖରେ ନା ପଇସା ଅଛି ଚଳାଇବାକୁ ନା ବିକିବାକୁ ବଳ, ନା କର୍ମଚାରୀଙ୍କୁ ବେତନ ଦେବାକୁ ବଳ । ଦୁଇ ମାସ କଷ୍ଟେ ମଷ୍ଟେ କାରଖାନା ଚାଲିଲା, ତାପରେ ଦରମା ବନ୍ଦ ହେଇଗଲା । ରେଳ ବିଭାଗ ଏକ ବିଶେଷ ରେଳ ଗାଡ଼ିର ଆୟୋଜନ କରିଥିଲେ । ଦାଦନ ଶ୍ରମିକଙ୍କୁ ନିଜ ଭିଟା ମାଟିକୁ ପ୍ରାଣ ବିକଳରେ ମୁହାଁ ଇଲେ ।

ସେ କାମ କରୁଥିବା କମ୍ପାନୀର ବି ସମଦଶା । ଏ ପ୍ରକାର ଅପ୍ରୀତିକର ତଥା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅକଳ୍ପନୀୟ ପରିସ୍ଥିତିକୁ ସାମନା କରିବାକୁ ତା'ର ବି ସାମର୍ଥ ରହିଲା ନାହିଁ । କିଣିବାକୁ ନା ବିକିବାକୁ ବଳ ଥିଲା ଯେ କର୍ମଚାରୀଙ୍କୁ ଖାଲି ବସେଇ ବେତନ ଦେଇପାରିବ । ଦୁଇ ମାସ କଷ୍ଟେ ମଷ୍ଟେ କାରଖାନା ଚାଲିଲା, ତାପରେ ଦରମା ବନ୍ଦ ହେଇଗଲା ।

ଫକୀରାକୁ ତା ଉପର ଅଧିକାରୀ ତାଙ୍କ ରୁମ୍ କୁ ଡାକି କହିଲେ, "କମ୍ପାନୀର ଅବସ୍ଥା ବହୁତ୍ ଖରାପ । ବୁଡିଯିବା ଉପରେ, ତୁମେ ଆଉ ଗୋଟେ ଜାଗାରେ ଚାକିରି ଦେଖ । ପଇସାର ହିସାବ ଏକାଉଣ୍ଟଣ୍ଟାଟଙ୍କ ପାଖରୁ ନେଇଯାଅ ।"

କରୋନାର କଳାଧୂଆଁର ଅନ୍ଧକାରରେ ଫକୀରାକୁ କୋଉଠାରେ ବି ଚାକିରିର ବାଟ ବାଟ ଦେଖାଗଲାନି । ଗାଁକୁ ଫେରି ଯିବାଟା ତାପାଇଁ ବୁଦ୍ଧିମାନ ବ୍ୟକ୍ତିର କାମ ଥିଲା ।

ଦାଦନ ଶ୍ରମିକ ସବୁ ନିଜ ଭିଟାମାଟିକୁ ଫେରିଯିବାକୁ ସେହି ବିଶେଷ ରେଳଗାଡ଼ିରେ ଚଢିବାକୁ ମାଡ଼ପିଟା ହେଉଥିଲେ । ସେ ସେହି ଭିଡ଼ ଭିତରେ କଷ୍ଟେ ମଷ୍ଟେ ଟ୍ରେନ ଧରିଦେଲା । ବହୁତ୍ କଷ୍ଟ କରି କୋରୋନାର କବଳରୁ କେମିତି ଖସିଆସିଲା । ସେଥିପାଇଁ ସେ କେତେ ଥର ବାଟ ମଙ୍ଗଳାକୁ ଡାକିଛି ।

ହେଲେ କରୋନା କବଳରୁ କଣ ଏମିତି ସେମିତି ନିସ୍ତାର । କେତେ ନାଟ ନା ସେଥିରେ । ସିଧା ଷ୍ଟେସନରୁ ଆସି ହାଟ ଘର ଗାଁ ସ୍କୁଲରେ କ୍ୱରନଟାଇନରେ (quarantine) ପୁଣି ରୁହ । ସବୁକିଛି ଠିକ୍ ଠାକ୍ ରିପୋର୍ଟ ମିଳିଲା ବେଳକୁ ମାସେ ପାଖା ପାଖି । ଆଉ ଘରେ ବସି ପିଲାଛୁଆଙ୍କ ସାଙ୍ଗରେ ବସି ଭାତଗଣ୍ଡେ ଖାଇଲା ବେଳକୁ, ପୁରା ମାସେ । ହଉ ଯାହା ଯେମିତି ହଉ ଜୀବନଟା ତ ବଞ୍ଚିଗଲା । ସ୍ତ୍ରୀ ପିଲାଛୁଆଙ୍କୁ ସାଙ୍ଗରେ ଦିନ ବିତାଇବାଟା କଣ୍ବ ବଡ଼ କଥା ! ! କଥାରେ ଅଛି ଆପେ ବଞ୍ଚିଲେ ବାପାର ନାମ ।

ଏମିତି ନିଜକୁ ବୁଝାଇ ବୁଝାଇ ତିନି ମାସ କଟିଗଲା । ଜୀବନ ପାଇବାର ଆନନ୍ଦ ଆଉ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବିକା ହରାଇବାର ନିରାନନ୍ଦର ମିଶ୍ରଣରେ ଜୀବନଟା ଚାଲିଛି । ଯେମିତି ଗୋଟେ ଧଡଡା ଶଗଡ଼ ଗାଡ଼ି ଖାଲ ଢିପ ରାସ୍ତାରେ ଧକ୍କା ଖାଇ ଖାଇ ଚାଲୁଛି । ନିଜେ ବଞ୍ଚିଲେ ବାପାର ନାଁ ତ ଠିକ୍ କଥା, ହେଲେ ବାପା ନ ବଞ୍ଚିଲେ ପୁଅର କଣ ନା ହେବ । ଜୀବକା ନ ଥାଇ ଜୀବନର କଣ ମୁଲ୍ୟ ।

ମୁଦ୍ରିତ ଆଖିରେ ଭାବସମୁଦ୍ରରେ ସନ୍ତରଣ କରୁଥିବା ଫକୀରାକୁ ଥରଟିଏ ବାପା ସମ୍ବୋଧନ ପର୍ଯ୍ୟାପ୍ତ ନଥିଲା । ସରୁ ଡାକରୁ ମୋଟା ଡାକ ତଥା ଧୀର ଡ଼ାକରୁ ଜୋର୍ ଡାକର ଲହରୀରେ ବାସ୍ତବ ରାଜ୍ୟକୁ ଫେରିଲା ଫକୀର ।

- ବାପା ବାଙ୍କସାହୁ ଦାଦା ଡ଼ାକୁଛନ୍ତି ।

ଫକୀର ଦୁଆର ମୁଁହକୁ ଗଲା ।

- ଫକୀରାଭାଇ ନିଅ ବାକିଆ ଖାତାଟା । ମୋର ପଇସା ବହୁତ୍ ଦରକାର । ତୁମକୁ ତ ସବୁ ଜଣା । ଏଇ ବେଳଟା କେତେ ଅସୁବିଧାରେ ଚାଲିଛି । କାଲି ଭିତରେ ପଇସାଟା ଦେଇ ଦେଲେ ଭଲ ହୁଅନ୍ତା । କହି ବାକି ହିସାବ ଖାତାଟା ତା ହାତକୁ ବଢେଇ ଦେଲା ବାଙ୍କସାହୁ ।

- ଏତେ ଗୁଡ଼ାଏ ପଇସା ବାକି ରହି ଗଲାଣି । ହିସାବ ଖାତା ଉଲଟେଇଲା ବେଳେ ଆଖିପତା ଠିଆ ହୋଇଗଲା ।

- ଶୁଣିଛ ଚାହା ବସେଇବି ନା ତୁମେ ପାଇଁ ? ରୋଷେଇ ଘରୁ ବଡ଼ ପାଟି କରି ପଚାରିଲା ରେବତୀ ।

- ହଁ ବସା । ମୁଁ ଆସୁଛି । କହି ହାଣ୍ଡିଶାଳ ଆଡେ ଚାଲିଲା ଫକୀରା ।

ପିଢ଼ା ଖଣ୍ଡେ ଟାଣି ରେବତୀ ପାଖରେ ବସି ପଡ଼ିଲା ।

-କିଏ ଆସିଥିଲା ? ପଚାରିଲା ରେବତୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

-ବାଙ୍କ ସାହୁ ଆସିଥିଲା ଯେ ତାକୁ କ'ଣ ଜରୁରୀ ପଇସା ଦରକାର । ହେଲେ ଏତେ ଗୁଡା ପଇସା ମୁଁ  ଆଣିବି କୋଉଠୁ ? ଯାହା ଯେମିତି ପଇସା ବ୍ୟାଙ୍କରେ ଅଛି, ତାକୁ ତ ଛୁଆଙ୍କ ଆଡ଼ମିଶନ ଫିଜକୁ (admissions fees)ନିଅଣ୍ଟ । କମ୍ପାନୀରୁ ଆଡ଼ଭାନସ ନେଇ ଆସିଥିଲି । ଏ ମାନସର ରାଜଧାନୀ ଇଞ୍ଜିନିୟରିଂ କଲେଜର ଆଡ଼ମିଶନ ବେଳକୁ ମ । ତା ସାଙ୍ଗକୁ ତୁ ତ ବ୍ୟସ୍ତ କଲୁ ସେ ଜମି ଖଣ୍ଡକ କିଣିବା ପାଇଁ । ସେଇ ପଇସାରେ ହିଁ ତ କିଣା ହେଲା । ସେଥିପାଇଁ ତ ଆସିଲା ବେଳକୁ କମ୍ପାନୀ ମୋତେ ବେଶି ପଇସା ଦେଲାନି । ଆଡଭାନ୍ସ ପଇସା ତକ କାଟିଦେଲା । ବାଙ୍କସାହୁକୁତ କିଛି ନା କିଛି ପଇସା ଦେବାକୁ ପଡ଼ିବ ।

ରୁପେଲି ଅଧାଖିଆ ପିଠା ଥାଳିଆକୁ ଧରି ତାଙ୍କ କଥାବାର୍ତ୍ତା ମଝିରେ ଆସି କହିଲା -ମା' ନେ ଏଇ ପିଠାଟା ଖାଇଦେ । ସାଙ୍ଗରେ ଲଗାଇ ଖାଇବାକୁ  କିଛି ଭଲ ନାହିଁ ' ।

'କିଲୋ ଏମିତି କଣ ଫୁଲେଇ ହଉଛୁ ? ଏତେ ବଢିଆ ଗୁଡ ପରିଡ଼ା ସାହିରୁ କିଣିକି ଆଣିଥିଲି । ତୋତେ ଏମିତି ଅରୁଚି ହେଉଛି ନା ? ଖାଇକି ସାରୁଛୁ ନାଁ ଦେଖିବୁ ? ମଲାମ କୋଉଠୁ ଆସିଲା ଜେମା ଦେଇ । ମାଁଉଷ ପଲଉ ନହେଲେ ଖାଇବା ରୁଚୁନି । ତୋ ପିଠି କୁଣ୍ଡେଇ ହେଲାଣି ବୋଧେ' ।

ଫକିରା ଉଠି ପଡୁ ପଡୁ କହି ଲା ରହ ମୁଁ ତୋ ପାଇଁ ଟିକେ ଛେନା ଆଣୁଛି, ସେ ଶିକାରେ ଅଛି ।

-କୁଆଡ଼େ ଉଠୁଛ ? ବକଟେ ଛେନା ଛିଡେଇଥିଲି । ସେ ଆଉ ବଞ୍ଚିଛି ? ପଲମ ଚଟା ପଟି ସରିଲାଣି । ଠାକୁର ଖାଇ ଖଟୁଲି ଖାଇ ଦେବା ଛୁଆ ତୁମର' ।

-ହଉ ହେଲା । ଛୁଆ ଖାଇବେନି ତ କିଏ ଖାଇବ ? ଭାତ ଖିଆ ବେଳ ଆଉ ଟିକକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଇଯିବ । ତୋ ପାଇଁ ମାଆ ଭଲ ତରକାରୀ ବନେଇ ଦେବ ।

-ମାଆ ଆଜି କଣ ତରକାରୀ କରିଛୁ ? ପଚାରିଲା ରୁପେଲି ।

-ସୋରିଷ ଦିଆ ଛୁଇଁ ଝୋଳ ସାଙ୍ଗକୁ ସୁନୁସୁନିଆ ଶାଗ ଖରଡା  । ଉତ୍ତର ଦେଲା ରେବତୀ, ସବୁ ଦିନେ ଏଇଆ । କହି ମୁଁହ ଆମ୍ବିଳା କରି କହିଲା ରୁପେଲି ।

-ବାଡିରେ ଯାହା ଅଛି ତାକୁତ କରି ଧରିଦେବି ନା ଏଠି କିଏ ଜମିଦାର ବୁଢ଼ାବାପା ବସିଛି ମାଗଣା ଖୋଇବ ବୋଲି । ପନିପରିବା, ଭଲମନ୍ଦ, ମାଛମାଂସ କିଏ ଯେମିତି ମାଗଣାରେ ପଠେଇ ଦେବ ?

ମାଂସ ଶବ୍ଦଟା ରୁପେଲି କାନରେ ପଡି ବାପା ଉପରେ ଲଦି ହେଇ କହିଲା 'ବାପା ଆଜି ବୁଧବାର ଆଇଁସ ବାରିଆଟା ହେଇଛି । ଟିକେ ଚିକେନ ଖାଆନ୍ତେନି  ?

- ହିଁ ଲୋ ଜେମା ଦେଇ ତୋ ଅଳୀ ଉପରେ ଟିକେ କାବୁ ରଖ୍, ଘର ଅବସ୍ଥା ଦେଖୁଛୁ ତ ବାପାଙ୍କର ଆଉ ଚାକିରୀ ନାହିଁ । ଡାଲି ଚାଉଳ ଦୋକାନରେ ପଇସା ଦେବାକୁ ବାପା ଆଣ୍ଠେଇ ପଡୁଛନ୍ତି । ଝିଅ ମଖଣ୍ଡି ଖାଇବାକୁ କାନ୍ଦୁଛି । କହିଲା କଣ ନା ଚିକେନେ ଖାଇବି' । କହିଲା ରେବତୀ ।

'ହଉ ହଉ ତୁ ଆଉ ପାଟି କରନା ମାଆ । ତୁ ଯାହା ରାନ୍ଧିଛୁ ମୁଁ ଖାଇଦେବି । ମୋ ପାଇଁ ଖାଲି ଗୋଟେ ଆଳୁ ଭରତା କରିଦେବୁ । ମୁହଁଟାକୁ ଶୁଖାଇ ଦେଇ ରୁପେଲି ଥାଳିଆର ଅଧା ପିଠାକୁ ଖାଇବାକୁ ଲାଗିଲା ।

ଖାଉ ଖାଉ କହିଲା, 'ହଁ ମ ସେ ଚିକେନ ଗୁଡା କିଏ ଖାଇବ, ତୁ ଭଲ କରି ରାନ୍ଧୁ ପାରୁନା । ଖାଲି ଆଁଇସିଣିଆ ଲାଗେ  ।  ତା ଛଡା ଏ କରୋନା ବେଳେ କିଏ ଚିକେନ ଖାଏ । ମୁଁ ସେମିତି ଏକା କହୁଥିଲି ନା' ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫକୀରା ଝିଅ ମୁହଁକୁ ଚାହିଁଲା । ସେ ଯେତେବେଳେ ଗାଁକୁ ଆସିଛି ସବୁ ବାରିଆ ଦିନ ସେ ହରିଆ ଦାସ ପାଖରୁ ଦେଶୀ କୁକୁଡା ଆଉ ଦେଶୀ ଅଣ୍ଡା ଆଣିଦିଏ । ଏଇ ରୁପେଲି କୁକୁଡା ଦେଖିକିକି ଦୁଇ ଥାଳି ଭାତ ଟେକିଦବ । ଆଉ କୁକୁଡାର ହାଡ଼କୁବି ଏମିତି ଚୋବାଇ ଦେଇଥିବ ଯେ କେହି କହିବେନି ଚିକେନର ହାଡ଼ ଥିଲା ବୋଲି । ଆଜି ରୁପେଲି ଚିକେନ ନ ଖାଇବାର ବାହାନାରେ, ତଥା ଚିକେନ ଖରାପ, ନହେଲେ ରାନ୍ଧୁଣି ଖରାପ କହୁଛି । ଏ କଣ ଏକ ସନ୍ଧି ? ବାଲ୍ୟ ଅର୍ଦଳି ସହ ସନ୍ଧି ? ନା ତା ପିଲାଳିଆ ଅଳିକୁ ମାରି ପିତୃସମ୍ମାନ ଓ ପିତୃଭକ୍ତିର ଏକ ନିଦର୍ଶନ ?

ଝିଅର ସମ୍ବେଦନଶୀଳତାକୁ ସେ ପରିଷ୍କାର ଭାବରେ ଉପଲବ୍ଧି କରିପାରୁଥିଲା । ରୁପେଲିର ସମ୍ବେଦଶୀଳଭାବ ତାର ଅସହାୟ ଅବସ୍ଥାକୁ ଆହୁରି ବିବ୍ରତ କରିପକାଇଲା । ପିତୃତ୍ୱକୁ ଧିକ୍କାର କରୁଥିଲା' ।

ଏଇ କଥାବାର୍ତ୍ତା ଭିତରେ ମାନସ ବି ଆସି ସେଠି ପହଞ୍ଚି ଯାଇଥିଲା ।

'ବାପା ମୋ ମୋବାଇଲର ଡେଟା କାର୍ଡ ସରିଗଲା । ତା ଛଡା ମୋ ମୋବାଇଲ ସ୍କ୍ରିନଟା ଏମିତି ଝାପସା ଦିଶୁଛି । ମୋ ପାଖରେ ଲାପ୍ ଟପ୍ ବି ତ ନାହିଁ । ମୁଁ ଅନ୍ ଲାଇନ୍ କ୍ଲାସଟା ଠିକ୍ ସେ କରିପାରୁନି । ମୋତେ ସେମିଷ୍ଟାର ପାଇଁ ବି ତ ପଢିବାକୁ ପଡ଼ିବ' । ମାନସ ନମ୍ରତାର ସହ ତାର ଆବଶ୍ୟକତାକୁ ପ୍ରତିପାଦନ କରିଥିଲା ।

-ହଁ କାହାର କଣ ଅଭାବ ଅଛି ଆସି ବାପା ପାଖରେ ବଖାଣ ଏଠି । ସେହି ଅଶୋକ ମିଶ୍ର ସାଙ୍ଗରେ ତ ଭଲ ଫୁଟବଲ ଖେଳୁଛୁ, ସାଙ୍ଗ ହୋଇ ପାଠ ପଢି ପାରିବୁନି ? ଗୋଟେ କଲେଜରେତ ପଢୁଚ ।

-ମା ସେମିତି ହୁଏନି । ତାର ଅଲଗା ବ୍ରାଞ୍ଚ ମୋର ଅଲଗା ।ତା ଛଡା ମୋତେ ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କାହିଁକି ତା ଲାପଟପ୍ ଦବ ? ଟିକେ ବୁଝି ସୁଝି କଥା କହ ।

- 'କଣ ହେଇ ଗଲା ମାଗି କରି ପଢ଼ିଲେ ? ଆମ ଘରେ ଆସି ଏତେ ଲୋକ ପୁଣି ଆସି ଟିଭି ଦେଖୁଛନ୍ତି ତ । ମୁଁ କଣ ତାଙ୍କୁ ମନା କରିଛି '? ରେବତୀ ଆଉ କିଛି କହିବାକୁ ଯାଉଥିଲା, ତା ପୂର୍ବରୁ ଫକିରା ରୋକିଦେଇ କହିଲା

- ହଁ ତୁ ଟିକେ ବୁଝି ସୁଝି କଥା କହ ।, ତା ପାଠ ଅଲଗା ତୋ ଟିଭି କଥା ଅଲଗା ।ହଁ ମାନସ ତୁ ବ୍ୟସ୍ତ ହୋନା । କିଛି ନା କିଛି ଗୋଟେ ବ୍ୟବସ୍ଥା ହୋଇଯିବ । ଆଛା ତୁ ଟିକେ ଗଲୁ ଖଟ ତଳେ ମୋ କଳା ବ୍ୟାଗଟା ଅଛି ଆଣିଦବୁ' ।

-କଣ ବିଚାର କଲ ବାଙ୍କ ସାହୁକୁ କେତେ ପଇସା ଦେବ ? ନହେଲେ ସେ ସଉଦା ବନ୍ଦ କରିଦେବ ? ପଚାରିଲା ରେବତୀ ।

-ଓଃ ଟିକେ ରହିଯା ମୁଁ ଚିନ୍ତା କରେ । ଫକୀରା ପାଖରେ ଅନେକ ଡିମାଣ୍ଡ । ଆବଶ୍ୟକତାର ଲମ୍ବା ଚିଠା ସବୁ ଧାଡି ବାନ୍ଧି ଦେଇଥିଲା । ସବୁ କିଛି ଅତ୍ୟାବଶ୍ୟକ, କିନ୍ତୁ କୋଉଟାକୁ ସେ ପ୍ରାଧାନ୍ୟ ଦବ, ଏହି ବିଚାରରେ ସେ ମ୍ରିୟମାଣ ହୋଇଯାଇଥିଲା । ପେଟ ନା ପାଟି, ପାଠ ନା ଶାଠ, ଦେହ ନା ମନ, ମାନ ନା ଅଭିମାନ କାହା କଥା ସେ ବୁଝିବ ? ଏକାବେଳେ ସମସ୍ତେ ଧାରଣା ଦେଉଛନ୍ତି । ସେ ସମସ୍ତଙ୍କ ବେହଲ ପଣର ଗୋଟିଏ ସ୍ୱର ସେଇଟା ହେଲା "ଅଭାବ ଅନାଟନ" ଅର୍ଥାଭାବ ।

ଏହି ଅଭାବ ବନ୍ୟାର ତୀବ୍ର ଧାର ଏତେ ଅସଲଂଗ୍ନ, ଉତଶୃଙ୍ଖ୍ଳିତ ଯେ ସକରାତ୍ମକର ବନ୍ଧ ଭାଙ୍ଗିବାକୁ ତାଙ୍କୁ ନିମଷ ମାତ୍ର ଲାଗେ । ସକରାତ୍ମକର ବନ୍ଧ ଭାଙ୍ଗି ନକରାତ୍ମକର ଭୂମିରେ ବିନାଶର ମୃଦଙ୍ଗ ତାଳରେ ନୃତ୍ୟ କରିବାକୁ ଲାଗେ ନକରାତ୍ମକ ଭାବନା । ଫକୀରା ଭାବନା ଧୀରେ ଧୀରେ ସେହି ନକରାତ୍ମକର ବନ୍ୟା ଜଳରେ ଭାସିବାକୁ ଲାଗିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧିକ୍କାର କରୁଥିଲା ତା ମନ ତା'ର ସେହି ପିତୃତ୍ୱକୁ, ମୁରବିତ୍ୱକୁ ତଥା ବଞ୍ଚିବାର ସ୍ପୃହାକୁ । ଏହି ସଂସାରଟା ତାକୁ ଗୋଟେ ବୋଝ ଲାଗୁଥିଲା । ଭାବୁଥିଲା ମନୁଷ୍ୟ ଟିକେ କୌଣସି ଜିନିଷ ପାଇବାର ସୁଖ ପାଇଁ ନିରନ୍ତର ସାଧନାରତ ରହେ । ସେ ଜିନିଷକୁ ପାଇଯିବାର ସୁଖ ତ ଖାଲି ମିଳେ । କିନ୍ତୁ  ସୁଖ ସବୁଦିନ ପାଇଁ ରହେ ନାହିଁ । ସେହି ସୁଖ ତରଙ୍ଗ ପରି କ୍ଷଣ ଭଙ୍ଗୁର । ସୁଖ ସାଙ୍ଗକୁ ଦୁଃଖ ସାଙ୍ଗ ହୋଇ ହାତ ଧରାଧରି ହୋଇ ଚାଲନ୍ତି । ଦୁଃଖ ମିଶ୍ରିତ ସୁଖକୁ ମଣିଷ କିଛି ସମୟ ସୁଖ ବୋଲି ଭାବି ଧୋକା ଖାଇଥାଏ । ପାଇବାର ସୁଖରେ ରହିଥାଏ ପାଇଥିବା ବସ୍ତୁକୁ ହରାଇବାର ଦୁଃଖ । ଧେତ୍ ଏ ସଂସାରଟା କେତେ କଷ୍ଟ କେତେ ଦୁଃଖମୟ । ଏମିତି ଏକ ନିରାଶର କଳା ବାଦଲ ତାକୁ ଯେମିତି ତାର ଆଶାର ଆଲୋକକୁ ଢାଙ୍କି  ଦେଉଥିଲା ।

-'ବାପା ଏଇ ନିଅ ତୁମ  ବ୍ୟାଗ୍' ।

ରେବତୀ ଦେଖିଲା ଫକୀରା ଗାଲରେ ହାତ ଦୁଇଟା ଦେଇ ଅନ୍ୟମନସ୍କ ହେଇ ବସିଛି । କଣ ଭାବୁଛ ସେତେ ବେଳୁ ବସି, ମାନସ ବ୍ୟାଗଟା ଦଉଛି ନଉନ '? ଫକୀରାର ନିରାଶସିକ୍ତ ଭାବନାରେ ଏକ ବିରାମ ଆସିଲା । କଳା ବ୍ୟାଗ୍ ଟା ଖୋଲୁ ଖୋଲୁ କହିଲା ଦେଖେ କେତେ ପଇସା ଅଛି  ! ! ବ୍ୟାଙ୍କ ସାହୁକୁ କେତେ ଦେଇପାରିବି ।

'ହେଇ ତୁମର କଣ ଗୋଟେ ଖାତା ଖସିପଡିଲାଣି ବ୍ୟାଗ ଭିତରୁ । ଭଲରେ ରଖ, କଣ ଜରୁରୀ କାଗଜ ପତ୍ର ହେଇଥାଇପାରେ । ହଜିଗଲେ ପୁଣି ଘରକୁ ହୁଲୁସ୍ତୁଲୁ  କରିପକେଇବ । ରେବତୀ ପରିବା କରେଇରେ ପକାଉ ପକାଉ କହିଲା ।

ଫକିରା ବେକ ବୁଲାଇ ଦେଖିଲା ତା ଖାତା ଖଣ୍ଡକ ଆଉ ସ୍ୱାମୀ ଚିନ୍ମୟାନନ୍ଦଙ୍କ ରଚିତ ଚଟି ଚଟି ବହି ଦୁଇଟା । ବହି ଆଉ ଖାତାର ପୃଷ୍ଠା ଗୁଡ଼ିକୁ ଓଲଟ ପାଲଟ କରିପକାଇଲା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହି ଖାତାରେ କଣ ଲେଖା ହୋଇଥିଲା କେଜାଣି ତା ମାନସପଟରେ ଖେଳୁଥିବା ଅସ୍ଥିରତା ସ୍ଥିର ହୋଇଯାଇଥିଲା । ଆଉ ତାହା ତା ମୁଖ ମଣ୍ଡଳରେ ପ୍ରତିଫଳିତ ହୋଇଯାଇଥିଲା । ସ୍ମିତହାସ୍ୟ ତା ମୁଖମଣ୍ଡଳରେ ଆଣି ଦେଲା କାନ୍ତି । କିଛିକ୍ଷଣ ପୂର୍ବରୁ ବିନାଶକାୟ ତାଣ୍ଡବ ନୃତ୍ୟ କରୁଥିବା ନକରାମକ୍ ଭାବ ସବୁ ସ୍ଥିରକୁତ୍ୱ ହୋଇଯାଇଥିଲେ ଏକ ସକାରାତ୍ମକ ଭାବର ସ୍ପର୍ଶରେ ।

-କଣ ଏମିତି ଖୁସିରେ ଗଦ ଗଦ ହୋଇ ହସିପକାଉଛ । ମଝିରେ ମଝିରେ ମୁଣ୍ଡକୁ ଟୁଙ୍ଗାରି ପକାଉଛ, କଣ କିଛି ପଇସା ପତ୍ରର ସୁତ୍ର ମିଳିଗଲାକି ? ହେଲା ଆଉ ଆମ ଅଭାବ ପଳେଇବ ଏବେ ? ଚୁଲିରେ ଜାଳ ପକାଉ ପକାଉ କହିଲା ରେବତୀ ।

- ତୁ ତ ସବୁବେଳେ ସେଇ ପଇସା ପାଇଁ ମଲୁ, ପଇସା ଛଡା ତ ଦୁନିଆରେ ତୋ ପାଇଁ ଆଉ କିଛି ନାହିଁ ? ମୁଣ୍ଡ ନ ଉଠାଇ ସେହି ଖାତାକୁ ଦେଖି ଦେଖି ଜବାବ୍ ଦେଲା ଫକୀରା । ଜବାବଟା ଥିଲା ଯେମିତିକି କର୍ପୂର ତେଲ ଗୋଳା କାଠ ଜାଳ । ଠିକ୍ ସେଇଟା ରେବତୀର କୁହୁଳା ହୃଦୟରେ ଧଡ଼ କିନା ନିଆଁ ଧରି ପକାଇଲା । ନିଆଁର ତାପ ତା ପାଟିର ଶବ୍ଦରେ ବାହାରିଲା । 'ହଁ ହଁ ମୁଁ ଏଠି ରାଣୀ ହେଇକି ବସିଛି ତ । ତୁମ ପରିବାରର ସମସ୍ତ ଦାୟିତ୍ୱ ମୋ ମୁଣ୍ଡରେ ପକାଇଦେଲ । ନିଜେ ମାଡ୍ରାସରେ ଯାଇ ମଉଜ କଲ ।

- ଆଲୋ ମାଡ୍ରାସ ନୁହେଁ କୋଇମ୍ବତୁର୍ ମାଡ୍ରାସରୁ ପାଖ ପାଖି ସହର ।

ରେବତୀର ରାଗ ନିଆଁରେ ଆଉ ଟିକେ ଇନ୍ଧନ ପକାଇଦେଲା କି ଫକୀର ।

ହଁ ମ ମାଡ୍ରାସ ହେଉକି ଫାଡ୍ରାସ ହେଉ । କୋଉ ବି ସହର ହେଉ, ମୋର କଣ ଯାଏ ଆସେ । ମୋତେ କୋଉ ନେଲକି ସେଠିକି । ଏଇ ଗାଁ ମୁଣ୍ଡରେ ତୁମ ପିଲା ଛୁଆ, ମା ବାପା, ଭଉଣୀ, ବନ୍ଧୁ ବାନ୍ଧବ ତ ସବୁ ମୋରି ବେକରେ ବାନ୍ଧି ଦେଲ । ସେଥିରେ କଣ କହୁଛ ନା ମୁଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଇସା ପଇସା ହଉଚି । ତୁମ ଘରର ପୋଇଲି ଚାକରାଣୀ ହୋଇ ମୋ ଜୀବନ ଗଲା ।

ଅନ୍ୟମନସ୍କ ହୋଇ ବାହାରି ପଡ଼ିଥିବା ଶବ୍ଦ ବାଣରେ ରେବତୀ ଏମିତି କ୍ଷତ ହୋଇଯିବ ବୋଲି, ଫକୀରାକୁ ଜମା ଜଣାନଥିଲା । ଏହି ଅପ୍ରୀତିକର ନିଆଁକୁ ନ ଲିଭାଇଲେ ପୁଣି ଶୋଇପଡିଥିବା ନକାରାତ୍ମକ ଭାବ ଗୁଡା ଉଠିପଡ଼ି ପୁରା ଘର ଜାଳି ଛାରଖାର କରିଦେବେ । ଫକୀରା ତା ପ୍ରେମ ମନ୍ତ୍ରକୁ ଆବାହନ କଲା । ରେବତୀ ହାତ ଦୁଇଟା ଧରି ପକାଇ କହିଲା 'ଓ ହୋ ମୋ କଥାଟା ତ ଆଗ ଶୁଣ ! ମୁଁ କଣ ଜାଣିନି ତୋର ଏ ଘର ପ୍ରତି ଅବଦାନ । ତୁ ନଥିଲେ ମୋର ଏଇ ସଂସାର ଚଳିଥାନ୍ତା ନା ଏ ମୋ ଜୀବନ ।"

- ହଁ ଆଉ ସେ ହୁନ୍ଦର କଥା କୁହନା । ମୁଁ ଜାଣିଛି ଘରର ଚାକରାଣୀ ମୁଁ, କଣ୍ଠଟାକୁ ଧୀର କରି କହିଲା ରେବତୀ । ମନରେ ଜଳୁଥିବା ନିଆଁ ଧାସ କମି ଯାଉଥିଲା ବୋଧେ ।

' ଆଲୋ ତୁ  ନିଜକୁ ଏ ଘରର ଚାକରାଣୀ କହ ପଛେ ହେଲେ ମୁଁ କହିବି ତୁ ମୋ ମନର ରାଣୀ' । ରାଣୀ ଶବ୍ଦଟା ଥଣ୍ଡା ପାଣି ଭଳି କାମ ଦେଲା ନା କଣ, ନିଆଁ ପୁରା ଲିଭିଗଲା ଫିକ୍ କରି ହସି ପକାଇଲା ରେବୁ ।

-'ତୁ ଜାଣିଛୁ ମୁଁ କୋଇମବାତୁରରେ କେତେ କଷ୍ଟରେ ମୋ ଦିନ ବିତାଉଥିଲି । ରୁପେଲିର ଗୁଲୁ ଗଲୁ ଅଝଟିଆ କଥା, ମାନସର ବାପା ବାପା ଡ଼ାକ ମୋର ସବୁବେଳେ ମନେ ପଡେ । ମୋ ଆସିବା ଦିନ କେମିତି ମାନସ ଚାଲି ଚାଲି ଦୁଇ କୋଶ ବାଟ ଆସିଥାଏ ଷ୍ଟେସନ ପାଖୁ ମୋତେ ପାଛୁଟି ନବା ପାଇଁ । ଆଉ ଘରେ ପହଁଚିଲା ପରେ ରୁପେଲି ଜାବୁଡିକି ଧରି ଏଇ ମୋ ବାପା କହି ଭେଁ ଭେଁ ହୋଇ କାନ୍ଦି ପକାଏ । ଆସିବା ଦିନ କଥା ତ ଛାଡ଼, ରୁପେଲି ମୋ ବ୍ୟାଗ ଲୁଚାଇଦେଇ କେତେ ହଇରାଣ କରେ । ଆଉ ମାନସ ବାଟେଇ ଦବା ପାଇଁ ପୁଣି ଆସେ ଷ୍ଟେସନ ପର୍ଯ୍ୟନ୍ତ । ବାଟଯାକ ଗୁମ୍ ମାରି ବସିଥାଏ, ମୋତେ ନ ଦେଖାଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଖିରୁ ଲୁହ ଗୁଡା ପୋଛି ପକାଉଥାଏ । ଖାଲି ମଝିରେ ମଝିରେ ଗୋଟିଏ ପ୍ରଶ୍ନ "ବାପା ତୁମେ ପୁଣି କେବେ ଆସିବ ?"

ଏ ସବୁ ଶୁଣି ରେବତୀ ଆଖି କୋଣରୁ ଲୁହ ଜକେଇ ଆସିଲା । ତାକୁ ଦେଖି ପରିସ୍ଥିତିକୁ ଟିକେ ପ୍ରକୃସ୍ଥିତ କରିବା ପାଇଁ ଫକୀରା କହିଲା ଜାଣିଛୁ ଆଉ କାହା କଥା ଆଖିରେ ନାଚୁଥାଏ । କାହା କଥା ? ପଚାରିଲା ରେବତୀ ।

-ଏଇ ମୋ ରାଣୀ କଥା । ଗୋରା ମୁହଁଟା ସାଙ୍ଗକୁ କନକନ ଆଖି ଆଉ ଛନଛନ ମନ ମୋ ମନକୁ ବିଦାରି ପକାଏ । ଆଉ ତୁ କହୁଛୁ କ'ଣ ମୁଁ ସେଇଠି ମଜା ମାରେ । ଆଉ ଜାଣିଛୁ ? ମୋ ମନ ଯେତେବେଳେ ଅଥୟ ହୁଏ, ମୁଁ କୁଆଡେ ଯାଏ ? -କୁଆଡେ ? ଡିମ୍ବା ଡ଼ିମ୍ବା ଆଖି କରି ପଚାରିଲା ରେବତୀ ।

'ଓ ହୋ ତୁ ଭୁଲିଗଲୁ ବୋଧେ, ମୁଁ ଆଗରୁ କହିଥିଲି । ଜଗନ୍ନାଥ ମନ୍ଦିର, ଆଉ ସେଠିକୁ ଆସୁଥିବା ସ୍ୱାମୀ ସଦାନନ୍ଦ ସରସ୍ୱତୀ । ସେ ଗୀତାକୁ ସୁନ୍ଦର ଭାବରେ ବୁଝାଇ ଦିଅନ୍ତି ।

' ହଁ ହଁ ମନେ ପଡ଼ିଲା ସେ ବାଆଜୀଙ୍କ କଥା ତୁମେ ଆଉ ଥରେ କହୁଥିଲ । ତୁମେ କହୁଥିଲ ତୁମେ ତୁମ ଦୁଃଖ ସୁଖ କଥା ଯାହା କୁହ ସେ ଅତି ସୁନ୍ଦର ଭାବରେ ବୁଝାଇ ଦିଅନ୍ତି । ସବୁ ସମସ୍ୟାର ସମାଧାନ ବି ଦେଇ ଦିଅନ୍ତି । ଆଚ୍ଛା, ଏଇ ଖାତାରେ ଯାହା ପଢୁଛ, ସେଥିରେ କଣ ସେଇ ବାଆଜୀ ବାବା କଣ କିଛି ଜ୍ୟୋତିଷ୍ୟ ବିଦ୍ୟା କହିଛନ୍ତି କି ?

ଆମ ଅଭାବ ଅସୁବିଧା ବେଳ କେବେ ଯିବ ସେ କିଛି କହିଛନ୍ତି କି ?

'ଓ ହୋ ପୁଣି ସେଇ ଭଳିଆ ଅବୁଝା କଥା ପଚାରୁଛୁ ? ତାଙ୍କୁ ବାବାଜୀ କହନି ସେ ହେଲେ ସ୍ୱାମୀଜୀ । ଜ୍ୟୋତିଷ୍ୟା ବାଣୀ ବିଷୟରେ ସେ କାହିଁକି କହିବାକୁ ଯିବେ ? ସେ ଜୀବନ ଦର୍ଶନ ବିଷୟରେ ସେ ବୁଝାନ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଲୋ... ଯିଏ ଜୀବନଦର୍ଶନବାଣୀ ଠିକ୍ କରି ବୁଝି ଯାଇଥିବ ତାକୁ କ'ଣ ଜ୍ୟୋତିଷଗିରି ଦରକାର ? ଅତୀତକୁ ନେଇ କାନ୍ଦିବା ଆଉ ଭବିଷ୍ୟତରେ କଣ ହବ ଭାବି ଡରି ଡରି ରହିବା ମାନେ ହେଲା, ନିତି ମରିବା କଥା । ଆଉ ସେଇଟା କଣ ଜୀବନ ?

ଆମ ସ୍ୱାମୀଜୀ କେତେ ସୁନ୍ଦର କଥାଟେ କହିଛନ୍ତି ଶୁଣୁବୁ ? କହି ସେ ଚଟିବହି ଖଣ୍ଡକର ଫର୍ଦ୍ଦ ଗଡେଇ ପକେଇବାକୁ ଲାଗିଲା ।

"ଦୁଃଖ ଆଉ ସୁଖ ଜୀବନର ଦୁଇ ଅବିଚ୍ଛେଦ୍ୟ ଅଙ୍ଗ । ଅନ୍ଧାର ଓ ଆଲୋକର ଖେଳ ଭଳି ଦୁଃଖର ଅନ୍ତରେ ସୁଖର ଆରମ୍ଭ । ପୁଣି ସୁଖର ମୃତ୍ୟୁରେ ଦୁଃଖର ଜନ୍ମ । ଦୁଃଖ ସୁଖ ଏକ ଅଭାବ ନୁହେଁ । ଏକ ଅବସ୍ଥା । ଏକ ପରିସ୍ଥିତି । ଯାହା ଅନୁକୂଳ ଓ ପ୍ରତିକୂଳ ନାମରେ ନାମିତ କରାଯାଇପାରେ । ଏହି ଅନୁକୂଳ ପରିସ୍ଥିତି ଓ ପ୍ରତିକୂଳ ପରିସ୍ଥିତି ପରିବର୍ତ୍ତନଶୀଳ ଏବଂ କ୍ଷଣସ୍ଥାୟୀ ।

ସେହିଭଳି ସକାରାତ୍ମକ ଏବଂ ନକାରାତ୍ମକ ହେଲା ମଣିଷର ଦୁଇ ବିପରୀତମୁଖି ଚିନ୍ତାଧାରା । ଏହି ଦୁଇ ବିପରୀତମୁଖୀ ଚିନ୍ତାଧାରା ଏହି ଦୁଇ ପରିସ୍ଥିତି ସହ ଅଙ୍ଗ ଅଙ୍ଗି ଭାବେ ଜଡ଼ିତ । ଆମ ମୁନି ଋଷିମାନେ ଅନୁଧ୍ୟାନ କରି ଏହି ପରି ଏକ ସିଦ୍ଧାନ୍ତରେ ପଦାର୍ପଣ କରିଛନ୍ତି ଯେ, ନକରାତ୍ମକ ଭାବନା ମନକୁ ଦୁଃଖ ଅବସ୍ଥାରେ ଅବା ପ୍ରତିକୂଳ ପରିସ୍ଥିତିରେ ବନ୍ଦୀ ବନାଇଦିଏ । ମଣିଷଙ୍କୁ ନିରାଶବାଦୀ ବନାଇଦିଏ ।

ମଣିଷ ନିରାଶବାଦୀ ହୋଇଯାଇ ବିନାଶ ଆଡ଼କୁ ଅଗ୍ରସର ହୁଏ । ଅପରପକ୍ଷରେ ଯଦି ଭାବନା ସକରାତ୍ମକ ତେବେ ମନୁଷ୍ୟ ଆଶାବାଦୀ ହୋଇ ଅନୁକୂଳ ନାବରେ ଜୀବନ ଦରିଆକୁ ପାରିକରିବାରେ ସାମର୍ଥ୍ୟ ପାଇଥାଏ ।

ବିଷାଦକୁ ପ୍ରସାଦ ବୁଦ୍ଧିରେ ପରିବର୍ତ୍ତନ କରିପାରିବା ହିଁ, ମନୁଷ୍ୟର ପ୍ରକୃତ ବିଦ୍ୟା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାହା ହିଁ ପ୍ରକୃତ କଳା, ପ୍ରକୃତ ସାମର୍ଥ୍ୟ ତଥା ପ୍ରକୃତ ବ୍ୟବସାୟ । ଯେଉଁ ମନୁଷ୍ୟ ପ୍ରତିକୂଳ ବା ଦୁଃଖ ପରିସ୍ଥିତିରେ, ଅଧିର ନ ହୋଇ ସକରାତ୍ମକ ଚିନ୍ତାଧାରାକୁ ଧାରଣ କରିପାରେ, ସେ ହିଁ ପ୍ରକୃତ ଯୋଦ୍ଧା ତଥା ପ୍ରକୃତ ଜ୍ଞାନୀ ।

ବୁଝିଲୁ ତ ଏହାର ମାନେ କଣ.... କହି ଫକୀରା ମୁଣ୍ଡ ଟେକି ରେବତୀ ଆଡେ ଚାହିଁଲା । ରେବତୀର ଆଖି ଲାଗିଯାଇଥିଲା । 'କିଲୋ କଣ ଢୋଳଉଛୁ କି ? କିଛି ବି ଶୁଣିଲୁନି ତ ! ! ଫକୀରା ଗମ୍ଭୀର ହୋଇ କହିଲା ।

ରେବତୀ ଆଖି ମଳି ମଳି କହିଲା 'ହଁ ମ ମୁଁ ସବୁ ଶୁଣିଛି.. ହେଲେ ତୁମେ ଏମିତି ପଣ୍ଡିତ ସାରଙ୍କ ଭଳିଆ ସଂସ୍କୃତ ମିଶା ଓଡିଆ କହିଲେ ମୁଁ କେମିତି ବୁଝିବି ? ଭଲ କଥା ତ ନିଶ୍ଚୟ କହୁଛ । ହେଲେ ମୋ ପାଖରେ ବେଳ ଅଛି ନା ଜ୍ଞାନ ଅଛି ଗୀତା ଶୁଣିବାକୁ ? ତୁମେ ବାଇଜିଙ୍କ ପାଖରେ ରହି ପୁରା ବାଇଜିଙ୍କ ଭଳିଆ ପ୍ରବଚନ ଦେଲେ କିଏ ବୁଝିବ ?

'ମା ଟିକେ ମାଠିଆରୁ ପାଣି ଗିଲାସେ ବଢାଇଦେଲୁ' ମାନସ କହିଲା ।

'କୁଆଡେ ଯାଉଛୁ ? ଆ ଏଇଠି ବସ । ବାପା କେତେ ଭଲ କଥା କହୁଛନ୍ତି ଶୁଣୁ ।

ହଁ କଣ ସେ ଗୋଟେ, କ'ଣ କୂଳ ଆଉ ପୁଣି କଣ ନକରାନ୍ତା କଥା କହୁଥିଲ... ବାପାଲୋ ମୋ ପାଟିରେ ପଶୁନି । ସେଇଗୁଡା ଟିକେ ବୁଝାଇ ଦିଅ ଆମକୁ । ହସି ପକାଇ କହିଲା ରେବତୀ । ସହଜ ଭାଷାରେ ନବୁଝାଇଲେ, ସେ କାଲା ଆଗରେ ମୂଳା ଚୋବେଇଲା ଭଳି ଲାଗିବ ।

ଓହୋ ସେ ନକରା ସକରା ନୁହେଁ । ନକାରାତ୍ମକ । ମାନେ ନେଗେଟିଭ ମନ ଆଉ ସକରାତ୍ମକ ମାନେ ପଜେଟିଭି । ଆଉ ଅନୁକୂଳ ପ୍ରତିକୂଳ କଥା ପଚାରୁଛୁ ଟି ? ଅନୁକୂଳ ମାନେ ବି ସେଇଆ । ମାନେ ଭଲ ବେଳ । ପ୍ରତିକୂଳ ତାର ଓଲଟାଟା । ମାନେ ଖରାପ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଳ ।

ହଁ ମୁଁ କଣ କହୁଥିଲି, ଦୁଃଖ କୋଉ ମଣିଷର ନାହିଁ? କିଏ ରୋଗରେ ପଡ଼ି ଦୁଃଖ ପାଆନ୍ତି କିଏ ମାନ ସମ୍ମାନ ହରାଇ ଦୁଃଖ କରନ୍ତି । କାହାର ମନର ଆଶା ପୂରଣ ନହେଲ ଦୁଃଖ ପାଆନ୍ତି, ବା କିଏ ଆର୍ଥିକ ସଙ୍କଟରେ ଦୁଃଖ ପାଆନ୍ତି ।

ରେବତୀ କଥାରେ ଲଥା ଦେଇ କହିଲା 'ହଁ ନୁହେଁ ଆଉ କଣ । ସୁନା ଥିଲେ କାନ ନାହିଁ ଆଉ କାନ ଥିଲେ ସୁନା ନାହିଁ । ସେଇ ମାଧ ସାମନ୍ତ କଥା ଦେଖୁନ । ବିଦେଶରେ ଦୁଇ ପୁଅ ବସି ଟଙ୍କା ଉପରେ ଟଙ୍କା ଗନୁଛନ୍ତି । ଆଉ ଏଠି ବୁଢ଼ାର କଣ ଅଭାବ ?

ବୁଢୀଟି ଆଗ ପାର ହେଇଗଲା । ବୁଢ଼ାବୁଢ଼ୀକୁ ଖାଲି ଝୁରିଲା । ବୁଢ଼ାକୁ ପୁଣି ପକ୍ଷପାତ ବେମାରୀ ହେଲା । ପଡି ପଡି ମଲା । ପୁଅ ନିଆଁ ଦେବାକୁ ବି ଆସି ପାରିଲେ ନାହିଁ । ପଇସା ଥାଇ କଣ ହେଲା । ଆଉ ଦେଖୁନ ସେ ରମା ପାଗିଳୀର ପୁଅ ପୋଲିସ ବନିଗଲା । ହଁ ହଁ ଏମିତି କେତେ ଲୋକ ଅଛନ୍ତି । କାହାର କେତେବେଳେ କଣ ଭାଗ୍ୟରେ ଅଛି କିଏ କହିପାରିବ' ।

- ହଁ ତୁ ତ ଠିକ୍ ବୁଝିଗଲୁ । କଥାକୁ ଆଗକୁ ବଢ଼େଇ କହିଲା ଫକିରା ।

କଣ କହୁ ଥିଲି କି ...ଆଲୋ ଏ ମହାମାରୀ କଣ ସଂସାରକୁ ପ୍ରଥମଥର ଆସିଛି ?

କଥାଟା ମାଡ଼ି ବସି ମାନସ କହିଲା 'ବାପା ! ମହାମାରୀର ଇତିହାସ ବିଷୟରେ ଟିଭିରେ ଦେଖାଉଥିଲା । ଶହେବର୍ଷ ଭିତରେ ବହୁତ ମହାମାରୀ ପୃଥିବୀକୁ ଆସିଲାଣି । ୧୯୧୮ ରେ ଏନଫ୍ଲୁଏନଯା (enfluenza) ଅବା ସ୍ପାନିଷ୍ ଫ୍ଲୁ Spanish flue ଆସିଥିଲା । ତାପରେ ଏସିଆନ୍ ଫ୍ଲୁ (Asian flu) ୧୯୫୭ । ତାପରେ ୧୯୬୧ରେ ଆସିଲା ହଇଜା । ତାପରେ ଆସିଲା ହଂକଂ ଫ୍ଲୁ । ୧୯୭୪ରେ ଆସିଲା ମହାମାରୀ ବସନ୍ତ । ୨୦୦୩ରେ ଆସିଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅଭିଆନ୍ ଫ୍ଲୁ । ୨୦୦୭ରେ ଆସିଲା ଏବୋଲା (Ebola) । ତାପରେ ୨୦୦୯ ଆସିଥିଲା ପୁଣି ସ୍ୱାଇନ୍ ଫ୍ଲୁ । ଶହେ ବର୍ଷର କିଛି ନା କିଛି ମହାମାରୀ ଆସିଛି ।

ରେବତୀ କହିଲା ହଇଜା ଠାକୁରାଣୀ ଆଉ ବସନ୍ତ ଦେବୀ ଆସି ଗାଁଗଣ୍ଡା ପୋଛିଦେଲେ । ହେଲେ ପୁଣି ଦୁନିଆ ଚାଲିଲା ।

ଫକୀର ହସି ହସି କହିଲା ଏଇ ମା ପୁଅ ତ ପୁରା ଖବର ରଖିଛନ୍ତି ମୁଁ କଣ ତାଙ୍କୁ ବୁଝେଇବି ? ସେ ଯୁଗ ସମାପ୍ତି ହେଇଗଲା । ଜନ୍ମ ମୃତ୍ୟୁ ଅହରହ ସଂସାରରେ ଚାଲିଛି । ସଭ୍ୟତା ବିକାଶ ସବୁ କିଛି ଚାଲିଛି । କିନ୍ତୁ କଣ ଟିକେ ବିରାମରେ ସଂସାର ସମାପ୍ତ ହୋଇଯିବ ? ଶୁଣ ମାନସ ଏବେ ଯିଏ ଧୈର୍ଯ୍ୟ ଧରିବ, ସେ ବଞ୍ଚିଲା ମନେ ପୁଣି ଦୁନିଆର ରଙ୍ଗୀନ ଆଲୁଅ ଦେଖିବ । ଯିଏ ଡରିଗଲା ସିଏ ମରିଗଲା । ଯିଏ ଡରିଗଲା ତାକୁ କୋରୋନା ବେଶି ଡରାଇବ । ଧନ, ସମ୍ପତ୍ତି, ବିଦ୍ୟା, ଜାଗା ବାଡି ସବୁ ଗଲେ ଯାଆନ୍ତୁ କିନ୍ତୁ ଧୈର୍ଯ୍ୟ ଦେବୀଙ୍କୁ କୁଣ୍ଢେଇ କି ଧରିଥା । ଏହା ହିଁ ଏକ ମାତ୍ର ଉପଚାର ।

-'ଭାଇ ତୋର ଗୋଟେ ଫୋନ୍ ଆସିଚି' ଆର ବଖରାରୁ ଚିଲେଇ କହିଲା ରୂପେଲି ।

- ହଉ ମୁଁ ଆସୁଛି କହି ମାନସ ପଳେଇଲା ସେଠାରୁ ।

-- ହଁ  ମୁଁ କଣ କହୁଥିଲି କି ... କହି ଫକୀରା ବାର୍ତ୍ତାଳାପକୁ ଆଗକୁ ବଢେଇଲା ।

- ତୁ ଜମା ବ୍ୟସ୍ତ ହୋନା, ଦେଖେ ଏ ସମାଜରେ ଭଗବାନ ମହାମାରୀ ଦେଲା ,ଚାକିରୀ ବାକିରି ଗଲା, କିନ୍ତୁ କିଛି ତ କିଛି ଗୋଟେ ରାସ୍ତା ଦେଖାଇବ ।

ତା ଛଡା ମୋ ହାଡଭଂଗା ଖଟଣିରେ ମୂଲ୍ୟବି ତ ଅଛି । ଏଇ ଦେଖ ଦୁଇ ବଖରା ପକା ଛାତ ପଡ଼ିଲା, ନିଆଁକୁ ଡର ନାହିଁ । ଏଇ ଆମେ ଜମି ଖଣ୍ଡେ କିଣିଲେ । ସେଥିରେ ଦେଖୁନୁ କେମିତି ବାଇଗଣ ଫୁଲ ଧରିଲାଣି, ପୋଇ ଗୁହାଳ ଘର ଛାତକୁ ମାଡ଼ିଚି । ଭଳି କି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭଲି ଶାଗ ଲେଉଟିଆ,କୋଶଳା, ସୁନୁସୁନିଆ ସବୁ ଗଛ ବାହାରୁଛି ।

ଆଉ ସେ ଜର୍ସି ଗାଇ ଦିଟା ଆମର ପୋଷିଲା ପୁଅ, କିଲୋ ତୁ ଗଉଡ ଘର ବୋହୂ ତୋ ହାତରେ କ'ଣ ନ ବନିବ । ଘିଅ, ଛେନା, ଦହି, ପନିର୍ । ତୁ ପରା ମୋର ଲକ୍ଷ୍ମୀ ଠାକୁରାଣୀ ।

-ହଉ ଥାଉ ଥାଉ ଆଉ ବେଶୀ ତେଲାଅ ନାହିଁ । ଲାଜୁଆ ହସରେ ଓଢଣୀ ଟାଣି ପକାଇକହିଲା ରେବ । ଆଉ ଯେମିତି ଆଶାର ଆଲୁଅ ଜଳି ଉଠିଲା କି ଆଉ । ସେହି ଆଶା ଦୀପର ସଳିତାକୁ ଟେକିଦେଇ ବାସନ୍ତୀ କହିଲା, "ଜାଣିଛ ଏଥର ବଉଳା ବି ବାଛୁରୀ ପକାଇବ ।

ହୀରା ଓ ସାରିଆ ମିଶି  କୋଡ଼ିଏ ସେର କ୍ଷୀର ଦେଉଛନ୍ତି । ତୁମେ ପାଖ ଗାଁ ପର୍ଯ୍ୟନ୍ତ ସାଇକଲ ବୁଲାଇଦେଲେ ଯେତିକି ପଇସା ଆସିଯିବ, ସେଥିରେ ବାଙ୍କ ସାହୁ ଦୋକାନରୁ ହିସାବ ସୁଝି ଥିବ । ଆଉ କିସ୍ତି କିସ୍ତି କରି ହରି ସାହୁକୁ ଋଣ ସୁଝିଦବା । ମାନସ ପାଠ ବନ୍ଦ ହବନି" । ଆଲୋ ଧାନ, ବିରି ମୁଗ କିଛି ଅମାର ଘରେ ଅଛି । ଆମେ ଢ଼ିଙ୍କିରେ ଦୁଇଜଣ ମିଶି କରି କୁଟି ଚାଉଳ ବନାଇଦବା, ଆଉ କଣ ଦରକାର ସବୁ ଠିକ୍ ହୋଇଯିବ ।

-'ବାପା ମୋ ସାଙ୍ଗ ଗୋଟେ ଖବର ଦେଲା କି ଗୋଟେ ଏନ୍ .ଜି.ଓ .(NGO)ଅଛି ଯିଏ ମେଧାବୀ ଛାତ୍ରଙ୍କୁ ଗୋଟେ ଲାପଟପ୍ ହେଉଛି । ସେମାନେ ଯୁକ୍ତ ଦୁଇର ମାର୍କ ଆଉ ସେମିଷ୍ଟରର ମାର୍କ ମିଶେଇ ସ୍ଥିର କରିବେ । ଆମ କଲେଜର ପ୍ରିନସିପାଲ (principal) କହିଲେ ମୋତେ ଆପ୍ଲାଇ(apply) କରିବାକୁ । ବୋଧହୁଏ ମୋର ହେଇଯିବ । ପୁଣି ଆଉ ଗୋଟେ ଏନ୍‌ଜି.ଓ (NGO) ଅଛି । ସେ ପୁଣି ଛାତ୍ରୀଙ୍କୁ ପ୍ରୋତ୍ସାହନ କରୁଛି । ଯିଏ ସତୁରି ପ୍ରତିଶତ ରଖିଥିବ ତାଙ୍କୁ  ଯୁକ୍ତ ତିନି ପର୍ଯ୍ୟନ୍ତ ପୁରା ଫ୍ରିରେ ପଢେଇବ । ରୂପେଲିର ବି ସେଇ ଲିଷ୍ଟ ରେ ନାଁ ଆସିଯିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥାଟାକୁ ଏକା ନିଶ୍ୱାସରେ କହି ମାନସ ଫୋନ୍ ଧରି ଆର ରୁମ୍ କୁ ପଳେଇଗଲା ।

ମାନସର କଥାଟା କାନରେ ପଡୁ ପଡୁ ରେବତୀ ହାତ ଦୁଇଟା ଯୋଡ଼ି ପକାଇଲା ଆଉ ଆଖି ବନ୍ଦ କରି ପକାଇଲା । ଯୋଡ଼ା ହାତକୁ ମୁଣ୍ଡ ପାଖରେ ଲଗେଇ ମା ମଙ୍ଗଳା ପାଖରେ ଗୁଣୁ ଗୁଣ ହେଇ ପ୍ରାର୍ଥନା କରି ପକାଇଲା । ମାଆ ଲୋ ତୋ ପାଖରେ ମୁଁ ଅଧିଆ ପଡ଼ିଲି ।ମୋ ଛୁଆ ଦିଟାକୁ ତୋ କୋଡ଼ରେ ପକେଇ ଦେଲି' ।

ଗୋଟେ ମାଆର  ମମତା ପୁଣି ଆଉ ଗୋଟେ ମାଆର ଆଶିଷ ଭିକ୍ଷା କରୁଛି । ସେ ଅନୁପମ ଦୃଶ୍ୟର ଅନୁଭୂତିକୁ ହୃଦୟଙ୍ଗମ କରୁଥିଲା ଫକୀରା ।

ମାନସର ସେଇ ଦୁଇ ପଦ କଥା ଯେମିତି ସକରାତ୍ମକର ଅତର ଛିଞ୍ଚି ଦେଲକି । ଚାରି ଆଡ଼େ ଖାଲି ଏକ ଆଶା ର ମହକ । ହଁଲୋ ରେବ ! ମଙ୍ଗଳା ମା ତୋ କଥା ନିଶ୍ଚିତ ଶୁଣିବ । ପ୍ରତ୍ୟକ୍ଷ ଦେବୀଙ୍କୁ ତୋ ଭଳିଆ ପ୍ରତ୍ୟକ୍ଷ ଭକ୍ତ । ସ୍ୱାମୀଜୀ ପରା କହନ୍ତି ଭକ୍ତିରେ ହିଁ ଭଗବାନ । ଆଲୋ ତୁ ଚିନ୍ତା କରନା ସବୁ ଠିକ୍ ହୋଇଯିବ ।

ରେବତୀ ପ୍ରକୃତିସ୍ଥ ହେଇ ଲୁଗା କାନିରେ ଭଜା କରେଇକୁ ଚୁଲିରୁ ଟେକି ଆଣୁ ଆଣୁ କହିଲା 'ତୁମେ ସେ ବାଆଜୀଙ୍କ ପାଖରେ ରହି ପୁରା ବାଆଜୀ ହେଇ ଗଲାଣି ।

ଫକୀରା ରେବତୀର କାନ୍ଧ ଦୁଇଟାକୁ ଧରି ପକାଇ କହିଲେ 'ମୋ ଆଖିରେ ଆଖି ମିଳେଇ କହିଲୁ ମୁଁ ବାଆଜୀ ହେଇ ଯାଇଛି । ତୋ ଭଳି ଗୁଲୁ ଗୁଲିଆ ସ୍ତ୍ରୀ ପାଇ କିଏ ବାଆଜୀ ହେବ  ବା ।'

-ଯାଉନ ! ବାଳ ଆସି  ଧୋବଲା ହେଲାଣି । ନାତି ନାତୁଣୀ ଦେଖିବା ବେଳ ହେଲାଣି । ସେଥିରେ ପୁଣି ପେରେମ ଗଜୁରୁଛି । ଲାଜ ନାହିଁ ଟିକେ । ହେଇ ବାସନ ଗଦାଏ  ପଡ଼ିଲାଣି.. ମୁଁ ଯାଏ ଲୋ ମା । ମାଜି ଆଣେ । ଗାଧୁଆ ବେଳ ହେଇଯିବ । କହି ରେବତୀ ଉଠିଗଲା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଳେ ଦଲକାଏ ପବନ ତା ମୁଁହରେ ବାଡେଇ ହେଇଗଲା । ତା ମୁଣ୍ଡରୁ ଲୁଗାଟା ଖସିଗଲା । ଓଢ଼ଣାର ଆଢୁଆଳେ ଲୁଚିଥିବା ସେ ଲାଜୁଆ ହସକୁ ଫକିରା ପରିଷ୍କାର ଦେଖି ପାରୁଥିଲା । ଫକୀରାକୁ ଏମିତି ଲାଗୁଥିଲା ଯେମିତି କି ସକାରାତ୍ମକର ମୃଦୁ ମଳୟ ତାର ଅବୟବରେ ପ୍ରବାହିତ ହେଇ ଯାଉଛି, ଯେମିତିକି  ତାର ଆଶାର ପ୍ରଦୀପ ଜଳି ଉଠୁଛି ।

ବୋଧହୁଏ ସେ ବଞ୍ଚିବାର ଏକ ନୂତନ ପ୍ରାଙ୍ଗଣକୁ ଦେଖି ପାରୁଥିଲା । ବୋଧ ହୁଏ ସେ ସଂସାରର ଅନିର୍ବାର୍ଯ୍ୟ ପ୍ରକିକୂଳ ପରିସ୍ଥିତି ପାଇଁ ଧୈର୍ଯ୍ୟର କବଚକୁ ହିଁ ଶ୍ରେୟ ମନେ କରୁଥିଲା । ବୋଧହୁଏ ସଂସାରର ସର୍ବଶ୍ରେଷ୍ଠ ଜ୍ଞାନୀ ଓ ସାଧକର ସଂଜ୍ଞା, ବୁଝିବାକୁ ଚେଷ୍ଟା କରୁଥିଲା । ବୋଧହୁଏ ସେ  ବୁଝି ପାରୁଥିଲା ବିଷାଦକୁ  ପ୍ରସାଦରେ ପରିଣତ କରିବା ହିଁ ଜୀବନ ଯାତ୍ରାର ପ୍ରକୃତ କଳା ପ୍ରଦର୍ଶନ ।

ଡକ୍ଟର ଆଭାଞ୍ଜଳି ଶତପଥୀ, ଗବେଷିକା

୯୮୮୪୧୩୪୯୮୧

ଇମେଲ୍ : avanjali@yahoo.co.uk

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୀପାବଳୀର ସେଇ ରାତି

ଶରତ ଶେଷ ହୋଇ ହେମନ୍ତ ଋତୁ ଆଗମନ କରୁଥାଏ । ଶୀତର ହାଲକା ଲହରୀ ପ୍ରବାହିତ ହେଉଥାଏ । ଦୀପାବଳି ପର୍ବ ପାଖେଇ ଆସୁଥାଏ ।

ମୋହନବାବୁ ଜଣେ ନିର୍ଭିକ ଓ ସ୍ୱାଭିମାନୀ ପ୍ରକୃତିର ଲୋକ । ଚାକିରୀ ତାଙ୍କର ଡ଼ାକବାଲା । କିଛିବର୍ଷ ହେବ ନିଜର ଛୋଟିଆ ପରିବାର କୁ ଗାଁ ରୁ ନେଇ ଆସି ସହର ରେ ବାସ କରୁଥା'ନ୍ତି ।

ଦୀପାବଳି ପର୍ବକୁ ଅଳ୍ପ କିଛି ମାତ୍ର ଦିନ ରହିଲା । ସହରରେ ସମସ୍ତଙ୍କ ଘରେ ଉତ୍ସବ ପାଳନ ପାଇଁ ଜୋରଦାର୍ ପ୍ରସ୍ତୁତି ଚାଲିଥାଏ । କିଏ ନିଜ ଘରକୁ ନୂଆଁ ରଙ୍ଗରେ ସଜାଇବାରେ ବ୍ୟସ୍ତ ଥାଏ ତ ଆଉ କିଏ ନିଜ ପରିବାର ପାଇଁ ନୂଆଁ ପୋଷାକ ଓ ଘରକରଣା ସାମଗ୍ରୀ କିଣି ଘରକୁ ନେଇ ଆସୁଥାଏ । କିନ୍ତୁ ମୋହନବାବୁଙ୍କ ପକ୍ଷରେ ତାହା ସମ୍ଭବପର ନଥିଲା, କାରଣ ତାଙ୍କ ପରିବାରକୁ ଦେଖିଲେ ତାଙ୍କର ଆର୍ଥିକ ସ୍ଥିତି ସ୍ୱଳ୍ପ ଥିଲା ।



ଭବାନୀ ଶଙ୍କର ପଟେଲ

ଦୀପାବଳି ପର୍ବ ପାଳନର ଦିନ ଆସିଲା । ମୋହନବାବୁଙ୍କ ସାହି-ପଡ଼ିଶାର ଲୋକେ ଧୁମଧାମରେ ପର୍ବକୁ ପାଳନ କଲେ । କିଛି ଲୋକଙ୍କ ଘରେ ଭୋଜନର ତଥା ସାଂସ୍କୃତିକ କାର୍ଯ୍ୟକ୍ରମର ଆସର ମଧ୍ୟ ଜମିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ ଲୋକହସାରୁ ମୁକୁଳିବା ପାଇଁ ସେଦିନ ମୋହନବାବୁ ନିଜ ପରିବାର ଲୋକଙ୍କ ସହ ପାଖରେ ଥିବା ରେଳଷ୍ଟେସନରେ ରାତ୍ରି ବିତେଇଲେ । ଶୀତଲହରୀର ପ୍ରହାର ସହ ଆତ୍ମଗ୍ଲାନିର ପ୍ରହାର ମଧ୍ୟ ସେଦିନ ତାଙ୍କୁ ସହ୍ୟ କରିବାକୁ ପଡିଥିଲା । ପରଦିନ ମୋହନବାବୁ ନିଜ ଘରକୁ ଫେରିଥିଲେ ହେଁ କୌଣସି ପଡ଼ୋଶୀ ଲୋକ ତାଙ୍କ ସହ ଭେଟ ହେବାକୁ ଆସି ନ ଥିଲେ । ଯାହା କି ତାଙ୍କ ମନକୁ ଆଘାତ ଦେଇଥିଲା ଓ ସେ ଦିନଠାରୁ ସେ ସେହି ସ୍ଥାନ ଛାଡ଼ି ନିଜ ପରିବାର ସହ ଏକ ଦୂର ସ୍ଥାନକୁ ଚାଲି ଯାଇଥିଲେ । ସବୁଦିନ ପାଇଁ ସେ ଘଟଣାଟି ତାଙ୍କ ମାନସପଟରେ ସ୍ମରଣୀୟ ହୋଇ ରହି ଯାଇଥିଲା ।

ଆଜିର ସମାଜରେ ବର୍ତ୍ତମାନ ପରିସ୍ଥିତିରେ ଲୋକଙ୍କଠାରେ ଭାଇଚାରା ତଥା ଆତ୍ମୀୟତାର ଅଭାବ ଦେଖାଦେଉଛି, ଯାହା କି ବର୍ତ୍ତମାନ ମନୁଷ୍ୟସମାଜ ପାଇଁ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଆଦର୍ଶ ମନୁଷ୍ୟସମାଜ ଏ ଦିଗରେ ନିଶ୍ଚିତ ରୂପେ ଦୃଷ୍ଟି ଦେବା ସହ ସଜାଗ ହେବା ଉଚିତ ମନେ ହେଉଛି ।

ସ୍ନାତକୋତ୍ତର ହିନ୍ଦୀ ବିଭାଗ ଛାତ୍ର,
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର,
୭୬୭୦୦୧, ଓଡ଼ିଶା
ମୋ-୮୨୪୯୦୪୭୦୭୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ଜେଜେମା

ମୁଁ ଜନ୍ମ ହେବା ସମୟରେ ମୋ ଜେଜେମା ପରିଣତି ବୟସରେ ପାଦ ଥୋଇ ସରିଥାଏ । ଧୋବ ଫରଫର କେଶରେ ତେଲ ମାରି ପାରିକି କୁଣ୍ଡାଇଥାଏ, ଗୋରା ତକ ତକ ଚେହେରା ନାଲିଟୋପାର ସିନ୍ଦୁର ଦକ ଦକ ଜଳୁଥାଏ ସତେ ଯେମିତି ଆମ ଘରର ବୁଢ଼ୀଠାକୁରାଣୀ । ଅଣ୍ଟା ନଇଁଯାଇଥାଏ, ହାତକୁ ଅନ୍ତରେ ଦେଇ କାନିକୁ ଗଣ୍ଠି ମାରି ଚାଲିଥାଏ ମୋ ପଛେ ପଛେ ଟ୍ୟୁସନ ନେଇ ଛାଡିଦେଇ ଆସିବାକୁ । ଆଉ ଟ୍ୟୁସନ ସରିବା ପର୍ଯ୍ୟନ୍ତ ସେମିତି ଯଗିକି ବସିଥିବ ମୋତେ ପୁଣି ନେଇକି ଘରକୁ ଆସିବ ବୋଲି ।

ଖାଲି, ସେତିକି ନୁହେଁ ମୋ ବୋଉ କୁହନ୍ତି ମୁଁ ଛୋଟ ଥିବାବେଳେ ମୋ ଜେଜେମା ତା ହାତରେ ଖୁଆଇଦିଏ, ଧୂଳି ମଳି ହୋଇ ଆସିଲେ ତା କାନିରେ ଧୂଳି ଝାଡିଦିଏ । ଏମିତିକି ବର୍ଷା, ବିଜୁଳି, ଘଡଘଡି ହେଲେ ମୋ ବୋଉକୁ ଡାକ ପକାଏ, ମୁଁ ଘରକୁ ଫେରିଲିଣି କି ନାହିଁ ! ଯୋଉଠୁ ଯାହା ପାଏ ମୋ ପାଇଁ ନେଇ ଆସିଥାଏ କାନିରେ ଗଣ୍ଠି କରି ଏବଂ ତାର ନଇଁ ଯାଇଥିବା ଅଣ୍ଟାରେ ନାଉ କରି କେତେ ବୁଲାଇଛି ମୋତେ ! ଆଉ ଯଦି ପାଠ ନପଢିଲେ ବାପା ବାଡ଼ାନ୍ତି ମୋତେ କୁଆଡେ ଦିନେ ଦୁଇ ଦିନ ଯାଏ ରାଗିକି ଖାଏନି ।



ସୋନାଲି ଗଡ଼ନାୟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ମୁଁ ଶୁଣିଥିଲି ଆମ ଗାଁ ଲୋକଙ୍କଠୁ ଯେ ସେ କୁଆଡେ ଉଡ଼ିଗଲା ଚଢେଇର ପେଟ କଥା ବୁଝିପାରେ । ଆମ ଘରେ କାମ କରୁଥିବା ମୁଲିଆମାନଙ୍କୁ ଆମ ବାଡିରୁ ଲୁଚେଇ ବାଇଗଣ, କୋବି, ଛୁଇଁ ଦିଏ । ଆଉ ମୋ ବାପା, ବୋବା ଆଉ ଅପାଙ୍କ ପାଇଁ ସବୁ ଜିନିଷ ସାଇତି ରଖିଦିଏ ।

ମୁଁ ମୋ ଜେଜେମା ସାହ ବସି ଭାତଖାଏ, ରାତିରେ ତା ପାଖରେ ଶୁଏ ଆଉ ସେ ମୋତେ କାହାଣୀ କୁହେ । ଘର କାମ କରି କାଟିଲେ ତା ଗୋଡ଼ରେ ଛିଡା ହେବାକୁ କୁହେ । ଧୀରେ ଧୀରେ ସମୟ ବଢିବା ସହ ତା ସହ ଦୂରତା କମି କମି ଚାଲିଥାଏ । କ୍ଲାସ, ଟ୍ୟୁସନ ଆଉ ପାଠରେ ବ୍ୟସ୍ତତା ଭିତରେ ମୁଁ ତା ଠାରୁ ଦୁରେଇ ଚାଲିଥାଏ ।

ହଟାତ ମୋ ଜେଜେବାପାଙ୍କର ଅସୁସ୍ଥତା ଏବଂ ମୃତ୍ୟୁ ତାକୁ ଦୁର୍ବଳ କରିଦେଲା । ବୁଢ଼ୀ ଠାକୁରାଣୀ ସବୁଦିନ ପାଇଁ ନାଲିଟୋପା ପୋଛିଦେଇଥିଲା । ଏ ଘଟଣା ପରେ ମଧ୍ୟ ନିଜକୁ କେବେ ଦୁର୍ବଳ ମନର ପରିଚୟ ଦେଇନି, ତା ନିତି ଦିନ ଜୀବନକୁ ଆମ ସହ ହସ ଖୁସିରେ ବାଣ୍ଟିଦିଏ । ସେ ସବୁବେଳେ ଚାହୁଁଥାଏ ମୋ ସହ ବସି କଥା ହେବ, କିଛି ସମୟ କାଟିବ କିନ୍ତୁ ମୋ ପାଖରେ ସମୟ ନଥାଏ ସମୟ ଥିଲେ ବି ଗୋଟେ ପ୍ରକାର ଦୃଷ୍ଟି ଅଗୋଚୋର ! ଆଜି କାଲି ଏ ଇଣ୍ଟେର୍ନେଟ ଯୁଗରେ କିଏ ସେ ବୁଢ଼ା ବୁଢ଼ୀ ସହ ଖେଳୁଛି କିଏ ଆଉ ସେ କାହାଣୀ ଶୁଣୁଛି !

ଥରେ ମୋ ବାପାଙ୍କର ବହୁ ପସନ୍ଦ ଡଟ ପେନଟି ମୁଁ ହଜେଇ ଦେଇଥିଲି, ମୁଁ ବାହାରେ ବସି କାନ୍ଦୁଥାଏ ବାପାଙ୍କ ମାଡ଼ ଭୟରେ କାରଣ ସେ ମନା କରିବା ସତ୍ତ୍ୱେ ମୁଁ ତାକୁ ସ୍କୁଲ ନେଇ ପଳେଇଥିଲି । ମୋ ଜେଜେମା ସବୁ କଥା ଜାଣିବାପରେ ତା ଗୁଡ଼ାଖୁ କିଣିବା ପାଇଁ ରଖିଥିବା ପଇସାରେ ମୋ ପାଇଁ ଡଟ ପେନଟିଏ କିଣିଦେଇଥିଲା । ତା ପରେ ବି ତାକୁ ଭୁଲି ଯାଇଥିଲି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁଁ !

ଆଉ ଦିନେ ବର୍ଷାରେ ଭିଜି ପ୍ରବଳ ଜ୍ୱରରେ ବେହୋସ ଥିଲି ମୁଁ । ମୋ ପାଖରେ ବସି ସେବା କରୁଥାଏ ଦୁଇଦିନ ଯାଏ ଅଖିଆଅପିଆ । ମୋ ବୋଉ ଖାଇବାକୁ ଡାକିବାରୁ କୁହେ ମୋ ଛୁଆଟା ଦୁଇଦିନ ହେଲା ବିଛଣରେ ପଡିଛି ମୋ ପେଟକୁ ଦାନା ଯିବ କେମିତି ? ତାପରେ ବି ତାକୁ ଭୁଲି ଯାଇଥିଲି ମୁଁ !

ହଠାତ ଦିନେ ଗାଡି ନେଇକି ଗଲାପରେ ମୋର ଦୁର୍ଘଟଣା ମୁଣ୍ଡ ଫାଟି ବହୁତ ରକ୍ତ ବହିଯାଇଥିଲା, ରକ୍ତର ଦରକାର ଥାଏ ଆଉ ସେତେବେଳେ ମୋ ଜେଜେମା ହିଁ ତା ଦେହରୁ ରକ୍ତ କାଢି ମୋତେ ଦାନ କରିଥିଲା ମୋ ବାପାଙ୍କ ବାରଣ ସତ୍ତ୍ୱେ । ବୁଢ଼ୀ ଠାକୁରାଣୀ ତା ଛୁଆର କଷ୍ଟ ଦେଖିଥାନ୍ତା କିପରି !

ମୋତେ ରକ୍ତଦାନ ପରେ ସେ ଦୁର୍ବଳ ହେବାକୁ ଲାଗିଲା ତା ମେଡ଼ିସିନ ତାକୁ ପ୍ରତିକ୍ରିୟା କଲା । ତା ହାତ ଆଉ ପାଟି ଅଚଳ ହୋଇଗଲା ତା ଅଣ୍ଟା ପୁରା ପଡ଼ିଗଲା । ଭୁବନେଶ୍ୱରର ବିବେକାନନ୍ଦ ହସ୍ପିଟାଲରୁ ଆସିବା ପନ୍ଦର ଦିନ ପରେ ବୁଢ଼ୀ ଠାକୁରାଣୀ ସବୁଦିନ ପାଇଁ ମନ୍ଦିର ତ୍ୟାଗ କରିଦେଇଥିଲା ।

ଆଜି ସେ ଚାଲିଯିବା ପରେ ତା ଅନୁପସ୍ଥିତି ପ୍ରତି ମୁହୂର୍ତରେ ମୋତେ ଅଣନିଶ୍ୱାସୀ କରିଛି । ମୋ ମେଟ୍ରିକ ଆଉ ଯୁକ୍ତ ଦୁଇର ପରୀକ୍ଷାଫଳ ପ୍ରଥମ ସ୍ଥାନ ଥିବା ଖୁସିକୁ ମୁଁ ତାକୁ ଶୁଣାଇପାରିନି, ଏ ମୋ ଜୀବନର ସବୁଠୁ ବଡ଼ ପୁରା ହୋଇନଥିବା କାର୍ଯ୍ୟ । ଆଜି ସେ ଦାଣ୍ଡରେ ଧୂଳି ଲାଗେ ହେଲେ ଝାଡ଼ି ଦେବାକୁ ତା ପଣତକାନି ନାହିଁ, ଆଜି ବି ସେ ଘଡଘଡି ବିଜୁଳି ମାରେ ହେଲେ ସେ ଡାକ ଆଉ ନାହିଁ, ଆଜି ବି ବହୁତ ଅସୁବିଧାରେ ପଡେ ହେଲେ ସେ ସାହାଯ୍ୟର ହାତ ଆଉ ନାହିଁ, ଆଜି ବହୁତ କିଛି ଜୀବନରେ ହାସଲ କରିଛି ହେଲେ ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆଶୀର୍ବାଦ ଆଉ ନାହିଁ ।

ଆଜି ଧୀରେ ଧୀରେ ମଣିଷ ଅଗ୍ରଗତି କରିବା ସହ ପରିବାର କମେଇଦେଇଛି । ନିଜ କର୍ମ କ୍ଷେତ୍ରର ଦୁହାଇ ଦେଇ ନିଜ ବୃଦ୍ଧ ପିତାମାତାଙ୍କଠୁ ଅଲଗା ହୋଇଯାଇଛି, ଯାହା ଫଳରେ ପିଲାମାନେ ଜେଜେମା ଏବଂ ଜେଜେବାପାଙ୍କର ସ୍ନେହର ମାପକାଠି ଜାଣିପାରୁନାହାନ୍ତି । ଆଉ ଯେ ପର୍ଯ୍ୟନ୍ତ ଆମ ସହ ଆମ ବଡ଼ମାନଙ୍କ ଆଶୀର୍ବାଦ ଏବଂ ସହଯୋଗ ଅଛି କୌଣସି ବିପଦ ଆମ ଅତିଥି ହୋଇପାରିବେନି ।

ଜୀବନ ମୂଲ୍ୟବୋଧ ସବୁଠୁ ବଡ଼ ଜିନିଷ ଯେ ପର୍ଯ୍ୟନ୍ତ ଆମ ପାଖରେ ଥାଏ ଆମେ ତା ମୂଲ୍ୟ ଆମକୁ ଜଣାପଡେନି, ଯେତେବେଳେ ଭାଙ୍ଗିଯାଏ କି ହଜିଯାଏ ସେତେବେଳେ ତା ମୂଲ୍ୟ ଅମୂଲ୍ୟ ହୋଇଯାଏ ।


Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରାରବ୍ଧ

ଶୀତ ଦିନିଆ ସକାଳରେ ଟିକିଏ ଡେରିଯାଏ ଶୋଇବାର ମଜା ହିଁ ନିଆରା । ପୁଣି ଆଜି ଶନିବାର, ଅଫିସ ଯିବାର କୌଣସି ଟେନ୍‌ସନ ବି ନାଇଁ । ଆଇ.ଟି. ବାଲାଙ୍କର ଏଇତ ସୁବିଧା । ସପ୍ତାହକୁ ପାଞ୍ଚଦିନ ଗଧ ଖଟଣି ପରେ ଦୁଇ ଦିନ ଛୁଟି । ରେଜେଇ ଭିତରେ ମୁହଁ ଘୋଡ଼ାଇ ଆହୁରି ଘଂଟାଏ ଶୋଇବାର ଯୋଜନା କରୁଛି ମୋବାଇଲଟି ବାଜି ଉଠିଲା । ଓଃ, କିଏ ସକାଳୁ ସକାଳୁ ଡିଷ୍ଟର୍ବ କରୁଛି ଭାବି ମନେମନେ ବିରକ୍ତ ହେଲି । ଖଟ ପାଖ ଟେବୁଲ ଉପରୁ ମୋବାଇଲଟା ଆଣି ଦେଖେ ସୁମିତା କଲ କରୁଥିଲା । କିରେ, କଣ ହେଲା, ଏତେ ସକାଳୁ ? ମୁଁ ଚିଡ଼ିଯାଇ ପଚାରିଲି । ଆଜି ତୋର ଛୁଟି ନା ? ପଚାରିଲା ସୁମିତା । ହଁ ସେଠୁ ? ମୋର ଟିକିଏ କାମ ଅଛି ସେ ବାରଂଗ ପାଖରେ ଥିବା ଓଲଡ଼ ଏଜ ହୋମରେ । ତୁ ମୋ ସାଙ୍ଗରେ ଟିକିଏ ଚାଲ ନା । ପ୍ଲିଜ ପ୍ଲିଜ ପ୍ଲିଜ । ଅନୁରୋଧ କଲା ପରି ସ୍ୱରରେ କହୁଥିଲା ସୁମିତା । ତୋର ସେଠି କି କାମ ? ନିଦୁଆ ସ୍ୱରରେ ମୁଁ ପଚାରିଲି । ଗୋଟିଏ ରିସର୍ଚ୍ଚ ପେପର ଲେଖୁଛି ତ, ସେଥିଲାଗି ଡାଟା କଲେକ୍ସନ ପାଇଁ ଯିବି । ତୁ ତୋ କାମରେ ଯିବୁ, ମୁଁ ସେଠିକି ଯାଇ କଣ କରିବି ? ସବୁବେଳେ ତୁ ମତେ କାହିଁକି ଟାଣୁ ମୁଁ ବୁଝି ପାରେନି । ତତେ ଆଉ କେହି ମିଳୁନାହାନ୍ତି ? ଠିକ କହିଲୁ, କେହି ମିଳୁ ନାହାନ୍ତି, ସେଥି ଲାଗି ତ ତତେ ଡାକୁଛି ? ଆଉ ଆଶ୍ରମ ତୋ ଘରଠାରୁ



ଡଃ ଅମ୍ରିତା ପାଣି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଶୀ ଦୂର ନାହିଁ । ବହୁତ ଦିନ ହେଲା କୁଆଡ଼େ ବୁଲାବୁଲି ହେଇନି । ଫେରିବା ବେଳେ ସେ ରୋଡ଼ ସାଇଡ ରେସ୍ଟୁରଣ୍ଟରେ ବାଉଁଶ ପୋଡ଼ା ଚିକେନ ଖାଇବା । ତୋର ଇଚ୍ଛା ନାହିଁ ଯଦି ଠିକ ଅଛି; ମୁଁ କିଏ ବାଧ୍ୟ କରିବାକୁ । ହଉ, ହେଲା ହେଲା, ମୁଁ ଯିବି, ଓକେ । ସୁମିତା ମୁହଁ ଫୁଲାଉଥିବା ଜାଣି ମୁଁ ସଂଗେ ସଂଗେ କହିଲି । ସୁମିତା, ମୋର ସବୁଠାରୁ ଭଲ ସାଙ୍ଗ । ଆଜିକାଲି ପିଲା ଯାହାକୁ କହନ୍ତି ବେଷ୍ଟି । ସୁମିତା ବିଶ୍ୱବିଦ୍ୟାଳୟରେ ଜରାଗ୍ରସ୍ତ ମାନସିକତା ଉପରେ ପିଏଚଡ଼ି କରୁଛି । କିନ୍ତୁ ମୁଁ ଭାବେ, ସୁମିତା ପରି ଖାଦ୍ୟ ଲୋଭି, ହୋଟେଲ କି ରେସ୍ତୋରାଁ ଉପରେ ପିଏଚଡ଼ି କରିବା କଥା ।

ଫଟାଫଟ ରେଡ଼ି ହୋଇ ଆପାର୍ଟମେଣ୍ଟ ତଳକୁ ଆସିଲି । ସୁମିତା ଠିକ ସମୟରେ ଆସି ଅପେକ୍ଷା କରିଥିଲା । କିଛି ସମୟର ଡ୍ରାଇଭ ପରେ ଆମେ ପହଂଚିଲୁ ସାଇ କୃପା ଓଲଡ଼ ଏଜ ହୋମରେ । ପହଁଚିଲା ପରେ ସୁମିତା, ଜରାଶ୍ରମ ପରିଚାଳିକାଙ୍କ ସହ କଥାବାର୍ତ୍ତା ହେବାକୁ ଗଲା । ମୁଁ, ଏକୁଟିଆ ବୋର କାହିଁକି ହେବି ବୋଲି ଭାବି, ଆଶ୍ରମ ହତା ଭିତରେ ବୁଲୁଥିଲି । ପ୍ରାୟ ଅନ୍ତେବାସୀଙ୍କ ବୟସ ଷାଠିଏ ବର୍ଷରୁ ଉର୍ଦ୍ଧ ଥିଲା । ମୁଁ ସେମାନଙ୍କୁ ଦେଖି ଭାବୁଥିଲି ଏହା ବୋଧହୁଏ ଜୀବନର ସତ୍ୟତା । ବାର୍ଦ୍ଧକ୍ୟଠାରୁ ବୋଧହୁଏ କରୁଣ ଥିଲା ସେମାନଙ୍କ ଅସହାୟତା ଓ ଆତ୍ମୀୟଙ୍କ ଅବହେଳା । ଏହିପରି ନିଜ ଭାବନାରେ ବୁଡ଼ି ଯାଇ କେତେବେଳେ ହତା ଭିତରେ ଥିବା ମନ୍ଦିର ପାଖରେ ପହଂଚି ଯାଇଛି ଜାଣି ପାରିଲିନି । ଖୁବ ସୁନ୍ଦର ପରିବେଶରେ ମଧ୍ୟରେ ଥିଲା ଏକ ଛୋଟିଆ ଶିରିଡ଼ି ସାଇବାବାଙ୍କ ମନ୍ଦିର । ଚପଲ ଖୋଲି, ମନ୍ଦିର ଭିତରକୁ ଯାଇ ମୁଣ୍ଡିଆଟିଏ ମାରି ଆସିବି ଭାବିଲି । ମୁଁ ବାବାଙ୍କୁ ମୁଣ୍ଡିଆ ମାରି ଫେରିଲା ବେଳେ ପଛକୁ ଚାହିଁ ଦେଖେ ପାହାଚ ଉପରେ ଜଣେ ବୟସ୍କା ମହିଳା ବସିକି ଫୁଲ ଗୁନ୍ଥିବାରେ ଲାଗିଛନ୍ତି । ତିନିଚାରି ପ୍ରକାରର ଫୁଲକୁ ନେଇ ଗୁନ୍ଥା ଯାଇଥିବା ସେ ମାଳାଟି ବହୁତ ସୁନ୍ଦର ଦେଖାଯାଉଥିଲା । ମୁଁ ସେ ମହିଳାଙ୍କ ଆଡ଼େ ଅନେଇଲି । କିନ୍ତୁ ଯାହା ଦେଖିଲି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୋ ଆଶ୍ଚର୍ଯ୍ୟର ସୀମା ନଥିଲା । ସିଏ ଥିଲେ ନର୍ମଦା ଖୁଡ଼ି । ନର୍ମଦା ଖୁଡ଼ି ହିଁ ସେଇମିତି ମାଳା ତିଆରି କରନ୍ତି । କିନ୍ତୁ ସିଏ ଏଠି କଣ କରୁଛନ୍ତି ? ସିନେମା ଛବି ପରି ମନ ଭିତରେ ଭାସି ଉଠିଲା ପୁରୁଣା ସ୍ମୃତି । ନର୍ମଦା ଖୁଡ଼ିଙ୍କ ଘରେ ବିତାଇଥିବା ଆମ ପିଲାଦିନ କଥା ସବୁ ।

ଖୁବ ଅସୁବିଧା ଦିନଗୁଡ଼ିକ ଥିଲା ଆମର । ବାପା ଅକାଳରେ ଚାଲିଯିବା ପରେ, ବୋଉ ମୁଁ ଆଉ ନାନୀ ବାଧ୍ୟ ହୋଇ କାକାଙ୍କ ସହ ଗାଁକୁ ଚାଲି ଆସିଥିଲୁ । କିନ୍ତୁ ରାହାବଳି ଖୁଡ଼ିଙ୍କ ଦୌରାତ୍ମ୍ୟ ସହିବା କିଛି କମ କଥାନଥିଲା । ଖୁଡ଼ି ସବୁବେଳେ ବୋଉକୁ ପୁଅ ଜନ୍ମ କରିନି ବୋଲି ଦେଖେଇ ଶିଖେଇ ନାନା କଥା କହୁଥିଲେ । ବାପାଙ୍କ ମୃତ୍ୟୁ ଲାଗି ବୋଉର ଭାଗ୍ୟକୁ ସବୁବେଳେ ଦୋଷ ଦେଉଥିଲେ ଖୁଡ଼ି । ଗାଡ଼ି ଦୁର୍ଘଟଣାରେ ତ ଅନେକ ଯାତ୍ରୀ ମୃତାହତ ହୋଇଥିଲେ । ସେଥି ଲାଗି ବୋଉ କିପରି ଅମଙ୍ଗଳି ହେଲା ଆମେ ବୁଝି ପାରୁନଥିଲୁ । କେବଳ ସେତିକି ନୁହେଁ, ଖୁଡ଼ିଙ୍କ ଦୁଇପୁଅ ଆଉ ଆମ ଭିତରେ ପାତର ଅନ୍ତର ସବୁବେଳେ ଲାଗି ରହୁଥିଲା । ଆମେ ଦୁଇ ଭଉଣୀ ଭଲ ପଢୁଥିଲୁ । ବାପା ଚାହୁଁଥିଲେ ନାନୀ ଡାକ୍ତରୀ ପାଠ ପଢୁ । ଖୁଡ଼ି ଝିଙ୍ଗାସୁ ଥିଲେ । ଝିଅ ପିଲାର ପାଠ କଣ ଦରକାର ? କଣ କଲେକ୍ଟର ହେବା ନା ଡାକ୍ତର ହେବ ? ସହରରେ ପାଠ ପଢ଼ିବାକୁ ପଇସା କୋଉଠୁ ଆସିବ ? ଏମିତିରେ ତ ତିନିପ୍ରାଣୀଙ୍କ ବୋଝ ଆମ ମୁଣ୍ଡରେ । ଖୁଡ଼ି ରାଗରେ ନିଆଁବାଣ ହୋଇ ଆମକୁ ଯାହା ଇଚ୍ଛା ତାହା ଗାଳି ଦେଉଥିଲେ । ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ କରିବି ନାନୀ ଖୁଡ଼ିଙ୍କ ଜିଦ ଯୋଗୁଁ ଆଉ ଆମ ଆର୍ଥିକ ପରିସ୍ଥିତି ଯୋଗୁଁ  ବାଧ୍ୟ ହୋଇ ଗାଁ କଲେଜରେ ଆର୍ଟ୍ସ ପାଠ ପଢ଼ିଲା । କିନ୍ତୁ ସିଏ ନିଜ ପରିଶ୍ରମ ବଳରେ ଓଏସ ପରୀକ୍ଷା ଦେଇ ସଫଳ ହୋଇଥିଲା । ଅବଶ୍ୟ ମୁଁ ପଢ଼ିଲା ବେଳକୁ ଗାଁ ରେ ସାଇନ୍ସ କଲେଜ ଖୋଲିଯାଇଥିଲା । ମୁଁ ସେଠୁ ପାସ କଲା ପରେ ନାନୀ ପାଖରେ ଭୁବନେଶ୍ୱରରେ ରହି ଏକ ସରକାରୀ କଲେଜରେ ଏମ୍‌ସିଏ କରି ଆଜି ଏକ ମଲ୍ଟି ନ୍ୟାସନାଲ ଆଇ.ଟି କମ୍ପାନୀରେ ଚାକିରୀ କରୁଛି । ଆମେ ଇଞ୍ଜିନିଅରିଂ କି ମେଡିକାଲ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପଢ଼ିପାରିଲୁ ନାହିଁ, କିନ୍ତୁ, ସମାଜରେ ପ୍ରତିଷ୍ଠିତ ତ ହୋଇ ପାରିଲୁ । ପରେ ପରେ ବିଭିନ୍ନ କାରଣରୁ କକାଖୁଡ଼ିଙ୍କ ସହ ସମ୍ପର୍କ ଛିନ୍ନ ହୋଇଯାଇଥିଲା । ଆମ ସହ ସମ୍ପର୍କ ରକ୍ଷା କରିବାକୁ ସେପଟରୁ କେହି ଚେଷ୍ଟା ବି କରି ନଥିଲେ । କାକା, ଯିବା କଥା ତ ବାହାର ଲୋକଙ୍କ ଠାରୁ ଶୁଣିଥିଲୁ । ଅନେକ ଦିନ ପାରାଲିସୀସ ଗ୍ରସ୍ଥ ହୋଇ ଶଯ୍ୟାଶାୟୀ ହୋଇ କଷ୍ଟ ପାଇବା ପରେ ଶେଷରେ ଚାଲି ଯାଇଥିଲେ କାକା । ଖୁଡ଼ି ଘର କେହି ବି ଆମକୁ ଫୋନ କରିକି ଜଣାଇ ନଥିଲେ ।

ଆଉ ଏତେ ବର୍ଷ ପରେ ନର୍ମଦା ଖୁଡ଼ିଙ୍କୁ ଜରାଶ୍ରମରେ ଦେଖିକି ମୁଁ କିଛି ବୁଝି ପାରୁ ନଥିଲି । କୌତୁହଳ ସମ୍ବରଣ କରି ନପାରି ତାଙ୍କ ପାଖକୁ ଗଲି । ଆଉ ଆସ୍ତେ କିନା ଡାକିଲି, ଖୁଡ଼ି । ସିଏ ବୋଧହୁଏ ଜାଣି ପାରିଲେନି । ମୁଁ ପୁଣି ଡାକିଲି । ସିଏ ମୋ ଆଡ଼େ ଅନାଇଲେ, ଆଖିରୁ ଚଷମା ଖୋଲି ବାହାର କରି ପୋଛିଲେ ଆଉ ପୁଣି ପିନ୍ଧିକି ମୋ ଆଡ଼େ ଚାହିଁଲେ । ଖୁଡ଼ି, ମୁଁ ଅନୁ । ମୁଁ ତାଙ୍କ ପାଖେ ଯାଇ ବସିଲି । ମତେ କିଛି ପଚାରିବାକୁ ହିଁ ପଡ଼ିଲାନି । ଖୁଡ଼ିଙ୍କ ଆଖିରେ ଟଳମଳ କରୁଥିବା ଲୁହ ହିଁ କହି ଦେଉଥିଲା ସିଏ ମତେ ଜାଣି ପାରିଲେ । ମତେ କ୍ଷମା କରିଦେ ଅନୁ, ମୋ ହାତଧରି କହିଲେ, ଆଉ କୋହରେ ଫାଟି ପଡ଼ିଲେ । ସତେ ଯେପରି ବର୍ଷ ବର୍ଷର ଦୁଃଖ ଲୁହ ଆକାରରେ ବାହାରି ଯାଉଥିଲା । ଦେଖୁଛୁ ତ, ମୁଁ ତମ ପରିବାର ପ୍ରତି କରିଥିବା ଅନ୍ୟାୟ ଲାଗି ଭଗବାନ ମତେ କୋଉ ଭାବରେ ଦଣ୍ଡ ଦେଲେ । କାନ୍ଦି ଚାଲିଥିଲେ ଖୁଡ଼ି । ଖୁଡ଼ି ସାଷ୍ଟମ ହେବା ଯାକେ ମୁଁ ଚୁପ ଚାପ ବସିଥିଲି । ଖୁଡ଼ି, ତମେ ଏଠି ? ଆଉ ରାଜେଶ ଭାଇ ? ରଞ୍ଜନ କୋଉଠି ଅଛି ? ତାଙ୍କ କଥା ଆଉ କାହିଁକି ପଚାରୁଛୁ ମାଆ, ତୋ ବୋଉକୁ ଅପୁତ୍ରିକ ବୋଲି ଯେଉଁ ଖୁଣ୍ଟା ମାରୁଥିଲି, ତା ପରିଣାମ ମୁଁ ଭୋଗିବିନି ତ ଆଉ କିଏ ଭୋଗିବ । ସେମାନେ ଦୁଇଭାଇ ଭଲରେ ଅଛନ୍ତି । ଉଭୟ ନିଜ ନିଜ ପରିବାର ଆଉ କର୍ମ ଜଂଜାଳ ନେଇ ବ୍ୟସ୍ତ । ମତେ ଏଠି ରାଜେଶ ହିଁ ଛାଡ଼ିକି ଯାଇଛି । ଖୁଡ଼ି କହିଲେ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କିନ୍ତୁ କାହିଁକି ? ମୁଁ ପଚାରିଲି । ସେ ସବୁ ବହୁତ ଲମ୍ବା କାହାଣୀ । ତୋର କାକା ଗଲା ପରେ, ରାଜେଶ ପାଖରେ କିଛି ଦିନ ରହିବାକୁ ଆସିଗଲି । ସେତେବେଳେ ନାତିଟି ଛୋଟ ହୋଇ ଥାଏ । ତା'ର ସବୁ ଜଂଜାଳ ବୁଝି ମୋର ଦିନ ଖୁବ ଆନନ୍ଦରେ କାଟୁଥାଏ । ଦିନେ ରାଜୁ କହିଲା, ବୋଉ ତୁ ଆଉ ଗାଁକୁ ଯାଆନା । ଗାଁ ଜମିବାଡ଼ି, ଘର ସବୁ ବିକ୍ରି କରିଦେବା । ଆମ ସମସ୍ତଙ୍କ ରହିବା ଲାଗି ଏଇ  ଫ୍ଲାଟ ଘର ଛୋଟ ପଡ଼ି ଯାଉଛି । ଆମେ ଗୋଟିଏ ଡୁପ୍ଲେକ୍ସ ଘର କିଣିକି ଏକାଠି ରହିବା । ମୁଁ କିନ୍ତୁ ଭିଟାମାଟିକୁ ଛାଡିବାକୁ ରାଜି ନଥିଲି । ରାଜୁ, ବୁଝାଇଥିଲା ଯେ ସହରରେ କେତେ ସୁବିଧା ଅଛି, ଦେହପା ଲାଗି ଭଲ ଡାକ୍ତରଖାନା ଅଛି । ଶେଷରେ ସବୁ ବିକ୍ରିବଟା ହୋଇଗଲା । ଆଉ ସହରରେ ବି ନୂଆ ଦିମହଲା ଘର ତିଆରି ଆରମ୍ଭ ହୋଇଗଲା । ପୁଅସହ ଦିନେ ସେ ଘର ତିଆରି ଜାଗାକୁ ଯାଇଥିଲି । ପୁଅ କହୁଥିଲା, ଦେଖେ ବୋଉ ଏଇଟା ତୋ ରୁମ୍, ଏଇଠି ତୁ ଠାକୁର ରଖିବୁ । ସେସବୁ ଶୁଣିକି, ମୋ ଛାତି କୁଂଢ଼େ ମୋଟ ହୋଇ ଯାଉଥିଲା । ଧୁମଧାମରେ ଘର ପ୍ରତିଷ୍ଠା ହେଲା ଆଉ ଆମେ ନୂଆ ଘରକୁ ଚାଲିଗଲୁ । ତାପରେ, ଦିନେ ରାଜୁ କହିଲା, ବୋଉ ଗୋଟେ ନୂଆ ଗାଡ଼ି ନେଲେ କେମିତି ହୁଅନ୍ତା । ଏ ଛୋଟ ଗାଡ଼ିରେ ସମସ୍ତେ କୁଆଡ଼େ ଯିବା ସମ୍ଭବ  ହେଉନି । ମୁଁ କହିଲି ଆଣେ କିଏ କିଛି ଅସୁବିଧା ଅଛି କି କହିଲା ଯେ ଯେହେତୁ ଘର ଲାଗି ଲୋନ ସୁଝା ଚାଲିଛି, ଗାଡ଼ି କିଣିବା ହେତୁ ଏତେ ତାଙ୍କ କୋଉଠୁ ଆସିବ । କିନ୍ତୁ, ମୁଁ ତାକୁ ମୋର ପାଖରେ ଥିବା ବଳକା ସଂଚିତ ଟଙ୍କା ଦେଇ ଦେଇଥିଲି । କହିଥିଲି ତୋ ଗାଡ଼ି କଣ ଆଉ ମୋ ଗାଡ଼ି କଣ  ? ନୂଆ ଗାଡ଼ି ଆସିଲା ପରେ ଆମେ ପୁରୀ ବି ଯାଇଥିଲୁ । ସେସବୁ ଦିନର ଖୁଶି ମୁଁ ଭୁଲି ପାରିବି ନାହିଁ । ସେ ଖୁଶି ଉପରେ ଏମିତି କଳା ବାଦଲ ମାଡ଼ିଯିବ ବୋଲି କିଏ ଜାଣିଥିଲା ? ସବୁ ଗଣ୍ଡଗୋଳ ଆରମ୍ଭ ହେଲା ଯୋଉଦିନ ଠାରୁ ଗୁଡ୍ଡୁ ସ୍କୁଲ ଯିବା ଆରମ୍ଭ କଲା । କଣ ହେଲା କେଜାଣି, ବୋହୁ ମତେ ଦେଖିଲା କ୍ଷଣି ଚିଡ଼ିଲା । ସତେ ଯେପରି ମୁଁ ତା ଲାଗି ଏକ ଗ୍ରହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଲଟି ଯାଇଥିଲି । ସବୁ କଥାରେ କହିଲା ଏଇଟା ମୋ ଘର, ଏଠୁ ମୁଁ ଯାହାକୁ ଚାହିଁବି ବାହାର କରିପାରିବି । ଶେଷରେ ଆଉ ସହି ହେଲାନି । ଭାଗ୍ୟ ଭଲ ଖଞ୍ଜା ଘରଟାକୁ ବିକ୍ରି ନକରି ପୁତୁରାକୁ ଦେଖାଶୁଣା କରିବାକୁ ଛାଡ଼ି ଦେଇଥିଲି । ଗାଁକୁ ଚାଲି ଆସିଲି । ଭାଗ୍ୟ ଖରାପ । ଦିନେ ରକ୍ତଚାପ ଯୋଗୁଁ ହଟାତ ମୁଣ୍ଡ ଘୁରାଇ ପଡ଼ିଗଲି । ରାଜୁ ସହରକୁ ଆଣି ଡାକ୍ତରଖାନାରେ ଭର୍ତ୍ତି କଲା । ଭଲ ହେଲା ପରେ, ପୁଅ ଘର ନେଇ ଆସିଲା । କିନ୍ତୁ, ଲକ୍ଷ କଲି ତା ଘରେ ମୋର ଆଉ କୌଣସି ଅସ୍ତିତ୍ୱ ନାହିଁ । ପୁଣି ସେହି ପୁରୁଣା ବାଦ ବିବାଦ ଆରମ୍ଭ ହୋଇଗଲା । ଗାଁକୁ ଆସିବା କଥା ଭାବିଥିଲି, କିନ୍ତୁ ମୋର ଖରାପ ସ୍ୱାସ୍ଥ୍ୟ ବାଧକ ସାଜିଲା । ଶେଷରେ କିଛି ଘଟଣା ଏପରି ହେଲା, ଯେ ରାଜେଶ ବାଧ୍ୟ ହୋଇ ମତେ ଜଣେ ପରିଚିତଙ୍କ ସାହାଯ୍ୟରେ ଏଠି ଆଣିକି ଛାଡ଼ି ଗଲା । ସେଦିନ କିନ୍ତୁ ରାଜୁ ବହୁତ କାନ୍ଦି ଥିଲା, କହିଥିଲା ବୋଉ ମତେ କ୍ଷମା କରିଦେ, ମୁଁ ପରିସ୍ଥିତିର ଦାସ । ମୋ ଆଖିରୁ କିନ୍ତୁ ଟୋପାଏ ଲୁହ ବାହାରି ନଥିଲା । କହିଥିଲି, ବାୟାଟା କିରେ ବରଂ ମୋ ଯୋଗୁଁ ତୋ ସଂସାରରେ ଅଶାନ୍ତି ହେଲା, ମୁଁ ଏଠି ବେଶ ଭଲରେ ରହିବି । ଏଠି କହିବାକୁ ଗଲେ ମୋର କିଛି ଅସୁବିଧା ହେଉନି । ସମବୟସ୍କ ସାଥିମାନେ ଅଛନ୍ତି । ତାଙ୍କ ସଂଗେ ଦୁଃଖ ସୁଖ ହୋଇ ବାକି ଜୀବନ କାଟି ଦେବା କଥା । ଦୀର୍ଘନିଶ୍ୱାସ ଛାଡ଼ିଲେ ଖୁଡି । କଣ ଯେ ଆଉ କରିଥାନ୍ତି, ଅଧିକ ଯୌତୁକ ଲୋଭରେ ରାଜେଶ ଲାଗି ତୋ ମାଉସୀ ଝିଅର ପ୍ରସ୍ତାବକୁ ଗୋଡ଼ରେ ଆଡ଼େଇ ଥିଲି । ଛୋଟ ଲୋକ ଝିଅ କହି ଆକ୍ଷେପ କରିଥିଲି, ଏସବୁ ମୋ କର୍ମ ଫଳ । ଆଉ ରଞ୍ଜନ ? ତାଙ୍କ କଥା ଅଧାରେ ରଖି ମୁଁ ପଚାରିଲି । ରଞ୍ଜନ ଆମେରିକାରେ ସେଟଲ ହୋଇଛି । ସେଠିକା ଝିଅକୁ ବାହା ହୋଇ ନାଗରିକତ୍ୱ ବି ଗ୍ରହଣ କରିସାରିଲାଣି ବୋଲି ମୁଁ ଶୁଣିଲି । ଅବଶ୍ୟ ମତେ ତା ପାଖକୁ ଡାକେ । କିନ୍ତୁ, ଏକଥା କଣ ସମ୍ଭବ ? ଆତ୍ମୀୟ ଭାବ ଆଉ ଉପରଠାଉରିଆ ଭାବ ଭିତରେ ମୁଁ ଠିକ ଫରକ ବୁଝେ । ଅପା କେମିତି ଅଛନ୍ତି ? କଥା ବଦଳାଇ ପଚାରିଲେ ଖୁଡ଼ି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବୋଉ ଭଲ ଅଛି । ମୁଁ ବାଙ୍ଗାଲୋରରେ ଥିବା ସମୟରେ ସିଏ ନାନୀ ପାଖେ ରହୁଥିଲା । ନାନୀର ଝିଅଟି ଖୁବ ଛୋଟ, ତେଣୁ ବୋଉ ନାନୀଘରେ ରହିବାକୁ ଇଚ୍ଛା କରୁଥିଲା । ଏମିତିରେ ବି ମୋର ନୂଆ ନୂଆ ଚାକିରୀରେ ବହୁତ ବାହାରକୁ ଯିବାକୁ ପଡୁଥିଲା । ସିଏ ଘର ଭିତରେ ଏକା ଏକା ବୋର ହେଉଥିଲା । ମୁଁ ଭୁବନେଶ୍ୱର ଆସିବା ପରେ, ଏବେ ମୋ ସହ ରହୁଛି । ମୁଁ କହିଲି । ଯାହା ହେଉ ଖୁସି ଲାଗିଲା, ତମେ ଦୁଇ ଭଉଣୀ ଭଲରେ ରହିଲ । ହଉ, ତୋ ବୋଉକୁ କହିଦେବୁ ମତେ କ୍ଷମା କରିଦେବେ ବୋଲି । ଖୁଡ଼ି ଆଖି ପୋଛିଲେ । ମଧ୍ୟାହ୍ନ ଆଳତି ସମୟ ହେଉଥିଲା । ଖୁଡ଼ି ମନ୍ଦିର ଯିବାକୁ ବାହାରିଲେ । ପର୍ସ ଭିତରେ ମୋବାଇଲଟି ଭାଇବ୍ରେସନ ମୋଡ଼ରେ ଥିଲା । ସୁମିତାର ମିସକଲ ଥିଲା । ବ୍ୟସ୍ତ ହେଉଥିଲା ସୁମିତା । ଅନୁ, ତୁ କୋଉଠେ ଅଛୁ ? ମୁଁ ଚାରି ଆଡ଼େ ଖୋଜିଲିଣି । ହେଇ, ସେ ମନ୍ଦିର ପାଖରେ ଅଛି, ସଂଗେ ସଂଗେ ଆସୁଛି । ମୁଁ ଖୁଡ଼ିଙ୍କ ପାଦ ଛୁଇଁ ବିଦାୟ ନେଲି ।

ଯୋଉ କଷ୍ଟକର ଦିନ ଗୁଡ଼ିକର କଥା ଆମେ ଜାଣିଶୁଣି ଭୁଲି ଯାଇଥିଲୁ, ଆଜି ସବୁ ଜଳଜଳ କରି ମୋ ଆଖି ଆଗରେ ନାଚୁଥିଲେ । ମୋର ମନ ଅଛି, ଦିନେ ଦିନେ ଖୁଡ଼ିଙ୍କର ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ଆମ ମନ ବିଦ୍ରୋହ କରି ଉଠୁଥିଲା । ଖୁଡ଼ି ଖୋଲା ଖୋଲି ଭାବେ ରାଜେଶ ଭାଇ ଆଉ ରଞ୍ଜନ ଆଉ ଆମ ଦୁଇ ଭଉଣୀଙ୍କ ମଧ୍ୟରେ ପକ୍ଷପାତ କରୁଥିଲେ । ଆମେ ବୋଉ ପାଖରେ ଫେରାଦ ହେଉଥିଲୁ । କିନ୍ତୁ, ଅସୀମ ଧୈର୍ଯ୍ୟଧାରୀ ବୋଉ ଆମକୁ ଚୁପ କରେଇ ଦେଉଥିଲା । ଆମକୁ ସାଇ ସତଚରିତର ବିଭିନ୍ନ କାହାଣୀର ଉଦାହରଣ ଦେଉଥିଲା । କହୁଥିଲା, ଏ ସଂସାରରେ ସମସ୍ତେ ନିଜ ନିଜ କର୍ମ ଫଳ ଭୋଗ କରିବାକୁ ଜନ୍ମ ନିଅନ୍ତି । ବୋଧହୁଏ ଏହା ଆମ ପ୍ରାରବ୍ଧ ଭୋଗିବାର ସମୟ । ତେଣୁ, ମୁହଁ ପୋତି ସହିଯାଇ ସମୟକୁ ଅପେକ୍ଷା କରିବା ଛଡ଼ା ଆଉ କିଛି ଉପାୟ ନାହିଁ । ଚୁପ ରହିବା ଛଡ଼ା ଆମ ପାଖରେ କିଛି ଚାରା ବି ନଥିଲା । ଧନ ବଳ ଓ  ଜନ ବଳ ଉଭୟର ଅଭାବ ଥିଲା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆମର । ଦୁଇ ବଢ଼ିଲା ଝିଅଙ୍କୁ ନେଇ ଯେତେ କଷ୍ଟ ହେଲେ ବି କକାଙ୍କ ଘରେ ରହିବାକୁ ନିଷ୍ପତି ନେଇଥିଲା ବୋଉ । ଆମେ ଆଶ୍ଚର୍ଯ୍ୟ ହେଉଥିଲୁ ଯେ ଅଜାଣତରେ ବି କାହାର କ୍ଷତି କରିନଥିବା ଆମ ବୋଉ ସହ ଏପରି କାହଁକି ହେଲା ? ଆମେ କାହିଁକି ଏତେ କଷ୍ଟ ପାଉଛୁ ? ଆଉ ବୋଉ ବି ସବୁ ଥର ସେଇ ପ୍ରାରବ୍ଧ କର୍ମର ସୂତ୍ର ବତାଇ ଆମକୁ ବୁଝାଇ ଦିଏ । ଆଜି ମୁଁ ବୁଝି ପାରୁଥିଲି କର୍ମ ସତରେ କେତେ ବଳବାନ । ଯିଏ ଯାହା ବି କର୍ମ କରିଥାଉ ଦିନେ ନା ଦିନେ କୌଣସି ନା କୌଣସି ମାଧ୍ୟମରେ ଫେରି ଆସିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

କଣ ଭାବୁଛୁ ? ମୁଁ ତୋ ଉଇକେଣ୍ଡ ଖରାପ କରିଦେଲି ବୋଲି ନା ? ବୋର ହେଇଗଲୁ କି ? ମୋ ଅନ୍ୟମନସ୍କତା ଲକ୍ଷ୍ୟକରି ପଚାରିଲା ସୁମିତା । ବିଲକୁଲ ନୁହେଁ । ବରଂ, ମୁଁ ତତେ ଥ୍ୟାଙ୍କସ କହିବା କଥା, ଆଜି ତୋ ସହ ନ ଆସିଥିଲେ ମୁଁ ବହୁତ କଥା ମିସ କରିଥାନ୍ତି । ଆଜି ମୁଁ ବୁଝିପାରିଲି ଜୀବନରେ ବହୁତ କିଛି ଘଟଣା ଏକ ଯୋଗାଯୋଗ କିମ୍ବା କୋ-ଇନସିଡେଂସ୍ ନୁହେଁ, ବରଂ ପୂର୍ବନିର୍ଦ୍ଧାରିତ ହୋଇଥାଏ । ତୁ କଣ ଯେ କହୁଛୁ, ମୁଁ ବିନ୍ଦୁ ବିସର୍ଗ ବୁଝି ପାରୁନି । ସୁମିତା କାନ୍ଧ ନଚେଇ କହିଲା । ମୁଁ କହିଲି, ତୁ ବୁଝିବା ବି ଦରକାର ନାହିଁ । ହେଇ ଦେଖ ଦେଖ ଆସିଗଲା ତୋ ପ୍ରିୟ ହାଇୱେ ରେସ୍ତୋରାଁ, ଗାଡ଼ି ସାଇଡ କରେ, ପ୍ରବଳ ଭୋକ ଲାଗିଲାଣି । ଦୂରରୁ କେଉଁ ସାଇ ମନ୍ଦିରରୁ ଶୁଭୁଥିଲା ମଧ୍ୟାହ୍ନ ଆଳତିର ସ୍ୱର ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବୋଉ

ବୋଉ ଶବ୍ଦରେ କେତେ ଯେ ଗାମ୍ଭୀର୍ଯ୍ୟତା ଭରି ରହିଥାଏ ତାର ପରିକଳ୍ପନା କରିବା ଅସମ୍ଭବ । ମୋ ବୋଉ ମୋତେ ମିଛ କହେ, ମୋ ବୋଇ ମୋତେ ସ୍ନେହ କରେ । ଶ୍ରଦ୍ଧା କରେ, ହେଲେ କେବେ ବି ନିଜ ମନକଥା କହେ ନାହିଁ । ସେ ତାର ମନପସନ୍ଦର ଜିନିଷ ପିନ୍ଧେ ନାହିଁ, ସବୁବେଳେ ଜଗିଥାଏ ତାର ଝିଅର ପରିସ୍ଥିତିକୁ । ଝିଅ ଛଡ଼ା ତାର ପରିଚୟ ନାହିଁ ଯେମିତି ।

ସାଧାରଣତଃ ମଧ୍ୟବିତ୍ତ ପରିବାରର ସବୁ ବୋଉମାନେ ମିଛେଇ । ସେମାନଙ୍କୁ ଭୋକ ଲାଗେ ନାହିଁ, ସେମାନଙ୍କର କିଛି ପସନ୍ଦ ବା ନାପସନ୍ଦ ନ ଥାଏ । ସେମାନେ କିଛି ବଜାରରୁ କିଣିବା ପାଇଁ ଭଲ ପାଆନ୍ତି ନାହିଁ । ମୋ ବୋଉ ବି ଠିକ୍ ସେମିତି । ମତେ ଭଲ ଲାଗୁଥିଲା, ମୋର ପସନ୍ଦର ଖାଇବା ଖାଇଲେ ତାର ଦେହ ଖରାପ ହୁଏ କାଳେ, କେଜାଣି କେମିତି ତାହା ମିଛ କହି ପକାଏ ସିଏ । ସେ ତାର ଅତି ପ୍ରିୟ ଖାଇବା ଜିନିଷକୁ ଦେଖିଲେ ଖାଏ ନାହିଁ । କାରଣ ତାର ଝିଅକୁ ସେ ପସନ୍ଦ । ତା ଦୁନିଆଟା କେବଳ ତାର ଝିଅ ପାଖରେ ସମାପ୍ତ ହୁଏ । ଖଣ୍ଡେ ବାସନ ଧୋଇ ପକେଇଲେ ସାଙ୍ଗେ ସାଙ୍ଗେ ଚିତ୍କାର କରିଉଠେ ତୋ ନଖ ଗୁଡ଼ିକ ଖରାପ ହୋଇଯିବ, କିଏ କହିଛି ଏ ସବୁ କରିବାକୁ ? ମୁଁ ଥିବାଯାଏଁ ତୋ ପାଖରେ



ସ୍ୱାଗତିକା
ପ୍ରିୟଦର୍ଶିନୀ ଦାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏ ସବୁର ପ୍ରୟୋଜନ ନାହିଁ ତୋର । ସବୁବେଳେ ସେ ଚାହେଁ ମୁଁ ସେମିତି ମୋ ପାଠପଢ଼ା ଟେବୁଲ୍ ପାଖରେ ବସିଥାଏ ଦିନରୁ ରାତିଯାଏ ସେଇଥିରେ ସେ ସ୍ୱର୍ଗସୁଖ ପାଏ । ଦିନଯାକର ସବୁ ଘଟଣାର ସେ ମୋର ଅଂଶୀଦାର । ମୋ ମନର ସବୁ ଅକୁହା କଥାର ସେ ଏକାନ୍ତ ସାକ୍ଷୀ ।

ମୋର ଛୋଟ ଦୁନିଆରେ ତାକୁ ବାଦ୍ ଦେଲେ ମୋ ସୁଖ ଯେମିତି ନିମିଷକରେ ଫିକା ପଡ଼ିଯାଏ । ସ୍ୱାର୍ଥପର ଦୁନିଆରେ ନିଃସ୍ୱାର୍ଥପର ଭାବରେ ତାର ଝିଅକୁ କେବଳ ସେ ହିଁ ଭଲ ପାଇପାରେ । ସକାଳର ଜଳଖିଆଠୁ ଆରମ୍ଭ କରି ରାତିର ଖାଇବା ପର୍ଯ୍ୟନ୍ତ ସେ କେବଳ ପଚାରି ଚାଲୁଥାଏ କଣ ଖାଇବୁ କହ । ବେଳେ ବେଳେ ମୁଁ ଚିଡ଼ିଯାଏ, ତା ଉପରେ । ସତରେ କେମିତି ବିରକ୍ତିଭାବ ଆସେ ମନେ ମନେ ଭାବେ ବୋଉର କିଛି ନିଜର ପସନ୍ଦ ନାହିଁ? ସବୁବେଳେ ମୋର ପସନ୍ଦ ନାପସନ୍ଦ ! କିନ୍ତୁ ବେଶ୍ ହୁସିଆର୍ ଭାବରେ ସେ ତାର ଉତ୍ତର ଦେଇ ଦିଏ । ଆଉ ମୋ ମୁହଁକୁ ଚାହିଁ କୋହଭରା କଣ୍ଠରେ କହିପକାଏ, ତୁ ଏ ସବୁ ମାଆ ହେଲାପରେ ଜାଣିବୁ । ତା ଆଗରୁ ତୁ କେବେ ବୁଝିବୁନି ଗୋଟେ ମାଆର ମନ, ତାର ଏଇ ପ୍ରଶ୍ନଗୁଚ୍ଛରେ ମୋର ପାରିବାପଣିଆ ସବୁ ପୁରା ହାରିଯାଏ । ମୁଁ କେବଳ ବଲବଲ ହୋଇ ତାର ସେଇ ସରଳ, ନିରୀହ ମୁହଁକୁ ଜଳଜଳ କରି ଚାହିଁଥାଏ ।

ଶିକ୍ଷକ, ଗ୍ରା/ପୋ : ସଦର୍ ହରିଅନ୍ତା, କଟକ, ୭୫୪୦୦୩, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପିତା ଆଉ ପୁତ୍ର

ଥରେ ପିତା ଆଉ ପୁତ୍ର ଜଳମାର୍ଗରେ ଯାତ୍ରା କରୁଥିଲେ । ସେମାନେ ଦିଗର ରାସ୍ତା ଭୁଲିଯାଇ ଗୋଟିଏ ଯାଗାରେ ପହଞ୍ଚିଲେ । ଯେଉଁଠି ଦୁଇଟି ଦ୍ୱୀପ ଥିଲା । ପିତା..ପୁତ୍ରକୁ କହିଲେ ଲାଗୁଛି ଆମର ଅନ୍ତିମ ସମୟ ଆସିଗଲାଣି ।

ଦୁଇଜଣ ଦୁଇଟା ଦ୍ୱୀପକୁ ନିଜ ନିଜ ଭିତରେ ବାଣ୍ଟିନେଲେ । ଦୁଇ ଜଣ ଅଲଗା ଅଲଗା ଭଗବାନଙ୍କୁ ପ୍ରାର୍ଥନା କଲେ । ପୁତ୍ର କହିଲା ହେ ଇଶ୍ୱର ! ଏହି ଟାପୁରେ ଗଛ-ଲତା ଇତ୍ୟାଦି ସୃଷ୍ଟି କରି ଦିଅନ୍ତୁ । ଯାହାର ଫଳ-ଫୁଲରେ ଆମେ ଆମର ଭୋକ ମେଣ୍ଟେଇ ପାରିବୁ । ଭଗବାନ ପ୍ରାର୍ଥନା ଶୁଣିଲେ ଆଉ ନୂଆ ଜଙ୍ଗଲ ସୃଷ୍ଟି କରିଦେଲେ । ସେ ଏହା ଦେଖି କହିଲା ଖୁବ୍ ସୁନ୍ଦର ହେଇଛି ପ୍ରଭୁ । ପୁଣି ସେ ପ୍ରାର୍ଥନା କଲା, ଆଉ କହିଲା ମୋତେ ଗୋଟିଏ ସୁନ୍ଦର ସ୍ତ୍ରୀଟିଏ ଦିଅନ୍ତୁ ତା' ସାଙ୍ଗରେ ମୁଁ ସଂସାର କରିବି । ଭଗବାନ ତାହାର ଏହି ଇଛାକୁ ମଧ୍ୟ ପୁରଣ କଲେ । ଏବେ ସେ ଭାବିଲା ଯେ ମୋର ତ ସବୁ ପ୍ରାର୍ଥନା ଭଗବାନ ମାନୁଛନ୍ତି ।



ମନୋଜ କୁମାର
ବେହେରା

ସେ ଆଉ ଥରେ ପ୍ରାର୍ଥନା କଲା.. କହିଲା, ହେ ଭଗବାନ ! ମୋତେ ଗୋଟିଏ ନୌକା ମିଳିଯାଉ ମୁଁ ଏଠାରୁ ବହୁ ଦୂରକୁ ପଳେଇବି । ସାଙ୍ଗେ ସାଙ୍ଗେ ଭଗବାନ ଗୋଟିଏ ଡଙ୍ଗା ଦେଲେ । ପୁଅ ସେଥିରେ ବସି ଦ୍ୱୀପରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାହାରିଗଲା । ହଠାତ୍ ଆକାଶବାଣି ହେଲା.. ଆରେ ତୁମେ କ'ଣ ଏକୁଟିଆ ଯାଉଛ ? ନିଜର ପିତାଙ୍କୁ ନେବ ନାହିଁ ? ପୁଅ କହିଲା ତାଙ୍କ କଥା ଛାଡନ୍ତୁ ! ! ସେ ସେଇଠି ରହିବାର ଯୋଗ୍ୟ । ମୋ ବାପା କେତେ ପ୍ରାର୍ଥନା ଆପଣଙ୍କ ପାଖରେ କରିଛନ୍ତି । କିନ୍ତୁ ଆପଣ ତାଙ୍କର ଗୋଟିଏ ପ୍ରାର୍ଥନା ମଧ୍ୟ ଶୁଣିଲେନି । ତା'ପରେ ଆକାଶବାଣୀ ହେଲା.. ତୁମକୁ ଜଣା ଅଛିକି ତୁମ ବାପା କ'ଣ ପ୍ରାର୍ଥନା କରିଥିଲେ ? ପୁଅ କହିଲା ନା ? ତା'ପରେ ଆକାଶବାଣୀ ହେଲା ତୁମର ପିତା କେବଳ ଗୋଟିଏ ପ୍ରାର୍ଥନା କରିଥିଲେ, ହେ ଭଗବାନ ! ମୋର ପୁଅ ଆପଣଙ୍କୁ ଯାହା ମାଗିବ ଆପଣ ତାକୁ ସେଇଆ ଦେବେ ।

ମନୋଜ କୁମାର ବେହେରା

୨୧୭,ୟୁନିଟ-୯(ଫ୍ଲାଟ)

ବାୟୁବାବା ମଠ ଲେନ

ଭୁବନେଶ୍ୱର-୨୨

ଫୋନ-୭୯୭୮୩୦୬୧୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାସୋରା ପ୍ରେମିକ

ଦ୍ରୁତ ନଗରୀର ଅଜଣା ଗଳିରେ ସତେ ଯେମିତି ବାରି ହୋଇ ପଡୁଥିଲା ଚିହ୍ନା ମହକର ଧାରଟିଏ ଅଜଣା ପରିଚୟ ନେଇ । ଟିକେ ଲାଜ ଓ ଟିକେ ମଣିଷ ପଣିଆର ଆଭୁଷଣ ଦେଖାଇ ଫେରାଇ ନେଇଥିଲି ସେ ଆବେଗଭରା ଚେହେରାକୁ ଗହଳ ଭିତରୁ । ସମୟ ଅନ୍ତରାଳରେ ସତେ ଯେମିତି ଆଉ ଥରେ ସତେଜ ହୋଇ ଉଠିଲା ସେ ଚିହ୍ନା ମହକର ଧାରା ଏ ନୀରବ ମନରେ ଓ ବାରମ୍ବାର ଭେଦି ଦେଇଗଲା ଏ ନିସ୍ତେଜ ହୃଦୟର ପୃଷ୍ଠପୋଷକତାରେ । ଢାଳିଏ ସଙ୍କୋଚପଣିଆର ଅଳଙ୍କାର ଅଭିଧାନ କରି ଧୀରେ ଧୀରେ ଆପଣାର କରୁଥିଲି ସେ ଅଜଣା ମହକକୁ । ଚିରସ୍ରୋତ ନଦୀ ଭଳି ଭାସି ଚାଲିଥିଲି ସେ ମହକର ଧାରାରେ କେବେ ଯେ ଠିକଣାରେ ପହଞ୍ଚିବି ତାର କିଛି ଅଭିଳାଷ ନ ଥିଲା । ମୋତେ ଯଦି କେବେ କେହି ପଚାରେ ତୋ ପ୍ରେମିକ ନାମ କଣ ??

ମୁଁ କଣ କୁହେ ଜାଣିଛ ??? "ତୁମେ" ହଁ ... "ତୁମେ"

ତୁମକୁ ବି ହସ ଲାଗୁଛି ନା ...



ତାରେଶ୍ ମଣ୍ଡଳ

ସମୟ ନ୍ୟାସରେ ତାଳ ଦେଉ ଦେଉ ଆପଣା ବର୍ଣ୍ଣବୋଧର ବର୍ଣ୍ଣମାଳାକୁ ଏତେ ଶୀଘ୍ର ଯେ ପାସୋରି ଯିବି ମୁଁ ବି ବିଶ୍ୱାସ କରିପାରୁନାହିଁ । ନିଜକୁ ବୁଝେଇ ସାରିଛି ଏ ଫର୍ଦ୍ଦ କାଗଜରେ ଯେଉଁ ଦିନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମେ ହଜିଗଲ ଅଜଣା ନଗରୀର ଅଜଣା ଗଳିରେ ଆଉ ମୁଁ ଚାତକ ଭଳି ଚାହିଁ ବି କିଛି କରିପାରିଲି ନାହିଁ ।

କେମିତି ବା ଖୋଜି ବୁଲିବି ସେ ଆକାଶରେ ଯେଉଁଠି ତୁମ ପରିଚୟ ଦେବା ପାଇଁ ତୁମ ପରିଚୟ ହିଁ ମୋତେ ଜଣା ନାହିଁ । ଅଭିମାନ ସୁରୁଜର ମଲା ଚାହାଣି ଭଳି ଚାହିଁ ରହିଛି ଏ ଆକାଶକୁ, ସୁରୁଜ ବି ଚାଲିଗଲାଣି ତା ବାଟରେ ତଥାପି ବସିଛି ଦୁଆର ମୁହଁରେ ତୁମ ଅପେକ୍ଷାରେ । ଇତି ତୁମ ପାସୋରା ପ୍ରେମିକ .......

"ସ୍ମୃତିର ଢାଳରେ ଅଚିହ୍ନା ମହକ କେମିତି ବା ବାରିବି ମୁହିଁ
ଚାଲିବାର ଥିଲା ସେଇ ତ ମହକେ ଅଜଣା ପଥିକ ହୋଇ ।
ଏମିତି ଧାରେ ବହିଦେଇଗଲ ସୁକୁମାରୀ ଲାଜ ଛାଡ଼ି
ଦେଖି ଦେଖି ଲାଗିଗଲା ହେ ଆଖି ଅଜଣା ଆକାଶେ ଉଡି ।
ମହକ ଧାରେ ବହିଛି ଶବ୍ଦ ସଜୀବ ପ୍ରାଣ ନେଇ
ଧରି କି ପାରିବ ଶବଦକୁ ମୋର ତୁମ ଅଗଣା ଆସି ।
ସନ୍ଧାନରେ ମୋର ଲାଗିଛି କଳଙ୍କ କେଉଁ ଦିନୁ ଛାଡୁନାହିଁ
ଭିଜା କାଗଜରେ କେମିତି ଧୋଇବି ପାସୋରା ମନକୁ ଆଣି ।"

ଇମେଲ୍ : taresh.mantu@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗଳ୍ପସ୍ପର୍ଦ୍ଧା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପଞ୍ଚମ ଗଳ୍ପସ୍ପର୍ଦ୍ଧା ପ୍ରତିଯୋଗିତା ୨୦୨୦

**ଏହି ସ୍ପର୍ଦ୍ଧା ପାଇଁ ଲେଖା ଗ୍ରହଣର ଶେଷ ତାରିଖ : ଡିସେମ୍ବର ୩, ୨୦୨୦**

ଏହି ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବା ନିମନ୍ତେ ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦ(ପାରାଗ୍ରାଫ୍)କୁ ଅନ୍ତର୍ଭୂକ୍ତ କରି ଆପଣ ନିଜସ୍ୱ ଗଳ୍ପ ରଚନା କରିବେ । ଆପଣଙ୍କ କାହାଣୀରେ ଏହି ଅନୁଚ୍ଛେଦ ନିଶ୍ଚୟ ଭାବରେ ରହିଥିବ । ଆପଣ ନିଜସ୍ୱ ସୁବିଧା ଅନୁସାରେ ଅନୁଚ୍ଛେଦକୁ କାହାଣୀର ଆରମ୍ଭରେ, ମଝିରେ କିମ୍ବା ଶେଷରେ ରଖି ପାରିବେ । ଧ୍ୟାନ ଦିଅନ୍ତୁ, ଅନୁଚ୍ଛେଦକୁ ବଦଳାଇ ପାରିବେ ନାହିଁ, କିମ୍ବା ଏଠାରେ ଦିଆଯାଇଥିବା କୌଣସି ଶବ୍ଦକୁ ପରିବର୍ତ୍ତନ କରି ପାରିବେ ନାହିଁ ।

ଆପଣଙ୍କ ଲିଖିତ କାହାଣୀ (ଗଳ୍ପ) ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ଓଡ଼ିଆରେ ଟାଇପ୍ କରି ଆମ ନିକଟକୁ ଶେଷ ତାରିଖ ସୁଦ୍ଧା ପଠାଇବେ । କାହାଣୀ ସହିତ ନିଜର ଏକ ପାସପୋର୍ଟ୍ ସାଇଜର ଫଟୋ ଏବଂ ଇମେଲ୍ ଠିକଣା ଲେଖି ପଠାଇବେ । କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯିବ । ସମସ୍ତଙ୍କୁ ଅଂଶଗ୍ରହଣ ମାନପତ୍ର ଦିଆଯିବ । ଉପସ୍ଥାପିତ ସମସ୍ତ ଗଳ୍ପ ଆହ୍ୱାନରେ ପ୍ରକାଶିତ ହେବ ।

+====================+

ବହୁତ ଦିନ ହେଇଗଲା ସେ ଏଇ ସ୍କୁଲକୁ ଆସଲାଣି ପ୍ରତିମା । ସ୍କୁଲରେ ସେ ଏକୁଟିଆ ଶିକ୍ଷୟିତ୍ରୀ । ପ୍ରଧାନଶିକ୍ଷକ ପଦବୀ ଖାଲି । ତେଣୁ ସେ ଉଭୟ କାମ କରେ । ଅବଶ୍ୟ କାଁ ଭାଁ କେବେ କେମିତି ପିଲାଏ ଏଠାକୁ ଆସନ୍ତି । ପ୍ରାୟତଃ ପିଲାମାନେ ନିକଟରେ ଥିବା ଶିଶୁମନ୍ଦିରକୁ ଯାଆନ୍ତି । ବାକି ଗାଁର କିଛି ପିଲାମାତ୍ର ଏଠାକୁ ଆସନ୍ତି । ସେମାନଙ୍କ ପାଠ ପଢ଼ାରେ କୌଣସି ମନ ନଥାଏ । ମଧ୍ୟାହ୍ନ ଭୋଜନ ବେଳକୁ ଥାଳି ନେଇ ସବୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଆସିଯାଆନ୍ତି । ବହୁତ ବିରକ୍ତିକର ପରିବେଶ ଥିଲା ।

ସ୍କୁଲ୍ ବାରଣ୍ଡାରେ ଛିଡ଼ା ହେଲେ ଦୂରର ପର୍ବତ ଝରଣା ସବୁ ଦେଖାଯାଏ । ବହୁତ ମନୋରମ ପରିବେଶ । ସ୍କୁଲ୍ ପାଖରେ ଗୋଟିଏ ଦୁଇବଖରିଆ ଘର ବି ପାଇଛି ସେ । ନିଜେ ରୋଷେଇ କରି ଚଳିଯାଉଛି । ଅନେକ ସମୟରେ ଘର କଥା ମନେ ପଡୁଛି । ହେଲେ ବହୁତ ଦୂର ଯିବା ସମ୍ଭବ ନାହିଁ । ଗାଁ ସରପଞ୍ଚ ଭାରି ଭଲଲୋକ କିନ୍ତୁ କାହିଁକି କେଜାଣି ତାକୁ ଲାଗେ ସେ ତାକୁ ବେଳେ ବେଳେ ଏକ ଅସହ୍ୟ ଭାବରେ ଚାହିଁ ରହନ୍ତି । ଦରମା ଆଣିବାକୁ ଗଲାବେଳେ ସେ ସବୁ ଅସୁବିଧା ଜଣାଇ ବଦଳିପାଇଁ କହେ, କେହି ଶୁଣନ୍ତିନି ।

+====================+

**ଚଳିତ ସଂସ୍କରଣର ଗଳ୍ପସ୍ପର୍ଦ୍ଧାର ଫଳାଫଳ :**

ପ୍ରଥମ : ଡମ୍ବରୁଧର ବାଗ (ଏକ କାଳରାତ୍ରୀ)

ଦ୍ୱିତୀୟ : ଦମୟନ୍ତୀ ଜେନା (ଅଭୂଲା କଥା)

ସମସ୍ତ ପ୍ରତିଯୋଗୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକ କାଳରାତ୍ରୀ

ପୂର୍ବ ଆକାଶରେ ସୂର୍ଯ୍ୟ ଉଦୟ ହୋଇ ସାରିଥିଲେ । ସୂର୍ଯ୍ୟଙ୍କ ସୁନେଲି କିରଣ ଚାରିପଟେ ବିଛେଇ ହୋଇସାରିଥାଏ । ଏଯାଏଁ ଉଠିନାହାନ୍ତି ବରୁଣ । ବରୁଣ କଲେକ୍ଟରିଏଟରେ କିରାଣୀ ଭାବେ ଚାକିରି କରନ୍ତି । ଭଲ ଦରମା । ପରିବାର କହିଲେ ବରୁଣର ବାପା ମା ଆଉ ତା'ର ସ୍ତ୍ରୀ ବିନି । ବିନିକୁ ବାହା ହୋଇ ପାଞ୍ଚ ବର୍ଷ ହୋଇଥାଏ । ଏଯାଏଁ ପିଲାପିଲି କିଛି ହେଇନାହିଁ । ସେଥିଯୋଗୁଁ କିଛି ଚିନ୍ତା ନାହିଁ ଅବଶ୍ୟ । ବିନି ଜଣେ ଉଚ୍ଚ ଶିକ୍ଷିତା ସ୍ତ୍ରୀ । ବରୁଣ ଭାରି ସରଳ । ମେଳାପୀ ଏବଂ ମିଷ୍ଟଭାଷୀ ସ୍ୱଭାବର । ସେ କର୍ମକୁ ଧର୍ମ ମନେ କରନ୍ତି । ସଦା ସେ ନିଜର ଦାୟିତ୍ୱ ପ୍ରତି ଯଥେଷ୍ଟ ସମ୍ବେଦନଶୀଳ । ଅଫିସର ଲଗାତାର କାମ ଯୋଗୁଁ ସେ ଆଜିକାଲି ଟିକିଏ ବ୍ୟସ୍ତ ଅଛନ୍ତି । ସ୍ତ୍ରୀ ବିନି ଉଠେଇଲେ । ଏ ଉଠ । ଆଉ କେତେବେଳେ ଯାଏଁ ବିଛଣାରେ ପଡି ରହିବ । ସମୟ ଆଠଟା । ଆଜି ପିଉସାଙ୍କ ଜନ୍ମ ଦିନ । ଆମକୁ ଯିବାକୁ ହେବ । ବିଳମ୍ବ କରନି । ଉଠ ମାର୍କେଟ ଯାଇ ମନପସନ୍ଦର ଗିଫ୍ଟଟିଏ କିଣିଆଣିବ । ଆଜି ଦୁଇଟାରେ ବାହାରିବା । ସେମିତିବି ପିଉସାଙ୍କ ଘର ଏଠୁ ଷାଠିଏ କିଲୋମିଟର । ବିନି ଏକ ନିଃଶ୍ୱାସରେ କହିଗଲେ ସବୁକଥା । ବରୁଣ ଏତେବେଳକୁ ଉଠିସାରି ଧର୍ମପତ୍ନୀ ବିନିଙ୍କ କଥାକୁ କାନଦେଇ



ଉମ୍ବରୁଧର ବାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଣୁଥିଲେ । ଆଉ କହିଲେ ଅଫିସରେ ବହୁତ କାମ ଅଛି । ଆଜି ନ ଗଲେ ଚଳିବନି । ସକାଳୁ ସକାଳୁ ଗୋଟେ ପାଲା ଚଲେଇଛ । ସବୁଥିରେ ଖାଲି ଜିଦି । ଏକଥା ଶୁଣି ବିନି କହିଲେ ହଉ ଠିକ୍ ଅଛି । ସେଠିକି ଯିବାର ଆବଶ୍ୟକତା ନାହିଁ । ମୋର ଲୋକ, ମୋର ସମ୍ପର୍କୀୟ ନା । ତୁମର କଣ କି ? ତୁମର ସମ୍ପର୍କୀୟ ହେଲେ ସିନା ଯାଆନ୍ତ । ଓହୋ ତାହେଲେ ତୁମେ ଏଇୟା ଭାବିଲ । ହଉ ଠିକ୍ ଅଛି ମୁଁ ତୁମର କେଉଁ କଥାରେ ଅରାଜି ହେଇଛିଯେ ! ଦୁହେଁ ଯିବା ପଳେଇ ଆସିବା । ଏମିତି ପ୍ରଥମେ ମନା କରନ୍ତି ଆଉ ପରେ ହଁ କରନ୍ତି ବରୁଣ । ଏକଥା ଭଲ ଭାବରେ ଜାଣନ୍ତି ବିନି ।

ଘରର ସବୁ କାମ ସାରିଦେଲେ ବିନି । ଅଫିସ ଯାଇ ବରୁଣ ସବୁ କାମତକ ସାରି ଘରକୁ ଫେରିଲେ ୧ଟାରେ । ଖାଇପିଇ ଦିନ ଦୁଇଟାରେ ପିଉସାଙ୍କ ଘର ଅଭିମୁଖେ ବାହାରି ଗଲେ ଦୁଇ ସ୍ୱାମୀ ସ୍ତ୍ରୀ । ଏମିତି ବି ବହୁତ ଦିନ ହେବ ପିଉସାଙ୍କ ଘରକୁ ଯାଇନଥିଲେ । ଜନ୍ମ ଦିନ ଏକ ବାହାନା । ଭଲରେ ଭଲରେ ପିଉସାଙ୍କ ଘରକୁ ଯାଇ ଜନ୍ମଦିନ ଉତ୍ସବରେ ଯୋଗଦେଇ ସମସ୍ତଙ୍କ ସହ ମିଳାମିଶା କରି ରାତି ୧୦ଟାରେ କାରରେ ଘରକୁ ଫେରୁଥିଲେ । ଆଉ ବାଟରେ କାର ଅଟକି ଗଲା । କାର ଷ୍ଟାର୍ଟ ବନ୍ଦ ହୋଇଗଲା ।

କାରର ଚାବି ମୋଡିଲି ବରୁଣ । ଅଥଚ ଷ୍ଟାର୍ଟ ହେଲାନାହିଁ । ବହୁତ ଚେଷ୍ଟା କଲେ । ହେଲେ ବିଫଳ ହିଁ ହେଲେ । । ଦୁହେଁ ଚମକି ପଡ଼ିଲେ । କିଛି ଚିନ୍ତା କରିପାରୁନଥାନ୍ତି ସେ ଦୁହେଁ ।

ମନା କରୁଥିଲି, ଆଜି ଆଦୌ ଭଲ ଲାଗୁନି, ହେଲେ ତୁମେ କ'ଣ ମୋ କଥା କେବେ ଶୁଣିଛ ? ସତେ ଯେମିତି, ତମ ପୀଉସାଙ୍କ ଜନ୍ମଦିନ ଉତ୍ସବରେ ଯୋଗ ନ ଦେଲେ ସଂପର୍କ କାଟି ଦିଅନ୍ତେ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣିଛ କାଲି ମୋର କେତେ କାମ ଅଛି, ଆଜି ଦିନସାରା ଅଫିସରେ ଟିକେ ବି ରେଷ୍ଟ ମିଳିନି । ରାତିରେ ଅନ୍ତତଃ ଟିକେ ଶାନ୍ତିରେ ଶୋଇବି ବୋଲି ଭାବିଥିଲି । ଏବେ ହେଲାଣି ରାତି ସାଢେ ଏଗାର । ଫୋନ ବି କାମ କରୁନି ଏବେ ଏତେ ରାତିରେ ଏଇ ସଡକ ଦେଇ କୋଉ ଗାଡି ଆସିବ ଯେ ଆମକୁ ସାହାଯ୍ୟ କରିବ । ବିରକ୍ତି ପ୍ରକାଶ କରି କହୁଥିଲେ ବରୁଣ । କାରରେ ପାଖ ସିଟରେ ବସିଥିଲେ ପତ୍ନୀ ବିନି । ଆଖି ଲାଲ ଦେଖାଯାଉଥିଲା, ଲାଗୁଥିଲା କେଉଁ ମୁହୂର୍ତ୍ତରେ ହଠାତ ବନ୍ଧ ଭାଙ୍ଗିଯିବ ଆଉ ଆଖିରେ ବନ୍ୟା ଆସିବ । ଠିକ୍ ଏଇ ସମୟରେ ସାଇକେଲରେ କେହି ଜଣେ ସେଇ ଆଡକୁ ଆସୁଥିବାର ଦେଖାଗଲା ।

ବରୁଣ ଗାଡିର କବାଟ ଖୋଲି ବାହାରକୁ ବାହାରିବା ବେଲକୁ ବିନି ହାତକୁ ଧରିଦେଇ କହୁଥିଲେ, "ବାହାରକୁ ଯାଅ ନାହିଁ, କିଏ ହେଇଥିବ ?" ବରୁଣ ହାତ ଛାଡିଦେଇ ବାହାରି ଗଲେ । ହାତ ଉଠେଇ ସାଇକେଲରେ ଯାଉଥିବା ଲୋକକୁ ଅଟକିବାକୁ କହିଲେ । ଲୋକଟା ଥରେ ବରୁଣକୁ ଆଉ ଥରେ ଗାଡି ଭିତରେ ବସିଥିବା ବିନିକୁ ଚାହିଁଲା ।

ବିନି ଲୋକଟିକୁ ଦେଖି ଥରିବାକୁ ଲାଗିଲା । ଲାଗିଲା ସତେ ଯେମିତି ଲୋକ ସହିତ ଆଗରୁ କେବେ କେଉଁଠି ଦେଖା ହୋଇଥିଲା । ବ....ରୁ....ଣ ବ...ରୁ...ଣ ଏ ଶୁଣୁଛ ! ପଳେଇ ଆସ । ଥଥ ମମ ହେଇ ବିନି ଡାକୁଥାଏ ନିଜ ସ୍ୱାମୀ ବରୁଣକୁ ବାହାରେ ରୁହନା ବୋଲି । କାର ଭିତରକୁ ପଳେଇ ଆସ । ବରୁଣକୁ ଏ କଥା ଶୁଣାଯାଉ ନଥାଏ । କାରଣ ବରୁଣ ସେତେବେଳକୁ କାରର କବାଟ ବନ୍ଦ କରି ସାରିଥାଏ ।

ବରୁଣର ଗୋଟିଏ ଉଦ୍ଦେଶ୍ୟ ଘରକୁ ଗଲେ ଟିକିଏ ଭଲ ଭାବରେ ଶୋଇବ । ଶାନ୍ତି ମିଳିବ ଟିକିଏ ଶୋଇଲେ । ଏତେବେଳକୁ ଲୋକଟି ସାଇକେଲରୁ ଓହ୍ଲାଇ ବରୁଣର ପାଖାପାଖି ହୋଇସାରିଥିଲା । ବରୁଣ କହିଲା ଭାଇ ଭାଇ ଆମକୁ ଟିକିଏ ସାହାଯ୍ୟ କରିବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କି ? ଆମର ଗାଡିଟା ଖରାପ ହୋଇଯାଇଛି ତ ! ଚାରି ଆଡେ ଶୁନଶାନ । ଲୋକଟି କିନ୍ତୁ କିଛି ଉତ୍ତର ଦେଲାନି । ଖାଲି ଜଳ ଜଳ ହୋଇ ଦେଖୁଥାଏ ବରୁଣ ଆଡକୁ । କେତେ ବେଳେ ବିନି ଆଡକୁ ମଧ୍ୟ । ବରୁଣ କିଛି ବୁଝି ପାରୁନଥିଲା । ଲୋକଟି କାହିଁକି କିଛି କହୁନାହାନ୍ତି ? ଲୋକଟା ମୂକ ନୁହନ୍ତି ତ ? ଠିଆ ହୋଇ ଜଳ ଜଳ ହୋଇ ଦେଖୁଛି । ଏଥର ସାହାସ ବାନ୍ଧି ବରୁଣ ଆଉଥରେ କହିଲା ଭାଇ ଶୁଣୁଛ, ଆମ କାରଟା ଖରାପ ହୋଇଯାଇଛି । ଟିକେ ସାହାଯ୍ୟ ଦରକାର । ହେଲେ ଏଥର ବି ଲୋକଟି ନିରୁତ୍ତର । ଅବାକ୍ ହୋଇଗଲା ବରୁଣ । କ'ଣ କରିବ କିଛି ବି ଭାବି ପାରିଲା ନାହିଁ । ପଛକୁ ଦେଖିଲା ତ କାରରେ ବିନି ଆଉ ନାହିଁ । କୁଆଡେ କାରରୁ ଉଭାନ ହୋଇଯାଇଛନ୍ତି ବିନି । ମନକୁ ମନ ଭାବିଲା କାଳେ ତଳକୁ ଓହ୍ଲାଇ ଥିବେ ବିନି । ହେଲେ ବିନି ଏକ ଜିଦିଆ ସିନା । ଅନ୍ଧାରକୁ ତାଙ୍କର ଭାରି ଡର । ତ ଓହ୍ଲାଇଲେ କେମିତି ? ଏଥର ଆଗକୁ ଦେଖିଲେ ବରୁଣ । ହେଲେ ସେ ସାଇକେଲରେ ଆସିଥିବା ଲୋକ ଆଉ ନାହିଁ । ଏପଟେ ଚାରିଆଡେ ଅନ୍ଧାରକୁ ଅନ୍ଧାର । ମୋବାଇଲ ବି କେତେବେଳୁ ସ୍ୱିଚ୍ ଅଫ ହୋଇ ସାରିଥାଏ । ଆଗକୁ କିଏ ଆସୁଥିବାର ପାଦ ଶବ୍ଦ ଶୁଣାଗଲା । କିଏ .... ? କିଏ...... ? ବିନି ବିନି ? ଆରେ ତମେ ଗଲ କୁଆଡେ ? ଅନତି ଦୂରରୁ ଶୁଣାଯାଉଥିଲା ପେଚା ପକ୍ଷୀର ବିକଟାଳ ଶବ୍ଦ । ପେଚାର ସେହିପରି କର୍କଶ ସ୍ୱରରେ ପରିବେଶ ଆହୁରି ଶୁନଶାନ୍ ଲାଗୁଥାଏ । ଏକ ଭୟାତୁର ପରିବେଶରେ ବରୁଣର ଦେହରେ ଶିହରଣ ସୃଷ୍ଟି ହେଉଥିଲା । ଦେହରୁ ଘମ୍ ଘମ୍ ଝାଳ ବାହାରୁଥିଲା । ମୁଣ୍ଡ ଝିମ୍ ଝିମ୍ କରୁଥିଲା । ଲାଗୁଥିଲା ସତେ ଯେମିତି ବରୁଣର ପାଦତଳର ମାଟି ସବୁ ଖସି ଯାଉଛି । ଆକାଶ ମୁଣ୍ଡ ଉପରେ ଖସି ଆସିଲା ଭଳି ଲାଗୁଛି ।

ରାସ୍ତା ଦୁଇ ପାର୍ଶ୍ୱରେ ଜଙ୍ଗଲ । ସେଠାରୁ ଆଗକୁ ପାଞ୍ଚ ଛଅ କିଲୋମିଟର ଗଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟାଏ ଗାଁ ଆସିବ । ପଛ ପଟେ ଫେରିଲେ ଠିକ ସାତ ଆଠ କିଲୋମିଟର ଗଲେ ଗାଁ ପଡିବ । ଘୋର ଚିନ୍ତାରେ ପଡିଗଲେ ବରୁଣ । କ'ଣ କରିବେ କିଛି ବୁଦ୍ଧି ବାଟ ଦିଶୁ ନଥାଏ । ଏପଟେ ବିନି କାରରୁ ଅଦୃଶ୍ୟ ହୋଇଗଲେ କେତେବେଳୁ । ପାଖରେ ନା ଅଛି ଟର୍ଚ୍ଚ ନା ଆଉ କିଛି । ଜୋରରେ ପୁଣି ଥରେ ଡାକିଲେ - ବିନି । ବରୁଣର ଡାକ ଜଙ୍ଗଲରେ ବାଜି ପୁଣି ଥରେ ପ୍ରତିଧ୍ୱନି ହୋଇ ଫେରିଆସୁଛି ବିନି......... ବିନି .......ବିନି ....... । ଆରେ କୁଆଡେ ଗଲ, କୁଆଡେ ଗଲ....... ଗଲ......... ଗଲ ........ ଶୁଭୁଥାଏ ଜଙ୍ଗଲ ଭିତରୁ । ଏତିକି ବେଳକୁ ସାଇକେଲ ବାଲା ପୁଣି ଥରେ ଦେଖା ଦେଲା । ଏଥର ସାଇକେଲ ବାଲା କଥା ହେଲା । କ'ଣ ହେଲା କି ବାବୁ ? ବରୁଣ ଆଶ୍ଚର୍ଯ୍ୟର ସହ ପଚାରିଲେ । ତମେ ତମେ ପୁଣି କୁଆଡେ ଅଦୃଶ୍ୟ ହୋଇଯାଇଥିଲ ? ନା ନା ସେମିତି କିଛି ନୁହଁ । ଆସ ମୁଁ ତୁମ ଦୁହିଁଙ୍କୁ ଛାଡିଦେବି ମୋ ସାଇକେଲରେ ପାଖ ଗାଁରେ । ସାଇକଲବାଲା ବରୁଣକୁ କହିଲା । ବରୁଣ ଆଉ କରିବ କ'ଣ ? ପଛପଟେ ଚାହିଁବାରୁ କାରରେ ବିନିକୁ ଦେଖି ପୁଣି ଆଶ୍ଚର୍ଯ୍ୟ ହୋଇଗଲେ । ସେ ନିଜକୁ ନିଜେ ବିଶ୍ୱାସ କରିପାରିଲେ ନାହିଁ । କାର ପାଖକୁ ଆସି କବାଟ ଖୋଲିଲେ ବରୁଣ । ବିନି ବିନି ତମେ କୁଆଡେ ଯାଇଥିଲ ? ବିନି ନିରୁତ୍ତର । ସେ ଏକବାରେ ସ୍ଥାଣୁ ପାଲଟି ଯାଇଛନ୍ତି । ବରୁଣ ଥରିବାକୁ ଲାଗିଲେ । ଧିରେ ଧିରେ ଥରି ଥରି ବିନିର ହାତକୁ ଧରିଲେ । ହେଲେ ଏ କ'ଣ ବିନିର ହାତରେ । ଖାଲି ଲୋମ ହିଁ ଲୋମ । ଚିତ୍କାର କରି ଉଠିଲେ ବରୁଣ ଆଉ ବିନିର ହାତ ଛାଡି କାର ବାହାରକୁ ଚାଲି ଆସିଲେ । ଆରେ କିଏ କେଉଁଠି ଅଛରେ ? ଶୀଘ୍ର ଆସ । ମୁଁ ମୁଁ କଣ ସବୁ ଦେଖୁଛି ? ବରୁଣ ନିଜକୁ ନିଜେ ପଚାରୁଛନ୍ତି । ତାଙ୍କର ସର୍ବାଙ୍ଗ ଶରୀର ଥରିଉଠୁଛି । ଚାରି ଆଡେ ଆଖିବୁଲେଇଲେ ବରୁଣ । ସାଇକେଲ ବାଲା ପୁଣି ଉଭାନ ହୋଇଯାଇଛି । ହେଲେ ଏହିପରି କାହିଁକି ହେଉଛି ? ମୋ ବିନିର ହାତ ଲୋମମୟ କାହିଁକି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଗଲା ? ବିନି କଥା କହୁନାହାନ୍ତି କାହିଁକି । ଏ ସାଇକେଲବାଲା ଥରେ ଦେଖାଗଲେ ଆଉ ଥରେ ଅଦୃଶ୍ୟ ହେଉଛି କାହିଁକି ?

ବରୁଣର ମୁଣ୍ଡ କାମ ଦେଉନାହିଁ । କ'ଣ କରିବ ? ହଠାତ କାରର ହେଡ ଲାଇଟ ଜଳିଉଠିଲା । ବରୁଣ ପଛକୁ ଚାହିଁ ଦେଖିଲା ଡ୍ରାଇଭର ସିଟରେ କିଏ ଜଣେ ବସିଛି । ବରୁଣ ନିଜ ଆଖିକୁ ଜମାରୁ ବିଶ୍ୱାସ କରିପାରୁ ନଥାନ୍ତି । ଡ୍ରାଇଭର ସିଟରେ ବସିଥିବା ଲୋକଟିର ବୟସ କୋଡ଼ିଏ ଏକୋଇଶି ହେବ । ଉଜ୍ଜ୍ୱଳ ଚେହେରା ସାଙ୍ଗକୁ ପତଳା ନିଶ ଦାଢ଼ି ବେଶ୍ ମାନୁଥାଏ ଯୁବକଟିକୁ । ଏଥର ଗାଡି ହର୍ଣ୍ଣ ବାଜି ଉଠିଲା । ବରୁଣ ଦୂରରୁ ଥାଇ ଏସବୁ ଦୃଶ୍ୟକୁ ଅବଲୋକନ କରିବା ସଙ୍ଗେ ସଙ୍ଗେ ସବୁ ଶବ୍ଦଗୁଡିକୁ ଭଲଭାବରେ ଶୁଣି ପାରୁଛନ୍ତି । ଟିକିଏ ଦୂରରେ କିଛି ଗୋଟେ ଅସ୍ପଷ୍ଟ କଥା ଶୁଣାଗଲା । ଗାଡି ବର୍ତ୍ତମାନ ଷ୍ଟାର୍ଟ ମୋଡରେ । ବରୁଣ ଆଶ୍ଚର୍ଯ୍ୟ ହୋଇ ସାହାସ ବାନ୍ଧି ଦୃଢ଼ କଣ୍ଠରେ ପଚାରିଲେ । ଭାଇ ତମେ କିଏ କି ? ମୋ ଗାଡିକୁ କେମିତି ଚଳେଇ ପାରିଲ ? ଗାଡି ସିଟରେ ବସିଥିବା ଲୋକଟା ବରୁଣ ଆଡକୁ ଚାହିଁଲା, କହିଲା ମୁଁ ଦେବାଶିଷ । ଏଇଠୁ ମୋ ଘର ପନ୍ଦର କିଲୋମିଟର କୁସୁମପୁର ଗାଁରେ । ଏଇଟା କୁସୁମପୁର ଜଙ୍ଗଲ ଭିତରେ ବର୍ତ୍ତମାନ ତୁମେ ଅଛ । ଚାଲ ମୁଁ ତୁମର ଗାଡିଟା ଠିକ୍ କରିଦେଲି । ତୁମେ ଏଥର ଯାଇପାର ।

ଦେବାଶିଷ ଗାଡିରୁ ଓହ୍ଲାଇଲା । ଏଥର ବିନି ଧିର ସ୍ୱରରେ କହିଲା । ଏ ଶୁଣୁଛ ? ଶୀଘ୍ର ବସ ଗାଡି ଭିତରେ । ରାତି ଅନେକ ହେଲାଣି । ଏଥର ଆମେ ଘରକୁ ଯିବା । ବରୁଣ ଡରି ଡରି ଡ୍ରାଇଭର ସିଟରେ ବସିଲା । ଗାଡି ଷ୍ଟିୟରିଙ୍ଗ ଧରିଲେ ବରୁଣ । ଗାଡି ଆଗକୁ ଆଗକୁ ଚାଲିଲା । ପଚାରିଲେ ବରୁଣ । ବିନି କେମିତି ଅଛ ? ବିନି ଅଟକି ଅଟକି ଫୁସ୍ ଫୁସ୍ ହୋଇ ଧିରେ ଧିରେ କହିଲା ଚାଲ ଶୀଘ୍ର । ମୁଁ ଠିକ୍ ଅଛି । ବରୁଣ ଗାଡି ସିନା ଚଲଉଥାଏ । ହେଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ମୁଣ୍ଡରେ ନାହିଁ ନଥିବା ପ୍ରଶ୍ନ ସବୁ ଉଙ୍କି ମାରୁଥାଏ ଜଙ୍ଗଲ ଭିତରର କଥାଗୁଡିକ । ଅବଶ୍ୟ ବାଟରେ ଆଉ କିଛି ବି ଅଘଟଣ ଘଟିଲା ନାହିଁ ।

ଆସି ଆସି ରାତି ଦୁଇଟାରେ ଘରେ ପହଞ୍ଚିଲେ । କାରରୁ ଓହ୍ଲାଇ ସିଧା ସଳଖ ଘର ଭିତରକୁ ଦୁହେଁ ଚାଲିଗଲେ । କବାଟ ବନ୍ଦ କରି ଦୁହେଁ ଦୁହିଁଙ୍କୁ କିଛି ନକହି ଶୋଇଗଲେ । ସକାଳ ଆଠଟା । ପ୍ରଥମେ ଉଠିଲେ ବରୁଣ । ବାଥରୁମ୍ ଯାଇ ଫ୍ରେସ୍ ହୋଇଗଲେ । ଏହି ସମୟରେ ଉଠିସାରିଥାନ୍ତି ବିନି । ସେ ବି ନିତ୍ୟକର୍ମ ସାରି ଚା କପେ ଧରି ବରୁଣର ସାମ୍ନାରେ ପଡିଥିବା ଚେୟାରରେ ଆସି ବସିଲେ । ଦୁହେଁ ଦୁହିଁଙ୍କୁ ଅପଲକ ନୟନରେ ଚାହିଁଥାଆନ୍ତି । ଏହି ସମୟରେ ପେପରବାଲା ଆସି ପହଞ୍ଚିଲା । ପେପର ଗେଟ ପାଖରେ ପକେଇ ଦେଇ ଚାଲିଗଲା ପେପର ବାଲା । ଅବଶ୍ୟ କହିଦେଇ ଗଲା ଯେ ଗତ ରାତିର ଆକ୍ସିଡେଣ୍ଟ ଖବର ବାହାରିଛି । ଆଖି ବୁଲେଇ ନେବେ ।

ବରୁଣ ଆଉ ବନି ଚମକି ପଡିଲେ । ଆକ୍ସିଡେଣ୍ଟ ! ପୁଣି କେଉଁଠି ?

ସଙ୍ଗେ ସଙ୍ଗେ ବରୁଣ ଯାଇ ପେପର ଉଠାଇଲେ । ପେପରର ଫ୍ରଣ୍ଟ ପେଜରେ ବଡ ବଡ ଅକ୍ଷରରେ ଲେଖା ହୋଇଥିଲା "ମର୍ମନ୍ତୁଦ ସଡକ ଦୁର୍ଘଟଣା " ।

ଲେଖା ଥିଲା ଗତକାଲି ସନ୍ଧ୍ୟା ଛଟାରେ  କୁସୁମପୁର ଜଙ୍ଗଲ ମଝି ରାସ୍ତାରେ ଗୋଟିଏ କାର ସାଇକଲ ସହ ପିଟି ହେବାରୁ ସାଇକେଲ ଆରୋହୀ ସମେତ କାରରେ ବସିଥିବା ଡ୍ରାଇଭର ଓ ଡ୍ରାଇଭରର ସ୍ତ୍ରୀ ପ୍ରାଣ ହରାଇଛନ୍ତି । ସାଇକଲ ଆରୋହୀ ଜଣକୁ ବଞ୍ଚାଇବାକୁ ଯାଇ କାର ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା । ସାଇକେଲକୁ କାର ଧକ୍କା ଦେବାରୁ ସାଇକେଲ ଆରୋହୀ ଛିଟିକି ପଡି ସେହି ସ୍ଥାନରେ ପ୍ରାଣ ହରାଇଥିଲେ । ଏବଂ କାରରେ ବସିଥିବା ଉଭୟ ସ୍ୱାମୀ ସ୍ତ୍ରୀ ଗୁରୁତର ଭାବେ ଆହତ ହୋଇଥିବାରୁ ତାଙ୍କୁ ନିକଟସ୍ଥ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଡାକ୍ତରଖାନାକୁ ନେବା ସମୟରେ ସନ୍ଧ୍ୟା ସାତଟାରେ ବାଟରେ ହିଁ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା । ସାଇକେଲ ଆରୋହୀ କୁସୁମପୁର ଗ୍ରାମର ସଂକଟ ଓ କାର ଚାଳକ ଦେବାଶିଷ ଏବଂ ତାଙ୍କ ପତ୍ନୀ ସୁମିତ୍ରା । ପେପରରେ ଦେବାଶିଷର ରଙ୍ଗୀନ ଫଟୋଟିଏ ମଧ୍ୟ ଛପାଯାଇଥିଲା ।

ପେପର ପଢି ସାରି ରାତିରେ ଘଟିଥିବା ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ ବରୁଣ ଓ ବିନି । ପେପରରେ ଦିଆଯାଇଥିବା ଫଟୋ ଏବଂ ରାତିରେ ଡ୍ରାଇଭର ସିଟରେ ବସିଥିବା ଦେବାଶିଷ ଏକା ଲୋକ ଭଳି ଜଣାପଡୁଥିଲା । ଦୀର୍ଘଶ୍ୱାସ ନେଇ ବରୁଣ ବିନିକୁ କହୁଥିଲା ତାହେଲେ ସେ ଡ୍ରାଇଭର ସିଟରେ ବସି ମୋ ଗାଡିକୁ ଠିକ କରିଥିବା ଲୋକ ଆକ୍ସିଡେଣ୍ଟରେ କିଛି ଘଣ୍ଟା ପୂର୍ବରୁ ମରିଥିବା ଦେବାଶିଷ ଆଉ ସାଇକେଲ ଚାଳକ ସଂକଟ ।

ଦୁର୍ଘଟଣାରେ ମରିଥିବାର ସମୟ ସାତଟା ଆଉ ଜଙ୍ଗଲ ଭିତରେ ଗାଡି ସିଟରେ ବସିଥିବା ବେଳର ସମୟ ଘ. ୧୧.୩୦ ମିନିଟ ପରେ ୧୨ଟା ପାଖାପାଖି ।

ଦୁଇ ସ୍ୱାମୀ ସ୍ତ୍ରୀ ଆଉ କାହାକୁ କିଛି ନ କହି ଦୁହେଁ ଦୁହିଁଙ୍କୁ ଅନେଇଥାନ୍ତି ।

ଗ୍ରାମ-ଚପ୍ରିଆ, ବ୍ଲକ-ଗୋଲାମୁଣ୍ଡା

ଜିଲ୍ଲା-କଳାହାଣ୍ଡି ।

ଦୂରଭାଷ-୯୧୭୮୨୨୫୭୬୪

ଇମେଲ-dambarudhar11@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅଭୁଲା କଥା

୫ ଅକ୍ଟୋବର ୨୦୧୮.... ବିନି ଆଉ ବରୁଣ ଆରମ୍ଭ କରିଥିଲେ ଦାମ୍ପତ୍ୟ ଜୀବନ । ନବବିବାହିତା ଦାମ୍ପତ୍ୟ ଗାଁରେ ବାହାଘର ସାରି ଚାଲି ଆସିଥିଲେ ବେଙ୍ଗାଲୁର । ବେଙ୍ଗାଲୁରରେ ବିନିଙ୍କ ପିଉସା ଘର । ସେ ତାଙ୍କ ପାଇଁ ଚାକିରିଟିଏ ମଧ୍ୟ ଯୋଗାଡି ଦେଇଥିଲେ ସେଠାରେ । ବରୁଣ ପୂର୍ବରୁ ହିଁ ବାପା ମା'ଙ୍କ ସହ ବିଗତ ୬ବର୍ଷ ତଳୁ ଗାଁ ଛାଡ଼ି ବେଙ୍ଗାଲୁରରେ ସ୍ଥାୟୀ ବସବାସ କରନ୍ତି ।

ସ୍ୱଭାବରେ ବରୁଣ ଭାରି ଶାନ୍ତ ଥିଲା ବେଳେ ବିନି ଟିକେ ଜିଦଖୋର । କିନ୍ତୁ କେବେ ମଧ୍ୟ ବିନିଙ୍କ କଥା ଟାଳି ନାହାନ୍ତି ବରୁଣ । ବରୁଣ ଏକ ଘରୋଇ କମ୍ପାନୀରେ ସଫ୍ଟୱେର୍ ଇଞ୍ଜିନିୟର ଥିଲା ବେଳେ ବିନି କଲ୍ ସେଣ୍ଟରରେ କାମ କରନ୍ତି । ଦିନେ ହଠାତ ବିନିଙ୍କ ପିଉସୀ ଫୋନ୍ କରି ତାଙ୍କ ପିଉସାଙ୍କ ଜନ୍ମ ଦିନ ଉତ୍ସବରେ ଯୋଗ ଦେବା ପାଇଁ କହିଲେ । ମନା କରି ନ ପାରି ସେ ସେଥିରେ ହଁ କହିଥିଲେ ସାଙ୍ଗେ ସାଙ୍ଗେ ବରଣୁଙ୍କୁ ମଧ୍ୟ ଜଣାଇଲେ ।



ଦମୟନ୍ତୀ ଜେନା

ଅଫିସରେ ଅତ୍ୟଧିକ କାମ ଯୋଗୁଁ ଘରକୁ ଗଲେ ଦେଖିବା କହି କଥାକୁ ଟାଳିଦେଇଥିଲେ ବରୁଣ । ବହୁତ୍ ହାଲିଆ ହୋଇ ୭ଟା ବେଳେ ଘରକୁ ଆସିଲେ । କପେ ଚାହା ପାଇଁ ବିନିକୁ କହିଲେ । ବିନି ଚାହା ନେଇ ଆସିଲେ । ଚାହା ପିଇସାରି ବରୁଣ୍ ପ୍ରଶ୍ନ କଲେ ତୁମେ ମାର୍କେଟ୍ ଯିବ କି ?

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ପୁରା ରେଡି ହୋଇସାରିଛ ! ! !

ବିନି- ମାର୍କେଟ୍ ନୁହେଁ । ପିଉସାଙ୍କ ଘର ।

ତୁମେ ପୁଣି ଭୁଲିଗଲ ନା ? ? ? ?

ବରୁଣ୍- ଆରେ ହଁ ତ ! ! ! ମୁଁ ପୁରା ଭୁଲିଯାଇଛି । ଆଚ୍ଛା ଶୁଣ ତୁମେ ଏକାକି ଚାଲିଯାଅ । ଆଜି ଆଦୌ ଭଲ ଲାଗୁନି । ଅଫିସରେ ବହୁତ କାମ ।

ବିନି- ମୁଁ କିଛି ଶୁଣିବିନି । ତୁମେ ଜଲ୍ଦି ରେଡି ହୁଅ । ଆମେ ଦୁହେଁ ଯିବା । ସବୁବେଳେ ତ ଅଫିସ୍ କାମ କର । କେବେ ତ କାହା ମନ ରଖିବା ପାଇଁ ଚେଷ୍ଟା କର ।

ବିନିଙ୍କ କଥା ଏଡାଇ ନ ପାରି ବାଧ୍ୟ ହୋଇ ଜନ୍ମଦିନ ଉତ୍ସବରେ ଯୋଗ ଦେବା ପାଇଁ ପିଉସାଙ୍କ ଘରକୁ ବାହାରିଲେ ବରୁଣ୍ । ଉତ୍ସବ ସାରି ଘରକୁ ଫେରିଲା ବେଳେ ହଠାତ୍ ଗାଡି ବନ୍ଦ ହୋଇଗଲା ରାସ୍ତାରେ । ଅନେକ ଚେଷ୍ଟା ପରେ ମଧ୍ୟ ଗାଡି ଷ୍ଟାର୍ଟ୍ କରିବାରେ ବିଫଳ ହୋଇଥିଲେ ବରୁଣ୍ । ବିରକ୍ତ ହୋଇ କହିଲେ... ମନା କରୁଥିଲି, ଆଜି ଆଦୌ ଭଲ ଲାଗୁନି ହେଲେ ତୁମେ କଣ ମୋ କଥା କେବେ ଶୁଣିଛ ? ତୁମ ଜିଦ୍ ସତେ ଯେମିତି ତମ ପିଉସାଙ୍କ ଜନ୍ମ ଦିନ ଉତ୍ସବରେ ଯୋଗ ନ ଦେଲେ ସଂପର୍କ କାଟି ଦିଅନ୍ତେ ।

ଜାଣିଛ କାଲି ମୋର କେତେ କାମ ଅଛି, ଆଜି ଦିନସାରା ଅଫିସରେ ଟିକେ ବି ରେଷ୍ଟ ମିଳିନି । ରାତିରେ ଅନ୍ତତଃ ଟିକେ ଶାନ୍ତିରେ ଶୋଇବି ବୋଲି ଭାବିଥିଲି । ଏବେ ହେଲାଣି ରାତି ସାଢେ ଏଗାର । ଫୋନ ବି କାମ କରୁନି । ଏବେ ଏତେ ରାତିରେ ଏଇ ସଡକ ଦେଇ କୋଉ ଗାଡି ଆସିବ ଯେ ଆମକୁ ସାହାଯ୍ୟ କରିବ ।ବିରକ୍ତି ପ୍ରକାଶ କରି କହୁଥିଲେ ବରୁଣ । କାରରେ ପାଖ ସିଟରେ ନିରବରେ ବସିଥିଲେ ପତ୍ନୀ ବିନି । ଆଖି ଲାଲ୍ ଦେଖାଯାଉଥିଲା, ଲାଗୁଥିଲା କେଉଁ ମୁହୁର୍ତ୍ତରେ ହଠାତ୍ ବନ୍ଧ ଭାଙ୍ଗିଯିବ ଆଉ ଆଖିରେ ବନ୍ୟା ଆସିବ । ଠିକ୍ ଏଇ ସମୟରେ ସାଇକେଲ୍ ରେ କେହିଜଣେ ସେଇ ଆଡକୁ ଆସୁଥିବାର ଦେଖାଗଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବରୁଣ ଗାଡିର କବାଟ ଖୋଲି ବାହାରକୁ ବାହାରିବା ବେଳକୁ ବିନି ହାତକୁ ଧରିଦେଇ କହୁଥିଲେ, ବାହାରକୁ ଯାଅ ନାହିଁ, କିଏ ହୋଇଥିବ ? ? ବରୁଣ ହାତ ଛାଡିଦେଇ ବାହାରିଗଲେ । ହାତ ଉଠେଇ ସାଇକେଲରେ ଯାଉଥିବା ଲୋକକୁ ଅଟକିବାକୁ କହିଲେ । ଲୋକଟା ଥରେ ବରୁଣକୁ ଆଉ ଥରେ ଗାଡି ଭିତରେ ବସିଥିବା ବିନିକୁ ଚାହିଁଲା ।

ଲୋକଟି ନିଜ ସାଇକେଲକୁ ରଖି ଗାଡିର ଅବସ୍ଥା ଯାଞ୍ଚ କରିଲା । କହିଲା ଏ ଗାଡି ଏବେ ଠିକ୍ ହୋଇପାରିବନି । ମେକାନିକକୁ ଡାକିବାକୁ ପଡିବ ନଚେତ୍ ଗାଡିକୁ ଗ୍ୟାରେଜ୍ ନେବାକୁ ପଡିବ । ଏତେ ରାତିରେ ଏହା କିପରି ହେବ ? ? ?

ଆପଣ ଦୁହେଁ ଆଜି ମୋ ଘରେ ବିଶ୍ରାମ ନିଅନ୍ତୁ । ମୁଁ ଠିକ୍ କରିବା ପାଇଁ ଚେଷ୍ଟା କରୁଛି ।

ବିନି ଓ ବରୁଣ୍ - କିନ୍ତୁ ? ? ? ? ?

ଲୋକଟି - ଅନ୍ୟ କିଛି ଉପାୟ ନାହିଁ ସାର୍ । ଏଇ ପାଖରେ ହିଁ ମୋର ଛୋଟ ଘରଟେ । ମୁଁ ଗାଡି କାମ କିଛି କିଛି ଜାଣେ । ଏଇ ପାଖ ଗ୍ୟାରେଜରେ କାମ କରେ । ଆପଣ ନିଶ୍ଚିନ୍ତ ରୁହନ୍ତୁ । ବିନି ଓ ବରୁଣ୍ ଉପାୟଶୂନ୍ୟ ହୋଇ ତା ସହ ତା ଘରକୁ ଗଲେ । ମୁହଁ, ଗୋଡ଼ ହାତ ଧୋଇ ଦୁହେଁ ଖଟ ଉପରେ ବସିଲେ । ଲୋକଟି କହିଲା, ସାର୍ ଦୁଇଟା ଚାହା ଆଣିଛି ନିଅନ୍ତୁ । ମୁଁ ଯାଉଛି ଗାଡି ଦେଖିବାକୁ । ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ଠିକ୍ କରିବା ପାଇଁ ପୁରା ଚେଷ୍ଟା କରିବି ।

ଚାହା ପିଇ ଭାରି ଚିନ୍ତାରେ ମୁଣ୍ଡରେ ହାତ ଦେଇ ଖଟ ଉପରେ ଭାବୁ ଭାବୁ ଆଖି ଲାଗିଯାଇଛି ଦୁହିଁଙ୍କର । ନିଦ ଭାଙ୍ଗିଲାବେଳକୁ ରାତି ପ୍ରାୟ ୪ଟା... ବରୁଣ୍ ବିନିକୁ ନିଦରୁ ଉଠେଇ ଗାଡି ପାଖକୁ ଯିବା ପାଇଁ କହିଲେ । ହଠାତ୍ ନଜର ପଡିଲା ଘରର କାନ୍ଥ ଉପରେ । ଚାରିପଟେ ଲାଗିଥିଲା ବିନିଙ୍କ ଫଟୋ ଆଶ୍ଚର୍ଯ୍ୟ ହୋଇ ବରୁଣ୍ ପଚାରିଲେ ସେ କିଏ ? ? ? ତା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଘରେ ତୁମ ଫଟୋ ? ? ?

ବିନି- ମୁଁ କିଛି ଜାଣିନାହିଁ । ବିଶ୍ୱାସ କର । ମୋତେ ବି ଆଶ୍ଚର୍ଯ୍ୟ ଲାଗୁଛି ।

ରାଗରେ ଗର ଗର ହୋଇ କବାଟ ଖୋଲିଲା ବେଳକୁ କାର୍ ଦାଣ୍ଡ ଦୁଆରେ ଠିଆ ହୋଇଛି । ବରୁଣ୍ ଭାରି ଖୁସି ହୋଇ ବିନିକୁ କହିଲେ ଦେଖ ଆମ ଗାଡି ଠିକ୍ ହୋଇସାରିଛି । ଗାଡି ଭିତରୁ ପାଇଲେ ଗୋଟାଏ ଚିଠି । ଲେଖାଥିଲା- ସାର୍ ଆପଣଙ୍କ ବର୍ତ୍ତମାନ୍ ଠିକ୍ ହୋଇସାରିଛି । ବ୍ୟସ୍ତ ନ ହୋଇ ମ୍ୟାଡାମକୁ ନେଇ ଆରାମରେ ଘରକୁ ଯାଆନ୍ତୁ । ମୁଁ ଯାଉଛି ନମସ୍କାର ।

ଠିକ୍ ସେତିକିବେଳେ ଆଉ ଜଣେ ଲୋକ ଆସି ପହଞ୍ଚିଗଲେ ସେ ସ୍ଥାନରେ, ପଚାରିଲେ ଆପଣମାନେ କିଏ ? ? କଣ କରୁଛନ୍ତି ମୋ ଘରେ ? ? ? ବରୁଣ ସବୁ କଥା ସେ ଲୋକକୁ ବୁଝାଏ କହିଲେ । ତାଙ୍କ କଥା ଶୁଣି ଲୋକଟି ଜୋରରେ ହସିବାକୁ ଲାଗିଲା ଆଉ କହିଲା______

ଶରୀର ମରେ ହେଲେ ଆତ୍ମା ନୁହଁ

ଆତ୍ମା ରହେ ପ୍ରେମ ସହ.........ହା ହା ହା ହା

ପାଗଳ ବୋଲି ଭାବି ଦୁହେଁ ଡର ବର ହୋଇ କାରରେ ବସି ଚାଲିଆସିଲେ ନିଜ ଘରକୁ । କିନ୍ତୁ ସେ ଦିନର ଘଟଣା ସେମାନେ ଆଜି ବି ଭୁଲି ନାହାଁନ୍ତି । ଅନେକ ପ୍ରଶ୍ନ ଓ ଦ୍ୱନ୍ଦ ଲୁକ୍କାୟିତ ହୋଇ ରହିଛି ସେହି ଘଟଣାରେ.....ଶୀଘ୍ର ଭୁଲିବାକୁ ଚେଷ୍ଟା କରନ୍ତି ସେମାନେ, କିନ୍ତୁ.............

ମନେ ପଡିଲେ ଦୁହିଁଙ୍କ ଲୋମ ଟାଙ୍କୁରି ଉଠେ ।

ବ୍ରହ୍ମପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

## ପ୍ରଥମ ଛାନ୍ଦ

### ପ୍ରଥମ ଅଧ୍ୟାୟ (ଭାଗ "୫")

ଅଣୁସରୁ ତାର ଭ୍ରୂଲତାର ଗାର
ନୟନ ପତାରୁ ବଳି,
ଅଞ୍ଜନ କି ଜାଣି ରଖିଅଛି ଟାଣି
ଓଲଟ କି ଏ କୂଶଳୀ ।
ଅଶ୍ରୁଳ ଗଣ୍ଡରେ ତହୁଁ ମସୃଣରେ
ସତେ କି ଚନ୍ଦ୍ରମା ଦାଗ,
ଅଳିକେ ଶୋଭଇ ଭ୍ରୁଲତା ଏ ଦୁଇ
ଦିଶେ ପ୍ରତିବିମ୍ବେ ଆଗ ।
ଅଧରରେ କର ନବ ଅଂଶୁଧର
ଉଦୟ ହୋଇଛି ଦିଶେ,
ଅନୁପମ ରୂପ ମୁଖେ କଇଁ ଭଳି
ନାଲି କୁସୁମ କି ସେ ।
ଅଧର ଉପରେ ନାଶିକା ନାଡ଼ରେ
କଇଁ କି ଓଲଟା ଯେ,
ଅଶାନ୍ତ ମୁଖକୁ ମୁଖରିତ କରେ
ଶ୍ରୀ ବହି ରହିଛି ନିଜେ ।
ଅବନୀ ଉପରେ ଅଗଣା ମଧ୍ୟରେ
କ୍ଷୁଦ୍ର ଜଳାଶୟ ଚାହିଁ,
ଅଙ୍ଗନା ମୁଖରେ ଦୀପ ଆଲୋକରେ
ନୂତନ ଏ ଜହ୍ନ କାହିଁ ଯେ ?
ଅନୁସାରୀ ପ୍ରୀତି କାବ୍ୟର ଅଂସକୁ
ଛୁଇଁଲା ସଂପ୍ରତି ଚାହିଁ,
ଅହଲ୍ୟା ସୁନ୍ଦରୀ ବଳି କାବ୍ୟ ପରି
ଆପଣା ନଅରେ ନାହିଁ ।
ଅଂସରେ କାହାର ସ୍ପର୍ଶ ମାତ୍ର ଲଭି
କାବ୍ୟ ସୁନ୍ଦରୀ ଦେଖିଲା,
ଅନୁସାରୀ ପ୍ରୀତି ରହିଛି ସଂପ୍ରତି
ସଂପତ୍ତି ନୟନେ ଥିଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁରୋଧ କରି କହନ୍ତି ସୁନ୍ଦରୀ
"ଆସିବା କେମିତି ହେଲା ?
ଅପୂର୍ବ ଚେହେରା ଅଚାନକ ଧରା
କେମିତି ଆମ୍ଭଙ୍କୁ ଦେଲା ?
ଅନ୍ତପୁର ତ୍ୟାଗି କାହାକୁ କି ଜଗି-
ବାକୁ ଆସିଛ ଏଠାକୁ,
ଅଙ୍ଗେ ଶିରୀହୀନ ନିର୍ବସ୍ତ୍ରେ ବସନ
କଣ ମୋ ଛନ୍ଦି ଦେବାକୁ ?
ଅସନା ଦିଶିବ ଯେତେ ଛନ୍ଦିଦେବ
ପିତାମ୍ବର ଏ ଶରୀରେ,
ଅନ୍ତର ମୋ ଶୂନ୍ୟ ନୋହିବ ଏ ପୂର୍ଣ୍ୟ
ବିନା କବିର ରୁଚିରେ ।
ଅନ୍ତଃସାର ଶୂନ୍ୟ ଅଧୁନା ଏ ଘୃନ୍ୟ
କାହା ପାଇଁ ପରା ଭବେ,
ଅନଳ ସମାନ ଜଳୁଛି ମୋ ପ୍ରାଣ
ହୃଦୟ ବିକଳ ରବେ ।
ଅଦ୍ୟାବଧି ମଧ୍ୟ ଲୋଡ଼ା କବି ପାଦ
ଯା ପାଇଁ ଏ ପୂଜ୍ୟ ହେବେ,
ଅମାବାସ୍ୟା ରାତି ରହିଛି ସଂପ୍ରତି
ଅନ୍ତରେ ଜନ୍ତ୍ରଣା ତେବେ ।
ଅଦୂରରେ ରହି ପାଦ ଖାଲି ଛୁଇଁ
ଆସିଛି ଏ ଖାଲିଖାଲି,
ଅପରୂପ ମୁଖ ପାଇଁ ଆଜି ସୁଖ
ବିନା ନିଶି କର କାଳୀ ।
ଅଲକ୍ଷଣା ଦେହ ସାଥିରେ କି ସ୍ନେହ
ରଖିବେ ଯେ କବି ମୁଖ,
ଅନ୍ତରେ ଏମନ୍ତ ଭାବନା ଭିତରେ
ମନ ହୃଦୟ ବିମୁଖ ।
ଅନୁଚରୀ କାହିଁ ରହି ଅଛ ଚାହିଁ
କିଛି କହୁନାହଁ ଆସି,
ଅନୁରୋଧ କହି କହିଗଲି ସହୀ
ଅନ୍ତଃର ବେଦନା ଭାଷୀ ।
(କ୍ରମଶଃ )

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମାଜର ଚିତ୍ର



ଭାସ୍କର ଚନ୍ଦ୍ର ଖଣ୍ଡା

ବଦଳି ଥାଏ ସେ ସମୟର ତାଳେ
ହୁଏ ନାହିଁ ବୁଝି ତାକୁ
ବିଶ୍ଳେଷଣ ତା'ର କରିଥାନ୍ତି ଜ୍ଞାନୀ
କେତେ ଯେ ତର୍ଜମା କେତେ ମନମାନି
କିଏ କହେ ତାକୁ ବିଗିଡି ଗଲାଣି
ସୁଧାରିବାକୁ ତା ବେଳ ଆସିଲାଣି
ନୂଆ ନୂଆ ତଥ୍ୟ ନୂଆ ନୂଆ ନୀତି
ଦିନ ପରେ ଦିନ ଯାଉଛିତ ବିତି
ସତେ ଅବା ସିଏ ପୁଞ୍ଜି ବୈଚିତ୍ରର
ପାଇଛି ପରଶ ଆଧୁନିକତାର
ଆମ ସମାଜର ଚିତ୍ର ।୧ ।

ସମ୍ମୋହନ ଆଜି ଘାରିଛି ତାହାକୁ
ପ୍ରବଳ ତା ଇଛା ନିଶା କରିବାକୁ
ନେଇ ଆପଣାଇ ଅଜାଣତେ ତା'ର
ହୋଇ ବଶୀଭୂତ ଆଧୁନିକତାର
ଦୃଢ଼ତାର ସହ ବାନ୍ଧିଛିତ ବସା
କରିଛି ସୁଦୃଢ ମୂଳଦୁଆ ତା'ର
ଗଢିବ ପ୍ରାସାଦ ବହୁ ମହଲାର
ଆତ୍ମକେନ୍ଦ୍ରିକତାର ସେ ମହାସ୍ରୋତରେ
ଯାଉଛିକି ସିଏ ଭାସି ? ।୨ ।

ହୋଇଛି ସ୍ୱତନ୍ତ୍ର ପରିଚୟ ତା'ର
ଦେଖିବ ବୋଲି ସେ ନିଜ ଅଧିକାର
କଳେ ବଳେ ଆଉ କୌଶଳେ ସିଏ
ସୁବିଧାଟି ତା'ର ଆଗ ବାଛି ନିଏ ।୩ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଛି ସମାଜ ରହିବବି ସିଏ

ବ୍ୟାଖାନ ତା ଚିତ୍ର କରୁ ଅବା ଯିଏ

ସମାଲୋଚନାର ଉର୍ଦ୍ଧରେ ସେ ରହୁ

ନିଜ ମନ କଥା ନିଜକୁ ସେ କହୁ

ବଦଳାଉ ଆଗ ନିଜ ଦୃଷ୍ଟିଭଙ୍ଗୀ

ପରେ ଦେଖୁ ସିଏ ସମାଜର ଛବି

ସମୟର ସାଥେ ଏ ମହାମନ୍ତ୍ରର

ଲିପିବଦ୍ଧ ସେଯେ ଯୁଗଯୁଗାନ୍ତର

ନ ଦେଖାଇ ସିଏ ପରକୁ ଆଙ୍ଗୁଠି

ନିଃସ୍ୱାର୍ଥ ଭାବନା କରୁ ସେ ଏକାଠି

ନିଜ ଦୋଷ ତ୍ରୁଟି ସଜାଡୁ ସେ ଆଗେ

ଦେଖିବ ସମାଜ ତେବେ ନୂଆ ରଙ୍ଗେ

ଶୁଭ ପରିଣୟ ହୋଇ ଘଟସୂତ୍ର

ଆପେ ବଦଳିବ ସମାଜର ଚିତ୍ର ।୪ ।

ରୋଡ ନଂ ୩, ଜଗନ୍ନାଥ ନଗର

ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାବୁ ଟିକେ ଦୃଷ୍ଟି ଦେବ



ଅଶ୍ୱିନୀ କୁମାର

ବାବୁ
ଥରେ ତ ବୁଲି ଆସ
ଏହି ସର୍ବହରାଙ୍କ
ଅନ୍ଧାରୀମୂଳକକୁ ।।
ଆସ ଦେଖିବ
ଆମ ଚାଳଘର ଆଗରେ
ସମାଧି ନେଇଛି ତୁମ ବିକାଶ ।।

ବାବୁ
ଆମେ ଆଦିମ ଜନଜାତି ।
ଏ ମାଟିର ସନ୍ତାନ ହୋଇ
ନା ଆମ ପାଖେ ଅଛି
ଚାଷ କରିବାକୁ ମାଣ ମାଣ ଜମି
ନା ଅଛି ମୁଣ୍ଡ ଗୁଞ୍ଜିବାକୁ
କାଣିଚାଏ ଜାଗା ।।

ଦେଶକୁ ଲୁଟି ବିଦେଶ ପଳାଇବା
ସରକାରୀ ଜମି ହଡ଼ପ କରିବା
ଏ ସବୁ ଫନ୍ଦିଫିକର ଜାଣୁନାହୁଁ
ବୋଲି ସିନା ଏତେ ହୀନସ୍ତା ।।

ବାବୁ
ସେଦିନ ତୁମେ ହିଁ ତ ଦେଇଥିଲ
ମୁଣ୍ଡ ଗୁଞ୍ଜିବାକୁ ହାତେ ଜମି ।
ତା ସହ ଘର ତୋଳିବାକୁ
କିସ୍ତି କିସ୍ତି ସହାୟତା ରାଶି ।।
ନିଜର ସର୍ବସ୍ୱ ବିନିମୟରେ
ତୋଳି ଚାଲିଥିଲୁ ସ୍ୱପ୍ନ କୁଟୀର ।।
ହେଲେ ଭାଗ୍ୟର ବିଡମ୍ବନା
ବୁଲଡୋଜରର ଚକ ତଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପିସି ହୋଇଗଲା

ଆମ ସୁନେଲି ସ୍ୱପ୍ନ ।।

ବାବୁ

ଗୋଟେ ପଟେ

ମହାମାରୀ ଜୀବନ ଜୀବିକା

ଛଡେଇ ନେଲା ,

ଅନ୍ୟପଟେ ଆମ ପଂଚାୟତର

କଲେକ୍ଟର ଦାଉ ସାଧିଲା ।

ପାଞ୍ଚ ପାଞ୍ଚଟି କୁଟୁମ୍ବକୁ

ବେଘର କଲା ।।

ଏବେ ତ ଆମେ ସର୍ବହରା

ମାରିବ ବଏଲେ ମାର

ତାରିବ ବଏଲେ ତାର

ଏବେ ତୁମେ ହିଁ ସାହାରା ।।

ବାବୁ

ତୁମେ ତ ଜିଲ୍ଲାର ମାଲିକ ।

ଆମ ଆଡେ ଟିକେ ଧ୍ୟାନ ଦେବ ।

ତୁମେ ଅଣଦେଖା କଲେ

ଗଣତନ୍ତ୍ର ପ୍ରତି ଆସ୍ଥା ତୁଟିଯିବ ।।

ବାବୁ

ତୁମ ଭରସାରେ ରହିଲୁ

ସାଲେଭଟାର ନିରୀହ

ଆଦିବାସୀ ପରିବାର ।।

ଜୁହାର..... ।

ସହକାରୀ ଶିକ୍ଷକ

ଝରିଗାଁ ନବରଙ୍ଗପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କର୍ତ୍ତବ୍ୟ



ଦୁଷ୍ମନ୍ତ ବେହେରା

କର୍ତ୍ତବ୍ୟ ଭିତରେ ହଜି ମୁଁ ଯାଉଛି
କର୍ତ୍ତବ୍ୟ ଦୁଃଖ ଧରି
ଦୁଃଖ ଦେଖେଇବି କି ସୁଖ ଦେଖେଇବି
ଦେଖେଇବି ଜୀବନକୁ

ଜୀବନ ଜ୍ୟୋସ୍ନାରେ ଭିଜେଇ ଦଉଛି
ମୋ ଦେହ ଶରୀରକୁ
ଜୀବନ କର୍ତ୍ତବ୍ୟ ଲୁହରେ ଭିଜେଇ
ସ୍ୱପ୍ନ ଦୁନିଆ ମଝିରେ

କି ପେଢ଼ି ଦେଖେଇ ବାନ୍ଧିବି
ଫିଟି ଯାଉଛି ମୋ କର୍ତ୍ତବ୍ୟ ଡୋରି
ପଡିଲା ବେଳକୁ କର୍ମ ଗୋଟେଇ
ଲୁହରେ ଭାସି ଯାଉଛି

କର୍ତ୍ତବ୍ୟ ଟିକକ ଶୁଆଇ ଦଉନି
ସ୍ୱପ୍ନ ଦେଖେଇ ନୂଆ
କର୍ମନିଷ୍ଠାଟି ଆସିଲା ବେଳକୁ
ଅଳସ ଲାଗୁଛି ମୋ ଶରୀର

ଅଳସ ମନଟି ଧରି
ସଂସାରର କି କର୍ତ୍ତବ୍ୟ କରିବି
ସଂସାର ଭାସୁଛି ମୋ ଆଖି ଆଗରେ
ଛାଣିଲା ବେଳକୁ ଅଳସ ଲାଗୁଛି


କର୍ମ କରିନାହିଁ ବୋଲି କର୍ମଠ ହୋଇଲି
ସଂସାରରେ ପାଉଛି ଦୁଃଖ
ସଭିଏ କହିଲେ ଅଳସୁଆ ଟିଏ
ଜୀବନେ ପାଇବ ଦୁଃଖ

ରାସୋଳ-ମୁଣ୍ଡିଆପଷି, ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ନିର୍ଭୟା



କବିତା ମିଶ୍ର

ଏଠି,

ଭୋଗ ସମ୍ଭୋଗର ମହାକୁମ୍ଭେ

କୃଷ୍ଣା, କୃଷ୍ଣ ଉଭୟ ବିବସ୍ତ୍ର,

ସହସ୍ର ନିର୍ଭୟା ଚୀରହୃତା ଶୀଳଛିନ୍ନା,

ତଥାପି ସୈତାନ୍ ଅତୃପ୍ତ, କ୍ଷୁଧାର୍ତ୍ତ । (୧)

ଏଠି,

ତଟସ୍ଥ ଅହଲ୍ୟା ପିଶାଚର ବାସନା ବେଦିରେ,

ଅଭିଷିକ୍ତ ଦୈତ୍ୟ ଅହର୍ନିଶୀ ନିରିମାଖୀ ଅବଳା ଲୁହରେ,

ବିଭସ୍ର ଶବାଗାରେ ରଚେ ଦାନବୀୟ ଅଭିସାର,

ସତ୍ତ୍ୱାସତ୍ତ୍ୱ ଭୂଲୁଣ୍ଠିତା ପଞ୍ଚାଳୀ ନିରେଖେ, ଶିଶୁ ଶାବକ ବି ଭୋଗ ଉପଚାର । (୨)

ଏଠି,

ପ୍ରଶ୍ୱାସେ ପ୍ରଖର ଖର ଆଦିମ ଆସ୍ପର୍ଦ୍ଧା,

ସମୀରେ ବିଚରେ ଆତତାୟୀ ରକ୍ତବୀର୍ଯ୍ୟ,

ଦୃପ୍ତ ନାରାୟଣୀ ଆଜି ଶାର୍ଦ୍ଦୁଳଙ୍କ ପଂକ୍ତି ଭୋଜ୍ୟ,

ଇଚ୍ଛା ମୃତ୍ୟୁ ବରେ କୃଷ୍ଣା ଜେଣୁ ଏ କବନ୍ଧ ସାମ୍ରାଜ୍ୟ । (୩)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଠି,

ସ୍ନାୟୁ ସୁଷୁମ୍ନାରେ ଜହ୍ଲାଦ କରେ ସନ୍ତରଣ,

ତକ୍ଷକ ଦଂଶନେ ତନ୍ୱୀ ତନୁ ଦଗଧ ବିବର୍ଣ୍ଣ,

ସୁଧାସ୍ରବା ବସୁଧାକୁ ମାଂସରେ ତଉଲେ ଘାତକ,

ଜରାୟୁ ମୁହାଁଣେ ପୁଲକ ସନ୍ଧାନେ ଦୂର୍ବୃତ୍ତ ।     (୪)

ହାୟ,

ଐଶୀଅହ୍ନି ନିର୍ବାପିତ, ହୀନପ୍ରଭ ପ୍ରଭୁ,

ଚକ୍ରୀ ! କିମ୍ପା ସମ୍ବରଣ କରିଛ ଚକ୍ରକୁ ?

ଆଜି ଶରାହତ ରଚି, ସୁଚି ସତେ ପାଂଶୁଳ ମଲାଜହ୍ନ,

ସୁଧାର ବିଶ୍ୱନିୟନ୍ତା, ସୃଷ୍ଟିର ଏ କୀଚକୀୟ ସଂସ୍କରଣ ।     (୫)

ଗୌହାଟୀ, ଆସାମ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନର ମାନସୀ



ଅମରନାଥ ବାରିକ

ମନର ମାନସୀ
ମୋ ପ୍ରେମର ଦାସୀ
ପ୍ରିୟା ବନିତା ।
ପ୍ରେମରେ ବାନ୍ଧିଲ
ବାହୁରେ ଛନ୍ଦିଲ
କହିପୁଣି କେତେ କଥା ।।

ତୁମ ନାଲି ଓଠେ
ଝରି ପଡୁଥାଇ
ପ୍ରେମର ରାଗିଣୀ ଗାଥା ।

ଲାଜୁଆ ଲାଜୁଆ
ଚୋରା ଚାହାଣୀରେ
ଢଳ ଢଳ ଆଖି ପତା ।।

ତୁମର ସେ ବେସ
ବହଳିଆ କେଶ
ସତେକି ନିର୍ମୂଳି ଲତା ।
କାନରେ କୁଣ୍ଡଳ
ନୟନେ କଜ୍ଜ୍ୱଳ
ପିନ୍ଧି ଲମ୍ବା ଲମ୍ବା ଜୋତା ।।

ପାଦରେ ପାଉଁଜି,
ଘୁଙ୍ଗୁର, ଝୁଣ୍ଟିଆ,
ନାଲିଆ ଧାର ଅଳତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଖିରେ ଚଷମା
ବାଳକୁ ଗୋଟାଇ
ବାନ୍ଧ ରିବନର ଫିତା ।।

ହାତରେ କଙ୍କଣ
ବାହୁରେ କବଜ
ଗଳାରେ ଗଜ ମୁକୁତା ।
ପତଳି କମର
ଲାଗଇ ସୁନ୍ଦର
ପିନ୍ଧ ଯେବେ ଅଣ୍ଟା ସୂତା ।।

ମଥାରେ ଟିକିଲି
ଝଲସି ଦିଶୁଛ
ଯେମିତି ସୁନ୍ଦରୀ ସୀତା ।
ରମ୍ଭା ମେନକା
ଉର୍ବଶୀ ଠାରୁବି
ଝିଅ ତୁ ଜଗତ ଜିତା ।।

ମହ ମହ ହୋଇ
ବାସି ଉଠେ ତୁମ
ରଜନୀ ଗନ୍ଧାର ପେନ୍ଥା ।
କହଲୋ ସଜନୀ
କେଉଁ ଅତରରେ
କେମିତି ହୋଇଛି ଗୁନ୍ଥା ।।

ଯାଜପୁର,ମଙ୍ଗଳପୁର,କସ୍ପାଁ
୯୫୪୦୩୦୮୦୯୫

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମହାପୁରୁଷ ବାପୁ



ସନାତନ ମହାକୁଡ଼

ଅକ୍ଟୋବର ଦୁଇ
ଗୁଜୁରାଟେ ଉଇଁଥିଲା ଏକ ଚାନ୍ଦ
ନାଁ ଥିଲା ମୋହନ ଦାସ କରମ ଚାନ୍ଦ ।

ଯେ ତୁଳସୀର ଦୁଇ ପତ୍ର ଭଳି
ବିତରି ଥିଲେ ଦର୍ଶନ
ତିନି ବାନର ମୂର୍ତ୍ତିରେ
ଦେଖା ଶୁଣା କହିବାର
ଦେଇ ବାର୍ତ୍ତା ସଂଯମର ।

ଦିନେ ସେଇ ଯୁବ ଆଇନ ଛାତର
ଲମ୍ଫ ଦେଲେ ମାଆ ମାଟି ପାଇଁ
ପିନ୍ଧି ଆଣ୍ଠୁ ଦିଶୁଥିବା ପରିଧାନ
ଖୋସି ଅଣ୍ଟାରେ ଘଣ୍ଟା
ଦେଇ ବାର୍ତ୍ତା ତ୍ୟାଗ ସମୟାନୁବର୍ତ୍ତୀତାର ।

ନେଇ ମନ୍ତ୍ର ଅହିଂସା ସତ୍ୟ ସ୍ୱାଧୀନତା
ଅସ୍ପୃଶ୍ୟର
ଚଢ଼ି ଥିଲେ ପାହାଚ
ଅସହଯୋଗ ସତ୍ୟାଗ୍ରହ ଭାରତ ଛାଡ଼ର
ଯାହା କରିଥିଲା ତାଙ୍କୁ ବାପୁ
ଜାତିର ଜନକ ମହତ୍ମାଗାନ୍ଧୀ ।

ଫିଙ୍ଗି ଗୁଳି ଭାଙ୍ଗି ଚୁକ୍ତି
ଲୁଣ୍ଠନ ଅତ୍ୟାଚାର ବନ୍ଧୁକ ମୁନର
ଫିରିଙ୍ଗି ମାନିଲା ହାର ଫକୀର ଆଗର ।

ରାମଧୂନ କରିଥିଲା ତାଙ୍କୁ
ସାବରମତୀର ସନ୍ଥ,
ବାର୍ତ୍ତା ଥିଲା କର୍ମର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱରାଜ ସ୍ୱଦେଶୀ ସ୍ୱାଭିମାନର,

ଚରଖା ଥିଲା ସଂକଳ୍ପ

ତ୍ରିରଂଗା ଆଉ ସ୍ୱାଧୀନତାର ।

କିଏ ଜାଣିଥିଲା

ଦିନେ ସେ ମହାପୁରୁଷ

ଚଳି ଯିବେ ପ୍ରାର୍ଥନା ସଭାରେ

ଆତତାୟୀ ଗୁଳିରେ

'ହେ ରାମ' ଉଚ୍ଚାରିବା ପରେ ।

ଗ୍ରାମ/ପୋ.ଅ: ବେରୁଆଁବାରୀ ୭୫୨୦୮୨

ଜିଲ୍ଲା: ନୟାଗଡ଼ ; ଓଡିଶା ।

ଦୂରଭାଷ: ୦୯୩୩୯୭୨୦୧୭୮

ଇମେଲ୍: sanmahakud@gmail.com

www.sanatanmahakud.in

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନୂଆପଡ଼ା ମାଟି



କୁମରଲାଲ ରଣା

ତିରିଶି ଜିଲ୍ଲାରୁ ନୂଆପଡ଼ା ଜିଲ୍ଲା

ଅଟେ କେଡ଼େ ମନୋରମ ।

ନୂଆପଡ଼ା ମାଟି ସହର ପୁରିଛି

ଧନ୍ୟ ଲଭିଅଛି ନାମ ।

ମାଟିର ପ୍ରଭାବ ବଢ଼ାଇଦେଇଛି

ସୁନାରୁ ଅଧିକ ମୁଲ୍ୟେ

କୃଷକର ଯଶ ବଢ଼ିବଢ଼ି ଯାଏ

ପୁଣ୍ୟ ଗାଏ ଚାଷ ମୂଲେ ।

ଗୀତରେ ବଢ଼ାଇ ଦେଇଛି କୃଷକ

ଚାଷକୁ ଚଷି ଆରାମେ ।

ଧାନ ଶସ୍ୟ ଫଳ ମୂଳ ଫୁଳ

ଠୁଳ କରଇ ଧରମେ ।

ଇଟା ମାଟି କେତେ କରାଇ ଦେଇଛି ସତେ

ଯେମିତି ସରଗ ।

ଧନ୍ୟ ମାଟି ମାଆ ପାଇ ଅଛୁ ଚିହ୍ନି ବିଶ୍ୱାସର

ପୁଣ୍ୟ ଭାଗ ।

ଅରଜିଲା ଧନ ପୁର୍ବ ପୁରୁଷର

ଦିଆଉଛି କରାମତି ।

ତାଙ୍କରି କରୁଣା ପାଇବାରୁ ଧନ୍ୟ

ଲଭୁଅଛି ପୁଣ୍ୟଗତି ।

ଆମେ ଚିହ୍ନିଅଛୁ ମାଟିର କୌଶଳ

ଆମକୁ ଚିହ୍ନେ ମାମାଟି ।

ମାଆର କୋଳରୁ ଭାଗ୍ୟବନ୍ତ ଆମେ ନିଏ

ଆମକୁ ସାଉଁଟି ।

ମହୁଆଭଟା, ନୂଆପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମରୀଚିକା



ଜନ୍ମଜୟ ନାୟକ

ଲୁହସାଗରେ ହଜେ ସପନଉଆସ,
ରକତ ପର କରେ କରି ଅବିଶ୍ୱାସ ।
ପ୍ରତିଶୋଧ ଅନଳେ ସଂପର୍କର ଜୁଇ,
କହି ହୁଏନାହିଁ କି ସହି ହୁଏ ନାହିଁ ।୧।

ଜୀଇବାକୁ ହୁଅଇ ପୁଣି ଏକା ଏକା ,
ଆଶାଆକାଙ୍କ୍ଷା ପାଲଟଇ ମରୀଚିକା ।
ଏଇ ମଣିଷର ଗରବ ଅହଂକାର,
ଛିଡାଇ ଦିଏ ସେନେହ ଶ୍ରଦ୍ଧାର ଡୋର ।୨।

ତୃଷାର୍ତ୍ତ ପଥିକ ଜଳ ପାଇବା ପାଇଁ,
ଶୁଷ୍କମରୁରେ ମରୀଚିକା ପଛେ ଧାଇଁ ।
ମିଛମାୟା ସଂସାରେ ଏ ଲୋଭୀ ମଣିଷ,
ପାଇବାର ଲୋଭେ କରଇ ସର୍ବନାଶ ।୩।

ଛ ଖଣ୍ଡ କାଠର କୋକେଇ ଧ୍ରୁବସତ୍ୟ,
ଜାଣିବି ମଣିଷର ଆଶା ବଢେ ନିତ୍ୟ ।
ମଣିଷ ଜୀବନ ବେସାହାରା ହୁଅଇ,
ଅନ୍ତିମ କାଳେ ବିଭୁ ପାଦେ ଆଶ୍ରାଯାଇ ।୪।

ଛଳନା ଅଳନ୍ଧୁ ଅଛି ମନେ ସବୁରି,
ଯେତେ କାନ୍ଦିଲେ ବି ଦୁଃଖ ଯାଏନି ସରି ।
ନୀରିହ ନିର୍ଦ୍ଦୋଷ ଲୋକ ପାଅଇ ଶାସ୍ତି,
ଖୋଜି ଖୋଜି ଥକିଲେ ବି ମିଳେନି ଶାନ୍ତି ।୫।

ଜୀବନ ଜଞ୍ଜାଳେ ମୋହମାୟା ପଛରେ,
ପାଏନି ଆତ୍ମତୃପ୍ତି ଯେତେ ବି ମୁଁ ଘୂରେ ।
ମରୀଚିକା ପଛରେ ତୁଚ୍ଛାରେ ଧାଇଁଛି ,
ଖାଲି ହତାଶା ନୈରାଶ୍ୟ ପାଇଚାଲିଛି ।୬।

ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜୟ ମହାଲକ୍ଷ୍ମୀ



ଶକୁନ୍ତଳା ମିଶ୍ର

କ୍ଷୀରାବ୍ଧି ତନୟା ମା ଗୋ ବିଷ୍ଣୁ ଜାୟା
ନମୋ ନମୋ ବିଶ୍ୱଜନନୀ
ଦୁଃଖ ବିଧ୍ୱଂସିନୀ କୃପା ପ୍ରଦାୟିନୀ
ଜୟ ଜୟ ଲୋକପାଳିନୀ । ।

ନମୋ ପଦ୍ମାଳୟା ଶ୍ରୀକ୍ଷେତ୍ର ବାସିନୀ
କମଳା କମଳ ଧାରିଣୀ
ଜୟ କମଳାକ୍ଷି ଜୟ ମହାଲକ୍ଷ୍ମୀ
ଜଗତ ମଙ୍ଗଳ କାରିଣୀ । ।

ତୋର କୃପା ବଳେ ରଙ୍କ ହୁଏ ରାଜା
କୋପେ ରାଜା ହୁଏ ଭିକାରୀ
ଶ୍ରୀୟା ଚଣ୍ଡାଳୁଣୀ ଧନ ଜନ ଲକ୍ଷ୍ମୀ
ପାଇଥିଲା ତୋତେ ସେବା କରି । ।

ବାର ବର୍ଷ ଯାଏ ଶ୍ରୀଜଗନ୍ନାଥଙ୍କୁ
ତୋ କୋପେ ଅନ୍ନ ମିଳିନାହିଁ
ଦ୍ୱାରେ ଦ୍ୱାରେ ବୁଲି ମାଗିଥିଲେ ଭିକ୍ଷା
ପରା ସେ ଶ୍ରୀକ୍ଷେତ୍ର ଗୋସାଇଁ । ।

ଯେବେ ସ୍ୱହସ୍ତରେ ଟେକି ଦେଲ ଅନ୍ନ
ତେବେ ଭୁଞ୍ଜିଲେ ଭାଇ ବେନି
ଏପରି ମହିମା ଅଟେ ମା ତୁମର
ବିଶ୍ୱବିଦିତ ଏ କାହାଣୀ । ।

ଜୟ ମହାଲକ୍ଷ୍ମୀ କୃପା ପ୍ରଦାୟିନୀ
ଦୟା କର ଦିନ ଜନକୁ
ଜଗତ ବାସୀଙ୍କ କ୍ଷୁଧା ଦୂର କର
ମାଗେ ଧରି ପଦ୍ମ ପାଦକୁ । ।

କ୍ୱାର୍ଟର ସଂ: IV R-୨୭୨, ୟୁନିଟ :୬
ଭୁବନେଶ୍ୱର, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୋଣାର୍କ



ପ୍ରକାଶ ରଞ୍ଜନ ସ୍ୱାଇଁ

ହେ ! ମୋର ପ୍ରିୟ କୋଣାର୍କ
କିଏ ସେ କାରିଗର
ତୋ ଦେହେ ଆଙ୍କିଛି
ଚାରୁ କଳାର ଏ ପଥର ମୂରତି
କିଣିନିଏ ମନ ହୁଏ ମୁଗ୍ଧ.
ହେ ! ମୋର ପ୍ରିୟ କୋଣାର୍କ

ଧନ୍ୟ ସେଇ ବୀର, ଯିଏ ଦେଲା ପ୍ରାଣ
ଜାତିର ମହତ୍ୱ ପାଇଁ
ମନ୍ଦିର ଚୂଡାରେ ଦଧିନଉତି ବସାଇ
ସମୁଦ୍ରକୁ ଲମ୍ଫ ଦେଇ.
ତା' ପରି କେ ବୀର ନାହିଁ.
ହେ ! ମୋର ପ୍ରିୟ କୋଣାର୍କ, ତୁମ ପାଇଁ.

ପଥର ହୋଇବି ଜୀବନ୍ତ ପରି
ତୋର ଦେହ ଦିଶେ ଚକ ଚକ
ରଥ ନୁହଁ କିନ୍ତୁ ରଥ ପରି ଦିଶ
ସାତ ଘୋଡା ଥିବ ଆଗ.
ହେ ! ମୋର ପ୍ରିୟ କୋଣାର୍କ

ହାତରେ ପିଟିଣ ମୁଗୁନି ପଥର
ଆଙ୍କିଛି କେତେ ଯେ ମୂରତି.
କେତେ ଦେବା ଦେବୀ, କେତେ ପଶୁ ପକ୍ଷୀ
ଯତନେ ଦେଇଛି ଆଙ୍କି.
ହେ ! ମୋର ପ୍ରିୟ କୋଣାର୍କ ,
ତୁମ ରୂପ ମନଲେଖି.

ବାର ଶହ ଜନ ମନ ଦେଇଥିଲେ
ତୋହରି ଶରୀର ପାଇଁ.
ସୂର୍ଯ୍ୟ ପୁର ଛାଡି ସୁରୁଜ ଦେବତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଲେ ତୋ ଠାରେ ଯାଇ.

ହେ ! ମୋର ପ୍ରିୟ କୋଣାର୍କ

ତୁମ ପରି କେହି ନାହିଁ.

ଧନ୍ୟ ସେଇ ବୀର ଯୁଗ ଯୁଗକୁ ଅମର

କାରିଗର କୂଳେ ଜାତ.

ଧରମା ନାମରେ ତା'ର ଖ୍ୟାତି ଆଜି

ସାରା ବିଶ୍ୱରେ ଲୋକ ଚର୍ଚ୍ଚିତ.

ହେ ! ମୋର ପ୍ରିୟ କୋଣାର୍କ .

ଗ୍ରାମ :-କୁଣ୍ଡଳା

ଜିଲ୍ଲା :-ଭଦ୍ରକ

ପିନ ନଂ : ୭୫୬୭୫

ଫୋନ ନଂ : ୭୩୭୧୪୭୯୨୨୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଖୋଜୁଛି ତତେ



ତପନ କୁମାର ସାହୁ

ମୁଁ ଖୋଜୁଛି ତତେ... !
ମହ ମହ ମହକୁ ଥିବା ସେ
ମହୁଲ ଫୁଲର ବାସ୍ନାରେ
ଚହ ଚହ ଚହ ଟୁ ଥିବା
ନଈଁ ତୋଠ ର
ହଳଦୀ ମଖା ଘାଟରେ
ସାତରଙ୍ଗେ ଭିଜା
ଫଗୁଣର ସେ
ରଙ୍ଗୀନ୍ ସନ୍ଧ୍ୟାରେ
ମୁଁ ଖୋଜୁଛି ତତେ... !
ରଙ୍ଗ ବେରଙ୍ଗ ରେ ସଯା
ଫୁଲ ସବାରୀରେ
ଲମ୍ବା ଓଢଣୀ ତଳେ
ବୋହୂ ବେଶରେ
ମୁଁ ଖୋଜୁଛି ତତେ... !
ଥିରି ଥିରି ମନଖୋଲି
ନାଚୁ ଥିବା ଢେଉରେ
ବେଳାଭୂମି ର ଚିକ୍ ଚିକ୍
ଚୋରା ବାଲିରେ
ସ୍ମୃତି ଡାଏରୀ ର ସେ ଅଧା
ଲେଖା ଫର୍ଦ୍ଦ ରେ
ମୁଁ ଖୋଜୁଛି ତତେ... !
ଜହ୍ନ ରାତିର ହାଲ୍କା ହାଲ୍କା
ଆଲୁଅରେ
ସୋରିଷ ଫୁଲର
ହଳଦୀ ରଙ୍ଗରେ
ଭିଜା ଭିଜା ଓଠର
ନିରବତା ରେ... !
ତୁ ଆ ଥରେ.... !
କରିଯା ମୋ ଖୋଜାର ଅନ୍ତ
କରିଦେ ହୃଦୟକୁ ଶାନ୍ତ
ଦୂର କରିଦେ ଜୀବନର ଏକାନ୍ତ...... !

ବେଲଗାଁ, ମ. ରାମପୁର
କଳାହାଣ୍ଡି, ୯୦୧୯୩୧୧୮୬୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଧୁ କାଶତଣ୍ଡୀ



ମହମ୍ମଦ ହନିଫ୍ ସାହା

ଫଗୁଣ  ଠିକଣା ହଜେଇ ବୁଲୁଛି କେଉଁ ରାଇଜରେ
କୋଇଲି
ଆଉ ଆମ୍ବତୋଟାରେ ଦେଖା ଯାଉନି
ଚଗଲି ବରଷା ରାଣୀ ବିଦାୟ ନେଇଛି,
ତଥାପି  ଶୁଭୁଛି ଖୁସି ଗଜଲ ସ୍ୱର
ନଦୀ ପଠା,
ରାସ୍ତା ପାଖ ,
ବିଲ ହିଡ଼ ରେ ଗାଉଛି କାଶତଣ୍ଡୀ ... ! !

ସେ
ବଧୁ ବେଶରେ ସଜେଇ ହୋଇ
ଶରତ  ସବାରି ରେ
ପାର୍ବଣର ମହକ ଦେହେ ନେସି  ହୋଇ ଆସିଛି ଧରାକୁ . ! !

ତା'ର ହାତେ ଲମ୍ବା
ଧୋବ ଫର ଫର  ଓଢଣୀ ଟି
କୋମଳ ପବନ ପରସରେ ବାରମ୍ବାର  ଖସି ଯାଉ ଥାଏ  ତ
ପୁଣି ଚିକ୍ ମିକ୍ କରିଥାଏ  ତେଜ କିରଣ ଛୁଆଁ ରେ ... ! !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଭୋର ହୁଏ

ଆଶ୍ୱସ୍ତ ପାଏ

ନିମିଷକେ ବି ଲାଘବ ହୁଏ

ଥକ୍କା ପଣ

ପାଦଚଲା ପଥିକ ର .. ! !

ବିଚରା ପଥିକ

ତା'ର

ଚଳ ଚଞ୍ଚଳ  ପାଦ ଦୁଇଟି ଅଚଳ ହୁଏ

ମନୋରମା ଦୃଶ୍ୟ କୁ

ତା'ର

ଯୁଗଳ ପଲକରେ ସାଇତି ବା ପରେ ... ! !

ମନଫିକା ଫିକା  ହେବ ପାର୍ବଣ ସରିଗଲେ

କାଶତଣ୍ଡୀ ବି ଝାଉଁଳା ବଦନରେ ବିଦାୟ ନେବ

ଖାଲି ମେଞ୍ଚା ମେଞ୍ଚା  ସ୍ମୃତି ହିଁ ରହିଯିବ ସ୍ମୃତି ହିଁ ରହିଯିବ . ! !

ନୂଆଗାଁ, ଧାମନଗର, ଭଦ୍ରକ

ମୋ: ୯୭୭୬୯୦୮୨୪, ୮୦୯୩୪୦୬୭୯୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅବୁଝା ମନ



ସମ୍ୟଜିତ ପାତ୍ର

ଅବୁଝା ମନକୁ କେବେ ବୁଝେଇ ହୁଏନା
ଭାସିଯାଏ ବହୁ ଦୂର,
ବଡ଼ ବଡ଼ ମହାରଥୀ ସବୁ ବାଇଆ ହେଲେଣି
ଏ ମନକୁ କରିବାକୁ ସ୍ଥିର ।

ଅବୁଝା ମନ ସାଧା କାଗଜରେ
କେବେ ଯେ ରଙ୍ଗର ଛୁଆଁ
ଅବୁଝା ମନ କେବେ ଓଦା ଆଖି ତଳେ
ଭବିଷ୍ୟର ଅନ୍ୟ ନାଆଁ ।

ଅବୁଝା ମନ ଦୂର ତାଳ ବନ
ସୀମା ପାରେ ଡେଇଁ ,
ଅବୁଝା ମନ କେବେ କୁଳୁ କୁଳୁ ନଈ
ବେଦନାର ବନ୍ୟା ଦିଏ ଭସାଇ ।

ଜୀବନର ପ୍ରତି କ୍ଷଣେ
ତୁମକୁ ଖୋଜୁଛି ଅବୁଝା ମନ
ତୁମେ କିବା ସାଥୀ ଭୁଲିଯାଇଅଛ
ଆମ ସେ ହଜିଲା ଦିନ ।।

ଏ ଅବୁଝା ମନକୁ ବୁଝାଇ ଦେଇଛି
ନ ଅପେକ୍ଷା କରିବାକୁ ତୁମର ବାଟ,
ପୁଣି ଭାବ ନ ଫେରିଲେ ତୁମେ
ଲାଗିବଟି ଭାରି କଷ୍ଟ ।।

ଗ୍ରାମ-ଗଡିଆ, ଜିଲ୍ଲା-ମୟୂରଭଂଜ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆତଙ୍କନାଶିନୀ ମା



ସରୋଜିନୀ ମିଶ୍ର

ଦୁର୍ଗେ ଦୁର୍ଗତିନାଶିନୀ
ଅଭୟ ଦାୟିନୀ ମା
ଅବତରି ଆସି
ଧରିତ୍ରୀ ମାତାକୁ
କରୋନା ମୁକ୍ତ କର ମା ◌ା

ଯୁଗେ ଯୁଗେ ମାଗୋ
ଅବତାର ନିଅ
ଦାନବ ବିନାଶ ପାଇଁ
କରୋନା ଦାନବ
ଆତଙ୍କ ଖେଳାଏ
ତୁମେ ଅଛ ମାତା କାହିଁ
ଅବତରି ଆସି
ଏ ଧରା ଧାମକୁ
କରୋନା ମୁକ୍ତ କର ମା ◌ା

ସାରା ବିଶ୍ୱ ଆଜି
ଭୟେ ଆତଙ୍କିତ
ବଢେ କରୋନା ପ୍ରକୋପ
ତୁମରି ସନ୍ତାନେ
କର ମାତ ରକ୍ଷା
କରୋନାକୁ କରି ଲୋପ
ଅବତରି ଆସି
ଏ ଧରା ଧାମକୁ
କରୋନା ମୁକ୍ତ କର ମା ◌ା

ଆଲୋକ ନଗର, ଆମ୍ବପୁଆ
ବ୍ରହ୍ମପୁର, ଗଂଜାମ, ଓଡ଼ିଶା
ଭ୍ରାମ୍ୟଭାଷ - 9938465207

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅତୀତ ଆଉ କର୍ମ



ଅଲେଖ ମେହେର

ଅତୀତ ମୋହର ଅଶୃ ଅସରା
ଭବିଷ୍ୟତ ସବୁ ସ୍ୱପ୍ନ ପସରା
ବର୍ତ୍ତମାନ କର୍ମମୟ,
ଦୁଃଖର ସ୍ମୃତି ଚେତାଏ ନିତି
ଅମାଅନ୍ଧକାର କିବା ଜହ୍ନ ରାତି
ତୁଟାଇ ପରାଭୟ ।
ଶିକ୍ଷାଦାନ କଲା ଜୀବନେ ଆସି
ନିନ୍ଦା ଅପମାନ ଅଶୃରେ ମିଶି
ଉଦ୍ଭାସିତ ହୁଏ ଆଜି,
ପ୍ରୟୋଗଶାଳାରେ କରିଲେ ନିକ୍ଷେପ
ହେବନାହିଁ ବୀରର ମନସ୍ତାପ
ବଚରେ ଗଲେଟି ରାଜି ।

ମଧୁବାରତା ମୋ ମଧୁ ଯାମିନୀ
ହସିକୁହେ କଥା ତୁନିତୁନି
ମୋଦରେ ହିଆ ଫୁଲେଇ,
ଆଗକୁ ରାସ୍ତାର ଉଠାଣୀ ଗଡାଣୀ
ମିଛ ପ୍ରତିଶ୍ରୁତି ସ୍ୱାର୍ଥର କାହାଣୀ
ପଥ ହେବନି ଭୁଲେଇ ।
ହାତ ପାହାନ୍ତରେ ଆକାଶର ଶଶୀ
ସ୍ୱେଦରୁ ମୁକୁତା ପଡିବ ଖସି
କର୍ମ ଉତ୍ତମ ମଇତ୍ର,
ତାରେ କିପାଇଁ ହେବା ବିଚ୍ୟୁତ
ଯହିଁରେ ଗଢା ମାନ ମହତ
କରିଯାଅ ଅହୋ ରାତ୍ର ।

ସୋହେଲା ବରଗଡ
ମୋ-୬୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରୀତିପତ୍ର



ଦୁର୍ବାଦଳ କରାଳି

ପ୍ରିୟାକୁ ଲେଖୁଛି ଚିଠି ହୃଦୟ ତୂଳୀରେ
ସେ ତୂଳୀରେ ରଙ୍ଗନାହିଁ ଭରା ଅଶୃନୀରେ

ବାଜେନା ହୃଦୟ ବୀଣା ଶୁଭେନା ତା ସ୍ୱର
ଢାଙ୍କିଛି ଅଶୃମହ୍ଲାର ଦିଶେନା ଅକ୍ଷର

ସେ ଚିଠି ର ପରିଭାଷା ବୁଝେନା ଏ ମନ
ଯା ପାଖରେ ଭାଷାକୋଷ ଚିହ୍ନେ ତା ନୟନ

ବ୍ୟଥିତା ସେ ଅଭିମାନି ଶ୍ରୀମୁଖ ମଳିନ
ମନ କମଳରେ ଶୁଭେ ଭ୍ରମରର ତାନ

ସେ ତାନରେ ଭୂଲୁଣ୍ଠିତ ପ୍ରିତିର ଫଗୁଣ
ଅଧୁରା ସ୍ୱର ସଙ୍ଗୀତ କୋଇଳି ନିଃସ୍ୱନ ।

ଊଣା ହୋଇଅଛି ମନ ଫୁଲର ମହକ
ହଜାଇ ଦେଇଛି ତାର ହସର ସିନ୍ଧୁକ ।

ଫିକା ପଡିଅଛି ନାଳୀ ଅଳତା ପାଦର
ଅଶୃଜଳେ ନିଷ୍କାସିତ ଆଖିର କଜ୍ଜ୍ୱଳ ।

ରହି ମୁଁ ଦୂର ଦେଶରେ କରିଅଛି ଊଣା
ନିଃସଙ୍ଗ ମୋ ପ୍ରିୟତମା ବିରହି ଲଳନା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାହିଁ ମୋ ବୀହଙ୍ଗ ପକ୍ଷ  ନ ପାରିବି ଉଡି
ପହଞ୍ଚାଇ ଦବ ମୋର  ପ୍ରୀତିର ଶଗଡି ।

ଦେଖିବ ପ୍ରେମ ଶଗଡି ସେ ନୀଳନୟନା
ଭୁଲିଯିବ ନିକାଂଚନ ଜୀବନ ଯାତନା ।

ସେ ଶଗଡି ଭରା ହେବ  ପ୍ରେମ ଉପବନେ
ଚହଟିବ ପୁଷ୍ପମଧୁ  ଭ୍ରମର ଗୁଞ୍ଜନେ ।

ବସିବ ମୋ ପାଶେ ଆସି ବଖାଣିବ ଦୁଃଖ
ମୋ ହୃଦୟ ଯାତନାର ପ୍ରତି-ଅନୁରୂପ ।

ଜୁଇ, ଜାଇ, ହେନା, ମଲ୍ଲୀ, ମାଳତୀ, ଟଗର,
ଗୋଲାପ, ରଜନୀଗନ୍ଧା, ଚମ୍ପା, ଗୁଲ୍ମୋହର ।

ମୋ ଲେଖା ଚିଠିକୁ ତାର ଛାତି ତଳେ ଥୋଇ
ଲୋତକ ଧାରେ ଧୋଇବ ଶ୍ରାବଣୀ ବିରହୀ ।

କୃଷ୍ଣଚୂଡା, ସୂର୍ଯ୍ୟମୁଖୀ, ପଦ୍ମ, ପାରିଜାତ
ସାନ୍ନିଧ୍ୟ ଲଭିବା ପାଇଁ ସର୍ବେ ଉଲ୍ଲସିତ ।

ଗାଇବ ସୂର ସଙ୍ଗୀତ ଅଶୃ ଅସରାରେ
ଫୁଟିବ ପ୍ରିତି କମଳ ହୃଦ ସରୋବରେ ।

ପୁଷ୍ପମୟ ଶଗଡିର ମୁଁ ହେବି ସାରଥୀ
ସାଉଁଟିବି ଅନାବିଳ ପ୍ରେମର ସ୍ୱୀକୃତି ।

ଅବସରପ୍ରାପ୍ତ ମଣ୍ଡଳ ପ୍ରବନ୍ଧକ
ଭାରତୀୟ ଜୀବନ ବୀମା ନିଗମ
ଝରଣା ନିବାସ, ବାବୁଆ ବଗିଚା
କଙ୍କ କଲୋନି, ଝାରସୁଗୁଡା
ଓଡିଶା । ମୋ: ୯୪୩୮୧୪୦୩୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଆମ ନୂଆଖାଇ



ରାଧାମୋହନ ପୂଜାହାରୀ

ନୂଆ ଧାନେ ନୂଆଖାଇ ଆମ ଏଇ
ପରଂପରାଗତ ପରବ,
ଆମର ସଂସ୍କୃତି ଆମ ଐତିହ୍ୟ ଏ
ପଶ୍ଚିମାଞ୍ଚଳର ଗରବ ।(୧)

ଚଷା ପୁଅ ପାଳେ ଏହି ପରବକୁ
ଧାନ ଅମଳର ଖୁସିରେ,
ବିଜୁବାବୁ ଏହି ଦିନକୁ ଘୋଷିଲେ
ଆମ ସରକାରୀ ଛୁଟିରେ ।(୨)

ପାଳିତ ହୁଅଇ ଭାଦ୍ରବ ମାସର
ଶୁକ୍ଳ ପଞ୍ଚମୀ ତିଥିରେ,
ଘରେ ହସଖୁସି ଆନନ୍ଦ ଉଲ୍ଲାସେ
ଦିନ ଯାଏ ସୁଖେ ବିତିରେ ।(୩)

ବରଷା ଋତୁର ଶେଷେ ଶରତରେ
ଧରା ପୃଷ୍ଠେ ଆଗମନ,
ଏହି ସମୟରେ ଚଷା ଭାଇ ଆମ
କରେ ଚାଷ ବେଉଷଣ ।(୪)

ଇଷ୍ଟଦେବୀ ଆମ ପୂଜା ପାଇଥାଏ
ଆଜି ଏ ଶୁଭ ଲଗନେ,
ଭକ୍ତ ନୂଆ ଧାନ ସମର୍ପଣ କରେ
ଭକତି ଭାବ ମଗନେ ।(୫)

ଆରାଧ୍ୟଙ୍କ ପାଖେ ନୂଆ ଧାନୁ ଚୂଡ଼ା,
ଭାତ, କ୍ଷୀରି ହୁଏ ଅର୍ପଣ,
ଷାଠିଆ ଧାନରୁ ପ୍ରସ୍ତୁତ ଅନ୍ନ କୁ
ରାନ୍ଧି କରାଯାଏ ଭକ୍ଷଣ ।(୬)

ଏହି ଗୋଟେ ଦିନ ମଦକୁ ତ୍ୟାଗଇ
ମଦ୍ୟପ ନ ଯାଏ ଭାଟିକୁ,
ଦେଶ ବିଦେଶରୁ ଭାଇ ବନ୍ଧୁ ସର୍ବେ
ଲେଉଟନ୍ତି ଭିଟାମାଟି କୁ ।(୭)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାନମାନେ ସର୍ବେ ମୁଣ୍ଡିଆ ମାରନ୍ତି
ଗୁରୁଜନ ପାଦ ଛୁଇଁ,
ନିଆରା ସଂସ୍କୃତି ପରମ୍ପରା ଦେଖି
ଧନ୍ୟ ହୁଏ ଜନ୍ମ ଭୂଇଁ । (୮)

ଘରର ବରିଷ୍ଠ ସମସ୍ତ ସଦସ୍ୟ
ସାନଙ୍କୁ ଆଶିଷ ଦିଅନ୍ତି,
ଆଶୀର୍ବାଦ ଦେଇ କନିଷ୍ଠ ଙ୍କ ଦୁଃଖ
ନିଜ ଶିରପରେ ନିଅନ୍ତି । (୯)

ଘରର ମୂରବୀ ବଢ଼ାଇ ଦିଅନ୍ତି
ନିଜ ହାତେ ନବାନ୍ନ କୁ,
ଖାଇ ସଭିଙ୍କର ଆତ୍ମା ହୁଏ ତୃପ୍ତ
ସେ ସ୍ୱାଦିଷ୍ଟ ଅନ୍ନ କୁ । (୧୦)

ଭୋଜିଭାତ ସାରି ଆରମ୍ଭ କରନ୍ତି
ଭେଟଘାଟ ର ସେ ପରବ,
ରାଗ ରୁଷା ଭୁଲି ଆଦରି ନିଅନ୍ତି
ନ ଥାଏ ଟି ମନେ ଗରବ । (୧୧)

ସ୍ନେହ, ଶ୍ରଦ୍ଧା, ଶାନ୍ତି, ମୈତ୍ରୀ ର ଉଚ୍ଛ୍ୱାସେ
ପୁଲକିତ ହୁଏ ମନ,
ଭାଇଚାରାର ଏ ସଂସ୍କୃତି ଆମର
ଅପୂର୍ବ ଏ ଭାବ ବନ୍ଧନ । (୧୨)

ଓଡ଼ିଶାର ମୁଖ୍ୟ ପର୍ବପର୍ବାଣୀରେ
ନୂଆଖାଇ ଆମ ଗଣା,
ଓଡ଼ିଶାରେ ଆମ ଏଇ ନୂଆଖାଇ
'ନବାନ୍ନ' ଭାବରେ ଜଣା । (୧୩)

ଉଲୁଣ୍ଡା, ସୁବର୍ଣ୍ଣପୁର, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଣମଲ୍ଲୀ



ରତିକାନ୍ତ ଦାସ

କ୍ଷଣିକ ଜୀବନ ତୋର
ଦେଲା କିମ୍ବା ଈଶ୍ୱର,
ରସ ରୂପେ ବାସ ତୋର
ଭରିଦେଲା ଅନ୍ତର ।

ନିଶା ଆଗମନେ ହସି
ଖେଳୁ ବୃକ୍ଷ ଡାଳରେ,
ଦିବାକର ଦରଶନେ
ଲୋଟିଯାଉ ଭୂମିରେ ।

ମନ୍ଦ ମାରୁତରେ ଭରି
ମଧୁର ମହକ ,
ବିଷାଦିତ ପ୍ରାଣେ ଭରି
ଦେଉଛୁ ପୁଲକ ।

ଭକତର ପ୍ରିୟ ତୁହି
ଦେବ ଗଳାହାର,
ପ୍ରିୟା ପାଇଁ ପ୍ରେମିକାର
ଶ୍ରେଷ୍ଠ ଉପହାର ।

ସକଳର ପ୍ରିୟ ତୁହି
ଆରେ ବଣମଲ୍ଲୀ,
ତୋର ପ୍ରିୟ କିଏ ଦିନେ
ନ କହିଲୁ ଖୋଲି ।

ଦେବାଳୟ ଦେବ ଶୀରେ
ପାଉ ତୁହି ଶୋଭା,
ଶଶ୍ମାନର ଶବ ଧାରେ
ହେଉ ପୁଣି ଉଭା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅହଂକାର ଭୁଲିଅଛୁ
ଶୁଣିଛୁ ଓଁକାର ,
ସଭିଏଁ ଆପଣା ତୋର
ଯେହ୍ନେ ରବି କର ।

ଦେବ ଦାନବ ମାନବେ
ବିତରିଛୁ ସେବା
ସକଳର ପ୍ରିୟପାତ୍ର
ତୁହି ମନଲୋଭା ।

ଏଡେ ଭାଗ୍ୟ କାହୁଁ ମୋର
ତୋପରିକି ହୋଇବି,
ସେବା ବସେ ରୁପ ରସେ ।

ଶିକ୍ଷକ, ମା"କୁଞ୍ଜକାଳୀକା
ଉଚ୍ଚବିଦ୍ୟାଳୟ ବଡହଳପଡା
ଫୋନ-୬୩୭୦୦୭୯୬୫୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଣିଷ ଓ କରୋନା



ଅଶୋକ କୁମାର ପଧାନ

କରୋନା ଭାଇ ହେ କରୋନା ଭାଇ
ଏତେ ବେଗରେ ଯେ ମାଡୁଛ କାଇଁ ।
ମାନୁନାହ ତମେ ବେଳଅବେଳ
ମଣିଷ ପାଇଁ ଆଜି ହୋଇଲ କାଳ ।
କେତେକାଳ ଆଉ ରହିବ ଭାଇ
ଯାଅ ଆଉ ଏଠି ରହଟି ନାଇଁ ।
ଶୁଣି ମୁରୁକି ହସେ କରୋନା ଭାଇ
ଦେଖି ବସିଲି ଯେ ମୁହଁ ଫୁଲାଇ ।
କହିଲା ହଇରେ ମୂର୍ଖ ମଣିଷ
ଏଇ ଶତାବ୍ଦୀରେ କରିବି ଶେଷ ।
ପ୍ରକୃତି ସାଙ୍ଗରେ ଖେଳିଲୁ ତୁହି
ରାଗରେ ଜଳୁଛି ତୋ'ପାଇଁ ବିହି ।
ମରାମରି ହବ ନିଜକୁ ନିଜେ
ଶରୀରରୁ ଶରୀର ହୋଇବି ବିଜେ ।
ତମରି ତ୍ରୁଟିରୁ ବ୍ୟାପୁଛି ମୁହିଁ
ଆହୁରି ମାଡିବି ଥମିବି ନାହିଁ ।
ସଭିଙ୍କ ସାହସକୁ ଦେବି ବୁଡାଇ
ଈଶ୍ୱର ବି ରକ୍ଷା କରିବେ ନାହିଁ ।
ନିଜେ ସତର୍କ ଯଦି ହବରେ ନାଇଁ
କୁଳକୁ ତୁମ ବୁଡାଇବି ମୁହିଁ ।
ତୋରି ହାତରେ ଜୀବନ ତୋର
ନ'ସାଇତିଲେ ହବଟି ମୋର ।
ମୋରି କଥାକୁ ଯଦି ମଣିବୁ ଥଟ୍ଟା
ମଣିଷ ଜାତିର ଭାଙ୍ଗିବ ଅଣ୍ଟା ।
ଜ୍ଞାନ ଜଗାଇଲ କରୋନା ଭାଇ
ତୁମ କଥା ମାନି ଚଳିବି ମୁହିଁ ।
କରିବାନାହିଁ ଆଉ ତ୍ରୁଟି ପୁରୁବ
ଆଣିବା ଫେରାଇ ପୁଣି ଗୌରବ ।
ସତର୍କ ହେବା ଆଉ କରାଇବା
ନହେଲେ ଆମରି ଜୀବନ ଦେବା ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ କଲ୍ୟାଣସିଂହପୁର,
ରାୟଗଡା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କରୋନା ସ୍ତୁତି



ଭୀଷ୍ମରାଜ ମେହେର

ଜୟ ଜୟ କରୋନା ଗୋ ତୋ ମହିମା ଅପାର
କେ ବରନି ପାରିବ ମାଗୋ ଏ ମଣିଷ ଛାର ।
କ୍ଷଣକରେ ଗରବ୍ ଦମ୍ଭଭାଙ୍ଗିଦେଉଛୁ ସଭିଙ୍କର
ଦେଖୁ ଦେଖୁ ବ୍ୟାପି ଗଲୁ ଏ ସାରା ସଂସାର ।
ଯେତେ ଚାହିଁଲେ ବି ରୋକି ନ ପାରିଲେ ମାତ
ସରବେ ମୁଣ୍ଡ ନୁଆଁଇ ହେଲେ ମଥାନତ ।
ଧରଣୀ ମାଁ କୁ ଲୋକେ କଲେ ଯେ ଅଶାନ୍ତ
ବିସ୍ତାରିଲୁ କାୟା ଏବେ ଦଣ୍ଡ ଭୋଗୁଛୁ ତ ।
ଦିନରାତି ଏକ କରି ତୋତେ ଚିନ୍ତି ଚିନ୍ତି
ଶାନ୍ତ କରାବାକୁ ଯାଇ ଟେର ନ ପାରନ୍ତି ।
ଗରମ ଖିଆ ପିଆ ସଦା ଯେ ବେଳେ ଯେ କରନ୍ତି
ବଶ କରାବାକୁ ତୋତେ ଘରେ ଲୁଚି ଥାନ୍ତି ।
ସାବୁନରେ ହାତ ଧୋଇ ସଦା ମାକ୍ସ ପିନ୍ଧି
ଦୂରତା ବଜାଇ ହୋଇଥାନ୍ତି ଗୃହେବନ୍ଦୀ ।
ସଫା ସୁତୁରା ସଦା ଲୁଗା ପଟା ଗଳିକନ୍ଦି
ସାନିଟାଇଜରେ ହାତକୁ ଦେଇଥାନ୍ତି ଛନ୍ଦି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନୀତି ଯୋଗ ,ପ୍ରାଣୟାମ ବିଧିର ଯେ ଶିକ୍ଷା

ନେଇ ଯିବା ହିଉମିନିଟି ବଢାଇବାର ଦିକ୍ଷା ।

ଏ ସବୁକୁ ଆପଣେଇଲେ ପାଇ ଯିବା ରକ୍ଷା

ନିଶ୍ଚିତ ମିଳିବ କରୋନା ଯୋଦ୍ଧା ଆଖ୍ୟା ।

ଜାଗୃତି ମଣ୍ଡଳୀ, ଗଣ୍ଡାବାହାଲି

ଜିଲ୍ଲା-ନୂଆପଡା ମୋ-୯୯୩୮୫୯୮୭୫୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଜନ ବେଳାର ସାଥୀ



ଆଶୁତୋଷ ମେହେର

ବିଜନ ବେଳାରେ ନିଝାଟିଆ ଭାବ
ହୃଦୟେ ଆଶଙ୍କା ବୋଳେ
ଆଶାର ଝଲକ ଭରେ ତେବେ ଯେବେ
ଆଜଣା ସାଥୀଟେ ମିଳେ ।
ଆଜଣା ରାହାରେ ଅଜଣା ସାଥୀ ସେ
ରହେନା ଅଜଣା ହୋଇ
ବାଟ ଚାଲିବାକୁ ସାହାରା ଯେ ମିଳେ
ମନୁଁ ଅବସାଦ ଧୋଇ ।
ଭାଷା ଅମେଳରେ ମନଭାବ କହେ
ଗୋଟି ଗୋଟି କଥା ଖୋଲି
ରାହା ପାରିହେବା ପରମାଦ ଟଳେ
ହୃଦୟେ ସାହାରା ବୋଳି ।
ବାଟ ଏଇମିତି ସାଥୀ ଖୋଜି ଦିଏ
ଜୀବନ ର ଅନୁଭବେ
ସାଥୀ ଛାଡେ ହାତ ସେଇ ଦିନ ଏକା
ଜୀବନ ସୁରୁଯ ବୁଡେ ।

୫୪ ଆର୍ଯ୍ୟପଲ୍ଲୀ
କିଟଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଞ୍ଚିବାର ରାହା



ମନୋରଞ୍ଜନ
ସୁରୁଜାଳ

ଜନମ ମରଣ ଆରମ୍ଭରୁ ଶେଷ
ମଝିରେ ଜୀବନ ଖେଳ,
ବଞ୍ଚିବାର ରାହା କେ କରିବ ଆହା
ଦୁଃଖ ସାଥେ ନିତି ଗେଲ ।
ସୁଖଟି କୁହୁଡି ଆସେ ଘଡେ ମାଡି
ଜୀବନ ପାଣି ଫୋଟକା,
କେବେ ଫାଟିଯିବ କାହାକୁ ବା ଜଣା
ସରିବ ଦିନେ ନାଟିକା ।
ସତ୍ଯ ନ୍ଯାୟ ପଥେ ଗତିଶୀଳ ହୁଅ
ଲକ୍ଷ୍ଯ ରେ ସାଧି ଧରମ,
ନବାରେ କୃତାନ୍ତ ବାଳ ବୃଦ୍ଧ ଯୁବା
କେବୁଝେ ତା'ର ମରମ ।
ଗର୍ବ ଅହଂକାର ନ ରହିବ ତିଳେ
ପ୍ରକୃତି କାଟିଲେ ଚିତା,
ସୁଖଦୁଃଖ ସବୁ ସହଯାତ ବୋଲି
ଭୁଞ୍ଜିବା ପତାଇ ମଥା ।

ଅସୀମ ଧୈର୍ଯ୍ୟ କୁ ସାଉଁଟି ଧରିବା
ପ୍ରଭୁ ହିଁ ମଙ୍ଗଳ ମୟ,
ମାତା ରୂପେ ସେ ହିଁ ସନ୍ତାନ ବତ୍ସଳା
ପିତା ରୂପଟି ଅଭୟ ।
ଦୋଷ ଦୁର୍ଗୁଣ କୁ ଝାଡି ଦେଇ ସିଏ
କରିବେ ପୂତ ପବିତ୍ର,
ମନ୍ଦାକିନୀ ଧାରା ଛୁଟାଇ ମରତେ
ହୋଇବା ପରମ ମିତ୍ର ।
ପ୍ରକୃତି ପୁରୁଷ ବେନି ଭାଗ ହୋଇ
ଚଳାନ୍ତି ଜୀବନ ରଥ,
କୁସୁମିତ ହେବ ବଞ୍ଚିବା ର ରାହା
ନେଇ ଯିବେ ସେହି ପଥ ।

ଅଇଁଲାପାଲି ଧମା ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନବରାତ୍ରୀ ଓ ନବମାତା ପୂଜନ



ସତ୍ୟପ୍ରକାଶ ସେଠୀ

ଦୁର୍ଗତିନାଶିନୀ ଜଗତଜନନୀ
ବିଶ୍ୱେଶ୍ୱରୀ ପରା ମାଆ
ଯେବେ କଳିକାଳ ଘୋର ଉପସ୍ଥିତ
ବିପଦୁ ଉଦ୍ଧାରୁ ଥାଆ । ।୧

ନବମୀ ପୂଜାରେ ନବ ମାତା ପୂଜା
କରେ ଶକ୍ତି ଆରାଧନା
ଗୋଟି ଗୋଟି କରି ସେ କଥା ସମୂହ
କରେ ଏଠି ଆଲୋଚନା । ।୨

ଦକ୍ଷ ପ୍ରଜାପତି ନନ୍ଦିନୀ ତୁହିଲୋ
ଶିବଙ୍କ ଘରଣୀ ସତୀ
ସ୍ୱାମୀ ଅପମାନ ପାରିଲୁନି ସହି
ଯଜ୍ଞେ ଦେଲୁ ମୁଣ୍ଡ ପାତି । । ୩

ଯେଣୁ ଶୈଳରାଜ ହିମାଳୟଠାରୁ
ଜନମିଲୁ ତୁହି ମାତ
'ଶୈଳପୁତ୍ରୀ'ନାମ ବହି ତୁ ସଂସାରେ
ହେଲୁ ପୁନଃ ଆତଯାତ । ।୪

ବାହାନ ଯାହର ନନ୍ଦୀ ପରା ଅଟେ
ତ୍ରିଶୂଳଟି ଅସ୍ତ୍ର ଜାଣ
ବାମ କରେ ତୋର କମଳ ପୁଷ୍ପଟି
ହସ୍ତ ଦୁଇ ଗୋଟି ଟାଣ । । ୫

ଦ୍ୱିତୀୟେ କଲୁ ଯେ ଘୋର ସେ ତପସ୍ୟା
ଶିବଙ୍କୁ ପାଇବା ପାଇଁ
ତପସ୍ୟାଚାରିଣୀ ବ୍ରତ ତୁ ପାଳିଲୁ
'ବ୍ରହ୍ମଚାରିଣୀ' ଯେ ହୋଇ । । ୬

ବିନା ସବାରରେ ଭ୍ରମଣ ତୁ କରୁ
ହସ୍ତ ଦୁଇ ଗୋଟି ବଳୀ
ବାମ କରେ ଥାଏ କମଣ୍ଡଳୁ ତୋର
ଡାହାଣେ ଯେ ଜପାମାଳି । । ୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୃତୀୟେ ଶିବଙ୍କୁ କଲାଠୁଁ ବିବାହ
ଶିର ଅର୍ଦ୍ଧଚନ୍ଦ୍ର ହେଲା
ଘଣ୍ଟା ପରି ଯାହା ପ୍ରତୀକିତ ହୁଏ
ତେଣୁ 'ଚନ୍ଦ୍ରଘଣ୍ଟା' ଭଲା । ।୮
ବ୍ୟାଘ୍ରାରୋହିଣୀ ଲୋ ତୁହି ଦଶଭୂଜା
ଏହି ରୂପେ ପରିଚିତା
ଜପାମାଳି ତଥା କମଣ୍ଡଳୁ ସଙ୍ଗେ
ଅନ୍ୟ ଅସ୍ତ୍ରେ ସୁସଜ୍ଜିତା । । ୯
ଚତୁର୍ଥରେ ତୋତେ କହେ କୁଷ୍ମାଣ୍ଡା
ଯେଣୁ ସୃଷ୍ଟି କଲ ଉର୍ଜା
କୁ ଉଷୁମ ଅଣ୍ଡା ଯାହାର ଅର୍ଥଟି
ଛୋଟ ଅଣ୍ଡାକୃତି ଉର୍ଜା । । ୧୦
ପୃଥିବୀର କଲୁ ପରିକଳ୍ପନାଟି
ଅଣ୍ଡାକୃତି ଏହି ପରି
ତହିଁ କରୁ ଉର୍ଜା ପ୍ରତିରୋପଣଟି
ଅସ୍ତ୍ର ଅଷ୍ଟ ଭୂଜେ ଧରି । । ୧୧
ଦେବାସୁର ଯୁଦ୍ଧେ ନେତୃତ୍ୱ ସକାଶେ
ଦେଲୁ ଜନ୍ମ ସ୍କନ୍ଦ ଯେଣୁ
ସ୍କନ୍ଦ ବା କାର୍ତ୍ତିକ ମାତା ହେବା ଯୋଗୁଁ
'ସ୍କନ୍ଦମାତା' ରୂପେ ଯାଣୁ । । ୧୨
ସିଂହ ବାହାନଟି ଚତୃଭୂଜା ମାତା
କ୍ରୋଡ଼େ ଥା'ନ୍ତି କାର୍ତ୍ତିକେୟ
ଦୁଇ ହସ୍ତେ ପଦ୍ମ ଧାରଣ କରୁ ତୁ
ଆନ ଆଶୀର୍ବାଦଯୁକ୍ତ । । ୧୩
କାତ୍ୟାୟନ ଋଷି ତପସ୍ୟା କଲାଠୁଁ
କନ୍ୟା ରୂପେ ନେଲୁ ଜନ୍ମ
ତେଣୁ 'କାତ୍ୟାୟନୀ' ରୂପେ ଯେ ବନ୍ଦିତା
ଏହି ତ ଜନ୍ମ ବୃତ୍ତାନ୍ତ । । ୧୪
ଅନ୍ୟ ସିଦ୍ଧାନ୍ତଟି ମହିଷା ନିଧନେ
ନେଲ ପ୍ରଥମରୁ ଯେଣୁ
କାତ୍ୟାୟନୀ ରୂପେ ତେଣୁ ତୋ ବନ୍ଦନା
ମାତା 'କାତ୍ୟାୟନୀ' ଭଣୁ । । ୧୫
ସିଂହ ବାହାନଟି ଚତୁର୍ଭୂଜା ମାତା
ଅସୁର ନିଧନ ପଣ
ଏକ କରେ ଖଡ୍ଗ ଆନ କରେ ପଦ୍ମ
ଭୟାର୍ତ୍ତ ଅସୁର ଗଣ । । ୧୬
ରକ୍ତବୀର୍ଯ୍ୟ ରକ୍ତ ନିବାରଣ ଲାଗି
ସ୍ୱ ସ୍ୱର୍ଣ୍ଣ ଛାୟାରୁ ଜାତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'କାଳରାତ୍ରି' ମାତା କରେ ଉପାସନା
ସପ୍ତ ଦିବସେ ଭକତ । । ୧୭
ଚତୁର୍ଭୂଜା ମାତା କରେ ଧରି ଫାର୍ଶା
ଆନ କରେ ପଶୁପତଃ
ଗଧଟି ବାହାନ ରୂପକାନ୍ତି କଳା
ଶୁଭ ଫଳ ପ୍ରଦାୟକଃ । । ୧୮
ଅସୁର ସଂହାରୀ ମଳିନଟି କାନ୍ତି
ତହୁଁ ଗଙ୍ଗାସ୍ନାନ କରି
ସ୍‌ଚ୍ଛ କାନ୍ତି ପାଇଲ ଗୌରବର୍ଣ୍ଣ ଫେରି
ହେଲ ତେଣୁ ମହାଗୌରୀ । । ୧୯
ନନ୍ଦୀ ପରେ ବସି ଚାରି ହାତ ଲମ୍ବୁ
ତ୍ରିଶୂଳ ଡମ୍ବରୁ ଧରି
ଅପରୂପା କାନ୍ତି ଶାନ୍ତି ପ୍ରଦାୟିନୀ
ଗୌରବର୍ଣ୍ଣା ଦୁଃଖହାରୀ । । ୨୦
ଅଷ୍ଟ ସିଦ୍ଧି ସ୍ୱାମୀ ତୁ ସିଦ୍ଧି ଦାୟୀକା
ସର୍ବ ଫଳ ସିଦ୍ଧିଦାତ୍ରୀ
ନବମୀ ପୂଜାରେ ଶେଷେଟି ପୂଜନ
ତୁମ ଠାରେ ହୁଏ ବ୍ରତୀ । । ୨୧
ଚର୍ତୁଭୁଜେ ଶଙ୍ଖ ଚକ୍ର ଗଦା ପଦ୍ମ
ଧାରଣ ତୁ କରିଥାଉ
ପଦ୍ମ ପରେ ବସି ଦୁଷ୍ଟ ବିନାଶିନୀ
ଶିଷ୍ଟ ପରା ପାଳିଥାଉ । । ୨୨
ସ୍ୱୟଂ ଶିବ ଦିନେ ଅଷ୍ଟସିଦ୍ଧି ଲାଗି
କାମନା ରଖିଣ ତୋ'ଠିଁ
କରନ୍ତେ ପୂଜନ ସିଦ୍ଧି ଲଭି ହେଲେ
ଅର୍ଦ୍ଧେକ ନାରୀଶ୍ୱରଟି । । ୨୩
ଏହି ପ୍ରକାରର କେତେ ରୂପେ ମାତ
କରୁଲୋ ତୁ ଯୁଗଭୋଗ
ମୁଁ କାହୁଁ ବୁଝିବି କରି ଦେ ଖାଲି ମୋ
ଅଭୀଷ୍ଟ ସିଦ୍ଧିର ଯୋଗ । ।୨୪
ଏହି ରୂପେ ଆମେ ନବ ମାତା ପୂଜା
କରି ଥାଉ ନବ ଦିନ
ନବରାତ୍ରି ପୂଜା ରୂପେ ସେ ଯେ ଖ୍ୟାତ
କେତେ ଯେ କହିବା ମନ । ।୨୫

ଉପ ସହକାରୀ ନିବନ୍ଧକ
ସମବାୟ ସମିତି ସମୂହ
ଭଦ୍ରକ
ଦୂରଭାଷ - ୯୯୩୭୦୧୮୧୮୪୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନବରାତ୍ରର ନଅଟି ସ୍ୱରୂପ



ସନ୍ତୋଷ ପଟ୍ଟନାୟକ

ଶରତେ ଶାରଦ ଅତି ଆମୋଦିତ
ସ୍ୱର୍ଗସମ ମର୍ତ୍ତ୍ୟପୁରୀ,
କାଶତଣ୍ଡି କରେ ସ୍ୱାଗତ ଗୁଞ୍ଜନ
ମାତା ଆବାହନୀ କରି
ନଅଟି  ଦିବସେ ନଅଟି ସ୍ୱରୂପେ
ଉଭାହେବେ ଜଗଧାତ୍ରୀ
ପର୍ବତ ରାଜନ ହିମାଳୟ କନ୍ୟା
ତେଣୁ ନାମ ଶୈଳପୁତ୍ରୀ....

ଦିତୀୟ ଦିବସେ ବିଜେ ଏ ମରତେ
ନାମ ତ ବ୍ରାହ୍ମଚାରିଣୀ,
କମଣ୍ଡଳୁ ସାଥେ ରୁଦ୍ରାକ୍ଷର ମାଳା
ଦର୍ଶନେ ତପଚାରିଣୀ
ନାଶି ଅହଂକାର ଦୁର୍ଗୁଣ ବିକାର
ଖୋଲିବେ ଜ୍ଞାନର ମୁଣି,
ଫେଡିବେ ଯାତନା ହରିବେ ବେଦନା
ସେଇ ମା' ବିଶ୍ୱକଲ୍ୟାଣୀ....

ତୃତୀୟ ସ୍ୱରୂପେ ଚନ୍ଦ୍ରଘଣ୍ଟା ରୂପେ
ଉଭା ଜଗତ ଜନନୀ
ଲଲାଟ ପଟଳେ ଅର୍ଦ୍ଧ ଚନ୍ଦ୍ର ଖେଳେ
ଉଗ୍ରରୂପି ନାରାୟଣୀ
ଦଶ ହସ୍ତେ ଦଶ ଅସ୍ତ୍ରଶସ୍ତ୍ର ଧରି
ସଂହାରିବେ ମାତା ପାପି
ହୃଦତଳେ ଭକ୍ତି ରଖି ସାଧୁମତି
ତପି ଯିବେ ପାଇ ମୁକ୍ତି....

କୁଷ୍ମାଣ୍ଡା ସ୍ୱରୂପେ ଚତୁର୍ଥ ଦିବସେ
ମଣ୍ଡପରେ ମାତା ବିଜେ
ଅମୃତ କଳସ, ଜପାମାଳା,ଗଦା
କମଳ ଓ ଧନୁ ସାଥେ....

କାର୍ତ୍ତିକେୟ ମାତା ନାମ ସ୍କନ୍ଦମାତା
ପଞ୍ଚମ ଦିନ ସ୍ୱରୂପା

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କୋଳେ ପୁତ୍ର ଧରି ଜଗତ ଆବୋରି
ହୋଇଥାନ୍ତି ଆବିର୍ଭୂତା
ଶିବ-ପାର୍ବତୀଙ୍କ ବିବାହର ପରେ
ସ୍କନ୍ଦପୁତ୍ର ହେଲା ଜାତ
ସେଇଦିନୁ ଦେବୀ ସ୍କନ୍ଦମାତା ନାମେ
ଜଗତେ ହୋଇଲେ ଖ୍ୟାତ....

କାତ୍ୟାୟନ ଋଷି ଭକତିରେ ଫସି
ମହାମାୟୀ ଭଗବତୀ
ଷଷ୍ଠ ସ୍ୱରୂପରେ କାର୍ତ୍ତ୍ୟାୟିନୀ ନାମେ
ଉଭା ସେଇ ଶକ୍ତିଦାତ୍ରି
ଆମେ ଯେତେ ମୁଢମତି
ଅର୍ଥ, କର୍ମ, ମୋକ୍ଷ ଲଭିବାଟି ଭଲେ
ସାହା ହେଲେ ଭଗବତୀ....

ସପ୍ତମ ସ୍ୱରୂପ କାଳରାତ୍ରି ବେଶ
କାଳରୂପୀ ଅବତାର
ଚତୁଃର୍ଭୁଜା ମାତା ଭ୍ରମଣ କରନ୍ତି
ଗଧରେ ହୋଇ ସବାର
ଦୁଷ୍ଟଜନଙ୍କର ମୃତ୍ୟୁର କାରଣ
ଶିଷ୍ଟଙ୍କର ଶୁଭଙ୍କରୀ
ଭକତ ଜନଙ୍କୁ ରକ୍ଷା କରୁଥାନ୍ତି
ଛତ୍ରଛାୟା ଟିକୁ ଧରି ....

ଅଷ୍ଟମ ସ୍ୱରୂପେ ମହାଗୌରୀ ନାମେ
ବୃଷରଢା ମହାମାୟୀ
ଅଭୟ ମୁଦ୍ରାରେ ଡାହାଣ ହସ୍ତରେ
କୃପାବାରି ଢାଳୁଥାଇ ....

ନବମ ସ୍ୱରୂପ ସିଦ୍ଧିଦାତ୍ରି ବେଶ
ଲିଆ ଭୋଗ ଶ୍ରଦ୍ଧା ତାର
ହସ୍ତେ ଧରି ଶଙ୍ଖ, ଚକ୍ର, ଗଦା,ପଦ୍ମ
ଆପାର ମହିମା ତାର

ନବଦିନାତ୍ମକ ପୂଜାଯେ ସଂପୂର୍ଣ୍ଣ
ଶେଷ ଏଇ ଅବତାର
ଶାନ୍ତି ପ୍ରଦାୟିନୀ ଶକ୍ତି ସ୍ୱରୁପିଣୀ
ଚରଣେ ତୋର ଜୁହାର....

ବେଗୁନିଆପଡା ବ୍ଲକ୍ ,ତିରିଡ଼ା ,ଗଞ୍ଜାମ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୃତ୍ୟୁର ମୁନୀବ



ପ୍ରଭାତ ବଳ

ଲିଭି ଆସୁଥିବ ଜୀବନ ଦୀପାଳୀ
ଚାରିପଟେ ଶବ ବାହକ ମାନଙ୍କର ଲମ୍ବା ଲମ୍ବା ଧାଡ଼ି ।
ରହି ରହି ଶୁଭୁଥିବ ଅହ୍ୟ ଡେଙ୍ଗୁରା ,
ଘର ଆଗେ ଶାଗୁଣାଙ୍କ ମେଳି ।
ଦୁଆର ବନ୍ଧରେ ଥିବ
ଚଣ୍ଡାଳର ସୁଦୀର୍ଘ ପାହୁଣ୍ଡ,
ପବନର ଗନ୍ଧ ସବୁ
ମୋ ନିଶ୍ୱାସକୁ ପଥରୋଧ କରିବା ଆଗରୁ
ହେ ମୃତ୍ୟୁର ମହା ମୁନୀବ !
ମୋତେ ଅନ୍ତିମ ଚେତବନୀଟିଏ ଦେବ ।

ଅଧା ରହିଥିବ ମୋ କବିତାର ଧାଡି
ମୋ ପୃଷ୍ଠା ସବୁ ଅସଜଡ଼ା,
କଲମର ସ୍ୟାହିମାନେ ଛିଞ୍ଚି ହୋଇଥିବେ
ଜୀବନ କାଗଜ ସବୁ ଦେଉଥିବେ ଉଡା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଝିବାର ଅଛି ବନ୍ଧୁ ପ୍ରେମ ଭାଗ

ଦେଖିବି ତା ହର୍ଷ, ରୋଷ ।

ଏଯାଏଁ ଖୋଲିନି ମୋ ଅନାବୃତ୍ତ ପ୍ରେମ,

କହିନି ବି ତାକୁ

ସେ ମୋ ଜୀବନର ସୁଖ ଦୁଃଖ ମାନସାଙ୍କ ।

କଥା ବି ଦେଇଛି ତା ଥରିଲା ଆଖିରୁ

ପୋଛିବି ସବୁ ଲୋତକ

ତା ଥିବା ନଥିବାରେ ଏ ବନ୍ଧୁ ସାଥେ ଥିବ

ଢକ ଢକ ତା' ଦୁଃଖ ଢୋକି ନେବ ।

ତେଣୁ ମୋ ଅପହଞ୍ଚରେ ତା' ଛାତି ଥରିବା ଆଗରୁ

ହେ ମୃତ୍ୟୁର ମହାମୁନୀବ !

ମୋତେ ଅନ୍ତିମ ଚେତାବନୀଟିଏ ଦେବ ।

ଭାରି ରହିଗଲା ବାତ୍ସଲ୍ୟତା ଭାର

ମୋ କାନ୍ଦ ଦିନେ ତା' ହସ ଦେଖିଥିଲା

ମୋ ହସ ତା'ର ଖୁସିର ଫୁଆର ।

ଚାହିଁ ରହିଥିବେ ପ୍ରିୟ ପରିଜନ

ଅସୁଝା ରହିବ ମୋର ଜନ୍ମ ଋଣ,

କେବେ ଲଙ୍ଘିବି ପ୍ରେମାର୍ଣ୍ଣବ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏମିତି ଅକସ୍ମାତ ଡାକିବା ପୂର୍ବରୁ

ସାମନ୍ୟ ବିରତିଟେ ଦେବ ।

ନିଶ୍ୱାସର ଗତି ଥମିଯିବା ଆଗୁ

ମୋ ବିଶ୍ୱାସର ସାଥୀକୁ କୋଳେଇ ନେବାକୁ

ହେ ମୃତ୍ୟୁର ମହାମୁନୀବ !

ମୋତେ ଅନ୍ତିମ ଚେତାବନୀ ଟିଏ ଦେବ ।

କରଣ ପୋଖରୀ, ଭଦ୍ରକ

୯୭୭୬୬୬୮୦୭୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆରାଧନା



ରାଜେଶ ରଥ

ବୃତ୍ତ ବୃତ୍ତାନ୍ତର ଏକ ଐଶ୍ୱର୍ଯ୍ୟ ସମ୍ଭାର
ମା ଆଦି ଶକ୍ତି ଜଗତ ଜନନୀ
ତୁମ ଆରାଧନା ଦିଅଇ ଅଭୟ
ତୁମ୍ଭେ ଶଙ୍କର ଭବାନୀ ।
ନୀଳୋପତ୍ପଳ ଶଙ୍ଖ ମଧ୍ୟରେ ସ୍ଥାନିତ
ମାତା ଦୁର୍ଗତିନାଶିନୀ
ଅନଳ ସଂଭୂର୍ ସମ୍ଭୂତ ମାତା
ତୁମ୍ଭେ ଶକ୍ତି ସ୍ୱରୂପିଣୀ ।
ଭିନ୍ନ ଭିନ୍ନ ନାମନେ ପୂଜିତ ହୁଅ ମାତା
ଶରଣରକ୍ଷଣ ତୁମ୍ଭେ କମଳିନି
ତୁମ ମହିମା ମାଗୋ ଜଗତ ବିଖ୍ୟାତ
ଆଗମ ହୁଅ ଧରା ଅବତରୀ
ଆସ ମାତା ମାହେଶ୍ୱରୀ

ଆବାହନ ତୁମ୍ଭ ଆମ୍ଭେ କରୁଛୁ ଅଧମ
ଆସୁରୀୟ ଶକ୍ତି ଦୂର କରିଦିଅ
ମୋ ମନର ତୃଷ୍ଣା କିଆ ସେ ଭରିବ
କୁହ କିଏ ହେବ ମାତା ତୁମ ପରି
ଏ ବିପଦ ବହ୍ନିରୁ ରକ୍ଷାକର ଧରଣୀକୁ ଆଜି
କାନ୍ଦେ ତୁମ୍ଭ ଭକତ ତୁମ ଚରଣକୁ ପୂଜି
ହାହାକାରରେ ଫାଟୁଛି ଆଜି ଏ ଧରିତ୍ରୀ
ନିସ୍ତାର କର ଭକ୍ତକୁ ବିଜେ ହୁଅ କାଳରାତ୍ରି ।

ଗଣିତ ଶିକ୍ଷକ, ଆସ୍କା ,ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋ ପୁଅ ଧରୁଛି କଙ୍କି



ରାମଚନ୍ଦ୍ର ପ୍ରଧାନ

ଯେତେ ବୁଝାଇଲେ ଜମା ବୁଝୁ ନାହିଁ
ମୋ ପୁଅ ଧରୁଛି କଙ୍କି
ଖରା ବେଳଟାରେ ଶୁଆଇ ଦେଉନି
ସାଥେ ଥିଲେ ରିଙ୍କି ପିଙ୍କି ।
ଲୁଚି ଛପି ସିଏ ଧରୁଥାଏ କଙ୍କି
ନ ମାନି ଖରା କି' ତରା
ବାଡ଼ିଟେ ଧରି ସେ ପଛରେ ଗୋଡ଼ାଏ
ବିଲେଇ ଦେଖିଲେ ପରା ।
କଙ୍କିର ଗୋଡ଼କୁ ସୁତାରେ ବାନ୍ଧୁଛି
ମାଚିସ୍ ଖୋଳରେ ରଖି
ଘରେ ଚାଲୁଥିବା  ଜନ୍ଦା ପିମ୍ପୁଡ଼ିକୁ
ଗୋଡ଼ରେ ଦେଉଛି ମକ୍ଥି ।
ରାତି ନ ପାହୁଣୁ  କୁନା ମୁନା ସଙ୍ଗେ
ଖେଳେଇ ସଢ଼େଇ ଖେଳ
ସକାଳ ରୁ ସଞ୍ଜ  ଛାଡ଼ି ସେ ପାରୁନି
ଡମ୍ବୁ, ସୋମୁ ସାଥି ମେଳ ।


ଟିକିଏ କଥାରେ ରାଗିରୁଷି ଯାଏ
ଏଡିକି ବକଟେ ପିଲା
ସାଙ୍ଗସାଥି ମେଳେ କଜିଆ ଲାଗି ସେ
ଘରକୁ ଆଣେ ଝାମେଲା ।
କଥା କଥାକେ ସେ ଜବାବ ଦେଉଛି
ଶୁଣୁନି କାହାରି କଥା
ନିରୋଳାରେ ବସି ଭାବିଲେ ତା' କଥା
ହୁଅଇ ମୋ ମୁଣ୍ଡ ବ୍ୟଥା ।
ଆମ ବାଡ଼ି ପଟେ  ଦିନ ସାରା କାଟେ
ଛୋଟ ସାଇକେଲ ଧରି
ନୁଟୁରୁ ପୁଟୁରୁ କାମେ ଲାଗିଥାଏ
ମୋ ନନାକୁ ସାଥି କରି ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ: ୯୮୬୧୨୩୮୭୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୁଭ ବିବାହ



ସୌମ୍ୟରଞ୍ଜନ ପାଲ

ବନ୍ଧନ ଦୁଇଟି ମନର,

ବନ୍ଧନ ଦୁଇଟି ତନର,

ବନ୍ଧନ ନବ ଭାବନାର,

ବନ୍ଧନ କିଛି କାମନାର,

ବନ୍ଧନ ପ୍ରେମ ସୁବାସର,

ବନ୍ଧନ ଚିହ୍ନା ଆଭାସର,

ବନ୍ଧନ ଅଳପ ସ୍ମୃତିର,

ବନ୍ଧନ ଅମୂଲ୍ୟ ପ୍ରୀତିର,

ବନ୍ଧନ ସଜ ମମତାର,

ବନ୍ଧନ ଶୂନ୍ୟ କ୍ଷମତାର,

ବନ୍ଧନ ସାତ ଜନମର,

ବନ୍ଧନ ନିଜ ଭୁବନର,

ବନ୍ଧନ ଦୁଇ ବ୍ୟକ୍ତିତ୍ୱର,

ବନ୍ଧନ ଦୁଇ ଅସ୍ତିତ୍ୱର,

ବନ୍ଧନ ସ୍ନେହ ସଦୟର,

ସ୍ପନ୍ଦନ ଦୁଇ ହୃଦୟର ।

ଗ୍ରାମ/ପୋ: - ବଡ଼ଶୋଳ

ଥାନା - ଝାରପୋଖରିଆ

ଜିଲ୍ଲା - ମୟୂରଭଞ୍ଜ

ପିନ - ୭୫୭୦୮୬

ମୋ- ୯୯୩୭୮୮୯୮୩୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ କହେ, ତତେ ଭଲପାଏ



କମଳଲୋଚନ ମଲ୍ଲିକ

ଉତ୍ସାହରେ ମନ ଖେଳେକୁଦେ
ସଙ୍ଗୀତ ଗାଏ ଅତି ଆନନ୍ଦେ
ଭାବନାରେ ମନ ପୁରିଉଠେ
ଉଲ୍ଲାସରେ ଛାତି ଫାଟିଉଠେ
ଯେବେ ଦେଖାହୁଏ ତୋ ସାଥେ ।।

ଭାସିଉଠେ ଉଶ୍ୱାସୀ ମୋ ପ୍ରାଣେ
ପୁଲକିତ ହୃଦ ମଳୟ ପବନେ
ସାଜି ହେଲ ତୁମେ ଖୁସି ମୋ ଜୀବନେ
ଜୀଇଁବାର ଇଚ୍ଛା ଗୁଞ୍ଜଇ ମୋ କାନେ
ଯେବେ ତୁ ମୋର ପଡିଯାଉ ମନେ ।।

ଭାରପ୍ରାପ୍ତ ଜୀବ ଝଲସି କହେ
ଅସରାଏ ହସେ ଏ ମନ ବହେ
ଭାସିଯାଏ ସବୁ ସଜ ସମସ୍ୟା
ଫୁଟିଉଠେ କେତେ ସମ୍ଭାବନା ଆଶା
ଯେବେ ଦିଶେ ତୋ ଆଖିର ନକ୍ସା ।।


ଭାଗ୍ୟବନ୍ତ ବୋଲି ନିଜକୁ କହେ
ତୋ ଠାରେ ଯେତେ ମୁଁ ଖୁସିପାଏ
ଉତ୍କୃଷ୍ଟତା ପ୍ରତି ରହି ସମର୍ପିତ
ଗୁଣାତ୍ମକ ମନ ତୋ ଠାରେ ଥାଏ
ସେଥିପାଇଁ ଯେ ମୁଁ ସଦା କହେ
ମୁଁ ଯେ କେବଳ ତୋତେ ଭଲପାଏ ।।

ଗ୍ରାମ - ତାଳପଦା, ପୋ:- ଦ୍ୱାରିକା
ଜିଲ୍ଲା - ବାଲେଶ୍ୱର, ପିନ୍ - ୭୫୬୦୫୪
ଦୂରଭାଷ - ୭୩୭୦୦୯୧୫୧୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା କରୁଛି ଲୀଳା



ରୁଦ୍ରନାରାୟଣ
ପାଣିଗ୍ରାହୀ

ଗଡି ଗଡି ଯାଏ ଦିନ ପରେ ଦିନ
ବଢୁଛି କରୋନା କାଳ ,
କମି କମି ଯାଏ ଦେଶ ଜନସଂଖ୍ୟା
କରିବ କିଏ ଉଦ୍ଧାର ।

ଅଭିସପ୍ତ ବର୍ଷ ଏହି ଯୋଡା ବର୍ଷ
ଲିଭିଛି ଜନତା ହସ
କରୋନା ଲକ୍ଷଣ ଦେଖାଦେଲେ ଭାଇ
ସ୍ୱାବ୍ ଟେଷ୍ଟ କରି ଦେବ ।

ଗରିବ ପାଉଛି ରେସନ ଚାଉଳ
ଧନୀ ପାଖେ ଅଛି ଧନ ,
ମଝିରେ ଦୁଃଖରେ ପଡିଛନ୍ତି ଏବେ
ମଧ୍ୟବିତ୍ତ ଶ୍ରେଣୀଲୋକ ।

ପାଠପଢ଼ା କଥା କଅଣ କହିବି
ଚାଲିଛି ଅନଲାଇନ୍ ଯୁଗ ,
କିଏ ତ ଗଛରେ କିଏ ପାହାଡରେ
ମୋବାଇଲ୍ ଖଣ୍ଡେ ଥିବ ।

ତାଲାବନ୍ଦୀ ପରେ ଅନଲକ୍ ହେଲା
କମିଲା ତ କଟକଣା
ଆତ୍ମାସଚେତନ ହେବା ବଦଳରେ
ଚାଲିଛି ସବୁଠି ମେଳା ।

ଲେଖି ଜାଣିନାହିଁ ଲେଖକ ନୁହେଁ ମୁଁ
ଭୁଲ୍ ଥିଲେ କ୍ଷମା ଦେବ
ସମୟ ପାଇଲି ଲେଖିଦେଲି ବସି
ମନରୁ ମୋ ଦୁଇ ପଦ ।

ପୂର୍ବକଚ୍ଛ, ସାଲେପୁର, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସଛି ଋତୁ ପାର୍ବଣ



ବୁଲୁ ପୋଲାଇ

ଯୁଗେ ଯୁଗେ ମାଗୋ ଅବତରି ଆସ
ଏଇ ପୂର୍ଣ୍ୟ  ଧାରାଧାମେ,
ପାପୀଙ୍କୁ ବିନାଶି ସଜ୍ଜନଙ୍କୁ ରଖି
ସନ୍ତୁଳନ ରଖ ଧର୍ମେ ।
ନବ ରୂପ ଧରି ମାଗୋ ଶାକମ୍ବରୀ
କରିଲ ଦୁଷ୍ଟ ଦଳନ,
ଜୟ ଜୟ ଘୋଷ ପୃଥିବୀ ନିନାଦ
ଆସିଛି ଋତୁ ପାର୍ବଣ ।
ଦୁଲଦୁଲ ମହୀ ତୋର ପୂଜା ପାଇଁ
ହୋଇଅଛି ଆୟୋଜନ,
କୃପା ବର୍ଷା କରି ପ୍ରେମ ଦେଏ  ଭରି
ହସୁ ସମସ୍ତ ଜୀବନ ।
ତୋର ପୁଅ ଝିଅ ସୁଖରେ ରୁହନ୍ତୁ
ଏଇ  ଆଶୀର୍ବାଦ ଦିଅ,
ବିଶ୍ୱ ଜନନୀ ତୁ ବିଶ୍ୱର କଲ୍ୟାଣ
ସଦା ମାତା କରୁଥାଅ ।

ହିଣ୍ଡଳ, ଗଞ୍ଜାମ
କବିସୂର୍ଯ୍ୟ ନଗର- ୭୬୧୧୦୪
ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅନୂଢ଼ା ନାୟିକା



ରାହାସ କୁମାର ବେହେରା

ଅରୁଣ ମନର ଅରୁଣିମା ଆଗୋ
ଇନ୍ଦ୍ରଧନୁର କୁହୁକ ଝଡି
ରୂପ କୋଣାରକ ଅନୂଢ଼ା ନାୟିକା
ଦରଫୁଟା ସଜ ଗୋଲାପ କଢି ।

କଅଁଳ ଓଠରେ କଥା ସରପୁଳି
ବତୁରା ହୃଦୟେ ଝରାଏ ମୋତି
ଚାତକ ପରାୟେ ଚାହିଁଦେଲେ ଥରେ
ଦରଦୀ ସାଉଁଟେ ଅବୁଝା ସ୍ମୃତି ।

ଅୟୁତ ମହଣ ଖାଣ୍ଟି ସୁନା ନେଇ
ଦଇବ ଗଢ଼ିଛି କେତେ ଯତନେ
ଦେଖିଦେଲେ ଥରେ ନିଦ ହଜିଯାଏ
ଚାଲି ଆସୁ ଯେବେ ସୁଖ ସପନେ ।

ଚାନ୍ଦର ଚାନ୍ଦିନୀ ପୁନେଇଁ ଆକାଶେ
ତୋ ଘରେ ତୋ କାନ୍ତି ଉଜ୍ଜ୍ୱଳ ଆଭା
ଅତି ମନୋରମା ଅପୂର୍ବ ସୁଷମା
ସ୍ୱର୍ଗର ଅପ୍ସରୀ ନୁହେଁ ତୋ ଶୋଭା ।

ପହିଲି ଦେଖାରେ ମଧୁର ସ୍ପନ୍ଦନେ
ଉଚ୍ଛୁଳା ଜୁଆରେ ହଜି ମୁଁ ଗଲି
ରୂପ ଦରପଣେ ସୁପ୍ତ ଭାବାବେଗ
କଳ୍ପନା ଭଟ୍ଟାରେ ଭିଜେଇ ଦେଲି ।

ଝୁମୁର ଝୁମୁର ପାଦର ନୂପୁର
କାନେ କାନଫୁଲ ମୁଣ୍ଡେ ଓଢଣୀ
ଲାଜେ ହସି ଧୀରେ ଚାହିଁ ଦେଲେ ସତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗୁଛି ହୃଦୟ ଦେଉଛୁ ହାଣି ।

ଆଲୋ ରୂପବତୀ ମେହେନ୍ଦି ଲଗେଇ

ପାରିଜାତ ଫୁଲେ ହୋଇ ସଜେଇ

ପ୍ରିୟ ଘର ଯଦି ଯିବୁ ପାଲିଙ୍କିରେ

ଲକ୍ଷେ ରାଜା ପୁଅ ହେବେ ସକେଇ ।

ବାଲ୍ୟମ୍ବା ,ଭାପୁର

ଢେଙ୍କାନାଳ:୭୫୯୦୧୫

ମୋ :୯୪୩୮୧୧୪୩୬୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବୁଢ଼ାର ଆତ୍ମକାହାଣୀ



ବିରଞ୍ଚି ନାରାୟଣ ମିଶ୍ର

ସବୁ ଚିକ ଚିକ ସୁନା ନୁହେଁ ବୋଲି
ଡେରିରେ ଏକଥା ବୁଝିଲି
ଚମ୍ପା ଗଛୁ ଦିନେ ଫୁଲ ତୋଳୁ ତୋଳୁ
ଦୁଲକିନା ତଳେ ପଡିଲି
ହାତ ଗୋଡ଼ ଭାଙ୍ଗି  ହସ୍ପିଟାଲରେ
ପ୍ଲାସ୍‌ଟର ଗୁଡେଇ ଶୋଇଛି ।
ପୁଅ ଝିଅ ସ୍ତ୍ରୀ ସଭିଙ୍କ ମୁହଁରୁ
ନୀତିଦିନ ଗାଳି ଖାଉଛି ।
ଚଷମା ନ ପିନ୍ଧି ବହାଦୁରିଟାରେ
ଚେକ ସାଇନ କରିଲି
ଦଶ ଟଙ୍କା ସ୍ଥାନେ ଶହେ ଟଙ୍କା
ଲେଖି ବଡ ତଣ୍ଡ ଟିଏ ଗଣିଲି
ପ୍ରାତ ଭ୍ରମଣରେ ପାଞ୍ଚ କୋଶ ଚାଲି
ରାତିରେ ମୁଁ ବାମ୍ଫ ନଉଛି
ହସି ହସି ମୁହିଁ ସଭିଙ୍କ ଆଗରେ
ଚୋକା ଅଭିନୟ କରୁଛି

ଯୁବକଙ୍କ ସାଥେ ହସଖୁସି କରି
ଗୁଲି ଖଟି କେତେ କରିଛି
ପଛରେ ମୋହର ଟୋକାଙ୍କ ଟିପଣି
ମନକୁ ମୋ କେତେ ବାଧିଚି ।
ଗାଁକୁ ଗଲେ ମୁଁ ମାଛ ମାରିବାକୁ
ରାତିରେ ଅନିଦ୍ରା ହୋଇଛି
ସକାଳୁ ସକାଳୁ ଦେଖିଲା ବେଳକୁ
ମୁଗୁରାପଛଟା ଖୋଲାମେଲା ହୋଇ ପଡିଛି ।
ଧଳାବାଳକୁ ପାର୍ଲରରେ ଯାଇ ରଙ୍ଗ
ବୋଳିବାକୁ କହିଛି
ତୁରୁ ତୁରିଆ ସେ ପାର୍ଲର ଟୋକାଟା
କାନ ତଳେ ଅଳପ ରଙ୍ଗକୁ ବୋଳିଚି
ଗାଧୋଇ ସାରିକି ଦେଖିଲା ବେଳକୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧଳା ବାଳ ସବୁ ଦିଶୁଚି
ମୁହେଁ ଲୁଗା ଦେଇ ନାତି ଟୋକା ମୋର
ଲୁଚେଇ ଲୁଚେଇ ହସୁଛି ।
ମହିଳାଙ୍କ ସହ ଗପସପ ପାଇଁ
ମନ ସକସକ ହଉଚି
ସଞ୍ଜ ବେଳଟାରେ ଶଶିକଳା ଦିଦି
କେତେବଡ କଥା କହିଛି
କ୍ଷୀରରେ ମହୁରେ ଯେତେ ବୁଡ଼େଇଲେ
ନିମ୍ବ କି ମଧୁର ହୋଇଛି
ଚନ୍ଦ୍ରଶେଖା କେବେ ଜୀବନରେ ତାର
ପ୍ରେମରେ ସଫଳ ହୋଇଛି ।
ସୁନ୍ଦରୀ ଅଫିସ P A ଟା ମୋହର
ପାର୍କ ଯିବାକୁ ଡାକିଛି
ତର ତର ହୋଇ ପାର୍କ ଯିବାକୁ
ବେଶ ଭୂଷା କେତେ ହୋଇଛି ।

ନିରୋଳା ଜଗାଟେ ଖୋଜି ଖୋଜିମୁହିଁ
ବସିକି ଗପିଛି ତା ସାଥେ
ଫେରିଲା ବେଳକୁ P A ଟା କହିଲା
ଆଉ ଆସିବନି ମୋ ସାଥେ ।
ବାଟରେ ମୋ ସାଥେ କଥା ହେଲା ନାହିଁ,
ଏକା ଚାଲିଗଲା ସ୍କୁଟିରେ
ରାଗରେ କହିଲା ଏଥର ଆସିବି
ରତିକାନ୍ତ ବାବୁ ସାଥିରେ ।
WhatsApp ଆଉ Facebook ରେ
କେତେ ରାତି ମୁହିଁ କାଟିଛି
ନିଦରୁ ଉଠିକି ଘରଣୀ କହୁଛି
ଲାଜ ନାହିଁ ମୁହେଁ,ଛେଳି କେବେ
ଧାନ ମଳିଛି ?
ଯିଏ ଯାହା କହୁ,ଟୋକା ଭାବି ମୁହିଁ
ଯାହା ଯାହା ସବୁକରିଛି
ଏବେ ମୁଁ ବଳଦ, ଷଣ୍ଢ ଭାବି ଭାବି
କେତେ ଅପଦସ୍ତ ହୋଇଛି ।

ପଟିଆ, ଭୁବନେଶ୍ୱର
୯୪୩୯୦୧୧୦୭୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ମୃତି



ସ୍ନେହଲତା କର

ସ୍ମୃତି ଏକ ଦୁଃଖଭରା ସପନ, ଏଇ ଆଖିର,,
ଏକ କୋହଭରା ଭାବନା, ଏଇ ମନର,,
ଏକ ହସଭରା ମୁହୂର୍ତ୍ତ, ଏଇ ଓଠର,,
ଏକ ଗନ୍ତାଘର, ଅତୀତର ସ୍ମରଣୀୟ ଘଟଣାବଳୀର ।।

ସ୍ମୃତି ଏକ ଅଭୁଲା ଗୀତ, ଏଇ ଜୀବନର,,
ଏକ ଅଭୁଲା ଜହ୍ନ, ଅମାବାସ୍ୟା ରାତିର,,
ଏକ ଅଭୁଲା ପ୍ରୀତି, କୁଆଁରୀ ହୃଦୟର,,
ଏକ ଗନ୍ତାଘର, ଅତୀତର ସ୍ମରଣୀୟ ଘଟଣାବଳୀର ।।

ସ୍ମୃତି ଏକ ଭଲ ସାଥି, ଏକା ବାଟୋଇର,,
ଏକ ଜୀଇଁବାର ଆଶା, ହତାଶ ପ୍ରେମିକର,,
ଏକ ଅଧ୍ୟୟନ, ଜିଜ୍ଞାସୁ ବ୍ୟକ୍ତିର,,
ଏକ ଗନ୍ତାଘର, ଅତୀତର ସ୍ମରଣୀୟ ଘଟଣାବଳୀର ।।

ବାସୁଦେବପୁର, ଭଦ୍ରକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମଧ୍ୟବିତ୍ତ



ବିନୟ ମହାପାତ୍ର

ମୁଁ ଧନୀ ବଣିକ ନଥିଲି
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ ରଖିଥିଲି,
ହେଲେ ରାଜା ରକ୍ତ ଶୋଷି ନେଲା
ମୁଁ ମଧ୍ୟମ ବର୍ଗ,
ମଝି ରାସ୍ତାରେ ହନ୍ତସନ୍ତ ହେଲି,
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ ରଖିଥିଲି ।

ମୁଁ ଗରୀବ ନଥିଲି,
ଦୟା ଅନୁକମ୍ପା ପାଇବାରୁ ବଞ୍ଚିତ ଥିଲି
ପେଟର ଭୋକ ଦେଖାଇବାକୁ ଲାଜଲାଗେ
ତଥାପି ଅଧା ଖାଇ ଅଧା ଜିଇଁ
ପେଟ ପଡି କାଟି,
ସରକାରୀ ଟ୍ରେଜେରୀ ଭରୁଥିଲି,
ମୁଁ ଧନୀ ବଣିକ ନଥିଲି
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ ରଖିଥିଲି ।

ମୁଁ ମଧ୍ୟବିତ୍ତ,
ଆଲୋ ସଖି
ଆପଣା ମହତ ଆପେ ରଖି
ଶୁଣି ସବୁ ବୁଝିଯାଏ,
ମୋ ଦାରିଦ୍ରତା ଉପରେ
ଲାଜର ପଣତ ଘୋଡାଇ ଦିଏ,
ଭୋକରେ ପେଟ ଜଳେ
ତଥାପି ମରମେ ଲୁଚାଇ ରଖେ
ରାଜାର କୋରଡା ଖାଏ
ଯନ୍ତ୍ରଣା ତ ହୁଏ,
କିନ୍ତୁ ଆଖି ଲୁହ ନିରବରେ ପିଇଯାଏ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଧନୀ ବଣିକ ନଥିଲି
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ ସର୍ବଦା ରଖିଥାଏ ।

ମୁଁ ମଧ୍ୟବିତ୍ତ, ଦାନବୀର ବଳିରାଜା,
ଛଳନାରେ ବିଶ୍ୱାସକରେ
ସତ୍ତାଲୋଭୀ ବାମନ ଆଗରେ
ଭକ୍ତିରେ ମଥାପାତି ଦେଇ,
ବିଶ୍ୱାସରେ ପରାଣ ସମର୍ପି ଦିଏ ।
ତେଜପତ୍ର ପରି,
ବ୍ୟଞ୍ଜନର ମହକ ବଢାଏ ସିନା
କିନ୍ତୁ ଖାଇବା ଥାଳିରୁ
ବାଛିବାଛି ମୋତେ
ପ୍ରଥମେ ଫୋପଡା ଯାଏ ।
ତଥାପି ନିଜ ବୋଝ ଉଠାଇ
ଚାଲିବାର ସାହସ
ଜୀବନ ଯନ୍ତ୍ରଣାରୁ ଶିଖିଯାଏ ।

ମୁଁ ମଧ୍ୟମ ବର୍ଗ
ଅବହେଳିତ ଲାଞ୍ଛିତ ସଦା
କେହି କେବେ
ମୋ କଥା ଶୁଣିବକି ଥରେ ?
ମହୁମାଛି ପରି ଲକ୍ଷ କୁସୁମରୁ
ଟୋପା ଟୋପା ମହୁ ବୋହି ଆଣେ
ମୋ ମହୁ ଫେଣାରେ
ବଡ ସରାଗେ ସାଇତି ରଖେ,
ଜାଣେ, କିଏ ସବୁ ମହୁ ଲୁଟିନିଏ,
ଟୋପାଏ ବି ଛାଡିଯାଏ ନାହିଁ
ମୁହଁ ମିଠା କରିବାକୁ,
ସବୁ ଜାଣେ, ତଥାପି ମୁଁ ଅଜଣା ରହେ ।
କାରଣ, ମୁଁ ମଧ୍ୟବିତ୍ତ
ସବୁ ବିଘ୍ନ ସତ୍ତ୍ୱେ ନିଜ ବୋଝ ଉଠାଇ
ଚାଲିବାରେ ବିଶ୍ୱାସ ମୋ ଥାଏ ।

ପଟିଆ, ଭୁବନେଶ୍ୱର, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭୁଲା ସ୍ମୃତି



ସଂଯୁକ୍ତା ମହାପାତ୍ର

ତୁମେ ମୋତେ ଭଲ ପାଅ କି ନପାଅ
ନିତି ନିତି ଝୁରି ହେଉଥିବି,
ତୁମ କଥା ହୃଦେ ଭାବି ଭାବି ସତେ
ମନକୁ ବୁଝେଇ ଦେବି ।
ହୃଦୟେ ରଖିଛି ତୁମ ପ୍ରିତି ଭରା
ଅପାଶୋରା କେତେ କଥା,
ସେ ସବୁ ଭାବି ମୁଁ ମନେ ମନେ ହସେ
ଓଠେ ହସ ମନେ ବ୍ୟଥା ।
ଆଇନାକୁ ଦେଖି ଭାବଇ ଆଜି ମୁଁ
ସତେ କି ପାଗଳି ହେଲି,
ତୁମର ସେ ସେହ୍ନ ରାଗ ରୁଷା ସବୁ
ମନେରେ ସାଇତି ଦେଲି ।
କେମିତି ଜାଣିବି କୁହ,
ତୁମେ ମୋତେ କେତେ ଭଲପାଅ,
ଅଭିମାନ ଯଦି କରିଦେଲି କେବେ,
କେମିତି ଯେ ଭୁଲିଯାଅ ।
ଡର ଡର ଲାଗେ ତୁମେ ରାଗି ଗଲେ,
ହେଲେ ଭଲ ଲାଗେ
ଦେଖିବାକୁ ତୁମ ମୁହଁଫୁଲା,
ମାନ ଅଭିମାନ ରାଗ ରୁଷା ଆମ ଯେତେ ।
ପ୍ରେମରେ ଲଢେଇ ଅଢେଇ ଘଡିର,
ଭରିଯାଏ କେତେ ରସ ପିରତିର
ମାନ ଭଞ୍ଜନର ମଉକା ଯେ ମିଳେ
ଭଲଲାଗେ ସତେ
ପ୍ରିତି ଦିଆ ନିଆ କାରବାର ।
ମାନିଯାଅ ଏବେ ମନୁଆ ରାଜା ମୋ
ଘଷୁଛି ନାକ ମୋ ଧରୁଛି କାନ,
ଛୋଟ କଥାଟିରେ କରିବିନି ଆଉ
ଏଇମିତି ଅଭିମାନ,
ସାଥି ହୋଇ ଆମେ ସହିଯିବା ସବୁ
ପ୍ରୀତିଭରା ଏ ଜୀବନ ।

ମାର୍ଫତ- ବିନୟ ମହାପାତ୍ର
ପଟିଆ, ଭୁବନେଶ୍ୱର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରତି ମାଆ ଓ ପ୍ରତିମା



ଦୀନବନ୍ଧୁ ବେଜ

ମାଆ ଚିରାଫଟା ପଣତକାନି ଓ
ଫୁରୁଫୁରୁ ନୁଖୁରା କଅଁରା ବାଳ,
ଥୁରୁଥିରୁ ହୋଇ ଥରୁଥିବା ହାତ
ଉଣ୍ଡୁଥିଲା ତା'ର ଫଟା କପାଳ ।
ଦିର୍ଘ ଦିନ ପରେ ସେହି ମାଆ
ଖାଦ୍ୟ ଦେଇ ନପାରି ନିନ୍ଦୁଥିଲା,
ପୁଅଟି ଭୋକରେ ଚୋରି କରି
ନିଷ୍ଠୁର ନିଆଁଚେଙ୍କ ଖାଉଥିଲା ।
ସବୁ ଦେଖି ନିର୍ବିକାର ମାଆ ମନ
ଛାତିରେ ତା'ର ପାହାଡ଼ ଦୁଃଖକୁ,
ଫସିଲରୁ ମୁହଁ କାଢି ବାଣ୍ଟୁଥିଲା
ତା'ର ଆପଣା ହୃଦୟ ବୃତ୍ତାନ୍ତକୁ ।
ସନ୍ତାନର ଶୁଖିଲା ଦରୋଟି ଓଠରେ
ଲହଡି ଭାଙ୍ଗିବାକୁ ଖୁସିର ଜୁଆର ,
ମଙ୍ଗଳ ଆଳତି କରି ବିଭୁ ପାଖରେ
ମୂଲ୍ୟହିନ ହେବନି ମାଆ ମମତାର ।

ଭାଗ୍ୟ ଝୁଲୁଛି ସୂତା ଖିଅରେ ଜାଣିବି
ତଥାପି ଚାଲିଛି ଅଧିକାରର ଲଢ଼େଇ,
କେଁଉଠି ଉଡୁଛି ଆକାଶରେ ଭାଗ୍ୟ
କେଉଁଠି ଦେଉଛି ଭୂମିରେ ଗଡ଼େଇ ।
ଦେଖ ତଥାପି ବଂଚିବ ମଣିଷ ସମାଜ
ପ୍ରତିମା ପାଖେ ନକରି ମୂର୍ତ୍ତିକୁ ପ୍ରାଥନା,
ପ୍ରତି ମାଆକୁ କରିଲେ ପୂଜା ଓ ଅର୍ଚ୍ଚନା
ସତ୍ୟ ଧର୍ମ ନ୍ୟାୟ ହୋଇବ ସ୍ଥାପନା ।
ନାରୀଙ୍କ ଭିତରେ ମାଆର ରୂପକୁ
ଯିଏ ଦେଖିବାକୁ ଚେଷ୍ଟା କରିଥାଏ,
ମାଆ ଭଉଣୀଙ୍କ ସ୍ନେହ ଓ ଆଶିଷ
ଅଦିନ ମେଘପରି ଝରି ପଡ଼ିଥାଏ ।

ମାଲକାନଗିରି

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜୟ ଜୟ ହେ ଭାରତୀୟ ସେନା



ରୋମାଞ୍ଚଳ ଶବର

ଜୟ ଜୟ ହେ ଭାରତୀୟ ସେନା,

ସାରା ବିଶ୍ୱରେ ଉଡୁଛି ତୁମରି ବାନା ।

ଜଳ, ସ୍ଥଳ ଆକାଶ ମାର୍ଗରେ ,

ଯୁଦ୍ଧ କରୁଅଛ ନିର୍ଭୟ ଭାବରେ ।

ନିଜ ଜୀବନକୁ ବାଜି ଲଗେଇ,

ଯୁଦ୍ଧ କ୍ଷେତ୍ରକୁ ଯାଉଅଛ ବନ୍ଧୁକ ଧରି ।

ସହସ୍ର ଶତ୍ରୁ ଛାତିରେ ଗୁଳି ଦେଉଛ ଭରି,

ଶତ୍ରୁ ପଳାଉଛନ୍ତି ଏ ଦେଶ ଛାଡ଼ି ।

ତୁମରି ପାଇଁ ଆଜି ଆମ ଦେଶ,

ଶତ୍ରୁ ଠାରୁ ରହି ଅଛି ସୁରକ୍ଷିତ ।

ଶତ୍ରୁଗୁଡ଼ାକ ଡରୁଛନ୍ତି ଦେଖି ତୁମ ସିଂହ ବେଶ ,

ତୁମେ ହିଁ ଭାରତ ମାଁ ର ବୀର ସୈନିକ ।

ଦେଶ ପାଇଁ ଜୀବନକୁ ଦେଉଛ ଉତ୍ସର୍ଗ କରି ,

ଇତିହାସରେ ରହି ଯାଉଛ ଅମର ହୋଇ ।

ଜୟ ଜୟ ହେ ଭାରତୀୟ ସେନା,

ସାରା ବିଶ୍ୱରେ ଉଡୁଛି ତୁମରି ବାନା ।

ଗ୍ରାମ- ପଡ଼ିଆ ଗାଁ, ଭବାନୀପାଟଣା

ଜିଲ୍ଲା- କଳାହାଣ୍ଡି

ମୋ ନଂ-୮୩୨୦୮୭୬୫୭୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରକୃତିର ବାର୍ତ୍ତା




କ୍ଷୀରସିନ୍ଧୁ ନାଏକ

ସୂର୍ଯ୍ୟର ଅସ୍ତ ସମୟ,
ଠିକ୍ ୫ ଟା ହେବାକୁ ୨ ମିନିଟ୍ ବାକିଥିଲା ।
ଦୈନନ୍ଦିନ ପେଟପାଟଣାର ଦୁଇଓଳି ଦୁଇ ମୁଠା ସଂଘର୍ଷମୟ,
କର୍ତ୍ତବ୍ୟରୁ ଘରକୁ ଫେରିଲି ।

ମାଆ ଯାହା ଦୁଇ ଗଣ୍ଡା ଦେଲେ ଖାଇକି ବିଛଣାରେ
ବିଶ୍ରାମ ପାଇଁ ଗଲି ।
କର୍ତ୍ତବ୍ୟର କ୍ଲେଶରେ କେତେବେଳେ ନିଦ୍ରାଦେବୀ ନିମନ୍ତ୍ରଣ କଲେ
ଜାଣିପାରିଲି ନାହିଁ ।

ହଠାତ୍ କବାଟରୁ ଠକ୍ ଠକ୍ ଶବ୍ଦ ହେଲା ଏହିକ୍ଷଣି ନିଦ ଭାଙ୍ଗିଗଲା ।
ଦେଖିଲି ୪ ଟା ହେବାକୁ ୫ ମିନିଟ୍ ଥିଲା ।
ପୁଣି ଶୋଇପଡ଼ିଲି ।

ଏହି ସମୟରେ ସପ୍ନଟିଏ ହେଲା ।
ଦେଖିଲି ପ୍ରଜାପତିଟିଏ ଉଡି ଉଡି କଦମ୍ବଫୁଲରେ ବସିଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁଣି ଉଡିଗଲା ।

କେଜାଣି ତା ଗତିପଥ ପରିବର୍ତ୍ତନ କରିବାର ଜିଜ୍ଞାସା ହେଲା ।

କିଛିକ୍ଷଣ ତା ସହିତ ବାର୍ତ୍ତାଳାପ କରିବାର ସୁଯୋଗ ପାଇଲି ।

ମୁଁ ପ୍ରଶ୍ନ କଲି :

ହେ ପ୍ରଜାପତି କଣ ପାଇଁ କଦମ୍ବଫୁଲରୁ ଥାଇ କି ଗଠିପଥ ପରିବର୍ତ୍ତନ କଲ ?

ସେ ଉତ୍ତର ଦେଲେ,

ପ୍ରଜାପତି: ହେ ପ୍ରକୃତି ପ୍ରେମିକ ସେହି କଦମ୍ବଫୁଲରେ

ବାସ୍ନା ଆଉ ନାହିଁ ।

କଦମ୍ବ ବୋଲି କାହିଁକି ଏହି ପଞ୍ଚମହାଭୂତରେ ନାହିଁ ।

ପୁଣି ପ୍ରଜାପତି କହିଲେ:

ଶୁଣିଛି ମଣିଷକୁ ଶ୍ରେଷ୍ଠ ଜୀବ କୁହାଯାଏ ।

ମଣିଷ ହିଁ ଏ ପ୍ରକୃତି କ୍ଷୟର କାରଣ ।

ଟିକିଏ ଚିନ୍ତାକରି କହିଲ ଆଗାମୀ ପିଢ଼ି କେତେ ଯେ କ୍ଲେଶ ପାଇବେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୁସିଆର୍ ହୁସିଆର୍ ଏବେଠୁ ଜାଗ୍ରତ ହୁଏ ।

ଏବେଠୁ ସବୁଜ ନିଳୀମା ଗଠନ କର ।

ସଚେତନତାର ବାର୍ତ୍ତା ସହିତ ବୃକ୍ଷ ରୋପଣ କର ବୋଲି କହିଲେ ।

ଏତିକି ସମୟରେ ମୋ ଦିନ ଭାଙ୍ଗିଗଲା ମୁଁ ଚମକି ଉଠିଲି ।

ଭାବିଲି ଏ ବାସ୍ତବନା ସ୍ୱପ୍ନ ।

ଦେଖିଲି ଏତ ସ୍ୱପ୍ନ ଥିଲା ।

କୁହାଯାଏ ପାହାନ୍ତିଆ ସ୍ୱପ୍ନ ସତ ହୁଏ ବୋଲି ।

ମୋ ଆଶା ଆଉ ବିଶ୍ୱାସ ଦିନେ ଏହା ବାସ୍ତବରେ ପରିଣତ ହେବା ।

ଗ୍ରାମ-ପିପଲଝାପର(କରାଡଙ୍ଗରୀ ପଡା)

ପୋଷ୍ଟ -ଗୋତମୁଣ୍ଡା, ଭାୟା-ପର୍ଲା

ଜିଲ୍ଲା -କଳାହାଣ୍ଡି(ଓଡ଼ିଶା)

ପିନ୍- ୭୬୬୧୦୩

ଫୋନ୍ ନଂ-୭୭୪୯୯୩୦୧୪୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଦିଗହରା ପଥିକଟେ



ନେପାଳ କୁମାର ବେହେରା

ମନସ୍ତ କରିଥାଏ ମନଟିଏ
ଗଢିଦବ ସ୍ୱପ୍ନର ତାଜମହଲ୍
ପହଁରିବ ସପନ ସାଗରେ
ଦୋହଲି ଦୋହଲି,,,
ଉଡିଯିବ ଦୂର ନଭ ବକ୍ଷେ
ଉତ୍ତୋଳନ କରିବ ସେ
ମାନବ ରାଜୁତି ଦେଶେ
ଅମାନବ କର୍ମର ଚିତ୍ରକୁ,,,
ଭାଂଗିଦବ ଗର୍ବର ଲଙ୍କାକୁ ।।।

ଆଶାର ଆକାଶ ସ୍ଫଟିକ
ହେବା ପୂର୍ବଦିନ
ଭାଂଗିଯାଏ କାଚଘର,,
କେହିଜଣେ ଶ୍ୱାସରୁଦ୍ଧ କରିଦିଏ
ଚଳନ୍ତା ଦେହକୁ ।।

ମୁକୁଳିବାର ରାସ୍ତାଖୋଜି
ବାଟବଣା ହେଉଥିବା ଦେହଟେ
ହଜିଯାଏ ମାନବସାଗରେ ।।

ଆଉ କେହି ଚିହ୍ନନ୍ତି ନି !
ପୁଣି ସେଇ ବଣମଲ୍ଲୀ
ବାସଚହଟେଇବାର ଆଶାରେ
ଖୁବ୍ ମହକେ,,,
ତଥାପି ତ ବଣମଲ୍ଲୀ
ବଣମଧ୍ୟରେ ବିଳିନ ହୁଏ
କୁରେ ଫୁଲ ପରି ।।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଇଯାଏ ଅଲୋଡା ସେ

ଆଉ କାହାପାଇଁ,,

ବୟସର ଦ୍ରୁତ ଗତିରେ ହାରିଯାଏ

ମନର ଆକାଙ୍କ୍ଷା ।।

ବାସ୍ !!!

ଏବେ ସାଜିଯାଏ

ଦିଗହରା ପଥିକ ଟେ,,,,

ହଁ ,,ଦିଗହରା ପଥିକ ଟେ.........


ଜାମୁଖୋଲ,କଣ୍ଟାମାଳ,ବୌଦ୍ଧ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁଆଁର ପୁନେଇ



ଗୌରୀ ପଣ୍ଡା

କୁଆଁର ପୁନେଇଁ ଜହ୍ନ ଗୋ
ଫୁଲ ବଉଳବେଣୀ ।
କୁଆଁରୀ ମନର
କୁଆଁରୀ ଆଶାର
ସପନ ତୁ ଆଣି ଦେଉ ଗୋ
ଫୁଲ ବଉଳବେଣୀ ।୧

ମନର ମଣିଷ
ପାଇବାର ଆଶ
କୁଆଁରୀ ପାଳଇ ବ୍ରତ ଗୋ
ଫୁଲ ବଉଳବେଣୀ ।୨

ସକାଳୁ ପହରୁ
ଚଉଁରା ମୂଳରୁ
ମନକୁ କରଇ ସଜ ଗୋ
ଫୁଲ ବଉଳବେଣୀ । ୩

ଏକ ମାସ ଧରି
ରହି ଶାକାହାରୀ
ମନ କରିଥାଏ ଶୁଦ୍ଧ ଗୋ
ଫୁଲ ବଉଳବେଣୀ । ୪

ନିତି ସଞ୍ଜ ବେଳେ
ଜହ୍ନି ଓଷା ବେଳେ
ମଣ୍ଡିଥାଏ କେତେ ଫୁଲ ଗୋ
ଫୁଲ ବଉଳବେଣୀ । ୫

ବର ସେ କିପରି
କାର୍ତ୍ତିକେୟ ପରି
ପାଇବାକୁ ତାର ଆଶା ଗୋ
ଫୁଲ ବଉଳବେଣୀ । ୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନ ସାରା ପୁଣି

ଉପବାସ ଆଣି

ଜାଗର ଜାଳିଇ ପରା ଗୋ

ଫୁଲ ବଉଳବେଣୀ । ୭

ଫୁଲ ଆଞ୍ଜୁଳାକୁ

ଖଇ ଆଞ୍ଜୁଳାଏ

ଜହ୍ନ କୁ ଦିଅଇ ପରା ଗୋ

ଫୁଲ ବଉଳବେଣୀ । ୮

କୁଆଁର । ପୁନେଇଁ

ଶେଷ ଦିନ ପାଇଁ

ଛଣାହୁଏ କେତେ ପିଠା ଗୋ

ଫୁଲ ବଉଳବେଣୀ । ୯

ପୁଚି ଖେଳ ଖେଳି

କୁଆଁରୀ ଙ୍କ ମେଳି

ରାତି ଯାଏ ପରା ବିତି ଗୋ ।

ଫୁଲ ବଉଳବେଣୀ । ୧୦

କଉଡି ଖେଳ ରେ

ତାସ ର ପତାରେ

ସଭିଙ୍କର ମନ ଥାଏ ଗୋ ।

ଫୁଲ ବଉଳବେଣୀ । ୧୧

କୁଆଁର ପୂର୍ଣ୍ଣିମା

ନାହିଁ ତା ଉପମା

ଆସୁଥାଉ ପ୍ରତି ବର୍ଷ ଗୋ ।

ଫୁଲ ବଉଳବେଣୀ । ୧୨

ଜୟପୁର, କୋରାପୁଟ, ଓଡ଼ିଶା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକୁହା ସ୍ମୃତି



ଅଲିଭା ସାହୁ

ଫେରି ହୁଆନ୍ତାକି ପୁରୁଣା ଦିନକୁ
ବୁଝାଇ ପାରନ୍ତି ଅବୁଝା ମନକୁ । ।।
ସେଇ ଗାଁ ମାଟି ସେଇ ଗାଁ ପାଣି
ମନେ ଖୁସି ଆଣି ଦିଏ ପୁଣି । ।।
ମାର ପଣତ ମାର ସେ କୋଳ
ଛୁଇଁବାକୁ ଆଜି ମନ ବିକଳ । ।।
ଛୋଟ ଥିଲି ଯେବେ ଡରେ ଅନ୍ଧାରକୁ
କୋଳେଇ ନିଏ ମା ତା ପାଖକୁ । ।।
ବାପାଙ୍କର ସେଇ ସ୍ନେହ ଆକଟ
ସହିଛନ୍ତି ମୋର କେତେ ଅଝଟ । ।।
ବଡ ହୋଇ ସିନା ହେଲି ପର ଘରି
ପୁରୁଣା ଦିନକୁ ନପାରେ ଯେ ଫେରି । ।।

ସଂସାର ମୋହରେ ହୋଇଗଲି ଛନ୍ଦି
ଜିବନ ଲାଗୁଛି ଏବେ ମୋତେ ବନ୍ଦୀ । ।।
ଭଗବାନଙ୍କର ସତେ ଏକି ନିୟମ
କନ୍ୟା ଅଟେ କାଇଁ ପର ଧନ । ।।
ଜନମ ମାଟିରେ ବିତେ ଯେ କେତେ ବରଷ
ଯିବାକୁ ପଡେ ପୁଣି କେବେ ଦୂରଦେଶ । ।।
ନିଜ ଗାଁ ମାଟିରେ ଛାଡି ଯାଏ ସ୍ମୃତି
ଗଲାବେଳେ ସେ ମାଟିକୁ ନପାରେ ଯେ ଦେଖି
। ।।
ଭାବିଭାବି କେତେ ବିତି ଯାଏ ରାତି
ମନ ତଳେ ଲୁଚି ଯାଏ ଅକୁହା ସେ ସ୍ମୃତି ।
।।

ତିରୁଚିରାପଲ୍ଲୀ ,ତାମିଲନାଡୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅସ୍ତିତ୍ୱ



ମୃତ୍ୟୁଞ୍ଜୟ ପାତ୍ର

ହଁ, ଭଲ ଅଙ୍କ କଷୁ ତୁ
ଜାଣେ ମୁଁ
ହିସାବରେ ଭାରି ପକ୍କା ତୁ
ଏକଥା ବି ଜାଣେ ମୁଁ
କିନ୍ତୁ ସମ୍ପର୍କ କୁ ନେଇ ଅଙ୍କ କଷିବା
କେତେଦୂର ଠିକ୍ ଯେ
କିଛି ଶୁଣିପାରୁଛୁ
କିଛିଗୋଟେ ଭାଙ୍ଗୁଛି ନିଶ୍ଚିତ
ବିନା ଶବ୍ଦକରି
ତୋ ଆଖିର ଆଢୁଆଳରେ
ହେଇ ଦେଖ୍
ନିଶ୍ୱାସ ଗୁଡା ବି ଥକିଗଲେଣି
ସେଇ ଘୋଡାର ଟାପୁ ପରି
ଅସ୍ଥିଗୁଡା ଚୁରମାର ହେବା
ଆରମ୍ଭ ହୋଇଛି ମାତ୍ର
ରକ୍ତରଞ୍ଜିତ ପାଦଗୁଡା
ଅଥୟ ହେଲେଣି
କେବଳ ବୃଥା ପ୍ରୟାସ
ଶିକୁଳି ରୁ ମୁକ୍ତି ପାଇଁ
ଆଉ ମୁଁ ?
ହତବାକ୍ ବିବେକ ଆଗରେ
ମୁଁ ନିରୁପାୟ
ମା ହରିଣୀ ର ଆକୁଳ ପ୍ରାର୍ଥନା ପରି
ଦ୍ରୌପଦିଙ୍କ ସମର୍ପଣ ପରି
ମୁଁ ରକ୍ତମାଂସ ର ମଣିଷଟେ
ତୋ ହାତର କାଠ କଣ୍ଢେଇଟେ ପରି
ବାସ୍, ଏତିକି ମୋ ପରିଚୟ
ଏବେ କିନ୍ତୁ ମୁଁ ନିରୁଦ୍ଦିଷ୍ଟ ହବାକୁ ଚାହେଁ
ମଶାଣୀର ପାଉଁଶରେ
ମିଶେଇଦବାକୁ ଚାହେଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋର ଅସ୍ତିତ୍ୱ

ଶାଗୁଣା ଶୃଗାଳ ଙ୍କ ସାମ୍ନାରେ

ବାଢ଼ିଦେବାକୁ ଚାହେଁ

ମୋର ଦେହକୁ

ହଜେଇଦବାକୁ ଚାହେଁ

ସେଇ ମଲାଜହ୍ନ ର ପ୍ରତିଛବିରେ ନିଜକୁ

ବାସ୍ , ଆଉ ଆଙ୍କିପାରୁନି

ମିଛହସ ମୋ ଓଠରେ

ଖାଲି ଥକାପଣ

ଆଉ

ମିଛ ବିଶ୍ୱାସ ର ପ୍ରହସନ

ଆଉ ଭରସିପାରୁନି

ଅଭିନୟ ବି କରିପାରୁନି

ମିଛିମିଛିକା

ତୋତେ ରାଗଲାଗୁଛି ?

ଜମା ବ୍ୟସ୍ତ ହଅନି

ଦୋଷ ଦଉନି ମୁଁ ତୋତେ

ମୁଁ ପରା ମୃତ୍ୟୁ କୁ ଖୋଜୁଛି ।

ଠିକଣା - ବାଲେଶ୍ୱର, ବାଲିଆପାଳ

ପିନ୍ - ୭୫୬୦୨୬

ଦୂରଭାଷ - ୭୫୦୪୦୨୫୭୮୭

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୂର ଅପହଞ୍ଚ ଗାଁ



ପ୍ରଦୀପ୍ତ କୁମାର ବିଶ୍ୱାଳ

ବୁଭୁକ୍ଷୁ ଦାଦନ
ଆତ୍ମ ପରିଚୟ ହୀନ
ଜାତି- ଗୋତ୍ର ଭିନ୍ନ  ! !

ବିବଶ ଏ ଗାଁ-ଦାଣ୍ଡ
ପଦ୍ମପୋଖରୀର ତୁଠ,
ଅଶ୍ରୁ ସିକ୍ତ ନୟନ ଯୁଗଳେ
କେହି  ଜଣେ ଚାହିଁଥାଏ ,
କେବେ ହେବ ପ୍ରବାସୀ ଫେରନ୍ତା ବେଳ  ! !

ଦାରିଦ୍ର୍ୟର ଉଦଣ୍ଡ ତାଣ୍ଡବ
ମୂହୁର୍ମୁହୁଃ ଆଶଙ୍କିତ ମନ,
ଲେଉଟାଣି  ଅପେକ୍ଷାରେ ବ୍ୟାକୁଳ ଏ ପ୍ରାଣ
କେମିତି ଭୁଲିବି କହ ଷଠୀଘର ମାୟା,
ସେ ମୋ ଗାଁ, ଦୂର ଅପହଁଚ ଗାଆଁ  ! !

ବାଲିଗଞ୍ଜ ପ୍ଲେସ,  କୋଲକାତା-୧୯
୮୪୨୦୧୯୬୫୯୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୂନ୍ୟସ୍ଥାନ



ଶାନ୍ତନୁ କୁମାର ରାଉତ

ଶୂନ୍ୟସ୍ଥାନ ଏଠି ସବୁ କ୍ଷଣ ରେ ଯେ
ପୂରଣ କରିବ କିଏ ???
ଅଧିକାର ଯାର ପୁନଃ ପୁଣ ଭାବେ
ଶୂନ୍ୟର କାରଣ ସିଏ
ଶୂନ୍ୟସ୍ଥାନ ଏଠି ସବୁ କ୍ଷଣ ରେ ଯେ
ପୂରଣ କରିବ କିଏ ???

ପାପ ଭାର ଏଠି ବଢ଼ି ବଢ଼ି ଯାଏ
ପୁଣ୍ୟର ଠିକଣା ପଚାରେ କିଏ ?
ଦିନବେଳା ପୁରା ଗେରୁଆ ବାବାଜୀ
ରାତିରେ ରାଣୀଙ୍କ ପାଖରେ ରହେ
ଶୂନ୍ୟସ୍ଥାନ ଏଠି ସବୁ କ୍ଷଣରେ ଯେ
ପୂରଣ କରିବ କିଏ ???

ଜନତା ରୋଦନ କେହି ଶୁଣିବାକୁ ନାହିଁ
ଏଠି ତଣ୍ଟି କାଟିବାକୁ କିଏ ପଛାଏ
ଆମକୁ ମିଳୁନି ଆମେ କାହୁଁ ଦବୁ
ପୁଣି ଲୋକ ପ୍ରତିନିଧି ଦେଖେଇ ହୁଏ
ଶୂନ୍ୟସ୍ଥାନ ଏଠି ସବୁ କ୍ଷଣରେ ଯେ
ପୂରଣ କରିବ କିଏ ???

ଜୀବନ୍ତର ଦେବୀ ଜନ୍ମଦାତ୍ରୀ ମାଆ
ଏକ ଗର୍ଭୁ ଦୁଇ ପୁତ୍ର ଜନ୍ମଏ
ସମୟ ପର୍ଯ୍ୟପ୍ତେ ସେଇ ମାଆ ନିଜେ
ମୁଣ୍ଡ ଗୁଞ୍ଜିବା ଲାଗି ଦୁଇ ଫାଳ ହୁଏ
ଶୂନ୍ୟସ୍ଥାନ ଏଠି ସବୁ କ୍ଷଣରେ ଯେ
ପୂରଣ କରିବ କିଏ ???

ନୂଆସାହି , ପାଟରଙ୍ଗା , ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଛୋଟ ମୋର ଗାଁଟି



ପ୍ରିୟଙ୍କା ପ୍ରିୟଦର୍ଶିନୀ
ଦାସ

ତୋଟାମୂଳ ଠାରୁ ପାହାଡ
ଯାଏଁ ସେ ବେନି କୋଟି,
ପୃଥିବୀ ବିଦିତ ସେହି ମୋ
ନିଜ ଛୋଟ ଗାଁଟି ।

ସରଗ ପଡିଛି ଛିଡି ତା
ପ୍ରତି ଧୂଳିକଣାରେ,
ଆଙ୍କିଛି ତାର  ଚାରୁ ଛବି
ମୋ ହୃଦ-ଅଗଣା ଟାରେ ।

ସେଇଠି ଜନମ, ସେଇଠି
ଅଛି ମୋ ଷଠୀଘର,
ଗୁଞ୍ଜରେ ହୃଦୟ ଆଜି ବି
ତାର ସରସୀ ତୀର ।

ବିଶାଳ ଦୁନିଆ କଣରେ
ମାତ୍ର ଚାଖଣ୍ଡେ ଥାନ,
ଛୋଟ ତାର ସୀମା, ସଂସ୍ଥାନ
ତାଠୁ ଆହୁରି ସାନ ।

ବାରମାସ ଛଅ  ଋତୁରେ
ହୁଅଇ ଯାନିଯାତ,
ଭଲ ଲାଗେ ପିଠାପଣା ଓ
ନଅ ତିଅଣ ଭାତ ।

ଓଡ଼ିଆ ମନ ମୋ ଖୋଜଇ
ନିତି ପଖାଳ କଂସା,
ସେ ଆନନ୍ଦରେ ଲେଖାଅଛି
ମୋ ଗାଆଁ ଚାଳିଶା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମତୁଆଲା ଝର କରେ ତା
        ପାଶେ କେତେ କିମିଆ,
ସପନ ରାଇଜେ ଆଙ୍କେ ତା
        ଲୋଭନୀୟ ଦୁନିଆ ।

ସବୁଠୁ ରୋଚକ ଫଗୁଣ
        ତାର ଉଷାପାହାନ୍ତି,
ଇଛା ହୁଏ  ମାଟିରେ ତାର
        ଥରେ ଶିର ନୁଆଁନ୍ତି ।

ତିନି ହାତ ଦେହେ ଖଞ୍ଜା ମୋ
        ପାଞ୍ଚ ପଞ୍ଜରା କାଠି,
ମରଣ ଲଭିବ କାୟା ମୋ '
        ସେଠି ହେବ ଦାହଟି ।।

ସହଦେବଖୁଣ୍ଟା, ବାଲେଶ୍ୱର
୭୫୬୦୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବଡ଼ବଡୁଆ ହୋ ଆଙ୍କା



ଡଃ ପ୍ରଫୁଲ୍ଲ କୁମାର ପାଣି

ବଡବଡୁଆ ହୋ ଅନ୍ଧାରରେ ଆସି ଦୀପାଳୀଆଲୋକେ ଯାଅ
ମାଟିର ପ୍ରଦୀପ ଏଲିଡି ଆଲୋକେ ହଜାଇଛି ତାର ଦେହ ।

ତମ ହାତଗଢା ଯୌଥ ପରିବାର
ଗହଳି ଚହଳି ନାହିଁ
ଛୋଟ ପରିବାର ନିଃସଙ୍ଗ ଜୀବନ
ନୀରବତା ଯାଏ ଛାଇ ।

ମନେପଡେ ଆଜି ତମ ବେଳ କଥା
ଯେବେ ସଂଜ ନଇଁ ଆସେ
ଚକୁଳି କାକରା ମଣ୍ଡା ପୁରପିଠା
ଘରଗୋଟାଯାକ ବାସେ ।

ମାଟିପ୍ରଦୀପର ଆଲୋକ ବିପଣୀ
ଝଲସାଇ ଦିଏ ପୁର
ଫାଟି ପଡୁଥାଏ ହସ ଓ ଖୁସିରେ
ବହୁକୁଟୁମ୍ବର ଘର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂଜଗଡିଗଲେ ଶୁଦ୍ଧପୂତହୋଇ
ମିଳିତ ହୋଇ ସଭିଏଁ
ଈଶାଣକୋଣରେ ଭୋଗ ଲାଗି ହୁଏ
ହୁଳହୁଳି କମ୍ପୁଥାଏ ।

କାଉଁରିଆ ବିଡା ବନ୍ଧାହୋଇଥାଏ
ନିଆରା ତାର ବନ୍ଧନ
ଅଗ୍ନିର ସଂଯୋଗେ ହୁଏ ଆଲୋକିତ
ମଥାପାତି କରୁ ଧ୍ୟାନ ।

ସମର୍ପିତପ୍ରାଣ କରେ ଉଚ୍ଚାରଣ
ବଡବଡୁଆ ହୋ ଆସ
ଘେନାକର ଆମ ଭକ୍ତିର ଅର୍ଘ୍ୟ
ପୁରେ ପୂରି ଉଠୁ ହସ ।

ସେହି ସଂଜ ଅଛି ସେହି ତାରା ଅଛି
ନାହିଁ -ବହୁକୁଟୁମ୍ବୀର ଘର
ବିଜନରେ ବସି ଝୁରୁଛୁ ତୁମକୁ
ନିଥର ହୋଇଛି ସ୍ୱର ।।

କାମାକ୍ଷାନଗର, ମୋ: ୬୩୭୨୪୫୯୯୬୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରିୟା ତୁମେ ମୋର...



ନବୀନ ସାହୁ

ପ୍ରିୟା ତୁମେ ମୋର ପ୍ରୀତି ଫଗୁଣର

ଗୋଲାପ ଫୁଲର ଛୁଆଁ

ବିରହେ ତୁମର ବହେ ଲୁହ ଧାର

ତନୁମନେ ଲାଗେ ନିଆଁ ।୦ ।

ତୁମରି ଆଖିରେ ସପନ ମୁଁ ଦେଖେ

ମନରେ ତୁମରି ଭାବେ

ନୀଳ ଆକାଶରେ ହୋଇ ବାଦଲ ଟେ

ତୁମକୁ ହିଁ ଖୋଜୁଥାଏ

ଦରଶନ ଟିଏ ପାଇ ଫେରିଯିବି

ଦେଖା ଦିଅ ପ୍ରିୟତମା .... ।୧ ।

ତୁମରି ମନରେ ଦୁଃଖ ମୁଁ ଦେଇଛି

ନୟନେ ଲୋତକ ଧାର

ଏ ଲୋତକ ଧାରେ ବହି ନ ଯାଉ ଗୋ

କାଠ ପରି ଶବ ମୋର

କ୍ଷମା କରି ମୋତେ  ହସି ଦିଅ ଥରେ

ବିଛାଇ ଜହ୍ନ ଜୋଛନା ... ।୨ ।

ବେହେରାଟାଲ, ବରଗଡ଼

୭୨୭୪୫୩୦୧୮

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବୃକ୍ଷ୍ୟ ଆମର ବନ୍ଧୁ



ସୌଭାଗ୍ୟବତୀ ଗିରି

ସୃଷ୍ଟି ଆରମ୍ଭରେ ଭଗବାନ ଯେବେ ମଣିଷକୁ ସୃଷ୍ଟି କଲେ,
ବିପଦୁ ଆପଦୁ ତରିବା ପାଇଁକି ସଚ୍ଚା ବନ୍ଧୁଟିଏ ଦେଲେ,
କଲେ ସତର୍କବାଣୀ,
ବୃକ୍ଷ ସଚ୍ଚା ବନ୍ଧୁ ବୋଲି ଭଣି ।(ଘୋଷା)

ବୃକ୍ଷଟି ଆମର ପ୍ରକୃତ ବନ୍ଧୁ ହେ ମନେରଖ ଏହି ବାଣୀ,
ବୃକ୍ଷ ସାଥେ କର ବନ୍ଧୁତା ସଭିଏଁ ଯେତେକ ଭାଇଭଉଣୀ,
ସେ ଯେ ରକ୍ଷାକବଚ,
ଦେଖେ ନାହିଁ ସିଏ ଉଚ୍ଚନୀଚ ।(୧)
ଏନ୍ତୁଡି ନିଆଁରୁ ଆରମ୍ଭ ବନ୍ଧୁତା ମଶାଣିର ଜୁଇ ଯାଏ,
ବିଷ ସିଏ ପିଇ ଅମୃତର ସ୍ୱାଦ ଆମକୁ ଚଖାଉଥାଏ,
ସେ ଯେ ସଖା ଆମର,
ତାର କୃପାବାରି ଯେ ଅପାର ।(୨)
କେତେ ବିଶାଳ ତା ହୃଦୟ ସତରେ ମନେ କରୁଣା ଅପାର,
ଯେତେ ଗାଉଥିଲେ କେବେ ନ ସରିବ ଏମିତି ମହିମା ତାର,
ସେ ଯେ ନିଃସ୍ୱାର୍ଥପର,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିପଦ ବେଳର ସହୋଦର । (୩)

ଜୀବଜଗତର ମଧ୍ୟେ ପରା ଏଇ ବୃକ୍ଷ ଅଟଇ ଯେ ସାର,

ଅହର୍ନିଶି ଖାଲି ଚାହିଁ ବସିଥାଏ କରିବାକୁ ଉପକାର,

ସେ ଯେ ପରୋପକାରୀ,

ଦୁଃଖ ଦୂର କରଇ ସବୁରି ।(୪)

ସାରା ଶରୀର ତା ସମର୍ପିତ ଥାଏ ସମାଜର ହିତ ପାଇଁ,

ସ୍ୱଚ୍ଛ ପରିବେଶ ସ୍ୱଚ୍ଛ ଜଳବାୟୁ ସିଏ ଥିଲେ ଥାଏ ରହି,

ତା'ର ପାଖରେ ପୁଣି,

ସାରା ଦୁନିଆଟା ଅଟେ ଋଣୀ ।(୫)

ଖାଦ୍ୟ ବସ୍ତ୍ର ବାସଗୃହ ସାଥେ ପୁଣି ଦେଉଅଛି ଅମ୍ଳଜାନ,

ରୋଗହେଲେ ପୁଣି ଔଷଧ ଦେଇ ସେ ବଞ୍ଚାଏ ଆମ ଜୀବନ,

ଦେଇ ଶୁଦ୍ଧ ପବନ,

କରେ ସଂସାର ହିତ ସାଧନ ।(୬)

ବନ୍ଧୁତାକୁ ଭୁଲି ତା'ଉପରେ ଆମେ କରୁ କେତେ ଅତ୍ୟାଚାର,

ବାରବାର କ୍ଷମି ଆମ ପାଇଁ ପୁଣି ଝରାଏ ଅମୃତ ଝର,

ସହି କେତେ କଷଣ,

ରଖେ ଆମରି ଅମୂଲ୍ୟ ପ୍ରାଣ ।(୭)

ସୃଷ୍ଟି ଆରମ୍ଭରୁ କରିଥିଲା ବୋଲି ବନ୍ଧୁତା ଆମ ସାଥୀରେ,

ନିଜ ଜୀବନକୁ ବଳିଦାନ ଦେଇ ଆମ ସୁଖ ଚିନ୍ତାକରେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖି ବନ୍ଧୁତା ମାନ,

ଦୁଃଖ କରି ଚାଲିଛି ହରଣ ।(୮)

ଏବେଠାରୁ ଆମେ ସଚେତନ ହୋଇ ନକଲେ ବୃକ୍ଷରୋପଣ,

ମାନବ ସଭ୍ୟତା ଧରିତ୍ରୀ ବକ୍ଷରେ ହେଇଯିବ ଯେ ବିଲୀନ,

ଆଖିରୁ ଧରିତ୍ରୀର,

ଲୁହ ଝରୁଥିବ ଝରଝର ।(୯)

ବନ୍ଧୁର କର୍ତ୍ତବ୍ୟ ବୃକ୍ଷ ବୁଝିଅଛି ଆମେ ଯେ ଅବୁଝା ଜନ,

ବେଳ ଥାଉଥାଉ ସୁଧୁରିକି ସର୍ବେ ହେଇଯିବା ସାବଧାନ,

ଚିହ୍ନି ପ୍ରକୃତ ସାଥୀ,

ବୃକ୍ଷ ରୋପଣ କରିବା ନିତି ।(୧୦)

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଗତର ହିତ ପାଇଁ



ଅଜୟ କୁମାର ବେହେରା

ଗୋଟି ଗୋଟି କରି ଗଢିଅଛ ପ୍ରଭୁ
ସଂସାରର ଯେତେ ଜୀବ
ଏ ଜୀବ ଜୀବନ କେବେ ଛାଡ଼ି ଯିବ
ତୁମଛଡ଼ା କେ କହିବ ।୧ ।

ଫୁଲ ଦେହେ ବାସ ଭରିଅଛ ପ୍ରଭୁ
ଜଗତର ହିତ ପାଇଁ
ନାନା ଜାତି ଫଳ ସର୍ଜି ଅଛ ତୁମେ
ଅନ୍ୟର ମୁହଁକୁ ଚାହିଁ ।୨ ।

ରହିବାକୁ ବାସ ପିନ୍ଧିବାକୁ ବସ୍ତ୍ର
କିଛିରେ କରିନ ହେଳା
ତଥାପି ନର ସେ ବୁଝି ପାରେ ନାହିଁ
ଅଚୀରେ ବୁଡ଼ାଏ ଭେଳା ।୩ ।

ଗଢିଅଛ ପୁଣି ଦିବସ ରଜନୀ
ସବୁରି ମଙ୍ଗଳ ପାଇଁ
ତଥାପି ଏ ନର ଭାଗ୍ୟେ ଦୋଷ ଦେଇ
କର୍ମ ଯେ କରଇ ନାହିଁ ।୪ ।

ବିବେକ ବିଚାର ସବୁ ଥାଇ ପୁଣି
ନିଷ୍ଠୁର ସାଜଇ ସିଏ
ଅପକର୍ମ କରି ପର ଅନିଷ୍ଟରେ
ଜୀବନ ବିତେଇ ଦିଏ ।୫ ।

ସହିବାକୁ ଶକ୍ତି ଲଢ଼ିବାକୁ ବଳ
ଅଶେଷ ଦିଅ ହେ ପ୍ରଭୁ
ଦିନ ସରି ଯାଉ ରାତି ପାହି ଯାଉ
ତୁମ କଥା ଭାବୁ ଭାବୁ ।୬ ।

ମୋରଡ଼ା,ମୟୂରଭଞ୍ଜ ।
୯୭୭୭୦୨୫୪୫୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କି କରିବି ବତାଅ ବାଟ



ବି. ନିରୁପମା

କି ଲାଗି ହେ ମୋହନ ,
ଅଟକାଇ ଏ ସ୍ଥାନ
ପଚାରୁଛ ଗହନ-
ବିଷୟ କଥାମାନ ।

ଉତ୍ତର ମୁଁ କି ଦେବି କୁହ ;
ବେନିଙ୍କୁ ସମଦଶା ,
ପଡ଼ିଅଛି ସହସା ...
ମନା-ମାନି ଦୂରେଇ ରୁହ ।

କହୁଛ ପ୍ରାଣ ସଖୀ ,
କେବଳ ମନ ରଖି
ରଖିଛ କିବା ବାକି-
କଳଙ୍କ ଅଛ ମାଖି ।

ବଂଶୀ ସୁରେ ବାଇ ମୋ ନାଆଁ ;
କାହିଁକି ହେ ନାଗର ,
ହଟହଟା ଯେ କର ...
ଅପବାଦେ ଉଠୁଛି ଗାଆଁ ।

ତୁମ ବିଚ୍ଛେଦ ସହି ,
ପାରୁନି ଜମା ରହି
ନ ପାରେ କା'ରେ କହି-
ମରମ ହୁଏ ଦହି ।

କି କରିବି ବତାଅ ବାଟ ;
କହିଛ ଆଗୁଁ ଖୋଲି ,
ଭୋଗ-ଏ ଦଶା ବୋଲି ...
ମନା ଏବେ ଯମୁନା ତଟ ।

ମାମୁରିଆ, ଛେଣ୍ଡିପଦା,ଅନୁଗୋଳ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ୍ମା କୁଣ୍ଡ



ଯଚିନ୍ଦ୍ର ସ୍ୱାଇଁ

ମାଲକାନଗିରି ଖଇରପୁଟରେ
ଅଛି ଏକ ତୀର୍ଥ ସ୍ଥଳ
ପ୍ରାକୃତିକ ଶୋଭା ଅତି ମନୋହର
ପରିପୂର୍ଣ୍ଣ ତାର କୋଳ ।(୧)

ଖଇରପୁଟରୁ ଚାରି କି.ମି. ଦୂର
ଅଟେ ଆମ୍ମାକୁଣ୍ଡ ସ୍ଥଳ
ଶୈବପିଠ ଆଉ ପାହାଡ ଝରଣା
ଚତୁଃପାର୍ଶ୍ୱେ ହୁଏ ମେଳ । (୨)

କିମ୍ବଦନ୍ତୀ କହେ ଦାମଲଦେଇ ମା
ବାଣ୍ଟୁଥିଲେ ପିନ୍ଧା ବସ୍ତ୍ର
ପର୍ବ ପର୍ବାଣୀର ଅବସାଦ ପରେ
ଫେରାଉଥିଲେ ସେବସ୍ତ୍ର ।(୩)

ନିୟମର ଭଙ୍ଗ କଲା ଏକ ନାରୀ
ଆମ୍ମା ଦେବୀ ହେଲେ ରୋଷ
ବସ୍ତ୍ରର ପେଡ଼ିକୁ ଫୋପାଡିଣ ଦେଲେ
ଝରଣାରେ ହେଲା ଲେଶ ।(୪)

ପରେ ଦେବୀ ଏକ ପିତ୍ତଳ ଢାଳକୁ
ବହୁଦୂର ଫୋପାଡିଲେ
ଢାଳଟି ଯେଉଁଠି ପଡିଲା ସେଠାରେ
ଲୋକେ ତାଙ୍କୁ ପୂଜା କଲେ ।(୫)

ପଥର ପେଡ଼ିଟି ପଥର ଢାଳଟି
ଆମ୍ମାଙ୍କ ରୋଷର ଫଳ
ସେହି ସ୍ଥାନ ଶୈବପୀଠ ପାଲଟିଛି
ମିଳେ ସେଠି ପୁଣ୍ୟ ଫଳ ।(୬)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶ୍ରାବଣ କାର୍ତ୍ତିକ ସୋମବାର ଦିନ

ଶ୍ରଦ୍ଧାଳୁଙ୍କ ସମାଗମ

ଶିବରାତ୍ରି ଦିନ ପୂଜିଲେ ସେଠାରେ

ପୂର୍ଣ୍ଣ ହୁଏ ମନସ୍କାମ ।(୭)

ବଣ ଜଙ୍ଗଲ ପାହାଡ ପର୍ବତ

ଆଚ୍ଛାଦିତ କରି ଅଛି

ଆମ୍ଭାଙ୍କ ଆଶିଷ ମୋ କଲମ ମୁନେ

ପ୍ରକାଶିତ ହେଉ ଅଛି ।(୮)

ପର୍ଯ୍ୟଟନ କ୍ଷେତ୍ର ହୋଇବ ନିଶ୍ଚିତ

ଇତିହାସେ ସ୍ଥାନ ନେବ

ଆମ୍ଭାକୁଣ୍ଡ ନାମ ଜାଣିବ ଜଗତ

ଧନ୍ୟ ଏହି କ୍ଷେତ୍ର ହେବ ।(୯)

ଭା.ପ୍ରା. ପ୍ରଧାନ ଶିକ୍ଷକ,

ଡାଇକ-୩, ବାଲିମେଳା,ମାଲକାନଗିରି

ଦୂରଭାଷ : ୭୬୮୨୮୬୪୪୫୧

୯୪୩୭୭୭୫୨୩୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଝରକା



ଦମୟନ୍ତୀ ଜେନା

ଦୁଇଟି କବାଟ ଲାଗିଥାଏ ସେଠି
ଝରକା ବୋଲାଏ ସେ
ଖୋଲିବାକୁ ଭାରି ଡର ଲାଗେ ମୋତେ
ସକାଳୁ ଉଠାଏ ସେ ।

ସକାଳୁ ସକାଳୁ ଝରକା ପାଖରେ
ଘଡିଏ ନ ଚାହିଁଲେ
ଦିନ କଟେ ନାହିଁ ମୋହର ଜାଣ
ଭଲରେ ଭଲରେ ।

ବଡି ଭୋରରୁ ରବିଙ୍କ କିରଣ
ଆସି ପଡେ ତା ଉପରେ
ଝରକା ଫାଙ୍କରୁ ଆଲୁଅ ଦିଶିଲେ
ଉଠିପଡେ ତତ୍ ପରେ ।

ଝରକା ଖୋଲିଲେ ଶିତଳ ପବନ
ସ୍ପର୍ଶ କରେ ମୋ ମନକୁ
ପଡିଶା ଘରର ଜଳଖିଆ ବାସ୍ନା
ତପ୍ତ କରେ ମୋ ପାଦକୁ ।

କମଳା ରଙ୍ଗର ସୂର୍ଯ୍ୟଙ୍କୁ ଦେଖି
ମନ ହୁଏ ଆନନ୍ଦିତ
କିଚିରି ମିଚିରି ପକ୍ଷୀଙ୍କୁ ଦେଖି
ହୁଏ ମୁଁ ଉଲ୍ଲସିତ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେବେଳେ ଶୁଣେ ଆମ୍ବଗଛରେ
କୋଇଲିର କୁହୁ ରାବ
କେତେବେଳେ ଦେଖେ ପିଜୁଳି ଗଛରେ
ଶୁଆଶାରିଙ୍କର ଭାବ

କେତେବେଳେ ଦେଖେ ନୀଳ ଆକାଶରେ
ଝିପି ଝିପି ମେଘ ବର୍ଷା
କେତେବେଳେ ଦେଖେ ଖଜୁରି ଗଛରେ
ବାଇଚଢେଇର ବସା

ସକାଳୁ ସକାଳୁ କାନ ଡେରି ଶୁଣେ
ମଙ୍ଗଳ ଆଳତି ଘଣ୍ଟି
ଶଙ୍ଖ , ହୁଳହୁଳି, ଢୋଲ ଝୁମୁକାରେ
ପୁରି ଉଠେ ଆମ ପୀଠ ।।।।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୃଦୟ



ରୋହିତ ସେଠୀ

ରକ୍ତ ମାଂସରେ ଗଢ଼ା ଏହି ହୃଦୟ
ସହେ ଯେ କେତେ ଯାତନା
କାନ୍ଦୁଥାଏ ସେତ ବାହୁନି ବାହୁନି
ହେଲେ କେ ଦେଖି ପାରେନା ।

ଦୁଃଖକୁ ଆବୋରି ଖୁସି ବାଣ୍ଟିଦିଏ
ନିର୍ମଳ ହୃଦୟଟିଏ
ସଭିଙ୍କୁ ଆଦରି,ସେନେହ ରଜ୍ଜୁରେ
ନିମିଷକେ ବାନ୍ଧିଦିଏ ।

ପ୍ରେମରେ ପଡ଼ିଲେ ସର୍ବସ୍ୱ ପ୍ରଦାନେ
କରେନାହିଁ କୁଣ୍ଠାବୋଧ
ତଥାପି କାହିଁକି ପ୍ରତାରକଟିଏ
ହୃଦେ କରେ ଶରବିଦ୍ଧ ।

ମନର ଆବେଗେ ହୃଦୟେ ଅଙ୍କୁରେ
କେବେ ପ୍ରେମ କେବେ ଘୃଣା
ଆନନ୍ଦରେ କେବେ ପାଛୋଟି ଆଣଇ
କେବେ କରେ ପ୍ରତାରଣା ।

ମହାନ ହୃଦୟ ସର୍ବଦା ବିଜୟ
ପରକୁ ଆପଣା କରି
ଅମରତ୍ୱ ଲଭେ ଏ ଭବ ସଂସାରେ
ଅରଜନେ ସୁଖ ଶୀରି ।

ଦୁତିମେଣ୍ଡ୍ରୀ, ମଲିକସାହି
ଖଜୁରୀପଡା, କନ୍ଧମାଳ
ଦୂରଭାଷ-୭୭୩୫୨୧୪୩୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଗବାନ ତମେ କୋଉଠି ?



ଜଗନ୍ନାଥ ରଥ

ତମ ସୃଷ୍ଟି ରେ ସବୁଠୁ ସୁନ୍ଦର୍ ଏ ପୃଥିବୀ
ସେ ପୃଥିବୀ ରେ ସବୁଠୁ ଚତୁର ପ୍ରାଣୀ ମଣିଷ
ଆଜି ସେ ମଣିଷ ତମ ସୁନ୍ଦର୍ ସୃଷ୍ଟିକୁ..
ଧ୍ୱଂସ ବିଧ୍ୱଂଶ କରିଚାଲିଛି...
ଏ ସବୁ ସହି ନପାରି ପୃଥିବୀ ପଚାରୁଛି..
ହେ ଭଗବାନ୍... ତମେ କୋଉଠି ?

ତମ ସୃଷ୍ଟିକୁ ବଞ୍ଚେଇ ରଖିବାକୁ ସର୍ଜନା କଲ ପ୍ରକୃତି
ପ୍ରକୃତି କୋଳରେ ଅନେକ ପ୍ରାଣୀଙ୍କ ସହ ବଞ୍ଚିଲା ମଣିଷ
ଆଜି ସେ ମଣିଷ ତମ ସର୍ଜନାର ପ୍ରକୃତିକୁ
ଛିନ୍ ଭିନ୍ କରି ଚାଲିଚି..
ଏ ସବୁକୁ ଦେଖି ପ୍ରକୃତି ରାଣୀ ପଚାରୁଛି..
ହେ ଭଗବାନ୍... ତମେ କୋଉଠି ?

ତମ ସୁନ୍ଦର୍ ସୃଷ୍ଟିର ଅନ୍ୟ ଏକ ରଚନା ନାରୀ
ସେ ନାରୀ କୁ କଲ ସକଳ ଶକ୍ତିର ଆଧାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ଏଠି ଯୁଗ ଯୁଗ ଧରି ନାରୀ

ହୋଇଚାଲିଚି ଶୋଷିତା, ନିର୍ଯ୍ୟାତିତା.

ଏ ସବୁରୁ ମୁକ୍ତିପାଇଁ ଅସହାୟ ନାରୀଟିଏ ପଚାରୁଛି

ହେ ଭଗବାନ୍... ତମେ କୋଉଠି ?

ତମ ସର୍ଜନା ର ଅନ୍ୟ ଏକ ଦିଗ ବିଶ୍ୱାସ

କାରଣ ବିଶ୍ୱାସ ମୂଳେ ଏ ଜଗତ

କିନ୍ତୁ ଏଠି ପାଦେ ପାଦେ ରେ

ଅବିଶ୍ୱାସର ପଙ୍କ ଦେଇ ଚାଲିବାକୁ ହୁଏ

ବିଶ୍ୱାଘାତକ ର ଛାଟ ପ୍ରତିକ୍ଷଣି ପିଠିରେ ବାଜେ

ବିଶ୍ୱାସ ଅବିଶ୍ୱାସର ଦ୍ୱନ୍ଦରେ ଆଜି ମୁଁ ପଚାରୁଛି...

ହେ ଭଗବାନ୍... ତମେ କୋଉଠି ?

ଘୁ.ଉଦୟଗିରି, କନ୍ଧମାଳ

୭୬୨୧୦୦

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ସ୍ମୃତି : ଏକ ରୂପାଜହ୍ନ



କିଶାନ ସ୍ୱାଇଁ

ଅଭୁଲା ଅତୀତ ଭୁଲି ପାରୁନାହିଁ ଆଜିବି ପଡୁଛି ମନେ,
ଚାଲୁଛି ଚାଲିବି ଜୀବନର ବାଟ ଜିଇଁଛି ମୁଁ ଯେତେ ଦିନେ ।
ମନେ ଅଛି ତୁମ ମିଛ ପ୍ରତିଶ୍ରୁତି ମିଛ ଆଶ୍ୱାସନା କେତେ,
ପ୍ରୀତିର ପରଶେ ତଲ୍ଲୀନ ଥିଲି ମୁଁ ଆଚ୍ଛନ୍ନ କରିଲ ମୋତେ ।

ହସ ତୁମ ଝଲ୍ସେ,ହୁଏ ମୁଁ ବିଭୋର
ଆଜି ସ୍ଥିତି ମୋର ବିରହେ ବିଧୁର ।

କାଲି କହୁଥିଲ ରହିପାରିବନି ତୁମ ବିନା ମୁଁ ମୁହୂର୍ତ୍ତେ,
ଆଜି ପୁଣି ତୁମେ ବଦଳି ଯେ ଗଲ ମନେ କି ପଡୁନି ମୋତେ ?
ନିଦଭରା ସ୍ୱପ୍ନେ ଉଡିବୁଲୁଥିଲି ଅଜଣାରାଇଜେ କେତେ,
ଜାଣିନି କାହିଁକି ସ୍ୱପ୍ନ ଭାଙ୍ଗିଦେଲ ବାସ୍ତବତା ଦୁଃଖ ଏତେ !

ହୃଦୟ-ଆକାଶେ ଥିଲ ମୋ ଚନ୍ଦ୍ରମା,
ତୁମ ବିନା ପ୍ରୀତି; ନୁହେଁ ସମ୍ଭାବନା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାସ୍ତବତା ଜ୍ୱାଳା ଏତେ ଯେ ପ୍ରଖର ଜାଣି ମୁଁ ନଥିଲି କେବେ,
ପାଣି ବିନା ମାଛ ଯେତେ ଛଟପଟ,ଅନୁଭବ କରେ ଏବେ ।
ଥୁଣ୍ଟା ବୃକ୍ଷଟିଏ ସାଜି ମୁଁ ଯାଇଛି ତୁମ ଗ୍ରୀଷ୍ମ ପ୍ରବାହରେ,
ଅହରହ ଦୀପ ପରି ମୁଁ ଜଳୁଛି ତୁମରି ଅନ୍ତର୍ଦାହରେ ।

ତୁମ ଲାଗି ଥିଲା ଜୀବନେ ମଳୟ,
ତୁମେ ଗଲ ଚାଲି,ହେଲା ଝାଞ୍ଜିମୟ ।

ପ୍ରିୟତମା ମୋର, ସ୍ୱପ୍ନ ଅପସରୀ,
ବୁଡିଗଲା ମୋର ପ୍ରେମ-ପ୍ରୀତି ତରୀ ।
ତମେ ଆଉ ନାହଁ, ହାତମୁଠାରୁ ସମୟ-ବାଲି ଗଲା ଝରି,
ଭାଙ୍ଗିଲା ହୃଦୟ, ମୋ ଜୀବନୁ ଯେବେ ଗଲ ଅପସରି ।

ଗଢିଦେଇଗଲ ମୋ ସ୍ମୃତି-ସମାଧି,
ଛିନ୍ନକରି ମୋର ପ୍ରେମର ପରିଧି ।

ଆମ୍ବିଳି ଗାଁ,କୋଣାର୍କ,ପୁରୀ
ସଂପର୍କ:୯୩୪୮୨୨୦୬୩୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମ ବିଦ୍ୟାଳୟ



ସେବକ ବସନ୍ତ
କୁମାର ମହାପାତ୍ର

ଆମ ବିଦ୍ୟାଳୟ ଉଚ୍ଚ ଅଭିଳାଷ,
ସାକ୍ଷ କରେ ସେ ବହନ ।
ମୂକ ସାକ୍ଷୀ ନୁହେଁ ଆଶା ନିର୍ଝରଣୀ,
ପ୍ରାପ୍ତିର ବୀଜ ବପନ ।୧ ।

ସମୂହ ପ୍ରାର୍ଥନା ପ୍ରତି ପ୍ରଭାତରେ,
ଈଶ୍ୱରଙ୍କୁ ନିବେଦନ ।
ଏତିକି ଶିଖାଅ ସାଇଁ ହେ ଜୀବନେ,
ଲୋଡ଼ା ନାହିଁ ଧନ ଜନ ।୨ ।

ଅନେକ ଗଲେଣି ଅନେକ ଆସିବେ,
ତାର ପ୍ରାଙ୍ଗଣ ମଧ୍ୟକୁ ।
ଆଶାବତୀ ସିଏ ଫଳବତୀ ସିଏ,
ଭୁଲେନି କର୍ମ ପଥକୁ ।୩ ।

ଉଠିଛି ପଡ଼ିଛି ସମୟ ପଥରେ,
ସହିଛି ଅନେକ ବାଧା ।
ବର୍ଷ ବର୍ଷ ଧରି ଲଢ଼େଇ କରିଛି,
ଦେଖି ମାନ ଅସୁବିଧା ।୪ ।

ଶିକ୍ଷା ବି ଦେଇଛି ଦୀକ୍ଷା ବି ଦେଇଛି,
ମଣିଷ ନିର୍ମାଣ କରି ।
ସାରଥି ସୈନିକ କର୍ତ୍ତବ୍ୟ ପୁରୋଧା,
ଲାଳନ ପାଳନ କରି ।୫ ।

ଦେଇଛି ସମାଜେ ଦେଶସେବୀ ମାନ,
କର୍ମର ମୂଳ ମନ୍ତ୍ରରେ ।
ସାଜନ୍ତି ଅଗ୍ରଣୀ ପଂକ୍ତିର ସେବକ,
ମାଡ଼ି ଚାଲି ତା ସୂତ୍ରରେ ।୬ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିକ୍ଷାର ଆସର ପ୍ରତି କକ୍ଷ ତାର,
ଶିକ୍ଷକ ଛାତ୍ର ମିଳନ ।
ଦୀକ୍ଷିତ ହୁଅନ୍ତି ଉତ୍ତମ ବିଚାରେ,
ନିତି ମାନବ ନିର୍ମାଣ ।୭ ।

କଠୋର ନିୟମ  ପରୀକ୍ଷା ବିଧାନ,
ଶିକ୍ଷା ମୂଲ୍ୟାୟନ ତାର ।
ସଫଳ ବିଫଳ  ମୁଦ୍ରା ଦୁଇ ପାର୍ଶ୍ୱ,
ଉଚିତ ଶିକ୍ଷା ଆଧାର ।୮ ।

ଦେଉଛି ପ୍ରେରଣା  ସବୁରି ପ୍ରାଣରେ,
ସତ୍ୟର ପଥ ଧାରଣ ।
ନ ହାରୁ ରଣରେ ଦେଶ ମାତୃକାର,
ମନରେ ଅନୁଶାସନ ।୯ ।

ବିଦ୍ୟାଳୟ ପୂଜା ମହୋତ୍ସବ ମାନ,
ସାଙ୍ଗ ସାଥୀ ଖେଳକୁଦ ।
ବନ ଭୋଜି ସଙ୍ଗେ ମିଳିମିଶି ଖିଆ,
ଝୁରି ହୁଏ  ମନ ଅଦ୍ୟ ।୧୦ ।

ଅନୁଭୂତି ସଦା  ସତେଜ ହୁଅଇ,
ନିକଟକୁ ନିଏ ଟାଣି ।
ଅନେକ ବର୍ଷର  ମିଳନ ପର୍ବରେ,
ମନ ଆଜି ହୁଏ ଜିଣି ।୧୧ ।

ବେଳେ ବେଳେ ଭାବେ ମିଳିବ ସୁଯୋଗ,
ଆଉ ଥରେ ଯିବି ପଢ଼ି ।
ସେହି ଶ୍ରେଣୀ ଗୃହେ ବସୁଥିବି ନିତି,
ଅଭିଳାଷ ଥିବ ବଢ଼ି ।୧୨ ।

ପେଟ ପୋଷିବାକୁ ତନ ଢାଙ୍କିବାକୁ,
ଖଣ୍ଡେ କନା ମୁଠେ ଅନ୍ନ ।
ଜଗତ ଜଞ୍ଜାଳ  ହୁଏ ସମାହିତ,
ଧ୍ୟାନ କେନ୍ଦ୍ରିତ ଏ ମନ ।୧୩ ।

ପାରିବା ପଣିଆ ହୁଏ ନିର୍ଦ୍ଧାରିତ,
ଅର୍ଥବଳ ବାହୁବଳ ।
ତଥାପି କରିନି ଆମ ବିଦ୍ୟାଳୟ,
ଭାଙ୍ଗେନି କା' ମନୋବଳ ।୧୪ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିନି ନିଜକୁ ବ୍ୟବସାୟ କେନ୍ଦ୍ର,
ଶିକ୍ଷାର ବେପାରୀ ହାତେ ।
ବିଦ୍ୟାକୁ ସର୍ବଦା ରଖିଛି ମୁକ୍ତରେ,
ସଭିଙ୍କୁ ସର୍ବଦା ବାଣ୍ଟେ ।୧୫ ।

ଭାବେ ମନେ ସଦା କରି କି ପାରନ୍ତି,
ତା'ର କିଛି ଟିକେ ସେବା ।
ଉନ୍ନତି କଳ୍ପରେ ଗୁଣ୍ଡୁଚି ସଦୃଶ,
ବାଲି ରେଣୁ କିଛି ଦେବା ।୧୬ ।

ଧନ୍ୟ ହେବ ପ୍ରାଣ ଏଇ ଜନମରେ,
କିଛିଟା ଶୁଝିବ ଋଣ ।
ସମୟ ସାଥିରେ ଆମ ବିଦ୍ୟାଳୟ,
ବଢ଼ିବ ବଢ଼ାଇ ମାନ ।୧୭ ।

ଖଳିପାଟଣା, ବୋଲଗଡ଼, ଓଡ଼ିଶା ।
ବର୍ତ୍ତମାନର ଠିକଣା :
ଚନ୍ଦ୍ରପୁର, ଝାଡ଼ଖଣ୍ଡ, ଭ୍ରାମ୍ୟଭାଷ :
୯୪୨୧୧୩୦୬୮୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୁହ



ପୁଷ୍ପଲତା ସାହୁ

ଆଖିର କୋଣରେ ଲୁଚି ରହିଛି ସେ
ଦେଖା ଦିଏ ନାହିଁ ମୋତେ
ମନର ଆଘାତ ଆସିଲେ ତ ଥରେ
ଝରି ପଡିଥାଏ ସତେ
କିଛି ଲୁହ ପିଏ ଓଠଟା ମୋହର
କିଛି ରହିଯାଏ ଲୁଚି
ପଣତ କାନିରେ ପୋଛା ହୁଏ କିଛି
ସପନ ଦେଖାଏ କିଛି
ଲୁହ ହୋଇ ଯେବେ ବହି ଯାଇଥାଏ
ସଜାଇ ଅଶ୍ରୁର ବନ୍ୟା
ପର କରିଦେଇ  ଯାଏ ଶାଶୁଘର
ଅଲିଅଳି ରାଜକନ୍ୟା

ମାନ ଅଭିମାନ ଶେଷ ହୋଇଯିବ
ଆଖିରୁ ବୋହିଲେ ଲୁହ
ପ୍ରିୟାର ଆଖିରେ ଆଖି ମିଶାଇଲେ
ମିଟି ଯିବ ସବୁ କୋହ
ଭାରି ଅମାନିଆ ବୁଝେନା ସେ କିଛି
ଝରେ ସେ ଝରଣା ତୁଲ
ସାଇତି ରଖିଛି  ତାକୁ ମୋ ଆଖିରେ
ମୂଲ ତା ଅମୁଲ ମୂଲ

ଶିକ୍ଷୟିତ୍ରୀ
ଜୟବଡ, ଜଗତସିଂହପୁର
ଫୋନ ନମ୍ବର : ୭୦୦୮୮୨୩୪୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୀତ ଗୀତ



ସତ୍ୟବ୍ରତ ସାହୁ

ଶୀତ ସକାଳ:-

ଶୀତ ସକାଳର କଅଁଳ ଖରାରେ ଖରା ପୁଏଁ ଯେବେ ପ୍ରିୟା,

ଖରା ପୋଇଁବାର ବାହାନାରେ ମୋର ଚାଲେ ମନ ଦିଆ ନିଆ ।

ଶୀତ ଦିନ :-

ଶୀତ ଦିନଟାରେ ଭାରି ଚିଡା ଲାଗେ ଫାଟେ ବୋଲି ଓଠ ପାଦ,

ଗାଧୋଇବା ପାଇଁ ଭାବେ ଯେବେ ପ୍ରିୟା ମନେ ଭରେ ଅବସାଦ ।

ଶୀତ ସନ୍ଧ୍ୟା:-

ଶୀତ ସନ୍ଧ୍ୟାରେ ଥରି ଥରି ଯେବେ ସନ୍ଧ୍ୟା ଦୀପ ଦିଏ ପ୍ରିୟା,

ଥରିଲା ଓଠକୁ ଦେଖିଦେଲେ ତାର ମନେ ଜାତ ହୁଏ ଦୟା ।

ଶୀତ ରାତି:-

ରେଜେଇ ଭିତରେ ମୁହଁକୁ ଲୁଚେଇ ପ୍ରିୟା ପଡ଼ିଥାଏ ଶୋଇ,

ଶୀତ କବିତାଟେ ଲେଖିବାକୁ ଭାବେ ଆଖିରେ ମୋ' ନିଦ ନାହିଁ ।

ପଲ୍ଲୀସାହି, କମାଳପୁର,

ଅହିୟାସ, ଯାଜପୁର-୭୫୫୦୩୬

ମୋ- ୯୩୩୮୧୬୫୭୧୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ମୁଁ ଆଉ ତୁମେ



ଲିଟନ୍ କୁମାର

ମୁଁ ଲୁପ୍ତପ୍ରାୟ ଗୋଟେ ଅତୀତ

ତୁମେ ଅନିଶ୍ଚିତ, ଏକ ଭବିଷ୍ୟତ

ଦୂରେଇ ଯାଉଥିବା ବର୍ତ୍ତମାନ ମୁଁ

ତୁମେ ଆଜି ବି ଅଭୁଲା ଇତିହାସ ... ! !୧ ! !

ମୁଁ ହେଇପାରେ ଶେଷ ଶ୍ରାବଣ

ମୁଁ ହେଇପାରେ ଅଫେରା ଫଗୁଣ

କିନ୍ତୁ ତୁମେ ସାତ ଋତୁ ପରେ

ନୂଆ ଋତୁଟିଏ ମୋ ପାଇଁ ଆଜୀବନ ! !୨ ! !

ମୁଁ ଭାବନାରେ ବଞ୍ଚୁଥିବା ଗୋଟେ ଯନ୍ତ୍ର

ତୁମେ ସବୁବେଳେ ଖୋଜ ବାସ୍ତବତା

ମୁଁ ମାଟି ଦୀପଟିଏ ନାମକୁ ମାତ୍ର

ତୁମେ ଜଳୁଥିବା ଘିଅ ଏବଂ ସଳିତା ! !୩ ! !

ହଁ ମୁଁ ନିଶ୍ଚିତ ଏକ ଦୁଷ୍ଟ ଯୌବନ

ତୁମେ ପରିପକ୍ୱତା ର ଉଦାହରଣ

ଦୋଷ ତ୍ରୁଟି ମୋ ପ୍ରେମର ଅଳଙ୍କାର

ତୁମେ କ୍ଷମାଦେଇ ମଧ୍ୟ ରୁଷିପାର ! !୪ ! !

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେଖ ମୋ ମନର ଛବି



ସିଦ୍ଧେଶ୍ୱର ତ୍ରିପାଠୀ

ଦେଖିଯାଅ ଦେଖିଯାଅ ସୁନୟନା
ବିରହ ବେଳର ଦିନ
ପ୍ରସ୍ତର ଏଇ ଛାତିତଳେ ମୋର
ଧାପେ କଳଙ୍କର ଚିହ୍ନ ।

ଦେଇ ଯାଅ ଦେଇ ଯାଅ ଛବିଟିଏ
ବିଚରା ବୁଝିବ ମନ
ପ୍ରବଞ୍ଚନା ପରେ ବିଷାଦ ମୁହୂର୍ତ୍ତେ
ଧାରେ ଲୁହ ଭାଗ୍ୟବାନ ।

ଦେବଭାଷାର ସେ କେତୋଟି ଛନ୍ଦକୁ
ବିହିତ ସାତ ସ୍ୱନ
ପ୍ରହରଟେ ଶୁଣି ଜୀଇଁବି ଭାବିଛି
ଧାର୍ଯ୍ୟ ଧନ୍ୟ ମୋ ଜୀବନ ।

ଦେଖିନିଅ ଦେଖିନିଅ ପ୍ରାଣପ୍ରିୟା
ବିଘଟନ ଯେତେ ଜହ୍ନ
ପ୍ରସ୍ଥାନ ବେଳେବି ତୁମପାଇଁ ଥିବ
ଧାର ଧାର ଲୁହ ଚିହ୍ନ ।

ଖୋର୍ଦ୍ଧା, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱଚ୍ଛ ଭାରତ



ରଶ୍ମୀବାଳା ଶତପଥୀ

ପୁଣ୍ୟଗର୍ଭା ଆମ ପବିତ୍ର ଭାରତବର୍ଷ
ଲଗାଇବାନି ତା ଦେହେ ଆବର୍ଜନା ସ୍ପର୍ଶ,
ସୁଜଳା ଶୁଫଳା ଧରା ଶସ୍ୟ ଶ୍ୟାମଳା
ଧରଣୀରାଣୀର ଶୋଭା କେଡେ ଉଜ୍ଜ୍ୱଳା ।୧ ।

ଗାନ୍ଧିଜୀ ଦେଖିଥିଲେ ସ୍ୱପ୍ନ ସ୍ୱଚ୍ଛ ଭାରତର
ପ୍ରତିଷ୍ଠା କରିବେ ସୁସ୍ଥ ରାମ ରାଜ୍ୟର,
ସବୁଜ ବନାନୀ ପ୍ରକୃତିର ଦୃଶ୍ୟରାଜି
ସୌନ୍ଦର୍ଯ୍ୟରେ ସତେ କେ ହେବ ସାର ।୨ ।

ଆସ ସଭିଏଁ ଆଗେଇ ନେବା
ସ୍ୱଚ୍ଛତାର ଏହି ମହାନ ଅଭିଯାନ,
ନିର୍ମଳ ସ୍ୱଚ୍ଛ ବିରାଜିବ ଦେଶେ
ସ୍ୱଚ୍ଛତା ହସିବ କୋଣ ଅନୁକୋଣେ ।୩ ।

ସ୍ୱଚ୍ଛତା ହିଁ ସୁସ୍ଥତାର ଏକମାତ୍ର ଆଧାର
ନାନା ରୋଗ ବ୍ୟାଧି ହୋଇଯିବ ଦୂର,
ଭାରତରେ ନୂଆ ଇତିହାସ ଆମେ ରଚିବା
ପରିବର୍ତ୍ତନ କରିବା ଚିନ୍ତାଧାରା ଆମର ।୪ ।

ଆବାଳବୃଦ୍ଧବନିତା ଶପଥ ନେବା
ସ୍ୱଚ୍ଛ ଅଭିଯାନକୁ ସାକାର କରିବା,
ନବ ଭାରତର ହେବ ଉନ୍ମୋଚନ
ପୂରଣ ହୋଇବ ବାପୁଙ୍କ ସ୍ୱପ୍ନ ।୫ ।

ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ
ସ୍ୱଚ୍ଛତା ଦିବସ ହେବ ପାଳନ,
ସ୍ୱଚ୍ଛ ରଖିବା ଘର ଚତୁଃପାର୍ଶ୍ୱ
ସଭିଏଁ ବୁଝିଲେ ସୁନ୍ଦର ହେବ
ପରିବେଶ ।୬ ।

ଯାଜପୁର ଟାଉନ୍, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅପାରଗ



ଅଭିଷେକ ମହାପାତ୍ର

ମୋ ଦ୍ୱାରା କିଛି ହେଲାନାହିଁ ,
ପଙ୍ଗତ ପଣରେ ଭୋଜି ଭାତରେ ଯୋଗଦେବା ,
ଦରବୁଢା ଚାଷୀ ବାପାଟା କାନ୍ଧ ଭାଙ୍ଗିଗଲା ବେଳେ
କେବେ ହାତ ଥୋଇ ସାହାରା ,
ଅତ୍ୟନ୍ତ ପକ୍ଷେ ଆଶ୍ୱାସନାଟିଏ ଦେବା ।

ଭାଗବଖରାରେ ବାପାଙ୍କ ଜମିରେ ଠାଏ ଠାଏ
କେବେ ବଡ଼ପୁଅ ପଣରେ ଠିଆ ହେଇଯିବା ,
ନହେଲେ ସାନ ଭଉଣୀର ପାଠପଢ଼ା ତଲବ୍ କରିବା ।

ବୋଉ ଘର ପାଇଟି ପାଇଁ ଝାଡିଝୁଡି ହେଇ ଛିଡାହେଲେ
ଅବା ଜେଜେମା' ଗୁଆକାତି ଧରି
ପାନ ପାଇଁ ଗୁଆ ଭାଙ୍ଗିଲେ
କଲେଜ ବାର୍ଷିକ କ୍ରୀଡା ଉତ୍ସବରେ ପ୍ରତିଯୋଗୀଙ୍କ
ନାଁ ଡ଼କାହେଲେ ,
ମୋ ଅପାରଗ ପଣର ବୋଝରେ ମୁଁ ଛିଡ଼ା ହେଇଥାଏ
ଅପାରଗ ମାନଙ୍କ ଧାଡ଼ିର ସର୍ବାଗ୍ରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବସଷ୍ଟାଣ୍ଡର ମଳିଛିଆ ବେଞ୍ଚରେ
ପାର୍କର ଶୁନଶାନ୍ ପଡ଼ିଆରେ
ଗାଁ ପାହାଡ ମୁଣ୍ଡିଆ ରେ ଅବା କଲେଜର
କୋଳାହଳପୂର୍ଣ୍ଣ ପରିବେଶରେ ଟିଟିକାର ଶୁଭୁଥାଏ ,
ଶୁଭୁଥାଏ ଅଟ୍ଟହାସ୍ୟ ଅପାରଗପଣର ।

ଛାତ୍ରାବାସର ରଙ୍ଗଛଡା କାନ୍ଥମାନଙ୍କ ମଧ୍ୟରେ
କଲେଜର ବେତାଳପ୍ରାୟ ପଙ୍ଖାମାନଙ୍କ ଆବାଜ୍ ରେ
ରୁପାର ତୁନିତୁନି କାନ୍ଦରେ
ମୋ ଅପାରଗପଣ ମୋତେ ଅଟ୍ଟହାସ୍ୟ କରେ ,
ଅଟ୍ଟହାସ୍ୟ କରେ ମୋ ପାରିବା ପଣିଆକୁ !

ଅପାରଗପଣର ଅବଶୋଷରେ କାହିଁକି କେଜାଣି
ଆଜିକାଲି କେହିଜଣେ ସବୁବେଳେ ଅପାରଗ ଡ଼ାକ ଛାଡ଼େ -
ମୋ ଭିତରୁ ଭୂତ , ଭବିଷ୍ୟ ଆଉ ଅତୀତର ଛାଇକୁ ।

ଗ୍ରାମ - ରାମଦାସପୁର, ପୋଷ୍ଟ- କୋଲଣଗିରି, ଭାୟା - ଇନ୍ଦୁପୁର,
ଜିଲ୍ଲା - ଯାଜପୁର, ପିନ୍ -୭୫୪୨୧୪
ଦୂରଭାଷ - ୭୬୫୬୯୧୫୫୯୫,
ଇ-ମେଲ୍- abhisekmohapatra0167@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୂଳବଧୂ



ବାଲାଜୀ ସେଠୀ

ତୁମ ଘର ଏରୁଣ୍ଡି ବନ୍ଧ ଡେଇଁ
ମଧୁବୋଳା ମଧୁର ଲଗ୍ନରେ,
ଥିରି ଥିରି ଥାପିଥିଲ ପାଦ
ଆମ ଘର ମାଟି ଅଗଣାରେ ।

ତୁମ ଆତ୍ମଲିପି ଇତିହାସ
ସଫେଦ ପୃଷ୍ଠାରେ କାଳୀ ଲିପି
ଆସିଥିଲ ଲେଖିବାକୁ
ନୁଆଁ ଭବିଷ୍ୟତ,
କୁଳବଧୁ ସାଜି
କିଣିନେଲ ସଭିଙ୍କର ମନ
ସତରେ ମୁଁ କେଡେ ଭାଗ୍ୟବାନ
ପାଇଛି ଜୀବନେ ସଜଫୁଟା ପାରିଜାତ ।

ଅଗଣା ତୁଳସୀ ପରି
ମନେ ଭରି ମହମହ ବାସ,
ସଂଜବତୀ ସଳିତାଟି ସାଜି
ଯନ୍ତ୍ରଣାର ସବୁ ତତଲା ଦୁଃଖକୁ ପିଇ ପିଇ
ବିଞ୍ଛିଦେଲ ନିସ୍ପନ୍ଦନ ପ୍ରାଣରେ ପ୍ରକାଶ ।

ହାତେ ମାପି ଚାଖଣ୍ଡେ
କଥାରେ,କାମରେ,ଚାଲିରେ
ତୁମ ଚାରିପଟେ ସମାଜ ଟାଣିଛି
ମର୍ଯ୍ୟାଦାର ଲକ୍ଷ୍ମଣରେଖା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୁଳବଧୂ ତୁମେ

ସହସ୍ର ନୟନରେ ବନ୍ଦୀନି

ଜଞ୍ଜାଳରେ ଜଳି ଜଳି

ଦେବାକୁ ହେବ ତୁମକୁ

ଶତ ଶତ ଅଗ୍ନି ପରୀକ୍ଷା ।

ବଦଳୁଛି ସମୟ, ବଦଳୁଛି ସମାଜ

ବଦଳିନି କଳୁଷିତ ପ୍ରଥା

କରିବାକୁ ପରିବ୍ୟାପ୍ତ

ତୁମ ବନ୍ଧନର ପରିଧି,

ବଦଳାଇ ଦିଅ

ସହସ୍ର ନୟନର ଦୃଷ୍ଟିକୋଣ

ତୁମ ଶିଷ୍ଟ, ସଂସ୍କାରର ବର୍ଷାରେ

ମଧୁମୟ ହୋଇ ଉଠୁ

ଲବଣାକ୍ତ ସଂସାର ବାରିଧି ।।

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଉତ୍କଳଦେଶ



ଭାର୍ଗବୀ ମାଝୀ

ମନ୍ଦିରମାଳିନୀ ଅପୂର୍ବ ଭାସ୍କର
ବୋଲନ୍ତି ସଗୌରବେ ଉତ୍କଳ
ଧନ-ଧାନ୍ୟ ଏଠି ସୁଜଳା ସୁଫଳା
ପ୍ରସିଦ୍ଧ ଏଠାର ନବକୀର୍ତ୍ତି ମାଳା ।

ପଦେ-ପଦେ ଏଠି ସୁପ୍ତ ଇତିହାସ
ଅନୁଭୁତ ହୁଏ ବିଜୟ ଉଲ୍ଲାସ
ପତିତ ଏଠାରେ ଶତ ବୀରଗାଥା
ଟେକି ତୋଳିଛନ୍ତି ବୀର, ନିଜେ ଦେଇ ମଥା ।

କେତେ ମହାବୀର, ମହାଗାଥାର କାହାଣୀ
ଶୁଣିଲେ ସତେକି ଲାଗେ ମନ ନିଏ କିଣି
ବହିଅଛି ଏଠି କେତେ ନଦୀ-ମହାନଦୀ
ବୁଢ଼ାବଳଙ୍ଗ, ବ୍ରାହ୍ମଣୀ, ଋଷିକୂଲ୍ୟା, ବୈତରଣୀ ।

ମହାପୁରୁଷଙ୍କ ଏଠି, ରହିଛି ଆଶିଷ
ଚାରୁ-କଳାର ଏହି ପୂର୍ଣ୍ଣ ପ୍ରଦେଶ
ସୁନ୍ଦର, ସୁଶୀଳ ମଣ୍ଡିତ ବେଶ
ରହସ୍ୟମୟୀ, ରହସ୍ୟାଚ୍ଛନ୍ନ
ଏହି ମୋ ଉତ୍କଳ ଦେଶ । ।

ଧର୍ମଗଡ଼,କଳାହାଣ୍ଡି ।
ମୋ: ୯୮୬୧୪୬୩୨୪୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମକଥା ମନେପଡ଼େ



ସୁବ୍ରତ କୁମାର ଜେନା

ତୁମକଥା ମନେ ପଡେ ,
ଯେବେ ଯେବେ ପହିଲି ବର୍ଷା,
ମୋ ଗାଁର ଧୂଳି ଧସୁରିତ ଭୂମିକୁ ସ୍ପର୍ଶ କରେ,
ମୋତେ ଲାଗେ ,
ଏ ତ ବର୍ଷା ନୁହଁ ଏ ତୁମେ ପରା,
ଏମିତି ନାଚିଯାଉଛ ଯେମିତି ଆଗରୁ ନାଚୁଥିଲ,
ସତେ ଯେମିତି ତୁମେ ଆସ ସଭିଙ୍କୁ ମତୁଆଲା କରିବାକୁ,
ମେଘ ମଲ୍‌ହାରର ତାଳେ ତାଳେ ନୁପୁରର ଶବ୍ଦରେ ।

ତୁମେ ମନେ ପଡ଼,
ଯୋଉଦିନ ଶୀତ ଟା ଆସି ,
କୁହୁଡ଼ିର ଆବରଣରେ ଢାଙ୍କିଦିଏ ,
ଆମ ଗାଁର ଦିଗବଳୟକୁ,
ଖେତରେ ଲହ ଲହ କରୁଥିବା ପାଚିଲା ଧାନ କେଣ୍ଡାକୁ,
ସକାଳୁ ସକାଳୁ ସକାଳ ଚଲାକୁ,
ପୁଣି ସକାଳୁ ଉଠି ନିଆଁ ପୁଇଁବା ସମୟରେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମର ନଖରାମୀ ପାଟିରୁ ଧୂଆଁ ବାହାର କରିବାରେ ।

ତୁମ କଥା ମନେ ପଡେ,

ଯେବେ ବସନ୍ତ ପରଷି ଦିଏ ,

ରଙ୍ଗ ବେରଙ୍ଗର ଉପହାର ଏ ଧରଣୀକୁ,

ରହି ରହି ହଳଦୀ ବସନ୍ତ ଆସି,

ବାର୍ତା ଦେଇଯାଏ.....

ପ୍ରିୟେ ତୁମେ ଆସିବ ବୋଲି,

ପଳାଶ ବି ସାଇତି ରଖେ ତାର ଲାଲିମାକୁ,

ତୁମ ଅଧରକୁ ଲାଲ ରକ୍ତ ରଞ୍ଜିତ କରିବାକୁ,

ମୋତେ ଡର ଲାଗେ ତୁମ କଥା ଭାବି ଭାବି,

ହେଲେ ବିରହରେ .......

ତୁମେ ଓ ତୁମ କଥା ବହୁତ ମନେପଡେ ।

ତୁମ କଥା କେମିତି ଭୁଲିଯିବି,

ଗ୍ରୀଷ୍ମର ସେଇ ଦାରୁଣ ନିଦାଘ ସମୟରେ,

ସବୁକିଛି ଅବିଶ୍ୱାସର ନିଆଁରେ ଜଳିଥିଲା,

ସମ୍ପର୍କ ଉପରେ ଭାରି ପଡିଥିଲା ତୁମ ଗର୍ବ,

ତଥାପି କଣ ମୁଁ ଭୁଲିପାରିଛି ତୁମକୁ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନା ଭୁଲାଇ ପାରୁଛି ମୋ ଅବୁଝା ମନକୁ,

ଯେତେ ଜାଣିଲେ ବି ତୁମେ....

ଟାଣି ଦେଇଛ ଲକ୍ଷ୍ମଣ ରେଖା ତୁମ ଲାଗି,

କେବଳ ତୁମ ଲାଗି ନୁହଁ ମୋ ଲାଗି ବି,

ତଥାପି କ୍ଲାନ୍ତ ଅପରାହ୍ନ ରେ ମନେ ପଡ଼ ତୁମେ । ।

ସୁବ୍ରତ କୁମାର ଜେନା,


ସୁରଡ଼ିହ, ନନ୍ଦିପୁର, ଯାଜପୁର

ଦୂରଭାଷ : ୮୨୪୯୨୨୦୮୩୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମେଘ ମହ୍ଲାର



ବୈଦ୍ୟନାଥ ପଣ୍ଡା

ମେଘ ମହ୍ଲାର ଆଗୋ ମୋ ମେଘ ମହ୍ଲାର
ଅଦିନରେ ଆସି ତୁମେ
ଭିଜାଇ ଦେଲ ଗୋ
ତନୁ ମନ ମୋର
ମେଘ ମହ୍ଲାର ଆଗୋ ମୋ ମେଘ ମହ୍ଲାର ॥
କିଏସେ ଗାଇଲା ଗୀତ
ସୁର ତାଳ ଲଗାଇ
ଅଦିନେ ଶ୍ରାବଣ ଆସି
ଦେଲାତ ଭିଜାଇ
ଝର ଝର ଝରିଯାଏ
ପ୍ରେମ ବାରୀଧାର
ମେଘ ମହ୍ଲାର ଆଗୋ ମୋ ମେଘ ମହ୍ଲାର ॥
ଷୋହଳ ଫଗୁଣ ଆସି
ଛୁଇଁ ଦେବା ପରେ
କି ରଙ୍ଗ ସେ ଲାଗିଗଲା
ତୁମରି ଦେହରେ
ଦେଖିବାକୁ ଇଚ୍ଛା ମୋର
ହୁଏ ବାର ବାର
ମେଘ ମହ୍ଲାର ଆଗୋ ମୋ ମେଘ ମହ୍ଲାର ॥
ଫଗୁଣ ଦେଶର ତୁମେ
ଆଗୋ ରାଜକନ୍ୟା
ଛୁଇଁ ଦେଲେ ତୁମେ ଥରେ
ଲାଗେ ଦେହେ ନିଆଁ
ବିଜୁଳି ଠୁ ବେଶି ତାପ
ଛୁଆଁରେ ତୁମର
ମେଘ ମହ୍ଲାର ଆଗୋ ମୋ ମେଘ ମହ୍ଲାର ॥

ଅବଦଲପୁର, ଯାଜପୁର.
ଦୂରଭାଷ : ୯୪୩୯୮୪୪୧୯୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯିଏ ଭଲକାମ କରିଛି



ତପନ କୁମାର ସ୍ୱାଇଁ

ବୋଉଲୋ !

ଲାଜ ସରମ କି ନାହିଁଲୋ,

ଯିଏବି ଦେଖୁଛି ସିଏତ କହୁଛି

ଏମିତି ପିନ୍ଧିଛୁ କାହିଁ ଲୋ ।

କହଲୋ !

ନୂଆ ଜାମା ମୋର ନାହିଁଲୋ,

ପିନ୍ଧେଇ ଦଉନୁ ନିଇତି ଗୋଟିଏ

ଚିରା ମୁଁ ପିନ୍ଧିବି କାହିଁଲୋ ।

ହସିଲା !

ବୋଉ ପାଖେ ମୋର ବସିଲା

ମଥାକୁ ଆଉଁସି ବୁଝେଇ ସୁଝେଇ

ସବୁ କଥା ମୋତେ କହିଲା ।

କହୁଛୁ !.

ବଜାର,ହାଟକୁ ଯାଉଛୁ,

ସବୁବେଳେ କ'ଣ ନୂଆ ପିନ୍ଧିବାର

ସମସ୍ତଙ୍କୁ କେବେ ଦେଖିଛୁ ।

ପିନ୍ଧିଛି !

ସୁଆଦିଆ ଖାଦ୍ୟ ଖାଉଛି

କହିଲୁ କିଏ'ସେ ଏମିତି ମଣିଷ

ଦୁନିଆରେ ବଡ ହୋଇଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଦୁର !

ସୁଦାମ, ଚୈତନ୍ୟ, କବିର,

ସୁରଦାସ ଆଉ ଭୀମଭୋଇ ପାଖେ

ନଥିଲା ଖଣ୍ଡିଏ ଚଦର ।

ବିଦ୍ୱାନ !

କିଏ ତାଙ୍କ ଠାରୁ ମହାନ,

କହିଲୁ ଜଣିଏ ବେଶ ପୋଷାକରେ

ପାଇଛି ସବୁଠି ସମ୍ମାନ ।

ପାଇଛି !

ଯିଏ ଭଲ କାମ କରିଛି,

ତାକୁ ସୁନା, ରୁପା, ହୀରା, ମୋତି ଠାରୁ

ମହତ ଗଣାରେ ସରିଛି ।

ଅଇବିଲି, ଜଗତସିଂହପୁର

ମୋ-୯୦୪୦୦୩୩୩୯୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କରୋନାର ଆଗମନ



ଚାରୁଲତା ମହାନ୍ତି

କରୋନା....... କରୋନା.......କରୋନା

କାହିଁକି ଆସିଲ ଏ ଧରା  ଧାମେ

ବୈଜ୍ଞାନିକ ମାନେ ତୁମ ଠିକଣା

ନ ପାଇଁଣ ହୋଇଲେ  ବଣା

ଏ ଦେଶ ....ସେ ଦେଶ ....ବ୍ୟକ୍ତି ବିଶେଷ

ଦୋଷ ଦେଉଛନ୍ତି ତୁମ ପ୍ରବେଶ

ଲଢେଇ ପାଇଁ କି ହୁଅନ୍ତି ସଜ

ବୁଝି ନ ପାରନ୍ତି ଅସଲି ମଜ୍ଜ

ତାଲା ପକାଇଲେ ରାସ୍ତା ଘାଟରେ

ବନ୍ଦ କଲେ ରେଳ ମଟର

ମୁହଁ ବନ୍ଦ କଲେ ଘର ଦୁଆରେ

ନ ଭେଟିଲେ କେହି ହାଟ ବଜାରେ

ସଂଘ ରୁଦ୍ଧ ପାଇଁ ଲାଗିଲେ ଲୀଳା .....

କୋଭିଡି ପାଇଁକି ବସିଲା ମେଳା

ଓଡିଶା ଆମ ଧର୍ମ ଦେଶ

ବାତ୍ୟା, ବନ୍ୟା ଏଠି ହୁଏ  ବିଶେଷ

ଜଗନ୍ନାଥଙ୍କର ଏଠି କରୁଣା ବଳେ

କୃଷି ଜାତ ହୁଏ ନାନା ପ୍ରକାରେ

ଭାରତ  ବିଜ୍ଞାନ କରିଛି ପଣ

ନିଶ୍ଚୟ କରିବ ନିରାକରଣ

ଦେଶ ସହିଲାଣି ଅନେକ କ୍ଷତ

ଏ ଜନ ସମାଜ ବୁଝୁନାହାନ୍ତି

ମନ୍ଦାରବଗିଚା ପଡ଼ା, ଭବାନିପାଟଣା

କଳାହାଣ୍ଡି, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭୁଲ ରାସ୍ତା



ଛବିରାଣୀ ପତି

ଶୈଶବରୁ ଶିଖାଇଥାନ୍ତି ଜନ୍ମଦାତା
ଭଲ ଆଉ ମନ୍ଦର ପରିଭାଷା;
ବାଲ୍ୟରୁ ଦେଖାଇଥାନ୍ତି ବାଟ
ପିତା ମାତା ଗୁରୁ ଗୁରୁଜନ ।
ଭୁଲ୍ ଆଉ ଠିକ୍ ଅନୁଭବରେ ଆଣେ
ପିଲାଟି ବିବେକାନୁମୋଦିତ ହୋଇ
ତାର ନିଜସ୍ୱ ବିଚାର ଧାରାରେ ।
ଉତ୍ସାହିତ, ପ୍ରଲୋଭିତ, ଅନୁପ୍ରେରିତ
କରିଥାନ୍ତି ସମାଜ ସମୟ ଓ ଜ୍ଞାତି
ବୁଦ୍ଧି ବିଚାରି ପାଦ ବଢାଏ ମଣିଷଟି
ତିଳେ ବି ନହୋଇ ଭ୍ରାନ୍ତି !!
ତଥାପି ଖସିଯାଏ ବେଳେବେଳେ
ପାଦ ତାର ଅମଡ଼ା ବାଟରେ
କ୍ଷତାକ୍ତ ଆଉ ରକ୍ତାକ୍ତ ହୁଏ ସେ
ନିଜ ଅନୁଭବର ପାଠଶାଳାରେ ।

ପଡିଉଠି ସିଖୁଥାଏ ଜୀବନ ତମାମ
ଝାଡିଝୁଡି ହୋଇ ପୁଣି ବାଟଚାଲେ
ଯୁଗରୁଚି ସମୟ ସୁଅରେ ।
ନିଜେ ଠିକି ମଧ୍ୟ ଅନ୍ୟକୁ ସିଖାଏ
ଯୁଆଳି ପକାଇ କାନ୍ଧରେ ନିଜର
କଳ ବଳ ଆଉ କୌଶଳ ଲଗାଇ
ପଙ୍ଗୁ ହୋଇ ଲଂଘିଯିବାର ସାହାସ ଦେଖାଏ
ଜୀବନର ଯାବତୀୟ ଘାତ ପ୍ରତିଘାତେ
ଓହରେ ନାହିଁ ମାତ୍ର,, ଭୁଲ୍ ବାଟକୁ !
ଧରେନାହିଁ ପାପ ପଙ୍କ ଛଳନାର ହାତ
ନିରନ୍ତର ଚାଲି ରୁହେ ଆଭିଜାତ୍ୟର
ସଂସ୍କାରି ନ୍ୟାୟୋଚିତ୍ତ ସତ୍ୟଧର୍ମ ପଥ ।

ମଧ୍ୟଶାସନ
ବିରିଡ଼ି , ଜଗତସିଂହପୁର, ୯୩୩୭୯୬୦୦୬୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆଳସ୍ୟ ଦୁଃଖର କାରଣ



ଅନନ୍ତ ପଟେଲ

ପରିଶ୍ରମ କରିବା ଶିଖ ହେ ପ୍ରାଣୀଗଣ !

ଉଚ୍ଚ କୋଟିରେ ଗଣନା ହେବ ଦିନେନା ଦିନେ ଜାଣ

ଦୁନିଆରେ ଭଲ କାର୍ଯ୍ୟ କଲେ ରହିବ ତୁମ ପଣ

କୁକାର୍ଯ୍ୟରେ ପାଇଥିବା ଧନ ରହିବ କିଛି କ୍ଷଣ....□□୧ । ।

ଆମ୍ଭ ଜନମଭୂମି ଉତ୍କଳ ଦେଶ

ଉତ୍କଳ କୀରତି ଅଟେ ଅଶେଷ

ପରିଶ୍ରମ କର ପ୍ରତି ଦିବସ

କଦାଚ ନ ହୁଅ ଆଳସ୍ୟ ବଶ....□□୨ । ।

ଦୁଃଖୀ ରଙ୍କୀ ସେବାରେ ହୁଅ ରତ

ସବୁବେଳେ କରୁଥାଅ ପରର ହିତ

ଈଶ୍ୱରଙ୍କୁ ପ୍ରାର୍ଥନା କରି କର ତୁମେ ବ୍ରତ

ଦିନେ ନା ଦିନେ ନିଶ୍ଚୟ ହେବ ପଣ୍ଡିତ....□□୩ । ।

ଚାଷ ହେଉ ଅବା ପାଠ ସବୁଥିରେ ନିଅ ଭାଗ

ଦିନେ ଅବଶ୍ୟ ପାଇବ ତୁମ କର୍ମର ଭୋଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିରାଶ ନ ହୁଅ ଦୁଃଖ କଷ୍ଟକୁ ନ ରାଗ

ସମସ୍ତଙ୍କୁ ପଛରେ ପକାଇ ଆଳସ୍ୟରୁ ଜାଗ....□□୪ । ।

ବସି ଖାଇଲେ ନଇ ବାଲି ସରେ

କର୍ମଠ ହେଲେ ନିଜ ପେଟ ମରେ

ଜଗତରେ ଶ୍ରେଷ୍ଠ ପ୍ରାଣୀ ହେବ ନରେ

କର୍ମ ନ କଲେ ସଂସାରେ ହସନ୍ତି ପରେ ....□□୫ । ।

କଦଳୀ ମୁଣ୍ଡା

କଳାହାଣ୍ଡି, ଓଡ଼ିଶା

ପିନ୍_୭୬୬୧୦୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାତ୍ୟା



ଦେବାଶିଷ୍ ରାଉଳ

ରଙ୍ଗ ନାହିଁ, ରୂପ ନାହିଂ, ନାହିଁ ତା'ର ଆକାର
ତଥାପି କରୁଛି ସେ ଶବ୍ଦ ବହୁ ପ୍ରକାର ।
କେତେବେଳେ ତରୁ ସହ ମିଶି ଶବ୍ଦ କରେ
ପୁଣି କେତେବେଳେ ବର୍ଷା ସହ ନୃତ୍ୟ କରେ ।
ଘୋ ଘୋ ଶବ୍ଦ କରି କରେ କେତେ ତାଣ୍ଡବ
ସେ ତାଣ୍ଡବ ଦେଖି ସାରା ଜଗତ ସ୍ତବ୍ଧ ।
ଜଣା ପଡୁନାହିଁ ଏ ତ କାହାର ତାଣ୍ଡବ
ଲାଗିଛନ୍ତି କି ଯୁଦ୍ଧ ପବନ-ମହାଦେବ ।
ହୋଇ ଥାଇପାରେ ଏ ଯୁଦ୍ଧ କରୋନା ସହିତ
ଲାଗୁଛି ମଣିଷ ପରେ ଏବେ ଦେବତା ଚିନ୍ତିତ ।
ଏ ଯୁଦ୍ଧ ଦେଖି କରୋନା ଥରହର
କରୁଛି ବିନତୀ ଏବେ ଟିକେ ଥୟଧର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗଣଦୁଷ୍କର୍ମ



ଦୁଷ୍ମନ୍ତ କୁମାର ନାଏକ

ସତ୍ୟ ଯୁଗ ଯାଇ କଳି ଯୁଗ ଆସିଲା
ଭୁଲିଗଲେ ଲୋକ ସ୍ୱାଭିମାନ କଣ
ନାରୀକୁ ସମ୍ମାନ ନାହିଁ ଏ ଯୁଗରେ
ଗଣ ଦୁଷ୍କର୍ମ ହୋଇଗଲା ପେଶା
ଆଧୁନିକ ଦୁନିଆ ଲୋକଙ୍କର
ଦୟା ଧର୍ମ ନାହିଁ ସରଳ ନାରୀ କୁ
ଦେଉଛନ୍ତି କେତେ ନିର୍ଯ୍ୟାତନା
କଳି ଯୁଗର ରାକ୍ଷସ ଦେଖି ଏହି ନାରୀ
ଏକାକୀ ଚାଲି ପାରୁନାହିଁ ସଡ଼କ ଦାଣ୍ଡେ
ଗଣଦୁଷ୍କର୍ମ ହେଲା ନାରୀ ଆଖିର ବଇରୀ
ମନେ ଭୟ ବଢ଼େ ସତେ ଆହୁରି ଆହୁରି
ନାରୀର ସମ୍ମାନ ହିତ ଦୁଇ କୁଳର
ସାଇତି ରଖିବା ସମ୍ମାନ ଅଟେ ତାର ଧର୍ମ

ନାରୀ ଜାତିକୁ ଯଦି ଏତେ ଭାବିବୁ ଭୋଗ୍ୟ
ସମାଜରେ ରହିବା ନାହିଁ ଆଉ ନାରୀର ମାନ
ଦୁଷ୍କର୍ମ ଏଠି ପେଶା ହୋଇଗଲା
ରକ୍ଷା ନାହିଁ ଆଉ ନାରୀ ମାନଙ୍କର
କଳିଯୁଗ ଲୋକ କଣ ଏ ଶିଖିଲେ
ନାରୀକୁ ଦିଏ ନାହିଁ ସେ ସମ୍ମାନ
ଯଉଠି ଦେଖି ହୁ ହୁ କରି
ବଢ଼ି ଯାଏ ଗଣଦୁଷ୍କର୍ମ
ସରକାରକୁ ମୋର ଏତିକି ଅନୁରୋଧ
ଗଣଦୁଷ୍କର୍ମ ପାଇଁ କର ଉପଚାର

କଦଳିମୁଣ୍ଡା, କଳାହାଣ୍ଡି, ଓଡ଼ିଶା
+୩ ସ୍ନାତକ( ବିଜ୍ଞାନ), ରାୟଗଡ଼ା ସ୍ୱୟଂଶାସିତ
ମହାବିଦ୍ୟାଳୟ, ରାୟଗଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବେରଙ୍ଗ ପ୍ରେମିକା



ବେବିସ୍ମିତା କର

ପୂର୍ଣ୍ଣ ହେଉମୋର ଏଇ ଜୀବନ
ସତ କରିଦିଅ ମୋ ସପନ...
ମାପିନିଅ ଥରେ ଆକାଶଠୁ
ମାଟିର ଦୂରତା...
ଭରିଦିଅ ସାତରଙ୍ଗ
ଲିଭିଯାଉ ଏ ଦେହରୁ
ରଙ୍ଗହୀନତା...
ବେରଙ୍ଗର ସଜ ଆଉ କେତେଦିନ
ତୁମେ ସିନା ଖେଳିପାର
ଇଏ ପରା ମୋ ମନ...
ଥରେ ଭୁଲିପାରେ ସିଏ ନିର୍ଜନତା କଥା
ଆଉ ଥରେ ଠକିଦେଲେ
ନଇଁଯିବ ମଥା...
କହିବକି ତୁମ ହସ ଅମୃତ କି ବିଷ
ଭରିନେବି ଓଠରେ ମୋ
ଲିଭିଯାଉ ପଛେ
ଏଇ ନିଶ୍ୱାସ...

ବାଙ୍କୀ, କଟକ
bebismita.kar99@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ ଓ ମୂରତି



ଜଗଦୀଶ ସାହୁ

ମାଆ ମାଆ କହି ଡାକିଦେଲେ କେହି
ମୂରତି ଶୁଣଇ ନାହିଁ
ଜନମ ଦେଇଛି କଷଣ ସହିଛି
ପ୍ରକୃତ ମାଆଟି ସେହି ।
ଶ୍ରଦ୍ଧା ଓ ବିଶ୍ୱାସ ଅଟେ ମୂଳ ଉତ୍ସ
ମାଆକୁ ପାଇବା ପାଇଁ
ଦେଖାଣିଆ ଭକ୍ତି ମିଳେନାହିଁ ଶକ୍ତି
ମିଛରେ ହେଉଛ ବାଇ ।
ବୃଦ୍ଧ ବୟସରେ ମାଆକୁ ପାଖରେ
ରଖି ଯେବେ ସେବାକର
ଆଶିଷ ତାହାର ମଥାରେ ତୋହର
ରହିଥିବ ନିରନ୍ତର ।

ଭକ୍ତ ଅଭିନୟ କରି କେହି ଜୟ
କରିଛି କି ହୃଦୟକୁ
କେଉଁ କର୍ମେ ଧର୍ମ ବୁଝ ତାର ମର୍ମ
ପୁଛ ଥରେ ବିବେକକୁ ।
ସବୁ ମାଆ ପୂଜା ଠାରୁ ବଡ଼ ମଜା
ଗରଭଧାରିଣୀ ପୂଜା
ଆସ ଏକ ହେବା ମାଆକୁ ଖୋଜିବା
ମୂର୍ତ୍ତି ହେବନାହିଁ ଖୋଜା ।

ସଞ୍ଜିପଡ଼ା, ହିନ୍ଦୋଳ
ଢେଙ୍କାନାଳ, ୭୫୯୦୨୮
ଭ୍ରାମ୍ୟଭାଷ : ୯୦୭୮୧୮୫୬୨୬

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ପଶୁବଳି ତେଜି



ରାଜକିଶୋର ସ୍ୱାଇଁ

କାହିଁ କେଉଁକାଳୁ ଆମ ଏ ମରତେ
ପ୍ରଚଳିତ ଦେବୀ ପୂଜା
ଉଡ଼ାଇବା ଲାଗି ଅଧର୍ମ ଉପରେ
ଧର୍ମର ବିଜୟ ଧ୍ୱଜା ।
ମଣିଷ ମନରେ ଯେଉଁ ଷଡ଼ବିଧି
ପଶୁଗୁଣ ରହିଥାଏ
ଦେବୀ ପୀଠେ ତା'ର ଅପରଣ ବିଧି
ପଶୁବଳିକୁ ବୁଝାଏ ।
ଏ ଗୂଢ଼ ଅର୍ଥକୁ ନ ବୁଝି ମଣିଷ
କାମନାର ବଶ ହୋଇ
ପଶୁପକ୍ଷୀଙ୍କୁ ସେ ବଳିଦିଏ ପୀଠେ
ଅଭିଷ୍ଟ ସାଧନ ପାଇଁ ।

ଜଗତ ଜନନୀ ଦୁର୍ଗତି ନାଶିନୀ
ଚାହାନ୍ତିନି କା' ରକତ
ପାଶବିକତା ଯେ ସୀମା ଟପିଲାଣି
ଯାହା ଅଶୁଭ ସଙ୍କେତ ।
ସରବେ ବୁଝନ୍ତୁ ଦେବୀ ପୂଜନର
କଲ୍ୟାଣମୟୀ ଦିଗକୁ
କାମ, କ୍ରୋଧ, ଲୋଭ, ମୋହ, ଈର୍ଷ୍ୟା, ଗର୍ବ
ଏ ଛଅ ରିପୁ ତେଜିବାକୁ ।
ପଶୁବଳି ତେଜି ପଶୁଗୁଣ ଆମେ
ମନରୁ କରିଲେ ଦୂର
ଚନ୍ଦ୍ର ପରାଏ ମା ଫେଡ଼ିବେ ଜୀବନ
ନିଶିର ଅମା ଅନ୍ଧାର ।

ଅବସରପ୍ରାପ୍ତ, ଉପଆରକ୍ଷୀ ଅଧୀକ୍ଷକ
ନୂଆପଡ଼ା, ନୂଆବଜାର, କଟକ - ୭୫୩୦୦୪
ଭ୍ରାମ୍ୟଭାଷ : ୯୪୩୭୪୪୨୦୪୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବୋଉ



ସୋନାଲି ଗଡ଼ନାୟକ

ତୋ ମୁହଁରେ ଭରିଥିଲା ହସ
ଦିନେ ମୋ କୁଆଁ କୁଆଁ କାନ୍ଦ
ଜାଣିନି କେମିତି ପୂଜିବି ତୋ ପାଦ
ନାହିଁ ମୋର ସେ ସାହସ ।

କେଉଁଠୁ ଖୋଜିବି ମୁଁ ସୁଖ
ତୋ ପଣତେ ରଖିଛୁ ଲୁଚାଇ
ଝଡି ଝଡି ପଡେ ମୋ ଦୁଃଖ
ଗୋଟି ଗୋଟି କରି ସ୍ନେହ ଦେଉ ଝରାଇ ।


କେଉଁ ମନ୍ଦିରରେ ତୋତେ ରଖି ପୂଜିବି
କେଉଁ ମନ୍ତ୍ର ତୋ ଆଗେ ଗାଇବି
ସବୁ ଦାନ କରି ହୋଇଯାଉ ନିଃସ୍ୱ
ତୋ ବିନା ଅଚଳ ଏ ବିଶ୍ୱ ।

ତୋ ପଡେ ଢ଼ାଳିବାକୁ ଭକ୍ତି
ନାହିଁ ମୋ ପଡେ ସେ ଶକ୍ତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗରୀବର ଦୁଃଖ



ବର୍ଷାରାଣୀ ବିଶ୍ୱାଳ

ଭାଗ୍ୟ କି କପାଳ ମୋ ଜନ୍ମ ପୂର୍ବର
ଦେଲୁ ସମର୍ପି ଦୁଃଖୀର
ନଥିବେ କେହି ମୋ ପରି ସଂସାରେ
ତିଳେ ନୁହେଁ ସୁଖ ମୋର ।
ଜଳୁନାହିଁ ନିଆଁ ମୋର ଚୂଲିରେ ଯେ
ଯାଏ କେତେଦିନ ବିତି
ଭୋକ, ତୃଷ୍ଣାରେ ଯେ ସାଜିଛି କଙ୍କାଳ
ପ୍ରଭୁ ସ୍ୱଳ୍ପ ଦିଏ ଗତି ।
ନୟନେ ମୋର ନେଇ କେତେ ଆକାଂକ୍ଷା
ହେବି ପ୍ରହର ଗଜତ
ଦୁର୍ଭାଗ୍ୟବଶତଃ ଗରିବ ସନ୍ତାନ
ଆଶୀର୍ବାଦେ ମୁଁ ଭକତ ।

ମିଞ୍ଜି ମିଞ୍ଜି ଆଲୋକ ଝାସୁଥଏ ନୀତି
ମାଟି କୁଡ଼ିଆ ଗଗନେ
ଖରା, ବର୍ଷା, ଶୀତର ସାଜି ମୁଁ ପୁତ୍ର
ଯାଏ ବିତି ଉଚ୍ଚ ସ୍ୱପ୍ନେ ।
ଭ୍ରମଣ ଦ୍ୱାର ଦ୍ୱାର ଭିକ୍ଷୁକ ସାଜି
ପରସେ ମୁଠାଏ ଅର୍ଣ୍ଣ
ବିନତୀ ପ୍ରଭୁ ମୋ ଗ୍ରହଣ କରିବୁ
କୃପା ତୋର ସ୍ୱଳ୍ପ ସ୍ୱର୍ଣ୍ଣ ।

ଉଦୟପୁର, କଳାହାଣ୍ଡି, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସରଳିଆ ମନ



ନିରଞ୍ଜନ ସାହୁ

ସରଳ ମନଟେ ମୋହର ବୋଲି ମୁଁ
ସବୁଠାରେ ଧୋକା ଖାଏ
ବୁଝି ମୁଁ ପାରୁନି ସରଳ ମଣିଷ
କାହିଁକି ଏ ଦଣ୍ଡ ପାଏ ?
ବିଶ୍ୱାସ କରି ମୁଁ ଠକୁ ଯାଇଅଛି
ଜୀବନେ ଅନେକ ଥର
ସେଥିପାଇଁ ଏବେ ଏହି ଦୁନିଆକୁ
ଲାଗଇ ବହୁତ ଡର
ଜୀବନ ଲାଗଇ ବଡ଼ ଅସହଣୀ
ଭାବି ଭାବି ଦିନ ଯାଏ ।
ସରଳିଆ ପଣ ସରଳିଆ ଗୁଣ
ଜଗତେ ଅଲୋଡ଼ା କିବା
କି ଲାଭ ତା ହେଲେ ସରଳ ମଣିଷ
ଦୁନିଆରେ ବଞ୍ଚିଥିବା
ସ୍ୱଚ୍ଛତା ମନରେ ଖୋଲା ହୃଦୟରେ
ଏହି କଥା ମୁହିଁ ଗାଏ ।

ନିହଲପ୍ରସାଦ, ଗଡ଼ିଆପାଟଣା, ଢେଙ୍କାନାଳ
୭୫୯୦୧୬, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୮୭୪୧୫୮୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତଥାପି ଜୀବନ



ସ୍ୱାଗତିକା
ପ୍ରିୟଦର୍ଶିନୀ ଦାସ

ହତବାକ୍ ଜୀବନ
ନିରୁତ୍ସାହିତ ମନରେ କାଣିଚାଏ ଆଶାର କିରଣ
ବଞ୍ଚିବାର ଅବିରତ ସ୍ୱପ୍ନ, କେବେ କେବେ
ଭରିଦିଏ କୁଢ଼ କୁଢ଼ ଶୂନ୍ୟତାର ପ୍ରଶ୍ନବାଚି ତ
କେବେ କେବେ ମେଞ୍ଚେ ମେଞ୍ଚେ ପୂର୍ଣ୍ଣତାର ଉତ୍ତରମାଳା ।

ହୃଦୟର ଅନେକ ଅକୁହା କୋହ
ଗୁମୁରି ଗୁମୁରି ହୋଇ ଅଣନିଶ୍ୱାସୀ କରିଦିଏ
ସାନ୍ତ୍ୱନାର ଅବିରତ ସ୍ୱର ନୀରବି ଯାଏ କେବଳ
ଅପେକ୍ଷା କରି ରହିଥାଏ ଏକ ଅନିଶ୍ଚିତ ଭବିଷ୍ୟତକୁ ।

ଅସରନ୍ତି, ଅକୁହା ସ୍ୱପ୍ନ ସବୁ ଜୀବନର
କ୍ଲାନ୍ତ, ଅବସନ୍ନ ହୋଇଯାଏ, ସମୟର
ନିଷ୍ଠୁର ତାଡ଼ନାରେ,

ତଥାପି ଜୀବନ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସକାଳର ପହିଲି କିରଣରେ ଚକ୍ ଚକ୍

ନୂତନ ଆଶା ନୂତନ ସମ୍ଭାବନାରେ ମସଗୁଲ

ସେ ଜାଣେ, ଅସ୍ତମିତ ସୂର୍ଯ୍ୟ ସହ

ହରେଇବ ସେ ତାର ଅସ୍ତିତ୍ୱ,

ତଥାପି ଜୀବନ

ସବୁ ପ୍ରଶ୍ନବାଚୀକୁ ଅତିକ୍ରମ କରେ

ସମ୍ଭାବନାକୁ ସାଉଁଟି ଧରେ

ଭଙ୍ଗା ଗଢ଼ା ସ୍ୱପ୍ନକୁ ସଜାଡ଼ି ଚାଲେ

ବଞ୍ଚିବାର ନିଆରା ନିଶାରେ

ମାଡ଼ିଚାଲେ କୌଣସି ଏକ ଅନ୍ଧମୁହାଣୀ ଆଡ଼କୁ ।

ଶିକ୍ଷୟିତ୍ରୀ, ଗ୍ରା/ପୋ : ସଦର ହରିଅନ୍ତା, କଟକ, ୭୫୪୦୦୩

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଈଶ୍ୱର



ଡଃ ମନୋରଞ୍ଜନ ବିଷୋୟୀ

ତୁମେ ମୋର
ନା ମୁଁ ତୁମର
ଏକଥା ଭାବିବାକୁ
ଆଉ ଧୈର୍ଯ୍ୟ ନାହିଁ ମୋର
ମୋ'ଜୀବନେ ଆସିଛି
ଅନେକ ଅଦିନିଆ ଝଡ଼
ଏବେ ତ ବିଶ୍ୱାସ ବି
ହେବାକୁ ଲାଗିଛି ଟଳମଳ
ମୋ ଭାଗ୍ୟ ସହ
ଖେଳ ଖେଳୁଥିବା
ଏ ଘଟଣା ଦୁର୍ଘଟଣା
କ'ଣ ନୁହେଁ ତୁମର ?

ତେଣୁ ତୁମକୁ
ସମର୍ପି ଦେଇଛି
ଭାଗ୍ୟ ଭବିତବ୍ୟ
ବେସାହାରା ଅସ୍ତିତ୍ୱ
ତୁମେ ରଖିପାର
କିମ୍ବା ମାରିପାର ?

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ଦୂରଭାଷ: ୮୮୯୫୦୪୦୭୨୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରକୃତିର ଅଭିଶାପ



ରମଣୀକାନ୍ତ ସାହୁ

ପ୍ରକୃତି କୁ ଜୟ କରିବାର ଅଭୀପ୍ସା
ପ୍ରକୃତି କୁ ଆୟତ୍ତ କରିବାର ଅପଚେଷ୍ଟା
ନିଜକୁ ବିଶ୍ୱବିଜୟୀ ବୋଲାଇବାର ଅହଂକାର
ସମ୍ପୂର୍ଣ୍ଣ ଚୂର୍ଣ୍ଣ ଆଜି
କି, ଅସହାୟ ମଣିଷ !

ପ୍ରକୃତିର ସବୁଜିମାକୁ
ପ୍ଲାଷ୍ଟିକ୍ ଚଦରରେ ଘୋଡେଇବାକୁ ଚେଷ୍ଟା କରୁଥିବା ମଣିଷ
ନିଜେ ଘୋଡେଇ ହଉଛି ପ୍ଲାଷ୍ଟିକ୍ ରେ
ପାଦରୁ ମୁଣ୍ଡ ପର୍ଯ୍ୟନ୍ତ
କି, ଉପହାସ ପ୍ରକୃତି ଦ୍ୱାରା !

ଚନ୍ଦ୍ର ପୃଷ୍ଠରେ ଧ୍ୱଜା ଉଡେଇ
ପ୍ରକୃତିର ସର୍ବଶ୍ରେଷ୍ଠ ସୃଷ୍ଟି ବୋଲାଉଥିବା ମଣିଷ
ତୁଣ୍ଡି ବାନ୍ଧି ଘରେ ଲୁଚିଛି
ଭ୍ୟାକ୍ ସିନ୍ ର ସନ୍ଧାନରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲଜ୍ଜିତ ଆଜି ବିଜ୍ଞାନୀ ମଣିଷ ପ୍ରକୃତି ଆଗରେ

ନିଜକୁ ସର୍ବଶକ୍ତିମାନ୍  ବୋଲାଉଥିବା ଯୋଦ୍ଧା
ପରାସ୍ତ ଆଜି
ସାମାନ୍ୟ ଏକ ଭୁତାଣୁ ଦ୍ୱାରା
ପ୍ରକୃତି କୁ ଧ୍ୱଂସାଭିମୁଖୀ କରିଥିବା ମଣିଷ
ବିଚଳିତ ଆଜି ନିଜ ଅସ୍ତିତ୍ୱ ପାଇଁ

ନିଜକୁ ସାମାଜିକ ପ୍ରାଣୀ ବୋଲାଉଥିବା ମଣିଷ
ନାରା ଦଉଛି ସାମାଜିକ ଦୁରତାର
ନିଜକୁ ନିଜେ କରିଛି ଅସ୍ପୃଶ୍ୟ
ଏହା କ'ଣ ପ୍ରକୃତିର  ଅଭିଶାପ ନୁହଁ  !


ପ୍ରକୃତିର କୋଳ ସମସ୍ତ ଜୀବଜଗତ ପାଇଁ
ସମଗ୍ର ଜୀବଜଗତ  ସହିତ ସମନ୍ୱୟ ଓ ସନ୍ତୁଳନ ରେ ହିଁ
ହସି ଉଠିବ ପ୍ରକୃତି
ଏହା ହିଁ ସମୟର ଆହ୍ୱାନ

କତରବଗା, ସମ୍ବଲପୁର
ମୋ :୯୪୩୭୭୩୬୬୧୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ‘ଚ’ ଉବାଚ



ପ୍ରହ୍ଲାଦ ସାହୁ

ଚାରୁ-ଚନ୍ଦ୍ରୋଦୟ ଚନ୍ଦ୍ରଭାଗା ତୀରେ ପ୍ରୀୟା ମୋ ଚନ୍ଦ୍ର-ବଦନୀ
ଚାନ୍ଦ-ଚକୋରୀ ସାଜି ଚହଟଇ ଜୋସ୍ନାରେ ସତେ ମୋ ଯାମିନୀ || ୧ ||

ଚମ୍ପା-ଚାମେଲିର ବାସ, ଚହ-ଚହ ବାସେ ଚର୍ତୁପାର୍ଶ୍ୱ
ଚାଲିରେ ତା`ର ଝରିପଡେ ଚୂହା-ଚନ୍ଦନର ଚଉରଶ || ୨ ||

ଚଉଦ ବ୍ରହ୍ମାଣ୍ଡେ ଚର୍ଚିତ ସେ ମୋ ଚଳନ୍ତି ଚର୍ଚିକାରାଣୀ
ଚିକ୍କଣ ତନୁକୁ, ଚାତକୀ ଭଗୀଂ ତା ଚମକାଏ ମୋ ଠାଣି || ୩ ||

ଚିରଯୌବନା, ଚମ୍ପାଫୁଲିଆ ଦେହ ତା ଭାରି ଚଂଚଳମନା
ଚମକି ଉଠେ ଚିତ୍ତ ଛୁଇଁଦେଲେ ଥରେ ସେ ଚାତୁରୀ ନୟନା || ୪ ||

ଚାରୁଲତା, ଚଳଚଂଚଳା, ଚିତ୍ତ-ବିନୋଦିନୀ, ଚପଳମତି
ଚକ୍ଷୁଫେଡି ଚଳିଲେଣି ଚିନ୍ତାମଣୀ ଦେଖି ମତୁଆଲା ଗତି || ୫ ||

ଚିତ୍ତଭରି ଚିନ୍ତିଲେ ଚକ୍ରଧରଙ୍କୁଂ ପ୍ରୀୟେ ଗଜଗମନୀ
ଚିନ୍ତାହରି ଚିହ୍ନିବେ ତବ ଦୁଃଖକୁ ଆଗୋ ମୃଗନୟନୀ || ୬ ||

ଚହଟ-ଚିକ୍କଣ, ଚିତ୍ତ-ଚୋରା ସେ ଚତୁର ଚାରି-ନୟନା
ଚକମକ ଯାର ଚିବୁକ-ଅଧର ତା ବିନା ହାରିବୁ ଚେତନା || ୭ ||

ଚିତା ଚଇତନେ, ଚନ୍ଦନ ଲେପନେ, ନମିଳନ୍ତି ଚଉବାହା
ଚମ୍ପାଗୋରୀ-ଚଂଚଳଚାଲି ଛୁଇଁଲେ ସେ ପାଦ ଲଭିବୁ ସାହା || ୮ ||

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚହଲା ପାଣି ପରା ନହକା ବୟସ, ଚହଲି ଯିବୁନି ଲୋ ତୁ

ଚାହିଁଥିବି ଯେନ୍ହେ ଚାହିଁଅଛି ତୋର ସେ ଚଂଚୁ-ଚରଣକୁ ।। ୯ ।।

ଚାଣ୍ଡାଳ ସାଜି ମୁଁ ହରିଶ୍ଚନ୍ଦ୍ର ହେଲେ ତମେ ମୋ ସବ୍ୟା ହେବ

ଚିରକାଳ ଚୀରଞ୍ଜୀବି ମୁଁ, ମୋ ପାଇଁ ତୁମେ ଚିରଯୌବନା ଥିବ ।। ୧୦ ।।

ପ୍ରହ୍ଲାଦ ସାହୁ – ଚିଫ୍ ଏଡିଟର

ଆକାଶ ଇନଷ୍ଟିଚ୍ୟୁଟ୍ , ନୂଆଦିଲ୍ଲୀ

ଫୋନ୍ – ୮୧୩୮୭୪୪୨୭୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶକ୍ତିଦିଅ ଶକ୍ତିମୟୀ



ଜ୍ୟୋତ୍ସ୍ନାମୟୀ
ପୋଲାଇ

ଶକ୍ତିଦିଅ ଶକ୍ତିମୟୀ ହୃଦୟରେ ମୋର
ଦୁଷ୍ଟନାଶୀ ଉତ୍ସାସିବି ସଂସାରର ଭାର,
କ୍ରୋଧାନଳେ ଜଳିଦେବି ପାପୀ ଅସୁରର
ଭରିଦେବି ରାକ୍ଷସ ହୃଦୟେ ହାହାକାର ।।
ଦୁଷ୍ଟ ଦାନବକୁ ଦେଇ ବଜ୍ର ପ୍ରହାର
ହୃଦ ତା ବିଦାରିବି, କରିବି ସଂହାର
ତତଲା ରକ୍ତରେ ତା'ର,
ଟାଣି ଦେବି ମୋ ପାଦରେ
ଅଳତାର ଗାର ।।
ପାପ ଚିନ୍ତାକୁ ତାର ପାଦତଳେ ଚାପି
ଅବିବେକୀ ବକ୍ଷେ ତାର ଶର ଦେବି କ୍ଷେପି,
କଷ୍ଟ ଯନ୍ତ୍ରଣାରେ ଯେବେ କରିବ ଚିତ୍କାର
ଖୋଲି ଯିବ ପୃଥିବୀରେ ମୁକ୍ତିର ଦୁଆର ।।
ଶକ୍ତିଦିଅ ଶକ୍ତିମୟୀ ହୃଦୟରେ ମୋର
ପାପନାଶୀ ଅନ୍ୟାୟକୁ କରିବି ସଂହାର
ଦୁଷ୍ଟ ଯେବେ ନାଶ ଯିବେ ଏହି ସଂସାରର
ଓଁ ଶାନ୍ତି ଚତୁର୍ଦ୍ଦିଗ ହେବ ଗୁଞ୍ଜରଣ ।।

ବାଣତୁମ୍ବ, ବେଲଗୁଣ୍ଠା, ଗଞ୍ଜାମ
୯୭୭୬୦୮୮୦୩୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୟାହେଉ ଜଗନ୍ନାଥ



ଇଂ ବିଦ୍ୟାଧର ପଣ୍ଡା

ଥଣ୍ଡା କାଶଜ୍ୱର ନୁହେଁ ସାଧାରଣ
କେବେ ନେବନି ହାଲୁକା
ଗୁରୁତ୍ୱ ନଦେଲେ ଅଳପ ଦିନରେ
ଶେଷ ଜୀବନ ନାଟିକା ।୧ ।

ଆଖି ପାଟି ମୁହଁ ବହାରେ ନଛୁଅଁ
ମାସ୍କ କର ବ୍ୟବହାର
ଦୁଇଗଜ ଦୂରୀ ବହୁତ ଜରୁରୀ
ରୋକିବାକୁ ସଂକ୍ରମଣ ।୨ ।

ପୂଜାପାର୍ବଣରେ ପ୍ରଫୁଲ୍ଲ ମନରେ
କରୋନାକୁ ଗଲେ ଭୁଲି
ଲକ୍ଷଲକ୍ଷ ପ୍ରାଣ ଯିବ ଅକାରଣ
ସମାଜ ଯିବ ଦୋହଲି ।୩ ।

ତୁଙ୍ଗ ନେତାମାନେ କୁହନ୍ତି ଭାଷଣେ
ନିଜେ ରଖ ନିଜ ଧ୍ୟାନ
ଆଜି ସରକାର ଉପାୟ ବିହୀନ
ଆପେ ହୁଅ ସାବଧାନ ।୪ ।

ସମୂହ ପ୍ରାର୍ଥନା ହେଉ ପ୍ରଭୁ ଘେନା
ଦିଅ ସଦ୍ବୁଦ୍ଧି ସୁପଥ
କରୋନାକୁ ମାର ବଂଚାଅ ସଂସାର
ଦୟା ହେଉ ଜଗନ୍ନାଥ ।୫ ।

ଖ-୧୭/୧୫, ପ ଛଞ୍ଜସଖା ନଗର
ଡୁମୁଡୁମା, ଭୁବନେଶ୍ୱର-୧୯
ମୋ-୯୪୩୯୧୨୫୦୫୦

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଏଠି



ଜୟନ୍ତ କୁମାର ସାହୁ

ଏଠି ପାଣି ପାଇଁ ଲଢ଼େଇ
ଆଉ କିଏ ଦୁଃଖି ହୁଏ ସମୁଦ୍ରକୁ ପାଇ,
ଏଠି ଧର୍ମ ନାଆଁ ରେ ହାହାକାର
ଆଉ ଖୋଜେ ଖାଲି ଯୁଦ୍ଧର ଆସର ।

ଏଠି ପଇସା ରେ ବିକେ ଭୋଟ୍
ଆଉ ଜନତା ଖୋଜେ ବିକାଶ ରଖି ପକେଟ୍ ରେ ନୋଟ୍,
ଏଠି ଖାଦ୍ୟ ଦେଉଥିବା ଚାଷୀ ରୁହେ ଭୋକିଲା
ଆଉ ଅତ୍ୟାଚାର କରନ୍ତି ବଡ଼ବାବୁ ଖାଇ ସେ ବେଲା ।

ଏଠି ମାଗଣାରେ ମିଳେ ଇଣ୍ଟର୍ନେଟ୍
ଆଉ ଶିକ୍ଷା ନାଆଁରେ ଚାଲେ ଲୁଟ୍,
ଏଠି ସମ୍ପର୍କର ଗୋଟେ ନୂଆ ଭାଷା
ଆଉ ପରିସ୍ଥିତି ଶିଖାଏ ଖୋଜିବାକୁ ଭରସା ।

ଏଠି ରାବଣ ବୁଲନ୍ତି ରାମ ବେଶରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଉ ବିକ୍ରି ହୁଏ ସୀତା ପେଟ ପାଇଁ ଦାଣ୍ଡ ରେ,

ଏଠି ହସ ଲୁହର ନାହିଁ ମୁଲ

ଆଉ ବଞ୍ଚିବାର ଅଛି ଯଦି ଈର୍ଷା ଅହଂକାର ନେଇ ଚାଲ ।

ଏଠି ପଥର ମୁଣ୍ଡରେ କ୍ଷୀର ର ଜୁଆର

ଆଉ ଦରିଦ୍ର ପାଏନି ଦୁଇ ମୁଠା ଆହାର,

ଏଠି ନାହିଁ ନିଜଲୋକ ଙ୍କ ପାଇଁ ସମୟ

ଆଉ ଜୀବନ କୁ ଘାରେ ଜଞ୍ଜାଳ ର ଭୟ ।

ଏଠି ଲେଖିବାକୁ ହେଲେ ପୋଥିଟିଏ ଲୋଡା

କିନ୍ତୁ କିଏ ବୁଝୁଛି ଏ ଅକ୍ଷର ସଜଡ଼ା ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ଥିତପ୍ରଜ୍ଞ ସେ ଜୀବନ



ପ୍ରିୟଦର୍ଶୀ

ସ୍ଥିତପ୍ରଜ୍ଞ ସେ ଜୀବନ .......
କେବେ କଳଙ୍କ ତ
କେବେ କାଳିମାରେ ବିଲୀନ,
କେବେ ଆନମନା ତ
କେବେ ଅବିଚ୍ଛିନ୍ନ,
କେବେ ନିର୍ଜନ ରାତିର ନୀରବତା
କେବେ ଦଗ୍ଧ ତ
କେବେ ଲେଲିହାନ । ।୧ । ।

କେବେ ଯନ୍ତ୍ରଣାର ଛିଟା ତ
କେବେ ଦୁର ପାନ୍ଥଶାଳା,
କେବେ ଅଦିନିଆ ବର୍ଷା ତ
କେବେ ସ୍ୱପ୍ନ ଶିଥିଳା । ।୨ । ।

ସ୍ଥିତପ୍ରଜ୍ଞ ସେ ଜୀବନ ......
କେବେ ଅଙ୍ଗାର ତ
କେବେ କଳଙ୍କର କଳା ,
କେବେ ନୀରବ ତ
କେବେ ନିସ୍ତବ୍ଧର ମେଳା,

ସ୍ଥିତପ୍ରଜ୍ଞ ସେ ଜୀବନ.........
କେବେ ବୁଭୁକ୍ଷୁ ହୃଦୟ ତ
କେବେ ନୀରବ ବେଦନା,
କେବେ କ୍ଷୁଧାର୍ଥ ମନ ତ
କେବେ ମେଣ୍ଟାଏ ତୃଷ୍ଣା ।
କେବେ ନିବିଡ ବନ୍ଧନ ତ
କେବେ ଅଶାନ୍ତ ବେଦନା । ।୩ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ଥିତପ୍ରଜ୍ଞ ସେ ଜୀବନ.......

କେବେ ଅପ୍ରଶମିତ ଦ୍ୱନ୍ଦ ତ

କେବେ ଅସରନ୍ତି ସଂଘାତ,

କେବେ ଅମୃତ୍ତ ଅନୁଭବ ତ

କେବେ ନିଶବ୍ଦ ସ୍ୱୟଂଚାଳିତ । ।୪ । ।

ସ୍ଥିତପ୍ରଜ୍ଞ ସେ ଜୀବନ........

କେବେ ନିସଂଗତା ପ୍ରେମ ତ

କେବେ ଆକ୍ରାମାକ୍ତା ପ୍ରଶ୍ନ,

କେବେ ସୀମାବଦ୍ଧ ସ୍ୱପ୍ନ ତ

କେବେ ଜୀବନ୍ତ ପ୍ରହସନ । ।୫ । ।

ସ୍ଥିତପ୍ରଜ୍ଞ ସେ ଜୀବନ

କେବେ କଳଙ୍କ ତ

କେବେ କାଳିମାରେ ବିଲୀନ ।

ସ୍ଥିତପ୍ରଜ୍ଞ ସେ ଜୀବନ ........

ଗୋବିନ୍ଦ ନିବାସ,ପୁଟିଆ,

ଆନନ୍ଦପୁର,କେନ୍ଦୁଝର

ମୋ - ୮୨୪୯୦୪୦୬୪୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରଙ୍ଗମଞ୍ଚରେ ତମପାଇଁ ଅପେକ୍ଷା



ଡା ନୀଳମାଧବ କର

ଏଇ ବେଳ, ଏଇ ଘଡ଼ି
କୃଷ୍ଣଚୂଡ଼ା ଗଛ
ଆଲୋକ ବା ଛାୟା ମିଶା
ହେମାଳିଆ ସନ୍ଧ୍ୟା

.

ପଦେ ପଦେ
ଫିସ୍ ଫିସ୍ କଥା
ନୀରବ ଚାହାଣୀ କେବେ
ବେଶ ଭଲ
ମିନିଟ ବା ଘଣ୍ଟାର
ଜଡ଼ତା

.

ଶବ୍ଦ ସେଠି ରୂପବତୀ
ଆଖିର କଣରେ
ଚିକମିକ ଲୁହ ଠୋପା
ବେସୁରା ହସରେ
ଶବ୍ଦହୀନ
ଭାବର ଜୁଆର
ଛଳନାର ଜଉମୁଦ
ଠୋ ଠୋ ହସ
ଦୂରରୁ ଯେ
ଫଟା ହାଣ୍ଡି ସ୍ୱର

.

ମିଛ ମିଛ
ମିତ୍ରତା ଶତ୍ରୁତା
ମୁହୂର୍ତ୍ତର ଅଭିନୟ
ବେଶଭୂଷା
ଅତି ସାଧାରଣ

.

ନୌକା ବୁଡ଼େ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାସେ ଆଉ ଉଡ଼େ
ପାଗଳଙ୍କ ଲୀଳା ଚାଲେ
ଅମୁହାଁ ଦେଉଳେ
ଧୂପ ଦୀପ
ଆଳତୀର
ସ୍ୱର ଶୁଭେ
ସବୁ ସନ୍ଧ୍ୟାବେଳେ
.
ତମେ ଆସ
ମୁଁ ଯାଏ
ଅଭିନୟ
ପଙ୍କ୍ତିକୁ ସଜାଡ଼ି
ମାଡ଼ି ମାଡ଼ି ପଡ଼େ
ସାଲୁ ବାଲୁ ଲୋକଙ୍କ
ଜଙ୍ଗଲ
ଅନ୍ଧାରିଆ ଦି ପହରେ
ବାଘ ଆଉ ଶୃଗାଳ ଭେଟନ୍ତି
.
ତଥାପି

ଇଚ୍ଛା ହୁଏ
ଜଙ୍ଗଲ
ଦେଉଳ ଆଳତି
ଘଣ୍ଟା ସବୁ
ମୁହୂର୍ତ୍ତକ ପରି
.
ବେଳ ଗଡ଼େ
ତମେ ଆସ
ମନେ ପଡ଼
ଜଙ୍ଗଲ ନଥାଏ
ଦେଉଳ ନଥାଏ
ଇଚ୍ଛାଟା ବି
ଥାଇ କି ନଥାଏ
.
ଆଳତି ଜଳେ
ମନରେ
ଘଣ୍ଟା ବାଜେ
ଭିଡ଼ି ମୋଡ଼ି
ହୁଏ ଭିତରଟା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଆଁ ଜଳି

ଲିଭି ଗଲେ

ଓଦା ସଳିତାରେ

ଅଧା ପୋଡ଼ା

ଅଞ୍ଚଳଟା

ଦାଉ ଦାଉ ଦିଶେ

ଜଳେନି,

ଜଳାଏ ଜୀବନ

***

ନୀଳମାଧବ କର,

ଓଲଭରହାମ୍ପଟନ, ୟୁକେ

nmadhab@yahoo.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅବଶୋଷ



ସାଇପ୍ରସାଦ ସାହୁ

କେତେ ଥର ଭାବିଛି

ଖୋଜିଛି ତୁମକୁ ,

ଗାଁଠୁ ସହର ଯାଏଁ

ଦୂର କେଉଁ ନିକାଞ୍ଛ ବଣରେ ।

ଆଉ ବି ଖୋଜିଛି

ମୋ ରାତିର ନିଦରେ ,

ଆଉ ମୋ ସ୍ୱପ୍ନରେ ।

ସବୁଠି ଖୋଜିଛି

କିନ୍ତୁ ତମେ ଏଇଠି ଅଛ ବନ୍ଦୀ ହେଇ

ମୋ ସ୍ମୃତିର ସବୁଜିମାରେ,

ଭାଙ୍ଗି ପଡିଥିବା ମୋ ମନର କାଚଘରେ

ଉଛୁଳା ନଈ ପରି

ବନ୍ଧ ବାଡ ଡେଇଁ,

ଆଗକୁ ଚାଲିଥିବା ମୋ ଆକାଂକ୍ଷାକୁ

ଆଶାର ମହାନଦୀରେ ଭସାଇ ଦେଇ ।

ତଥାପି ସରିନି

ମୋ ଖୋଜିବାର ପର୍ବ ,

କି ଥକି ଯାଇନି ମୋ ପାଦ ।

(ସ୍ନାତକୋତ୍ତର ବାଣିଜ୍ୟ)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ , ସମ୍ବଲପୁର
ଭ୍ରାମ୍ୟ ଭାଷ – ୯୯୩୭୦୩୪୭୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଁ କର ଏବେ କରୋନାରୁ ନିବାରଣ



ଦେବାଶିଷ ମିଶ୍ର

ଆଶ୍ୱିନ ମାସର ଶୁକ୍ଳ ଦଶମୀରେ ପଡେ ଦଶହରା !
ମହିଷା ମର୍ଦ୍ଦିନୀ ଦୁର୍ଗା ଦେବୀଙ୍କର ଏହି ଦିନ ହୁଏ ପୂଜା ।
ଦେବୀଙ୍କ ଅପୂର୍ବ ରୂପ କରି ଅବଲୋକନ ,
ସ୍ତମ୍ଭୀଭୂତ , ଚକିତ ଦେବ, ମାନବ ଗଣ ।
ମୃଦୁ ମଳୟ ଜଗାଏ ଧରା ମନେ ଶିହରଣ ,
ଦେଖି ଚକିତ, ହର୍ଷିତ ନୀଳ ଆକାଶେ ଜହ୍ନ ,
ଭକ୍ତିପୂତ ବସୁଧା ମନେ ଜାଗେ ସ୍ପନ୍ଦନ ,
ଦେଖି ଧରା ବକ୍ଷେ ଦେବୀ ଦୁର୍ଗାଙ୍କ ଆଗମନ ।
ସଭିଙ୍କ ଓଠରେ ହସ ଆଣିଥାଏ ଦଶହରା ପରା ।
ନାରୀ ନିର୍ଯ୍ୟାତନା ବଢିଗଲେ ମାଁ ଅମ୍ବିକା ଜନ୍ମ ହୁଅନ୍ତି ପରା ।
ତଥାପି କାହିଁ ନାହିଁ ଉତ୍ସାହିତ ଏଥର ମନ ?
କୋରୋନା କରୁଛି ଏବେ ତାର ଶକ୍ତିର ପ୍ରଦର୍ଶନ ?
ସାରା ଜଗତ ମାଁ ଦୁର୍ଗାଙ୍କୁ କୋରୋନା ରୁ ରକ୍ଷାପାଇଁ କରୁଛୁ ଆବାହନ,
ଯା ଦେବୀ ସର୍ବଭୂତେଶୁ ଶକ୍ତି ରୂପେଣ ସଂସ୍ଥିତା
ତ୍ରାହି ତ୍ରାହି ମାଁ କର ଏବେ କୋରୋନାରୁ ନିବାରଣ ।

ଅବନକେଲା, ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କଳ୍ପନାର ନାୟିକା



ଲିଟୁ ନାୟକ

କଳ୍ପନା ର କଳ୍ପେ କଳ୍ପିତ ଜୀବନ

କଳ୍ପନା ଜଗତେ ପୂର୍ଣ୍ଣ ସର୍ବ ସ୍ଥାନ

କଜ୍ୱଳପୂରିତ ସେ ମୃଗ ନୟନା

ନୟନ ଚାହାଣି କରେ ଆନ ମନା

ସ୍ୱର୍ଗର ରମଣୀ କିବା ଉଭା ମର୍ତ୍ତ୍ୟେ

ଯାଜ୍ଜ୍ୟମାନ ସେ ପ୍ରଫୁଲ୍ଲିତ ଚିତ୍ତେ

ନିମିଷକେ ମମ ହୃଦେ ଉପସ୍ଥିତ

ମଦନ ବାଣରେ ହେଲି ବିମୋହିତ

ଗାଣ୍ଡୀବ ପରାୟ ଭ୍ରୁଲତା ଆକାର

ମୁଖ ଚନ୍ଦ୍ରମାକୁ କରିଛି ସାକାର

ଚକ୍ଷୁ ଦ୍ୱୟ ସ୍ଥିର ସିନ୍ଧୁ ପରି ଭାସେ

ବିଧାତା କି ତାହା ଗଢ଼ିଛି ସରସେ

ତନୁ ପାତଳୀ ସେ ମନ କରେ ବଶ

ସ୍ମିର ଅଧର ରେ ଲାଜ ମିଶା ହସ

କେମନ୍ତ ପାଇବି ତାହାରି ସଙ୍ଗତ

ଜୀବନେ ମରଣେ ହେବ ମୋରେ ମିତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାଳିଆ (କ - ଆଦ୍ୟ ବର୍ଣ୍ଣ)



ଡମ୍ବରୁଧର ଦାଶ

( ରାଗ - ସାବେରୀ )

କି କହିବି ଚାହିଁ ତ ପାରୁନିରେ

କଳା ଶ୍ରୀମୁଖକୁ ଦେଖି , ଲାଖି ଯାଉଅଛି ଆଖି

ଚାହିଁଦେଲେ ଆଉ ଫେରୁନିରେ ।।୦ ।।

କାଳିଆ କଳା ଠାକୁର , ଖୋଲିଣ ଶିରୀମନ୍ଦିର

ପାଖକୁ ହାତଠାରି ଡାକେରେ

କରିନିଏ ଆପଣାର , ନ କରେ ପାଖୁ ଅନ୍ତର

ଭାବ ରଙ୍କା ଭାବକୁ ଚାଖେରେ ।।୧ ।।

କୋଟି ପୁଣ୍ୟ ବଡ଼ ଦାଣ୍ଡ , ରେଣୁକୁ ପାଇଲେ ତୁଣ୍ଡ

ମୁକତି ମିଳଇ ସଂସାରୁରେ

କରେ ଧରି ସେ ରେଣୁକୁ , ବୋଳି ଦେଲେ ଶରୀରକୁ

ତରିଯାନ୍ତି ପାପ ଦଶାରୁରେ ।।୨ ।।

କହେ ପତିତପାବନ , ତା ଆଡ଼କୁ ଦିଅ ଧ୍ୟାନ

ଉଡୁଛି ସଂସାରର ହିତରେ

କହୁଛି ନୀଳ ଚକର , କାଟିବ ପାପର ଡୋର

ବେନି ହାତକୁ ଥରେ ଟେକରେ ।।୩ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଳିଆ କଳା ବଦନ , କାହାକୁ କରେନା ହୀନ

ବନ୍ଧୁ ହେଉ କି ବଳରାମରେ

କରଇ ପାରି ସଭିଙ୍କୁ , ଊଣା କରେନି କାହାକୁ

ଥରୁଟେ ଡାକିଦେଲେ ନାମରେ ।।୪ ।।

କରି କରାଏ ତା' ମତେ , ରଜ୍ଜୁକୁ ଧରି ସ୍ୱହସ୍ତେ

ଯେଣେ ଓଟାରେ ତେଣେ ଯାଇରେ

କରି ନିଜର ସବୁକୁ , ଶୂନ୍ୟ ଯେ ଗଲା ବେଳକୁ

ମିଛେ ହୁଅନ୍ତି ସବୁ ବାଇରେ ।।୫ ।।

କରମକୁ କରିଥିଲେ , ସୁଫଳ ମିଳଇ ଭଲେ

ଚକାନୟନେ ମତି ଦେଇରେ

କହଇ ଡମ୍ବରୁଧର , ପୂଜିଣ ବେନି ପୟର

ତା ବିନୁ ଅନ୍ୟ ଗତି ନାହିଁରେ ।।୬ ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖୋଜୁଛି ମୁଁ ଦ୍ୱିତୀୟ ସ୍ତ୍ରୀ



ଏସ୍ ଶ୍ରୀମନ୍
ନାରାୟଣ ପାତ୍ର

ସାହାଯ୍ୟ କର ଖୋଜିବାରେ ଦ୍ୱିତୀୟ ସ୍ତ୍ରୀ ।
ମନ ସହ ଯେ ଭରିଦେବ ଜୀବନେ ଶ୍ରୀ ।।୧।।

ପ୍ରଥମ ସ୍ତ୍ରୀ କଲା ଜୀବନକୁ ଦୂର୍ବିଶୟ ।
ଲଅକ ଡାଉନୁଠୁ କଲାଣି ପୁରା ଅତିଶୟ ।।୨।।

ମାର୍ଚ୍ଚ ଆଗରୁ ଯାଉଥିଲି କର୍ମକ୍ଷେତ୍ରକୁ ।
ସାତ ଘଣ୍ଟା ଛାଡ଼ି ରହୁଥିଲି ଘରଣୀଙ୍କୁ ।।୩।।

ଏବେ ସେ ପାଖେ ରହୁଚି ଆଠ ପ୍ରହର ।
ଭେଜାକୁ ଦଉନି ଟିକେ ବି ଅବସର ।।୪।।

ପ୍ରଥମ ସ୍ତ୍ରୀ ନୁହେଁ ଶଶୁରଙ୍କ ଝିଅ ।
ଗାଳି କରିବା ଆଗରୁ ପୁରା ପଢିଦିଅ ।।୫।।

ଭାର୍ଯ୍ୟା ଅଟେ ମୋର ପ୍ରିୟର ଫୁଉନୁ ।
ଶାନ୍ତିରେ କାଟିଲି ତା ପାଇଁ ଲକଡାଉନୁ ।।୬।।

ଅଛି ଯେତେ ଗୁଣ ଏକ ନମ୍ବର ସ୍ତ୍ରୀର ।
କହୁଚି ଗୋଟେ ଗୋଟେ ହଉ ଶୁଣିବାର ।।୭।।

ଦେଖା ସାକ୍ଷାତ ନଥାଇ ବନ୍ଧୁ ମୁଖପୁସ୍ତିକାରେ ।
ଲାଇକି କମେଣ୍ଟ ସହ ପ୍ରଶଂସା ପୋତିଦେବେରେ ।।୮।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହ୍ୱାଟସଆପ ଚାଟିଂରେ କଟୁଥିଲା ଦିନ ।

ହେଲେ ହଉ ପରେ ବରବାଦ୍ ଜୀବନ ।।୯।।

ନ ଥାଉ ପଛେ କେବଲ୍ କି ଟାଟା ସ୍କାଏ ।

ୟୁ ଟ୍ୟୁବ୍ ଦେଖି ସବୁ କଲି ବାଏ ବାଏ ।।୧୦।।

ଶିକ୍ଷଣୀୟ ବସ୍ତୁର ୟୁ ଟ୍ୟୁବ୍ ଗନ୍ତାଘର ।

ସିନେମା ଦେଖି ହେବ ଭବିଷ୍ୟତ ଅନ୍ଧକାର ।।୧୧।।

ଲୋକ ସଦୁପଯୋଗ କରି କଲେ ଉନ୍ନତି ।

ମୋ ଲାଇଫିରେ ଥିଲା ସତେ ଅବନତି ।।୧୨।

ବନ୍ଧୁ ଶୁଭମ ଫୁନୁରେ ଦେଇଥିଲେ ଉପଦେଶ ।

କିଛି ନ ଶୁଣି ମୁଁ ହିଁ କରିଦେଲି ସବୁ ଶେଷ ।।୧୩।।

ବିନା ଅମ୍ଳଜାନରେ ମୁଇ ଅକିଞ୍ଚନ ବଞ୍ଚିଯିବି ।

ମୋବାଇଲି ଦୂରେଇଲେ ହେ ନର୍କକୁ ଧାଇଁବି ।।୧୪।।

ବହୁତ ହେଇଗଲା ମୋବାଇଲ୍ ପେରେମ ।

ଏବେଠୁ ନ ଛାଡ଼ିଲେ ସହିବନି ଧରମ ।।୧୫।।

ଠିକ୍ ଉପଯୋଗ କରିନି ନେଟ୍ ପେକ୍ ର ।

ଯେତେ କହିଲେ ବି ଜାଣ ସବୁ ଅସାର ।।୧୬।।

ବିନା ଫୁଉନୁରେ ରହିବି ସଂକଳ୍ପ କରୁଛି ।

ଘଡ଼ିଏ ପରେ ଅଦୃଶ୍ୟ ହାତ ଟାଣିଦଉଛି ।।୧୭।।

ବହୁତ ହେଇଗଲା ତୋ ସହ ଆନ୍ତରିକତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରମାଣ କରିବାକୁ ହେବ ନିଜର ସତ୍ତା ।।୧୮ ।।

ଡାହାଣୀ ରୂପକ ପ୍ରଥମ ସ୍ତ୍ରୀ ମୋବାଇଲି ।

ମୋ ପରି ସମସ୍ତଙ୍କୁ କରିଛି ବଶ ଆଜିକାଲି ।।୧୯ ।।

ପ୍ରାୟ ଘରେ ଅଧ ଡଜନେ ଦୂରଭାଷ ।।

ତୋ ଯୋଗୁଁ ଭୂଲିଲୁଣୁ ପ୍ରକୃତିର ସୁବାସ ।।୨୦ ।।

ଇଣ୍ଟରନେଟରେ ପାଠ ପଢି ହୁଅ ବିଜ୍ଞ ।

ସମୟର ଡୋରୀକୁ ଛାଡ଼ିଦେଇ ହୁଅନି ଅଜ୍ଞ ।।୨୧ ।।

ସମୟ ଅଛି କରିବି ନାହିଁ ଡେରି ।

ଦେଖାଇବି ମୋର ସ୍ୱପ୍ନ ପୂରଣ କରି ।।୨୨ ।।

ଗେଜେଟ ସ୍ତ୍ରୀ ବିନା ଚାଲିବ ଲାଇଫ ।

ଖୋଜହେ ମୋ ପାଇଁ ସେକେଣ୍ଡ ୱାଇଫ ।।୨୩ ।।

ଏ ସ୍ତ୍ରୀ ରହିବନି ପାଇଜାମା ପକେଟରେ ।

ଆପାର୍ଟମେଣ୍ଟ କରୁ ମୋ ଦିଲ୍ ଭିତରେ ।।୨୪ ।।

ଆଗକୁ ବଢିବା ପାଇଁ ଦେବ ପ୍ରେରଣା ।

ସମ୍ପତ୍ତି ଦେଖି କିନ୍ତୁ କରିବନି ମନଊଣା ।।୨୫ ।।

ପ୍ରଥମ ନିର୍ଜୀବ ସ୍ତ୍ରୀର ତୁଚ୍ଛ ଆକର୍ଷଣ ।

ଜୀବନ୍ତ ସ୍ତ୍ରୀର ସ୍ନେହ ଆଗରେ ମୂଲ୍ୟହୀନ ।।୨୬ ।।

ବହୁତ ଦେଲି ପ୍ରଥମ ସ୍ତ୍ରୀକୁ ସମୟ ।

ନିର୍ଜୀବ ଭୋଗବସ୍ତୁ ସହ ଭାବ ବିନିମୟ ।।୨୭ ।।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଥର ଦେବି ସ୍ନେହ ପ୍ରେମକୁ ସମୟ ।

ନିଶ୍ଚିତ ମିଳିବ ସାଥୀ ଏହା ଅନୁମେୟ ।।୨୮ ।।

ଲଅକଡାଉନୁରେ ଯାଇଥିଲି ଝିଅ ଦେଖି ।

ତାର ଦ୍ୱିତୀୟ ଭାଗ ପଢ ମନ ଯୋଖି ।।୨୯ ।।

ଏସ୍ ଶ୍ରୀମନ ନାରାୟଣ ପାତ୍ର

ବଡ଼ଗଡ଼, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଶୁବଳି



ଦଣ୍ଡାସି ପ୍ରଧାନ

ଦେବୀ ଆରାଧନା ନାମେ  ହତ୍ୟା ପ୍ରହସନ,
ଜାଗି ଉଠୁ ପଶୁ ପ୍ରେମ -
ଢାଳି ଶ୍ରଦ୍ଧା ସ୍ନେହ ।୦୧ ।
ଜନନୀ ଚାହେଁନି କେବେ ସନ୍ତାନ ରକତ,
ମାଂସହାର ଲୋଭି  ଜିହ୍ୱା-
ଖୋଜେ ଅବିରତ ।୦୨ ।
ମଣିଷ ପଣିଆ ଭୁଲି ମାରୁଛ ନିରୀହେ,
ଧର୍ମ ନାମେ ପଶୁବଳି-
ବିକାର ନା ନୁହେଁ  ?୦୩ ।
ଭାଗ୍ୟ ଡୋରି ବନ୍ଧା ତହିଁ ସଦା ସତ୍ କର୍ମେ ,
ନାରକୀୟ ହତ୍ୟାକାଣ୍ଡ-
ହିଂସା ଲିପ୍ତ ଧର୍ମେ ।୦୪ ।
ବିଶ୍ୱାସେ ଭରନା ବିଷ ଜୀବେଦୟା ପ୍ରାଣେ ,
ଚେତନା ପ୍ରଦୀପ ଜାଳ-
ପୁଣ୍ୟ ଅରଜନେ  ।୦୫ ।
ବନ୍ଦ ହେଉ ପଶୁବଳି ଫିଙ୍ଗି ଦିଅ ପୁଣ୍ୟ
ମୁକ୍ତି ମୋର ଲୋଡା ନାହି-
ଏମିତି ମୁଁ ଧନ୍ୟ  ! ୦୬ ।

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ବାଦପୁର, ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମିଛ ମାୟା ସଂସାର



କୈଳାଶ ଚନ୍ଦ୍ର ସାହୁ

ମିଛ ମାୟା ସଂସାର
କେହି ନୁହେଁ କାହାର
ସବୁ ମାୟା ରେ ବାୟା
ସତ ଦୁନିଆଁର ମିଛ ମଣିଷ ।

ଜୀବନର ମେଞ୍ଚା ମେଞ୍ଚା ବିଶ୍ୱାସରେ
ଛଳନା ଟିକକ ହି ପ୍ରକୃତ ସତ
ମଣିଷ ଦେଖେ ସମସ୍ତେ ଭଲପାଆନ୍ତି
ସମୟ ଆସିଲେ ସବୁ ଦୁରେଇ ଯାନ୍ତି ।

ରାତିର ସୁମଧୁର ସୁନ୍ଦର ସ୍ୱପ୍ନ
ରାତିର ଅନ୍ଧକାରରେ ମିଳେଇ ଯାଏ
ଏଇ ସତ ଦୁନିଆର ଛାତି ତଳେ
କଷ୍ଟ ଓ ଯନ୍ତ୍ରଣାକୁ ଚାପି ହସିବାକୁ ହୁଏ ।

ମୁଁ, ତୁମେ ଆଉ ଆମେରେ
ଚାଲେ ଏଇ ଛଳନା ସଂସାର
ସମୟକୁ ଠକି ଠକି
ଜୀବନକୁ ଲୁଚି ଲୁଚି ଜୀଇଁବାକୁ ହୁଏ ।

ମିଛ ପ୍ରତିଶୃତି, ମିଛ ଆଶ୍ୱାସନା
ମିଛ ସମ୍ପର୍କ ଓ ମିଛ ଆନ୍ତରିକତାକୁ
ସାଥିରେ ଧରି ଛଳନା କରି
ଏଇ ମିଛ ସଂସାରରେ ବଞ୍ଚିବାକୁ ହୁଏ ।

କାଲିର ସକାଳ କିଏ ଦେଖିଛି
ତଥାବି ମଣିଷ ଏଇ ଛଳନା ଦୁନିଆଁ ରେ
ସବୁ ମୋର ମୋର ହେଉଛି
ଅନ୍ୟ ର ଦୁଃଖ ଦେଖି ବହୁତ ଖୁସି ହେଉଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେଇ ଝିଅଟି



ଲକ୍ଷ୍ମଣ ମହାନ୍ତି

ଜାଣେନା ମୁଁ କିଏ ସେ
ଜାଣେନା ମୁଁ କ'ଣ ସେ
ହୃଦୟ ସ୍ପନ୍ଦୀତ କରେ, ସେଇ ଝିଅଟି.....□

ଭାବିଛି ଅନେକ ଥର
ଜାଣେନା କାରଣ ତା'ର
ହିଆ ରେ ତୋଳିଲା ଘର, ସେଇ ଝିଅଟି.....□

ଶୁଣି ତା' ମଧ୍ୟସ୍ୱର
ମନ ମୋ ହୁଏ ଆତୁର
ପୁଲକ ଭରିଲା ମନେ, ସେଇ ଝିଅଟି.....□

ବଦନ କମଳ ପରି
ଅଧର ଗୋଲାପ କଢ଼ି
ଆଖିରେ ମାଇଲା ଛୁରୀ, ସେଇ ଝିଅଟି.....□

ନୟନ ନୀଳ ସାଗର
ଲହରୀ ବେଣୀରେ ତା'ର
ତମସା କଲା ମୋ ଦୁର, ସେଇ ଝିଅଟି.....□

ତା'ପାଇଁ ଗାଉଛି ଗୀତ
କି ଗ୍ରୀଷ୍ମ, କି ବର୍ଷା, ଶୀତ
ହୃଦୟ କରିଛି କ୍ଷୁବ୍ଧ, ସେଇ ଝିଅଟି.....□

ପୁଣି ମୁଁ ଦେଖିବି କେବେ
ବସି ମୁଁ ଭାବୁଛି ଏବେ
ଉତ୍ସୁକ କରିଛି ମୋତେ, ସେଇ ଝିଅଟି.....□

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦର୍ଶନ ଦିଅ ପ୍ରଭୁ



ଦୀପକ ଷଡ଼ଙ୍ଗୀ

ଦୁଃଖୀ  ଉଦ୍ଧାରଣ ହୀନଜନ ତାରଣ

ସ୍ପର୍ଶ କରି ଶ୍ରୀ ପୟର କରେ ନିବେଦନ

ମୁହିଁ ଦୁଃଖୀ ମୋର ନାହିଁ ସନମାନ

ଗୁହରି ଶୁଣି ଦିଅ ହେ ଦର୍ଶନ

ଅବିଶ୍ରାନ୍ତ ପଥ ଅତିକ୍ରମ କରି ଆସିଛି ହେ ସାଇଁ

ଖାଲି ତୁମର ଟିକେ ଦରଶନ ପାଇଁ

ଆଉ କିଛି ନାହିଁ ମୋ ପାଶେ ତୁମକୁ ଦେବା ପାଇଁ

ହୁଅ ପ୍ରସନ୍ନ ଦିଅ ଦର୍ଶନ ପ୍ରଭୁ

ଚାହେଁ ନହିଁ ଆନ କିଛି

ଲୋଡା ନାହି ମୋର ଧନ ଦଉଲତ

ନୀତି କରୁଥାଏ ତୁମ ପାଦେ ପ୍ରଣିପାତ

ସହକାରୀ ଅଧ୍ୟାପକ

ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ

ଖୋଡାସିଙ୍ଗୀ,ବ୍ରହ୍ମପୁର-୧୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଅହଂକାରର ପ୍ରତିବିମ୍ବ



ଲିମନ୍

ମରୁଭୂମିର ବାଲି କହେ
“ମୁଁ ଜଳଦାନ କରୁଛି...”
ସମୁଦ୍ରଟା ହସି ଗାଏ
“ସଭିଙ୍କୁ ମୁଁ କୋଳ କରୁଛି...”

ଥୁଣ୍ଟା ଗଛ ପ୍ରଚାର କରେ
“ମୋ ଛାଇରେ ବାଟୋଇ ଶୁଏ”
ଲତା ଡଙ୍କଟା ଗପମାରେ
“ମାଟି ମୋ ଠୁ ଶକ୍ତି ପାଏ”

ହଳଦିଆ ପତ୍ର କହେ
“ମୋ ଠୁ ସୁନ୍ଦର ଅଛି କିଏ ?”
ଜଳନ୍ତା ମହମ କହିହୁଏ
“ମୋ ଆୟୁଷ ନବ କିଏ ?”

ଅମାବାସ୍ୟାର ଚନ୍ଦ୍ର ଭାଷେ
“ମୋ ପାଇଁ ଜଗତ ଆଲୋକିତ”
ବିଲର ବାଳୁଙ୍ଗା କହି ହସେ
“ମୋ ପାଇଁ କୃଷକ ପ୍ରଶଂସିତ”

ଅହଙ୍କାରର ପ୍ରଭାବ ଇଏ
ନୁହେଁ ତ ଆଉ କଣ ?
ଯେତେ କହିଲେ ବି ହାୟ, ହାଏ
ପ୍ରକୃତି ତୁଟିବ ହେଲେ ମରଣ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରିୟା ତୁମେ ଫେରିଆସ



ସେବକାନ୍ତ ନନ୍ଦ

ହୃଦୟ ବେଦନା ସହି କି ହୁଅଇ
ଛାତିତଳେ ଚାପିରଖି
ବିରହବେଦନା କେମିତି କହିବି
ଜଳୁଥାଏ ମୋର ଛାତି ।
ବିଚ୍ଛେଦ ଜୀବନ କେତେ ଯେ ଯନ୍ତ୍ରଣା
କିଏ ବା ବୁଝିବ ମୋର
ଦୂର ଦେଶେ ଆଜି ମୁହିଁ ରହିଅଛି
ଛାତିକୁ କରି ପଥର ।
ତା ବିନା ମୋ ପ୍ରାଣ କେମିତି ଧରିବି
ସିଏ ମୋ ଗଳାର ହାର
କରୁଣ ହୃଦୟେ ଧୈର୍ଯ୍ୟ ଆଉ ନାହିଁ
ପ୍ରିୟା ହେଲା ଯେବେ ଦୂର ।
କରୋନା ପାଇଁ ଏ ବିଚ୍ଛେଦ ଘଟିଲା
ଲକ୍‌ଡାଉନ ଯେବେ ହେଲା
ସେ ଦିନୁ ଦେଖିନି ପ୍ରିୟାକୁ ଯେ ମୋର
ଏକୁଟିଆ ଦିନ ଗଲା ।
ଛଅ ମାସ ଆଜି ବିଚ୍ଛେଦ ଘଟିଲା
ବିରହ ନିଆଁରେ ଜଳି
ପ୍ରିୟା ମୋର ଆଉ ମୋ ପାଇଁ ଥିବ କି
କାଳେ ଯାଇଥିବ ଭୁଲି
ଚୋରା ପୀରତିର ଅକୁହ ଯନ୍ତ୍ରଣା
ଘରେ ଦେଇଥାନ୍ତି ଗାଳି
ନିଛାଟିଆ ଜାଗା ଜନ ଶୂନ୍ୟ ପଥ
ସାହା ହୋଇଥାଏ ଖାଲି ।
ଏତେ ଦିନ ପରେ କରିଛି ପ୍ରତୀକ୍ଷା
ମନରେ ହୋଇ ହରଷ
ବନ୍ଦୀ ଜୀବନରୁ ମୁକ୍ତ ହୋଇ ଆଜି
ପ୍ରିୟା ତୁମେ ଫେରିଆସ ।

ବନ୍ଧପାଲି, ବଲାଙ୍ଗିର, ଓଡ଼ିଶା
ଭ୍ରାମ୍ୟଭାଷ : ୭୯୭୮୦୮୯୯୫୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂଜବତୀ ଜଳିଜଳି ଲିଭି ଆସେ



ଇଂ ଦୁଃଶାସନ ବାରିକ

ଜୀବନ ଚାହୁଁଛି ଧିରେ ଧିରେ ଆସି
ବୟସର ଜଉଘରେ
ନିଜ ଲୋକ କେହି ଛାଡ଼ି ଚାଲିଗଲେ
ନୟନରୁ ଲୁହ ଝରେ ।
ଚିହ୍ନା ପରିଚିତ ଜୀବନ ସାଗରେ
ଅଚିହ୍ନା କେହି ବି ନାହିଁ
ଚାନ୍ଦ ସୂରୁଜର ଆଲୁଅ ସାଥୀରେ
ଭାଗ୍ୟ ଯିବ ଦିନେ ନଇଁ ।
ଅତୀତର ସ୍ମୃତି ସର୍ବେ ଯିବେ ଭୁଲି
ମିଛ ମାୟା ସଂସାରରେ ।
ଜୀବନ ଝୁରୁଛି...
ମାୟାର ପ୍ରଦୀପ ଧିରେ ଧିରେ ଜଳେ
ଅମା ଭରା ଅନ୍ଧାରରେ
ବାଦଲ ଭିତରୁ ବରଷାର ଝର
ଖରିବାକୁ କେତେ ଝୁରେ ।

ଅଳପ ଆୟୁଷ ସଳିତା ସଜେଇ
ଜଳିବାକୁ ଛଳ କରେ ।
ଜୀବନ ଝୁରୁଛି....
ସମୟର ଏହି ଗୋଧୂଳି ସଞ୍ଜରେ
ସଞ୍ଜବତୀ ହାତଠାରେ
ଅତୀତର କେତେ ସ୍ମୃତି ଫୁଲ ଆସି
ଛାତିକୁ ପଥର କରେ ।
ବଞ୍ଚିବାର ମୋହ ଏବେ ବି ହୃଦୟେ
ଲୁଚିଛପି ଉଙ୍କିମାରେ ।
ଜୀବନ ଝୁରୁଛି...

ଶେଖ୍ ବଜାର, ନ୍ୟୁ କଲୋନୀ,
କଟକ, ୮, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୭୪୩୧୬୭୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଗଣତନ୍ତ୍ର କେତେ ମହାନ



ବିପ୍ଳବ କୁମାର ନାଥ

ଯେଉଁ ଦେଶରେ ଗୋଟେ ଭୋଟ୍ ପାଇଁ
ଆମେ ପରା ବିକିଯାଉ
ତେଣୁ ଆମେ କହୁ କେତେ ଗୁଣବାନ
ଆମ ଗଣତନ୍ତ୍ର କେତେ ମହାନ ।

ଏଠି ତେଲିଆ ମୁଣ୍ଡରେ ତେଲ
ଗରିବ ମରେ ଭୋକ ବିକଳରେ
ମିଳେନା ଛିଣ୍ଡା କନା
ଆମ ଗଣତନ୍ତ୍ର କେତେ ମହାନ ।

ଖରାବର୍ଷା ଶୀତ କାକରରେ
ଆମ ଚାଷୀଭାଇ ଖଟି ଖଟି ମରେ
ଏଠି ଚାଷୀକୁ ମିଳେନା ସମ୍ମାନ
ଆମ ଗଣତନ୍ତ୍ର କେତେ ମହାନ ।

ଏଠି ଟଙ୍କା ଥିଲେ ପାଶେ
ଦୋଷୀ ଯେ ନିର୍ଦ୍ଦୋଷ ହୁଏ
ଭୁଲ କଲେ ଏଠି ଦଣ୍ଡ ମିଳେନା
ଆମ ଗଣତନ୍ତ୍ର କେତେ ମହାନ ।

ଏଠି ମୂର୍ଖ ବନିଯାଏ ପଣ୍ଡିତ
ଜ୍ଞାନର ତ କିଛି ମୂଲ୍ୟ ହିଁ ନଥାଏ
ଜ୍ଞାନୀକୁ ଯେ ମିଳେ ବେଦନା
ଆମ ଗଣତନ୍ତ୍ର କେତେ ମହାନ ।
ଆମ ଗଣତନ୍ତ୍ର କେତେ ମହାନ ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ରାଉରକେଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଣାଣ



ଦେବଦତ୍ତ ପଣ୍ଡା

ଆହେ ଦୟାମୟ ପ୍ରଭୁ ଶ୍ରୀହରି
ହରିନିଅ ଦୁଃଖକଷ୍ଟ ସବୁରି ।
ଆହେ ଚଉଦଭୁବନ ପାଳକ
ରକ୍ଷାକର ପ୍ରଭୁ ବିଘ୍ନନାଶକ ।
ଏହି କରୋନାରୂପକ ବେମାରି
କେବେ ଦୂରେଇବ ପ୍ରଭୁ ଶ୍ରୀହରି ।
ତବ ଦୟାରୁ ତ ମହାବିପତ୍ତି
ଦୂର ହୋଇଛି କେତେ ଯେ ଦୁର୍ଗତି ।
ଦୟାକର ଦୟାମୟ ପ୍ରଭୁ ହେ
ଏ ଘୋର ବିପଦୁ ପାରି କରହେ ।
ସତ କହିବାକୁ ଦିଅ ଶକତି
ହୃଦେ ଭରିଦିଅ ମୋର ଭକତି ।
ଦୁଃଖୀ ଦରିଦ୍ରଙ୍କ ସେବା କାର୍ଯ୍ୟରେ
ବଳଦିଅ ମୋର ଦେହ ମନରେ ।
ଦୂରେଇ ନିଅ ମୋ ସବୁ କୁଗୁଣ
ଭରିଦିଅ ହୃଦେ ସବୁ ସୁଗୁଣ ।
ତୁମେ ଶୁଭବୁଦ୍ଧି ମୋତେ ଶିଖାଅ
ତୁମେ ଭଲବାଟ ମୋତେ ଦେଖାଅ ।
ଆହେ ଜଗତର ବଡ଼ ଠାକୁର
ତବ ପାଦତଳେ କୋଟି ଜୁହାର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ! ଏକ ପ୍ରଶ୍ନବାଚୀ



ଡଃ କିଶୋର ମହାନ୍ତି

ମୁଁ ଏକାନ୍ତ ଭାବରେ ମୋର
ମୁଁ ସତେ କ୍ରୀତଦାସଟିଏ
ଜାହାଜ ଜଗିବା ମୋର କାମ
ହଁ, ଢେଉ ଗଣିବା କାମରେ
ମୁଁ ଧରାବନ୍ଧା ଅଭ୍ୟସ୍ତ ଜଗୁଆଳୀ ।

ମୁଁ ସାଉଁଟି ଆଣୁଥିବା ଶାମୁକା
ଏକମାତ୍ର ସମ୍ବଳ ମୋର
ତାକୁ ନେଇ ଆକାଶ ଛୁଆଁ ସ୍ୱପ୍ନମାନେ
ବିଚ୍ଛେଇ ହୋଇଯା'ନ୍ତି ମନରେ
ଯେମିତି ରାତିର ଆକାଶରେ
ତାରା ଭର୍ତ୍ତି ଫୁଲ
ବେଳେ ବେଳେ ଅସମ୍ଭବ ପ୍ରକାରର ବ୍ୟଥା ଓ
ବେଦନାରେ
ଛଟପଟ ଆତ୍ମା
ଇଚ୍ଛାମାନେ ଅପମୃତ୍ୟୁ ବରି ନିଅନ୍ତି

ବେଳେ ବେଳେ ବି ମୋତେ ଲାଗେ
ମୁଁ ଝୁଲୁଛି ଯେମିତି ଫଟାକାନ୍ଥରେ
ବନ୍ଦ ପଡ଼ିଥିବା ଅସଜଡ଼ା କାନ୍ଥ ଘଣ୍ଟାଟିଏ
ଚୁପଚାପ ନିଶ୍ଚୁପ ଜୀବନ
ରାତି କଟେ, ଦିନ ବିତେ, ହୋଇଯାଏ ସଂଜ ।

ଅହଂର ତାଡ଼ନାରେ
ମୁଁ ନିଜକୁ ବିଶ୍ଳେଷଣ କରେ
ସତେ ମୁଁ କିଏ ! ! !

ଶୂନ୍ୟଥାଳରେ ଯୋଗୀ ଫେରେ
ମୁଁ ହତବାକ ହୁଏ, ମୋତେ
ଉଠାନ୍ତି ଗହନ ନିଦରୁ...
ରୋଷଣୀ ପଟୁଆର ଚାଲେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବିବିଧ ବାଜଣା ଓ ହୋ ହଲ୍ଲା

ଭିତରେ ମୁଁ ପାଲଟି ସାରିଥାଏ

ସେମାନଙ୍କ ଭିତରୁ ଜଣେ

କେବଳ ଶୁଣୁଥାଏ

ବାଟୋଇର ଗୀତ

ଯାହା ମୋତେ କରେ ଉଚ୍ଚାଟ

ମୁଁ ଭାବେ ଧରାବନ୍ଧା ପାହାନ୍ତି ରାଗ ମୁଁ

କେତେବେଳେ ଧୂନଟିଏ ହୋଇ ସାରିଥାଏ

ପଛକୁ ଯେବେ ମୁଁ ଫେରେ

ହଜାଇଥିବା ଦିନ ଗୁଡ଼ିକ

ଲହଡ଼ି ଭାଙ୍ଗନ୍ତି

ମୁଁ ବେଳେ ବେଳେ

ବିଭକ୍ତ ସମୟ ସୂରରେ

ହଜାଇଥାଏ ନିଜକୁ ମୁଁ ବାରମ୍ବାର

ଖୋଜୁଥାଏ ନିଜକୁ ମୁଁ

କେଉଁଠି ମୋ ଘର ? ?

ଇ/୫୦, ସେକ୍ଟର : ୭, ସିଡ଼ିଏ

କଟକ, ୧୪, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୭୭୨୮୪୭୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫଳନ୍ତି ବୃକ୍ଷ୍ୟ ତଳାୟମାନ



ରାକେଶ କୁମାର ଦାସ

ସର୍ବଦା ଫଳନ୍ତି ବୃକ୍ଷ୍ୟ ତଳାୟମାନ
ବିନା ଫଳେ ବୃକ୍ଷ୍ୟ ଶୀର୍ଷାୟମାନ
ଫଳନ୍ତି ବୃକ୍ଷ୍ୟ ସଭିଙ୍କୁ ବାଣ୍ଟଇ ଫଳ
ଜନହିତ ପାଇଁ  ଦେଲେ ଖୁସି ପ୍ରବଳ
ଠିକ୍ ସେମିତି ଜ୍ଞାନୀ ଗୁଣୀ ମଣିଷ
ଜ୍ଞାନ ବାଣ୍ଟିବାରେ ନଥାଏ ଅଳସ
ପ୍ରକୃତ ଜ୍ଞାନୀ କେବେ କରେନି ଗର୍ବ
ଜ୍ଞାନରୁ ମିଳେ ତାକୁ ହିଁ ସ୍ୱର୍ଗ
ଅଧା ଗୁଣିଆ କରେ ସବୁ ଛିନ୍ ଛତର
ଗର୍ବରେ ଛାତି ଏ ଘର ସେ ଘର
ଟିକେ ସଫଳତାରେ ନର ଏମିତି ଦିଶେ
ଯେମିତି ଉଇହୁଙ୍କା ଉପରକୁ ପିମ୍ପୁଡ଼ି ଆସେ
ଅହଂକାରରେ ତାର ଛାତି ଭରପୂର
ଜାଣେ ନାହିଁ ତା ଉପରେ ଜଣେ ସିକନ୍ଦର
ନିଜକୁ କେବେ ଭାବନାହିଁ ଶ୍ରେଷ୍ଠ
ଏହି ଅହଂକାର କରିଦିଏ ସବୁ ନଷ୍ଟ
ମୁଁ କରିପାରେ ଏହା ଅଟେ ଆତ୍ମବିଶ୍ୱାସ
କେବଳ ମୁଁ ଭରିଦିଏ ଜୀବନେ ବିଷ
ଫଳନ୍ତି ବୃକ୍ଷ୍ୟରୁ କିଛି ଶିଖିବାର ଅଛି
ଗର୍ବକୁ ତ୍ୟାଗକର ଯେତେଦିନ ଅଛି ।

ହିନ୍ଦୀ ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପରଜାପୁଟ୍ଟି,
ଦଶମନ୍ତପୁର, କୋରାପୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୁଣ୍ଠନ



ଡଃ ତନ୍ମୟ କବି

ଆଉ ଏକ ଯୁଦ୍ଧ
ଜିତିବାର ଆଶା. .........
ଆଉ ଥରେ ତୁମକୁ
ଡାକିବି ବିଟ୍ ଘରକୁ
ତୁମେ ଆସିବ
ମଥାରେ ସିନ୍ଦୂର ଲଗାଇ
ମୁଣ୍ଡ ବାଜିବ ଚାଳଘରେ
ନଥିବ ଆଉ ପୁରାତନ ସାମ୍ରାଜ୍ୟ
ମାନିନେବି ସବୁ ଆଜ୍ଞା ତୁମର

ତା'ପରେ ହଜିଯିବି
ପାଣ୍ଡବଙ୍କ ପରି
ଅଜ୍ଞାତ ବନବାସରେ
ତୁମେ ପ୍ରତୀକ୍ଷା କରିଥିବ
ନୂତନ ଏକ ଚଟିଘରେ
ଯେଉଁଠି ଲୁଣ୍ଠନ ହେବ
ତୁମର ବିଶ୍ୱାସ
ସମାଧିସ୍ଥ ହୋଇଯିବ
ତୁମ ଅବିଶ୍ୱାସର ଗନ୍ତାଘର..........
ତୁମର କେବଳ ତୁମର

କଟକ
ଦୂରଭାଷ : ୯୫୮୩୨୪୭୩୫୩

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପୁତ୍ରର ସ୍ୱଭାବ



ଇତିଶ୍ରୀ ମଲ୍ଲିକ

ବୁଝି ସେ ପାରେନା　　ମଣିଷପଣିଆ
ଅର୍ଥ ତାହାର କିସ
ମଣିଷ ଜାତିରେ　　ଜନମ ହୋଇ ବି
ନିଇତି ପିଉଛି ବିଷ ।

ଅମା ଅନ୍ଧକାର　　ଘୋଟିଛି ସବୁଠି
ହଜି ଯାଇଛି ବିବେକ
ଜନମ ଦେଇ ବି　　ନିଜର ହେଉନି
ଏମିତି ଜୀବନ ଧିକ ।

କଷଣ ସହିଛି　　ଯତନେ ପାଳିଛି
ଆହା ସେହି ପିଲାଦିନ
ବଡ଼ ହୋଇ ଆଜି　　ସେହି ପୁଅ କହେ
ଧ୍ୱଂସ କରୁଅଛ ଅନ୍ନ ।

କହୁଅଛି ଏତେ　　ପୁତ୍ରର ପ୍ରକାର
ନ ଧରିବ ମୋର ଦୋଷ
କେ କେଉଁ ପ୍ରକାରେ　　ଆଦର କରନ୍ତି
ପିତାମାତା ମନତୋଷ ।

ଦୁଇ ବା ଅଧିକ　　ପୁତ୍ରଥିଲେ ସତେ
ପିତାମାତା ହେବେ ଭାଗ
ଏକ ଏକ ମାସ　　ପୋଷୁଣ ଥିବେ ସେ
ତାପରେ ବଦଳେ ପାଗ ।

ଶୈଶବ କାଳରେ　　ଟନା ଓଟରାରେ
ଦୁଇଭାଇ ମଧ୍ୟେ କଳି
ମୋ ମାଆ ବୋଲି　　କହିଦେଲେ ଜଣେ
ଆରେକ ଯାଏ ତ ଜଳି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡ଼ ହୋଇ ଆଜି ମତି ବଦଳିଛି
ତଥାପି ସରିନି ଗୋଳ
ମା ଏବେ ତୋର କହେ ଯେବେ ଜଣେ
ଓଲଟାଇ ଦିଏ ଫଳ ।

କାଳ ଗ୍ରାସିଲାଣି ଏ ସାରା ସମାଜେ
ଅସହାୟ ପିତାମାତା
ମଧୁବାବୁଙ୍କର ପେନସନ୍ ଯୋଜନା
ସେମାନଙ୍କ ଅନ୍ନଦାତା ।

ଯେଉଁ ବାପାମାଆ ପୁଅ ମନଜାଣି
ରଖିଥାନ୍ତି ଧନ ସମ୍ପଦ
ଶେଷ କାଳଯାଏଁ ସେବା ସେ ଲଭନ୍ତି
ହୋଇଣ ମହା ଆନନ୍ଦ ।

ସଂଖ୍ୟାଲଘୁ ଏବେ ଶ୍ରବଣ କୁମାର
ରାମଚନ୍ଦ୍ର ପରି ପୁତ୍ର
କଳିଯୁଗ ଏ ତ ମହୀ ଆବୋରିଛି
ଦୟାର ସାଜିଛି ପାତ୍ର ।

ଖମିଗାଁ, ଯାଜପୁର

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନଜର



ସୁବାସ ଚନ୍ଦ୍ର ମୁଦୁଲି

ନଜର କାହାର ଲାଗିବ ବୋଲିରେ
ଦେହ ତୋର କଳା କଲୁ
ଦାସିଆ ନଡ଼ିଆ ନଜରେ ଆସିଲା
ଶୂନ୍ୟେ ଶୂନ୍ୟେ ନେଇଗଲୁ
ବନ୍ଧୁ ମହାନ୍ତିକୁ ବନ୍ଧୁ ନଜରରେ
ଖୁଆଇଲୁ ସୁନା ଥାଳିରେ
ନଜର ପଡିଲା ସାଲବେଗଠାରେ
ଅଟକିଲୁ ବଡଦାଣ୍ଡରେ
ନାତି ହୋଇ ତୁ ନଜର କଲୁ
ଅଜା ବଳରାମ ଦାସରେ
ବାଲି ରଥେ ତା ବସିଲୁ ଯାଇ
ବାଙ୍କୀ ମୁହାଣର ବାଲିରେ
ପୁଣି ଅଇଁଠା କୋଳିରେ ନଜର ପଡିଲା
ତୁ ତ ଶବରୀ ଅଇଁଠା ଖିଆରେ
ନଜର କେତେ ତୋ ନଜିର ଦେବିରେ
ମୁଁ ତ ଭାସେ ଭବ ସାଗରେ

ପ୍ରାକ୍ତନ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମ୍ବଲପୁର
ମୋ - ୯୪୩୭୭୮୧୦୫୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାରୀ



ସରୋଜ ସାହୁ

ସୃଷ୍ଟିର ଆରମ୍ଭ ପାପର ବିଲୟ ସର୍ବତ୍ରେ ନାରୀର ସ୍ଥାନ
ଜନନୀ ଜାୟା ଭଗିନୀ ସର୍ବଦେହେ ବିଦ୍ୟମାନ ।
ରଣନେତ୍ରୀ ସାଜି ରଣକ୍ଷେତ୍ରେ ଉଡ଼ାଏ ବିଜୟ ଧ୍ୱଜା
ପୂଜାପାର୍ବଣର ମାଙ୍ଗଳିକ କାର୍ଯ୍ୟେ ଭକ୍ତିପୂତ ସାଜସଜ୍ଜା ।
ସରଳ ଉଦାର ଭକ୍ତି ପରିପକାର ସର୍ବସ୍ୱ ତା'ରି ଦେହେ
ଦୁଃଖ ଯନ୍ତ୍ରଣା ରୋଗ ଶୋକ ପାଷାଣୀ ପରି ସେ ସହେ ।
ଦୁଃଖୀର ଯନ୍ତ୍ରଣା ମାତୃତ୍ୱ କ୍ରନ୍ଦନ ଅନାଥର ଦେବୀ ସାଜେ
ସଂପର୍କ ଲଜ୍ଜ୍ୟା ସହନଶୀଳତାର ଗଭୀର ମର୍ମକୁ ବୁଝେ ।
ପ୍ରେମର ସାରଥୀ ସ୍ୱାମୀର ମାନସୀ ବୃଦ୍ଧାକାଳେ ହୋଇ ସେବିକା
ଧୈର୍ଯ୍ୟର ପ୍ରତୀକ ଉନ୍ନତିର ସିଦ୍ଧି ଜୀବନ ପଥରେ ସଖା ।
ଜ୍ଞାନଗରିମାର ଅମାପଧାରିଣୀ ଅନ୍ୟାୟର ନ୍ୟାୟାଧୀଶ
ରକ୍ତମାଂସଭରା ଜୀବନ୍ତ ମୂର୍ତ୍ତିର ଶାନ୍ତଶୀଳ କ୍ରିୟାଦଂଶ ।
ମାନବ ଜୀବନେ ସାର୍ଥକତା ଲଭେ ସୃଷ୍ଟିରେ ନାରୀ ଜନ୍ମ
ମୁଖବାଣୀ ତାର ଅମୃତର ଧାର ପବିତ୍ରତା ଗଙ୍ଗାସମ ।
ଶକ୍ତି ସ୍ୱରୂପିଣୀ ସଂହାରଦାୟିନୀ ଅଧର୍ମର ବିନାଶୟ
ଲକ୍ଷ୍ମୀ, ସରସ୍ୱତୀ, ସୁଭଦ୍ରା ନାମେ ଯୁଗେ ଯୁଗେ ବନ୍ଦନୀୟ ।


ଆଠଗଡ଼, କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶୋଷ



ଶ୍ରୀକ୍ଷେତ୍ର ସୁନ୍ଦର

କେବେ ନିରେଖି ଦେଖିବ

ବର୍ଷାର ଜଳ ବିନ୍ଦୁ ଗୁଡ଼ାକ କେମିତି

ନିଜ ନିଜ ଭିତରେ ପ୍ରତିଯୋଗିତା କରି

ଆକାଶରୁ ମାଟିକୁ ଆଖି ବୁଜି ଡେଇଁ ପଡନ୍ତି

ସେଥିରେ ତାଙ୍କୁ କି ଆନନ୍ଦ ମିଳେ କେଜାଣି ?

ନିଜ ଅସ୍ତିତ୍ୱକୁ ହରାଇ

ହେଲେ ଏ ତ ନୂଆ ନୁହେଁ

ଏମିତି ତ କେତେ ମୌସୁମୀ ଯାଇଛି

କେତେ ଶ୍ରାବଣ ଏ ମାଟିରେ ଲୀନ ହୋଇଛି

ହେଲେ କାଇଁ ?

ମାଟିର ଶୋଷ ତ ଏ ଯାଏ ମେଣ୍ଟିନି

ସଂଗୀତ ଶିକ୍ଷକ

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

ମୋ - ୯୦୯୦୨୭୭୮୦୬

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଲକ୍‌ଡାଉନ୍ ଘରଣୀ



ଆଭାଞ୍ଜଳି ଶତପଥୀ

କରୋନା ଭୂତାଣୁ  ମାଡ଼ି ମାଡ଼ି ଆସି କେତେ ଯେ ଡରାଣ ଦେଲାଣି,
ସାବୁନରେ ଖାଲି ହାତ ଘଷି ଘଷି ପାଣିଆଖିଆ ଧରିଲାଣି ।
ଆଡଭାନ୍‌ସ ନେଇକି କାମବାଲି ସେତ ଲକ୍‌ଡଡାଉନ୍ ମଜା ଚାଖିଲାଣି,
ଫୋନ ଧରିଲେ ବଖାଣି ଦେଉଛି ମୋ ଘର  କ୍ୱଣ୍ଟାନମେଣ୍ଟ ଜୋନ୍ ହେଲାଣି ।
କମ୍ପିଟିସନରେ  ସାଙ୍ଗ ସବୁ ଖାନା ହ୍ୱଟସାପ୍ ରେ  ଛାଡ଼ି ଦେଲେଣି ,
ତାଙ୍କୁ ବାଦ କରି  ଡଙ୍କି କରୁଚୁଲି ଖଡ଼ିକା ଡେକିଚି  ଗହଣାତ ବନି ଗଲେଣି ।
ହାତରନ୍ଧା ଖାଇ  ପିଲାଗୁଡା ଯେବେ ମମିଙ୍କୁ  ଟେକି ଦେଲାଣି ,
ଅହରହ  ହାଣ୍ଡିଶାଳେ ଥକା ଦେହେ କି ବଳ ଆସେ କେଜାଣି ।
ପାଟି ଚାଖଣା ସେ ମଖଣ୍ଡିଖାଇକି ପତି ଗଣ୍ଡି ବୋହିଲାଣି,
କାମକର  ଟିକେ କହିଲା ବେଳକୁ ୱର୍କଆଟହୋମରେ ବସିଲାଣି ।
ଇସ୍କୁଲ୍ ନଯାଇ ଛୁଆଗୁଡା ଘରେ କେତେ ଯେ ନାଟ କଲେଣି,
ମା ମା ରଡ଼ି ଶୁଣି ତାର କାନ ଅଥୟ ବଧିର ହେଲାଣି ।
ଜୁମ୍ କିଲାସେ   ପିଲା ପାଖେ ବସି ଅଧା ପାଠୁଆ  ସେ ହେଲାଣି ।
ହୋମଓ୍ୱାର୍କ ପଛେ ଲାଗିଲାଗି ଦିନ କୁଆଡେ ପଳେଇଗଲାଣି ।
ଫେସ୍ ବୁକ୍  ଖୋଲି ଦେଖେ ସବୁ କେତେ କବି କବିୟତ୍ରୀ ହେଲେଣି,
କାମର ଚାପରେ ମନର ଲଖନୀ  କୁଆଡେ ଭାଙ୍ଗିରୁଜି ଗଲାଣି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଟି ପାର୍ଟି  ଆଉ ମଲ ସିନେମା ସପନରେ ରହିଗଲାଣି,

ମୁଁହ ରେ ତୁଣ୍ଡୀ ଟା ବାନ୍ଧି ବାନ୍ଧି ସିଏ ଲିପଷ୍ଟିକି ଭୁଲି ଗଲାଣି ।

ଡିଜାଇନର ଡ୍ରେସ ମ୍ୟାଚିଙ୍ଗି ଟିକିଲି କୁଆଡ଼େ ଫୋପାଡ଼ି ଦେଲାଣି,

ନାଇଟି ସବୁକୁ ଘଷିରି ଘଷିରି କପା ଛଡ଼ା କରି ଦେଲିଣି  ।

ଧଳା ବାଳ ଦେଖି ପତିଦେବ  କହେ ଅକାଳରେ ବୁଢି ହେଲଣି,

ସଜବାଜ ଟିକେ ହଉନ ମୋ ରାଣୀ ଆସ  ଦେବି ବାନ୍ଧି   ବେଣୀ ।

ରାଣୀ ରାଣୀ ଡାକ ଶୁଣିକିଯେ ଲାଭ ହୁଏ ଯେବେ ଚାକରାଣୀ,

ହାତ ଧରି କାହୁଁ କହୁଛ କେମିତି ଆସ ଲେଖିବା ଲକ୍ ଡାଉନ୍ ପ୍ରେମ କାହାଣୀ ।

ମୁରୁକି ମୁରୁକି ହସି ପୁଣି ପତି ଦିଅନ୍ତି ଯେ ବାଙ୍କ ଚାହାଣୀ

ପତ୍ନୀ ନାଲି ଆଖି ଦେଖି ଦେଇ ତାଙ୍କ ରକତ ହେଲାଣି  ପାଣି ।

ଥକା ଦେହେ ପତ୍ନୀ ବିଛଣା ଧରିଲେ ଚେତା ହରାଅନ୍ତି ପୁଣି

ଅଚେତ ପତ୍ନୀଙ୍କୁ  ଦେଖି ପତିଦେବ ହୋଇଲେ କାନ୍ଦୁଣି ମାନ୍ଦୁଣି  ।

ସତିଆନାଶିଆ କରୋନା ଭୂତାଣୁ କେତେ କିଲିବିଲି କଲାଣି ।

ଏଡ଼ିକି ବେଲଜ୍ଜ ଅନେଇ ବସିଛି ଭାକ୍ସିନ ଗୋଇଠା ଖୁନ୍ଦଣି ।

ଡକ୍ଟର ଆଭାଞ୍ଜଳି ଶତପଥୀ, ଗବେଷିକା

ଇମେଲ୍ : avanjali@yahoo.co.uk

୯୮୮୪୧୩୪୯୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସେ ଶକ୍ତିମୟୀ



ନବନୀତା ଚକ୍ରବର୍ତ୍ତୀ

ଶରତ ଆସିଲେ ଏଇ ଧରା ପରେ
ମା ସେ ଓଲ୍‌ହାଇ ଆସେ
କମ୍ପିତ କରି ପ୍ରତି ପାପୀ ପ୍ରାଣ
ତାର ପାପ କୁ ବିନାଶେ........

କାଶତଣ୍ଡୀ ଫୁଲ ଝୁଲି ବାଆ ସାଥେ
ଦିଏ ଶୁଭ ଶଙ୍ଖ ନାଦ
ଅବଳା ନୁହଇ ନାରୀ ଶକ୍ତି ମୟୀ
ଦୁଷ୍ଟ ର ସିଏ ପ୍ରମାଦ........

କରି ସାବଧାନ ପ୍ରତିଟି ପ୍ରାଣକୁ
ମର୍ତ୍ତ୍ୟ ଆସେ ସ୍ୱର୍ଗ ଦେବୀ
ସ୍ମରାଇ ଦେବାକୁ ଅବତାର ତାର
ପ୍ରତି ମର୍ତ୍ତ୍ୟ ର ମାନବୀ........

କରୁଣାର ମୂର୍ତ୍ତି ହେଇପାରେ ଦିନେ
ଭୟଙ୍କର ଜ୍ୱାଳା ମୁଖୀ
ଥରେ ଖାଲି  ନୁହେଁ ଲକ୍ଷ ଲକ୍ଷ ଥର
ଇତିହାସ ଅଛି ସାକ୍ଷୀ.........

ଅଗ୍ନିର ମୂର୍ତ୍ତି କୁ କ୍ରୀଡ଼ନକ ଭାବି
ଡାକନାହିଁ ବିଧ୍ୱଂସକୁ
ସାବଧାନ ହୁଅ ମର୍ତ୍ତ୍ୟର ମାନବ
ଜଳାଅନା ଜଗତକୁ.........

ବାଲେଶ୍ୱର, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୋ ଅପେକ୍ଷାରେ



ସରୋଜିନୀ ଦାସ

ତୋତେ ଡାକି ଡାକି ତଣ୍ଟି ଶୁଖିଗଲା
ତଥାପି ଶୁଣିଲୁ ନାହିଁ
କେଉଁ ଦୋଷ ଆମେ କରିଅଛୁ ପ୍ରଭୁ
ଖୋଲି କରି ଦିଅ କହି
ପ୍ରେମ ଓ ଦୟା ରେ ଭରା ତୋ ହୃଦୟ
ସମସ୍ତେ କହନ୍ତି ଦରଦୀ ଠାକୁର
ତରଲୁନି କି ତୋର ଅନ୍ତର ଭିତର
କେମିତି ହୋଇଲୁ ଏତେ ନିଷ୍ଠୁର
ଭକ୍ତ ବିନା ତୋର ରଥଯାତ୍ରା ହେଲା
ମନେ ପଡିଲାନି ଭକତର କଥା ?
କିପରି ବସିଲୁ ତୁ ରଥ ଉପରେ
ବୁଝି ପାରିଲୁନି ଭକତର ବ୍ୟଥା
ମାଉସୀ ମା ଘରେ ରହଣି କଲୁ
ଶ୍ରୀ ମନ୍ଦିରକୁ ଫେରି ଆସିଲୁ
ଆଖିର ଲୁହକୁ ଓଠରେ ଚାପି
ଦୂରଦର୍ଶନରେ ତୋତେ ଦେଖିଲୁ

ତୋ ରଥ ସିନା ଗଡି ଚାଲିଲା
ଅଟକିଗଲା ଆମ ଜୀବନ ରଥ
କେତେଦିନ ଆଉ ଭୋଗିବୁ ଆମେ
ଭାବି ଭାବି ହେଲୁଣି ନୟାନ୍ତ
ସୁନାମୀ, ବାତ୍ୟା, ବନ୍ୟା, କରୋନା
ଏ ସବୁ କେତେ ଯେ ଭୟଙ୍କର
ସବୁବେଳେ ଖାଲି ଛାନିଆ ପଶୁଛି
ଭୟରେ ହୋଇ କାତର
କେବେ ଚମତ୍କାର ଦେଖାଇବୁ ପ୍ରଭୁ
ହୋଇଯିବ କରୋନାର ନିପାତ
ପୁରା ସମର୍ପଣ କରୁଅଛୁ ତୋତେ
ମୁଖେ ଧରି ଆହେ ଜୟଜଗନ୍ନାଥ

କଲ୍ପାକ୍କମ୍, ତାମିଲନାଡୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ନୀଳସିନ୍ଧୁ କୃପାସିନ୍ଧୁ



ବାବାଶେଖର ବେହେରା

ନୀଳ ସିନ୍ଧୁ ତଟେ ବିରାଜିତ ଅଟେ
ତୋର ନବ ଯଉବନ ବେଶ,
ଆହା କି ସୁନ୍ଦର ଚକା ଆଖି ତୋର
ଦେଖି ପ୍ରାଣ ହେଉ ମୋର ଶେଷ !

କଳା ଚେହେରା ତୋ ନାମରେ କାଳିଆ
କି ଗୁଣି କରିଛୁ କହ,
ଜଲଦି ଦରଶନ ଦେ ମୋ ଠାକୁର
ଆଉ ଆଖିରୁ ଝରାନା ଲୁହ !!

ରତ୍ନ ସିଂହାସନ ପାଇଛୁରେ ତୁହି
ମୁଁ ଯେ ଚାଳ ଛପରେ ପଡ଼ିଛି ରହି,
ଭାଗ୍ୟ ମୋର ଯେବେ ଅଭାଗା ହୋଇବ
ଦୋଷ ଦେବି ତତେ କାଇଁ !!!

ଏଇ ମିଛ ଦୁନିଆରେ ମନେ ଲାଗୁନାହିଁ
ମନ ମୋ ତୋ ଠାରେ ଥାଇ
ନେଇଯାରେ ମତେ ଏ ମାୟା ସଂସାରୁ
ଏଇ ଦୁଖୁ ଜଲଦି ତରିଯିବି ମୁଁହି !!!!

ନୀଳ ସିନ୍ଧୁ ତିରେ କୃପାସିନ୍ଧୁ ତୁହି
ବାହୁ ମେଲାଇ ବସିଛୁ,
ମତେ ତୁ ଆଦରି ନେରେ କାଳିଆ
ଯେବେ ସଭିଙ୍କୁ ଆଦରି ରଖିଛୁ !!!!!

ଗ୍ରା/ପୋ : ଦେଓଗାଁ, ଗନ୍ଦିଆ ଥାନା
ଢେଙ୍କାନାଳ, ୭୫୯୦୧୬
ଭ୍ରାମ୍ୟଭାଷ : ୯୩୩୭୧୦୯୫୪୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମା



ଆଲୋକ କୁମାର ସାହୁ

ଗୋଟିଏ ଅକ୍ଷରେ ନାଆଁଟି ତାର
ଶୁଣିବାକୁ ଲାଗେ କେତେ ମଧୁର,
ରକତ ମାଂସରେ ଗଢି ଶରୀର
ବଳି ଦେଇଦେଲା ଜୀବନ ତାର । (୧)

ତୋ ଚରଣ ଛୁଇଁ ମୋ ଦିନ ଆରମ୍ଭ
ତୋରି ଆଶିଷେ ଯାଏ ମୁଁ ବଢ଼ି,
ଦୁନିଆରେ ସବୁ କଠିନ କାମକୁ
ଦେଉଥିବି ନିତି କରି । (୨)

ତୋରି ନାଁରେ କି ସ୍ନେହ ଅଛି ଯେ
ଡାକୁ ଡାକୁ ପେଟ ପୁରିଯାଏ,
ଦୁଃଖ କଷ୍ଟ ଯେତେ ଆସିଲେ ପାଖକୁ
ସହଜରେ ସବୁ ଚାଲିଯାଏ । (୩)

ଦୁନିଆର ସବୁ ଦୁଃଖକୁ ମୁଣ୍ଡାଇ
ଛାତିକି କରି ପଥର,
ସମସ୍ତଙ୍କୁ ମିଠା କଥା କହି
କରିଦେଇ ଥାଏ ଆପଣାର । (୪)

ସଂସାରଠୁ ବଡ଼ ବ୍ୟସ୍ତ ମଣିଷ ଟେ
ତୋ ଠାରୁ କେହି ନାହିଁ,
କେଉଁ ଅବତାର ବଖାଣିବି ତୋର
ମୁଁ ଯେ ଜାଣିପାରୁ ନାହିଁ । (୫)

ନଖାଇଲେ ମୁଁ ଖୁଆଇ ଦେଇ ତୁ
ଜହ୍ନମାମୁଁ ଗୀତ ଗାଇ,
ନ ଶୋଇଲେ ମୁଁ ଶୁଆଇ ଦେଉ ତୁ
ଧୋରେ ବାଇଆ କହି । (୬)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଆଖିରେ ଟିକିଏ ଲୁହ ଦେଖିଲେ ତୁ
ବାହୁନି ଉଠେ ତୁ ଅନ୍ତରେ,
ଆଖିର ଲୁହ କୁ ପୋଛି ଦେଇଥାଉ
ତୋର ପଣତ କାନିରେ । (୭)

ମୋ ପାଦରେ କଣ୍ଟା ଫୁଟିଲେ
ତୋ ଛାତିରୁ ରକତ ଝରେ,
ଭୋକ ଉପାସରେ ଅନିଦ୍ରା ହୋଇକି
ଦିନ ରାତି କାମ କରେ । (୮)

ଅଝଟ ହେଲେ ମୁଁ ବୁଝାଉ ମତେ ତୁ
ଅତି ଯତନ କରି,
ନାନା ଦରବ ଖୁଆଇ ଦେଉ ତୁ
ମତେ ପରଷି କରି । (୯)

ତୋ ଚରଣ ଧୂଳି ବଡ଼ଦାଣ୍ଡ ଧୂଳି
ତୋ କୋଳରେ ଶୋଇ ସରଗ ସୁଖ,
ତୋ ହାତ ରନ୍ଧା ଅମୂଲ୍ୟ ସମ୍ପଦ
ତୋରି ପଣତ ଶ୍ରୀମନ୍ଦିର ନେତ । (୧୦)

ଦେହ ଖରାପ ରେ ଅଖିଆ ଅପିଆ
ମତେ ଜଗି ବସି ଥାଉ,
ଠାକୁରଙ୍କ ପାଖେ ଦୀପଟିଏ ଜାଳି
ମୋର ଭଲ ମନାସି ଥାଉ । (୧୧)

ଡରିଯାଏ ଯେବେ ଅନ୍ଧାରରେ ମୁଁ
ଜାବୁଡ଼ି ଧରୁ ତୁ ମତେ,
ଖାଇ ନଥିଲେ ମୁଁ ଖୁଆଇ ଦେଉ ତୁ
କେତେ ସରାଗରେ ସତେ ! (୧୨)

ଜୀବନରେ କେହି ସୁଝି ପାରିବେନି
ବହୁମୂଲ୍ୟ ଋଣ ତୋର,
ତୋର ପାଦ ପଦ୍ମେ ସବୁବେଳେ ଦିଏ
ଭୂମିଷ୍ଠ ପ୍ରଣାମ ମୋର । (୧୩)

ଗ୍ରା/ପୋ - ବିଧାରପୁର, ଥାନା - ଗନ୍ଦିଆ
ଢେଙ୍କାନାଳ, ୭୫୯୦୧୬
ଭ୍ରାମ୍ୟଭାଷ : ୭୩୭୧୬୪୮୫୫୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାତ୍ରୀ ଗୋ



ମଞ୍ଜୁରାଣୀ ମିଶ୍ର

ରାତ୍ରୀ ଗୋ ତୁମେ ହସନା
ଧରଣୀ ବୁକୁରେ ଢାଳିଦିଅ ନାହିଁ ସଜ ଫୁଲ ବନ ଯୋଛନା
ଜୀବନ ନଈରେ ଝଞ୍ଜା ଉଠଇ ଝରାପତ୍ରର ସୁଅ
ଧୁସର ପ୍ରାନ୍ତରେ ବନ୍ୟା ରଚଇ  ଚକୋରୀ ଆଖିରେ ଲୁହ
ସାଗରର ଅଙ୍ଗେ ଶିହରଣ ତୋଳେ ପୌର୍ଣ୍ଣବାସୀର ଜୁଆର
ରାତ୍ରିଗୋ ତୁମେ କେଉଁ ସ୍ୱପ୍ନରେ ବିଭୋର  ?
ଆସିଅଛ କିମ୍ପା ମନ ଉପବନେ ପ୍ରୀତିର ପିଆଲା ନେଇ
ଜୀବନର ସବୁ ଦୃଶ୍ୟ ଶୋଷିଛି ଉଜୁଡା ବସନ୍ତ ଛାଇ
ଜଳୁଛି ମୁଁ ଅହରହ
ରାତ୍ରିଗୋ ଥରେ ତୁମ ପରିଚୟ ଦିଅ
ଜୀବନର ଗାଥା ତୁମରି ଭାଷାରେ ହଜିଯିବା ଭୁଲିଯିବା
ମନଦିଆନିଆ ହିସାବ ଖାତାରେ କିଛି ଦେବା ଆଉ ନେବା
ରାତ୍ରି ଗୋ ତୁମେ ଆଜ
କେଉଁ ସପନର ନାୟକ ପାଇଁ ଗୋ ଅପରୂପା  ବଧୂ ସାଜ
ପିଆସୀ ଓଠରେ କବିତା ଝରାଇ କାହା ପାଇଁ ତୁମ ହସ
ସ୍ୱପ୍ନ ଝରା ଏ ବିଜନ ବେଳାରେ ବୟସର ମଧୁ ମାସ
ଅନେକ ରୂପର ତୃଷ୍ଣା
ରାତ୍ରିଗୋ ତୁମେ କେଉଁ ରାଇଜର ଅଲିଅଳୀ ଝିଅ
କେଉଁ ଫୁଲର ବାସ୍ନା

ହାଇଦ୍ରାବାଦ, ୭୩୮୧୭୬୫୭୬୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ ଆସିବେ ବୋଲି



ଚନ୍ଦ୍ରକାନ୍ତ ଜେନା

ଦୂର ଦିଗବଳୟରେ କାଶତଣ୍ଡୀ ଆଜି ସଜେଇ ହେଉଛି

ଧଳା ଧବଳରେ

ହାଲକା, ହାଲକା କାକର ବିନ୍ଦୁ ପଡ଼ିଲାଣି

ଘାସୁଆ ଶେଯରେ

ଶୀତୁଆ ସକାଳ ଆଜି ଶିହରୀ ଉଠିଲାଣି

ଶୀତଳ ବାଆର କଅଁଳ ସ୍ପର୍ଶରେ

ଧରଣୀରାଣୀ, ନାଲି ଓଢ଼ଣୀ ଟାଣି, ହସି ଉଠୁଛି

ସୁନ୍ଦର ସବୁଜିମାରେ

ସତେ ଅବା ଦୁର୍ଗତିନାଶିନୀ ମା'ଙ୍କୁ ପାଛୋଟି ନେବାକୁ

ସଭିଏଁ ମୁଖରିତ

ସେ ସମୟ ଉପନୀତ

କରେ ଏ ଧରାପୃଷ୍ଠକୁ ସୁସ୍ୱାଗତ ।

ମା, ତୁମେ ଆକାଶର ଛାତିଚିରି ଓହ୍ଲେଇ ଆସ

ଆକାଶର ଏପାଖରୁ ସେ ପାଖ ଯାଏଁ,

ବସୁଧା ଏପଟରୁ ସେପଟ ଯାଏଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଜ୍ଜ୍ୱଳିତ ହୋଇଉଠୁ ତୁମର ସେ ଅଗ୍ନି ସ୍ଫୁଲିଙ୍ଗ ତେଜରେ

ଅନ୍ୟାୟ, ଅନୀତି, ଦୂର୍ନୀତି - ସମୁହେ ଝାସ ଦିଅନ୍ତୁ,

ହିଂସା, ଦ୍ୱେଷ, ପାପ,ଲୋପ ହେଉ ତୁମର ସେ

ପୂଣ୍ୟପାଦ ସ୍ପର୍ଶରେ;

ଆସ ତୁମେ !

ଶକ୍ତି ସ୍ୱରୂପିଣୀ, ଦୁଷ୍ଟ ସଂହାରିଣୀ, ହେ ମା'

ଗୁହାରୀ ଶୁଣ ଆମ...

ଦୁଃଖ ବିନାଶିନି, ଅଭୟ ବରଦାୟିନୀ

ଜଗତଜନନୀ, ପାପନାଶିନୀ ହେ ମାଆ ।

ଚନ୍ଦ୍ରକାନ୍ତ ଜେନା

ଶିକ୍ଷକ, ଜଗନ୍ନାଥ ନୋଡ଼ାଲ ବିଦ୍ୟାପୀଠ

ଏକବେରୁଆଁ, ନିଆଳି, କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପିଲାଦିନ



ସୌମ୍ୟରଞ୍ଜନ ପାତ୍ର

ବୟସର ସାୟାହ୍ନରେ ଖୋଜେ ଯାହା ଭିତରୁ ଭିତରୁ
ଭେଟି ନାହିଁ ସେସବୁ ମୁଁ କାହିଁ କେତେ ଯୁଗ ଯୁଗାନ୍ତରୁ
ତୁମର ଓ ମୋ ଭିତରେ ଯେତେସବୁ ନିବିଡ଼ ସମ୍ପର୍କ
ଅଭୁଲା ଅଲିଭା ପ୍ରେମ ଇନ୍ଦ୍ରଧନୁ ସେନେହ ପାହାଡ

ଚାତକ ଯେଶନ ଚାହେଁ ପ୍ରତୀକ୍ଷିତ ମେଘ ବଉଦକୁ
ପ୍ରତିକ୍ଷଣ ଚାହିଁଛି ମୁଁ ଏକଲୟେ ସେଦିନ ବାଟକୁ
ଋତୁ ଆସେ ଋତୁ ଫେରେ ତୁମେ କେବେ ଆସ ନାହିଁ ପାଶେ
ଝିଲମିଲ୍ ତୋଫା ଜହ୍ନ ଆକାଶରେ ତୁମପରି ଦିଶେ

ବେଢିଥାନ୍ତି ପାଖେ ତୁମ ଭସା ମେଘ କେତେ ତାରାଫୁଲ
କେତେ ପୁଣି ଛାତି ତଳେ ଢାଳୁଥାନ୍ତି ତପ୍ତ ନିଆଁ ଝୁଲ
ଦିନ ଯାଏ ଯେନତେନ ରାତି ବେଶୀ ଅଭିମାନୀ ହୁଏ
ଅଯାଚିତ ସ୍ମୃତି ସବୁ କାନ ପାଶେ ଧୀରେ ଧୀରେ କହେ

ନୀରବତା ଭାଙ୍ଗିଦିଏ ହୃଦୟର ଯେତେ ଦମ୍ଭ ହାଡ
ଅଚାନକ ଦାଉ ସାଧେ ଯେହ୍ନେ ଦୁଷ୍ଟ ଅଦିନିଆ ଝଡ
କେହି ଜଣେ ବିଜୁଳିରେ ହାତଠାରେ ଦେବାକୁ ଗୋଲାପ
ଚାହିଁଲେ କି ଫେରିହୁଏ ମାଖିଲିଣି ବହଳ ପ୍ରଲେପ ।

ଗ୍ରାମ/ପୋଷ୍ଟ: ଖଡିଅଙ୍ଗ, ଜିଲ୍ଲା: ଯାଜପୁର, ୭୫୫୦୪୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଲକ୍ ଡାଉନ୍‌ର ଗୁଲ୍‌ଗୁଲା

ରାମମୋହନ ଗୁଟେ ଗରିବ୍ ଘରର୍ ପିଲା ଆଏ । ଭିକ୍ ମାଗି ମାଗି ଯେନ୍ ଦୁଇ ପଏସା ଆର୍ ଚଉଲ୍ ପସେ ପସେ ପାଏସି ସେଥିନେ ତାର୍ କୁଟୁମ୍ ବସିଆ ଚଲି ଯାଏସି । ଫିଦିନ୍ ଗାଁ ଗାଁ ଭିକ୍ ମାଗି ବୁଲ୍ ସି । ହଠାତ୍ ସରକାରର୍ ଘୋଷନା ହେସି ଯେ ଆଏବାର୍ ମାର୍ଚ ବାଇସ୍ ତାରିଖ୍ ଦିନ ଜନତା କର୍ ଫିଉ ଦିବସ ପାଲନ୍ ହେବା । ସେ ଦିନ ବି ରାମମୋହନ ଭିକ୍ ମାଗି ବାହାରିଥିସୀ ହେଲେ ଦେଖସି ଯେ ଗାଁନୁ ସହରତକ୍ ସବୁଆଡେ ଖାଁ ଖାଁ । ଗୁଟେ ଫୁନି ଲୋକର୍ ଦେଖାନାଇଁ । ଖାଇବାର୍ ଲାଗି ଚଉଲ୍ ମୁଠେକ୍ ନାଇ କି ପଏସା ଦୁଇ ଅନା ବି ନାଇଁ । ଭୂକେ ଶୁସେ ଘରକେ ଫିର୍ ସି । ଘରେ ଯେନ୍ ଦୁଇ ମୁଠା ଚଉଲ୍ ଥିସି ସେଥିନେ ତାର୍ ପରିବାର୍ କେତେ ଦିନ୍ ଚଲିଯାଏସି । ଘରେ ସବୁ ଅଢିଆ ଶେଷ୍ ହେଲା କେ, ଭୁକେ ପାଏନ୍ ଥିର୍ ପି କରି ଚଲସନ୍ । ରାମମୋହନ ଖବର୍ ପାଏସି ଯେ ମାନବ୍ ସେବା ସଂସ୍ଥା ତରଫ୍ ନୁ ପାଖେନେ ଥିବା ସହର୍ ନେ ମାହାଲିଆ ଖାଏବାର୍ କେ ଦିଆଯାଉଛେ । ଇ ଖବର୍ ଶୁନି କରି ସେ ଦଉ୍ଡ୍ ଡି ଯାଇସି ସହର୍ ଆଡ୍ କେ । ଯେନ୍ ତା ସହର୍ ଭିତର୍ କେ ପଶ୍ ସି ଧୁମ୍ ଧୁମ୍ ରାମମୋହନର୍ ପିଠିନେ ବର୍ ସି ଯାଏସି ପୁଲିସ୍ ବାଡିର୍ ମାଡ୍ । କିଛି କହେବାର୍ ଆଗନୁ ପୁଲିସ୍ ତାକେ ପଲା ପଲା କହେସି । ଗୁଟେ ଆଡେ ପୁଲିସର୍ ମାଡ୍ ଆର୍ ଗୁଟେ ଆଡେ ଭୁକର୍ କଷ୍ଟନେ ରାମମୋହନର୍ ଚାରି ଦିଗ୍ ଅନ୍ଧାର୍ ହି ଯାଏସି ।



ସାଇ ପ୍ରସାଦ ସାହୁ

ସିନ୍ଧେକେଲା , ବଙ୍ଗୋମୁଣ୍ଡା , ବଲାଙ୍ଗୀର

ମୋ.ନଂ – ୯୯୩୭୦୩୪୭୪୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଁ



ସୁନୀଲ କୁମାର
ଅଗସ୍ତି

ମାଁ"ର୍ ବିନେ ଜୀବନେ
ଯାଏସି ପଡ଼ି ମରଡି,
ଭାବ୍ ବିନେ ଅକାଲ୍
ଆଏସି ଘରକେ ନରଦି,,
ମାଁ"ର୍ ପନତ୍ କାନିର୍ ଛଁଏରା
ଆଏ'ତ ମହୁ ଝରନ୍
ଭାବ୍ ବନ୍ଧନର୍  ଅଁହେରା,
ସଂସାର୍ ଯାକର୍ ଶବଦ୍ କୋଶେ
ଅବଗା ଗୁଟେ ଶବଦ୍ "ମାଁ"
ମହ ମହ ଭାବର୍ ସାର୍,
ଯେତେ ଶବଦ୍ ଭାବର୍ ଅଗିଲଲା
ଟୁଁଡ୍ କେ ସିନେ ସୁଆଦ୍
ଆଏ ମିଶା ଭେରା ମିଶା ଭେରା
ବିଟାଲ୍ ସଙ୍ଗେ ଛୁଚା ଖାର୍,,

ସୁନୀଲ କୁମାର ଅଗସ୍ତି
ଟିଟିଲାଗଡ଼, ବଲାଙ୍ଗୀର
ମୋ/୭୬୮୪୮୬୯୬୩୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୋର୍ ଜୀବନ୍ ଗୁଟେ ରଫ୍ ଖାତା

ମହରଗ ସଁସାର୍ ଭିଡ୍ ଭିତ୍'ରେ
ହଜି ଯାଉଛେ ଝୁମ୍'ରା,
ଉପର୍ ମନ୍'କେ ଚିକିନିଆଁ ଭାବ୍
ଭିତର୍ କପଟ୍ ଭରା ।

ଅର୍'ଘଲ୍ ବେଲେ ଆଏଭାଏ କହି
କାମ୍'ବୁତା ଗଲେ ସରି,
ବିହାଘର୍ ଉତାରୁ ବେଦିର୍ ଲେଖେଁ
ମନୁ ଦେସନ୍ ପାସ୍'ରି ।



ବାଙ୍କାବିହାରୀ
ମହାକୁର

ମୋର୍ ଜୀବନ୍'ଟା ଗୁଟେ ରଫ୍ ଖାତା
ଲେଖାଜୁଖା ହର୍'ମିଶା,
ଯିଏ ପାର୍'ଲା ସେ ଗେରେଇ ପକାଲା
ନି ବୁଝେ ମୋର୍ ଦୁର୍ଦ୍ଦଶା ।

ଧୁବ୍ ଫର୍'ଫର୍ କାଗଜ୍ ଫରଦ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରଁଗ୍ ହେଇଗଲା ଧୁଇ,
ସଭିଁର୍ ସପନ୍ ଭର୍'ନା କର୍ବାକେ
ଗଢନ୍ କରିଛେ ବିହି ।

ସମିଆ ଭାଗ୍'ସି ଘାଏଁଘାଏଁ କରି
ଚିହ୍ନାକେ ସୁର୍'ତେ ମନ୍,
ସଁସାର୍ ବଡ୍'ଖା ସମ୍'ସିଆ ଯେତେଁ
ମୋର୍ ଦିହେ ସମାଧାନ୍ ।

ନାଇଁ ଧରି କରି ମାନ୍ ଅଭିମାନ୍
ସମ୍'କୁ ବାଁଧି ପକାସିଁ,
ତାକଁର୍ ସନ୍'ମାନ୍'ଟା ମୋର୍ ମାନ୍
ହୁର୍'ଦେ ହେତାଉଥିସି ।

ଆଖିର୍ ପାଏନ୍ ନାକର୍ ସିଁଗେନ୍
ଗୁଟେଠାନ୍ ମେଶାମେଶି,
ଚିରା ଦଦରା ରୂପ୍ ହେଇ ଗଲେ
ମାଏଟ୍ ଆବ୍'ରି ନେସି ।

ରଙ୍'ଖାତାର୍ ନାଆଁକେ ଶୁନିକରି
କିଏ କହେସି କଚରା,
ଦୁସ୍'ରା ଜୀବନେ ରଁଗ୍ ଭରିଥିସି
ନିଜ୍'କେ କରି ଟୁକ୍'ରା ।

ବୁରୁବୁଡା, ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ:୮୯୧୭୬୪୦୫୮୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ବେମାରୀ

ଥଣ୍ଡା, କାଶି ଆର୍ ଜର୍ ହେଲେ

ମନେ ଲାଗସି ଡର୍

କରୋନା ବେମାରୀ ହୋଇଗଲା ବଲି

ଛାତି କରସି ସର୍

ଚାଇନା ଦେଶୁ ଆସି ଇ ରୁଗ୍

ସାରା ସଁସାର କେ ଖାଏଲା

ବିନା ଦୁସେ ଆଜି ଗୁଟ୍ ଗୁଟ୍ କରି

ନିର୍ଦୁସ୍ ଲୁକ୍ କୁ ମାଇଲା

ଯାହା କେ ଦେଖ୍ ବ ମୁହେଁ ଛାପିଚନ୍

କେତେ ଜାତିର କପ୍ଡା



ସାନିଟାଇଜର୍ ଥି ହାତ୍ ଧୁଉଛନ୍

ଲାଗିଚେ ଏନ୍ତା ଲଫଡ଼ା

ଲକ୍ ଡାଉନ୍ ଆରୁ ସଟ୍ ଡାଉନ୍ ଭିତ୍‌ରେ

ଜୀବନ୍ ଜୀବ୍ କା ଶେଷ୍

ଭୁଖେ ମଲାନ ଖଟିଖିଆ ଆଏଜ୍

ହଜିଗଲା ସବୁ ଆଏସ୍

ସୁବ୍ରତ କୁମାର ପଣ୍ଡା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଇ ସ୍କୁଲ୍ କଲେଜ୍ ଖପା ହେଇଛେ

ଘରେ ରହିଛନ୍ ପୁତେ

ଅନ୍ ଲାଇନ୍ ଥି ପଢୁଛନ୍ ପାଠ୍

ମୋବାଇଲ୍ ଧରି ହାତେ

ବିହା ବରପନ୍, ପୂଜା ପରବନ୍

ସବୁ ହୋଇଗଲା ବନ୍ଦ୍

ଜାନି ଯାତ୍‌ରା ତ୍ ସପନ୍ ହେଲାନ

କାହିଁ ଗଲା ଉସତ୍ ଆନନ୍ଦ୍

ମନ୍ଦିର ସବୁ ବନ୍ଦ୍ ହେଇଛେ

ମଦ୍ ଦୁକାନ୍ ସବୁ ଖୁଲା

କିଏ ଜାନିଛେ, କାଇଁଜେ ଇନେ

ଲାଗିଛେ ଏନ୍ତା ଲୀଳା

ଉସ୍ କଷା ବି ନେଇଁ ବାହାର୍ ବାର୍ ।

ଇ ବେମାରିର୍ ଲାଗି

କେନ୍ତା କାଏଲ୍ ପଡିଛେ ଦେଖ

କେନ୍ କେ ଯିବ ଭାଗି

ସାରା ପୁର୍ ଥି ଥର୍ ହର୍ ଆଜି

ଇ ରୁଗ୍ କେ ଡରି

କିଏ ଜାନିଛେ କେନ୍ ଦିନ୍ ସତେ

ଇ ରୁଗ୍ ଯିବା ସରି

ମହାପୁରୁ କେ ଡାକୁଛେ ମୁଇଁ

ଭାଗିଯାଉ ଇ କରୋନା

ମୁନୁଷ୍ ଜାତିକେ ଘୁଡାଇ ରଖୁନ୍

ପତିତପାବନ୍ ବାନା ।

ଚମ୍ପାପୁର, ବୀରମହାରାଜପୁର, ସୁବର୍ଣ୍ଣପୁର

ଭ୍ରାମ୍ୟଭାଷ : ୭୬୮୩୯୬୮୯୬୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀକାରୀ

(ଭାଗ ୨)

ମୋର୍ କକା ସାଙ୍ଗେ ସାଂଗ ହେଇ ଦୁହେଁ
କଥା ବାର୍ତ୍ତା ହଉଥିଲେ,
ମୁଇଁ ତାର୍ ପାଖେ ବସି ଶୁନୁଥିଲିଁ
ଜାହା ଚର୍ଚ୍ଚା କରୁଥିଲେ ।
ଯିଏ ଜୁଏଁ ପିଲା ମୋର ହେଇଥିତା
କଳା ଝିମ୍‌ଝିମ୍ ଦେହେ,
ଦାନ୍ତ୍ମାନେ ବିଲ୍ ସୁନା ଲେଖେ ଥିଲା
ଦିଶ୍ବା ହଁସଲେ ହେହେ ।
ସେଥିର୍ ଲାଗି ତ କହେଲେ ସମ୍‌ଧି
ଯୌତୁକ୍ ଛମୁଶା ସୁନା,
ବର୍ତିଆ ଭୁଜି ହରିଣ ଶିକାର୍
ନେଇ ହଉ ଫୁଟେ ଉନା ।
ହେଲ୍କି ଯୌତୁକ୍ ସାଙ୍ଗେ ଜୁଡ଼ିଦେଲେ
ପିଲାକେ ମୟୁର୍ ଚୁଲ୍,
ପଗ୍‌ଡ଼ିର୍ ଲାଗି ମୁଇଁ ଆନିଦେମି



ଦେବଦତ୍ତ ସନ୍‌ସ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଁସବା ସେ ମୁଲ୍ଲୁଲ୍ ।।

ଧୋପ୍ ଫର୍ଫର୍ ଧୁତି ଗୁଟେ ସାଙ୍ଗେ

ଦେହେକେ ଚିତାର୍ ଛାଲ୍,

ହେତ୍ କି ଯୌତୁକ୍ କିଏ ତାକେ ଦେବା

ଆର୍ ଫେର୍ ଅଛେ ତାଲ୍ ।

ଝିର୍ ଲାଗି ପରେ ନୂଆଁ ପାଟ୍ ଶାଢ଼ୀ

ସାତ୍ ଖଣ୍ ଜୁଡ଼ିଦେଲେ,

ଯାହାର୍ ଘରେ କି ଅଢ଼ିଆ ନେଇନ

ଉପାସେ ଶୁଇସି ବେଳେ ।

ସେନ୍ତା ବୁଆକେ କହେଲେ ସେ ଲୋକ୍

କେନ୍ତା ଦେବା ସେ କହ,

କକା ମଦ୍ ପିଇ ଟିକେ ଛେକିଦେଲା

ହେଇଗଲା ଟିକେ ଜହ ।

ତାର୍ କଥା ଶୁନି ସମ୍ଧି ବଏଲେ

କମାଲେ କମ୍ବା ଶାଢ଼ୀ,

ସାତ୍ ଖଣ ଠାନୁ ତିନ୍ ଖଣ୍ ହେବା

ହେଲେ ଫେର୍ ଗୁଟେ ଗାଡ଼ି ।

ମୁଣ୍ଡେ ବୁଝା ଥିଲା ଉତ୍ର ବଏଲା

ଲୁହାଁଲା ଫେର୍ ତାହାକେ,

ମୁଡ୍ ଲୁହିଗଲା ବୋଲି ଲଦିଦେଲା

ବୁହିଥିଲା ସେ ଯାହାକେ ।

ହେନ୍ତା ବାଗିର୍ ନେଇଁ ହେଲା ଭାଲ୍

କହେଲେ ଶଗଡ଼ ଗାଡ଼ି,

ସାତ୍ ଖଣ୍ ଛାଡ଼ି ତିନ୍ ଖଣ୍ କଲେ

ହେଲେ କାଏଁ ହେବା ଶାଢ଼ୀ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଇଁ ପାଖେ ଥାଏଁ ପିଲାକେ ଦେଖ୍ଁ

ଚୁପ୍ ଚାପ୍ ବସିଥାଏ,

ମଦ୍ ଢ଼ାଲିଢାଲି ତାର୍ ବା ପିଇଲେ

କସ୍ କସେଇ ହେ ଘାଏ ।

ମୁହୁଁ ଠାନୁ ତାର୍ ଜନା ପଡ଼ିଗଲା

ମଧୁଆ ଶଳା ହେ ଜୁଏଁ,

ନେଇଁ ପିଏଁ ନେଇଁ ପିଏଁ କହୁଥିଲା

ଦେଖ୍ଲେ ହେ ଲାଲ୍ ବୁହେ ।

ହେଟା ଗଲାଗଲା ରାତିଁ ଯେଭେ ହେଲା

ଶୁଇଲେ ହେ ବାପ୍ ପୁଓ,

ଶୁଇଲା ଖଟେଁ ତ କିଏ ମୁତିଦେଲା

ବୁହିଗଲା ନଦୀ ସୁଓ ।

ମୁଇଁ ଯେ ତାକଁର୍ ପାଖେ ଶୁଇଥିଲିଁ

ହେନ୍ତା ଭୂଇଁନ ଯେଭେ,

ଉହୁଲି ଉହୁଲି ପାଖ୍କେ ଆଏଲା

ବେଲେଁ ତ ଜାନ୍ଲିଁ ତେଭେଁ ।

(ଆଗକେ)

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନାଟକ : ସତ୍ୟକୁ ଜାଣିବାର କଳାତ୍ମକ ପ୍ରୟାସ

ନାଟକ ସାଧାରଣତଃ ଏକ କଳା । ନାଟକ ଦେଖି ନାଟକ କରି ଆମର ଓ ଆମ ଆଖପାଖ ଜୀବନଶୈଳୀର କଳାତ୍ମକ ଅଂଶକୁ ଶିଖିଥାଉ । ନାଟକ ଆମକୁ ସତ୍ୟତାର ବିଚିତ୍ର ଶକ୍ତିକୁ ଦର୍ଶାଇଥାଏ । ସତ୍ୟ ବହୁତ ସାଧାସିଧା ଓ ସବୁବେଳେ ଚୁପଚାପ ଥାଏ । ଦୈନନ୍ଦିନ ଜୀବନରେ ଏତେଗୁଡିଏ ଜଞ୍ଜାଳ ଭରି ରହିଥାଏ ଯେ ଆମେମାନେ ସେଇ ଜଞ୍ଜାଳ ଭିତରେ ସତ୍ୟତାକୁ ଚିହ୍ନି ପାରୁନାହିଁ । ସତ୍ୟ ପିଆଜ ଚୋପା ପରି ପରସ୍ତ ପରେ ପରସ୍ତ ହୋଇ ରହିଥାଏ । ଗୋଟେ ପରସ୍ତ ଉତୁରି ଗଲା ପରେ ପୁଣି ଆଉ ଗୋଟିଏ ପରସ୍ତ ସମ୍ମୁଖକୁ ଆସିଥାଏ । ସତ୍ୟକୁ ବୁଝି ବାକୁ ହେଲେ ଆମମାନଙ୍କୁ କଳା କ୍ଷେତ୍ରକୁ ଯିବାପାଇଁ ହେବ ।



ସୁଧାଂଶୁ ଶେଖର ଦ୍ୱିବେଦୀ

ଗାନ୍ଧିଜୀ ସତ୍ୟବାଦୀ ରାଜା ହରିଶ୍ଚନ୍ଦ୍ରଙ୍କ ଜୀବନ ଉପରେ ପ୍ରସ୍ତୁତ ଏକ ନାଟକ ଦେଖି ଏତେ ପ୍ରଭାବିତ ହେଲେ ଯେ କେବେ ମିଛ କହିବେ ନାହିଁ ବୋଲି ଶପଥ ନେଲେ । ନାଟକ ଦ୍ୱାରା ଯେଉଁ ସତ୍ୟତା ଉପରେ ତାଙ୍କର ପରିଚୟ ହେଲା ତାପର ଜୀବନରେ ସେ ଏତେବଡ଼ ଭୂମିକା ଦର୍ଶାଇଲେ ଯେ ଲେଖି ବସିଲେ ସରିବ ନାହିଁ । ଧରାଯାଉ ଯଦି ଗାନ୍ଧିଜୀ ଏହି ନାଟକ ଦେଖିନଥାନ୍ତେ ତାହେଲେ ହୁଏତ ତାଙ୍କ ଜୀବନର ରାସ୍ତା କୋଉ ଦିଗକୁ ଯାଇଥାନ୍ତା ତାହା ଦୁନିଆ ଜାଣିପାରି ନଥାନ୍ତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାଟକ ଏକପ୍ରକାର ଖେଳ ଯାହା ଶରୀର ସହିତ ହୃଦୟ, ମସ୍ତିଷ୍କ ଓ ମନର ଶକ୍ତିକୁ ମିଶେଇ ଖେଳାଯାଏ । ଏହି ଖେଳରୁ ଆମେମାନେ ବହୁତ କିଛି ଶିଖିଥାଉ । ଯେମିତି କାହା ପାଇଁ ଅପେକ୍ଷା କରିବାର କୌଶଳ, କେବେ କାହା ସହିତ କେମିତି ଭାବରେ କଥାବାର୍ତ୍ତା କରିବା, କେବେ ଚୁପଚାପ ରହିବା, କେବେ ସଭିଙ୍କ ସହ ମିଶି କାମ କରିବା ପୁଣି କେବେ ଏକାକୀ ଜୀବନ ବିତେଇବା ଇତ୍ୟାଦି । ନାଟକ ଆମକୁ ଏହିସବୁ କାର୍ଯ୍ୟରୁ ନିଜ ଠାରୁ ଅଲଗା ହେବା ଶିଖାଇଥାଏ । କାରଣ ଆମେମାନେ ନିଜ ଠାରୁ ଦୂର ନହେଲେ ଅନ୍ୟ କାହାର ଅଭିନୟ କରିପାରିବାନି ।

ନିଜଠାରୁ ଦୂର ନହେବା ପର୍ଯ୍ୟନ୍ତ ନିଜକୁ ବି ଠିକ ରୂପେ ଜାଣି ହୁଏନି କି ଚିହ୍ନି ହୁଏନି ।

ଦୁନିଆରେ ପ୍ରତ୍ୟକ ଲୋକଙ୍କଠାରେ ଏଭଳି କିଛି ରହିଥାଏ ଯାହା ନାଟକ ମାଧ୍ୟମରେ ଆମକୁ ଜଣା ପଡିଯାଇଥାଏ । ଯାହାଦ୍ୱାରା ଅନ୍ୟମାନଙ୍କଠାରୁ ମଧ୍ୟ ଅଲଗା ଭାବେ ଗଢ଼ିଥାଏ । ଆମ ଭିତରର ଭାବ ପ୍ରତିକ୍ରିୟା ଅନେକ ପରିମାଣରେ ପରିବର୍ତ୍ତନ ହୋଇଯାଏ । କେତେକ ଲୋକ ମଧ୍ୟ ବଦଳି ଯାଇଥିବା ଉପଲବ୍ଧିକୁ ଅନୁଭବ କରନ୍ତି । କେତେକ ଆଦୌ ଅନୁଭବ କରି ପାରନ୍ତି ନାହିଁ ।

ନାଟକ ଦେଖିବା ବେଳେ ଆମକୁ ଜାଣିବା ଦରକାର ଆମେ ଯାହା ଦେଖୁଛୁ ତାହା ନାଟକ । ମଞ୍ଚ ଉପରେ ଜଣେ ଝିଅ ଯଦି ବୁଢ଼ୀ ଅଭିନୟ କଲା ପ୍ରକୃତରେ ସେ ବୁଢ଼ୀ ନୁହେଁ । ଯାହା କେବଳ ସେ ଚୁଳରେ ଧଳା ରଙ୍ଗ ମାରି ନଇଁ ନଇଁ ଚାଲୁଛି । ତାହେଲେ କଣ ନାଟକ ମିଛ ନା ଯେଉଁମାନେ ନାଟକ କରୁଛନ୍ତି ସେସବୁ ମିଛ ?

ପ୍ରକୃତରେ ସେହି ଝିଅଟିର ବୁଢ଼ୀ ଅଭିନୟରେ କେତେକ ସତ୍ୟତା ଛପି ରହିଥାଏ । ଯାହା ଆମକୁ ପରେ ଜଣା ପଡ଼ିଥାଏ । ନାଟକ, କାହାଣୀ, ଉପନ୍ୟାସ, ସିନେମା ଏସବୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଏଇଭଳି ମିଛ, ଯାହାକୁ ରଚନା କରି ସତ କହିବାର କଳା ପ୍ରଦର୍ଶନ କରା ହୋଇଥାଏ ।

ଗବେଷଣାରୁ ଜଣାପଡ଼ିଛି ଯେଉଁମାନେ ନାଟକରେ ଅଭିନୟ କରନ୍ତି, ଗଳ୍ପ ଓ କବିତା ଇତ୍ୟାଦି ଲେଖନ୍ତି ସେମାନଙ୍କ ଶରୀର ଓ ମନ ସୁସ୍ଥ ରହିଥାଏ । କାରଣ ଏସବୁଥିରେ ଶରୀର ଓ ମସ୍ତିଷ୍କ ବହୁ ପରିମାଣରେ ବ୍ୟାୟାମ କରିଥାଏ । ନାଟକ ଓ ଲେଖାଲେଖି ପ୍ରତିକ୍ଷଣରେ ବଦଳୁଥିବା ପରିସ୍ଥିତକୁ ମୁକାବିଲା କରିବା ପାଇଁ ସକ୍ଷମ ହୋଇଥାଏ । ଜଣେ ଲୋକ ଗତକାଲି ପର୍ଯ୍ୟନ୍ତ ନାଟକରେ ଓକିଲ ଅଭିନୟ କରୁଥିଲା କିନ୍ତୁ ଆଜି ତାକୁ ଡାକ୍ତର ଅଭିନୟ କରିବାକୁ ହେବ । ଜୀବନ ମଧ୍ୟ ଏଇ ଭଳି ଛୋଟ ଛୋଟ ପରୀକ୍ଷା ନିରୀକ୍ଷା ଦ୍ୱାରା ଅତିକ୍ରମଣ କରୁ ଥାଏ । ନାଟକ ପାଇଁ ସମୂହ ଲୋକଙ୍କ ସହିତ ଅଭିନୟ କଲା ବେଳେ ବିଭିନ୍ନ ପ୍ରକାର ଲୋକଙ୍କ ସହ ଆମର ବାର୍ତ୍ତାଳାପ, ଚାଲିଚଳନ, ଆଚାର ବ୍ୟବହାର ଓ ଆଚରଣର ପରିବର୍ତ୍ତନ ଘଟିଥାଏ ।

ନାଟକ ସଂସ୍କାର କଳାର ଅନ୍ୟରୂପକୁ ଜାଣିବା ଓ ବୁଝିବାରେ ମଧ୍ୟ ସାହାଯ୍ୟ କରିଥାଏ । ମହାନ ସୀତାରବାଦକ ପଣ୍ଡିତ ରବିଶଙ୍କର ସୀତାରାରେ ମହାରଥୀ ହେବା ପୂର୍ବରୁ ଜଣେ ପେଶାଦାର ଅଭିନେତା ଭାବେ ସବୁଆଡେ ଘୁରି ଘୁରି ନୃତ୍ୟନାଟିକା କରୁଥିଲେ । ଭାରତେନ୍ଦୁ ହରିଶ୍ଚନ୍ଦ୍ର ନାଟକ ଲେଖିବା ଓ ନାଟକରେ ଅଭିନୟ କରିବାରେ କୌଣସି ଅନ୍ତର ଭାବୁ ନଥିଲେ । ସେ ଅଭିନୟରୁ ହିଁ ଲେଖିବା ଆରମ୍ଭ କରିଥିଲେ ଯାହାକି ପରେ "ଅଂଧେର ନଗର" ଭଳି ଆମର ନାଟକ ଲେଖି ଯାଇଛନ୍ତି ।

ନାଟକର ଆବିର୍ଭାବ: ନାଟ୍ୟକଳାର ବିକାଶ ପ୍ରଥମେ ଭାରତରେ ହୋଇଥିଲା । ଋଗବେଦର କତିପୟ ସୂତ୍ର ଅନୁସାରେ ଯମ ଓ ଯମୀ, ପୁରୁରବା ଓ ଉର୍ବଶୀ ଆଦିଙ୍କ କିଛି ସମ୍ବାଦ ଅଛି । ଏହି ସମ୍ବାଦରୁ ଲୋକମାନେ ଅନୁମାନ କରି ନାଟ୍ୟକଳାର ବିକାଶ ଚିହ୍ନକୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଇବା ସହିତ ନାଟକ ରଚନା କରିବାରେ ସଫଳ ହୋଇଛନ୍ତି । ତେବେ ଭରତ ମୁନି ଏହି କଳାକୁ ଶାସ୍ତ୍ରୀୟ ରୂପ ଦେଇ ନାଟ୍ୟଶାସ୍ତ୍ରରେ ନାଟକର ବିକାଶ ଓ ପ୍ରକ୍ରିୟାକୁ ଏହିପରି ବ୍ୟକ୍ତ କରିଛନ୍ତି, "ନାଟ୍ୟକଳାର ଉତ୍ପତ୍ତି ଦୈବୀ ଅଟେ । ଦୁଃଖ ରହିତ ସତ୍ୟ ଯୁଗ ବିତିଗଲେ ମଧ୍ୟ ତ୍ରେତୟା ଯୁଗ ଆରମ୍ଭରେ ଦେବତାମାନେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ନିକଟରେ ମନୋରଂଜନର ଏଭଳି ସାଧନ ଉତ୍ପନ୍ନ କରିବାକୁ ପ୍ରାଥନା କଲେ ଯାହାଦ୍ୱାରା ଦେବଲୋକ ନିଜର ଦୁଃଖ ଭୁଲି ଆନନ୍ଦିତ ହୋଇ ପାରିବେ । ତାପରେ ଋଗ ବେଦରେ କଥପୋକଥନ, ଶ୍ୟାମ ବେଦରେ ଗାୟନ, ଯଜୁଃ ବେଦରେ ଅଭିନୟ ଓ ଅଥର୍ବ ବେଦରେ ରସକୁ ଯୋଡି ନାଟକ ନିର୍ମାଣ ହେଲା । ବିଶ୍ୱକର୍ମା ରଙ୍ଗମଞ୍ଚ ନିର୍ମାଣ କଲେ ।

ନାଟକର ଉତ୍ପତ୍ତି ଓ ବିକାଶ ଯେମିତିବି ହେଉ ସଂସ୍କୃତ ସାହିତ୍ୟରେ ନାଟ୍ୟଗ୍ରନ୍ଥ ଏବଂ ତତ୍ସମ୍ପର୍କୀତ ଅନେକ ଶାସ୍ତ୍ରୀୟ ଗ୍ରନ୍ଥ ଲେଖାଗଲା । ସାହିତ୍ୟରେ ନାଟକ ଲେଖିବାର ପରିପାଟି ସଂସ୍କୃତ ଭାଷାରୁ ଆରମ୍ଭ ହୋଇ ହିନ୍ଦୀ ଭାଷାକୁ ପ୍ରାପ୍ତ ହେଲା । ନାଟ୍ୟକଳା ପ୍ରାଚୀନ ଭାରତୀୟଙ୍କ ଜୀବନର ଅଭିନ୍ନ ଅଙ୍ଗ । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ଏହା ମଧ୍ୟ ଜ୍ଞାତ ହୁଏ, ନାଗରିକ ଜୀବନରେ ଏହି ବିଷୟ ପ୍ରତି ରାଜ୍ୟକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ପଡିଥିଲା । ସେଥିପାଇଁ ନାଟ୍ୟଗୃହର ଏକ ପ୍ରାଚୀନ ବର୍ଣ୍ଣନ ହୋଇଛି । ଅଗ୍ନି ପୁରାଣ, ଶିଳ୍ପରତ୍ନ, କାବ୍ୟମୀମାଂସା ଓ ସଙ୍ଗୀତ ମାର୍ତ୍ତଣ୍ଡ ଭଳି ଉଚ୍ଚକୋଟିର ଲୋକନାଟ୍ୟ ରାଜପ୍ରାସାଦ ର ନାଟ୍ୟ ମଣ୍ଡପରେ ପ୍ରଦର୍ଶିତ ହେଉଥିଲା । ମହାଭାରତରେ ମଧ୍ୟ ରଙ୍ଗଶାଳା ବିଷୟରେ ଉଲ୍ଲେଖ ଅଛି । ତଥା ହରିବଂଶ ପୁରାଣ ଓ ରାମାୟଣରେ ନାଟକ ଅଭିନୀତ ହେଉଥିବା ବର୍ଣ୍ଣନ କରା ହୋଇଛି । ।

ଭାରତର ପ୍ରାଚୀନ ରଙ୍ଗମଞ୍ଚ:-ଛତିଶଗଡ଼ରେ ଅବସ୍ଥିତ ରାମ ଗଡ଼ ପାହାଡ଼ରେ ମହାକବି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଳିଦାସଙ୍କ ଦ୍ୱାରା ନିର୍ମିତ ଏକ ପ୍ରାଚୀନତମ ନାଟ୍ୟଶାଳା ଅବସ୍ଥିତ । ଲୋକକଥା ଅନୁସାରେ କବି କାଳିଦାସ ନିଜର ମହାକାବ୍ୟ ମେଘଦୂତମର ରଚନା ମଧ୍ୟ ରାମଗଡ଼ ପାହାଡ଼ ଉପରେ ବସି କରିଥିଲେ । ସେଇ ଆଧାରରେ ସେଠାରେ ଅବସ୍ଥିତ କାଳିଦାସଙ୍କ ଦ୍ୱାରା ନିର୍ମିତ ନାଟ୍ୟଶାଳା ଭାରତର ସର୍ବପ୍ରଥମ ନାଟ୍ୟଶାଳା ରୂପେ ଖ୍ୟାତ ।

ଭାରତୀୟ ରଙ୍ଗମଞ୍ଚର ବିଧାନ:-ଭାରତୀୟ ରଙ୍ଗମଞ୍ଚର ବିଧାନ ୩ପ୍ରକାର ହୋଇଥାଏ ।ଯଥା-

୧-ବିକୃଷ୍ଟ(ଆୟତାକାର)

୨-ଚତୁରସ୍ର( ବର୍ଗାକାର)

୩-ତ୍ରୟସ୍ର(ତ୍ରିଭୁଜାକାର) ।

ଏହି ୩ ପ୍ରକାର ରଙ୍ଗମଞ୍ଚକୁ ପୁଣି ତିନି ତିନି ଶ୍ରେଣୀରେ ବିଭକ୍ତ କରା ହୋଇଥିଲା । ଯାହାକି ଜ୍ୟୋଷ୍ଠୀ(ଦେବତାଙ୍କ ପାଇଁ) ମାଧ୍ୟମ(ରାଜାମାନଙ୍କପାଇଁ) ଅବର(ଅନ୍ୟମାନଙ୍କ ପାଇଁ) ।

ବର୍ତ୍ତମାନର ଭାରତୀୟ ରଙ୍ଗମଞ୍ଚ:-ଆଧୁନିକ ଭାରତୀୟ ନାଟ୍ୟ ସାହିତ୍ୟର ଇତିହାସ ଅଧିକ ପୁରୁଣା ନୁହେଁ ।  ଇସଲାମ ଧର୍ମର କଟରତା କାରଣରୁ ନାଟକକୁ ମୋଗଲ କାଳରେ ସେଭଳି ପ୍ରୋତ୍ସାହନ ମିଳିନଥିଲା । ୨୫୦ ବର୍ଷ ଧରି ଭାରତୀୟ ପରମ୍ପରାର ଅଭିନୟ ଶାଳା ତଥା ପ୍ରେକ୍ଷାଗୃହ ଏକପ୍ରକାର ଲୋପ ପାଇ ଯାଇଥିଲା । ତାପରେ ଇଂରେଜ ଶାସନ କାଳରେ ତାଙ୍କ ଦେଶର ଅନେକ ବସ୍ତୁ ଆମ ଦେଶରେ ପ୍ରବେଶ କଲା । ମନୋରଞ୍ଜନ ନିମିତ୍ତ ପାଶ୍ଚାତ୍ୟ ନାଟକ ମଧ୍ୟ ପ୍ରବେଶକଲା । ସେମାନେ ଅଭିନୟ ପାଇଁ ଆମ ଦେଶରେ ଅଭିନୟଶାଳାର ସଂଯୋଜନା କଲେ । ଯାହା ଥିଏଟର ନାମରେ ଅଧିକ ବିଖ୍ୟାତ ହେଲା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଶ୍ଚାତ୍ୟ ରଙ୍ଗମଞ୍ଚ ଅଭିନୟରେ ପ୍ରଥମେ ପଶ୍ଚିମ ବଙ୍ଗ ବହୁତ ନାଁ କରିଥିଲା । ପାଶ୍ଚାତ୍ୟ ଥିଏଟରକୁ ଅନୁକରଣ କରି ନାଟକ ପାଇଁ ସେମାନେ ରଙ୍ଗମଞ୍ଚର ନୂଆ ରୂପ ଦେଲେ । ତାପରେ ମୁମ୍ବାଇରେ ଫରାସୀ ଲୋକମାନେ ବିଦେଶୀ ଅଭିନୟ ଶାଳାକୁ ଅନୁକରଣ କରି ଭାରତୀୟ ନାଟକରେ ଏକ ନୂଆରୂପ ଦେଇଥିଲେ ।

ନାଟ୍ୟକଳା ପାଇଁ ଭାରତରେ ପ୍ରଶିକ୍ଷଣ ଦିଆ ହେଉଥିବା ବିଲକ୍ଷଣ ସଂସ୍ଥା "ନେସନାଲ ସ୍କୁଲ ଅଫ ଡ୍ରାମା" ଅବସ୍ଥିତ । ୧୯୫୯ ମସିହାରେ ଏହାର ସ୍ଥାପନା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ହୋଇଥିଲା । ପୁଣି ତାହା ୧୯୭୫ ମସିହାରେ ସ୍ୱତନ୍ତ୍ର ସଂସ୍ଥା କରାଗଲା । ଭାରତ ସରକାରଙ୍କ ଦ୍ୱାରା ସଂସ୍କୃତି ମନ୍ତ୍ରାଳୟ ଅଧୀନରେ କାର୍ଯ୍ୟରତ ଏହି ସଂସ୍ଥା ନାଟକ ସହ ଜଡିତ ପ୍ରତିଟି କ୍ଷେତ୍ର ପାଇଁ ପ୍ରଶିକ୍ଷଣ ଦେଇଥାଏ ।

ସେହିପରି "ଥିଏଟର ଅଲମ୍ପିକ" ଦୁନିଆର ସବୁଠାରୁ ପୁରୁଣା ଥିଏଟର ଭାବେ ପରିଚିତ । ଇଟାଲୀର ବିଶେଞ୍ଜାଠାରେ ଅବ ସ୍ଥିତ ଏହି ଥିଏଟର ୧୫୮୫ ମସିହା ମାର୍ଚ୍ଚ ୫ ତାରିଖରେ ଏକ ନାଟକ ମଞ୍ଚସ୍ଥ ହେଲା ଯାହାର ଡିଜାଇନ ଇଟାଲୀ ଅଧିକାରୀ ଆନ୍ଦ୍ରୀୟା ପଲ୍ଲାଦୀୟ କରିଥିଲେ । ଡିଜାଇନ କରିବା ପାଇଁ ତାଙ୍କୁ ୫ ବର୍ଷ ଲାଗି ଯାଇଥିଲା । ଏହି ଭବ୍ୟ ଥିଏଟର ଅଲମ୍ପିକକୁ ୧୯୯୪ ମସିହାରେ ବିଶ୍ୱ ଉତ୍ତରାଧୀକାର ରୂପେ ଘୋଷିତ କରା ହୋଇଛି ।

ଲୋକନାଟ୍ୟ ଉତ୍ତର ଭାରତ, ପାକିସ୍ତାନ ଓ ନେପାଳର ଲୋକନୃତ୍ୟ ତଥା ନାଟ୍ୟଶୈଳୀର ନାଁ ଅଟେ । ଏହା ଭାରତୀୟ ଉପମହାଦ୍ୱୀପରେ ପ୍ରାଚୀନକାଳରୁ ଚଳି ଆସୁଥିବା ସୁଆଙ୍ଗ ପରମ୍ପରାରୁ ସୃଷ୍ଟି ।

ଆମ ଭାରତରେ ସବୁଠୁ ପୁରାତନ ରଙ୍ଗମଞ୍ଚ ରୂପେ କେରଳର କୁଡ଼ିଆଟମ୍ ସାଂସ୍କୃତିକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଙ୍ଗମଞ୍ଚ ଅନ୍ୟତମ । ଏହି ନାଟ୍ୟକଳା ପାରମ୍ପାରିକ ରୂପେ ମନ୍ଦିର କାର୍ଯ୍ୟକ୍ରମର ଏକ ଅଂଶ । ଯାହାକୁ କୁଟୁମ୍ବଲମ କୁହା ଯାଇଥାଏ ।

"ଯକ୍ଷଗାନ" କର୍ଣ୍ଣାଟକର ଏକ ଲୋକପ୍ରିୟ ରଙ୍ଗମଞ୍ଚ । ଯାହାର ୪୦୦ ବର୍ଷର ପୁରୁଣା ଇତିହାସ ଅଛି । ଏହା ସଙ୍ଗୀତର ଅଦ୍ଭୁତ ପରମ୍ପରା ତଥା ଉନ୍ନତ ମାନର ବେଶଭୂଷା ଓ ନୃତ୍ୟର ଆକର୍ଷଣ ଶୈଳୀ ଏବଂ ଅଭିନୟ ଲାଗି ଖୁବ ପ୍ରସିଦ୍ଧ ।

ମୋ-୯୬୮୧୩୭୩୪୧୨

email-s.dwibedy@rediffmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମେ ଫୁଲମାନେ କହୁଛୁ

ଆମେସବୁ ଫୁଲ । ତିନିଲୋକରେ ଆମର ଗୁରୁତ୍ୱ ରହିଛି । ଜଳ, ସ୍ଥଳ, ଆକାଶ (ସ୍ୱର୍ଗ), ସବୁଠି ଆମର ସୃଷ୍ଟି ଓ ବିକାଶ । ଆମ୍ଭମାନଙ୍କ ସୌନ୍ଦର୍ଯ୍ୟରେ ସମସ୍ତେ ବିଭୋର, ଆତ୍ମହରା । ସବୁଠି ଆମର ଭାରି ଆଦର । ପ୍ରକୃତିମାତା ଆମକୁ ନାନା ରଙ୍ଗରେ ନାନା ବିଭାରେ ଓ ନାନା ରୂପରେ ବିନ୍ୟାସ କରିଛନ୍ତି । ଆମର ଜନ୍ମ କେବଳ ଉତ୍ସର୍ଗୀକୃତ ହେବା ପାଇଁ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଆମ୍ଭେମାନେ ସଂପର୍କର ମାଧ୍ୟମ । ଦେବାଦେବୀଙ୍କ ପାଦପଦ୍ମରେ ଆମେ ଯେତେବେଳେ ଲାଗି ହେଉ ଆମ୍ଭମାନଙ୍କ ସହିତ ଭକ୍ତପ୍ରାଣ ମଧ୍ୟ ସାର୍ଥକ ହୁଏ । କୋଟି ତପସ୍ୟାର ଫଳ ଆମ୍ଭମାନଙ୍କ ଜନ୍ମ ଓ ଜାତକ । ଦେବାଦେବୀଙ୍କର ପସନ୍ଦ ଅନୁଯାୟୀ ଆମ୍ଭମାନଙ୍କର ସ୍ୱତନ୍ତ୍ର ନାମ ରହିଛି । ଏଇ ଯେମିତି ଦେବଦେବ ମହାଦେବଙ୍କର ଦୁଦୁରା ଫୁଲ, ମା'ଲକ୍ଷ୍ମୀଙ୍କର ପଦ୍ମଫୁଲ, ମା'ତାରିଣୀଙ୍କ ଲାଲ୍ ମନ୍ଦାର, ଶନିଶ୍ଚର ଦେବଙ୍କର ଅପରାଜିତା, ଇନ୍ଦ୍ରଙ୍କର ପାରିଜାତ ଏହିପରି ନାନା ଦେବାଦେବୀଙ୍କର ଭିନ୍ନ ଭିନ୍ନ ନାମରେ ଆମେ ଅର୍ପିତ ହେଉଛୁ । ଆମ୍ଭମାନଙ୍କ ରୂପ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କେତେ କେତେ କବି ରାଶି ରାଶି କବିତା ଲେଖିଛନ୍ତି ତାର ହିସାବ ନାହିଁ । ଭାବୁକମାନେ ଆମ ରୂପ ସୌନ୍ଦର୍ଯ୍ୟକୁ ନେଇ ଦାର୍ଶନିକ ତତ୍ତ୍ୱର ଅବତାରଣା କରିଛନ୍ତି ।



ଡଃ ପ୍ରଫୁଲ୍ଲ କୁମାର ପାଣି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ଉଦାହରଣ ଦେଲେ ପୋଥିଟିଏ ହେବ । ପ୍ରତିଟି ପୂଜା ପାର୍ବଣ ସାମାଜିକ ଉତ୍ସବ ଯଥା ବିବାହ ବ୍ରତ ଆଦି କ୍ଷେତ୍ରରେ ଆମର ଆବଶ୍ୟକତା ରହିଛି । ଆମର ସୁଗନ୍ଧ ସୁକୋମଳ ପାଖୁଡା ରୂପବିନ୍ୟାସ ଦେବତା ରାକ୍ଷସ କନ୍ଦର୍ପ ଯକ୍ଷ, ରକ୍ଷ ଗନ୍ଧର୍ବ, କିନ୍ନର, ମହାରାଜା, ସମ୍ରାଟ, ରାଜକୁମାର, ରାଜକନ୍ୟାଠାରୁ ଆରମ୍ଭ କରି ସାଧାରଣ ମଣିଷ ପର୍ଯ୍ୟନ୍ତ କାହାକୁ ବା କିମିଆ ନ କରିଛି ? ସେଥିପାଇଁ ଆମର ସ୍ୱତନ୍ତ୍ର ଉଦ୍ୟାନ ରହିଛି । ଯେମିତି ସ୍ୱର୍ଗର ନନ୍ଦନକାନନ, ରାବଣର ପୁଷ୍ପବାଟିକା, ରାଷ୍ଟ୍ରପତିଙ୍କ ମୋଗଲ୍ ଗାର୍ଡେନ୍, ପ୍ରସିଦ୍ଧ ବୃନ୍ଦାବନ ଗାର୍ଡେନ୍ ଏହିଭଳି ହଜାର ହଜାର ଉଦ୍ୟାନମାନଙ୍କରେ ଆମ୍ଭେମାନେ ସୁରକ୍ଷିତ ଓ ସୁବିନ୍ୟସ୍ତ । ପବନରେ ଦୋଳାୟିତ ଆମ୍ଭମାନଙ୍କର ରୂପଲାବଣ୍ୟରେ ଓ ସୁଗନ୍ଧରେ ଆକର୍ଷିତ ହୋଇ ନାନା ରଙ୍ଗର ପ୍ରଜାପତି ଆମମାନଙ୍କ ଉପରେ ବସି ସମସ୍ତଙ୍କ ମନ ମୋହନ୍ତି । ଏମାନଙ୍କୁ ଦେଖି ଭାରାକ୍ରାନ୍ତ ମନ ହାଲୁକା ହୁଏ । ରୋଗ ଶୋକ ଉପଶମ ହୁଏ । ଭ୍ରମରର ଗୁଣୁ ଗୁଣୁ ଗୁଞ୍ଜନ ରୋମାଞ୍ଚ ଓ ମାଦକତା ସୃଷ୍ଟି କରିଥାଏ । ଆମ୍ଭମାନଙ୍କ ଠାରୁ ମଧୁମକ୍ଷୀକାମାନଙ୍କ ମଧୁ ସଂଗ୍ରହ ମାନବସେବାରେ ପ୍ରୟୋଗ ହୁଏ । ଆମେସବୁ ସେହି ଫୁଲ ସମସ୍ତଙ୍କୁ ତୃପ୍ତି ଦେବାରେ ଆନନ୍ଦ ଦେବାରେ ଉତ୍ସର୍ଗୀକୃତ । ଆମ୍ଭେମାନେ ଏବେ ଆଉ ଏକ କଥାର ଅବତାରଣା କରୁଛୁ ।କରୁଣ ଭାବରେ ଆମକୁ କହିବାକୁ ପଡୁଛି ଯେଉଁ ବୃକ୍ଷ ମାନଙ୍କରେ ଆମର ସର୍ଜନା ଓ ପ୍ରସ୍ଫୁଟିତ ସେମାନଙ୍କ କଥା ଆପଣମାନେ କେବେ ଭାବିଛନ୍ତି କି ? ଯେଉଁଭଳି ନିଦାରୁଣ ଭାବରେ ଆମ୍ଭମାନଙ୍କୁ ବୃନ୍ତଚ୍ୟୁତ କରି ନିଜର ମନୋବାଞ୍ଛା ପୂରଣ ନିମନ୍ତେ ଆମର ଜନ୍ମଦାତାମାନଙ୍କୁ ଆପଣମାନେ ପୀଡା ଦିଅନ୍ତି ସେକଥାକୁ ମାତ୍ର ଥରେ କେବେ ଅନୁଭବ କରିଛନ୍ତି କି ? ଫୁଲତୋଳାକୁ ନେଇ ଅତୀତର ବହୁ ଘଟଣା ଦୁର୍ଘଟଣାର ରୂପନେଇଛି । ଏବେ ପ୍ରତିଦିନ ଫୁଲତୋଳାକୁ କେନ୍ଦ୍ରକରି ମାନ ଅଭିମାନଠାରୁ ଆରମ୍ଭ କରି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଝଗଡା ଝାଣ୍ଟି ପର୍ଯ୍ୟନ୍ତ କଥା ଯାଉଛି ।

ଯେଉଁ ପ୍ରକୃତିପ୍ରେମୀ ଫୁଲପ୍ରେମୀ ବନ୍ଧୁମାନେ ନାନା କିସମର ଚାରା ସଂଗ୍ରହ କରି ଝାଳନାଳ ହୋଇ ଚାରାକୁବଡ କରିଛନ୍ତି, ଖୁସା କୋଡା ପୋଚ ପିଡୁଆ ଦେଇ ଓ ରୋକପୋକ ଦାଉରୁ ରକ୍ଷା କରି ନିତି ସକାଳେ ସଞ୍ଜେ ପାଣିଦେଇ ଆମ୍ଭମାନଙ୍କୁ ଫୁଟେଇଛନ୍ତି- ଆମମାନଙ୍କୁ ନିଜେ ନ'ଛିଡେଇ ବଗିଚାରେ ସାଇତି ରଖିଛନ୍ତି, କେଉଁ ଅଧିକାର ବଳରେ କାଳିଅନ୍ଧାରୁ ଅନ୍ଧାରୁ ଆଙ୍କୁଡି ସାହାଯ୍ୟରେ ଫୁଲମାନଙ୍କୁ ତମେ ନିଜର କରିନେଉଛ ? ଆଉ ବେଳେବେଳେ ଲୋଭ ସମ୍ବରଣ କରିନପାରି ପାଚେରୀ କାନ୍ଥ ଡେଇଁ ବଗିଚାର ସବୁ ସଜ ଫୁଲମାନଙ୍କୁ ଅତି ନିର୍ଦ୍ଦୟ ଭାବରେ ଆମର ବେକ ମୋଡି ବ୍ୟାଗ ଭିତରେ ଭର୍ତ୍ତି କରୁଛ । ଫୁଲଗଛର ତତ୍ତ୍ୱାବଧାରକ ସକାଳେ ଫୁଲଗଛମାନଙ୍କର ଧର୍ଷଣ ଅବସ୍ଥା ଦେଖି କ୍ରୋଧରେ ଫାଟି ପଡୁଥିଲେ ମଧ୍ୟ ଅଭିଶାାପମନସ୍କ ଓ ନିରୁପାୟ ହୋଇ ରହୁଛନ୍ତି । ହେ ଫୁଲଚୋର ଭକ୍ତବନ୍ଧୁଗଣ ! ଜାଣିରଖ ଫୁଲ ତୁମର ନୁହେଁ ଯେଉଁ ଫୁଲସବୁକୁ ନେଇ ତୁମେ ଭଗବାନଙ୍କୁ ଅର୍ପଣ କରିବାକୁ ଯାଉଛ ଭଗବାନଙ୍କର ସେ ଆଶୀର୍ବାଦ ପରୋକ୍ଷରେ ଫୁଲ ଫୁଟେଇଥିବା ମଣିଷଟିହିଁ ପାଉଛି । ତୁମର ଏସବୁ କାର୍ଯ୍ୟ ଅସାର । ତୁମର ପ୍ରକୃତି ହେଲା ପ୍ରତ୍ୟହ ଲୁଚିଲୁଚି ଫୁଲ ତୋଳି ଠାକୁରଙ୍କ ମସ୍ତକରେ ଚଢାଉଥିବ ଆଉ ପ୍ରତ୍ୟହ ସେ ସୃଷ୍ଟିଶୀଳ ମଣିଷଟି ଠାକୁରଙ୍କ ଅପାର କରୁଣା ପାଇ ଆମ୍ଭମାନଙ୍କୁ ଅଧିକରୁ ଅଧିକ ସୃଷ୍ଟି କରି ଚାଲିଥିବ । ଯେଉଁଦିନ ତୁମେ ନିଜ ହାତରେ ଗଛଟିଏ ଲଗାଇ ଫୁଲଟିଏ ଫୁଟାଇ ଠାକୁରଙ୍କୁ ସମର୍ପଣ କରିବ ସେଇଦିନ ଠାକୁର ତୁମ ଅଭିଳାଷ ପୂରଣ କରିବେ । ତୁମ ଭକ୍ତିରେ ଶକ୍ତି ଦେବେ ।

ଯେଉଁ ଭାଇମାନେ ବା ଭଉଣୀମାନେ ଫର୍ଚ୍ଚା ସକାଳରେ ହାତରେ ଆଙ୍କୁଡି ଧରି ବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିନା ଆଙ୍କୁଡିରେ ହାତରେ ପଲିଥିନ୍ ମୁଣାଧରି ଏଘର ସେଘର ପାଚେରୀକାନ୍ଥରୁ ଆମ୍ଭମାନଙ୍କୁ ତୋଳିବା ପାଇଁ ତତ୍ପର,ଭାବିଛକି କେବେ ସେହି ପଲିଥିନ୍ ମୁଣା ଭିତରେ ଆମ୍ଭମାନଙ୍କ କାୟା ଅପବିତ୍ର ହେଉଛି କାରଣ ସେହି ପଲିଥିନ୍ ମୁଣା ଆଗରୁ ବ୍ୟବହୃତ । ଅଧିକନ୍ତୁ ଆମ୍ଭକୁ ଠାକୁରଙ୍କ ପାଖରେ ଅର୍ପଣ କଲାପରେ ସେଇ ପଲିଥିନ୍ ମୁଣାକୁ ବାହାରେ ଫୋପାଡି ପରିବେଶ ପ୍ରଦୂଷଣ କରିବା ସହିତ ପାପ ମଧ୍ୟ ଅର୍ଜନ କରୁଛ । ସେହି ପଲିଥିନ୍ କୁ ଗର୍ଭିଣୀ ଗାଇ ଖାଇ ରୋଗର ଶିକାର ହେଉଛି । ଆମ ସଂସ୍କୃତିରେ ଗାଈକୁ ଗୋମତା କୁହନ୍ତି । ହଁ ଆଉ ଏକ କଥା ମଧ୍ୟ- ଆମକୁ ତୋଳିଲା ବେଳେ ତୁମେ ଏତେ ନିର୍ଦ୍ଦୟ ଯେ ଗଛର ଡାଳପତ୍ର ଟାଣି ଓଟାରି ଭାଙ୍ଗିବା ପର୍ଯ୍ୟନ୍ତ ତୁମର ହାତ ଲମ୍ବି ଯାଇଥାଏ । ତୁମ ହାତ ବେକକୁ ଏପରି ମୋଡିଲେ ତୁମେ ସମ୍ଭାଳିବ କି ? ଏଥିରୁ ଜଣାପଡୁଛି ତୁମେ ଯେହେତୁ ସେ ଗଛକୁ ଲଗାଇନାହଁ ଆମ ସୃଷ୍ଟିକର୍ତ୍ତାଙ୍କ ପ୍ରତି ତୁମର କୌଣସି ଦରଦ ମମତା ନାହିଁ । କେବଳ ଆମକୁ ନେଇ ଠାକୁରଙ୍କୁ ଅର୍ପଣ କରି ବାହାବା ନେବା ହିଁ ସାର । ଗଛର ମଧ୍ୟ ଜୀବନ ଅଛି । ଯାହାର ଗଛପ୍ରତି ମମତା ନାହିଁ ସେହି ଲୋକର ପଲିଥିନ୍ ମୁଣାରେ ଆମେ କେବଳ ପ୍ଲାଷ୍ଟିକ ଫୁଲ । ଆମ୍ଭମାନଙ୍କୁ ତୋଳିବା ପାଇଁ ଚାଙ୍ଗୁଡି ବଦଳରେ ପଲିଥିନ୍ ଧରି ବଡ ସହଜିଆ ପନ୍ଥା ଆପଣାଇ ନେଇଛ ।

ଆମକୁ ନେଇ ଘରଭଡାରେ ରହୁଥିବା ପରିବାର ଓ ଘରମାଲିକ ପରିବାରରେ ମଧ୍ୟ ଅଶାନ୍ତିର ବାତାବରଣ ଆମେ ଦେଖିଛୁ । ଘରମାଲିକ ଉଠିଲା ବେଳକୁ ବଗିଚାରୁ ଆମେ ସବୁ ଉଭାନ୍ ଭଡାରେ ରହୁଥିବା ଭକ୍ତଙ୍କ ଦ୍ୱାରା । ବିଚରା ଘରମାଲିକ କେତେ ମେହନତି କରି ଖରାରେ ତରାରେ ପାଣିଦେଇ ଆମକୁ ଫୁଟେଇବା ପାଇଁ କେତେ ଯତ୍ନ ନ କରିଛି ? ନିଜେ ଅଳ୍ପ ତୋଳି ପ୍ରକୃତିର ସୌନ୍ଦର୍ଯ୍ୟ ବର୍ଦ୍ଧନ ପାଇଁ ଆମକୁ ଛାଡିଦେଇଥାନ୍ତି । ମାତ୍ର ଭଡାରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରହୁଥିବା ମଣିଷମାନେ ତାଙ୍କ ଅବିବେକୀ ପଣିଆରେ ଫୁଲ ସହିତ କଢସବୁକୁ ନେଇଯାଇଥାନ୍ତି । ଭାବିନଥାନ୍ତି ଫୁଲ ରହିଲେ ପ୍ରଜାପତି ଆସିବ, ଭ୍ରମରର ଗୁଞ୍ଜନ ଶୁଭିବ । ମଧୁମକ୍ଷୀକାମାନଙ୍କର ସାଇଁ ସାଇଁ ଶବ୍ଦ ମନକୁ ଉଚ୍ଚାଟ କରିବ । ଏସବୁକୁ ଦେଖି ଶିଶୁଟି ଖୁସିରେ ଆତ୍ମହରା ହବ । ତା'ମନରେ ପ୍ରଥମ ପାଠର ଛୁଆଁ ଲାଗିବ । କିଏ ମନାକଲା ତୁମକୁ ଠାକୁରଙ୍କ ପାଖରେ ଫୁଲ ନ'ଚଢେଇବା ପାଇଁ ? ଯେତିକି ନେବାକଥା ନେଉନ ? ଭଲରେ ମନ୍ଦରେ କେତେବେଳେ କେମିତି ଗଛ ମୂଳରେ ପାଣିଟୋପେ ଦେଇଛ ନା ? ବରଂ ଆମ ମାଲିକ ନଥିଲାବେଳେ ତୁମେ ଆମକୁ ଅଧିକରୁ ଅଧିକ ଯନ୍ତ୍ରଣା ଦେଇଛ । ଫୁଲକୁଣ୍ଡ ମାନଙ୍କରେ ଋତୁକାଳୀନ ବିଭିନ୍ନ କିସମର ଫୁଲ ତ ଫୁଟାଇ ପାରନ୍ତ ? ନା ଏତେ କାମ କରିବାକୁ ଆମର ସମୟ ନାହିଁ ବୋଲି ସେଇ ଗୋଟିଏ କଥା ? ଶେଷରେ ସବୁ ଦୋଷ ଘର ମାଲିକର । ଏହା କି ପ୍ରକାର ମାନସିକତା ନିଜ ବିବେକକୁ ଥରେ ପଚାର ? ପୂଜା ପାର୍ବଣ ଋତୁରେ ଆମ୍ଭମାନଙ୍କର ଚାହିଦା ବଢିଯାଏ । ସେହି ଅନୁସାରେ ଆମ୍ଭମାନଙ୍କର ଦୁର୍ଦ୍ଦଶା ମଧ୍ୟ ବଢେ । ଆମ୍ଭମାନଙ୍କର ଜନ୍ମ ତ ଠାକୁରଙ୍କ ପାଇଁ, ଶୁଭକାମ ପାଇଁ । ଆମକୁ ସମର୍ପଣ କରିବାରେ ମନା ନାହିଁ, ତେବେ ନିଜର ସୁଖଭୋଗ ପାଇଁ ବଗିଚା ମାଲିକ ମାନସିକତାରେ ଆଘାତ ଦେବାକେଉଁ ଧର୍ମରେ ଲେଖା ଯାଇଛି ?ବରଂ ତାଙ୍କ ଉପସ୍ଥିତିରେ କିଛି ଫୁଲ ଦେବାକୁ କହିଲେ ସେ ଖୁସିରେ ଆମକୁ ତୋଳିଦେଇ ଆପଣମାନଙ୍କ ଡାଲାକୁ ଭରି ଦେବେ । ଏହି ପାର୍ବଣ ଋତୁରେ ଆମ୍ଭମାନଙ୍କୁ ନେଇ କେତେଯେ ହାତାହାତି ଘଟଣା ଘଟି ଯାଇଛି ସେସବୁର ହିସାବ ସମୟ ପାଖରେ ରହିଛି । ତଥାପି ଆପଣମାନଙ୍କ ମାନସିକତାରେ ପରିବର୍ତ୍ତନ କାହିଁ ? ଆମେମାନେ ଦେଖିଛୁ ବହୁଲୋକ ତାଙ୍କ ଜୀବନ କାଳ ଭିତରେ କାହା ବାଡିର ଦ୍ୱାରସ୍ଥ ହେଇନଥାନ୍ତି । ନିଜ ବାଡିରେ ଯେତିକି ଫୁଲ ଅଛି ତାହାରି ଭିତରୁ କିଛି ତୋଳି କିଛି ଛାଡି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦିଅନ୍ତି ପ୍ରଜାପତିଙ୍କ ବିଚରଣ ପାଇଁ । ଦେବପୂଜନ ପାଇଁ ଅନ୍ୟ ବାଡିରୁ କୌଶଳ କରି ଡାଲାଏ ଫୁଲଦେବା ପରିବର୍ତ୍ତେ ନିଜ ମେହନତିରେ ଫୁଟେଇଥିବା ଦୁଇ ଚାରୋଟି ଫୁଲରେ ଠାକୁର ମଧ୍ୟ ସନ୍ତୋଷ ହୋଇଥାନ୍ତି ବୋଲି ଆମ ଫୁଲମାନଙ୍କର ମତ ।

ଯେଉଁ ଚାଷୀଭାଇମାନେ ଆମ୍ଭମାନଙ୍କୁ ଚାଷକରି ଫୁଲ ବ୍ୟବସାୟ କରୁଛନ୍ତି ସେମାନଙ୍କ ଠାରୁ କ୍ରୟ କରି ଠାକୁରଙ୍କୁ ସମର୍ପଣ କରାଯାଇପାରେ । କାରଣ ସେଥିରେ ଆପଣଙ୍କ ମେହନତି ଦ୍ୱାରା ଅର୍ଜିତ ମୁଦ୍ରା ରହିଛି । ଚାଷୀଭାଇଙ୍କଠାରୁ ଫୁଲକୁ କ୍ରୟ କଲେ ପରୋକ୍ଷରେ ଆପଣମାନେ ତାଙ୍କର ଉପକାର ମଧ୍ୟ କରୁଛନ୍ତି । ମନ୍ଦିର ସାମ୍ନାରେ ଗରିବ ଝିଅଟିଏ ଫୁଲତୋଳି ବିକୁଛି । ତା'ଠାରୁ ଫୁଲ କିଛି କିଣି ସେଇ ଗରିବ ଝିଅଟିର ପେଟକୁ ମଧ୍ୟ ଆପଣ ଦାନା ଦେବାରେ ସହାୟକ ହୋଇପାରନ୍ତି । ତେଣୁ ହେ ଫୁଲତୋଳାଳି ଭାଇ ଓ ଭଉଣୀମାନେ ! ଆସନ୍ତୁ ଆମେ ସମସ୍ତେ ମିଳିମିଶି ଏକ ସୁନ୍ଦର ପରିବେଶର ସମାଜ ତିଆରି କରିବା । ବ୍ରାହ୍ମ ମୁହୂର୍ତ୍ତର ଶୁଭବେଳାରେ ସମସ୍ତେ ଚିନ୍ତାକରି ନିଜ ନିଜ ବାଡିରେ, ଛାତ ଉପରେ କୁଣ୍ଡ ସାହାଯ୍ୟରେ ବା ହ୍ୟାଙ୍ଗିଙ୍ଗ୍ ଫୁଲକୁଣ୍ଡ ଜରିଆରେ ଓ ଅନ୍ୟାନ୍ୟ ଜ୍ଞାନ କୌଶଳ ପ୍ରୟୋଗ କରି ଆମ୍ଭମାନଙ୍କୁ ଫୁଟାଇ ପାରିବେ ।

ପରିବେଶର ଶୋଭାବର୍ଦ୍ଧନ ସହିତ ଆମ୍ଭମାନଙ୍କର ରଙ୍ଗବେରଙ୍ଗ ବିନ୍ୟାସ ଦେଖି ମାନସିକ ଶାନ୍ତି ଲାଭ କରନ୍ତୁ । ଗୋଟିଏ ଫୁଲ ନେଇ ଶ୍ରଦ୍ଧାରେ ଆପଣଙ୍କ ସହଧର୍ମିଣୀଙ୍କ କୁନ୍ତଳରେ ଖୋସି ଦିଅନ୍ତୁ- ଦେଖିବେ ଆପଣଙ୍କ ଦାମ୍ପତ୍ୟ ଜୀବନ କେତେ ମଧୁମୟ ହେବ । ଆଶା କରୁଛୁ ଆମ କଥାଟିକୁ ଶୁଣିବେ, ହେଜିବେ । ଆପଣମାନଙ୍କୁ ଆମର ସମ୍ମିଳିତ ଗୁଚ୍ଛର ଉପହାର ।

କାମାକ୍ଷାନଗର, ମୋ: ୬୩୭୨୪୫୯୯୬୦

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ନ ଖାଇ ପାରିଲେ ଅଙ୍ଗୁର ଖଟା

ଅଳସୁଆ ଲୋକ ତା ଜୀବନରେ କୌଣସି ଉନ୍ନତି କରିପାରେ ନାହିଁ । ଶୋଇ, ଖେଳି, ବୁଲି ତାର ସମୟ କଟେ । ଆଳସ୍ୟ ସମସ୍ତ ପାପର ଜନନୀ ଓ ସମସ୍ତ ଅବନତିର କାରଣ । ଦେଶ, ଜାତି, ସମାଜ ବା ପରିବାରକୁ କୌଣସି ମହତ ଅବଦାନ ଦେଇ ପାରେ ନାହିଁ । ତେଣୁ ପ୍ରାବନ୍ଧିକଙ୍କ ଭାଷାରେ :

ସୁପ୍ତ ସିଂହ ମୁଖେ ନ ପାଶେ ଆହାର
ଯଦି ସିଏ ଶୋଇ ରହେ
ଉପବାସେ ତାର ଦିନ ତ କଟିବ
ଆହାର ଦେବ ବା କିଏ ?

ଯିଏ ଠକ, ଶ୍ରମ ଭୀରୁ ତାର ମନ ଦୁର୍ବଳ ଥାଏ । ସେ ଅଳ୍ପ କାମ କରି ବିଶ୍ରାମ ନିଏ । କାମକୁ ବହୁତ କଠିନ ବୋଲି କହି ତୁଛ ମନେ କରିଥାଏ । ଲକ୍ଷ୍ୟ ହାସଲ କରବା ପାଇଁ ସେ ବାରମ୍ବାର ପ୍ରୟାସ କରି ନଥାଏ । ସେହି କାମଟିକୁ ଯଦି ଅନ୍ୟ କେହି କରିଦିଏ, ତାକୁ ତାଚ୍ଛଲ୍ୟ କରି ସେ କିଛି କହି ଦିଏ । ଅନ୍ୟର ଲକ୍ଷ୍ୟ ହାସଲରେ ସେ ଈର୍ଷାନ୍ୱିତ ହୁଏ । ତା ନାଁରେ କୁତ୍ସାରଟନା କରେ । ନିଜ ଭାଗ୍ୟକୁ ନିନ୍ଦେ । ଭଗବାନ ତାକୁ ସାହାଯ୍ୟ କଲେନି ବୋଲି ଦୋଷାରୋପ କରେ । ଶ୍ରମଭୀରୁ, ଅଳସୁଆ ମାନଙ୍କ



ବାସନ୍ତୀଲତା ଜେନା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମନରେ ହିଂସା, ପରଶ୍ରୀକାତରତା, ଛଳନା, କପଟ, ସ୍ୱାର୍ଥ ପୂରି ରହିଥାଏ ।

କିନ୍ତୁ ଯିଏ ପରିଶ୍ରମୀ, ସ୍ୱଚ୍ଛ, ସରଳ, କର୍ତ୍ତ୍ୟବ୍ୟ ନିଷ୍ଠ, ଧର୍ମ ପରାୟଣ, ସ୍ନେହ, ଦୟା, କ୍ଷମା, ନିଃସ୍ୱାର୍ଥପର । ସେ ନିଜର କର୍ମକୁ ପୂଜା ବୋଲି ଭାବି ଈଶ୍ୱରଙ୍କ ଉପରେ ବିଶ୍ୱାସ, ଭରସା ରଖିଥାଏ । ଏପରି ବ୍ୟକ୍ତି ସବୁବେଳେ ସଫଳତାର ସ୍ୱାଦୁ ଚାଖିଥାଏ । ଥରେ ଅସଫଳ ହେଲେ ସେ କର୍ମରୁ ନିବୃତ ହୁଏ ନାହିଁ । ବାରମ୍ବାର ସେହି କାର୍ଯ୍ୟଟିକୁ କରିବାକୁ ଚେଷ୍ଟା କରେ । ନିଜର ଦୃଢ଼ ବିଶ୍ୱାସ ତାକୁ ଦିନେ ବିଜୟ କରାଇଥାଏ । ସେ ସଫଳତାର ସ୍ୱାଦ ଚାଖେ । ଭାଗବତରେ ଲେଖା ଅଛି : -

"ଉଦ୍ୟୋଗ ବଳେ ସର୍ବସିଦ୍ଧି

ଜାଣିବ ଏହା ମହାବିଧି "

ତେଣୁ ନିରବଚ୍ଛିନ୍ନ ଶ୍ରମ ହିଁ ଉଦ୍ୟମମୂଳକ କର୍ମ ପ୍ରବାହ । ଶ୍ରମ ହିଁ ସୌଭାଗ୍ୟର ଭାଗ୍ୟଦେବୀ । ତେଣୁ ଯିଏ ଅନ୍ୟର କୁତ୍ସାରଟନାକୁ ଭୃକ୍ଷେପ ନ କରି ଶୃଙ୍ଖଳିତ ନିରବଚ୍ଛିନ୍ନ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରେ, ସେ ପ୍ରଗତି ପଥରେ ପାଦ ଦିଏ । ଅସମ୍ଭବକୁ ସମ୍ଭବ କରେ ।

ଥରେ ବିଲୁଆ ଯାଉଥିବା ବାଟରେ ମଞ୍ଚରେ ଅଙ୍ଗୁର ଫଳିଥିବାର ଦେଖି ବିଲୁଆର ଲୋଭ ହେଲା । ସେ ଅଙ୍ଗୁର ଖାଇବା ପାଇଁ ବାରମ୍ବାର କୁଦା ମରିଲା । ମାତ୍ର ଅଙ୍ଗୁର ଖାଇ ପାରିଲା ନାହିଁ । ଶେଷରେ ନିରାଶ ହୋଇ କହିଲା, ଧେତ ! ଅଙ୍ଗୁର କୋଳି ଖଟା । ତାକୁ କିଏ ଖାଇବ ? ସେହି ଦିନଠାରୁ ଏହି ପ୍ରବାଦଟି ଅସଫଳ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କୁହା ଯାଇଥାଏ । "ନ ଖାଇପାରିଲେ ଅଙ୍ଗୁର ଖଟା " ।

ଗାନ୍ଧିନଗର, ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଷୀ

ମାଟିରେ ନିଜକୁ ମାଟି କରି ସଭିଙ୍କ ମୁଖରେ ହସ ଫୁଟାଉ ଥିବା ମଣିଷଟିଏ । କିଏ ବୁଝୁ କି ନବୁଝୁ ସାରା ବିଶ୍ୱର ଜୀବଜଗତ ଯଦି ଆଜି ଅଣ୍ଟା ସଳଖ କରି ଛିଡା ହୋଇଛି କେବଳ ଏଇ ଚାଷୀଭାଇମାନଙ୍କ ଲାଗି କିନ୍ତୁ ଗୋଟିଏ ଚାଷିର ମୂଲ୍ୟବୋଧ ଓ ପାରିଶ୍ରମିକ ଆଜି ସମସ୍ତଙ୍କୁ ଅବୋଧ ।

ଖରାପ ତ ଲାଗୁଥିଲା... କିନ୍ତୁ ଅସହାୟ... ବ୍ଲକ ସମ୍ମୁଖରେ ସେଇ ବୁଢା ମଣିଷ ର କାକୁତି ମିନତି... ପୁଣି ସେଇ ଦରୁଆନ ନିକଟରେ... ସାର ସରକାରୀ ହାକିମବାବୁଙ୍କ ସହିତ ମତେ ଟିକେ ଦେଖାକରାଇ ଦିଅନ୍ତୁ ମୋର ସାରଙ୍କ ପରାମର୍ଶ ନିହାତି ଦରକାର ମୋର କ୍ଷେତରେ ପାଣିର ଅଭାବରୁ ଅମଳ କମି ଯାଉଛି... ତେଣୁ ମୁଁ ସାରଙ୍କୁ କହିବି ଗୋଟିଏ ଉଠା ଜଳପ୍ରକଳ୍ପ ଦ୍ୱାରା କୌଣସି ସରକାରୀ ସହାୟତା ଯୋଗାଇ ଦେଲେ ମୁଁ ସଠିକ ଭାବରେ ଚାଷ କରି ସଠିକ ଅମଳ କରି ପାରନ୍ତି । ଚାଷିଟିର କଥା ନ ସରୁଣୁ ସେ ଦରୁଆନ... ଯା ବୁଢା ତୋ ସାଙ୍ଗରେ କଥା ହେବା ଲାଗି ସାରଙ୍କ ପାଖରେ ସମୟ ନାହିଁ ଯା ପରେ ଆଉ କୋଉଦିନ ଆସିବୁ ।



ଶାନ୍ତନୁ କୁମାର ରାଉତ

ସତରେ ବଡ ବିଚିତ୍ର ଏ ଦୁନିଆ ଏବଂ ସମାଜ ଏଠି ସହକାରୀଙ୍କ ଜୀବନ ସର୍ବଦା ହାହାକାର । ଚିକ ଚିକ ତୀକ୍ଷ୍ଣ ଖରାରେ ଯିଏ ବଳଦଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହିତ ବଳଦ ହୋଇ ସେଇ ଟାଙ୍ଗରା ଲୋମହିନ କ୍ଷେତକୁ ଜରାଜୀର୍ଣ୍ଣ କରି ସବୁଜ ବର୍ଣ୍ଣର ଅପୂରଣୀୟ ସୌନ୍ଦର୍ଯ୍ୟ ଭରିଦିଏ ତା ଜୀବନ ଲୋମହୀନ ଟାଙ୍ଗରା ଜମି ସଦୃଶ... ଚାଷି ଲାଗି ଦୁନିଆଁ ବଞ୍ଚିଛି । ସମସ୍ତେ ନିଜ ନିଜର ବୁଦ୍ଧି ଖର୍ଚ୍ଚକରି ବହୁତ ପଇସା ରୋଜଗାର କରି ପାରିବେ ସତ କିନ୍ତୁ କେହି ଜଣେ ଗୋଟିଏ ଦିନ ଖାଲି ପଇସା ଖାଇକି ରହି ପରିବା କି ? ଆମେ ଯେତେ କାର୍ଯ୍ୟ ବ୍ୟସ୍ତ ଥିଲେ ମଧ୍ୟ ସବୁ ପରେ ଯେତେବେଳେ ଖାଇବା ପାଖରେ ବସି ଅନେକ ପ୍ରକାର ସୁଆଦିଆ ଖାଇବା ଖାଇ ଆତ୍ମତୃପ୍ତି ଅନୁଭବ କରୁଛେ ସେଇ ପ୍ରତେକ ଖାଦ୍ୟ ଭିତରେ ଗୋଟିଏ ଚାଷିର ଲହୁ ଲୁହ ଓ ଶ୍ରମ ଆଉ ସମୟ ଭରି ରହିଛି ଓ ତାର ମୂଳଦୁଆ ହେଉଛି ଏଇ ଚାଷି .......

ଆଜିର ଜୀବନୀ ସମ୍ପୂର୍ଣ୍ଣ ନିଆରା ଏଠି ଭେକ ଥିଲେ ସମ୍ମାନ ମିଳେ କିନ୍ତୁ ଗୋଟେ ଚାଷି ତ ତାର ସେଇ ଚିରା ଧୋତି ସାଙ୍ଗକୁ ସେଇ ଚିରା କମିଜକୁ ଆପଣେଇଛି ତେଣୁ ତାକୁ ସମ୍ମାନ ମିଳିବ କୋଉଠୁ... ଏଠି ସମ୍ମାନଯୋଗ୍ୟକୁ ସମ୍ମାନ ନାହିଁ । ଥରେ ଚିନ୍ତାକଲେ ଚାଷି ଯଦି ଚାଷ ଛାଡିଦିଏ ତାହେଲେ କଣ ହବ ଏ ବିଶ୍ୱର ଅବସ୍ଥା । ସରକାର କେତେ ଖାଦ୍ୟ ଯୋଗାଇବେ ଆଉ ସରକାର ବି ଆଣିବେ କୋଉଠୁ ? ତେଣୁ ଚାଷିକୁ ଆବଶ୍ୟକ ଅନୁଯାୟୀ ସରକାରୀ ସ୍ତରରେ ସାହାଯ୍ୟ କରି ଚାଷିର ମନ ବଳ ଭାଙ୍ଗିବାକୁ ଦିଅନ୍ତୁ ନାହିଁ, ଏବଂ ଚାଷୀକୁ ସମ୍ମାନ ଦିଅନ୍ତୁ କାରଣ ଚାଷି ବଞ୍ଚିଲେ ପୁରା ବିଶ୍ୱ ବଞ୍ଚିବ ..... ଜୟ କିଷାନ

ନୂଆସାହି, ପାଟରଙ୍ଗା, ଯାଜପୁର
୯୮୬୧୭୫୬୧୯୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଇସିୟୁରେ ଭାରତୀୟ ଅର୍ଥନୀତି

ଯେକୌଣସି ଦୁଇ ଗୋଟି ଦେଶର ଅର୍ଥନୀତି ମଧ୍ୟରେ ତୁଳନା କରିବାକୁ ହେଲେ ସର୍ବଦା ଉଭୟ ଦେଶର ଜିଡ଼ିପି ଓ ମୁଣ୍ଡପିଛା ଆୟକୁ ଆଧାର ଭାବେ ଗ୍ରହଣ କରାଯାଇଥାଏ । ସ୍ୱାଧୀନତା ପରଠାରୁ ଭାରତର ଜିଡ଼ିପି ସର୍ବଦା ନିଜ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ତୁଳନାରେ ମଜବୁତ ସ୍ଥିତିରେ ରହିଆସୁଥିଲା କିନ୍ତୁ ଆଜି ୨୦୨୦ ମସିହାରେ ଏହାର ଦୃଶ୍ୟ ବଦଳିଯାଇଛି । ପୂର୍ବରୁ ଭାରତୀୟ ଅର୍ଥନୀତିର ତୁଳନା ଚୀନ ଓ ଜାପାନ ଆଦି ବିକଶିତ ଦେଶଗୁଡ଼ିକର ଅର୍ଥନୀତି ସହ ତୁଳନା କରାଯାଉଥିଲା କିନ୍ତୁ ଆଜି ବାଂଲାଦେଶ ସହ ତୁଳନା କରିବାକୁ ପଡ଼ୁଛି କାରଣ ଆନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ (ଆଇଏମ୍ଏଫ୍)ର ସଦ୍ୟ ଆକଳନ ଅନୁସାରେ ବାଂଲାଦେଶ ମୁଣ୍ଡପିଛା ଆୟ ମାମଲାରେ ଭାରତଠାରୁ ଆଗକୁ ଚାଲିଯାଇଛି ।



ନିଗମ କୁମାର ବେହେରା

ବାଂଲାଦେଶ ଅର୍ଥନୀତିର ୧୦ ଗୁଣା ହୋଇଥିବା ଭାରତୀୟ ଅର୍ଥନୀତିର ଚଳିତବର୍ଷ ଜିଡ଼ିପି -୧୦.୩ ପ୍ରତିଶତରେ ପହଞ୍ଚିବା ନେଇ ଅନୁମାନ କରିଛି ଆଇଏମ୍ଏଫ୍ । ବର୍ତ୍ତମାନ ଭାରତୀୟଙ୍କ ମଧ୍ୟରେ ଭାରତୀୟ ଅର୍ଥନୀତିର ଅଧଃପତନ ଅପେକ୍ଷା ବାଂଲାଦେଶୀ ଅର୍ଥନୀତିର ଉତ୍ଥାନ ସବୁଠାରୁ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । କୌଣସି ଦେଶରେ ଜିଡ଼ିପି ଅର୍ଥାତ ସେହି ଦେଶର ସମୁଦାୟ ଉତ୍ପାଦକୁ ବୁଝାଇଥାଏ ଏବଂ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଣ୍ଡପିଛା ଆୟ ଅର୍ଥାତ ଦେଶର ପ୍ରତି ନାଗରିକ ପିଛା ଆନୁପାତିକ ଆୟ । ମୁଣ୍ଡପିଛା ଆୟ ସର୍ବଦା ଦେଶର ସମୁଦାୟ ଜିଡ଼ିପି ଓ ଦେଶର ସମୁଦାୟ ଜନସଂଖ୍ୟା ଉପରେ ନିର୍ଭରଶୀଳ । ଯେଉଁ ଦେଶର ଜନସଂଖ୍ୟା ଯେତେ ଅଧିକ ହେବ, ସେହି ଦେଶର ମୁଣ୍ଡ ପିଛା ଆୟ ସେତେ କମ ହେବ ଏବଂ ଯେଉଁ ଦେଶର ଜିଡ଼ିପି ଯେତେ ଅଧିକ ହେବ ସେହି ଦେଶର ମୁଣ୍ଡ ପିଛା ଆୟ ମଧ୍ୟ ସେତିକି ଅଧିକ ହେବ । ଚଳିତବର୍ଷ ଭାରତୀୟଙ୍କ ମୁଣ୍ଡ ପିଛା ଆୟ ବାଂଲାଦେଶୀଙ୍କ ତୁଳନାରେ କମ ହେବାର ୩ଟି ପ୍ରମୁଖ କାରଣ ରହିଛି । ପ୍ରଥମତଃ ବାଂଲାଦେଶର ଅର୍ଥନୀତି ୨୦୦୪ ମସିହାରୁ ଦ୍ରୁତ ଅଭିବୃଦ୍ଧି କରୁଥିବା ବେଳେ ୨୦୧୭ ମସିହାରୁ ଭାରତର ବିକାଶ ରଥରେ ରୋକ ଲାଗିଯାଇଛି । ଦ୍ୱିତୀୟତଃ ବିଗତ ୧୫ ବର୍ଷରେ ବାଂଲାଦେଶ ତୁଳନାରେ ଭାରତର ଜନସଂଖ୍ୟା ବହୁଳ ବୃଦ୍ଧି ହୋଇଥିବା ବେଳେ ତୃତୀୟତଃ ବର୍ତ୍ତମାନର କରୋନା ମହାମାରୀ ଯୋଗୁଁ ଉପୁଜିଥିବା ବିଷମ ପରିସ୍ଥିତି । ଚଳିତବର୍ଷ ଭାରତର ଜିଡ଼ିପି ୧୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଏବଂ ବାଂଲାଦେଶର ଜିଡ଼ିପି ୪ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ନେଇ ଆକଳନ କରାଯାଇଛି । ଜିଡ଼ିପି ବୃଦ୍ଧିରେ ବାଂଲାଦେଶ ପ୍ରଥମ ଥର ପାଇଁ ଭାରତକୁ ପଛରେ ପକାଇନାହିଁ, ଏଭଳି ସ୍ଥିତି ପୂର୍ବରୁ ୧୯୯୧ ମସିହାରେ ଦେଖିବାକୁ ମିଳିଥିଲା । ୧୯୯୧ ମସିହାରେ ଭାରତର ଜିଡ଼ିପି ଅଭିବୃଦ୍ଧି ପ୍ରାୟ ୧ ପ୍ରତିଶତରେ ପହଞ୍ଚିଥିଲା ଏବଂ ବାଂଲାଦେଶ ଭାରତଠାରୁ ଆଗେଇ ଯାଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଭାରତ ପୂର୍ବାବସ୍ଥାକୁ ଫେରିବାରେ ସମର୍ଥ ହୋଇଥିଲା । ଆଇଏମ୍ଏଫ୍ ର ତଥ୍ୟାନୁସାରେ ଭାରତ ୨୦୨୨ ସୁଦ୍ଧା ଜିଡ଼ିପି ଅଭିବୃଦ୍ଧିରେ ବାଂଲାଦେଶକୁ ପୁଣି ପଛରେ ପକାଇବ କିନ୍ତୁ ବାଂଲାଦେଶର କମ ଜନସଂଖ୍ୟା ଏବଂ ଦ୍ରୁତ ଅଭିବୃଦ୍ଧି ଭାରତର ରାସ୍ତାରେ କଣ୍ଟା ସାଜିବ ।

ଚଳିତବର୍ଷ ବାଂଲାଦେଶରେ ମୁଣ୍ଡପିଛା ଆୟ ୧୮୭୭.୫ ଡ଼ଲାର ରହିଥିବା ବେଳେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାରତୀୟରେ ମୁଣ୍ଡପିଛା ଆୟ ୧୮୮୮ ଡ଼ଲାର ରହିଛି । ଏହା ସ୍ପଷ୍ଟ ରୂପେ ଦର୍ଶାଉଛି ବିଗତ କିଛି ବର୍ଷରେ ଭାରତରେ ମୁଣ୍ଡପିଛା ଆୟ ହ୍ରାସ ପାଇଥିବା ବେଳେ ବାଂଲାଦେଶରେ ବୃଦ୍ଧି ପାଇଛି । ଆଇଏମ୍ଏଫ୍ ଚଳିତବର୍ଷ ପାଇଁ ଭାରତର ଜିଡ଼ିପି -୧୦.୩ ପ୍ରତିଶତ ଏବଂ ବାଂଲାଦେଶର ଜିଡ଼ିପି +୩.୮ ପ୍ରତିଶତ ରହିବା ନେଇ ଅନୁମାନ କରିଛି । ଆଇଏମଏଫର ତଥ୍ୟାନୁଯାୟୀ ବାଂଲାଦେଶ ସମେତ ପଡ଼ୋଶୀ ଚୀନ ଏବଂ ମିଆଁମାରର ଜିଡ଼ିପି ମଧ୍ୟ ଆଗାମୀ ଦିନରେ ବୃଦ୍ଧି ପାଇବ । ଚୀନ ସର୍ବଦା ଭାରତ ତୁଳନା ଦୃଢ ସ୍ଥିତିରେ ରହିଆସିଛି ଏଣୁ ବର୍ତ୍ତମାନ ଭାରତୀୟମାନେ ଭାରତ ସହ ବାଂଲାଦେଶର ତୁଳନା କରିବା ଆରମ୍ଭ କରିଦେଲେଣି । ବିଗତ କିଛି ବର୍ଷରେ ବାଂଲାଦେଶ ଢେର ଅଭିବୃଦ୍ଧି କରିବା ସହ ବିଭିନ୍ନ ସାମାଜିକ ସୂଚକାଙ୍କରେ ଭାରତଠାରୁ ଯଥେଷ୍ଟ ଆଗରେ ରହିଛି । ଉଦାହରଣ ସ୍ୱରୂପ ଭାରତୀୟଙ୍କ ହାରାହାରି ଆୟୁ ୬୯ ବର୍ଷ ହୋଇଥିବା ବେଳେ ବାଂଲାଦେଶୀଙ୍କ ହାରାହାରି ଆୟୁ ୭୨ ବର୍ଷ । ୨୦୧୮ ମସିହାରେ ବାଂଲାଦେଶରେ ପ୍ରଜନନ ହାର ୨ ପ୍ରତିଶତ ରହିଥିଲା ବେଳେ ଭାରତରେ ଏହା ୨.୨ ପ୍ରତିଶତ ରହିଥିଲା । ୨୦୧୯ ମସିହାର ତଥ୍ୟାନୁଯାୟୀ ଭାରତରେ ୧୦୦୦ ଶିଶୁଙ୍କ ମଧ୍ୟରେ ୨୮.୩ ପ୍ରତିଶତ ଶିଶୁ ମୃତ୍ୟୁବରଣ କରୁଥିବା ବେଳେ ବାଂଲାଦେଶରେ ଶିଶୁ ମୃତ୍ୟୁହାର ୨୫.୬ ପ୍ରତିଶତ ରହିଛି । ସେହିପରି ୩୦ ପ୍ରତିଶତ ବାଂଲାଦେଶୀ ମହିଳା ରୋଜଗାରକ୍ଷମ ହୋଇଥିବା ବେଳେ ଭାରତରେ ମାତ୍ର ୨୦ ପ୍ରତିଶତ ମହିଳା ସ୍ୱାବଲମ୍ବୀ । ୨୦୧୯ ମସିହାର ରିପୋର୍ଟ ଅନୁସାରେ ବାଂଲାଦେଶର ସହରୀ ଜନସଂଖ୍ୟା ୩୭.୪ ପ୍ରତିଶତ ହୋଇଥିବା ବେଳେ ଭାରତରେ ୩୪.୫ ପ୍ରତିଶତ ଲୋକ ସହରରେ ବାସ କରନ୍ତି । ବାଂଲାଦେଶରେ ୧୪.୮ ପ୍ରତିଶତ ଲୋକେ ଗରିବ ଶ୍ରେଣୀର ହୋଇଥିବା ବେଳେ ଭାରତରେ ଗରିବଙ୍କ ସଂଖ୍ୟା ୨୧.୨ ପ୍ରତିଶତ । ବିଦେଶୀ ଋଣ କ୍ଷେତ୍ରରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟ ବାଂଲାଦେଶ ଭାରତଠାରୁ ଭଲ ସ୍ଥିତିରେ ରହିଛି; ବାଂଲାଦେଶ ନିଜ ଆୟର ୧୮.୨ ପ୍ରତିଶତ ବିଦେଶୀ ଋଣ କରିଥିବା ବେଳେ ଭାରତ ଗତବର୍ଷ ସୁଦ୍ଧା ନିଜ ଆୟର ୧୯.୩ ପ୍ରତିଶତ ବିଦେଶୀ ଋଣ କରିଛି । ଗତବର୍ଷ ଭାରତୀୟ ଜିଡ଼ିପିର ଆକାର ୨୮୭୫ ବିଲିଅନ ଡ଼ଲାର ହୋଇଥିବା ବେଳେ ବାଂଲାଦେଶର ଜିଡ଼ିପି ୩୦୩ ବିଲିଅନ ଡ଼ଲାର ହୋଇଥିଲା । ବାଂଲାଦେଶର ଜିଡ଼ିପି ଭାରତର ଜିଡ଼ିପିର ପ୍ରାୟ ୧୦ ପ୍ରତିଶତ କିନ୍ତୁ ଭାରତ ବହୁଳ ଜନସଂଖ୍ୟା ବିଶିଷ୍ଟ ଦେଶ ହୋଇଥିବା ହେତୁ ଭାରତୀୟ ଜିଡ଼ିପି ସର୍ବଦା କ୍ଷୁଦ୍ର ପରିଲକ୍ଷିତ ହୋଇଥାଏ ।

ବିଶେଷଜ୍ଞଙ୍କ ମତରେ ଭାରତୀୟ ଅର୍ଥନୀତିର ଅଧଃପତନ ସାମୟିକ ଏବଂ ସରକାରଙ୍କ ଉଚିତ ପଦକ୍ଷେପ ଅର୍ଥନୀତିକୁ ପୁଣି ସୁଦୃଢ଼ କରିପାରିବ । କାରଣ ବାଂଲାଦେଶର ଅର୍ଥବ୍ୟବସ୍ଥା ୨୫୦ ବିଲିଅନ ଡ଼ଲାରର ହୋଇଥିବା ବେଳେ ଭାରତୀୟ ଅର୍ଥବ୍ୟବସ୍ଥା ୨.୭ ଟ୍ରିଲିଅନ ଡ଼ଲାରର । ସେହିପରି କରୋନା ମହାମାରୀ ଯୋଗୁଁ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତ ସର୍ବାଧିକ ପ୍ରଭାବିତ ହୋଇଛି । ତାଲାବନ୍ଦ ସମୟରେ ଭାରତର ଜିଡ଼ିପି -୨୩.୯ ପ୍ରତିଶତକୁ ଖସି ଆସିଥିଲା ବେଳେ ପଡ଼ୋଶୀ ଚୀନ ଓ ବାଂଲାଦେଶର ଜିଡ଼ିପିରେ ତାଲାବନ୍ଦର ପ୍ରଭାବ ଭାରତ ତୁଳନାରେ ବହୁତ କମ ରହିଥିଲା । ୧୯୭୧ ମସିହାରେ ପାକିସ୍ତାନଠାରୁ ସ୍ୱାଧୀନ ହୋଇଥିବା ବାଂଲାଦେଶ ଆଜି ଦ୍ରୁତଗତିରେ ଅଭିବୃଦ୍ଧି କରୁଛି ଏଥିରେ କୌଣସି ଦ୍ୱିମତ ନାହିଁ । ବାଂଲାଦେଶର ଅର୍ଥନୀତିରେ କପଡ଼ା ଉଦ୍ୟୋଗ ଏବଂ ବିଦେଶରେ କାର୍ଯ୍ୟରତ ବାଂଲାଦେଶୀଙ୍କ ଦ୍ୱାରା ପଠାଯାଉଥିବା ଅର୍ଥର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉତ୍ପାଦ ବିଭାଗରେ ବାଂଲାଦେଶ ଦ୍ରୁତ ଅଭିବୃଦ୍ଧି କରୁଥିବା ବେଳେ କପଡ଼ା ଉଦ୍ୟୋଗରେ ଚୀନ ପଛକୁ ସମଗ୍ର ବିଶ୍ୱରେ ବାଂଲାଦେଶ ଆଜି ଦ୍ୱିତୀୟ ସ୍ଥାନରେ । ବାଂଲାଦେଶର କପଡ଼ା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଦ୍ୟୋଗ ବାର୍ଷିକ ୧୫ରୁ ୧୭ ପ୍ରତିଶତ ହାରରେ ଆଗଉଥିବା ବେଳେ ଜୁନ ୨୦୧୮ ବେଳକୁ ବାଂଲାଦେଶର ମୋଟ କପଡ଼ା ଉତ୍ପାଦ ୩୬.୭ ବିଲିଅନ ଡ଼ଲାରରେ ପହଞ୍ଚିଥିଲା । ବାଂଲାଦେଶ ସରକାର କପଡ଼ା ଉଦ୍ୟୋଗର ବିକାଶ ପାଇଁ କାରଖାନାଗୁଡ଼ିକୁ ଅତ୍ୟାଧୁନିକ କରିବା ସହ କାର୍ଯ୍ୟରତ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ୨୦୨୧ ମସିହାରେ ବାଂଲାଦେଶର ୫୦ତମ ସ୍ୱାଧୀନତା ଦିବସ ଅବସରରେ କପଡ଼ା ଉତ୍ପାଦକୁ ୫୦ ବିଲିଅନ ଡ଼ଲାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା । ବିଦେଶରେ କାର୍ଯ୍ୟରତ ୨୫ ଲକ୍ଷ ବାଂଲାଦେଶୀ ନାଗରିକ ବାଂଲାଦେଶ ବିକାଶର ପ୍ରମୁଖ ସହଭାଗୀ; କାରଣ ତାଙ୍କ ଦ୍ୱାରା ପଠାଯାଉଥିବା ଅର୍ଥରେ ବାର୍ଷିକ ୧୮ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳୁଥିବା ବେଳେ ୨୦୧୯ ମସିହାରେ ଏହି ରାଶି ୧୯ ବିଲିଅନ ଡ଼ଲାରେ ପହଞ୍ଚିଥିଲା ଯାହା ବାଂଲାଦେଶର ସମୁଦାୟ ଜିଡ଼ିପିର ୫ ପ୍ରତିଶତ ।

ବାଂଲାଦେଶ ଆଜି ବିକାଶଶୀଳ ରାଷ୍ଟ୍ର ରୂପେ ନିଜକୁ ଅଭିଷିତ କରିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ପ୍ରାଥମିକତା ଦେଉଛନ୍ତି ବାଂଲାଦେଶ ସରକାର । କରୋନା ଅସମୟରେ ୧୭ଟି ଜାପାନ କମ୍ପାନୀ ଚୀନରୁ ବାଂଲାଦେଶକୁ ନିଜ କାରଖାନା ସ୍ଥାନାନ୍ତର କରିଛନ୍ତି ଏବଂ ବାଂଲାଦେଶର ରାଜଧାନୀ ଢ଼ାକାରେ ହୋଣ୍ଡା କମ୍ପାନୀ ନିଜର ଏକ ବିଶାଳ ପ୍ଲାଣ୍ଟ ସ୍ଥାପନ କରିଛି । ଉପରୋକ୍ତ ତଥ୍ୟ ଦର୍ଶାଉଛି ବିଶ୍ୱର ଅଗ୍ରଣୀ କମ୍ପାନୀଗୁଡ଼ିକ ବାଂଲାଦେଶ ସହ ବାଣିଜ୍ୟ କରିବା ପାଇଁ ଇଚ୍ଛୁକ । କିନ୍ତୁ ୨୦୧୭ ମସିହାଠାରୁ ଭାରତର ଉତ୍ପାଦ ଶିଳ୍ପରେ ବହୁଳ ହ୍ରାସ ଦେଖିବାକୁ ମିଳିଛି ଏବଂ ଚଳିତବର୍ଷ ପ୍ରଥମ ତ୍ରୟମାସରେ ଭାରତର ଉତ୍ପାଦ ଅଭିବୃଦ୍ଧି ହାର -୩୯.୩ ପ୍ରତିଶତରେ ପହଞ୍ଚିଥିଲା । ବିମୁଦ୍ରୀକରଣ, ଅସମୟରେ ଜିଏସଟି ଲାଗୁ ଓ କରୋନା ମହାମାରୀ ଭାରତୀୟ ଉଦ୍ୟୋଗର ମେରୁଦଣ୍ଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାଙ୍ଗିଦେଇଛି । ବାଂଲାଦେଶ ଭଳି ଚୀନଠୁ ମୁହଁ ଫେରାଇ ନେଉଥିବା କମ୍ପାନୀଗୁଡ଼ିକୁ ନିଜ ଆଡ଼କୁ ଆକର୍ଷିତ କରିବାରେ ବିଫଳ ହୋଇଛନ୍ତି ଭାରତ ସରକାର, ବିଫଳ ହୋଇଛି "ମେକ ଇନ୍ ଇଣ୍ଡିଆ" ଚିନ୍ତାଧାରା । ଭାରତ ଖଣି ଠାରୁ ଆରମ୍ଭ କରି ପର୍ଯ୍ୟଟନ ପର୍ଯ୍ୟନ୍ତ ଅନେକ ପ୍ରାକୃତିକ ସଂସାଧନର ଗନ୍ତାଘର କିନ୍ତୁ ଏହାର ସୁବିନିଯୋଗ ନହେବା ସରକାରର ବିଫଳତାକୁ ସ୍ପଷ୍ଟ ପ୍ରତିପାଦିତ କରୁଛି । ବାଂଲାଦେଶ ସରକାର ଦେଶର ଅଭିବୃଦ୍ଧି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଭାରତ ସରକାର ଜନତାକୁ ୫ ଟ୍ରିଲିଅନ ଡଲାର ଅର୍ଥନୀତିର ସ୍ୱପ୍ନ ଦେଖାଛନ୍ତି କିନ୍ତୁ ଏହାକୁ ବାସ୍ତବତାରେ ପ୍ରତିଫଳନ କରିବା ଦିଗରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଯଦି ଏଭଳି ଅଧଃଗତି ଜାରି ରୁହେ ତେବେ ସେଦିନ ଦୂର ନାହିଁ ଯେଉଁ ଦିନ ଆମକୁ ଆମେରିକା, ଜାପାନ, ଋଷ ଓ ଚୀନ ପରିବର୍ତ୍ତେ ପାକିସ୍ତାନ ସହ ମଧ୍ୟ ଆମକୁ ତୁଳନା କରିବାକୁ ପଡ଼ିବ ଏଣୁ ଉଚିତ ସମୟରେ ସରକାର ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା ।।

ରାମନାଗୁଡ଼ା, ରାୟଗଡ଼ା
୭୦୭୭୯୫୧୩୫୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଦୃଷ୍ଟିକୋଣ

ସୁନା ଚିହ୍ନେ ବଣିଆ, ଗୁଣ ଚିହ୍ନେ ଗୁଣିଆ !

ନିଜସ୍ୱ ଅନୁଭୂତିରେ ସୀମିତ ସାଧାରଣ ମଣିଷର ଦୃଷ୍ଟିକୋଣ

ଭିନ୍ନ ଏକ ଚରିତ୍ର ଚିହ୍ନିବା ସମ୍ଭବ, କିନ୍ତୁ ସହଜସାଧ୍ୟ ନୁହେଁ !!

ସାଧାରଣତଃ କିଛି ସୀମିତ ପରିମାପକ ଶିକ୍ଷା, ଅଭିଜ୍ଞତା ଓ ଭାବଧାରା ଉପରେ ପର୍ଯ୍ୟବେସିତ ନିଜସ୍ୱ ଅନୁଭୂତି ଏବଂ ଗ୍ରହଣୀୟତା ଦେଖିବାକୁ ମିଳେ ବିଭିନ୍ନ ମଣିଷଙ୍କ କ୍ଷେତ୍ରରେ ଯାହାର ତୁଳନାତ୍ମକ ସାମଞ୍ଜସ୍ୟ ଥାଇ କେତେକ ସମୟରେ ସମାନତା ପଦର୍ଶନ କରିଥାଏ । ଆଲୋଚନା, ବାଦାନୁବାଦ ହେଉକି ବିଚାର, ବ୍ୟକ୍ତିଗତ ଅନୁଭୂତିରୁ ପ୍ରକାଶ୍ୟ ମନ୍ତବ୍ୟ ସମ୍ପୃକ୍ତ ମଣିଷର ଦୃଷ୍ଟିକୋଣର ନିଦର୍ଶନ କରିଥାଏ । କୌଣସି ଗୋଟିଏ ବିଷୟକୁ ଆଲୋଚନା କରାଗଲେ କେତେକଙ୍କ ମତାମତ ସାମଞ୍ଜସ୍ୟ ରଖୁଥିବାବେଳେ ଅନ୍ୟ କେତେକଙ୍କ ମତାମତ ସମ୍ପୂର୍ଣ୍ଣ ଭିନ୍ନ ରୂପ ପ୍ରଦର୍ଶନ କରିଥାଏ । କେଉଁଟା ଠିକ ଏବଂ କେଉଁଟା ଭୁଲ ତାହାଉପରେ ପୁଣି ତର୍ଜମା କରାଯାଏ ଯାହାକୁ କୁହାଯାଏ ତର୍କ ! ତର୍କ କରି ଯାହା ନିଷ୍ପତ୍ତି ଗ୍ରହଣ କରାଯାଇଥାଏ ସେହି କଥାଟିଯେ ଠିକ ତାହାର ନିଶ୍ଚିତତା ନଥାଏ ! କାରଣ ଏକାନ୍ତ ସତ୍ୟ ଯଦି ସମସ୍ତଙ୍କୁ ଜଣା ଥାନ୍ତା ତାହେଲେ ସେହି ସ୍ଥାନରେ ତର୍କର ଆବଶ୍ୟକତା ନଥାଇ କେବଳ ନିଷ୍ପତ୍ତି



ପଙ୍କଜ କୁମାର
ପାଣିଗ୍ରାହୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିଆଯାଇ ପାରିଥା'ନ୍ତା ! କିନ୍ତୁ ତର୍କ ମାଧ୍ୟମରେ ନିଆଯାଇଥିବା ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ରୂପେ ସତ୍ୟ ଉପରେ ଆଧାରିତ ବୋଲି କୁହାଯାଇପାରିବ ନାହିଁ । ପ୍ରମାଣ ରହିତ କିମ୍ବା ଅସାମଞ୍ଜସ୍ୟ ତୁଳନାତ୍ମକ ତର୍କକୁ କେବଳ ବାକ୍‌ବିତଣ୍ଡା ବୋଲି ବିବେଚନା କରାଯାଇପାରେ ! ତେଣୁ ନିଜେ ଦାବୀ କରୁଥିବା ବିଷୟ ଉପରେ ଅନ୍ତିମ ଜ୍ଞାନ ନଥାଇ, କିମ୍ବା ତାହାର ପ୍ରମାଣ ସାପେକ୍ଷ ନିଦର୍ଶନ ନକରିପାରି ପ୍ରକାଶ୍ୟ ମନ୍ତବ୍ୟକୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଦୃଷ୍ଟିକୋଣ ବୋଲି କୁହାଯାଇ ପାରିବ ଯାହା ସର୍ବସମ୍ମତିରେ ଗ୍ରହଣୀୟ ହେବକି ନାହିଁ ତାହାର ନିର୍ଦ୍ଧାରଣ ନିଶ୍ଚିତ ନଥାଏ ! ଏଠାରେ ଦୁଇଗୋଟି ଭିନ୍ନ ଭିନ୍ନ ଉଦାହରଣ ନେଇ ଦେଖିବା ମଣିଷର ଦୃଷ୍ଟିକୋଣର ମହତ୍ୱ........

ପ୍ରଥମ ଉଦାହରଣ ସ୍ୱରୂପ କିଛି ଲୋକ କୁହନ୍ତି ଭଗବାନ ସମଗ୍ର ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ! ତାଙ୍କରି ଇଚ୍ଛାରେ ଚରାଚର ଜୀବଜଗତ ତଥା ପୃଥିବୀ ପୃଷ୍ଠର ସମସ୍ତ ନିୟମ ପରି·ଳିତ ହେଉଅଛି ! ଠିକ ସେହିଭଳି ଅନ୍ୟ କେତେକ କହିବା କଥାଯେ ଭଗବାନ ବୋଲି କେହି କିଛି ନାହିଁ ! ସମଗ୍ର ବ୍ରହ୍ମାଣ୍ଡ କେବଳ କେତେକ ପ୍ରାକୃତିକ ଶକ୍ତିଦ୍ୱାରା ନିର୍ଦ୍ଦିଷ୍ଠ ନିୟାମକ ମଧ୍ୟରେ ବନ୍ଧା ହୋଇ ସ୍ୱୟଂସଂଚାଳିତ ହେଉଅଛି ଯାହାର ସୃଷ୍ଟିକର୍ତ୍ତା କିମ୍ବା ପରି·ଳକ ବୋଲି କେହି କିଛି ନାହିଁ ! ତେଣୁ ଏହିଭଳି ବିପରୀତମୁଖୀ ମନ୍ତବ୍ୟ ସୃଷ୍ଟି କରୁଥିବା ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଉପୁଜୁଥିବା ତର୍କକୁ ସାର୍ବଜନୀନ କରାଯାଇ ପାରୁନାହିଁ ବା କୌଣସି ଗୋଟିଏ ଗୋଷ୍ଠୀର ମନ୍ତବ୍ୟକୁ ସର୍ବସାଧାରଣରେ ଗ୍ରହଣ ଯୋଗ୍ୟ ହେଉନାହିଁ । କାରଣ ଉଭୟଙ୍କ ପାଖରେ ସେମାନଙ୍କ ମନ୍ତବ୍ୟର କୌଣସି ପ୍ରାମାଣିକ ତଥ୍ୟ ନାହିଁ ! ତେଣୁ ଏହି ଯୁକ୍ତି କେବଳ ଗୋଟିଏ ବାକ୍‌ବିତଣ୍ଡା ଭାବେ ଅମିମାଂସିତ ନିର୍ଦ୍ଧାରିତ ହେଇଥାଏ ନିଜ ନିଜ ଦୃଷ୍ଟିକୋଣକୁ ନେଇ ଯେ ସମ୍ପୃକ୍ତ ବ୍ୟକ୍ତିଙ୍କର ନିଜସ୍ୱ ଅନୁଭୂତି ଏବଂ ଗ୍ରହଣୀୟତା କ'ଣ ?!! କିନ୍ତୁ ତାହାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୌଣସି ନିଶ୍ଚିତ ନିର୍ଦ୍ଧାରଣ ଏପର୍ଯ୍ୟନ୍ତ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇନାହିଁ ଯେହେତୁ ତାହାର ପ୍ରାମାଣିକ ତଥ୍ୟ କେହି ଦେଇ ପାରିନାହାନ୍ତି ! କହିବାକୁ ଗଲେ ଏହି ଦୁଇଟି ମନ୍ତବ୍ୟ ମଧ୍ୟରୁ ନିଶ୍ଚିତ ଗୋଟିଏହିଁ ଠିକ ଏବଂ ଅନ୍ୟଟି ଭୁଲ ! କାରଣ କୌଣସି ବିଷୟର ଦୁଇ ବିପରୀତମୁଖୀ ମନ୍ତବ୍ୟ ଠିକ ହେବା ସମ୍ଭବ ନୁହେଁ ! ତେଣୁ ଅସମ୍ପୂର୍ଣ୍ଣ ଜ୍ଞାନ ମଧ୍ୟରେ ନିଜର ଅନୁଭୂତି ଏବଂ ଗ୍ରହଣୀୟତାର ନିଷ୍ପତ୍ତି ନେଇଥା'ନ୍ତି ଉଭୟ ଗୋଷ୍ଠୀ ଯାହା ସେମାନଙ୍କୁ ଆତ୍ମସନ୍ତୋଷ ପଦାନ କରୁଅଛି ! କିନ୍ତୁ ଦୁଇଟି ମତକୁ ଗଭୀର ଆଲୋଡନ କରି ତର୍ଜମା କରାଗଲେ ସତ୍ୟ ନିଶ୍ଚିତ ପଦାକୁ ଆସିବ ସେଇଥିରେ ତିଳେହେଲେ ସନ୍ଦେହ ନଥାଇ ମଣିଷ କେବଳ ନିଜ ନିଜ ଅନୁଭୂତି, ଗ୍ରହଣୀୟତା ଉପରେ ନିଚ୍ଛକ ଅହଂଭାବର ପ୍ରକୋପରେ ବାସ୍ତବତାକୁ ଅନୁଧ୍ୟାନ କରିପାରୁନଥିବା କାରଣରୁ ସତ୍ୟର ପ୍ରମାଣ ପାଇପାରୁନାହିଁ, ଯାହା ଅଧ୍ୟବସାୟ ମାଧ୍ୟମରେ ନିଶ୍ଚିତ ଜାଣିବା ସମ୍ଭବ ଯେ ବାସ୍ତବିକ ସତ୍ୟ କଣ ?!! କିନ୍ତୁ କେହି ତାହା କରୁନାହାଁନ୍ତି । ଅଧିକନ୍ତୁ ସେମାନଙ୍କୁ ବିଶ୍ଲେଷଣାତ୍ମକ ପନ୍ଥାର ମାର୍ଗ ଦିଶୁନାହିଁ କେବଳ ଜିଜ୍ଞାସାର ଅଭାବ ଏବଂ ପ୍ରଚୁର ଅହଂଭାବ !!

ଦ୍ୱିତୀୟ ଉଦାହରଣକୁ ପ୍ରଥମ ସହ ଯୋଡ଼ିଦେଇ ତର୍ଜମା କରାଗଲେ ଦେଖାଯିବ- ମଣିଷର ଭାବବି·ର ଏବଂ ଜ୍ଞାନର ଆଦାନପ୍ରଦାନ ବିଶେଷଜ୍ଞଙ୍କ ଲେଖନୀ ମାଧ୍ୟମରେ ସମ୍ଭବ ହୋଇଥାଏ ଯେହେତୁ ଆମ ସମାଜ ଆଶାତୀତ ବ୍ୟାପ୍ତ ! ବିଭିନ୍ନ ପରିସ୍ଥିତି, ଅବସ୍ଥିତି ତଥା ପ୍ରାକୃତିକ ଶକ୍ତି ଗୁଡିକର କେତେକ ନର୍ଦ୍ଧିିଷ୍ଟ ସନ୍ଧି ମଧ୍ୟରେ କେତେବେଳେ କେଉଁ ଉତ୍ସରୁ ଯେ ବିଭିନ୍ନ ଜ୍ଞାନୀ ଗୁଣି ମଣିଷ କେତେକ ଜନ୍ମ ହୋଇଥା'ନ୍ତି ତାହା ସମସ୍ତଙ୍କ ପାଖରେ ଦେଖିବାକୁ ମିଳେନାହିଁ ! ଅର୍ଥାତ ବିଜ୍ଞ ଲୋକଙ୍କ ଉତ୍ପତ୍ତି ଅତୀବ ବିରଳ ହୋଇଥାଏ ମଣିଷ ସମାଜରେ, ଯେମିତି କେତେକ ବିରଳ ପାର୍ଥିବ କିମ୍ବା ବୃକ୍ଷ, ଲତାଙ୍କ ଉପସ୍ଥିତି ଆମେ ଦେଖୁଛେ ! ସେହି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଜ୍ଞ ମଣିଷ ଗୁଡିକ କୌଣସି ପରିସ୍ଥିତି, ପରିବେଶରେ ବିଭିନ୍ନ ଉପଦେଶ, ମତବ୍ୟକ୍ତ କରିଥା'ନ୍ତି ନିଜ ଲେଖା ମାଧ୍ୟମରେ ଯାହା, ତାହା ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କ ଦ୍ୱାରା ଉପଯୁକ୍ତ ଆକଳନ କରାଯାଇ ନପାରି ଅନେକ ଭ୍ରମାତ୍ମକ ପୁନର୍ବି·ର ସମାଜରେ ଖେଳାଇଯାଇ ଅନେକ ଦ୍ୱନ୍ଦ ସୃଷ୍ଟି କରିବାରେ ସମ୍ପୃକ୍ତ ମୂଳ ଲେଖକଙ୍କ ଭାବଧାରାକୁ ବୁଝିବା ସାମର୍ଥ୍ୟ ବିହୀନ ମଣିଷ ଅନେକ ସମମୟରେ ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ଦେଖିବାକୁ ମିଳେ । ଏହାର ଯଥେଷ୍ଟ ଉଦାହରଣ ଉପରୋକ୍ତ ଉଦାହରଣଟିକୁ ସମ୍ପୂର୍ଣ୍ଣଭାବେ ସାମଞ୍ଜସ୍ୟ ରଖୁଅଛି ଯାହା ତର୍ଜମା କଲେ ଜାଣିହେବ ।

ଲେଖା ଏବଂ ଲେଖକଙ୍କ ସ୍ୱରୂପ ଅନେକ । ବିଭିନ୍ନ ଲେଖା ଗୁଡିକୁ ଭିନ୍ନ ଭିନ୍ନ ସ୍ତରରେ ମାନ୍ୟତା ଦିଆଯାଇଥାଏ ଯାହା ଗୋଟେ ଅନ୍ୟଠାରୁ ଭିନ୍ନ ରାସ୍ତାରେ ଗତି କରିଥାଏ । ଯଥା ପ୍ରବନ୍ଧ, କବିତା, ଗଳ୍ପ, ରଚନା, ସାହିତ୍ୟ, ଶାସ୍ତ୍ର ଏବଂ ଦର୍ଶନ ଇତ୍ୟାଦି ଭିନ୍ନ ଭିନ୍ନ ପରିସର ଭୁକ୍ତ ଲେଖା ଯାହା ଗୋଟିଏ ଅନ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଅର୍ଥାତ କୌଣସି ଗୋଟିଏ ଦିଗରେ ପାରଦର୍ଶିତା ଥିବା ଲେଖକଟିଏ ଏହି ସମସ୍ତ ଲେଖା ଗୁଡିକର ଭାବଧାରାକୁ ବୁଝିପାରିବା ନିଶ୍ଚିତତା ନଥାଏ । ତେଣୁ ଅନେକ ସମୟରେ ଗୋଟିଏ ବିଷୟ ଉପରେ ପାରଦର୍ଶିତା ଥାଇ ଅନ୍ୟ ଏକ ବିଷୟକୁ ବାହାଦୁରି ପ୍ରଦର୍ଶନ କରି ପ୍ରକାଶ କରୁଥିବା ଲେଖନୀରୁ ଅମିମାଂସିତ ବିପରୀତମୁଖୀ ଭାବାବେଗ ଉତ୍ପନ୍ନ ହୋଇ ସାଧାରଣ ଲୋକଙ୍କୁ ବିଚଳିତ କରିବା ଭଳି ଆଲେଖ୍ୟ ଗୁଡିଏ ପ୍ରକାଶ କରାଯିବା ହେତୁ ସମାଜରେ ବହୁତ ବାଦ ବିବାଦ ସୃଷ୍ଟି ହେଉଥିବା ଏକ ଜଟିଳ ସମସ୍ୟା ଆଜି ଦିନରେ ଦେଖିବାକୁ ମିଳୁଛି ! କିଛି ଶିକ୍ଷା ସହିତ ସ୍ୱଳ୍ପ ଜ୍ଞାନ ଆହରଣ କରିପାରିବାରେ ସମର୍ଥ ମଣିଷ ନିଜକୁ ଅତୀବ ଦୁର୍ଲ୍ଲଭ ବୋଲି ପ୍ରକାଶ ପୂର୍ବକ ନିଜ ଅହଂରେ ସମସ୍ତ ବିଷୟକୁ ଅକ୍ତିଆର କରିପାରିବା ଭଳି ଅନୁଭୂତି କରି ନିଜସ୍ୱ ଦୃଷ୍ଟିକୋଣରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନେକ ଅବାନ୍ତର ଲେଖା ତଥା ମତାମତ ପ୍ରକାଶ କରନ୍ତେ ସେଗୁଡିକ ସାଧାରଣ ଲୋକଙ୍କ ମତିକୁ ବିଚଳିତ କରି ବିପରୀତମୁଖୀ କରିବାରେ ଯଥେଷ୍ଟ ସହାୟକ ହେଉଥିବା ହେତୁ ଦିନକୁ ଦିନ ସାଧାରଣ ଲୋକଙ୍କ ଜିବନଧାରା କ୍ଷୀଣ ହେବାରେ ଲାଗିଥିବା ଦେଖିବାକୁ ମିଳୁଛି ! ସାଧାରଣ ଅଜ୍ଞାନ, ନିର୍ବୋଧ ମଣିଷ ସେହି ଲେଖା ଗୁଡିକୁ ଉପଯୁକ୍ତ ତର୍ଜମା କରିବାରେ ଅସାମର୍ଥ୍ୟ ହେତୁ ଅଚିରେ ଗ୍ରହଣ କରି ନିଜର ସ୍ଥିତି ସଂକୁଚିତ କରୁଥିବା ମଧ୍ୟ ବୁଝିପାରୁନାହାନ୍ତି ! ତେଣୁ ସମାଜର ସ୍ଥିତି ଆଜି ଏତେ ଗମ୍ଭୀର ହୋଇଛିଯେ ଏହାର ପୁନଃ ପରିବର୍ତ୍ତନ କରାଯାଇ ସର୍ବସାଧାରଣଙ୍କ ଦୃଷ୍ଟିକୋଣକୁ ଉପଯୁକ୍ତ ମାର୍ଗରେ ପରି·ଳିତ କରାଯିବ କେମିତି ପ୍ରଶ୍ନବାଚୀ ସୃଷ୍ଟି କରୁଛି ମନରେ ! ଅର୍ଥାତ ଆମ ଦେଶରେ ବିଭିନ୍ନ ଲେଖା ତଥା ପ୍ରକାଶିତ ପୁସ୍ତକ ଗୁଡିକୁ ନିୟନ୍ତ୍ରଣ ରେଖା ମଧ୍ୟରେ ରଖି କିଛି ନିର୍ଦ୍ଦିଷ୍ଟ ଆଇନ ଅନୁଯାଇ ସଂସ୍କରଣ କରିବା ଲକ୍ଷ ରଖି ବିତଣ୍ଡା ପୁସ୍ତକ ଗୁଡିକୁ ସଂକୁଚିତ କରାନଗଲେ ଆସନ୍ତା ଭବିଷ୍ୟତରେ ସାଧାରଣ ଲୋକଙ୍କ ଅଜ୍ଞାନତାର ପରିସୀମା ଧାର୍ଯ୍ୟ କରିବା କାଠିକର ପାଠ ହୋଇପଡିବ ! ଅଧିକନ୍ତୁ ସାଧାରଣ ଲୋକଙ୍କ ଦୃଷ୍ଟିକୋଣ ନବଦଳିଲେ ଭବିଷ୍ୟତରେ କେବଳ ମଣିଷ ଶରୀରରେ ଫମ୍ପା (ଅର୍ଥାତ ଜ୍ଞାନ ଶୂନ୍ୟ) ମସ୍ତିଷ୍କ ଜଡିତ ମଣିଷ ଗୁଡିଏ ସୃଷ୍ଟି ହୋଇ ଅମାନବୀୟ ଚିନ୍ତାଧାରା, ଅନୁଭୂତି ଗୁଡିକୁ ଗ୍ରହଣ କରି ଏକ ଅପ୍ରୀତିକର ପରିବେଶରେ ଜୀବନ ଯାପାନ କରିବା ଛଡା ଅନ୍ୟକିଛି ହୋଇନପାରେ ବୋଲି ଆମର ଅନୁମାନରେ ଆପଣଙ୍କ ମତାମତ ଦେଇ କିଛି ଦ୍ୱିଧା ଥିଲେ ଦୂର କରିବାରେ ଆମର ସହଯୋଗ ରହିବ ନିଶ୍ଚୟ ।

ସୋସିଆଲ ଫୋରମ (ଭାରତ)

ଛତ୍ରପୁର, ଗଞ୍ଜାମ.

ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଟିକେ ଶୁଣିବେ...

ଟିକେ ଶୁଣିବେ.... କ'ଣ ମୋତେ କହୁଛନ୍ତି ? ଯାହା କହିବାର ଅଛି ଶୀଘ୍ର କୁହନ୍ତୁ । ମୋ ପାଖରେ ସମୟ ନାହିଁ, ମୋର ଅନେକ କାମ... ଇଏ ବ୍ୟସ୍ତବହୁଳ ସମାଜର ଏକ ବାସ୍ତବ ଚିତ୍ର । କର୍ମବହୁଳ ଜୀବନରେ ଏମିତିକି କଥାପଦେ କହିବା ପାଇଁ ମଣିଷ ପାଖରେ ଆଜି ସମୟ ନାହିଁ । ସେଇତ ବର୍ଷକ ତିନିଶହ ପଂଚଷଠି ବା ଛଅଷଠି ଦିନ, ମାସକ ତିରିଶ ଦିନ, ସପ୍ତାହକ ସାତ ଦିନ ଆଉ ଗୋଟିଏ ଦିନ ଚବିଶ ଘଣ୍ଟା ଆଉ ଘଣ୍ଟାକ ଷାଠିଏ ମିନିଟ୍ । କାହିଁ ଏ ସବୁରୁ କିଛି ତ କମ ହୋଇଯାଇନି । ତେବେ ଆଜିର ମଣିଷ ପାଇଁ ସମୟ କେମିତି କମ ପଡିଗଲା । ଟିକେ ଶୁଣିବା ପାଇଁ କଥା ପଦେ ହେବା ପାଇଁ ସମୟର ଏତେ ଘୋର ଅଭାବ । ଯେମିତି ସମୟ ସମସ୍ତଙ୍କ ପାଇଁ ନିଅଣ୍ଟ ହୋଇପଡିଛି । ସମୟତ କାହା ପାଇଁ ଅଟକି ଯାଇନି କି ଯିବନି ନା ସମୟର ଘୋଡା ଦୌଡରେ ମଣିଷ ସମୟ ସହିତ ତାଳ ଦେଇ ଗତି କରି ପାରୁନି । ଯଦି ପାରୁଛି ତେବେ ସମୟ ତା ପାଖରେ ନିଅଣ୍ଟ ପଡୁଛି କାହିଁକି । ତା ହେଲେ ବୁଝିବାକୁ ପଡିବ ସମୟର ମୂଲ୍ୟ ଯିଏ ବୁଝିନି , ସମୟକୁ ଅଯଥା ନଷ୍ଟ କରିଚାଲିଛି ଅର୍ଥାତ ଯୋଉ କ୍ଷେତ୍ରରେ ସମୟର ସଦୁପଯୋଗ କରାଯାଇ ପାରୁନି ସେଇଠି ସମୟ ନିଅଣ୍ଟ ପଡୁଛି । ନା କାର୍ଯ୍ୟକଳାପରେ ସମାୟାନୁବର୍ତ୍ତିତା ନ ଥିବା ହେତୁ



ଅଭିମନ୍ୟୁ ବେହେରା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ୍ମୟର ଅଭାବ ଦେଖାଦେଉଛି ।

ସମୟ ଗଡିଗଲେ ମନ ଖୋଜେ ଅତୀତକୁ ମନେ ପକାଏ ଅତୀତର ଅପାଶୋରା ମୂଲ୍ୟବାନ ସ୍ମୃତିକୁ । ହରେଇବା ଆଉ ପାଇବା ହାରିଥିବା ଆଉ ଜିତିଥିବା ଫର୍ଦ ଓଲଟାଇ ମଣିଷ ଭୁଲ ଠିକର ବିଚାର ସତମିଛର ଆଧାରରେ କଟିଥିବା ଜୀବନକୁ ସମୀକ୍ଷା କରେ । ଆତ୍ମସମୀକ୍ଷାର ବେଳ । ସମସ୍ତଙ୍କ ପାଇଁ ସବୁକିଛି କଣ ଠିକ୍ ହୋଇଛି । ଦୋଷ କାହାକୁ ? ନିଷ୍ଠୁର ସମୟକୁ ନିଜକୁ ନିଜର କର୍ମଫଳକୁ ନା ନିଜର ଭାଗ୍ୟକୁ । ଅଡୁଆ ତଡୁଆ ଛନ୍ଦା ଛନ୍ଦି ଜୀବନ ଦର୍ଶନରେ କିଛି ଦେଖିଲା ଶିଖିଲା ଆଉ କିଛି ଅଙ୍ଗେନିଭା କଥା ।

ଆଗରୁ ମା ଏବେ ବାପା ଆରପାରିକୁ ଚାଲିଗଲେ । କାହିଁ କେବେବିତ ଜଣିହେଲାନି ବାପାଙ୍କ ହାତରୁ କାମ ବନ୍ଦ ଅଛି । ମଶାଣିକୁ ଯିବା ପୂର୍ବରୁ ମଧ୍ୟ ତାଙ୍କ ହାତ କିଛି କରୁଥିଲା । ଜୀବନର ଶେଷ ସମୟରେ ତାଙ୍କୁ ଟିକେ ବିଶ୍ରାମ ମିଳିଲାନି । ପୁଅ ହିସାବରେ ତାଙ୍କୁ କଣ ଟିକେ ସୁଖ ଶାନ୍ତି ଦେଇ ହେଇଛି ! ଉପରେ ଥାଇ ସେ ଆଶୀର୍ବାଦ କରୁଥିବେ କି ଅଭିଶାପ ଦେଉଥିବେ ସେ କଥା ସେଇ ଏକା ଜାଣନ୍ତି । କି ସୁଖ ମିଳିଲା ତାଙ୍କୁ । ସବୁବେଳେ ଅଭାବ ଅସୁବିଧା ରୋଗ ଗ୍ରସ୍ତରେ ଜୀବନଟା କଟିଗଲା । ପୁଅ ହୋଇ କଣ କରିହେଲା ତାଙ୍କ ପାଇଁ । ବାପାଙ୍କ ପାଇଁ ପୁଅର କର୍ତ୍ତବ୍ୟରେ କଣ ହେଳା କରାଯାଇନି । ଅନ୍ୟମାନଙ୍କ ପରି ପୁଅ ଜନ୍ମ ଦେଇ କଣ ସୁଖ ପାଇଲେ । କଣ ସବୁ ସେବା ସୁବିଧା ସେମାନଙ୍କୁ ଦେଇହେଲା ନା ଦେବାର ଇଛା ଥିଲେ ବି ସେ ସେତିକି ଯୋଗ୍ୟ ହୋଇପାରି ନହାଁନ୍ତି । ନିଷ୍ଠୁର ସମୟ ନିଜ ପାଖରେ କଣ ସୁବିଧା ଦେଲା ଯେ ମଣିଷ ବାପା ମା ଆତ୍ମୀୟ ସ୍ୱଜନ ମାନଙ୍କୁ ସାହାଯ୍ୟ କରିବାକୁ କୁଣ୍ଠା ବୋଧ କଲା କର୍ତ୍ତବ୍ୟରେ ଅବହେଳା କଲା । ନିଜେ ଅସୁବିଧାରେ ଗତି କରୁଥିବା ମଣିଷ କଣ ସୁବିଧା ଦେଇ ପାରିବ । ଯୋଉଠି ପାଇବା ବଦଳରେ ହରେଇବା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଶୀ ଜିତିବା ବଦଳରେ ହାରିବା ବେଶୀ ସେଠି ଜୀବନରେ ଗୋଟେ ଭଲ ପୁଅ ହେବାର ସୌଭଗ୍ୟ ଆସିବ କେଉଁଠୁ । ବିଚାର କରିବାର କଥା ଏଇଠି ଭଲ ପୁଅ ହିସାବରେ ବାପା ମାଆଙ୍କୁ ଯୋଉ ସୁବିଧା ସୁଯୋଗ ଦେଇ ହେଲାନି ସେଇ ପୁଅ ଆଜିର ସମୟରେ ନିଜ ସ୍ତ୍ରୀ ଛୁଆ ପିଲାଙ୍କୁ ସେଇ ସୁବିଧା ସୁଯୋଗ ଦେଇପାରୁଛିତ ନା ସେମାନେ ମଧ୍ୟ ସେ ସବୁରୁ ବଞ୍ଚିତ ହେଉଛନ୍ତି । ଅଧିକାଂଶ କ୍ଷେତ୍ରରେ ସେଇ ଏକା କଥା କାଲି ଯେମିତି ନିଜ ବାପା ମାଆଙ୍କ ଅଭାବକୁ ପୂରଣ କରିପାରୁ ନଥିଲା ଆଜିବି ଠିକ୍ ସେମିତି ନିଜ ସ୍ତ୍ରୀ ଛୁଆ ପିଲାଙ୍କର ଅଭାବକୁ ପୂରଣ କରିପାରୁନି । କାଲି ବି ଭଲ ପୁଅ ହୋଇପାରି ନଥିବା ମଣିଷଟା ଆଜିର ସମାଜରେ ଭଲ ବାପ ଟିଏ ହୋଇପାରୁନି କି ଭଲ ସ୍ୱାମୀ ଟିଏ ହୋଇ ପାରୁନି । ପ୍ରଥମେ ଜଣେ ଭଲ ପୁଅ ତା ପରେ ଜଣେ ଭଲ ସ୍ୱାମୀ ଆଉ ତା ପରେ ଜଣେ ଭଲ ବାପା ହେବା ସମାଜରେ କେତେ କଷ୍ଟ ସାଧ୍ୟ ତାହା ସହଜରେ ଅନୁମେୟ ହୁଏ । ନିଜ ବାପା ମାଆଙ୍କୁ ସୁବିଧା ସେବା ଦେଇପାରୁ ନଥିବା ବେଳେ ସେମାନେ କେବେ ଅଭିଯୋଗ କରୁ ନଥିଲେ ବରଂ ନିଜେ ଦୁଃଖ କଷ୍ଟକୁ ନିଜ ଭିତରେ ଚାପି ରଖି ପୁଅର ମଙ୍ଗଳ କାମନା କରୁଥିଲେ । କିନ୍ତୁ ଆଜିର ପୁଅଝିଅ ମାନେ ଜୋର ଦେଇ କହି ପାରୁଛନ୍ତି - କିଛି ତ ଦେଇ ପାରିବନି ଆମକୁ ଜନ୍ମ କରୁଥିଲ କାହିଁକି ...... ଏମିତି କେତେ କଥା । ସବୁ ସମୟର ଖେଳ । କିଛି କହି ହେବନି କି ସହି ହେବନି କେବଳ ସମୟ ସବୁର ସମାଧାନ କରିବ ଆଶା ନେଇ ଭଲ ପୁଅ ଭଲ ସ୍ୱାମୀ ଭଲ ବାପା ହୋଇପାରି ନଥିବା ମଣିଷମାନେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଯେମିତି ଜୀବନର ଅନ୍ୟ ନାମ ଯନ୍ତ୍ରଣା ...... ।

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ, ସ୍ୱାମପାଟଣା, କେନ୍ଦୁଝର

ମୋ - ୯୯୩୮୧୬୦୬୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୋଭିଡ୍ -୧୯ ଓ ଆମ ପରିବେଶ

ତାଲାବନ୍ଦି ପରେପରେ ଆମ ଦେଶର ପରିବେଶ ଅନେକାଂଶରେ ବଦଳି ଯାଇଛି । ପକ୍ଷୀମାନଙ୍କର କଳରବ ଶବ୍ଦ ଆଗ ଅପେକ୍ଷା ଅଧିକ ଶୁଣିବାକୁ ମିଳୁଛି । କନ୍ଧମାଳ ଜଙ୍ଗଲରେ ନାହାକା ଶୁଆ ଚିହ୍ନଟ ହେବା ବେଳେ ମୟୁରଭଞ୍ଜ ଶିମିଳିପାଳରେ ଲୋକେ ଶଙ୍ଖଚିଲ ଉଡିବା କଥା ଦେଖିବାକୁ ଲାଗିଲେଣି । ଧରାପୃଷ୍ଠରେ ଜୀବଜଗତ ବଂଚିବା ପାଇଁ ଭଲ ପରିବେଶଟିଏ ନିହାତି ଆବଶ୍ୟକ । ଜୀବନ ଧାରଣ କରିବାକୁ ଦରକାର ବାୟୁ, ଜଳ, ଖାଦ୍ୟ, ଆଲୋକ ଓ ଉତ୍ତାପ ଆଦି ଆମେ ଆମ ପରିବେଶରୁ ହିଁ ପାଇଥାଉ । ପ୍ରକୃତି ମାଆ ତା'ର ପରିବେଶ ଗନ୍ତାଘରକୁ ଅନାଦି କାଳରୁ ଆମପାଇଁ ଉନ୍ମୁକ୍ତ କରି ରଖିଛି । ଆମର କର୍ତ୍ତବ୍ୟ ହେଲା ଯେତିକି ଦରକାର ଆମେ ସବୁ ସାଧନର ସେତିକି ଉପଯୋଗ କରିବା ଉଚିତ୍ । କିନ୍ତୁ ଆମେ ଏହାର ସଦାସର୍ବଦା ବ୍ୟତିକ୍ରମ କରି ଆସୁଛେ । ଭବିଷ୍ୟତ ପିଢିଙ୍କ ବିଷୟରେ ଚିନ୍ତା ନକରି ମନଇଚ୍ଛା ପ୍ରକୃତିମାଆର ଅନେକ ସାଧନର ଆମ୍ଭେମାନେ ଦୁରୁପଯୋଗ କରିବା ସଙ୍ଗେସଙ୍ଗେ ସେହି ଗନ୍ତାଘର ଦ୍ୱାର ଗୁଡିକୁ ପ୍ରଦୁଷଣ କରୁଛେ । ସେଥିପାଇଁ ବେଳେବେଳେ ପ୍ରକୃତିର ତାଣ୍ଡବ ଆମକୁ ସହ୍ୟ କରିବାକୁ ହେଉଛି । ଅଦିନରେ ଲଘୁଚାପ ବର୍ଷା, ଅତିଶୟ ଉତ୍ତାପ, ସୁନାମି, ବତ୍ୟା ଓ ମହାବାତ୍ୟା ଆଦି ପ୍ରକୃତିର



ଇଂ ବିଦ୍ୟାଧର ପଣ୍ଡା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରକୋପ ମଝିରେମଝିରେ ମଣିଷର ମେରୁଦଣ୍ଡ ଭାଙ୍ଗି ଦେଉଛି । ଉଦାହରଣ ସ୍ୱରୂପ ଆମ ତାଳଚେର ସହରର କୋଇଲା ଖଣିକୁ ନିଆଯାଉ । ସେଠାକାର ଖଣି ଅଧିକାରୀମାନେ କୁହନ୍ତି ଯେଉଁଠାରୁ କୋଇଲା ଖୋଳାଯାଉଛି ସାଙ୍ଗେସାଙ୍ଗେ ଆମେ ବାଲି ଭର୍ତ୍ତି କରି ପୋତି ଦେଉଛୁ । ଏହି କଥାର ଯଥାର୍ଥତା କେତେ ! ଯଦି ପ୍ରତ୍ୟେହ ଆମେ ଦୁଇ ତିନୋଟି ୪ଳିଶ ୪ଳିଶ ଡବାବାଲା ରେଳଗାଡି ଦ୍ୱାରା କୋଇଲା ତାଲଚେର ସହର ବାହାରକୁ ବୋହି ନେଉଛେ ତେବେ ସେହିମାତ୍ରାର ବାଲି ସେଠିକି ଆସିବା ବି ଦରକାର ! କିନ୍ତୁ କାହିଁ ଏମିତି ବାଲି ବୋଝେଇ ରେଳଗାଡି ତ କେବେ କାହାର ଦୃଷ୍ଟି ଗୋଚର ହୋଇନି । ବ୍ରାହ୍ମଣୀନଦୀ ପଠାରୁ ଦୁଇ ୪ରୋଟି ଟ୍ରାକ୍ଟରରେ ବାଲି ବୋହି ଲୋକମାନଙ୍କୁ ସାନ୍ତ୍ୱନା ଦେଇ କହୁଛନ୍ତି ତାଳଚେର ସମ୍ପୂର୍ଣ୍ଣ ସୁରକ୍ଷିତ । ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ, କାହାରି ପାଇଁ ଭବିଷ୍ୟତରେ କିଛି ଅସୁବିଧା ହେବନି ।

ଯାହାହେଉ ଜାନୁୟାରୀ ମାସରେ ଆମ ଦେଶର ରାଜଧାନୀ ଦିଲ୍ଲୀର ଲୋକମାନେ ନିଶ୍ୱାସରେ ଅମ୍ଳଜାନ ନେବାକୁ ବଜାରରେ ବିକ୍ରି କରାଯାଉଥିବା ଅମ୍ଳଜାନ ଦୋକାନକୁ ଦୌଡୁଥିଲେ । ମୁଖ୍ୟମନ୍ତ୍ରୀ କେଜରିୱାଲ୍‌ଙ୍କୁ କ'ଣ ନାହିଁ କ'ଣ ସବୁ ଗାଳିମନ୍ଦ ଶୁଣିବାକୁ ପଡୁଥିଲା । ଶେଷରେ ଅଡ୍‌ଇଭିନ୍ ନମ୍ବର ଥିବା ଗାଡି ଦିନେଛଡା ଦିନେ ଚଳାଚଳ କରିବାର ଅନୁମତି ସାହାରାରେ କିଛି ରାହତ ଦେଲା ବେଳକୁ ଆସିଗଲା ମହାମାରୀ କରୋନା । ମହାମାରୀ କରୋନା, ଯାହାକୁ କୋଭିଡ-୧୯ ଭାଇରସ୍ ବୋଲି କହୁଛନ୍ତି, ଏହିପରି ଏକା ଭୂତାଣୁ ପୂର୍ବରୁ ଆଗରୁ ଦୁଇଥର ପୃଥିବୀକୁ ଆସି ସାରିଛି । କିନ୍ତୁ ଏପରି ସାରା ବିଶ୍ୱକୁ ନିଜ ଆୟତ୍ତକୁ ନେଇ ଦଶଲକ୍ଷ ଲୋକଙ୍କୁ କେବେ ବି କୌଣସି ଭୂତାଣୁ ମାରିନଥିଲା । ପ୍ରଥମେ ସାରସ୍ (Sudden Acute Respiratory Syndrome) ୨୦୦୩ରେ ମହାମାରି ରୂପରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଥିଲା ଏବଂ ପରେ ଏମ୍ଇଆର୍ଏସ୍ (Middle East Respiratory Syndrome) ନାଁରେ ୨୦୧୨ରେ ଆଉଥରେ ଏପରି ଏକ ଭୂତାଣୁ ଆସିଲା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଗତ ୨୦୧୯ ଡିସେମ୍ବର ୩୧ତାରିଖରେ ଚାଇନା ୟୁହାନ ସହରରେ ଏହି ଆଜିର କରୋନା କେସ୍ ପ୍ରଥମଥର ପାଇଁ ଦେଖା ଯାଇଥିଲା । ପ୍ରାୟ ମାସମାସ ଧରି ଏହାର ପ୍ରକୃତ ଲକ୍ଷଣ ବିଷୟରେ ସଠିକ ଭାବରେ କେହି କିଛି କହି ପାରିଲେନି । ଏହାର ନାମ କରଣ – କୋଭିଡ୍ ଭାଇରସ୍ ଡିଜିଜ୍ ୨୦୧୯ କୁ ସଂକ୍ଷେପରେ କୋଭିଡ-୧୯ ବୋଲି ରଖାଯାଇ ଅନୁସଂଧାନ କାର୍ଯ୍ୟକ୍ରମ ଆରମ୍ଭ ହେଲା । ହୁଁ-ହୁଁ କେଇଟା ଦିନରେ ସମଗ୍ର ବିଶ୍ୱରେ ଏହି ଭାଇରସ୍ ନିଜର ଉପସ୍ଥିତି ଜାହିର କରି ଶହଶହ ଲୋକଙ୍କୁ ମାରି ବିଶ୍ୱବାସୀଙ୍କ ମନରେ କୋକୁଆ ଭୟ ସୃଷ୍ଟି କଲା । ଏବେ ବି ସେହି କ୍ରମ ଉଣା ଅଧିକେ ଜାରି ରହିଛି । ଆଜି ପର୍ଯ୍ୟନ୍ତ, ଅର୍ଥାତ୍ ୨୦୨୦ ଅକ୍ଟୋବର ମାସ ୧୨ତାରିଖ ସୁଦ୍ଧା ସାରା ବିଶ୍ୱର କରୋନା ଆକ୍ରାନ୍ତ ଓ ମୃତର ସରକାରୀ ଆକଳନ ହିସାବରେ ୩୭,୭୫୬,୫୫୮ ଜଣ ଆକ୍ରାନ୍ତ ଥିବା ବେଳେ ୧,୦୮୧,୫୨୮ଜଣ ମୃତ୍ୟୁ ବରଣ କରିସାରିଲେଣି । ଆଜିଦିନରେ ଆମ ଭାରତରେ ଆକ୍ରାନ୍ତଙ୍କ ସଂଖ୍ୟା ୭,୧୨୦,୫୩୮ ଏବଂ ମୃତକଙ୍କ ସଂଖ୍ୟା ୧,୦୯,୧୮୪ । ଏସବୁ ସରକାରୀ ତଥ୍ୟ, କେତେ ପରିମାଣରେ ବିଶ୍ୱାସ ଯୋଗ୍ୟ ଆପଣମାନେ ସମସ୍ତେ ଜାଣନ୍ତି । ପ୍ରକୃତରେ କହିବାକୁ ଗଲେ ଏପର୍ଯ୍ୟନ୍ତ ବିଶ୍ୱରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦କୋଟି ପାଖାପାଖି ହେବ ଏବଂ ମୃତକଙ୍କ ସଂଖ୍ୟା ୫କୋଟି ଉପରେ ଅନୁମାନ କରାଯାଇପାରେ । ଆମର ପରୀକ୍ଷା କରିବାକୁ ସୀମିତ ସମ୍ବଳ ଭିତରେ ଯାହା ପାରିଲେ ସେହି ତଥ୍ୟ ଉପସ୍ଥାପନା କରି କାମଚଳା ସରକାରୀ ପାଳି ତୁଲେଇବାକୁ ପଡୁଛି । ଆମ ଓଡିଶାରେ ଗତ କିଛି ଦିନ ହେବ ମୃତ୍ୟୁ ସଂଖ୍ୟା ବଢୁଛି, ହେଲେ ଏବେ ନୂଆ ନିୟମାନୁସାରେ ମୃତ ବ୍ୟକ୍ତିର ପରୀକ୍ଷା କରାଯାଉନି । ତେଣୁ ଅନେକ ମୃତ୍ୟୁର କାରଣ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୋନା ହେଲେ ବି ହୃଦଘାତ କି କିଡ୍ନୀ ନାଁ ରେ ରିପୋର୍ଟ ବାହାରୁଛି । ଏହି କରୋନା ପାଇଁ ନିୟମ ବି ପ୍ରତି ସପ୍ତାହରେ ବଦଳୁଛି । ଗଣମାଧ୍ୟମରୁ ଜଣା ପଡୁଛି କେବଳ ଅପରାଜିତା ଷଡଙ୍ଗୀ, ଏକମାତ୍ର ନେତା ଯିଏ କୋଭିଡ୍ ନିୟମ ମାନୁନାହାନ୍ତି । ବାକି ସବୁ ନେତାମାନେ କ୍ଷୀରଗାଧୁଆ ଧଳା ହାତୀର ଛୁଆଗୁଡା, କେହି କେବେ କୌଣସି ନିୟମ ଉଲ୍ଲଙ୍ଘନ କରୁନାହାନ୍ତି । ପଣ୍ଡିତ ପୁଅ ମାଙ୍କଡ ମାଇଲେ ନିର୍ଦ୍ଦୋଷ ନୀତି କ'ଣ ଏ ଯୁଗରେ ବି ·ଲିବ ! ଜନସାଧାରଣ ଜାଣିପାରିଲା ଭଳି ଅନ୍ୟାୟ କାମଗୁଡାକୁ ନ୍ୟାୟ କହିଲେ ଭଲ ନୁହେଁ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ କୋଭିଡ-୧୯କୁ ୨୦୨୦ମସିହା ମାର୍ଚ୍ଚ ୧୧ତାରିଖରେ ମାହାମାରି ଭୂତାଣୁ ହିସାବରେ ଘୋଷଣା କଲେ । ସେତେବେଳକୁ ଏହା ୧୧୪ଦେଶକୁ ବ୍ୟାପି ସାରିଥିଲା ଏବଂ ୧,୧୮,୦୦୦ଲୋକ ଆକ୍ରାନ୍ତ ହୋଇ ସାରିଥିଲେ । ମୃତ୍ୟୁ ସଂଖ୍ୟାର ଆକଳନ ୪୨୯୧ଥିଲେ ମଧ୍ୟ ଏ'ସଂଖ୍ୟା ଅଜାଣତରେ ବହୁଗୁଣରେ ଅଧିକ ଥାଇପାରେ ବୋଲି ବିଶ୍ୱାସ କରାଯାଏ । ଏମିତି ଏହି ଭାଇରସ୍ ବିଷୟରେ ହୋ'ହଲ୍ଲା ହେଲା ପରେ ଜଣାଗଲା ଚାଇନା ୟୁହାନ ସହରରୁ କେରଳ ଥ୍ରୀସୁର ଆସିଥିବା ଏକ ଛାତ୍ରଠାରେ ଜାନୁୟାରୀ ୩୦ତାରିଖରେ ପ୍ରଥମ ଥର ପାଇଁ ଏହା ଭରତରେ ଦେଖା ଦେଇଥିଲା । ତା'ପରେ ସେହି ୟୁହାନରୁ ଆଉକିଛି ଛାତ୍ର ସିଧା ଚାଇନାରୁ ଏହି ଭୁତାଣୁକୁ ଭାରତ ଆଣିଲେ । ତାପରେ ମୌଲ୍ଲା ଲୋକମାନେ ପରିବ୍ରାଜକ ସାଜି ଦେଶ ସାରା ଏହି ଭୁତାଣୁକୁ ପହଁଚେଇଲେ । ପରେପରେ କେତେ ଜଣ ବିଦେଶଗ୍ରସ୍ତରୁ ଭାରତକୁ ଉଡାଜାହାଜ ଯୋଗେ ପ୍ରତ୍ୟାବର୍ତ୍ତନ ସମୟରେ ସାଥିରେ ଏହି ଭୂତାଣୁର ବାହକ ହେଲେ । ଭାରତ ବଡବଡ ସମୃଦ୍ଧଶାଳୀ ଦେଶଗୁଡିକର ସଙ୍କଟାପର୍ଣ୍ଣ ଅବସ୍ଥାକୁ ଦେଖି ଆଶଙ୍କା ପ୍ରକଟ କଲା । ଆମଦେଶରେ ସୀମିତ ସାଧନ ଭିତରେ ଏହି ଭୂତାଣୁକୁ ରୋକିବା ଅସମ୍ଭବ ପରି ଜଣାଗଲା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆମେରିକା, ଇଟାଲୀ, ଜର୍ମାନ ଓ ସ୍ପେନ୍ ଭଳି ଦେଶରେ ପ୍ରତି ହଜାର ନାଗରିକ ପିଛା ·ରିଟି ଶଯ୍ୟାରୁ ଅଧିକ ଥିବାବେଳେ ଆମ ଭାରତରେ ହଜାର ଜଣ ରୋଗୀଙ୍କ ପ୍ରତି ମାତ୍ର ଗୋଟିଏ ଶଯ୍ୟା ଉପଲବ୍ଧ । ସେହି ସବୁ ଦେଶରେ ଏତେ ପରିମାଣରେ ସାଧନ ଥାଇ ବି ହଜାରହଜାର ସଂଖ୍ୟାରେ ପ୍ରତ୍ୟେହ ମୃତ୍ୟୁ ବରଣ କରିବା ଦେଖି ଆମ ଦେଶର ନେତା ଲୋକ ପ୍ରଥମେ ବହୁତ ଛାନିଆଁ ହେଲେ । କିନ୍ତୁ ଭାରତରେ ଅକ୍ରାନ୍ତଙ୍କ ଭିତରୁ ସୁସ୍ଥ ହେବା ସଂଖ୍ୟା ୪୧.୩୯ ପ୍ରତିଶତ ଥିବା ବେଳେ ତାହା ଇଟାଲୀରେ ୧୬.୯୧ ପ୍ରତିଶତ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ମାତ୍ର ୩.୧୭ ପ୍ରତିଶତ ରହିଛି । ଦୁର୍ଭାଗ୍ୟବଶତଃ ଏ'ପର୍ଯ୍ୟନ୍ତ କୌଣସି ବୈଜ୍ଞାନିକ କୋଭିଡ-୧୯ର ପ୍ରତିଶେଧକ ଟୀକା ଉଦ୍ଭାଭନ କରିବା ଦିଗରେ ସମ୍ପୂର୍ଣ୍ଣ ରୂପେ ସଫଳତା ହାସଲ କରିପାରିନାହାନ୍ତି । ଏବେ ବି ହଜାରହଜାର ଲୋକ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ତ୍ୟାଗ କରୁଛନ୍ତି ଏବଂ କିଛିଲୋକ ସୁସ୍ଥ ହେବାର କିଛିଦିନ ପରେ ଫୁସ୍ଫୁସ୍ ଏବଂ ହୃଦରୋଗରେ ପିଡିତ ହୋଇ ମୃତ୍ୟୁ ହେବା ଉଦାହରଣ ଏବେ ସମ୍ନାକୁ ଆସୁଛି ।

ବିଗତ ଦୁଇଦଶନ୍ଧିରେ ଭାରତ କଳକାରଖାନା ଦିଗରେ ବିଶେଷ ଭାବରେ ଉନ୍ନତି କରିବାକୁ ଯାଇ ନିଜର ବାୟୁ ମଣ୍ଡଳକୁ ଅତ୍ୟଧିକ ଦୁଷିତ କରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୧୮ ମସିହା ମଇ ମାସ ୨ତାରିଖରେ କହିଥିଲେ ଯେ ବିଶ୍ୱରେ ପଦୁଷିତ ବାୟୁ ନିଶ୍ୱାସରେ ଗ୍ରହଣ କରିବା ଯୋଗୁଁ ପ୍ରତିବର୍ଷ ୭୦ଲକ୍ଷ ଲୋକଙ୍କ ପ୍ରାଣହାନୀ ଘଟୁଛି । ଭାରତର ପରିବେଶ ନିୟନ୍ତ୍ରଣ ବିଭାଗ ଘୋଷଣା କଲେ ଯେ ଦେଶର ସମୁଦାୟ ମୃତ୍ୟୁସଂଖ୍ୟାର ୧୨.୫ ପ୍ରତିଶତ ମୃତ୍ୟୁ କେବଳ ବାୟୁ ପ୍ରଦୁଷଣ ଜନିତ ରୋଗରୁ ଆମଦେଶରେ ପ୍ରତିବର୍ଷ ହେଉଛି । ଭାରତର ପରିବେଶ ଦିନୁଦିନ ବହୁତ ଖରାପ ହେବାକୁ ଯାଉଛି ଏବଂ ନିକଟ ଭବିଷ୍ୟତରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହାର ଭୟାବହ ପରିଣାମ ଭୋଗିବାକୁ ଦେଶ ପ୍ରସ୍ତୁତ ରହୁ । ଏହି ସମସ୍ତ ବିଷୟକୁ ଆଖି ଆଗରେ ରଖି ଆମର ମାନନୀୟ ପ୍ରଧାନମନ୍ତ୍ରୀ ମାର୍ଚ୍ଚ ୨୪ରୁ ୨୧ଦିନ ପର୍ଯ୍ୟନ୍ତ ବହୁତ ତରବରିଆ ଭାବରେ ନିଜେ ସିଧା ପ୍ରସାରଣ ମାଧ୍ୟମରେ "ଜାନ୍ ହେଁ ତୋ ଜହାନ ହେଁ" କହିକି ସମ୍ପୂର୍ଣ୍ଣ ତାଲାବନ୍ଦି ଘୋଷଣା କରିଦେଲେ । ତା'ପରେ ସ୍ଥିତିରେ ପରିବର୍ତ୍ତନ ନଦେଖି ଏହା ଅପ୍ରେଲ ୧୪, ଅର୍ଥାତ୍ ୧୯ଦିନ ପର୍ଯ୍ୟନ୍ତ ବଢିଲା । ପରେ ପୁଣି ମଇ ୧୭ତାରିଖ, ମାନେ ଆଉରି ୧୪ଦିନ ପାଇଁ ବଢେଇଲେ । ଏହିସବୁ ଦିନମାନଙ୍କରେ ଦେଶବାସୀଙ୍କ ଚଳପ୍ରଚଳ ଉପରେ ବହୁତ କଷ୍ଟ କଟକଣା ଲାଗିଲା । ସବୁ ଗାଡିଘୋଡା ବନ୍ଦ, କଳ କାରଖାନା ବନ୍ଦ, ବସ ଓ ରେଳ ଚଳାଚଳ ବି ବନ୍ଦ । ଆଗରୁ ଏପରି କୌଣସି ଦେଶରେ କେବେ ବି ହୋଇ ନଥିଲା । ଭାରତରେ ଅଧିକନ୍ତୁ ସଭା ସମିତି, ବିବାହ ବ୍ରତ ଆଦି ସାମାଜିକ କାର୍ଯ୍ୟକ୍ରମରେ ମଧ୍ୟ କଠିନ କଟକଣା ଲାଗିଗଲା । ଯେଉଁଠାରେ ଏଥିରେ ବ୍ୟତିକ୍ରମ ଦେଖାଗଲା, ସରକାରୀ ଅଧିକାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଖିଦୃଷ୍ଟିଆ ଆର୍ଥିକ ଦଣ୍ଡବିଧାନ କଲେ । ଏଥିପାଇଁ ପ୍ରକୃତି ମାଆ ଶାନ୍ତ ହେବାକୁ ଭରପୁର ସମୟ ପାଇଲା, ଧୂଳିକଣା ସ୍ତର ଧିରେଧିରେ ତଳକୁ ଖସିଲା, ବାୟୁ ପ୍ରଦୁଷଣ ଆପେଆପେ ଉଭେଇବାକୁ ଲାଗିଲା ।

ଏବେ ଆମ ପରିବେଶ ଅପେକ୍ଷାକୃତ ଭାବରେ ବହୁତ ଉନ୍ନତ ଅବସ୍ଥାରେ ଅଛି । ତାଲାବନ୍ଦିର ୧୮ଦିନ ଭିତରେ ଏହା ସ୍ୱୀକାର୍ଯ୍ୟ ମୂଲ୍ୟସୂଚୀ ସୀମା ଭିତରକୁ ଆପେଆପେ ଆସି ଯାଇଥିଲା । ଆମଦେଶର ରାଜଧାନୀ ଦିଲ୍ଲୀର ଅବସ୍ଥା ସବୁଠାରୁ ଦୟନୀୟ ଥିଲା । ପ୍ରକୃତରେ ବିଶ୍ୱର ସବୁଠାରୁ ଅଧିକ ୨୦ଟି ପ୍ରଦୁଷିତ ସହରରୁ ଭାରତରେ ୧୪ଟି ଏବଂ ଭାରତର ସବୁଠାରୁ ୧୪ଟି ଅତ୍ୟଧିକ ପ୍ରଦୁଷିତ ସହରମାନଙ୍କ ଭିତରେ ଦିଲ୍ଲୀ ପାଖରେ ଥିବା ଉତ୍ତରପ୍ରଦେଶର ଗାଜିୟାବାଦ୍ ହେଲା ପ୍ରଥମ । ଏଠାରେ ୨୦୧୯ ଶେଷ ସୁଦ୍ଧା ଧୂଳିକଣା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୧୧୦.୨ ଥିଲା ଯାହାର ସ୍ୱୀକାର୍ଯ୍ୟ ସୀମା ହେଲା ୬୦.୦ । ସମ୍ପୂର୍ଣ୍ଣ ତାଲାବନ୍ଦିର ମାତ୍ର ୨୦ଦିନ ଭିତରେ ଏହା ୬୯.୫କୁ ଖସି ଆସିଥିଲା । ଏହି ମହାମାରୀ ଆମଗହଣରୁ ଅନେକ ମୂଲ୍ୟବାନ ଜୀବନକୁ ଆମଠାରୁ ଛଡେଇ ନେଲା ସତ କିନ୍ତୁ ପ୍ରତିବଦଳରେ ଯେଉଁ ସ୍ୱଚ୍ଛ ପରିବେଶ ଆଜି ଦେଇଛି ତା'କୁ ସବୁଦିନ ପାଇଁ ବଂଚେଇ ରଖିବା ଆମର କର୍ତ୍ତବ୍ୟ । ଏବେ ଯେ ପର୍ଯ୍ୟନ୍ତ କରୋନା ଭୂତାଣୁର ପ୍ରତିଶେଧକ ଟୀକା ନ ବାହାରିଛି ସେ ପର୍ଯ୍ୟନ୍ତ ଆମକୁ ସାମାଜିକ ଦୂରତା, ମୁହଁରେ ମାସ୍କ ପିନ୍ଧି ଏବଂ ବାରମ୍ବାର ହାତଧୋଇ ସତର୍କ ରହିବାକୁ ହେବ । ତା'ସହିତ ଏହି ତାଲାବନ୍ଦି ସମସୟରେ ଆମେ ମାନେ ବହୁ ହଇରାଣ ହରକତ ହୋଇ ନିଜେନିଜେ ନିଜଘରେ ବନ୍ଦୀର ଜୀବନ ଯାପନ କରିବା ଦ୍ୱାରା ଯେଉଁ ପରିବେଶ ସୃଷ୍ଟି ହୋଇଛି, ତା'ର ରକ୍ଷଣାବେକ୍ଷଣା ଦିଗରେ ମାନସ ମନ୍ଥନ କରିବା ଅନିବାର୍ଯ୍ୟ ଏବଂ ପ୍ରକୃତିମାତାର ଏହି ସ୍ୱଚ୍ଛାତାକୁ ବଜାୟ ରଖି ଏହାର ସମ୍ପୂର୍ଣ୍ଣ ସଂରକ୍ଷଣ ଦାୟିତ୍ୱ ନିଜ ହାତକୁ ନେବା ଆମ ସମସ୍ତ ଜାଗରୁକ ନାଗରିକଙ୍କର ଏକାନ୍ତ କର୍ତ୍ତବ୍ୟ ।

ଇଂ. ବିଦ୍ୟାଧର ପଣ୍ଡା, ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧, bdpanda1@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# କୋଭିଡ଼ ୧୯ : ଏକ ବିବର୍ତ୍ତନର ପରିଭାଷକ

ସେ ଯେ କୌଣସି କ୍ଷେତ୍ର ହେଉ, ଯଦି ତାହା ସୀମା ଲଂଘନ କରେ ତାହେଲେ ଏକ ବିବର୍ତ୍ତନର ଆହ୍ୱାନ ଆସେ, ସେ ସଜୀବ ହେଉ ବା ନିର୍ଜୀବ । କୀଟପତଙ୍ଗ ଜାଣନ୍ତି ଆମେ ଅଗ୍ନିକୁ ଗଲେ ମରିବୁ ତଥାପି ସାମୂହିକ ସୁଖ ପାଇବାପାଇଁ ଅଗ୍ନିଶିଖା ପାଖକୁ ଧାଇଁଯାଆନ୍ତି । ସେହିପରି ଏହି ମଣିଷ କିଛି କମ ସମୟର ସୁଖ ସୁବିଧା ପାଇବା ପାଇଁ ମୃତ୍ୟୁର ଦ୍ୱାରଦେଶକୁ ଶୀଘ୍ର ଆପଣେଇଥାଏ । ଅଳ୍ପ କିଛି ଜ୍ଞାନ, ଗରିମା, ବୁଦ୍ଧିକୁ ନେଇ ଅହଂକାର, ଇର୍ଷା, କ୍ରୋଧରେ ମରି ମରି ବଞ୍ଚେ । ବିଜ୍ଞାନ, ଜ୍ଞାନ କୌଶଳ ନାଁରେ ଅଧର୍ମ ଉପର କାୟା ବିସ୍ତାର କରି ଚାଲେ ।  ଆଧ୍ୟାତ୍ମିକ ନାଁରେ ଅପପ୍ରଚାର କରେ । ଯେଉଁ ଆଧ୍ୟାତ୍ମିକ ପାଇଁ ସେ ଆଜି ବିଜ୍ଞାନର ପରିଚୟ ପାଇଛି ନିଜର ଧର୍ମ ସଂସ୍କୃତିକୁ ଭୁଲି ଅନ୍ୟର ସଂସ୍କୃତିରେ ବିଭୋର ହେଇ ଉଠୁଛି, କେବଳ ବିଳାସ ବ୍ୟସନରେ ରହିବା ପାଇଁ । ବର୍ତ୍ତମାନ ଯେଉଁ କୋରନା ଭୂତାଣୁ ପାଇଁ ସାରା ବିଶ୍ୱ ଆତଙ୍କିତ ହେଉଛି, କାହା ପାଇଁ? ଏହି ମାନବ ସମାଜର ଅହେତୁକ କାର୍ଯ୍ୟକଳାପ ପାଇଁ । ପୃଥିବୀପୃଷ୍ଠରେ ପରିବେଶର ସନ୍ତୁଳନ ରଖିବା ପାଇଁ ଇଶ୍ୱରଦତ୍ତ ସବୁ ଜୀବଜନ୍ତୁଙ୍କର ଅଧିକାର ଅଛି । ହେଲେ ମଣିଷ କଲା କଣ? ନିଜର ପାରିବାପଣିଆ ଦେଖାଇ ତା ଉପରେ ଅତ୍ୟାଚାର କରିଚାଲିଲା । ତାଙ୍କୁ



ସବ୍ୟସମ୍ପଦ ସ୍ୱାଇଁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମାରି ହାଣି, ପଚେଇ, ସଢ଼େଇ ଖାଇ ଚାଲିଲା । ପରିବେଶର ସନ୍ତୁଳନ ସୀମାଲଂଘନ କଲା । ଯାହାର ଜ୍ୱଳନ୍ତ ଉଦାହରଣ ଆଜି ମଣିଷ ଜାତିକୁ ବ୍ୟସ୍ତବିବ୍ରତ କରିଦେଇଛି । ଯେଉଁ କୋରନା ଭୂତାଣୁ ପାଇଁ ସରକାର ତାଲାବନ୍ଦର ଆସ୍ଥା ନେଇଛନ୍ତି ଏହାର ପ୍ରଭାବ ଏହି ଅହଙ୍କାରୀ ମାନବସମାଜ ଉପରେ ଏକ ଚେତାବନୀ ଦେଇ ବିବର୍ତ୍ତନର ଡାକରା ଦେଇଛି ।

ଯେଉଁ ମଣିଷ ଜାତି ଘର ଖାଦ୍ୟ ଭୁଲି ହୋଟେଲ ଖାଇବାର ମଜା ନଉଥିଲା ଆଜି ତା ପାଖରେ ଖାଇବା ପାଇଁ ଖାଦ୍ୟ ନାହିଁ । ଯେଉଁ ମଣିଷ ଜାତି ନିଜ ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ଅଧିକ ରୋଜଗାର ଆଶାରେ ଧାଇଁ ଯାଉଥିଲା ସେ ଆଜି ନିଜ ରାଜ୍ୟକୁ ଫେରି ଆସିଛି । ଯାନବାହନ ଚଳାଚଳ କମିବା ଦ୍ୱାରା ଆଜି ପରିବେଶ, ବାୟୁମଣ୍ଡଳ ସୁସ୍ଥ ହେଇ ଉଠିଛି । ବିଶ୍ୱ ତାପମାତ୍ରା ହ୍ରାସ ପାଇଛି । ଓଜନସ୍ତରର ସୁରକ୍ଷା ବଢିଛି । ପରିବାରରେ ଏକତା ବଢିଛି । ଯୁବ ସମାଜର ଦାୟିତ୍ୱଜ୍ଞାନ ବଢିଛି । ଲକ୍ଷଲକ୍ଷ ଟଙ୍କାରେ ମୌଜ ମଜଲିସ୍ ଚାଲିଥିଲା । ଅପବ୍ୟୟର ଖର୍ଚ୍ଚ କମିଛି । ନିଜ ଦେଶ, ଜାତି, ଧର୍ମକୁ ଭଲ ପାଇବା ସ୍ୱଦେଶୀ ଜ୍ଞାନକୌଶଳ ଉପରେ ଅଧିକ ଗବେଷଣା କରାଯାଉ । ଆତ୍ମନିର୍ଭରଶୀଳତା ଜାଗ୍ରତ କରାଯାଉ । ଅବକାରୀ ଜିନିଷପତ୍ର ଉପରେ ଅଧିକ କଟକଣା ଲଗାଯାଉ । ଜୀବହତ୍ୟା ଉପରେ ଆରୋପ ଲଗାଯାଉ । ବର୍ତ୍ତମାନ ମହାତ୍ମା ଗାନ୍ଧୀଙ୍କର "ଗ୍ରାମସ୍ୱରାଜ" ବାଣୀର ମହତ୍ୱ ଉପଲବ୍ଧି କରିବାର ବେଳ ଆସିଛି । ନିଜର ଭିଟାମାଟିରେ ସୁମଧୁର ସୁରଭିରେ ନିଜକୁ ସମୋହିତ କରି ମାଟିରୁ ଗୁପ୍ତ ଧନ, ସୁବର୍ଣ୍ଣ ସନ୍ଧାନ କରିବା ଉଚିତ । ପ୍ରାଚୀନ ଯୌଥ ପରମ୍ପରାକୁ ପାଥେୟ କରି ପରସ୍ପର ଭିତରେ ସ୍ନେହ ଶ୍ରଦ୍ଧା ବାଣ୍ଟି ନିଜ ନିଜର ସୁଖ ଦୁଃଖକୁ ସହଭଗିତାରେ ଆବୋରିବାର ସମୟ ଆସିଛି । ଅନ୍ୟକୁ ଉଦାହରଣରୂପେ ନମାନି ସମାଜରେ ନିଜକୁ ଉଦାହରଣରୂପେ ସୃଷ୍ଟି କରିବା ଉଚିତ । ବିଷୟ ବାସନାର ଭୋଗବିଳାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋହରୁ ନିଜକୁ ଫେରାଇ ଆଣି ବାସ୍ତବ ସୁଖର ସନ୍ଧାନ କରିବା ଉଚିତ । ମ୍ୟାଗି, ଚାଉମିନ, ଫାଷ୍ଟଫୁଡ଼କୁ ତୁଚ୍ଛ କରି ଓଡ଼ିଆ ଜାତିର ପରିଚୟ "ଆହା ମୋ ଜୀବନ ଧନ ପଖାଳ କଂସା" ମୋହକୁ ବାନ୍ଧି ଦେବା ଉଚିତ । ହେଲୋ, ହାଏ, ଟା ଟା, ବାଏ ବାଏ, ଧାରାରୁ ନିଜକୁ ନିବୃତ ରହି "ସପ୍ରେମେ ନମସ୍କାର" ସଶ୍ରଦ୍ଧା ପ୍ରଣତି ମଧ୍ୟରେ ନିଜର ସେହ୍ନ, ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିବା ଉଚିତ । ହଜି ଯାଉଥିବା ମଣିଷ ପଣିଆକୁ ସାଉଁଟି ଆଣି ମାନବିକତାର ମୂଲ୍ୟବୋଧ ଦେଇ ପ୍ରକାଶ କରିବା ଓ ନିଜ ମଣିଷପଣିଆର ପରିଚୟ ଦେବାର ସମୟ ଆସିଛି । ଏହା ଉପରେ ସମସ୍ତଙ୍କର ଚିନ୍ତା କରିବାର ବେଳ ଆସିଛି । ନହେଲେ ଅନଳମୁଖୀ ପତଙ୍ଗ ପରି ମଣିଷ ସମାଜର ପତନ ଅବଶ୍ୟମ୍ଭାବୀ ।

ଗୁଣବତ୍ତା ବିଭାଗ, ସିପ୍ଲା ଫାର୍ମାସିଉଟିକାଲ, ସିକ୍କିମ

ଦୂରଭାଷ -୮୪୫୫୮୬୬୭୬୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଭ୍ରମଣ କାହାଣୀ

ସ୍ୱାଧୀନତା ପୂର୍ବ ଭ୍ରମଣ ସାହିତ୍ୟ ଠାରୁ ସ୍ୱାଧୀନତା ପରବର୍ତ୍ତୀ ଭ୍ରମଣ ସାହିତ୍ୟରେ କେତେକ ନୂତନ ପରମ୍ପରା ଦେଖିବାକୁ ମିଳେ । ୧୯୩୫ ମସିହାରେ ନୂତନ ଶିକ୍ଷାନୀତି, ୧୯୩୭ ମସିହାରେ ମିସନାରୀମାନଙ୍କ ଦ୍ୱାରା କଟକ ମିଶନ ପ୍ରେସ ମୁଦ୍ରଣଯନ୍ତ୍ର ସ୍ଥାପିତ ଓ ଉତ୍କଳରେ ବିଭିର୍ଣ୍ଣ ପ୍ରକାରର ପତ୍ରପତ୍ରିକାର ଉଦ୍ଭାବନ ଓଡ଼ିଶାର ଭବିଷ୍ୟତ ଗଢିବାର ମାର୍ଗ ବନେଇଦେଲା ଫଳରେ ଲୋକମାନେ ଶିକ୍ଷିତ ହେବା ସହିତ ସଚେତନ ମଧ୍ୟ ହେଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଆମ ଭାରତ ପରାଧୀନ ଶିଙ୍କୁଳିକୁ ଛିଡାଇ ସ୍ୱାଧୀନ ହେଲା । ଆମେ ଭାରତୀୟମାନେ ମୁକ୍ତ ହେଲୁ । ନିଜର ବ୍ୟକ୍ତିଗତ ସ୍ୱାଧୀନତା ରହିଲା । ମୁକ୍ତ ଆକାଶତଳେ ବ୍ୟକ୍ତି ବିନାବାଧାରେ ବୁଲି ପାରିଲା । ଫଳରେ ମନୁଷ୍ୟ ଗୋଟିଏ ସହବସତିରୁ ଅନ୍ୟ ଗୋଟିଏ ସହବସତିକୁ ଅତି ସହଜରେ ଯାଇ ସେଠାକାର ଲୋକମାନଙ୍କ ସହ ପରିଚିତ ହେଲା । ନିଜର ଅନୁଭୂତିକୁ ବାଣ୍ଟିବା ସହ ଅନ୍ୟର ଅନୁଭୂତିକୁ ସାଉଁଟିଲା । ମୋଟରଯାନର ଦ୍ରୁତ ପ୍ରଗତି, ରେଳ ଚଳାଚଳ, ଉଡ଼ାଜାହାଜ ଉଡାଣର ବ୍ୟବହାର ଫଳରେ ଗମନାଗମନ ବା ଯୋଗାଯୋଗ ପ୍ରକ୍ରିୟା ସୁବିଧା ହୋଇଗଲା । ସୁତରାଂ ଖୁବ କମ ସମୟରେ ଗୋଟିଏ ଦେଶର



ମେନନ୍ ସାହୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନ୍ୟ ଦେଶକୁ ଯିବା ସହଜ ହେଲା । ପୂର୍ବରୁ ଯେଉଁ ବିଦେଶ କଥା ଭାବିଲେ ମଣିଷ ଆଖିରୁ ନିଦ ହଜି ଯାଉଥିଲା ଆଜି ଆଖି ଖୋଲିଲେ ସେ ବିଦେଶରେ ପହଁଚୁଛି । ଏହି ସବୁ ପ୍ରକ୍ରିୟା ସକ୍ରିୟ ହେବା ପରେ ବ୍ୟକ୍ତି ବା ଲେଖକମାନଙ୍କ କ୍ଷେତ୍ରରେ ମଧ୍ୟ ବଡ ପରିବର୍ତ୍ତନ ଦେଖାଦେଲା । ସେମାନେ ନିଜର ଆଞ୍ଚଳିକ ସୀମା ପାରହୋଇ ଇଂଲଣ୍ଡ, ଆମେରିକା, ଫ୍ରାନ୍ସ, ଜର୍ମାନ, ରୁଷିଆ ଭଳି ବିଭିର୍ଣ୍ଣ ବିଦେଶରୁ ଭ୍ରମଣ ଆରମ୍ଭ କରିଦେଲେ । ପାଶ୍ଚାତ୍ୟର ସଂସ୍କୃତି, ସଭ୍ୟତା, ଐତିହ୍ୟ ଇତ୍ୟାଦିକୁ ଆଣି ନିଜର ସ୍ୱଦେଶରେ ପରିଚିତ କରିଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ ଭ୍ରମଣ କାହାଣୀରେ ଏହି ପାଶ୍ଚାତ୍ୟ ସଭ୍ୟତାର ଏକ ବିଶେଷ ପ୍ରଭାବ ଆମ ଦେଶ ବା ଜାତିରେ ପଡ଼ିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ । ଗୋଲୋକ ବିହାରୀ ଧଳ, କୁଞ୍ଜବିହାରୀ ଦାସ, ଚିତ୍ତରଞ୍ଜନ ଦାସ, ଶରତଚନ୍ଦ୍ର ମିଶ୍ର, ଆର୍ତ୍ତତ୍ରାଣ ମିଶ୍ର, ରାମକୃଷ୍ଣ ତ୍ରିପାଠୀ, ସୀତାକାନ୍ତ ମହାପାତ୍ର, ଗୁରୁପ୍ରସାଦ ମହାନ୍ତି, ପ୍ରତିଭା ରାୟ ଭଳି ଅନେକ ଲେଖକ ଏହି ସମୟରେ ବହୁ ବିଦେଶ ଭ୍ରମଣ କରି ସେମାନଙ୍କର ଅନୁଭୂତି କୁ ନିଜର ଲିଖନୀ ମୁନରେ ଅନେକ ଭ୍ରମଣ ସାହିତ୍ୟ ସୃଷ୍ଟି କରିଛନ୍ତି ।

ଗୋଲୋକବିହାରୀ ଧଳ ୧୯୫୧ ମସିହାରେ ଯେତେବେଳେ ଆମେରିକା ଭ୍ରମଣ କରୁଛନ୍ତି ସେତେବେଳେ ସେ ଆମେରିକାର ପାଣିପବନ ଠାରୁ ଆରମ୍ଭ କରି ତାର ସଂସ୍କୃତି, ପରମ୍ପରା, ଚଳଣୀ, ନୀତି, ଆଦର୍ଶ, ସ୍କୁଲକଲେଜ, ଦୋକାନବଜାର ଆଦି ବହୁକଥା ଅନୁଧ୍ୟାନ କରିଛନ୍ତି ଯାହା ଆମ ସଭ୍ୟତା, ସଂସ୍କୃତି ଠାରୁ ଭିର୍ଣ୍ଣ, ଦୀର୍ଘ ଦେଢ଼ ମାସର ରହଣି ମଧ୍ୟରେ ଆମେରିକାର ସଂସ୍କୃତି ତାଙ୍କ ହୃଦୟକୁ ବେଶ ସ୍ପର୍ଶ କରିପାରିଥିଲା । ଯାହା ଫଳରେ ସେ ସେହି ଅନୁଭୂତିକୁ ତାଙ୍କର "ଆମେରିକା ଅନୁଭୂତି" ନାମକ ଭ୍ରମଣ କାହାଣୀରେ ସ୍ଥାନ ଦେଲେ । ଆମେରିକାର ପରିବାର ବିଷୟରେ ସେ କହିଛନ୍ତି ସେଠାକାର ଲୋକମାନେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାରତୀୟମାନଙ୍କୁ ଅତ୍ୟନ୍ତ ସ୍ନେହ, ଶ୍ରଦ୍ଧା କରନ୍ତି । ଭାରତୀୟମାନେ ନିଜ ଦେଶରେ ନିଜ ପୁଅମାନଙ୍କୁ ଯେମିତି ସମ୍ମାନ ଏବଂ ଆଦର କରିଥାନ୍ତି ଆମେରିକାରେ ଭାରତୀୟମାନଙ୍କୁ ମଧ୍ୟ ଠିକ ସେହିପରି ଆଦର ସମ୍ମାନ ଦେଇଥାନ୍ତି । ରହିବା ପାଇଁ ଯେଉଁ ଘରଟି ଦେଇଥାନ୍ତି ତାକୁ ସେହି ସମୟ ପାଇଁ ଘରର ସମ୍ପୂର୍ଣ ଦାୟିତ୍ୱ ଦେଇଥାନ୍ତି ଅର୍ଥାତ ସମ୍ପୂର୍ଣ ନିଜ ଘର ରୂପେ ଦେଇଥାନ୍ତି । ପରିବାର ଏହି ମମତା ଦେଖି ଲେଖକ ଲେଖିଛନ୍ତି "ସତେ ଯେମିତି ମୁଁ ତାଙ୍କର ପୁଅ, କେଉଁ ଛୁଟିରେ ଯାଇଥିଲି ଘରକୁ ଫେରୁଛି ।"

[କୁଞ୍ଜବିହାରୀ ଦାସ, ଆମେରିକା ଅନୁଭୂତି ପୃଷ୍ଠା—୨୭]

ପାରିବାରିକ ସମ୍ପର୍କ ମଧୁର କିନ୍ତୁ ଅର୍ଥ ନିୟନ୍ତ୍ରିତ । ଏଠାରେ ସମସ୍ତେ ରୋଜଗାର କରନ୍ତି । ଭାରତୀୟମାନେ ପିତାମାତାଙ୍କ ସମୁଖକୁ ଯିବା ପାଇଁ ଲାଜ ଏବଂ ଭୟ କରୁଥିବାବେଳେ ଆମେରିକାରେ ପୁଅ ପିତାମାତାଙ୍କ ନାମ ଧରି ସମ୍ବୋଧନ କରେ ଏବଂ ଭଲମନ୍ଦ ପଚାରିଥାଏ । ପୁଅଟିଏ ପିତାମାତାଙ୍କୁ ମନ ଖୋଲି ସବୁ କଥା କହିଥାନ୍ତି । ଆମ ଭାରତୀୟମାନଙ୍କ ପରି ସଂକୋଚ କରିନଥାନ୍ତି ।

୧୯୭୮ ମସିହାରେ ଗୋରାଚାନ୍ଦ ମିଶ୍ରଙ୍କର "ଶିରିଡ଼ିରୁ ପୁଟପର୍ତ୍ତି" ଭ୍ରମଣ କାହାଣୀରେ ସିରିଡ଼ି ସାଇରେ ଥିବା ମଠ, ମନ୍ଦିର, ସେବାଧାମ, ଶ୍ରୀସାଇ ସ୍କୁଲ, ସାଇନାଥ ହସ୍ପିଟାଲ, ସିରିଡ଼ିସାଇ ଶ୍ମଶାନମାନଙ୍କ ବିଷୟରେ ବହୁ ତଥ୍ୟ ପ୍ରଦାନ କରିଛନ୍ତି । ଏହି ଦେବା ଦେବୀ ମନ୍ଦିର ମଠ ସ୍ୱାଧୀନତା ପୂର୍ବବର୍ତ୍ତୀ ଭ୍ରମଣ ସାହିତ୍ୟରେ ପ୍ରାୟତଃ ନଥିଲା । ଭ୍ରମଣ ସାହିତ୍ୟରେ ଦେବଦେବୀ, ମନ୍ଦିର ଆଦିକୁ ସ୍ଥାନ ଦେବା ଦ୍ୱାରା ମନ୍ଦିରରେ ଖୋଦିତ ଥିବା କେତେକ ତଥ୍ୟରୁ ସେହି ଅଂଚଳର ଐତିହ୍ୟ ଉପରେ ପରିଚୟ ମିଳିଥାଏ ।

ଶରତ ମିଶ୍ରଙ୍କ ଜୀବନର ପଥପ୍ରାନ୍ତ (୨୦୦୪)ଭ୍ରମଣଟି ଦେଶୀୟ ତଥା ଆଞ୍ଚଳିକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭ୍ରମଣର ଅନୁଭୂତିକୁ ନେଇ ଏକ ସାର୍ଥକ ସୃଷ୍ଟି । ସେ ଦିଲ୍ଲୀରେ ତିନିବର୍ଷ (୧୯୮୪ରୁ ୧୯୮୭) ରହଣୀକାଳରେ ବହୁ ଅଭିଜ୍ଞତାର ଅଧିକାରୀ ହୋଇଥିଲେ । ଯୁଗ୍ମଗୋଇନ୍ଦ କମିଟିର ସଦସ୍ୟ ଭାବରେ ନିଯୁକ୍ତି ପାଇଥିବାରୁ ଦେଶରକ୍ଷା, ବୈଦେଶୀକନୀତି, କୁଟନୀତି ଇତ୍ୟାଦିରୁ ତାଙ୍କୁ ବହୁ ନୁଆଁ କଥା ଶିଖିବାକୁ ମିଳିଥିଲା । ସେ ନିଜେ ସ୍ୱୀକାର କରିଛନ୍ତି କି ଦିଲ୍ଲୀରେ ଅବସ୍ଥାନ ସମୟରେ ତାଙ୍କର ପରିଚୟ ସୀମା, ଜ୍ଞାନର ବିଜୟ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାର ବିଶେଷ ସହାୟକ ହୋଇଥିଲା । ଏ ସବୁ ସ୍ୱାଧୀନତାପରବର୍ତ୍ତି ଭ୍ରମଣକାହାଣୀରେ ଦେଖିବାକୁ ମିଳେ । ଜ୍ଞାନର ପରିସୀମା ବୃଦ୍ଧି, ପରସ୍ପର ଭାତୃପ୍ରେମ, ବୈଦେଶିକ ଧାରଣ ଇତ୍ୟାଦି ।

ଶରତଚନ୍ଦ୍ର ମିଶ୍ରଙ୍କ "ୟୁରୋପୀୟ ଦେଖା" (୧୯୯୫) ଭ୍ରମଣ କାହାଣୀରେ ଇଂଲଣ୍ଡ / ବ୍ରିଟେନ ଆଦିର ସାମାଜିକ ବ୍ୟବସ୍ଥା, ପାରିବାରିକ ବ୍ୟବସ୍ଥା, ଆମୋଦପ୍ରମୋଦ ଇତ୍ୟାଦି ବିଷୟରେ ଆଲୋଚନା କରିଛନ୍ତି, ଇଂଲଣ୍ଡର ପରିବାର ଅର୍ଥ ସ୍ୱାମୀ ଓ ସ୍ତ୍ରୀ, ଅନ୍ୟ ସଭ୍ୟମାନେ ଉଡ଼ନ୍ତା ଚଢେଇ । ସତରେ ଅଠର ବର୍ଷ ହୋଇଗଲା ପରେ ପିଲା ସ୍ୱାଧୀନ । ଆମୋଦପ୍ରମୋଦ ପାଇଁ ଇଂଲଣ୍ଡ ଜାତି ବହୁତ ଆଗ୍ରହୀ, ଜୀବନକୁ ସର୍ବଦା ଉପଭୋଗ କରିବା ସେମାନେ ଶିଖନ୍ତି । ସାମାଜିକ କ୍ଲବର ଜନ୍ମ ହେଲା ଇଂଲଣ୍ଡ ଠାରୁ । ଯାହା ଆଜି ଭାରତର ଗ୍ରାମାଞ୍ଚଳ ଠାରୁ ସହର ଯାଏ ସବୁଠି ଦେଖିବାକୁ ମିଳେ । ଇଂଲଣ୍ଡରେ ପ୍ରତ୍ୟେକ ଛୋଟ ଛୋଟ ସହର ଏବଂ ଗ୍ରାମାଞ୍ଚଳ ଗୋଡିକରେ କ୍ଲବ ଅଛି, ଇଂଲଣ୍ଡର ଏହି କ୍ଲବ ବିଷୟରେ ସମଗ୍ର ପୃଥିବୀ ଜଣାଶୁଣା ।

ଡକ୍ଟର ସଦାଶିବ ମିଶ୍ରଙ୍କ ମାର୍କନ ପରିକ୍ରମା (୧୯୮୯) ଭ୍ରମଣ କାହାଣୀଟିରେ ନ୍ୟୁୟର୍କର ଏମ୍ପାୟାର ଷ୍ଟେଟ ବିଲିଡ଼ିଙ୍ଗ ଯାହାକି ସେତେବେଳେ ପୃଥିବୀର ସର୍ବୋଚ୍ଚ ଅଟାଳିକା ଭାବରେ ପ୍ରସିଦ୍ଧ ଲାଭ କରିଥିଲା ୧୦୨ ମହଲା ବିଶିଷ୍ଟ । ଜାତିସଂଘର ଅଟ୍ଟାଳିକା ଭିତରେ ବିଭିନ୍ନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେଶର ଚାରୁକଳା ସ୍ଥାନ ପାଇବା ଠାରୁ ପାଶ୍ଚାତ୍ୟ ସଭ୍ୟତାର ବିକଶିତ ଚିତ୍ରକୁ ମଧ୍ୟ ଦେଖାଇଛନ୍ତି । ଅନ୍ୟ ପାଶ୍ଚାତ୍ୟ ଜଗତରେ ସଭ୍ୟତା ଏହି ସ୍ୱାଧୀନତା ପରବର୍ତ୍ତୀ ଭ୍ରମଣ ସାହିତ୍ୟରେ ସ୍ଥାନ ପାଇଥିଲା ।

ସେହିପରି ଗୋଲୋକବିହାରୀ ଧଳଙ୍କ "ଲଣ୍ଡନ ଚିଠି" ଭ୍ରମଣ କାହାଣୀରେ ଲଣ୍ଡନର ସ୍ୱାସ୍ଥ୍ୟବ୍ୟବସ୍ଥା ବିଷୟରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ସେଠାକାର ଡାକ୍ତରମାନଙ୍କ ମଧ୍ୟରେ ବଡସାନ ନଥାନ୍ତି ସମସ୍ତେ ପ୍ରାୟ ସମାନ ଦରମା ପାଇଥାନ୍ତି । ପ୍ରତ୍ୟେକ ଲୋକ ବିନାମୂଲ୍ୟରେ ଡାକ୍ତରୀ ଚିକିତ୍ସା ପାଇଥାନ୍ତି ଲଣ୍ଡନରେ ଯେତେ ଲୋକ ରହୁଛନ୍ତି ସମସ୍ତଙ୍କର ଡାକ୍ତର ଅଛନ୍ତି । ଆମର ଏଠି ପାଞ୍ଚଗାଁରେ ଗୋଟିଏ ଡାକ୍ତର ଥିବ କି ନାହିଁ ସନ୍ଦେହ । ଡାକ୍ତରଖାନାରେ ସମସ୍ତ ପ୍ରକାର ସୁବିଧା ଅତି ସହଜରେ ମିଳିଥାଏ । ରୋଗୀମାନଙ୍କୁ ସେବାଶୁଶ୍ରୁଷା ଏବଂ ସହାନୁଭୂତି ଲଣ୍ଡନ ଡାକ୍ତରଖାନାରେ ବହୁତ ଭଲ ଭାବରେ ମିଳି ଥାଏ । ଏମିତି ବହୁ ସୁବିଧା ଏଠାରେ ମିଳିଥାଏ । ଯଦି ଏହି ସୁବିଧା ଭାରତରେ ମିଳୁଥାନ୍ତା ତେବେ ଉଭୟ ଡାକ୍ତର ଏବଂ ସାଧାରଣ ଲୋକ ଉପକୃତ ହୁଅନ୍ତେ ।

ଭ୍ରମଣ ସାହିତ୍ୟ ଲେଖିବା ସାଧାରଣ କଥା ନୁହେଁ । ଜଣେ ବ୍ୟକ୍ତି ବା ଲେଖକରଅନ୍ତର୍ଦୃଷ୍ଟି ପ୍ରଖର ନଥିଲେ ସେ କେବେ ଭ୍ରମଣ କାହାଣୀ ଲେଖି ପାରେନା । ସତ୍ୟକୁ ଯିଏ ଅନ୍ତରରୁ ଉପଲବ୍ଧି କରିଥାଏ ସେ ହିଁ ପ୍ରକୃତ ଭ୍ରମଣ ସାହିତ୍ୟ ଲେଖିପାରେ । କେବଳ ସୂକ୍ଷ୍ମ ତଥ୍ୟ ପରିବେଷଣ କରିବା ଶ୍ରେଷ୍ଠ ଭ୍ରମଣ ସାହିତ୍ୟର ଉଦ୍ଦେଶ୍ୟ ନୁହେଁ । ଯେଉଁ ଭ୍ରମଣ ବୃତ୍ତାନ୍ତ ରସଗ୍ରାହୀ ପାଠକ ଚିତ୍ତକୁ ଦୂରଦୂରାନ୍ତରକୁ ନେଇଯାଇ ପାରେ ଓ ପ୍ରଦାନ କରିପାରେ ଭିନ୍ନ ଅନୁଭୂତି, ଭିନ୍ନ ପୁଲକ, ଭିନ୍ନ ଶିହିରଣ । ସେଇ ବର୍ଣ୍ଣନା ହୋଇଉଠେ ହୃଦୟସ୍ପର୍ଶୀ । ଭ୍ରମଣ କାହାଣୀରେ ଖାଲି ଭ୍ରମଣର ସ୍ଥାନ, ତାରିଖ, ବ୍ୟକ୍ତି ବିଶେଷଙ୍କ ନାମ ଦେଲେ ତାହା ପାଠକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାଣକୁ ପ୍ରବେଶ କରିପାରେ ନାହିଁ । ତେଣୁ ଯେଉଁମାନେ ସଚେତନ ଭ୍ରମଣ କାହାଣୀର ସ୍ରଷ୍ଟା ସେମାନେ ଐତିହାସିକ ହୁଅନ୍ତୁ ବା ବୈଜ୍ଞାନିକ ହୁଅନ୍ତୁ, ମନୋବିଜ୍ଞାନ ହୁଅନ୍ତୁ ବା ସାହିତ୍ୟର ସଫଳ ସ୍ରଷ୍ଟା ହୁଅନ୍ତୁ ସମସ୍ତଙ୍କର ମୂଳ ଲକ୍ଷ୍ୟ ବା ଉଦ୍ଦେଶ୍ୟ ହେଉଛି ପାଠକ ହୃଦୟରେ ଅଭିନବ ଅନୁଭୂତି ସଂଚାର କରିବା । ଭ୍ରମଣର ଉପଯୋଗିତା ହେଉଛି ଅନନ୍ୟ ଓ ସୁଦୂର ପ୍ରସାରୀ ଯାହା ମଣିଷର ଜୀବନକୁ ପରିପୂର୍ଣ୍ଣତା ପ୍ରଦାନ କରିଥାଏ । ପରିପୂର୍ଣ୍ଣ ଓ ବର୍ଣ୍ଣିଳ ଜୀବନର ଏକ ଅନବଦ୍ୟ ସାହିତ୍ୟ ରୂପ ହେଉଛି ଭ୍ରମଣ ସାହିତ୍ୟ । ଯାହାର ଚାହିଦା ଆଧୁନିକ ଜୀବନରେ ଦିନକୁ ଦିନ ବେଶ୍ ବୃଦ୍ଧି ପାଇବାରେ ଲାଗିଛି ।

ଢେଙ୍କାନାଳ, ସଂପର୍କ- ୭୮୭୩୩୭୬୫୪୯

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭଗବାନ ତୁଲ୍ୟ 'ଶିଶୁ'

"ଆଜିର ଶିଶୁ କାଲିର ନାଗରିକ" । ଏହା ଅଧୁନା ସମାଜର ଚିନ୍ତାଧାରା । କିନ୍ତୁ ସନାତନ ଧର୍ମର ମହାନ ଋଷି ପରମ୍ପରାରେ ଶିଶୁମାନଙ୍କୁ ସର୍ବଦା ଭଗବାନଙ୍କ ଅବତାର ରୂପେ ମାନ୍ୟତା ପ୍ରଦାନ କରାଯାଇଛି । ଆଜି ସମାଜରେ ଆମେ ସ୍ୱଷ୍ଟଭାବେ ଦେଖୁଛେ, ଶିଶୁମାନେ ଏବେ ପ୍ରତିଟି କ୍ଷେତ୍ରରେ ନିଜର ପ୍ରତିଭାକୁ ଆଚମ୍ବିତ ଭାବେ ପ୍ରଦର୍ଶନ କରୁଛନ୍ତି । ଅନେକ କାର୍ଯ୍ୟକ୍ରମ ଯଥା, ନାଚ, ଗୀତ, ପ୍ରଶ୍ନୋତ୍ତର ଏପରିକି ଜାତୀୟ ଅନ୍ତର୍ଜାତୀୟ ଖେଳରେ ମଧ୍ୟ ସେମାନେ ଉତ୍ତମ ପ୍ରଦର୍ଶନ କରିପାରୁଛନ୍ତି । ବିଗତ ବର୍ଷ ମଧ୍ୟରେ ଏପରି କିଛି ଦେଖିବା ଶୁଣିବା କୋଚିତ ଥିଲା ।

ଆଜିର ଏହି ଟେକ୍ନୋଲୋଜିର ପ୍ରୟୋଗ ଦ୍ୱାରା ଓ ଆଧୁନିକ ବିଜ୍ଞାନର ଜ୍ଞାନକୌଶଳକୁ ଭିତ୍ତି କରି ବହୁତ କିଛି ପ୍ରତିଭା ପ୍ରଦର୍ଶିତ ହୋଇପାରୁଛି । ଏତଦବ୍ୟତୀତ ମଧ୍ୟ ଏହି ଟେକ୍ନୋଲୋଜି ଆମଠୁଁ ଅନେକ କିଛି ଛାଡେଇନେଲାଣି ।



କୃଷ୍ଣକୁମାର ଦାସ

ଖାସକରି ଶିଶୁମାନଙ୍କର ଶୈଶବ, ଚପଳତା, ଅତ୍ୟାଧିକ କାଳ୍ପନିକ ଶକ୍ତି ଯାହା ଶିଶୁର ଅନ୍ତର୍ନିହିତ । ଆଜି ଶିଶୁର ଶୈଶବତା ସଙ୍କଟାପନ୍ନ । ବହୁ ଜ୍ଞାନୀ ଗୁଣି ବ୍ୟକ୍ତି 'ଶିଶୁ ଦିବସ' ରେ ଉକ୍ତି ପ୍ରକାଶ କରନ୍ତି ଯେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିଶୁମାନେ ଭଗବାନ ସମତୁଲ୍ୟ । ତାଙ୍କ ଭିତରେ ଭଗବତ ଶକ୍ତି ଭରପୁର ରହିଛି ।

ଶୈଶବରୁ ଉଚିତ ଦିଗଦର୍ଶନ ଓ ଅନ୍ତର୍ମୁଖୀ ହେବାପାଇଁ ରାସ୍ତା ମିଳିଲେ ସ୍ୱାମୀ ବିବେକାନନ୍ଦ ପରି ଶିଶୁ ଜନ୍ମ ନେବା ସ୍ୱଭାବିକ । ଆମ ଧର୍ମାନୁସାରେ ଶୈଶବର ମହତ୍ତ୍ୱ ଓ ପ୍ରଭାବ ଅନେକ ଗ୍ରନ୍ଥ, ଶାସ୍ତ୍ରରେ ମଧ୍ୟ ଉଲ୍ଲିଖିତ । ଶ୍ରୀ ହନୁମାନଙ୍କ ଶୈଶବ ସମୟର ବିରଗାଥା ବିଷୟରେ ଆମେ ଜାଣିଛେ । କିପରି ଗ୍ରହ ନକ୍ଷତ୍ର ପଥକୁ କ୍ଷଣକ ଭିତରେ ଅତିକ୍ରମ କରି ସୂର୍ଯ୍ୟଙ୍କ ଅସହ୍ୟ ଆଭା କୁ ନିଜ ଅନ୍ତଃସତ୍ତ୍ୱ ସହ ଫଳସ୍ୱରୂପ ଗିଳିଦେଇଥିଲେ । ଶୈଶବରେ ପ୍ରାପ୍ତ ଏକ ଅପାର ଶକ୍ତି କେବେହେଲେ ଚପଳତାରେ ପ୍ରୟୋଗ ନ ହେଉ ଏବଂ ଉଚିତ ସମୟରେ ଏହି ପ୍ରତିଭା କିପରି ସଂସାର ର ମଙ୍ଗଳକାର୍ଯ୍ୟରେ ପ୍ରୟୋଗ ହେବ, ଏପରି ଏକ ବର ପ୍ରାପ୍ତ କରିଥିଲେ ।ଏ ହେଉଛି ସନାତନ ଧର୍ମର ମହତ ଓ ଗାରିମା ଏବଂ ଶୈଶବର ବିରତ୍ୱ ଗାଥା । ଭକ୍ତିର ଶୀର୍ଷ ଯାହା ର ଜ୍ୱଳନ୍ତ ଦୃଷ୍ଟାନ୍ତ ଭକ୍ତ ପ୍ରହଲ୍ଲାଦ । ନିଜ ଭକ୍ତିର ଶକ୍ତିରେ ପଥର ସ୍ତମ୍ଭରୁ ଭଗବାନ ବିଷ୍ଣୁଙ୍କ ନରସିଂହ ଅବତାରରେ ଧରାପୃଷ୍ଠକୁ ଅବତରଣ କରି ଆସୁରିକ ଶକ୍ତିର ବିନାଶ କରିଥିଲେ । ଏ ହେଉଛି ଶୈଶବର ଉଦ୍ୟ ଭକ୍ତି ଓ ଶକ୍ତି । ଶିଶୁ ନଚିକେତା ପିତାଙ୍କର ପ୍ରତିଶ୍ରୁତି ରକ୍ଷା ନିମନ୍ତେ , ଯମଙ୍କ ଦ୍ୱାରରେ ନିଜ ଧୈର୍ଯ୍ୟର ପରୀକ୍ଷା ଦେଇ ସ୍ୱୟଂ ଯମରାଜ ଙ୍କଠାରୁ ବର ପ୍ରାପ୍ତ କରିଥିଲେ । ଏହି ଗାଥା ଏକ ଶିଶୁର ପ୍ରତିବଦ୍ଧତା ଓ ପ୍ରତିଜ୍ଞାର ଶକ୍ତିକୁ ପ୍ରକାଶ କରିଛି । ପ୍ରକୃତିର ପ୍ରେମଠାରୁ ଆରମ୍ଭ କରି ଗିରି ଗୋବର୍ଦ୍ଧନକୁ ଏକ ଆଙ୍ଗୁଳିରେ ଟେକିଦେଇ ବିରତ୍ୱ ଓ ସଂସାର ପ୍ରତି କର୍ତ୍ତବ୍ୟର ପରିଚୟ ଦେଇ ସ୍ୱୟଂ ଶ୍ରୀ ହରି ଏହି ଜଗତକୁ ଶୈଶବ ମହତ୍ତ୍ୱର ଶିକ୍ଷା ପ୍ରଦାନ କରିଛନ୍ତି । ନିଜ ପରମ୍ପରାରେ ଲୁକ୍କାୟିତ ଏହି ପରମ ଗାଥା ଓ ଏପରି ଅନେକ ଦୃଷ୍ଟାନ୍ତ ଯଦି ପ୍ରତିଟି ପରିବାରରେ ବଢୁଥିବା ଦେଶ ତଥା ଦୁନିଆର ଭାବିଷ୍ୟମାନଙ୍କ ପାଖରେ ପହଞ୍ଚି ପାରନ୍ତା ଏବଂ ପୁସ୍ତକର କୋଣାସଂରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ଥାନ ପାଇପରନ୍ତା, ତେବେ ଆଗାମୀ ପିଢ଼ିଙ୍କ ଭିତରେ ମହତାକାଂକ୍ଷିର କଳ୍ପନା ବହୁଗୁଣିତ ହୋଇଉଠନ୍ତା ।

ଶୈଶବ ସମୟରେ ପିତାମାତାଙ୍କ ପରେ ଗୁରୁଙ୍କର ଭୂମିକା ଅଗଣ୍ୟ । ଗୁରୁ ଶିଷ୍ୟର ଏହି ଅଦୃଶ୍ୟ ନିବିଡ଼ ସମ୍ପର୍କ ଯାହା ଭାବିଷ୍ୟର ପଥ କୁ ସ୍ୱଷ୍ଟଭାବେ ଉନ୍ମୁକ୍ତ କରେ ।ଗୁରୁ ଦ୍ରୋଣଚାର୍ଯ୍ୟ ଓ ଅର୍ଜୁନ ଏହାର ଏକ ବାସ୍ତବ ପ୍ରତିମୂର୍ତ୍ତି ।

ସେହି ସମୟରେ ଏକଲବ୍ୟ ପରି ଶିଷ୍ୟଟିଏ ଯିଏ ନିଜ ଅନୁସରଣ ଶକ୍ତି ଦ୍ୱାରା କିପରି ପଥରମୂର୍ତିକୁ ତାଙ୍କ ଗୁରୁଙ୍କ ରୂପଦେଇ ସର୍ବଶ୍ରେଷ୍ଠ ଧନୁର୍ବିଦ୍ୟା ପ୍ରାପ୍ତକରିଥିଲା । ବହୁ ଲୋକ ପ୍ରଶ୍ନ କରନ୍ତି ଯେ, ଗୁରୁଦ୍ରୋଣ ଦକ୍ଷିଣା ସ୍ୱରୂପ ବୃଦ୍ଧାଙ୍ଗୁଳି ମାଗିନେବା ଉଚିତ ଗୁରୁଧର୍ମ ନୁହେଁ । କିନ୍ତୁ ବାସ୍ତବରେ ଏପରି ପ୍ରତିଭାସମ୍ପନ୍ନ ଶିଷ୍ୟକୁ ଇତିହାସର ସର୍ବୋଚ୍ଚସ୍ଥାନରେ ରଖିବ ପାଇଁ ନିଜର ଗରିମାକୁ ତଳେ ପକାଇଦେଇଥିଲେ ।ଦକ୍ଷିଣା ମାଗିନଥିଲେ ଆଜି ଏକଲବ୍ୟର ଶ୍ରେଷ୍ଠତ୍ୱ ଇତିହାସ ପୃଷ୍ଠାରେ ଉଲ୍ଲିଖିତ ନଥାନ୍ତା । କହିବାର ତାତ୍ପର୍ଯ୍ୟ ଯେ, ଶୈଶବର ପ୍ରତ୍ୟେକ ପ୍ରତିଭା ଆମ କଳ୍ପନାସ୍ତରଠାରୁ ଉଚ୍ଚତର, ଯାହାକୁ କୌଣସି ମପଦଣ୍ଡ ତାର ପରିମାପକ ଭାଷାରେ ପ୍ରମାଣ କରିପାରିବ ନାହିଁ ।

ଆଜିର ଶୈଶବ ଚାପଗ୍ରସ୍ତ ଓ କିଛି ଦେଖା ଶିଖା ସ୍ୱପ୍ନର ବୋଝ ଉପରେ ନ୍ୟସ୍ତ ।ହାତ ଗଣତି ବିଗତ କିଛି ବର୍ଷରେ ଜୀବନ ଶୈଳୀ ସହରୀକରଣ ହୋଇସରିଛି । ସ୍ୱାଧୀନତା ଓ ଶାନ୍ତିର ଅନୁସନ୍ଧାନରେ ଆଜି ଯୌଥ ପରିବାର ସମ୍ପୂର୍ଣ୍ଣ ବିଲୁପ୍ତ ହୋଇ ଏକାକୀ ପରିବାରରେ ପରିଣତ ହୋଇଛି ।ତଥାପି ଶାନ୍ତିର ଶବ୍ଦ ମନ ଓ ମସ୍ତିସ୍କରୁ ଲିଭିବା ପରିବର୍ତ୍ତେ କାୟା ବିସ୍ତାର କରୁଛି । ଏକଦା ଶୈଶବର ଅଧିକାଂଶ ସମୟ ଜେଜେ, ଜେଜେମା ଏମାନଙ୍କ ଛାମୁରେ ଛାୟାରେ କଟୁଥିଲା ।ଏକ ଜୀବନ ବଞ୍ଚିବାର ଶୈଳୀ ଯାହା ପିଲଟିବେଳରୁ ଲୋକକଥା, ଗଳ୍ପ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଢଗଢମାଳି ଓ ମହାପୁରୁଷଙ୍କ କାହାଣୀ ଦ୍ୱାରା ପ୍ରେରଣା ଓ ଉତ୍ସାହକୁ ବହୁଗୁଣିତ କରୁଥିଲା ଯାହାର ଚାବିକାଠି ଆମ ପୂର୍ବପିଢି ଥିଲେ । ଅଧୁନା ସମାଜରେ ଆଜି ଶିଶୁଟିଏ କୌଣସି କାରଣରୁ ଚାପଗ୍ରସ୍ତ ହେଲେ, ତାକୁ ବୁଝେଇବାପାଇଁ ଓ ବୁଝିବା ପାଇଁ ମା ବାପାଙ୍କ ନିକଟରେ ସମୟର ଅଭାବ । ଏହି ଅତିକ୍ଷୁଦ୍ର କଥାଟି ଆଜି ଶୈଶବକୁ କ୍ଷୀଣ କରିବାରେ ଲାଗିଛି । ଶିଶୁ ବିଜ୍ଞାନୀମାନେ ପିଲାଙ୍କୁ ବୌଦ୍ଧିକ ଓ ଶାରୀରିକ ବିକାଶ ନିମନ୍ତେ ଆଉଟଡୋର ଗେମ ଉପରେ ଜୋର ଦିଅନ୍ତି । କିନ୍ତୁ ପିଲାମାନେ ଯେଉଁ ଇନ-ଡୋର ଗେମକୁ ଆପଣେଇ ନେଇଛନ୍ତି ତାହା ବିକାଶ ବଦଳରେ ଆଖି ତଥା ତ୍ୱଚାର ନାମନୀୟତାକୁ ଯଥେଷ୍ଟ କ୍ଷତି କରୁଛି ।ସମାଜର ପ୍ରତ୍ୟାବର୍ତ୍ତନ ଅସମ୍ଭବ ଯାହା ଆମେ ଅନୁଭବ କରୁ ଓ ଚାହୁଁ, କିନ୍ତୁ ବିବର୍ତ୍ତନର ଆବର୍ତ୍ତନ ବର୍ତ୍ତମାନର ଦୁଇ ହସ୍ତରେ । ଆମେ ଏତେ ଶିକ୍ଷିତ ଓ ଉନ୍ନତ ସମାଜରେ ବସବାସ କରୁଛେ ଯେ, କିଛି କ୍ଷଣ ଆମ ପିଲାଙ୍କୁ ପାଖ ପଡୋଶୀ ନିକଟରେ ଛାଡି ଯିବାକୁ ଡର ଲାଗେ ।

ଯାତ୍ରା କଲାବେଳେ ଯଦି ଅଜଣା ବ୍ୟକ୍ତିଟିଏ ସ୍ନେହ କରେ, ଆମର ଚକ୍ଷୁ ସନ୍ଦେହରେ ଭରିଯାଏ । ଉନ୍ନତ ସମାଜ ଏପରି ଗଢିଉଠିଲା ଯେ ମଣିଷ ମଣିଷ ପ୍ରତି ନ ବିଶ୍ୱାସ ଅଛି ନା ଭରସା ।

ଶାସ୍ତ୍ରରେ ପରିଲିଖିତ ମହତ୍ତ୍ୱକୁ ଆମେ ଜାଣିଲେ । ମନେପଡେ, ଦେଶର ସ୍ୱାଧୀନତା ସମୟରେ ବାଜିରାଉତ ପରି ଏକ ବାଳକଟିଏ, ନ ଶିକ୍ଷା ଗ୍ରହଣ କରିଛି ନ ଅନ୍ୟ ସାଙ୍ଗମାନଙ୍କ ପରି ରାତ୍ରିଭୋଜନ ସାରି ଘରେ ବିଶ୍ରାମ ନେଉଛି । ନାଉରୀର ପିଲାଟିଏ ପେଟପାଟଣା ପାଇଁ ମୁଦ୍ରାର୍ଜନ କରିବା ଲକ୍ଷ୍ୟରେ ନଦୀକୂଳରେ ବସିରହିଛି । ହଠାତ ଇଂରେଜ ଅଧିକାରୀମାନେ ତା ହସ୍ତରେ ମୁଦ୍ରା ଦେଇ ନଦୀପାର କରିବାକୁ ଆଦେଶ ଦେଲେ । ମନା କରିବାରୁ ନିଜ କୋମଳ ବକ୍ଷରେ ଗୁଳି ଖାଇ ତାଲିପଡିଥିଲା । ଆଶ୍ଚର୍ଯ୍ୟ ଲାଗେ ଏଇ ମାଟିର କେତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହତପଣିଆ ଯେ,ଏକ ଅଶିକ୍ଷିତ ଶିଶୁର ହୃଦୟଭିତରେ ଦେଶ ପ୍ରତି କର୍ତ୍ତବ୍ୟ,ପ୍ରେମ ଓ ଦେଶ ପାଇଁ ଜୀବନ ଦେବାର ଶିକ୍ଷା କେଉଁଠୁ ପାଇଲା ।କିନ୍ତୁ ଆଜି ସେଇ ମାଟିର ଜ୍ଞାନୀ ଗୁଣି ବ୍ୟକ୍ତି ମଧ୍ୟ ଏତେ ଲୋଭଗ୍ରସ୍ତ ଯେ, ସେ ରୋଗରୁ ମୁକ୍ତି ପାଇଁ କେହି ଶତଚେଷ୍ଟିତ ନୁହେଁ ।

ଅଭିଭାବକମାନେ ଯେଉଁ ପ୍ରତିଯୋଗିତାମୂଳକ ଶିକ୍ଷା ପାଇଁ ନିଜ ପିଲାଙ୍କୁ ଠେଲିଦେଉଛନ୍ତି ଅବା ବାଧ୍ୟ କରୁଛନ୍ତି, ଆମେ ବୁଝିବା ଉଚିତ ଯେ ଏହା ଦ୍ୱାରା ଦକ୍ଷତାର ପରିଚୟ ମିଳିବା ସତ୍ତ୍ୱେ ମାନବିକ ଶିକ୍ଷାର ଦକ୍ଷତା ସମ୍ପୂର୍ଣ ବିଲୁପ୍ତ ହୋଇସାରିଲାଣି । ତେଣୁ କେବଳ ଅଭିଭାବକ ନୁହେଁ ବରଂ ସମାଜର ପ୍ରତିଟି ଶିକ୍ଷକ, ଜ୍ଞାନୀ ଗୁଣି ଓ ବୁଦ୍ଧିଜୀବୀଙ୍କୁ ଅନୁରୋଧ ଯେ ଆଗାମୀ ପିଢ଼ିର ଶିଶୁ କିପରି ଶିକ୍ଷାର ମାନଦଣ୍ଡକୁ ନିଜର ଦକ୍ଷତା ସହ ଆଗକୁ ନେଇପାରିବେ ଏବଂ ଭବିଷ୍ୟର ସମୟକୁ ସହଜ ଓ ସରସମୟ କରି ଗଢିତୋଳିବ, ସେଥିପ୍ରତି ସମସ୍ତେ ଧ୍ୟାନ ଦିଅନ୍ତୁ ଓ ଉଚିତ ପଦକ୍ଷେପ ନିଅନ୍ତୁ ।

ପ୍ରତିଟି ଛାତ୍ର ଏପରି ରାସ୍ତା ନିର୍ମାଣ କରିବା ଉଚିତ,ଯାହା ପାଠ୍ୟପୁସ୍ତକର ଅଭ୍ୟାସ ସହ ନିଜ ଭିତରେ ଲୁକ୍କାୟିତ ଦକ୍ଷତାର ବିକାଶ ନିମନ୍ତେ ପଥ ଦେଖାଇ ପାରିବ ।

କୃଷ୍ଣ କୁମାର ଦାସ
ଇଟାମାଟି, ନୟାଗଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଡିସେମ୍ବର ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ଡିସେମ୍ବର ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : December 2020

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣନଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବ ନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ । ଆଜିକାଲି ମୋବାଇଲ୍‌ରେ ମଧ୍ୟ ସହଜରେ ଓଡ଼ିଆରେ ଟାଇପ୍ କରିବା ସମ୍ଭବ ହେଲାଣି, ଚେଷ୍ଟା କରିଦେଖନ୍ତୁ ।

ହ୍ୱାଟ୍‌ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**


ଆମ ଇମେଲ୍ ଠିକଣା :


**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।







ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍‌କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan